# ଧରିତ୍ରୀ DHARITRI

ବୁଧବାର, ଜୁନ୍ ୩/୨୦୨୦ (୨୪ ପୃଷ୍ଠା) | Wednesday, June 3/2020

୪୬ଶ ଭାଗ ୧୮୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




**ହକିରୁ ଖେଳରତ୍ନ ପାଇଁ ରାଣୀ**

ଭାରତୀୟ ମହିଳା ହକି ଦଳର ଅଧିନାୟିକା ରାଣୀ ରାମପାଲଙ୍କ ନାମ ରାଜୀବ ଗାନ୍ଧୀ ଖେଳରତ୍ନ ପୁରସ୍କାର ପାଇଁ ସୁପାରିସ ହୋଇଛି।

୨୪

୧୪

**ପଶୁପକ୍ଷୀଙ୍କୁ ସାହାଯ୍ୟ ଲାଗି ସନ୍ନିଙ୍କ ନିବେଦନ**

କରୋନା ପରିସ୍ଥିତିରେ ମନୁଷ୍ୟ ସହିତ ପଶୁପକ୍ଷୀ ମଧ୍ୟ ହଇରାଣ ହେଉଛନ୍ତି। ସେମାନଙ୍କୁ ସାହାଯ୍ୟ କରିବା ଲାଗି ଅଭିନେତ୍ରୀ ସନି ଲିଓନ ନିବେଦନ କରିଛନ୍ତି।








# ଆଗକୁ ୨୧ ଦିନ ଗୁରୁତ୍ୱପୂର୍ଣ୍ଣ

**ଭୁବନେଶ୍ୱର,୨।୬(ବ୍ୟୁରୋ)**

ଗୁଜରାଟ, ମହାରାଷ୍ଟ୍ର, ଚେନ୍ନାଇ ଏବଂ ଦିଲ୍ଲୀର ଅବସ୍ଥା ୨ ମାସ ତଳେ ଯେଭଳି ବିପଦପୂର୍ଣ୍ଣ ଥିଲା ଏବେ ଓଡ଼ିଶା ସେହି ସ୍ଥିତି ଦେଇ ଗତି କରୁଛି। ଉପରୋକ୍ତ ରାଜ୍ୟଗୁଡ଼ିକରେ କରୋନାରେ ସଂକ୍ରମିତ ହୋଇଥିବା ଶ୍ରମିକମାନଙ୍କୁ ଓଡ଼ିଶା ସରକାର କୌଣସି ଯନ୍ତ୍ରଣା ନ ଦେଇ ସବୁପ୍ରକାର ବ୍ୟବସ୍ଥା ସହିତ ଫେରାଇ ଆଣି କ୍ୱାରାଣ୍ଟାଇନ ସେଣ୍ଟରରେ ରଖୁଛନ୍ତି। ଏବେସୁଦ୍ଧା ପାଖାପାଖି ସାଢେ ୪ଲକ୍ଷ ପ୍ରବାସୀ ରାଜ୍ୟକୁ ଫେରିଛନ୍ତି। ରାଜ୍ୟରେ ଚିହ୍ନଟ ହେଉଥିବା କରୋନା ଆକ୍ରାନ୍ତଙ୍କ ମଧ୍ୟରୁ ୯୫ ପ୍ରତିଶତ କ୍ୱାରାଣ୍ଟାଇନ ସେଣ୍ଟରଗୁଡିକରୁ ଚିହ୍ନଟ ହେଉଛନ୍ତି। ତେଣୁ ସଂକ୍ରମିତଙ୍କୁ ଚିହ୍ନଟ ସହିତ ସେମାନଙ୍କ ଉପଯୁକ୍ତ ଚିକିତ୍ସା କରିବାକୁ ସରକାର ଜୋରଦାର ପ୍ରୟାସ ଚଳାଇଛନ୍ତି। ଦିନକୁ ପାଖାପାଖି ୧୫ରୁ ୨୦ହଜାର ପ୍ରବାସୀ କ୍ୱାରାଣ୍ଟାଇନ ଅବଧି ଶେଷକରି ଫେରୁଛନ୍ତି। ତେଣୁ ଆଉ ୧୦ରୁ ୧୨ଦିନ ମଧ୍ୟରେ ସମସ୍ତ ପ୍ରବାସୀ କ୍ୱାରାଣ୍ଟାଇନ ଅବଧି ଶେଷ କରିଦେବେ। ସେହିପରି ଜୁନ୍ ୧୦ରୁ ଦୁଇ ସପ୍ତାହ ମୌସୁମୀ ଆସୁଥିବା ଜଣାପଡିଛି। ମୌସୁମୀ ବର୍ଷା ସମୟରେ କରୋନା ସଂକ୍ରମଣ ବୃଦ୍ଧି ପାଇବା ଆଶଙ୍କା ବହୁତ। ଏହି ଦୃଷ୍ଟିରୁ ଦେଖିଲେ ଆଗାମୀ ୨୧ଦିନ ଓଡ଼ିଶା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭି.କେ. ପାଣ୍ଡିଆନ କହିଛନ୍ତି। ଏଭଳି ପରିସ୍ଥିତିରେ ଗଣମାଧ୍ୟମ ସଂସ୍ଥାଗୁଡ଼ିକ ବହୁତ ଖରାପ ସ୍ଥିତିଦେଇ ଗତି କରୁଥିଲା ବେଳେ ଲୋକମାନଙ୍କୁ ଆସନ୍ତା ୩୦ଦିନ ଅଧିକ ସଚେତନ କରାଇବା ଲାଗି ସେ ଅନୁରୋଧ କରିଛନ୍ତି। ବିଭିନ୍ନ ଗଣମାଧ୍ୟମ ସଂସ୍ଥାର ସମ୍ପାଦକମାନଙ୍କ ସହ ଖାରବେଳ ଭବନଠାରେ ମଙ୍ଗଳବାର ଆୟୋଜିତ କରୋନା ମୁକାବିଲା ସମ୍ପର୍କିତ ଆଲୋଚନା ଅବସରରେ ପାଣ୍ଡିଆନ କହିଛନ୍ତି ଯେ, ଯଦି ଆଗାମୀ ୨୧ଦିନ ରାଜ୍ୟର ସମସ୍ତ ଜନସାଧାରଣ ନିଜକୁ ନିୟନ୍ତ୍ରଣରେ ରଖି ନିୟମ ମାନି ଘରେ ରହିବେ, ତେବେ ଓଡ଼ିଶାକୁ ଏକ ବଡ଼ ସଫଳତା ମିଳିପାରିବ। ଏହି ସମୟ ଭିତରେ ରାଜ୍ୟ ପାଇଁ ବହୁତ ବିପଦ ଅଛି। ଯେତେବେଳେ ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୧୦/୩୦/୧୦୦ ଏଭଳି ରହୁଥିଲା ସେତେବେଳେ ରାଜ୍ୟ ସରକାରଙ୍କ ଗାଇଡ୍‌ଲାଇନକୁ କଡ଼ାକଡ଼ି ପାଳନକରି ଲୋକମାନେ ଘରେ ରହୁଥିଲେ। ଏବେ ଯେତେବେଳେ ଅଧିକ ବିପଦ ଅଛି, ସେଥିଲାଗି ଆସନ୍ତା ୨୧ଦିନ ସମସ୍ତେ ୨୪ଘଣ୍ଟାରୁ ୧୦ଘଣ୍ଟା ଘରେ ରହିବାର ଆବଶ୍ୟକତା ରହିଛି। ଯଦି ଶନିବାର ଓ ରବିବାର ଲୋକମାନେ ବାହାରକୁ ନ ଯାଆନ୍ତି ତେବେ କିଛି ହେବାର ନାହିଁ। ଯଦି ୩ଟି ସପ୍ତାହ ଲୋକମାନେ ବାହାରକୁ ନ ଯାଆନ୍ତି ତେବେ ୩୦ଦିନ ପରେ ଓଡ଼ିଶାର ସଫଳ କରୋନା ମୁକାବିଲାକୁ ସାରା ବିଶ୍ୱ ମନେରଖିବ। ପୂର୍ବରୁ ବାତ୍ୟା ବିପର୍ଯ୍ୟୟ ମୁକାବିଲା କ୍ଷେତ୍ରରେ ଓଡ଼ିଶା ସାରା ବିଶ୍ୱରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ବାରମ୍ବାର ବାତ୍ୟା ବିପର୍ଯ୍ୟୟର ମୁକାବିଲା ନେଇ ରାଜ୍ୟକୁ ପ୍ରଶଂସା ମଧ୍ୟ ମିଳିଛି। ସେହିଭଳି କରୋନା ମୁକାବିଲା କ୍ଷେତ୍ରରେ ଓଡ଼ିଶା ବିଶ୍ୱରେ ଯେପରି ଏକ ନମ୍ବର ହେବ ସେଥିଲାଗି ସମସ୍ତେ କିଛି କିଛି ତ୍ୟାଗ କରିବା ଆବଶ୍ୟକ ବୋଲି ☞ ପୃଷ୍ଠା-୪

- ପ୍ରବାସୀ ଫେରିବା, ମୌସୁମୀ ଯୋଗୁ ଭୟ ବଢ଼ିଛି
- ବିପଦ ସମୟରେ ଲୋକଙ୍କ ସହଯୋଗ ଆବଶ୍ୟକ
- ଅନ୍ୟ ଦେଶଗୁଡ଼ିକ ତୁଳନାରେ ଓଡ଼ିଶା ମୁକାବିଲା କ୍ଷେତ୍ରରେ ସଫଳ
- ଏବେଠୁ ଠିକ୍‌ରେ ଜଗିଲେ ଓଡ଼ିଶାକୁ ଦୁନିଆ ମନେରଖିବ



ଗଣମାଧ୍ୟମ ସଂସ୍ଥାର ସମ୍ପାଦକମାନଙ୍କ ସହ ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭି.କେ. ପାଣ୍ଡିଆନ।




# ନବୀନ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ

**ନୂଆଦିଲ୍ଲୀ,୨।୬(ଆଇଏନ୍‌ଏସ୍)**

ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁଣି ଥରେ ଦେଶର ସବୁଠାରୁ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ଭାବେ ନିଜକୁ ପ୍ରତିପାଦିତ କରିପାରିଛନ୍ତି। ଆଇଏଏନ୍‌ଏସ୍-ସି ଭୋଟର ଷ୍ଟେଟ ଅଫ୍ ଦି ନେଶନ-୨୦୨୦ ସର୍ଭେରୁ ଏହା ଜଣାପଡ଼ିଛି। ନିକଟରେ ଓଡ଼ିଶାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜେଡି ସରକାରର ପଞ୍ଚମ ପାଳିର ପ୍ରଥମ ବର୍ଷ ପୂରଣ କରିଛନ୍ତି। ନିରବଚ୍ଛିନ୍ନ ଭାବେ ଦୀର୍ଘ ୨୦ବର୍ଷ ଧରି ଓଡ଼ିଶାକୁ ଶାସନ କରିଆସୁଥିବା ନବୀନଙ୍କୁ ଏବେ ଲୋକପ୍ରିୟତାରେ ୮୨.୯୬ ପ୍ରତିଶତ ରେଟିଂ ମିଳିଛି। ଅନ୍ୟ ବରିଷ୍ଠ ରାଜନେତାଙ୍କ ଭଳି ନବୀନଙ୍କ ପ୍ରାକ୍ ରାଜନୈତିକ ଅଭିଜ୍ଞତା କିଛି ନ ଥିଲା। ଅନେକ ପ୍ରତିକୂଳ ସ୍ଥିତି ସତ୍ତ୍ୱେ ନବୀନ ନିଜକୁ ଲୋକପ୍ରିୟତାର ଶୀର୍ଷରେ ପହଞ୍ଚାଇ ପାରିଛନ୍ତି। ୨୦୦୦ରୁ ରାଜ୍ୟରେ ଲଗାତର ୫ଥର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇ ରେକର୍ଡ କରିବା ସହ ଓଡ଼ିଶା ତଥା ସାରା ଦେଶରେ ନିଜର ଲୋକପ୍ରିୟତାକୁ ଅକ୍ଷୁର୍ଣ୍ଣ ରଖି ପାରିଛନ୍ତି।

ଲୋକପ୍ରିୟତା ତାଲିକାରେ ନବୀନଙ୍କ ପରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଭୂପେଶ ବାଘେଲା ରହିଛନ୍ତି। ତାଙ୍କୁ ୮୧.୦୬% ରେଟିଂ ମିଳିଛି। ସେହିପରି ବାମପନ୍ଥୀ ନେତା କେରଳର ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ୍ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ତାଲିକାର ତୃତୀୟ ସ୍ଥାନରେ ରହିବା ସହ ୮୦.୨୮% ରେଟିଂ ପାଇଛନ୍ତି। ରାଜ୍ୟରେ ସେ ଯେଉଁ ଢଙ୍ଗରେ କୋଭିଡ୍-୧୯ର ମୁକାବିଲା କଲେ ତାହା ଅନ୍ୟ ରାଜ୍ୟ ତଥା ଦେଶ ପାଇଁ ଉଦାହରଣ ସାଜିଛି। ଏଥିପାଇଁ ତାଙ୍କର ଲୋକପ୍ରିୟତା ବୃଦ୍ଧି ପାଇଛି। ଲୋକପ୍ରିୟତା ତାଲିକାର ଚତୁର୍ଥ ନମ୍ବରରେ ରହିଛନ୍ତି ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ତଥା ୱାଇଏସ୍‌ଆର୍ କଂଗ୍ରେସ ନେତା ୱାଇଏସ୍ ଜଗମୋହନ ରେଡ୍ଡି। ତାଙ୍କୁ ୭୮.୫୨% ରେଟିଂ ମିଳିଥିବାବେଳେ ପଞ୍ଚମ ସ୍ଥାନରେ ଥିବା ☞ ପୃଷ୍ଠା-୪

**ଓଡ଼ିଶାରେ ମୋଦିଙ୍କ ଉପରେ ୯୫.୬% ଲୋକ ସନ୍ତୁଷ୍ଟ**



ନବୀନ ପଟ୍ଟନାୟକ



ନରେନ୍ଦ୍ର ମୋଦି






**ଆଜିର ସମ୍ପାଦକୀୟ**

**ଅଶାନ୍ତ ଆମେରିକା**

**ଆଜିର ମନ୍ତବ୍ୟ**

"ଟ୍ରମ୍ପଙ୍କ ସହ କରୋନା ସ୍ଥିତି ଓ ଜି-୭ ବୈଠକ ନେଇ ଗଠନମୂଳକ ଆଲୋଚନା ହୋଇଛି।

– ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

# ଚିନ୍ତା ବଢ଼ାଇଲେ ସ୍ଥାନୀୟ ଆକ୍ରାନ୍ତ

**ଭୁବନେଶ୍ୱର, ୨।୬(ବ୍ୟୁରୋ)**

ରାଜ୍ୟରେ ଦିନକୁ ଦିନ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଗୋଟିଏ ଦିନରେ ୧୮ଜିଲାରେ ଚିହ୍ନଟ ହୋଇଛନ୍ତି ଆଉ ୧୪୧ ନୂଆ ଆକ୍ରାନ୍ତ। ତେବେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏମାନଙ୍କ ମଧ୍ୟରେ ୩୧ଜଣ ସ୍ଥାନୀୟ ସଂକ୍ରମଣ(ଲୋକାଲ କେସ୍) ଅଛନ୍ତି। ପ୍ରତ୍ୟେକ ଦିନ ଚିହ୍ନଟ ହେଉଥିବା ଆକ୍ରାନ୍ତଙ୍କ ମଧ୍ୟରୁ ପ୍ରାୟ ୯୫ପ୍ରତିଶତ ଆକ୍ରାନ୍ତ ବାହାର ରାଜ୍ୟରୁ ଫେରିଥିବା ବ୍ୟକ୍ତି ରହିଥାନ୍ତି। କିନ୍ତୁ ଚିହ୍ନଟ ହୋଇଥିବା ନୂଆ ୧୪୧ ସଂକ୍ରମିତଙ୍କ ମଧ୍ୟରେ ଅନ୍ୟ ଦିନ ଅପେକ୍ଷା ସବୁଠାରୁ ଅଧିକ ସ୍ଥାନୀୟ ଆକ୍ରାନ୍ତ ରହିଛନ୍ତି। ତେବେ ଏମାନେ କେଉଁ ଅଞ୍ଚଳର ଏବଂ ସେମାନେ କିପରି ସଂକ୍ରମିତ ହେଲେ ସେନେଇ ରାଜ୍ୟ ☞ ପୃଷ୍ଠା-୪

- ୨୪ଘଣ୍ଟାରେ ନୂଆ ୧୪୧କରୋନା ପଜିଟିଭ୍ ଚିହ୍ନଟ
- କ୍ୱାରାଣ୍ଟାଇନ ସେଣ୍ଟରରୁ ୧୧୦, ଲୋକାଲ କେସ୍ ୩୧
- ସୁସ୍ଥ ସଂଖ୍ୟା ୧୩୨୫କୁ ବୃଦ୍ଧି

# ଜାତିସଂଘକୁ ଲକ୍ଷ୍ୟଭ୍ରଷ୍ଟ କରିଛି କରୋନା

**ଜାତିସଂଘ,୨।୬**

ବୈଶ୍ୱିକ କ୍ଷୁଧା, ଦାରିଦ୍ର୍ୟ ଓ ଜଳବାୟୁ ପରିବର୍ତ୍ତନ ହ୍ରାସ କ୍ଷେତ୍ରରେ ଯେଉଁ ଲକ୍ଷ୍ୟ ରଖାଯାଇଥିଲା ସେଥିରେ ଜାତିସଂଘ ଭ୍ରଷ୍ଟ ହୋଇଛି। ବିଶ୍ୱବ୍ୟାପୀ କରୋନା ସଂକ୍ରମଣ ଯୋଗୁ ଏପରି ହୋଇଥିବା ୧୭ ନିରନ୍ତର ବିକାଶ ଲକ୍ଷ୍ୟ (ଏସ୍‌ଡିଜି) ସମ୍ପର୍କିତ ସଦ୍ୟ ରିପୋର୍ଟରେ ଦର୍ଶାଯାଇଛି।

ବିଶ୍ୱ ସ୍ତରରେ ଅନାହାର ଓ ଦାରିଦ୍ର୍ୟ ହ୍ରାସ ଏବଂ ଜଳବାୟୁ ପରିବର୍ତ୍ତନ ନିୟନ୍ତ୍ରଣ ଭଳି ଗୁରୁତ୍ୱପୂର୍ଣ୍ଣ ଲକ୍ଷ୍ୟ ପଛକୁ ଚାଲିଯାଇଛି କିମ୍ବା ସ୍ଥଗିତ ହୋଇଯାଇଛି ବୋଲି ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍ ଏକ ନୂଆ ରିପୋର୍ଟରେ ସତର୍କ କରାଇଛନ୍ତି। ଏଥିରେ କୁହାଯାଇଛି ଯେ, କୋଭିଡ୍-୧୯ ଏକ ସ୍ୱାସ୍ଥ୍ୟ ସଙ୍କଟରୁ ଆମ ସମୟର ସବୁଠୁ ନିକୃଷ୍ଟ ମାନବିକ ଓ ଅର୍ଥନୈତିକ ସଙ୍କଟ ପାଲଟିଛି। ଖାଇବାକୁ ପାଉ ନଥିବା ଲୋକଙ୍କ ସଂଖ୍ୟା ବଢ଼ିଛି, ଜଳବାୟୁ ପରିବର୍ତ୍ତନ ପୂର୍ବାନୁମାନ ତୁଳନାରେ ଦ୍ରୁତ ଭାବେ ଘଟୁଛି ଏବଂ ଲୋକ ତଥା ଦେଶ ଦେଶ ମଧ୍ୟରେ ଅସମାନତା ବୃଦ୍ଧି ପାଇବାରେ ଲାଗିଛି। ପ୍ରୋଗ୍ରେସ୍ ଟୁୱାର୍ଡ୍ସ ଦି ସଷ୍ଟେନେବଲ ଡେଭେଲପ୍‌ମେଣ୍ଟ ଗୋଲ୍ସ ବା ଏସ୍‌ଡିଜି ୨୦୨୦ ରିପୋର୍ଟରେ ଏହା ଦର୍ଶାଯାଇଛି। ୧୭ ନିରନ୍ତର ବିକାଶ ଲକ୍ଷ୍ୟ ୪ ବର୍ଷ ତଳେ ଆରମ୍ଭ କରାଯାଇଥିଲା। ଏଥିରେ ଏକ ନିରନ୍ତର ଭବିଷ୍ୟତ ପାଇଁ ଶିକ୍ଷା, ସ୍ୱାସ୍ଥ୍ୟ ସେବାରେ ଉନ୍ନତି ଆଣିବା ଏବଂ ସାମାଜିକ ତଥା ଅର୍ଥନୈତିକ ଅସମାନତା ଦୂର କରିବାକୁ ଗୁରୁତ୍ୱ ଦିଆଯାଇଥିଲା।

ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମର କମ୍ୟୁନିକେଶନ, ମାର୍କେଟିଂ ଓ ଆଡ୍‌ଭୋକେସି ମୁଖ୍ୟ ଜେନ୍ ହୋୱାର୍ଡ କହିଛନ୍ତି, ତାଙ୍କ ମତରେ ଖାଦ୍ୟର ମୂଲ୍ୟ ଆକାଶ ଛୁଇଁଛି। ପୂର୍ବରୁ ଆମେ କେବେ ଏପରି ଜରୁରିକାଳୀନ ପରିସ୍ଥିତିକୁ ସାମ୍ନା କରି ନ ଥିବାରୁ ସାମଗ୍ରୀଗୁଡ଼ିକର ଏଭଳି ମୂଲ୍ୟବୃଦ୍ଧି ହୋଇଛି। ଏହା ପ୍ରତିଟି ଦେଶରେ ଜରୁରୀ ପରିସ୍ଥିତି ଜାରି ହେବା ଭଳି ଅବସ୍ଥା ସୃଷ୍ଟି କରିଛି। କରୋନାର ପ୍ରଭାବ ଓ ଏହାକୁ ରୋକିବା ପାଇଁ ନିଆଯାଇଥିବା ☞ ପୃଷ୍ଠା-୪

- ସ୍ୱପ୍ନ ହେଲା ନିରନ୍ତର ବିକାଶ ହାସଲ ଲକ୍ଷ୍ୟ
- ଦାରିଦ୍ର୍ୟ ହ୍ରାସ ଓ ଜଳବାୟୁ ପରିବର୍ତ୍ତନ ନିୟନ୍ତ୍ରଣରେ ବିଫଳତା
- ପୂରଣ ହୋଇନି ଲିଙ୍ଗଗତ ସମାନତା, ନାରୀ ସଶକ୍ତୀକରଣ ପ୍ରତିଶ୍ରୁତି
- ସ୍ୱାସ୍ଥ୍ୟରୁ ମାନବିକ ଓ ଆର୍ଥିକ ସଙ୍କଟର ରୂପ ନେଇଛି କୋଭିଡ୍-୧୯



# ମହାରାଷ୍ଟ୍ରକୁ 'ନିସର୍ଗ' ଭୟ

**ମୁମ୍ବାଇ,୨।୬**

ବୁଧବାର ଅପରାହ୍ଣରେ ବାତ୍ୟା 'ନିସର୍ଗ' ମହାରାଷ୍ଟ୍ର ଓ ଗୁଜରାଟ ଉପକୂଳରେ ମାଡ଼ ହେବ। ଏଥିଲାଗି ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଥିବା ଜଣାପଡ଼ିଛି। ଏବେ ଏହା ଡିପ୍ ଡିପ୍ରେସନ୍‌ର ରୂପନେଇସାରିଛି। ମୁମ୍ବାଇରେ ଏଥିଲାଗି ହାଇ ଆଲର୍ଟ ଜାରି କରାଯାଇଛି। ବୁଧବାର ପ୍ରବଳ ବର୍ଷା ସହ ଘଣ୍ଟାପ୍ରତି ୧୨୦ କି.ମି.ରୁ ଅଧିକ ବେଗରେ ପବନ ବହିବା ସମ୍ଭାବନା ରହିଥିବା ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ସତର୍କ କରାଯାଇଛି। କରୋନା ଭାଇରସ୍ ଯୋଗୁ ମୁମ୍ବାଇରେ ଏକ ପ୍ରକାର ଅଚଳାବସ୍ଥା ଦେଖାଦେଇଥିବା ବେଳେ ବାତ୍ୟା ବୋଝ ଉପରେ କୋରଡ଼ା ମାଡ଼ ସଦୃଶ ହୋଇଛି।

ବାତ୍ୟା ଆସିବା ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପରିସ୍ଥିତିର ସମୀକ୍ଷା କରିବା ସହ ଏହାର ମୁକାବିଲା ଲାଗି ପ୍ରସ୍ତୁତ ରହିବାକୁ ଲୋକମାନଙ୍କୁ କହିଛନ୍ତି। ସୋମବାର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେଙ୍କ ସହ ଆଲୋଚନା କରି ବାତ୍ୟା ପ୍ରସ୍ତୁତି ସମ୍ପର୍କରେ ସମୀକ୍ଷା କରିଥିଲେ। ବାତ୍ୟା ହରିହରେଶ୍ୱର ଓ ଦାମନ ମଧ୍ୟରେ ମାଡ଼ ହେବାର ଆଶଙ୍କା ରହିଛି। ଦକ୍ଷିଣ ଗୁଜରାଟ ଓ ମହାରାଷ୍ଟ୍ର ଉପକୂଳରେ ଏଥିଲାଗି ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି। ୩୦ରୁ ଅଧିକ ଏନ୍‌ଡିଆର୍‌ଏଫ୍ ଟିମ୍‌କୁ ସେଠାରେ ମୁତୟନ କରାଯାଇଛି। ପ୍ରଶାସନ ପକ୍ଷରୁ ଚାଳଘର ଓ ବସ୍ତିରେ ରହୁଥିବା ଲୋକମାନଙ୍କୁ ସ୍ଥାନାନ୍ତର କରାଯାଇଛି। ମହାରାଷ୍ଟ୍ର ସେକ୍ରେଟାରିଏଟ ବିଲ୍ଡିଂରେ ଏକ କଣ୍ଟ୍ରୋଲ ରୁମ୍ ଖୋଲାଯାଇ ପ୍ରତି ଘଣ୍ଟାର ସ୍ଥିତି ନିରୀକ୍ଷଣ କରାଯାଉଛି। ଜଳ, ସ୍ଥଳ ଓ ବାୟୁ ସେନାକୁ ଆଇଏମ୍‌ଡି ସହ ସମନ୍ୱୟ ରଖି କାର୍ଯ୍ୟ କରିବା ଲାଗି ନିର୍ଦ୍ଦେଶ ଦିଆଯାଇଛି। ୪୭ ଉପକୂଳ ଗ୍ରାମର ପ୍ରାୟ ୨୦ ହଜାର ଲୋକଙ୍କୁ ସ୍ଥାନାନ୍ତର କରାଯିବା ସହ ଶେଲ୍ଟର ହୋମ୍‌ରେ ରଖାଯାଇଛି। ଏଥିସହ ଭାରତୀୟ ତଟରକ୍ଷୀ ବାହିନୀର ଜାହାଜକୁ ବିଭିନ୍ନ ସ୍ଥାନରେ ମୁତୟନ କରାଯାଇଛି। ଏଭଳି ସ୍ଥିତିରେ ମତ୍ସ୍ୟଜୀବୀମାନେ ସମୁଦ୍ର ମଧ୍ୟକୁ ପ୍ରବେଶ ନ କରିବା ଲାଗି ସତର୍କ କରାଯାଇଛି। ପ୍ରଶାସନ ପକ୍ଷରୁ ପରିସ୍ଥିତି ଉପରେ କଡ଼ା ନଜର ରଖାଯାଇଥିବା ଜଣାପଡ଼ିଛି।


ସାମୁଦ୍ରିକ ଝଡ଼ ନିସର୍ଗ ଆସିବା ପୂର୍ବରୁ ମୁମ୍ବାଇର କୋଲାବାସ୍ଥିତ ବନ୍ଧୱାର ପାର୍କରେ ମତ୍ସ୍ୟଜୀବୀଙ୍କ ପ୍ରସ୍ତୁତି।

**ଆଜି ଅପରାହ୍ଣରେ ମାଡ଼ହେବ**

- ବାତ୍ୟା ଲାଗି ବ୍ୟାପକ ପ୍ରସ୍ତୁତି; ମୁମ୍ବାଇରେ ହାଇ ଆଲର୍ଟ
- ସମନ୍ୱୟ ରଖି କାର୍ଯ୍ୟ କରିବାକୁ ସେନାକୁ ନିର୍ଦ୍ଦେଶ
- ୨୦ ହଜାର ଲୋକଙ୍କୁ ସ୍ଥାନାନ୍ତର କରାଗଲା
- ଘଣ୍ଟାକୁ ୧୨୦ କି.ମି.ରୁ ଅଧିକ ବେଗରେ ବହିବ ପବନ
- ୩୦ରୁ ଅଧିକ ଏନ୍‌ଡିଆର୍‌ଏଫ୍ ଟିମ୍‌କୁ ମୁତୟନ କରାଗଲା

## ଭୂସ୍ଖଳନରେ ୨୦ ମୃତ



**ସିଲ୍‌ଚର,୨।୬(ଆଇଏଏନ୍‌ଏସ୍)**

ଆସାମରେ ଲଗାଣ ବର୍ଷା ଯୋଗୁ ବିଭିନ୍ନ ସ୍ଥାନରେ ଭୂସ୍ଖଳନ ହୋଇ ୨୦ ଜଣଙ୍କ ମୃତ୍ୟୁ ଘଟିଛି। ଏଥିରେ ଅନେକେ ଆହତ ହୋଇଛନ୍ତି। ଦକ୍ଷିଣପୂର୍ବ ଆସାମର ୩ଟି ସ୍ଥାନରେ ଭୀଷଣ ହୋଇଥିବା ଜଣାପଡ଼ିଛି। କାଚର ଓ ହାଇଲାକାଣ୍ଡିରେ ୭ ଜଣ ଲେଖାଏ ପ୍ରାଣ ହରାଇଥିବାବେଳେ କରିମଗଞ୍ଜରେ ୬ ଜଣଙ୍କ ପ୍ରାଣହାନି ଘଟିଛି। ଅଧିକାରୀମାନଙ୍କ ସୂତ୍ରରୁ ଜଣାପଡ଼ିଛି ଯେ, କାଚର ଜିଲାର ଜୟପୁରରେ ତଜିମ ଉଦ୍ଦିନ ଲସ୍କରଙ୍କ ଘରେ ମାଟି ଅତଡ଼ା ଧସିପଡ଼ିବାରୁ ସେ ଓ ତାଙ୍କର ୩ ପୁଅ ଏଥିରେ ଚାପିହୋଇ ପ୍ରାଣ ହରାଇଛନ୍ତି। ପୋଲିସ ତାଙ୍କ ସ୍ତ୍ରୀ ଓ ଅନ୍ୟ ଜଣେ ପୁଅଙ୍କୁ ଉଦ୍ଧାର କରିବା ସହ ଏକ ସରକାରୀ ହସ୍ପିଟାଲରେ ଭର୍ତ୍ତି କରିଛି। ଦ୍ୱିତୀୟ ଘଟଣା ହାଇଲାକାଣ୍ଡି ଜିଲାର ଅଲଗପୁରରେ ଘଟିଛି। ଏଠାରେ ଦୁଇଟି ପରିବାରର ୪ ମହିଳା ଓ ଜଣେ ଶିଶୁଙ୍କ ସମେତ ୭ ଜଣ ପ୍ରାଣ ହରାଇଛନ୍ତି। ତୃତୀୟ ଭୂସ୍ଖଳନ କରିମଗଞ୍ଜ ଜିଲା କାଲିଗଞ୍ଜ ଏରିଆରେ ହୋଇଛି, ଯେଉଁଠି ୩ ମହିଳା ଓ ୨ ଶିଶୁଙ୍କ ସମେତ ୬ ଜଣଙ୍କ ଜୀବନ ଯାଇଛି। ଆସାମ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବଳ (ଏସ୍‌ଡିଆର୍‌ଏଫ୍)ର ଅନେକ ଟିମ୍, ପୋଲିସ ଓ ସ୍ଥାନୀୟ ଲୋକେ ମିଶି ମୃତଦେହଗୁଡ଼ିକୁ ଉଦ୍ଧାର କରିଛନ୍ତି। ଭୂସ୍ଖଳନଜନିତ ମୃତ୍ୟୁ ପାଇଁ ଆସାମ ମୁଖ୍ୟମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ ଶୋକବ୍ୟକ୍ତ କରିବା ସହ ପ୍ରଭାବିତ ପରିବାରମାନଙ୍କୁ ସାହାଯ୍ୟ ପାଇଁ ସବୁ ପ୍ରକାର ପଦକ୍ଷେପ ନେବାକୁ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି।

## ଜି-୭ ସମ୍ମିଳନୀକୁ ମୋଦିଙ୍କୁ ଟ୍ରମ୍ପଙ୍କ ଆମନ୍ତ୍ରଣ

**ନୂଆଦିଲ୍ଲୀ,୨।୬**

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ଆଲୋଚନା କରିଛନ୍ତି। ଏନେଇ ପିଏମ୍‌ଓ ପକ୍ଷରୁ ସ୍ପଷ୍ଟ କରାଯାଇଥିବା ବେଳେ ଟ୍ରମ୍ପଙ୍କ ସହ ଗଠନମୂଳକ ଆଲୋଚନା ହୋଇଥିବା ମୋଦି ନିଜେ ଟୁଇଟ୍ କରି ଜଣାଇଛନ୍ତି। ଟେଲିଫୋନିକ୍ କଥାବାର୍ତ୍ତା ମଧ୍ୟରେ ଟ୍ରମ୍ପ ଆମେରିକାରେ ସେପ୍ଟେମ୍ବରରେ ହେବାକୁ ଥିବା ଜି-୭ ବୈଠକକୁ ମୋଦିଙ୍କୁ ଆମନ୍ତ୍ରଣ କରିଛନ୍ତି। ଜି-୭କୁ ବିସ୍ତାର କରି ଜି-୧୧ କରାଯିବ। ଏଥିରେ ଭାରତକୁ ସାମିଲ କରିବା ପାଇଁ ଟ୍ରମ୍ପ୍ ଚାହୁଁଛନ୍ତି। ଦୁହିଙ୍କ ମଧ୍ୟରେ କରୋନା ସ୍ଥିତି, ଭାରତ-ଚାଇନା ସୀମା ବିବାଦ, ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନରେ ସଂସ୍କାର ଆଦି ପ୍ରସଙ୍ଗ ସ୍ଥାନ ପାଇଥିଲା।

## ଆଦେଶ ଗୁପ୍ତା ଦିଲ୍ଲୀ ଭାଜପା ଅଧ୍ୟକ୍ଷ

**ନୂଆଦିଲ୍ଲୀ,୨।୬(ଆଇଏଏନ୍‌ଏସ୍)**

କରୋନା ସଙ୍କଟ ବେଳେ ଭାଜପା ହାଇକମାଣ୍ଡ ସାଙ୍ଗଠନିକ ସ୍ତରରେ ବଡ଼ ଧରଣର ଅଦଳବଦଳ କରିଛନ୍ତି। ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଦଳର ଦିଲ୍ଲୀ ଅଧ୍ୟକ୍ଷ ମନୋଜ ତିୱାରୀଙ୍କୁ ହଟାଇ ତାଙ୍କ ସ୍ଥାନରେ ଆଦେଶ କୁମାର ଗୁପ୍ତାଙ୍କୁ ନିଯୁକ୍ତ କରିଛନ୍ତି।



ସେହିପରି ଛତିଶଗଡ଼ ଓ ମଣିପୁରର ଭାଜପା ଅଧ୍ୟକ୍ଷଙ୍କୁ ମଧ୍ୟ ହଟାଯାଇଛି। ଏନେଇ ଭାଜପା ସାଧାରଣ ସମ୍ପାଦକ ଅରୁଣ ସିଂ ଏକ ପତ୍ର ଜାରି କରିଛନ୍ତି। ମିଳିଥିବା ସୂଚନାନୁସାରେ ଛତିଶଗଡ଼ରେ ବିଷ୍ଣୁଦେବ ସାଇଙ୍କୁ ଭାଜପା ସଭାପତି କରାଯାଇଥିବାବେଳେ ମଣିପୁରରେ ଏସ୍. ଟିକେନ୍ଦ୍ର ସିଂଙ୍କୁ ଦଳର ମଙ୍ଗ ଧରିବାକୁ ସୁଯୋଗ ମିଳିଛି। ଆଦେଶ ଗୁପ୍ତା ଦିଲ୍ଲୀ ଏମ୍‌ସିଡି ଅଧ୍ୟକ୍ଷ ଥିବାବେଳେ ବିଷ୍ଣୁଦେବ ସାଇ ଜଣେ ପୂର୍ବତନ କେନ୍ଦ୍ରମନ୍ତ୍ରୀ।

## ଜେସିକା ଲାଲ୍ ହତ୍ୟାକାଣ୍ଡ: ଜେଲରୁ ମୁକୁଳିଲେ ମନୁ ଶର୍ମା

ନୂଆଦିଲ୍ଲୀ,୨।୬: ୧୯୯୯ର ବହୁଚର୍ଚ୍ଚିତ ଜେସିକା ଲାଲ୍ ହତ୍ୟା ମାମଲାର ମୁଖ୍ୟ ଦୋଷୀ ମନୁ ଶର୍ମା ଓରଫ୍ ସିଦ୍ଧାର୍ଥ ବୈଶିଷ୍ଟ ତିହାର ଜେଲରୁ ମୁକ୍ତ ହୋଇଛନ୍ତି। ଦକ୍ଷିଣ ଦିଲ୍ଲୀର ଏକ ପ୍ରାଇଭେଟ୍ ପାର୍ଟିରେ ସେ ଲାଇସେନ୍ସ ନ ଥିବା ଏକ ବନ୍ଧୁକରୁ ଗୁଳି ଫୁଟାଇ ଜେସିକାଙ୍କୁ ହତ୍ୟା କରିଥିଲେ। ହାଇକୋର୍ଟ ତାଙ୍କୁ



ଆଜୀବନ କାରାଦଣ୍ଡାଦେଶ ଦେଇଥିଲେ। କୋର୍ଟ ନିର୍ଦ୍ଦେଶ କ୍ରମେ ଦିଲ୍ଲୀ ଉପରାଜ୍ୟପାଳ ଅନିଲ ବୈଜଲଙ୍କ ସହ ୭ ବୋର୍ଡ ସଦସ୍ୟଙ୍କ ଅନୁମତିରେ ସୋମବାର ସନ୍ଧ୍ୟାରେ ତାଙ୍କୁ ଜେଲରୁ ମୁକ୍ତ କରାଯାଇଛି।

# ୨ ଲକ୍ଷ ଟପିଲା ଆକ୍ରାନ୍ତଙ୍କ ସଂଖ୍ୟା

**ନୂଆଦିଲ୍ଲୀ,୨।୬**

ଭାରତରେ କରୋନା ଭାଇରସ୍ ସଂକ୍ରମିତଙ୍କ ସଂଖ୍ୟା ଭୟଙ୍କର ସ୍ଥିତିରେ ପହଞ୍ଚିଛି। ଦିନକୁ ଦିନ ରୋଗୀସଂଖ୍ୟା ବଢ଼ିବା ଆତଙ୍କ ସୃଷ୍ଟିକରିଛି। ଭାରତ ବିଶ୍ୱର ସର୍ବାଧିକ ଭୂତାଣୁ ଆକ୍ରାନ୍ତ ତାଲିକାର ସପ୍ତମ ସ୍ଥାନକୁ ଉଠିଥିବା ବେଳେ ମଙ୍ଗଳବାର ଆକ୍ରାନ୍ତଙ୍କ ସଂଖ୍ୟା ୨ ଲକ୍ଷରେ ପହଞ୍ଚିଛି। ଦେଶରେ ୫,୬୫୦ ଜଣଙ୍କ ମୁଣ୍ଡ ନେଲାଣି ଏହି ମହାମାରୀ। ଗତ ୧୫ ଦିନ ପୂର୍ବରୁ ଭାରତରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୧ ଲକ୍ଷ ଟପିଥିଲା। ଗତ ୩ ଦିନହେବ ୨୪ ଘଣ୍ଟାରେ ପ୍ରାୟ ୮ ହଜାର ନୂଆ ମାମଲା ସାମ୍ନାକୁ ଆସିଛି। ପ୍ରବାସୀ ଶ୍ରମିକଙ୍କ ଆଗମନ ପରେ ଏବେ ଉଗ୍ର ସଂକ୍ରମଣ ଦେଖାଦେବାରୁ ପରିସ୍ଥିତି ଜଟିଳ ରୂପ ଧାରଣ କରିଛି। କେବଳ ମହାରାଷ୍ଟ୍ରରେ ୭୦ ହଜାରରୁ ଅଧିକ ଭୂତାଣୁ ଆକ୍ରାନ୍ତ ଅଛନ୍ତି। ଏଠାରେ ମୃତ୍ୟୁସଂଖ୍ୟା ୨,୩୬୨ରେ ପହଞ୍ଚିଛି। ତାମିଲନାଡୁ, ରାଜଧାନୀ ଦିଲ୍ଲୀ, ଗୁଜରାଟ, ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ ଭଳି ରାଜ୍ୟଗୁଡ଼ିକରେ ଦିନକୁଦିନ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ବଢ଼ି ଚାଲିଛି। ଦେଶର ଅର୍ଥ ବ୍ୟବସ୍ଥା ଏଥିଯୋଗୁ ଦୋହଲି ଯାଇଛି। ତେବେ ଭୟଭୀତ ହେବାର ନାହିଁ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର କହିଛନ୍ତି। ପୁଣି ଅଭିବୃଦ୍ଧି ହାର ଫେରିବ ବୋଲି ବିଶ୍ୱାସ ରହିଥିବା ମୋଦି ଶିଳ୍ପପତି ଓ ଅର୍ଥନୀତିଜ୍ଞଙ୍କ ଆଗରେ ପ୍ରକାଶ କରିଛନ୍ତି।

ତାମିଲନାଡୁରେ ୨୪,୫୮୬ ଆକ୍ରାନ୍ତ ଥିବାବେଳେ ମୃତ୍ୟୁସଂଖ୍ୟା ବଢ଼ି ୨୦୦ରେ ପହଞ୍ଚିଛି। ରାଜଧାନୀ ଦିଲ୍ଲୀରେ ୨୦,୮୩୪ କରୋନା ରୋଗୀ ଥିବାବେଳେ ୫୨୩ ବ୍ୟକ୍ତି ପ୍ରାଣ ହରାଇଲେଣି। ଗୁଜରାଟରେ ୧,୦୬୩ ଜୀବନ ଯାଇଛି ଓ ୧୭ ହଜାରରୁ ଊର୍ଦ୍ଧ୍ୱ ସଂକ୍ରମିତ ଅଛନ୍ତି। ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ ଓ ପଶ୍ଚିମବଙ୍ଗରେ ମୋଟ ୨୫ ହଜାରରୁ ଅଧିକ ରୋଗୀ ଥିବାବେଳେ ୯୦୦ ଲୋକ ପ୍ରାଣ ହରାଇଲେଣି। ରାଜସ୍ଥାନରେ ୯ ହଜାରରୁ ଅଧିକ ସଂକ୍ରମିତ ଥିବାବେଳେ ମୃତ୍ୟୁସଂଖ୍ୟା ୨୦୧ରେ ପହଞ୍ଚିଛି। ଅନ୍ୟ ପ୍ରମୁଖ ରାଜ୍ୟଗୁଡ଼ିକ ମଧ୍ୟରେ ପଞ୍ଜାବରେ ୪୬, ବିହାରରେ ୨୪, କର୍ନାଟକରେ ୫୨, ଆନ୍ଧ୍ରପ୍ରଦେଶରେ ୬୪, ତେଲଙ୍ଗାନାରେ ୮୮, ଜମ୍ମୁ-କଶ୍ମୀରରେ ୩୩ ଲୋକଙ୍କ ଜୀବନ ଗଲାଣି। କରୋନା ମହାମାରୀରୁ ବର୍ତ୍ତିବା ଲାଗି କୌଣସି ଔଷଧ ବାହାରି ନ ଥିବାବେଳେ ଆତଙ୍କ ଦେଖାଦେବା ସ୍ୱାଭାବିକ।

ଭାରତ ଏବେ ଆମେରିକା, ବ୍ରାଜିଲ, ରୁଷିଆ, ସ୍ପେନ୍, ବ୍ରିଟେନ ଓ ଇଟାଲୀ ପଛକୁ ରହିଛି। ବିଗତ କିଛିଦିନ ମଧ୍ୟରେ ଭାରତ ଏଭଳି ସ୍ଥିତିକୁ ଚାଲିଆସିବ, କେହିକେବେ କଳ୍ପନା କରି ନ ଥିଲେ। ଏଭଳି ଉଗ୍ର ସଂକ୍ରମଣ ସ୍ଥିତି ଜାରି ରହିଲେ ଭାରତର ଅବସ୍ଥା ଅଣାୟତ୍ତ ହୋଇପଡ଼ିବ ବୋଲି କୁହାଯାଉଛି। ଯଦିଓ ଭାରତରେ ୯୮ ହଜାରରୁ ଅଧିକ ରୋଗୀ ସୁସ୍ଥହୋଇ ଘରକୁ ଫେରିଛନ୍ତି, ତଥାପି ସସ୍ଥିତିରେ ସୁଧାର ଆସିବାର ବାଟ ଦେଖାଯାଉନାହିଁ। ଏବେ ବି ୯୯ ହଜାର ଆକ୍ଟିଭ୍ ମାମଲା ରହିଛି ଓ ଏହା ପରେ ବି ନୂଆ ମାମଲା ଯୋଡ଼ିହୋଇ ଯାଉଛି। ଆଗାମୀ ଦିନରେ ଭାରତ ବିଶ୍ୱ ସଂକ୍ରମଣ ତାଲିକାର ବହୁ ଆଗକୁ ଯିବାର ଆଶଙ୍କା ପ୍ରକାଶ ପାଇଛି।



- ଦେଶରେ ୫,୬୫୦ ଲୋକଙ୍କ ଜୀବନ ଗଲାଣି
- ମହାରାଷ୍ଟ୍ରରେ ୭୦ ହଜାରରୁ ଅଧିକ ଆକ୍ରାନ୍ତ

# ଦୁର୍ଘଟଣା ନେଲାଣି ୧୯୮ ପ୍ରବାସୀ ଶ୍ରମିକଙ୍କ ଜୀବନ

**ନୂଆଦିଲ୍ଲୀ,୨।୬**

କରୋନା ମୁକାବିଲା ଲାଗି ଦେଶବ୍ୟାପୀ ଲକ୍‌ଡାଉନ୍ ଜାରି କରାଯିବା ପରେ କଳ କାରଖାନା ବନ୍ଦ ହୋଇଯିବାରୁ ପ୍ରବାସୀ ଶ୍ରମିକ ବାଧହୋଇ ଘରମୁହାଁ ହେଲେ। ଅଖିଆ ଅପିଆ ସହ ପାଦରେ ଚାଲିଚାଲି ନାହିଁ ନ ଥିବା କଷ୍ଟ ଭୋଗିଲେ। କେତେକେ ବସ୍, ଟ୍ରକ୍‌ରେ ମଧ୍ୟ ବୁହାହେଲେ। ତେବେ ମାର୍ଚ୍ଚ ୨୫ରୁ ମେ ୩୧ ମଧ୍ୟରେ ଦେଶରେ ଲକ୍‌ଡାଉନ୍ ବେଳେ ସଡ଼କ ଦୁର୍ଘଟଣାରେ ମୋଟ ୧୯୮ ପ୍ରବାସୀ ଶ୍ରମିକଙ୍କ ଜୀବନ ଯାଇଥିବା ଏକ ରିପୋର୍ଟରୁ ଜଣାପଡ଼ିଛି। ଏହି ସମୟ ମଧ୍ୟରେ ୧,୪୬୧ଟି ଦୁର୍ଘଟଣା ଘଟିଥିବାବେଳେ ୧୯୮ ପ୍ରବାସୀ ଶ୍ରମିକଙ୍କୁ ମିଶାଇ ମୋଟ ୭୫୦ ଲୋକଙ୍କ ଜୀବନ ଯାଇଛି। ଏଥିରେ ୧,୩୯୦ ଜଣ ଆହତ ହୋଇଥିବା ସଡ଼କ ନିରାପତ୍ତା ସମ୍ପର୍କିତ ଏନ୍‌ଜିଓ ସେଭ୍ ଲାଇଫ୍ ଫାଉଣ୍ଡେଶନ୍ କହିଛି।

ଦୁର୍ଘଟଣାର କାରଣ ଭାବେ ପରିବହନ ଲାଗି ବ୍ୟବହୃତ ବସ୍ ଓ ଟ୍ରକର ଅତ୍ୟଧିକ ବେଗ ଏବଂ ରାସ୍ତା ସମ୍ପର୍କରେ ସଠିକ୍ ଜ୍ଞାନର ଅଭାବକୁ ଦୋଷ ଦିଆଯାଇଛି। ମୃତକଙ୍କ ମଧ୍ୟରେ ଉତ୍ତରପ୍ରଦେଶର ୨୪୫, ତେଲଙ୍ଗାନାର ୫୬, ବିହାରର ୪୩, ପଞ୍ଜାବର ୩୮, ମହାରାଷ୍ଟ୍ରର ୩୬ ଅଛନ୍ତି। ପ୍ରବାସୀଙ୍କ ମଧ୍ୟରେ ଉତ୍ତରପ୍ରଦେଶର ୯୪, ମଧ୍ୟପ୍ରଦେଶର ୩୮, ବିହାରର ୧୬, ତେଲଙ୍ଗାନାର ୧୧, ମହାରାଷ୍ଟ୍ରର ୯ ଜଣ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି। ଲକ୍‌ଡାଉନ୍‌ର ଚତୁର୍ଥ ପର୍ଯ୍ୟାୟରେ ଅଧିକ ଲୋକ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଜଣାପଡ଼ିଛି। ଏମାନଙ୍କ ସଂଖ୍ୟା ୪୩%। ତୃତୀୟ ପର୍ଯ୍ୟାୟରେ ସର୍ବାଧିକ ପ୍ରବାସୀ ଶ୍ରମିକଙ୍କ ଜୀବନ ଯାଇଛି। ସେମାନଙ୍କ ସଂଖ୍ୟା ୬୦% ବୋଲି କୁହାଯାଇଛି। ପ୍ରବାସୀଙ୍କୁ ଆଣିବା ବେଳେ ଗାଡ଼ି ସହ ଗାଡ଼ି ମୁହାଁମୁହିଁ ହେବା ଦ୍ୱାରା ୪୩%ଙ୍କ ଜୀବନ ଯାଇଛି।



ଆମେରିକାରେ କୃଷ୍ଣକାୟଙ୍କ ଉପରେ ପୋଲିସ ବର୍ବରତାକୁ ବିରୋଧ କରି ପାଟନାରେ ସୋସିଆଲିଷ୍ଟ ୟୁନିଟି ସେଣ୍ଟର ଅଫ୍ ଇଣ୍ଡିଆ ପକ୍ଷରୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ କୁଶପୁତ୍ତଳିକା ଦାହ କରାଯାଇଛି।

# ଏଚ୍‌ସିକ୍ୟୁକୁ ନେଇ ବିଶ୍ୱ ଦୁଇଭାଗ

**ପ୍ୟାରିସ,୨।୬**

କରୋନା ସଂକ୍ରମଣର ସମ୍ଭାବ୍ୟ ଔଷଧ ଭାବେ ବିବେଚନା କରାଯାଉଥିବା 'ହାଇଡ୍ରୋକ୍ସିକ୍ଲୋରୋକୁଇନ୍' (ଏଚ୍‌ସିକ୍ୟୁ)କୁ ନେଇ ସାରା ବିଶ୍ୱ ଏବେ ଦୁଇ ମତରେ ବିଭକ୍ତ। କେତେକ ଦେଶରେ ଏହାକୁ ନିଷେଧ କରାଯାଇଥିବାବେଳେ ଆଉ କେତେକ ଏହି ଔଷଧ ସେବନକୁ ପ୍ରୋତ୍ସାହିତ କରୁଛନ୍ତି। ବିଶ୍ୱରେ ୭୦% ହାଇଡ୍ରୋକ୍ସିକ୍ଲୋରୋକୁଇନ୍ ଉତ୍ପାଦନ ଭାରତରେ ହୋଇଥାଏ। ପ୍ରତିବର୍ଷ ଭାରତ ୫୦ ମିଲିୟନ ଡଲାରର ଏହି ଔଷଧ ଆମେରିକା ସମେତ ବହୁ ଦେଶକୁ ରପ୍ତାନି କରିଥାଏ। କରୋନା ମହାମାରୀ ସମୟରେ ଭାରତ ଏହି ଔଷଧ ପାଇଁ ବହୁଦେଶର ପ୍ରିୟପାତ୍ର ହୋଇଥିବାବେଳେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ କେତେକ ରାଜନୈତିକ, କୂଟନୈତିକ ଘଟଣା, ବିବାଦ ଓ ଆଶଙ୍କା ଦେଖିବାକୁ ମିଳିଛି।

କରୋନା ଚିକିତ୍ସା ପାଇଁ ଲାଇସେନ୍ସପ୍ରାପ୍ତ ଔଷଧ ସନ୍ଧାନରେ ଥିବା ବୈଜ୍ଞାନିକମାନେ ପରୀକ୍ଷାମୂଳକଭାବେ ହାଇଡ୍ରୋକ୍ସିକ୍ଲୋରୋକୁଇନ୍‌କୁ ଉପଯୋଗ କରିଥିଲେ। ସାଧାରଣତଃ ଏହା ଆଣ୍ଠୁଗଣ୍ଠି ବାତ ଓ ମ୍ୟାଲେରିଆ ଉପଚାର ପାଇଁ ବ୍ୟବହାର ହୁଏ। ହେଲେ ଏହା ହାର୍ଟ ଆରିଥ୍‌ମିଆ ଭଳି ଗମ୍ଭୀର ପାର୍ଶ୍ୱ ପ୍ରତିକ୍ରିୟା ସୃଷ୍ଟି କରିପାରେ ବୋଲି ବହୁ ବିଶେଷଜ୍ଞ ଚେତାଇ ଦେଇଥିଲେ। ଏନେଇ ମେଡିକାଲ ଜର୍ନାଲ 'ଦ ଲାନ୍‌ସେଟ୍' ୧ ଲକ୍ଷ କରୋନା ରୋଗୀଙ୍କୁ ନେଇ ହୋଇଥିବା ଏକ ଅଧ୍ୟୟନକୁ ଗତ ମେ ୨୨ରେ ପ୍ରକାଶ କରିଥିଲା। ସେଥିରେ ଉଲ୍ଲେଖ ଥିଲା ଯେ, ହାଇଡ୍ରୋକ୍ସିକ୍ଲୋରୋକୁଇନ୍ ସେବନ ଦ୍ୱାରା କୌଣସି ଉପକାର ମିଳୁନାହିଁ, ବରଂ ମୃତ୍ୟୁ ଆଶଙ୍କା ଅଧିକ। ଏହାପରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ(ଡବ୍ଲ୍ୟୁଏଚ୍‌ଓ) କରୋନା ରୋଗୀଙ୍କ ଉପରେ ହାଇଡ୍ରୋକ୍ସିକ୍ଲୋରୋକୁଇନ୍‌ର ବ୍ୟବହାର ସମ୍ପର୍କିତ କ୍ଲିନିକାଲ ପରୀକ୍ଷଣକୁ ସ୍ଥଗିତ କରିଥିଲା। କିନ୍ତୁ ବହୁ ବୈଜ୍ଞାନିକ ଅଧ୍ୟୟନ ପଦ୍ଧତି ଉପରେ ପ୍ରଶ୍ନ ଉଠାଇଥିଲେ। ସେହିପରି କରୋନା ମୁକାବିଲାରେ ହାଇଡ୍ରୋକ୍ସିକ୍ଲୋରୋକୁଇନ୍ ସବୁଠୁ ଅଧିକ ଉପାଦେୟ ବୋଲି ବିବେଚନା କରୁଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏବେ ବି ଏହି ଔଷଧ ପ୍ରତି ସମର୍ଥନ ଜାରି ରଖିଛନ୍ତି। ଏପରି କି ସେ ନିୟମିତ ଏହାକୁ ସେବନ କରି ଭଲ ଅନୁଭବ କରୁଥିବା ଭଳି ଖବର ସାମ୍ନାକୁ ଆସିଛି।

ବର୍ତ୍ତମାନ ସ୍ଥିତିରେ ହାଇଡ୍ରୋକ୍ସିକ୍ଲୋରୋକୁଇନ୍‌କୁ ନେଇ ଦେଶଗୁଡିକର ଆଭିମୁଖ୍ୟ ଭିନ୍ନ ଭିନ୍ନ ଦେଖିବାକୁ ମିଳୁଛି। କରୋନା ରୋଗୀଙ୍କୁ ତାହା ନ ଦେବା ପାଇଁ ଅନେକ ଦେଶକୁ ଉପରୋକ୍ତ ଅଧ୍ୟୟନ ପ୍ରଭାବିତ କରିଛି। ମେ ୨୭ରେ ଫ୍ରାନ୍ସ କରୋନା ରୋଗୀଙ୍କୁ ଏହି ଔଷଧ ଦିଆଯିବା ଉପରେ ରୋକ ଲଗାଇଥିଲା। ହେଲେ ଫ୍ରାନ୍ସର ବିବାଦୀୟ ଡାକ୍ତର ଡିଦିୟର ରାଉଲ୍ଟ ଉପରୋକ୍ତ ଅଧ୍ୟୟନ ପଦ୍ଧତି ଉପରେ ପ୍ରଶ୍ନ ଉଠାଇବା ସହ ରୋଗୀଙ୍କୁ କରୋନା ମୁକ୍ତ କରିବାରେ ହାଇଡ୍ରୋକ୍ସିକ୍ଲୋରୋକୁଇନ୍ ସହାୟକ ହେଉଥିବା କହିଥିଲେ। ଆଉ କେତେକ ଦେଶ ତଥା ଇଟାଲୀ, ଇଜିପ୍ଟ, ଟ୍ୟୁନିସିଆ, କଲମ୍ବିଆ, ଚିଲି, ଏଲ୍ ସାଲଭାଡୋର, କେପ୍ ଭର୍ଡେ, ଆଲବାନିଆ, ବୋସନିଆ ଏବଂ ହେର୍ଜେଗୋଭିନା ମଧ୍ୟ କରୋନା ରୋଗୀଙ୍କ ପାଇଁ ଏହି ଔଷଧ ବ୍ୟବହାର ଉପରେ ପ୍ରତିବନ୍ଧକ ଲଗାଇଛନ୍ତି। କିନ୍ତୁ ଇଟାଲୀରେ ଏହାର କ୍ଲିନିକାଲ ପରୀକ୍ଷଣ ଜାରି ରହିଛି। ହଙ୍ଗେରୀରେ ନୂଆ ସଂକ୍ରମିତଙ୍କୁ ଏହି ଔଷଧ ଦିଆଯିବାକୁ ବାରଣ କରାଯାଇଥିବାବେଳେ ପୁରୁଣା ସଂକ୍ରମିତଙ୍କୁ ତାହା ଦିଆଚାଲିଛି। ଜର୍ମାନୀ ମଧ୍ୟ କେବଳ କ୍ଲିନିକାଲ ପରୀକ୍ଷଣ ପାଇଁ ତାହାକୁ ବ୍ୟବହାର ଲାଗି ନିଷ୍ପତ୍ତି ନେଇଛି। ଅନ୍ୟପକ୍ଷରେ ଅଧ୍ୟୟନ ରିପୋର୍ଟ ପ୍ରକାଶ ପାଇବା ପୂର୍ବରୁ ମଧ୍ୟ କେତେକ ଦେଶ ହାଇଡ୍ରୋକ୍ସିକ୍ଲୋରୋକୁଇନ୍ ବ୍ୟବହାର ବନ୍ଦ କରିଦେଇଥିଲେ। ମହାମାରୀର ପ୍ରାଥମିକ ପର୍ଯ୍ୟାୟରେ ସ୍ୱିଡେନରେ ଏହି ଔଷଧକୁ ଗୁରୁତର ଲକ୍ଷଣ ବିଶିଷ୍ଟ ରୋଗୀଙ୍କ ଚିକିତ୍ସା ପାଇଁ ବ୍ୟବହାର କରାଯାଇଥିଲା। କିନ୍ତୁ ୟୁରୋପୀୟ ମେଡିସିନ ଏଜେନ୍ସି ଏହାକୁ କେବଳ କ୍ଲିନିକାଲ ପରୀକ୍ଷଣରେ ବ୍ୟବହାର କରିବାକୁ ପରାମର୍ଶ ଦେବା ପରେ ଏପ୍ରିଲରେ ସ୍ୱିଡେନରେ ଏହାର ବ୍ୟବହାର ବନ୍ଦ କରି ଦିଆଯାଇଥିଲା।

ଅନ୍ୟପକ୍ଷରେ ବ୍ରାଜିଲ, ଆଲଜେରିଆ, ମରକ୍କୋ, ତୁର୍କୀ, ଜୋର୍ଡାନ, ରୋମାନିଆ, ପର୍ତ୍ତୁଗାଲ, କେନିଆ, ସେନେଗାଲ, ଚାଦ ଏବଂ କଙ୍ଗୋ ଭଳି ଦେଶ କରୋନା ମୁକାବିଲାରେ ହାଇଡ୍ରୋକ୍ସିକ୍ଲୋରୋକୁଇନ୍ ବ୍ୟବହାରକୁ ପ୍ରୋତ୍ସାହିତ କରିଚାଲିଛନ୍ତି। ରୁଷିଆ, ବାହାରିନ, ଓମାନ ଏବଂ ୟୁଏଇ ଏପର୍ଯ୍ୟନ୍ତ ଏହି ଔଷଧର ବ୍ୟବହାରକୁ ସ୍ଥଗିତ ରଖିନାହାନ୍ତି। ଇରାନରେ କରୋନା ରୋଗୀମାନେ ତାହାକୁ ସେବନ କରୁଥିବା ସୋସିଆଲ ମିଡିଆରେ ପୋଷ୍ଟ ହୋଇଥିବା ପ୍ରେସ୍‌କ୍ରିପଶନରୁ ଜଣାପଡ଼ିଛି। ଥାଇଲାଣ୍ଡରେ ମଧ୍ୟ କରୋନା ସଂକ୍ରମିତଙ୍କୁ ଏହି ଔଷଧ ମାଧ୍ୟମରେ ଚିକିତ୍ସା କରାଯାଉଛି। ଭାରତ ଏବଂ ଭେନଜୁଏଲାରେ ତାହାକୁ ପ୍ରତିଷେଧକ ବ୍ୟବସ୍ଥା ଭାବେ ବ୍ୟବହାର ଜାରି ରହିଛି। କ୍ୟୁବା ହାଇଡ୍ରୋକ୍ସିକ୍ଲୋରୋକୁଇନ୍ ବ୍ୟବହାର କରୁଛି। କିନ୍ତୁ ଅଧିକ ସତର୍କତା ଅବଲମ୍ବନ ପାଇଁ ଏହାର ପ୍ରୋଟୋକଲଗୁଡ଼ିକୁ ସଂଶୋଧନ କରିବାକୁ ଯାଉଛି। ଆମେରିକାର ଖାଦ୍ୟ ଏବଂ ଔଷଧ ପ୍ରଶାସନ(ଏଫ୍‌ଡିଏ) ହାଇଡ୍ରୋକ୍ସିକ୍ଲୋରୋକୁଇନ୍ ଦ୍ୱାରା ହାର୍ଟ ଉପରେ କ୍ଷତିକାରକ ପ୍ରଭାବ ପଡ଼ିପାରେ ବୋଲିଏପ୍ରିଲରେଚେତାଇଦେଇଥିଲା। କିନ୍ତୁ ଆମେରିକାର କେବଳ ହସ୍ପିଟାଲଗୁଡ଼ିକରେ ସଂକ୍ରମିତଙ୍କୁ ଏହି ଔଷଧ ଦିଆଯାଉଛି।

ଉପରୋକ୍ତ ଅଧ୍ୟୟନ ଯୋଗୁ ହାଇଡ୍ରୋକ୍ସିକ୍ଲୋରୋକୁଇନ୍‌ର ଏକାଧିକ କ୍ଲିନିକାଲ ପରୀକ୍ଷଣ ବନ୍ଦ ହୋଇଯାଇଛି। ସେଥିମଧ୍ୟରେ ଡେନ୍‌ମାର୍କରେ ୫, ଜର୍ମାନୀର ୟୁନିଭର୍ସିଟି ଅଫ୍ ଟୁବିନ୍‌ଜେନ କ୍ଲିନିକର ୨ ପରୀକ୍ଷଣ, ଫ୍ରାନ୍ସର ଇନ୍‌ସେର୍ମ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍ ଦ୍ୱାରା ସଂଯୋଜିତ ୟୁରୋପର ଡିସ୍‌କଭରି ପ୍ରୋଗ୍ରାମ ଏବଂ ଡବ୍ଲ୍ୟୁଏଚ୍‌ଓର ସଲିଡାରିଟି ଟ୍ରାଏଲ ଅନ୍ତର୍ଭୁକ୍ତ। କିନ୍ତୁ ବ୍ରିଟେନ, କାନାଡା, ନାଇଜେରିଆ, ମେକ୍ସିକୋରେ କ୍ଲିନିକାଲ ପରୀକ୍ଷଣ ଜାରି ରହିଛି। ଚାଇନାରେ ଏହି ଔଷଧ କେବଳ କ୍ଲିନିକାଲ ପରୀକ୍ଷଣରେ ବ୍ୟବହୃତ ହେଉଛି। କିନ୍ତୁ ଚିକିତ୍ସାରେ ହାଇଡ୍ରୋକ୍ସିକ୍ଲୋରୋକୁଇନ୍‌ର କ୍ଷମତା ରହିଥିବା ଚାଇନାର ଉହାନ ବିଶ୍ୱବିଦ୍ୟାଳୟ ଫେବୃୟାରୀରେ ଦର୍ଶାଇଥିଲା, ଯାହାକୁ ନେଇ ସାଂଘାଇର ଏକପ୍ରତିଷ୍ଠିତହସ୍ପିଟାଲପ୍ରଶ୍ନଉଠାଇଥିଲା।

**କେଉଁଠି ନିଷେଧ, କେଉଁଠି ପ୍ରୋତ୍ସାହନ**




- ହାଇଡ୍ରୋକ୍ସିକ୍ଲୋରୋକୁଇନ୍‌କୁ ଏବେ ବି ଟ୍ରମ୍ପ୍‌ଙ୍କ ସମର୍ଥନ
- ଫ୍ରାନ୍ସରେ ନିଷେଧ, ଇଟାଲୀରେ ଚାଲିଛି କ୍ଲିନିକାଲ ପରୀକ୍ଷଣ
- ଭାରତରେ ପ୍ରତିଷେଧକ ଭାବେ ବ୍ୟବହାର




# ପରୀକ୍ଷା ପାଇଁ ଅନୁମତି ଦେଲେ ସରକାର

ଭୁବନେଶ୍ୱର,୨।୬(ବ୍ୟୁରୋ)

### ଜାରି ହେଲା ସଂଶୋଧିତ ଗାଇଡ୍‌ଲାଇନ୍

- ଶଟ୍‌ଡାଉନ ବେଳେ ଖୋଲାରହିବ ଛାପା, ବୈଦ୍ୟୁତିକ ଗଣମାଧ୍ୟମ
- ମାଲ୍ ପରିବହନ, ଶିଳ୍ପସଂସ୍ଥା, ନିର୍ମାଣ କାର୍ଯ୍ୟ ଚାଲୁରହିବ
- ସ୍ଥାନୀୟ ପ୍ରଶାସନ ଅନୁମତି ନେଇ ବାହାଘର, ଶୁଦ୍ଧିକ୍ରିୟା ହେବ
- ହୋଟେଲ, ହସ୍ପିଟାଲିଟି ସେବା କ୍ଷେତ୍ର, ସର୍ବସାଧାରଣ ଯାନବାହନ, ଘରୋଇ ଯାନବାହନ, ଟ୍ୟାକ୍ସି ଚାଲିବ

ରାଜ୍ୟରେ କୋଭିଡ୍-୧୯ ସଂକ୍ରମଣ ନିୟନ୍ତ୍ରଣକୁ ଆସିନଥିବାରୁ ସରକାର ଜୁନ୍ ୩୦ ଯାଏ କେତେକ କ୍ଷେତ୍ରରେ କଟକଣା କରିଛନ୍ତି। ଏପରି କି ଚଳିତ ମାସର ପ୍ରତି ଶନିବାର ଓ ରବିବାର ଦୁଇଦିନ ଶଟ୍‌ଡାଉନ ଘୋଷଣା କରାଯାଇଛି। ଏ ନେଇ ସୋମବାର ରାଜ୍ୟ ସରକାର ଏକ ଗାଇଡ୍‌ଲାଇନ୍ ଜାରି କରିଥିଲେ। ଏ ନେଇ ମଙ୍ଗଳବାର ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ସଂଶୋଧିତ ବିଜ୍ଞପ୍ତି ପ୍ରକାଶ ପାଇଛି। ଏଥିରେ ସଂକ୍ରମିତ ଅଞ୍ଚଳ (କଣ୍ଟେନ୍‌ମେଣ୍ଟ ଜୋନ୍) ବାହାରେ ସ୍କୁଲ, କଲେଜ ଏବଂ ଅନ୍ୟାନ୍ୟ ଶିକ୍ଷାନୁଷ୍ଠାନ, କୋଚିଂସେଣ୍ଟର ଜୁଲାଇ ୩୧ ଯାଏ ବନ୍ଦ ରହିବ। ଏହି ସମୟରେ ପରୀକ୍ଷା କରିବାକୁ ରାଜ୍ୟ ସରକାର ଅନୁମତି ଦେଇଛନ୍ତି। ଏହା ଛଡ଼ା ଶନିବାର ଓ ରବିବାର ଶଟ୍‌ଡାଉନ କଟକଣାରେ ମଧ୍ୟ କେତେକ କୋହଳ କରାଯାଇଛି। ରାଜ୍ୟର ୧୧ ଜିଲା ଗଞ୍ଜାମ, ପୁରୀ, ନୟାଗଡ଼, ଖୋର୍ଦ୍ଧା, କଟକ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ, ବାଲେଶ୍ୱର ଏବଂ ବଲାଙ୍ଗୀରରେ ସପ୍ତାହରେ ଦୁଇଦିନ ଶଟ୍‌ଡାଉନ ଜାରି ରହିବ। ଏହି ଦିନ ସମସ୍ତ ହସ୍ପିଟାଲ, କ୍ଲିନିକ, ନର୍ସିଂ ହୋମ୍, ଔଷଧ ଦୋକାନ ଖୋଲା ରହିବା ସହିତ ଆମ୍ବୁଲାନ୍ସ ଚଳାଚଳ କରିବ। ଜିଲା, ମ୍ୟୁନିସିପାଲିଟି ପ୍ରଶାସନ, ପୋଲିସ, ଅଗ୍ନିଶମ ସେବା ଜାରି ରହିବ। ଜରୁରିକାଳୀନ ସେବାରେ ନିୟୋଜିତ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କାର୍ଯ୍ୟାଳୟ ଖୋଲା ରହିବ। ଟେଲିକମ୍ ସେବା, ପେଟ୍ରୋଲ ପମ୍ପ, ଛାପା ଓ ବୈଦ୍ୟୁତିକ ଗଣମାଧ୍ୟମ ଖୋଲାରହିବ। ଜଳ ଯୋଗାଣ, ପରିମଳ ଏବଂ ସ୍ୱେରେଜ କର୍ମଚାରୀଙ୍କୁ ଶଟ୍‌ଡାଉନ କଟକଣାରୁ ମୁକ୍ତ ରଖାଯାଇଛି। ବିଦ୍ୟୁତ୍ ଯୋଗାଣ, ମାଲବାହୀ ଯାନ(ଲୋଡ୍ ଓ ଅନ୍‌ଲୋଡ୍) ଯାତାୟାତ କରିପାରିବ। ଶିଳ୍ପସଂସ୍ଥା ଏବଂ ନିର୍ମାଣ କାର୍ଯ୍ୟ ଜାରିରହିବ। ଆଇଟି, ହୋଟେଲ ଏବଂ ସେବା ଯୋଗାଉଥିବା ସଂସ୍ଥା, ସମସ୍ତ କୃଷିଭିତ୍ତିକ କାର୍ଯ୍ୟ, ଉଦ୍ୟାନ କୃଷି ଓ ଆନୁଷଙ୍ଗିକ କାର୍ଯ୍ୟ ଚାଲୁରହିବ। ରେଳ ଓ ବିମାନ ସେବା, ଜାତୀୟ ରାଜପଥ ଉପରେ ପରିବହନ, ଅତ୍ୟାବଶ୍ୟକ ଯାନବାହନ ଚଳାଚଳ ଜାରି ରହିବ। ବିମାନବନ୍ଦର, ରେଳଷ୍ଟେଶନ, ବସ୍‌ଷ୍ଟାଣ୍ଡକୁ ଯାତ୍ରୀ ପରିବହନ ସୁଗମ କରିବା ପାଇଁ ସାଧାରଣ ପରିବହନ, ଘରୋଇ ଯାନବାହନ ଏବଂ ଟ୍ୟାକ୍ସି ଚଳାଚଳ କରିପାରିବ। ବିବାହ କିମ୍ବା ଶୁଦ୍ଧିକ୍ରିୟା ସ୍ଥାନୀୟ ପ୍ରଶାସନ ଅନୁମତି ନେଇ କରିବାକୁ ଗାଇଡ୍‌ଲାଇନ୍‌ରେ କୁହାଯାଇଛି। ବୟସ୍କ, ଗର୍ଭବତୀ ଏବଂ ପିଲାମାନଙ୍କୁ ଜରୁରୀ ନ ଥିଲେ ପଦାକୁ ନ ବାହାରିବାକୁ ପରାମର୍ଶ ଦିଆଯାଇଛି।

# ଓଏଏସ୍‌ସ୍ତରରେ ଅଦଳବଦଳ

ଭୁବନେଶ୍ୱର,୨।୬(ବ୍ୟୁରୋ)

ରାଜ୍ୟ ସରକାର ଓଏଏସ୍ ଅଫିସରସ୍ତରରେ ଛୋଟ ଧରଣର ଅଦଳବଦଳ କରିଛନ୍ତି। ଏନେଇ ମଙ୍ଗଳବାର ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ, ଶ୍ରମ ଓ ନିୟୋଜନ ବିଭାଗ ଅତିରିକ୍ତ ସଚିବ ସୁଧାକର ବୁର୍ଗୀଙ୍କୁ ଓଡ଼ିଶା ଖଣିଜ ସମ୍ପଦ ଅଞ୍ଚଳ ବିକାଶ ନିଗମ(ଓମ୍ଡାଡକ)ଜେନେରାଲ ମ୍ୟାନେଜର ଭାବେ ବଦଳି କରାଯାଇଛି। ସେହିପରି ଓଡ଼ିଶା ଅକ୍ଷୟ ଶକ୍ତି ବିକାଶ ସଂସ୍ଥା(ଓରେଡା) ଡେପୁଟି ଡାଇରେକ୍ଟର ବିଷ୍ଣୁପ୍ରିୟା ସାହୁଙ୍କୁ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଡେପୁଟି ସେକ୍ରେଟାରି, ବିଏମ୍‌ସି ଡେପୁଟି କମିଶନର ସସ୍ମିତା ସାହୁଙ୍କୁ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଡେପୁଟି ସେକ୍ରେଟାରି, ଖୋର୍ଦ୍ଧା ଉପଜିଲାପାଳ ଶାନ୍ତନୁ କୁମାର ମହାନ୍ତିଙ୍କୁ ଉଚ୍ଚଶିକ୍ଷା ବିଭାଗର ଡେପୁଟି ସେକ୍ରେଟାରି ଭାବେ ବଦଳି ସହ ତାଙ୍କୁ ମୋ କଲେଜ ଓଏସ୍‌ଡି ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ସେହିପରି ଖୋର୍ଦ୍ଧା ତହସିଲଦାର ଶୁଭେନ୍ଦ୍ର କୁମାର ସାମଲଙ୍କୁ ପାରଳାଖେମୁଣ୍ଡି ଉପଜିଲାପାଳ ଭାବେ ନିଯୁକ୍ତି ଦିଆଯାଇଥିଲା। ତାଙ୍କୁ ଯୋଜନା ଓ ସଂଯୋଜନା ବିଭାଗରେ ଡେପୁଟି ସେକ୍ରେଟାରି ଭାବେ ନିଯୁକ୍ତି ଦିଆଯାଇଛି। ପାରଳାଖେମୁଣ୍ଡି ବଦଳି ଆଦେଶକୁ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ରଦ୍ଦ କରାଯାଇଛି। କ୍ରୀଡା ଓ ଯୁବସେବା ବ୍ୟାପାର ବିଭାଗର ଅଶୋକ କୁମାର ବେହୁରିଆଙ୍କୁ ଖୋର୍ଦ୍ଧା ଉପଜିଲାପାଳ, ଭୁବନେଶ୍ୱର ବିଡିଓ ତ୍ରିଲୋଚନ ମହାନ୍ତିଙ୍କୁ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଡେପୁଟି ସେକ୍ରେଟାରି ଏବଂ ବଡସାହି ବିଡିଓ ଦିଲୀପ କୁମାର ମହାରଣାଙ୍କୁ ଗଞ୍ଜାମ ଡିଆରଡିଏ ଏପିଡି ଭାବେ ବଦଳି କରାଯାଇଛି।

# ‘୧୦ ଦିନ ତୀକ୍ଷ୍ଣ ନଜର ରଖ, ଚାଷୀଙ୍କୁ ସଚେତନ କର’

ଭୁବନେଶ୍ୱର,୨।୬(ବ୍ୟୁରୋ)

### ପଙ୍ଗପାଳ ଚିନ୍ତା

ପାକିସ୍ତାନରୁ ଆସିଥିବା ପଙ୍ଗପାଳ ଭାରତର ବିଭିନ୍ନ ରାଜ୍ୟରେ ଭୟଙ୍କର ଭାବେ ଫସଲକୁ ଉଜାଡିବାରେ ଲାଗିଛନ୍ତି। ରାଜସ୍ଥାନରୁ ପଞ୍ଜାବ, ଉତ୍ତରପ୍ରଦେଶ, ଉତ୍ତରାଖଣ୍ଡ ଦେଇ ଅସଂଖ୍ୟ ପଙ୍ଗପାଳ ମଧ୍ୟପ୍ରଦେଶ ଏବଂ ଓଡ଼ିଶା ସୀମା ଛତିଶଗଡ଼ରେ ପହଞ୍ଚିଲେଣି। ଓଡ଼ିଶାରେ ପହଞ୍ଚି ବ୍ୟାପକ ଫସଲ ଧ୍ୱଂସ କରିବା ଆଶଙ୍କା ରହିଛି। ରାଜ୍ୟରେ ଚାଷୀମାନଙ୍କୁ ଏବେ ପଙ୍ଗପାଳ ଭୟ ଘାରିଛି। ଫସଲକୁ ରକ୍ଷା କରିବା ନେଇ ସରକାର ଚାଷୀମାନଙ୍କୁ ସତର୍କ କରାଉଛନ୍ତି। ଆସନ୍ତା ୧୦ ଦିନ ପଙ୍ଗପାଳଙ୍କ ଉପରେ ତୀକ୍ଷ୍ଣ ନଜର ରଖିବା ସହିତ ଚାଷୀମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାକୁ କୃଷି ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ମଙ୍ଗଳବାର ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ରାଜ୍ୟରେ ସମ୍ଭାବ୍ୟ ପଙ୍ଗପାଳ ଉପଦ୍ରବ ସମ୍ପର୍କରେ ଏକ ଉଚ୍ଚସ୍ତରୀୟ ବୈଠକ ହୋଇଥିଲା। ଏଥିରେ ପଙ୍ଗପାଳ ନିୟନ୍ତ୍ରଣ କରିବା ନେଇ ଆଲୋଚନା କରାଯାଇଥିଲା। ଆବଶ୍ୟକ ହେଲେ ଦମକଳ ଜରିଆରେ ପ୍ରଭାବିତ ଅଞ୍ଚଳରେ ଔଷଧ ସିଞ୍ଚନ କରିବା ପାଇଁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି।

ପଙ୍ଗପାଳ ଉପଦ୍ରବକୁ ନିୟନ୍ତ୍ରଣ କରିବା ପାଇଁ ଉଭୟ ରାଜ୍ୟ ଓ ଜିଲାସ୍ତରରେ କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି। ରାଜ୍ୟର ସାଢେ ୬ ଲକ୍ଷ ଚାଷୀଙ୍କୁ ହ୍ୱାଟ୍‌ସଆପ ମେସେଜ ଏବଂ ୮ ଲକ୍ଷ ଚାଷୀଙ୍କୁ ଭଏସ୍ ମେସେଜ ପଠାଇବା ସହ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଚାଷୀମାନଙ୍କ ସହିତ ନିୟମିତ ସମ୍ପର୍କରେ ରହିଛି। ନବରଙ୍ଗପୁର, ନୂଆପଡ଼ା, କଳାହାଣ୍ଡି, ମାଲକାନଗିରି, କୋରାପୁଟ, ରାୟଗଡ଼ା, ଝାରସୁଗୁଡ଼ା ଓ ବରଗଡ଼ ଜିଲାକୁ ପଙ୍ଗପାଳ ବିପଦ ରହିଛି। ଏହି ବୈଠକରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ମୁଖ୍ୟ ପରାମର୍ଶଦାତା, ଅଗ୍ନିଶମ ସେବା ମହାନିର୍ଦ୍ଦେଶକ, ଉନ୍ନୟନ କମିଶନର, ସ୍ୱତନ୍ତ୍ର ରିଲିଫ କମିଶନର, ଜଙ୍ଗଲ ଓ ପରିବେଶ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ, କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ କୁଳପତି, କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ସ୍ୱତନ୍ତ୍ର ସଚିବ, କୃଷି ନିର୍ଦ୍ଦେଶକ ଏବଂ ଭାରତ ସରକାରଙ୍କ ସମନ୍ୱିତ ରୋଗପୋକ ନିୟନ୍ତ୍ରଣ କେନ୍ଦ୍ରର ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ୧୯ ଜିଲାରେ ଝଡ଼ବର୍ଷା ସମ୍ଭାବନା

ଭୁବନେଶ୍ୱର,୨।୬(ବ୍ୟୁରୋ)

ଦକ୍ଷିଣ-ପଶ୍ଚିମ ମୌସୁମୀ ସୋମବାର କେରଳ ଛୁଇଁଛି। ଆସନ୍ତା ୧୦ କିମ୍ବା ୧୧ ତାରିଖ ସୁଦ୍ଧା ଓଡ଼ିଶା ଉପକୂଳ ଛୁଇଁବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଏହା ପୂର୍ବରୁ ରାଜ୍ୟରେ ପ୍ରାକ୍ ମୌସୁମୀ ବର୍ଷା ଆରମ୍ଭ ହୋଇଛି। ଆସନ୍ତା ୩ ଦିନ ଯାଏ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ଉତ୍ତର ପଶ୍ଚିମ ଉତ୍ତରପ୍ରଦେଶରୁ ଆଭ୍ୟନ୍ତରୀଣ ଓଡ଼ିଶା ପର୍ଯ୍ୟନ୍ତ ସମୁଦ୍ର ପତ୍ତନରୁ ୦.୯ କି.ମି. ଉପରେ ଏକ ଟ୍ରଫ୍‌ଲାଇନ କ୍ଷେତ୍ର ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ କୋରାପୁଟ, ରାୟଗଡ଼ା, ଗଞ୍ଜାମ, କନ୍ଧମାଳ, ନୟାଗଡ଼, ବଲାଙ୍ଗୀର, ନୂଆପଡ଼ା, ସୋନପୁର, ବୌଦ୍ଧ, କଳାହାଣ୍ଡି, ଅନୁଗୋଳ, ଢେଙ୍କାନାଳ, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର ଏବଂ କଟକ ଜିଲାର କେତେକ ସ୍ଥାନରେ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି । ପବନର ବେଗ ଘଣ୍ଟା ପ୍ରତି ୩୦ରୁ ୪୦ କି.ମି. ରହିବ । ଏ ନେଇ ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଗତ କିଛିଦିନ ହେବ ଝଡ଼ବର୍ଷା ଯୋଗୁ ରାଜ୍ୟରେ ତାତି ହ୍ରାସ ପାଇଛି। ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ୍ ତଳକୁ ଖସିଯାଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଗୋଡ଼ ମୁଦି ଆଗୁଆଳ,**
**କଥେ ଦି'କଥା କହନ୍ତି ବୋଉଲୋ,**
**ସଙ୍ଗେ ସଙ୍ଗେ ଜଗୁଆଳ ।**

ସାଧାରଣତଃ ସମୟ ସୁବିଧା ଦେଖି ବ୍ୟକ୍ତି ନିଜ ମନର କଥାକୁ ଅନ୍ୟ ଆଗରେ ପ୍ରକାଶ କରିଥାନ୍ତି। ତେବେ ପାଖରେ ଯଦି କେହି ନିଜ ଲୋକ ବା ଆତ୍ମୀୟ ଉପସ୍ଥିତ ରହିଥାଏ ତା'ହେଲେ ମନର କଥା ଖୋଲି କହିବାରେ ଅସୁବିଧା ସୃଷ୍ଟି ହୋଇଥାଏ। ପାଖରେ ଆତ୍ମୀୟ ଲୋକ ଥିଲେ ଗୋପନ କଥା ପ୍ରକାଶ କରିବା ଅତ୍ୟନ୍ତ ବିପଜ୍ଜନକ ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଗରିବ,**
**କାନ୍ଦି କାନ୍ଦି ମରିବ ।**

ଗରିବ ହେଲେ ଅନେକ ଦୁଃଖ କଷ୍ଟ ସହ୍ୟ କରିବାକୁ ପଡ଼େ। ଯେତେ ପ୍ରତିକୂଳ ପରିସ୍ଥିତି ଆସିଲେ ମଧ୍ୟ ବଞ୍ଚିବା ପାଇଁ ସଂଘର୍ଷ କରିବାକୁ ହୁଏ। ଗରିବ ହୋଇ ଜନ୍ମ ହେବା କୌଣସି ଅଭିଶାପଠାରୁ କମ୍ ନୁହେଁ। ଗରିବ ବ୍ୟକ୍ତି ପକ୍ଷେ ସବୁ ଦୁଃଖ କଷ୍ଟ ସହ୍ୟ କରିବା ସତେ ଯେମିତି ତା' ଭାଗ୍ୟରେ ଲେଖା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
– ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ





ସୂକ୍ଷ୍ମ, ଲଘୁ ଓ ମଧ୍ୟମ ଉଦ୍ୟୋଗଗୁଡ଼ିକର ଅଭିବୃଦ୍ଧି ପାଇଁ କମ୍ ସୁଧରେ ୩ ଲକ୍ଷ କୋଟି ଟଙ୍କାର ଋଣ ବ୍ୟବସ୍ଥା କରାଯାଇଛି। ଆପଣମାନେ ନିଜର ନିକଟତମ ବ୍ୟାଙ୍କ ବା ପୋର୍ଟାଲ ଜରିଆରେ ଏଥିପାଇଁ ଆବେଦନ କରିପାରିବେ।
- ଆପଣମାନଙ୍କ ଏହି ଋଣ ପାଇଁ ଭାରତ ସରକାର ଶତକଡ଼ା 100 ଭାଗ ଗ୍ୟାରେଣ୍ଟି ଦେଉଛନ୍ତି, ଏଥିପାଇଁ କୌଣସି ସିକ୍ୟୁରିଟିର ଆବଶ୍ୟକତା ନାହିଁ ।
- ବର୍ଷକ ପାଇଁ ମୂଳ ପରିଶୋଧ ଛାଡ଼

ଏମ୍‌ଏସ୍‌ଏମ୍‌ଇକୁ ପ୍ରୋତ୍ସାହିତ କରିବା ପାଇଁ ଏହାର ସଂଜ୍ଞାରେ ପରିବର୍ତ୍ତନ
- ଏହା ବ୍ୟବସାୟରେ ସୁଗମତାକୁ ପ୍ରୋତ୍ସାହିତ କରିବ
- ସୂକ୍ଷ୍ମ, ଲଘୁ ଓ ମଧ୍ୟମ ଉଦ୍ୟୋଗଗୁଡ଼ିକର ଅଭିବୃଦ୍ଧି ପାଇଁ ସୁଯୋଗ ପ୍ରଦାନ କରିବ

ସରକାରୀ କ୍ରୟରେ 200 କୋଟି ଟଙ୍କା ପର୍ଯ୍ୟନ୍ତ ବୈଶ୍ୱିକ ଟେଣ୍ଡରକୁ ଅନୁମତି ଦିଆଯିବ ନାହିଁ
- ଏହା ବିଶେଷ କରି ସୂକ୍ଷ୍ମ, ଲଘୁ ଓ ମଧ୍ୟମ ଉଦ୍ୟୋଗ ପାଇଁ ଲାଭଦାୟୀ ହେବ

ଏମ୍‌ଏସ୍‌ଏମ୍‌ଇ ଲାଗି ଡିଷ୍ଟ୍ରେସ ଆସେଟ ଫଣ୍ଡ/ସବ୍‌ଅର୍ଡିନେଟ ଡେବ୍ଟ ସ୍କିମ୍‌କୁ ମଞ୍ଜୁରୀ
- 20,000 କୋଟି ଟଙ୍କାର ଯୋଜନାକୁ ମଞ୍ଜୁରୀ
- ଏହି ଯୋଜନାରେ ପାଖାପାଖି 2 ଲକ୍ଷ ଏମ୍‌ଏସ୍‌ଏମ୍‌ଇ ଲାଭାନ୍ୱିତ ହେବେ

ଏମ୍‌ଏସ୍‌ଏମ୍‌ଇରେ ଇକ୍ୱିଟି ପାଇଁ 50,000 କୋଟି ଟଙ୍କାର ଫଣ୍ଡ ଅଫ୍ ଫଣ୍ଡ୍‌ସକୁ ମଞ୍ଜୁରୀ
- ବିକାଶ କ୍ଷେତ୍ରରେ ଏମ୍‌ଏସ୍‌ଏମ୍‌ଇଗୁଡ଼ିକ ସମ୍ମୁଖୀନ ହେଉଥିବା ଆହ୍ୱାନକୁ ସମାପ୍ତ କରିବା ଲାଗି ଇକ୍ୱିଟିକୁ ମଞ୍ଜୁରୀ
- ଏହି ପାଣ୍ଠି ସରକାରୀ ଓ ବେସରକାରୀ କ୍ଷେତ୍ରର ମିଳିତ ଯୋଗଦାନରେ ସୃଷ୍ଟି ହେବ

ପ୍ରଧାନମନ୍ତ୍ରୀ ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରଣାଳୟର ପୋର୍ଟାଲ୍ www.champions.gov.inର ଶୁଭାରମ୍ଭ କରିଛନ୍ତି
- ଏମ୍‌ଏସ୍‌ଏମ୍‌ଇମାନେ ଏଠାରେ ନିଜ ଅଭିଯୋଗ ପଞ୍ଜୀକୃତ କରିପାରିବେ

କରୋନା ବିରୁଦ୍ଧରେ ଯୁଦ୍ଧ - ଯେତେବେଳେ ଆପଣ ଜିତିବେ ଦେଶ ବି ଜିତିବ



“ଏମ୍‌ଏସ୍‌ଏମ୍‌ଇଗୁଡ଼ିକ କୋଟି କୋଟି ଦେଶବାସୀଙ୍କ ପାଇଁ ଜୀବିକା ନିର୍ବାହର ମାଧ୍ୟମ, ଯାହାକି ଆମ ଆତ୍ମନିର୍ଭରଶୀଳ ଭାରତ ଗଠନ ସଂକଳ୍ପର ଦୃଢ଼ ଭିତ୍ତିଭୂମି ।”
- ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

ଅଧିକ ସୂଚନା ପାଇଁ, ଦେଖନ୍ତୁ – transformingindia.mygov.in/aatmanirbharbharat

davp 22112/13/0013/2021

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ପପୁ
ପରିବାରବର୍ଗ


ସିପୁନ୍
ପରିବାରବର୍ଗ


ପ୍ରଶାନ୍ତ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




## ନବୀନ ଲୋକପ୍ରିୟ...

ପ୍ରଥମ ପୃଷ୍ଠାରୁ...

ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍ରେଙ୍କୁ ୭୬.୫୨% ରେଟିଂ ମିଳିଛି। ଗୋଆରେ ଭାଜପାର ଲୋକପ୍ରିୟତା ହ୍ରାସ ପାଉଥିବା ସର୍ଭେରୁ ଜଣାପଡ଼ୁଛି। ଗୋଆ ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତଙ୍କୁ ମାତ୍ର ୪୨.୭୯% ରେଟିଂ ମିଳିଛି। ସାୱନ୍ତଙ୍କ କାର୍ଯ୍ୟଧାରା ଲୋକଙ୍କୁ ବେଶ୍ ଆକୃଷ୍ଟ କରିପାରୁ ନାହିଁ। ସେଠାରେ ଭାଜପାକୁ କ୍ଷମତା ବଜାୟ ରଖିବାକୁ ହେଲେ ବ୍ୟାପକ କସରତ କରିବାକୁ ପଡ଼ିବ। ସେହିପରି ଜେଡିୟୁ ନେତା ତଥା ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କୁ ମାତ୍ର ୩୦.୮୪% ରେଟିଂ ମିଳିଛି। ବିହାରରେ ଆସନ୍ତା ସେପ୍ଟେମ୍ବର ଓ ଅକ୍ଟୋବରରେ ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ ନୀତିଶଙ୍କ ଲୋକପ୍ରିୟତା ରେଟିଂ ହ୍ରାସ ପାଇବା ଚିନ୍ତାଜନକ। ବିଶେଷକରି ଶାସନ କ୍ଷମତା ପାଇଁ ଏନ୍‌ଡିଏ ସହିତ ମୂଳଚାଲ ନୀତି ତାଙ୍କ ଲୋକପ୍ରିୟତାକୁ ହ୍ରାସ କରିଛି ବୋଲି ସର୍ଭେରୁ ଜଣାପଡ଼ିଛି। ପଞ୍ଜାବ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂଙ୍କ ରାଜନୈତିକ ଦକ୍ଷତା ବ୍ୟାପକ ଭାବେ ହ୍ରାସ ପାଇଥିବା ସର୍ଭେରୁ ଜଣାପଡ଼ିଛି। ତାଙ୍କର ବର୍ତ୍ତମାନର ଲୋକପ୍ରିୟତା ଅନୁସାରେ ମାତ୍ର ୨୭.୫୧% ରେଟିଂ ମିଳିଛି।

କରୋନା ମହାମାରୀରେ ଭାରତରେ ପ୍ରାୟ ୨ ଲକ୍ଷ ଲୋକ ସଂକ୍ରମିତ ହୋଇଥିବାବେଳେ ୫ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ଗଲାଣି। ଏହାକୁ ପ୍ରତିହତ କରିବା ପାଇଁ ମାର୍ଚ୍ଚ ୨୫ରୁ ପର୍ଯ୍ୟାୟକ୍ରମେ ଦେଶରେ ଲକ୍‌ଡାଉନ୍ ଲାଗୁ କରାଯାଇଛି। ଏଥିଯୋଗୁ ଦେଶର ଅର୍ଥନୀତିରେ ଘୋର ଅବନତି ଘଟିଛି। କୋଟି କୋଟି ଲୋକ ରୋଜଗାର ହରାଇ ଦୁର୍ଦ୍ଦଶାରେ ପଡ଼ିଛନ୍ତି। ଏହି ଦୁଃସ୍ଥିତିକୁ ପରିଚାଳନା କରିବାରେ ପ୍ରଧାନମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀମାନଙ୍କ କାର୍ଯ୍ୟ କେତେ ଗ୍ରହଣୀୟ ସେନେଇ ଆଇଏନ୍‌ଏସ୍-ସି ଭୋଟର ପକ୍ଷରୁ ଦେଶବ୍ୟାପୀ ସର୍ଭେ କରାଯାଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲୋକପ୍ରିୟତା କମି ନ ଥିବା ଏଥିରୁ ଜଣାପଡ଼ିଛି।

ସର୍ଭେ ଅନୁଯାୟୀ ୬୫.୬୯% ଭାରତୀୟ ମୋଦିଙ୍କ ଉପରେ ସନ୍ତୁଷ୍ଟ ଥିବା ଜଣାପଡ଼ିଛି। ସେହିପରି ଦେଶର ୫୮.୩୬% ଲୋକ ଅତ୍ୟଧିକ ସନ୍ତୁଷ୍ଟ ଥିବାବେଳେ ୨୪.୧% କିଛିମାତ୍ରାରେ ସନ୍ତୁଷ୍ଟ ଏବଂ ୧୬.୭୧ ଲୋକ ଅସନ୍ତୁଷ୍ଟ ଥିବା ଜଣାପଡ଼ିଛି। ବିଶେଷକରି ଅଣଭାଜପା ଶାସିତ ରାଜ୍ୟରେ ମୋଦିଙ୍କ ଲୋକପ୍ରିୟତା ବେଶ୍ ଅଧିକ ରହିଛି। ସେଥିମଧ୍ୟରୁ ଓଡ଼ିଶାରେ ସର୍ବାଧିକ ୯୫.୬% ଲୋକ ମୋଦିଙ୍କ କାର୍ଯ୍ୟରେ ସନ୍ତୁଷ୍ଟ ଓ ୮୪.୮୭% ଅତ୍ୟଧିକ ସନ୍ତୁଷ୍ଟ ଥିବାବେଳେ ୨.୨% ଲୋକ ଅସନ୍ତୋଷ ପ୍ରକାଶ କରିଛନ୍ତି। ଓଡ଼ିଶା ପଛକୁ ହିମାଚଳପ୍ରଦେଶ(୯୩.୯୫%), ଛତିଶଗଡ଼(୯୨.୭୩%) ଓ ଆନ୍ଧ୍ରପ୍ରଦେଶ (୮୩.୬%) ରହିଛି। ବିଶେଷକରି ନିକଟରେ ଭାଜପା ହାତରୁ ଶାସନ କ୍ଷମତା ଖସିଯାଇଥିବା ଝାଡ଼ଖଣ୍ଡରେ ମୋଦିଙ୍କ କାର୍ଯ୍ୟକୁ ୮୨.୯୭% ଲୋକ ଗ୍ରହଣ କରିଥିବାବେଳେ ୬୪.୨୬% ଅତ୍ୟନ୍ତ ସନ୍ତୁଷ୍ଟ ଥିବା ଜଣାପଡ଼ିଛି। ତେବେ ଅନ୍ୟ ରାଜ୍ୟ ତୁଳନାରେ ମୋଦିଙ୍କ ନିଜ ରାଜ୍ୟ ଗୁଜରାଟରେ ଲୋକପ୍ରିୟତା ତଳକୁ ଖସିଛି। ଗୁଜରାଟରେ ମୋଦିଙ୍କ କାର୍ଯ୍ୟରେ ୭୨.୬୨% ସନ୍ତୁଷ୍ଟ ଅଛନ୍ତି। କଂଗ୍ରେସ ଶାସିତ ରାଜ୍ୟ ପଞ୍ଜାବ ଓ ରାଜସ୍ଥାନରେ ମୋଦି ଯଥାକ୍ରମେ ୬୮.୮୪% ଏବଂ ୬୮.୪୩% ଲୋକଙ୍କୁ ସନ୍ତୁଷ୍ଟ କରିପାରିଛନ୍ତି। କିନ୍ତୁ ମୋଦିଙ୍କ ଲୋକପ୍ରିୟତା କେରଳ(୩୨.୮୯%) ଓ ତାମିଲନାଡୁ (ସବୁଠୁ କମ୍ ୩୨.୧୫%)ରେ ନୈରାଶ୍ୟଜନକ ରହିଛି। ସେହିପରି ମୋଦିଙ୍କ ଲୋକପ୍ରିୟତା ତାଲିକାରେ ଭାଜପା ଶାସିତ ରାଜ୍ୟ ଉତ୍ତରାଖଣ୍ଡ(୫୩.୫୩%), ଗୋଆ(୫୨.୫୪%) ଓ ହରିୟାଣା(୫୧.୨୫%) ଶେଷ ଭାଗକୁ ରହିଛି।

ମହାରାଷ୍ଟ୍ରରେ ୭ମାସ ହେଲା ଶାସନ କ୍ଷମତା ଅକ୍ତିଆର କରିଥିବା ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍ରେଙ୍କ ଲୋକପ୍ରିୟତା ମୋଦିଙ୍କଠାରୁ ଅଧିକ। ଏଠାରେ ୭୬.୫୨% ଲୋକ ଉଦ୍ଧବଙ୍କ କାର୍ଯ୍ୟରେ ଏବଂ ୭୧.୪୮% ଲୋକ ମୋଦିଙ୍କ କାର୍ଯ୍ୟରେ ସନ୍ତୁଷ୍ଟ ଅଛନ୍ତି। ଅନ୍ୟପକ୍ଷରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ପାଇଁ ଚିନ୍ତା ସୃଷ୍ଟି କରିଛି ଏହି ସର୍ଭେ ରିପୋର୍ଟ। ଆସନ୍ତାବର୍ଷ ପଶ୍ଚିମବଙ୍ଗରେ ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ ଏଠାରେ ୫୨.୦୬% ଜନତା ମମତାଙ୍କୁ ଏବଂ ୬୪.୦୬% ମୋଦିଙ୍କ କାର୍ଯ୍ୟରେ ସନ୍ତୁଷ୍ଟ ଅଛନ୍ତି। ମୋଦିଙ୍କୁ ଉତ୍ତର ପୂର୍ବାଞ୍ଚଳ ରାଜ୍ୟଗୁଡ଼ିରେ ୬୯.୪୫% ଏବଂ ଜମ୍ମୁ ଓ କଶ୍ମୀରରେ ୫୦.୮୪% ଜନତା ପସନ୍ଦ କରିଥିବାବେଳେ ସର୍ବାଧିକ ପ୍ରବାସୀ ସମସ୍ୟା ସୃଷ୍ଟି ହୋଇଥିବା ଉତ୍ତରପ୍ରଦେଶ ଓ ବିହାରରେ ଯଥାକ୍ରମେ ୬୪.୦୬% ଏବଂ ୬୭.୦୧% ଲୋକ ସନ୍ତୋଷ ପ୍ରକାଶ କରିଛନ୍ତି। ଜାତୀୟ ସ୍ତରରେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ପ୍ରାୟ ୬୬% ଲୋକ ଗ୍ରହଣ କରୁଥିବାବେଳେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଗ୍ରହଣୀୟତା ମାତ୍ର ୦.୫୮%। ସମଗ୍ର ଦେଶରେ ୧୮.୬୩% ଲୋକ ରାହୁଲଙ୍କ ପ୍ରଦର୍ଶନ ଉପରେ ଅତ୍ୟନ୍ତ ସନ୍ତୁଷ୍ଟ ଥିବା ପ୍ରକାଶ କରିଥିବାବେଳେ ୨୫.୦୬% କିଛିମାତ୍ରା ସନ୍ତୁଷ୍ଟ ଏବଂ ୪୧.୧୧% ଜନତା ଆଦୌ ସନ୍ତୁଷ୍ଟ ନ ଥିବା ପ୍ରକାଶ କରିଛନ୍ତି।

## ରାଜ୍ୟବାସୀଙ୍କୁ ବିଜେଡିର କୃତଜ୍ଞତା

ଭୁବନେଶ୍ୱର,୨।୬(ବ୍ୟୁରୋ): ଆଇଏନ୍‌ଏସ୍-ସିଭୋଟର ସର୍ଭେ ଅନୁଯାୟୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦେଶର ଶ୍ରେଷ୍ଠ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ହୋଇପାରିଛନ୍ତି। ଏହା ରାଜ୍ୟ ପାଇଁ ଗର୍ବର ବିଷୟ। ମୁଖ୍ୟମନ୍ତ୍ରୀଙ୍କ ପ୍ରତି ରାଜ୍ୟବାସୀଙ୍କର ଥିବା ଅଗାଧ ବିଶ୍ୱାସର ଏହା ପ୍ରତିଫଳନ। ଗତ ଦୁଇ ଦଶନ୍ଧି ଧରି ଓଡ଼ିଶା ଦେଶର ଦ୍ରୁତ ବିକାଶଶୀଳ ରାଜ୍ୟରେ ପରିଣତ ହୋଇଛି ବୋଲି ଯୋଜନା ବୋର୍ଡର ଉପାଧ୍ୟକ୍ଷ ତଥା ବିଜେଡି ସାଧାରଣ ସମ୍ପାଦକ ସଞ୍ଜୟ ଦାସବର୍ମା କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଉପରେ ଦୃଢ଼ ବିଶ୍ୱାସ ରଖିଥିବାରୁ ବିଜେଡି ପକ୍ଷରୁ ରାଜ୍ୟବାସୀଙ୍କୁ ସେ କୃତଜ୍ଞତା ଜଣାଇଛନ୍ତି।

## ଆଗକୁ ୨୧...

ପ୍ରଥମ ପୃଷ୍ଠାରୁ...

ସେ କହିଛନ୍ତି। ସେ ଆହୁରି କହିଛନ୍ତି ଯେ, ସାରା ବିଶ୍ୱ ଏକ ଅଦୃଶ୍ୟ ଶତ୍ରୁ ସହିତ ଲଢ଼େଇ କରୁଛି। ଶତ୍ରୁ ବହୁ ଚାଲାକ୍, କେହି ହେଲେ ତାକୁ ବୁଝିପାରୁନାହାନ୍ତି। ଏହାର ମୁକାବିଲା କରିବା ବହୁତ କଷ୍ଟସାଧ୍ୟ ବିଷୟ। ପ୍ରବାସୀମାନେ ମୁଖ୍ୟତଃ ଦେଶର ସବୁଠାରୁ ଅଧିକ ମୃତ୍ୟୁସଂଖ୍ୟା ଥିବା ରାଜ୍ୟଗୁଡ଼ିକରୁ ଫେରିଛନ୍ତି। ଗୋଟିଏ ଲେଖାଏ କୋଠରୀରେ ପ୍ରାୟ ୧୫ରୁ ୨୦ଜଣ ପ୍ରବାସୀଙ୍କୁ ରଖାଯାଇଥିଲା। ଫଳରେ ସମସ୍ତେ ଯେତେବେଳେ ସଂକ୍ରମଣର ଶିକାର ହେଲେ ସେମାନଙ୍କୁ ଓଡ଼ିଶାକୁ ପଠାଇ ଦିଆଗଲା। ରାଜ୍ୟକୁ ଫେରିବା ଲାଗି ପ୍ରାୟ ୧୨ଲକ୍ଷ ପ୍ରବାସୀ ପଞ୍ଜୀକରଣ କରିଥିଲେ। ସେଥିରୁ ସାଢେ ୪ଲକ୍ଷ ପାଖାପାଖି ପ୍ରବାସୀ ଫେରିଛନ୍ତି। ଆସନ୍ତା ଦିନେରୁ ଦୁଇଦିନ ମଧ୍ୟରେ କିଛି ସଂଖ୍ୟାରେ ପ୍ରବାସୀ ଫେରିବେ। ଆଗରୁ ସୁରଟରୁ ଯେତିକି ଗାଡ଼ିରେ ଶ୍ରମିକମାନେ ଫେରୁଥିଲେ ବର୍ତ୍ତମାନ ସେହି ସଂଖ୍ୟାରେ ହ୍ରାସ ପାଇଛି। ଏବେ ଅନ୍ୟ ରାଜ୍ୟଗୁଡ଼ିକ ଟଙ୍କା ଖର୍ଚ୍ଚ କରି ଶ୍ରମିକମାନଙ୍କୁ ଓଡ଼ିଶାରୁ ଫେରାଇ ନେବା ଲାଗି ଚେଷ୍ଟା କରୁଥିବା ସେ କହିଛନ୍ତି। ସେହିପରି ଫେରିଥିବା ଶ୍ରମିକମାନେ ମଧ୍ୟ ନିଜ କାମକୁ ଫେରିବାକୁ ଚାହିଁଲେଣି। ଅନ୍ୟପଟେ ଆକ୍ରାନ୍ତଙ୍କ ସଂଖ୍ୟା ଓଡ଼ିଶାରେ ୧୦୦ରୁ ବୃଦ୍ଧି ପାଇ ୨୦୦୦ରେ ପହଞ୍ଚିବାକୁ ୩୭ ଦିନ ସମୟ ଲାଗିଛି। ସେହିପରି ୧୦୦ରୁ ଆକ୍ରାନ୍ତଙ୍କ ସଂଖ୍ୟା ୨ହଜାରରେ ପହଞ୍ଚିବା ଲାଗି ଇଟାଲୀ ଏବଂ ଦକ୍ଷିଣ କୋରିଆକୁ କେବଳ ୯ଦିନ ଲାଗିଥିଲା ବେଳେ ଫ୍ରାନ୍ସ ଓ ଜର୍ମାନୀକୁ ୧୨, ସ୍ପେନ୍‌କୁ ୧୦ଦିନ ଲାଗିଥିଲା। ଟେଷ୍ଟିଂ କ୍ଷେତ୍ରରେ ଓଡ଼ିଶା ପ୍ରଥମ ୩ଟି ରାଜ୍ୟ ମଧ୍ୟରେ ରହିଛି। ଏକ ମିଲିୟନ ଲୋକଙ୍କ ମଧ୍ୟରୁ ରାଜ୍ୟରେ ୩୩୮୫ଜଣଙ୍କ ଟେଷ୍ଟିଂ କରାଯାଉଛି। ଏ କ୍ଷେତ୍ରରେ ମଧ୍ୟ ଓଡ଼ିଶା ପ୍ରଥମରୁ ୩ ନମ୍ବରରେ ଅଛି। ଓଡ଼ିଶାର ଆକ୍ରାନ୍ତଙ୍କ ହାର ବହୁତ କମ୍ ଅର୍ଥାତ୍ ୧.୩୫ପ୍ରତିଶତ ରହିଛି। ରାଜ୍ୟର ପ୍ରତି ୭୪ଟି ସାମ୍ପୁଲ ଟେଷ୍ଟିଂ ମଧ୍ୟରୁ ଗୋଟିଏ ପଜିଟିଭ ଚିହ୍ନଟ ହେଉଛି। ଓଡ଼ିଶାରେ କରୋନାଜନିତ ମୃତ୍ୟୁହାର ଅନ୍ୟ ରାଜ୍ୟଗୁଡ଼ିକ ତୁଳନାରେ କମ୍ ଅର୍ଥାତ୍ ୦.୩୩ ପ୍ରତିଶତ ଅଛି। ସଂକ୍ରମିତଙ୍କ ସୁସ୍ଥ ହାର ଓଡ଼ିଶାରେ ୫୩.୫୨ ପ୍ରତିଶତ ରହିଛି। ସେହିପରି କରୋନା ଆକ୍ରାନ୍ତଙ୍କ ସଂଖ୍ୟା ଦୁଇଗୁଣ ହେବା ଲାଗି ବିଭିନ୍ନ ଦେଶକୁ ଦିନେରୁ ୩ଦିନ ଲାଗିଥିଲା ବେଳେ ଓଡ଼ିଶାକୁ ୧୩ଦିନ ଲାଗୁଛି। ଅନ୍ୟ ଦେଶ ସହିତ ତୁଳନା କରାଗଲେ ଓଡ଼ିଶାର ମୃତ୍ୟୁହାର କମ୍ ଥିବାବେଳେ ଆରୋଗ୍ୟ ହାର ବହୁ ଅଧିକ ରହିଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସରକାରଙ୍କ ଗଣମାଧ୍ୟମ ପରାମର୍ଶଦାତା ମାନସ ମଙ୍ଗରାଜ ଉପସ୍ଥିତ ଥିଲେ।

## ଜାତିସଂଘକୁ ଲକ୍ଷ୍ୟଭ୍ରଷ୍ଟ...

ପଦକ୍ଷେପଗୁଡ଼ିକ ସାରା ବିଶ୍ୱରେ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ଭାରାକ୍ରାନ୍ତ କରିଦେଇଛି। ଏହାସହ କରୋନା ଯୋଗୁ ବ୍ୟବସାୟ ଓ ଫ୍ୟାକ୍ଟ୍ରିଗୁଡ଼ିକ ବନ୍ଦ ହୋଇଯିବା ଫଳରେ ବିଶ୍ୱ ଶ୍ରମଶକ୍ତିର ଅଧା ଜୀବିକା ପ୍ରଭାବିତ ହୋଇଛି। ମେ ୧୪ରେ ପ୍ରକାଶିତ ଏହି ରିପୋର୍ଟରେ ଜାରି ରହିଥିବା ପ୍ରଗତିର ଅସମାନତା ଓ କେଉଁ ସବୁ ଅଞ୍ଚଳରେ ଉଲ୍ଲେଖନୀୟ ଉନ୍ନତି ଆବଶ୍ୟକ ତାହା ବିସ୍ତୃତ ଭାବେ ଦର୍ଶାଯାଇଛି। ଏସ୍‌ଡିଜିର ତଥ୍ୟ ସମ୍ବଳିତ ବିଶ୍ୱସ୍ତରୀୟ ସମୀକ୍ଷା ପ୍ରଦାନ ନିମନ୍ତେ ଜୁଲାଇରେ ହେବାକୁ ଥିବା ଜାତିସଂଘର ଅର୍ଥନୈତିକ ଓ ସାମାଜିକ ପରିଷଦର ଉଚ୍ଚସ୍ତରୀୟ ବୈଠକ ପୂର୍ବରୁ ଏହି ରିପୋର୍ଟ ପ୍ରକାଶ ପାଇଛି।

**ନାରୀ ସଶକ୍ତୀକରଣ:** ଲିଙ୍ଗଗତ ସମାନତା ଏବଂ ମହିଳା ଓ କନ୍ୟାମାନଙ୍କୁ ସଶକ୍ତୀକରଣ କରି ନ ପାରିଲେ ଆମେ ୧୭ ଏସ୍‌ଡିଜି ହାସଲ କରିପାରିବା ନାହିଁ ବୋଲି ଗତ ବର୍ଷର ରିପୋର୍ଟରେ ସତର୍କ କରିଦିଆଯାଇଥିଲା। ୨୦୨୦ର ସମୀକ୍ଷାରେ ଜାତିସଂଘ ମହାସଚିବ ଗୁଟେରେସ୍ କହିଛନ୍ତି, ପ୍ରତ୍ୟେକ ମହିଳା ଓ କନ୍ୟାଙ୍କ ପାଇଁ ଲିଙ୍ଗଗତ ସମାନତା ଉପଭୋଗ ଏବଂ ବିଶ୍ୱରେ ସେମାନଙ୍କୁ ସଶକ୍ତ କରିବା ପାଇଁ ଉଦ୍ଦିଷ୍ଟ ଆଇନଗତ, ସାମାଜିକ ତଥା ଅର୍ଥନୈତିକ ପ୍ରତିବନ୍ଧକ ହଟାଇବା ପ୍ରତିଶ୍ରୁତି ଅପୂରଣୀୟ ହୋଇ ରହିଛି। ବିଶ୍ୱର ଅଧା ବିବାହିତ ମହିଳା ଯୌନ ଓ ପ୍ରଜନନ ସ୍ୱାସ୍ଥ୍ୟ ଓ ଅଧିକାର ସମ୍ପର୍କରେ ନିଜେ ନିଷ୍ପତ୍ତି ନେଉଛନ୍ତି ବୋଲି ୨୦୦୭-୧୮ ମଧ୍ୟରେ ୫୭ ରାଷ୍ଟ୍ରରୁ ସଂଗୃହୀତ ତଥ୍ୟରୁ ଜଣାପଡ଼ିଛି।

ଏଥିରେ ଦର୍ଶାଯାଇଛି ଯେ, ମହିଳାମାନେ ମୋବାଇଲ୍ ଫୋନ୍ ରଖିଲେ ସାମାଜିକ ଓ ଅର୍ଥନୈତିକ ବିକାଶ ତ୍ୱରାନ୍ୱିତ ହେବ। କିନ୍ତୁ ଫୋନ୍‌ର ମାଲିକାନା ମହିଳାଙ୍କ ତୁଳନାରେ ପୁରୁଷଙ୍କ କ୍ଷେତ୍ରରେ ଅଧିକ ରହିଛି। ୨୦୧୭ରେ ୨୬୦ ନିୟୁତ ଶିଶୁ ସ୍କୁଲ ଶିକ୍ଷାରୁ ବଞ୍ଚିତ ହୋଇଥିଲେ। ୭୭୩ ନିୟୁତ ବୟସ୍କ (ଯାହାଙ୍କ ମଧ୍ୟରୁ ଦୁଇ-ତୃତୀୟାଂଶ ମହିଳା) ୨୦୧୮ରେ ନିରକ୍ଷର ଥିଲେ। ୨୦୧୯ ବେଳକୁ ଉପସାହାରୀୟ ଆଫ୍ରିକାର ପ୍ରାଥମିକ ଓ ନିମ୍ନ ମାଧ୍ୟମିକ ସ୍କୁଲଗୁଡ଼ିକ ମଧ୍ୟରୁ ଅର୍ଦ୍ଧାଧିକ ଶିକ୍ଷାନୁଷ୍ଠାନରେ ବିଦ୍ୟୁତ୍, କମ୍ପ୍ୟୁଟର, ଇଣ୍ଟରନେଟ୍ ଓ ହାତ ଧୋଇବା ପାଇଁ ମୌଳିକ ସୁବିଧା ନ ଥିଲା। ବିଶ୍ୱରେ କୋଟି କୋଟି ଲୋକ ବର୍ତ୍ତମାନ ଯାଏ ବିଶୁଦ୍ଧ ଜଳ ଓ ପରିମଳ ସେବା ପାଉନାହାନ୍ତି। ସୁରକ୍ଷିତ ବିଶୁଦ୍ଧ ଜଳ ପାଉ ନ ଥିବା ଲୋକଙ୍କ ସଂଖ୍ୟା ହେଉଛି ୨.୨ ବିଲିୟନ। ଏଭଳି ସ୍ଥିତିରେ କ୍ରମାଗତ ଭାବେ ଚତୁର୍ଥ ବର୍ଷ ଧରି ପୃଥିବୀରୁ କ୍ଷୁଧା, ଦାରିଦ୍ର୍ୟ ହଟାଇବା ପାଇଁ ଉଦ୍ଦିଷ୍ଟ ଯୋଜନା ବାଟବଣା ହୋଇଯାଇଛି। ପ୍ରାୟ ୫୦ ନିୟୁତ ଶିଶୁ ପୁଷ୍ଟିକର ଖାଦ୍ୟ ପାଉନାହାନ୍ତି। ୨୦୧୯ରେ ୫ ବର୍ଷରୁ କମ୍ ବୟସର ୧୪୪ ନିୟୁତ ପିଲା ଶାରୀରିକ ଅଭିବୃଦ୍ଧି ଅନଗ୍ରସରତାରେ ପ୍ରଭାବିତ ହୋଇଥିଲେ। ଏମାନଙ୍କ ମଧ୍ୟରୁ ଦୁଇ-ତୃତୀୟାଂଶ ହେଉଛନ୍ତି କେନ୍ଦ୍ରୀୟ ଓ ଦକ୍ଷିଣ ଏସିଆ ବା ଉପସାହାରୀୟ ଆଫ୍ରିକାର। ଲଣ୍ଡନ ଇଣ୍ଟରନ୍ୟାଶନାଲ ଡେଭେଲପ୍‌ମେଣ୍ଟ ସେଣ୍ଟର ନିର୍ଦ୍ଦେଶକ କ୍ଲାଇରେ ହେଫର୍ନନାଙ୍କ ମତରେ ମହାମାରୀ କରୋନା ଯୋଗୁ ଏସ୍‌ଡିଜିଗୁଡ଼ିକ ରାଜନୈତିକ ସ୍ତରରେ ହାସଲ କରିହେବା ଭଳି ମନେହେଉ ନାହିଁ। ନିରନ୍ତର ବିକାଶ ଲକ୍ଷ୍ୟଗୁଡ଼ିକ ସାମ୍ପ୍ରତିକ ସମୟର ରାଜନୈତିକ ଇଚ୍ଛାଶକ୍ତିକୁ ସୂଚାଇଥାଏ। ଆଜି ଏହି ମହାମାରୀ ମଧ୍ୟରେ ବିଶ୍ୱରେ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଦେଖାଦେଇଛି।

**ଖାଦ୍ୟ ସଙ୍କଟ:** ସ୍କୁଲ୍ ଅଫ୍ ଓରିଏଣ୍ଟାଲ୍ ଆଣ୍ଡ ଆଫ୍ରିକାନ୍ ଷ୍ଟଡିଜ୍‌ର ସଂସ୍ଥା ଓ ବିକାଶ ବିଭାଗର ବରିଷ୍ଠ ଅଧ୍ୟାପକ ସୁବୀର ସିହ୍ନା କହିଛନ୍ତି, ଦାରିଦ୍ର୍ୟ ସମ୍ପର୍କିତ ବିକାଶ ରିପୋର୍ଟକୁ ନେଇ ସେ ସନ୍ଦେହ କରୁଛନ୍ତି। କାରଣ କେନ୍ଦ୍ର ସରକାରଙ୍କଠାରୁ ମିଳିଥିବା ତଥ୍ୟ ଠିକ୍ ନୁହେଁ। ଶ୍ରମିକମାନଙ୍କୁ ସରକାରଙ୍କ ରାଡାରରେ ରଖିବା ପାଇଁ ମଜୁରି ସୁରକ୍ଷା ଓ ଶ୍ରମ ଅଧିକାରଗୁଡ଼ିକୁ ରାଜନୈତିକ ପ୍ରସଙ୍ଗ କରାଯିବା ଦରକାର। କୋଭିଡ୍-୧୯ କ୍ଷୁଧା ସମସ୍ୟାକୁ ବଢ଼ାଇବାକୁ ଯାଉଛି। କରୋନା ସଙ୍କଟ ଆଗାମୀ ୧୦ ବର୍ଷରେ ୧୩୦ ନିୟୁତ ଅଧିକ ଲୋକଙ୍କୁ ଦାରିଦ୍ର୍ୟ ମଧ୍ୟକୁ ଠେଲିଦେବାକୁ ଯାଉଛି ବୋଲି ନିକଟରେ ଜାତିସଂଘ ଭବିଷ୍ୟବାଣୀ କରିବା ପରେ ନିରନ୍ତର ବିକାଶ ଲକ୍ଷ୍ୟ ସମ୍ପର୍କିତ ଏହି ରିପୋର୍ଟ ପ୍ରକାଶ ପାଇଛି। କୋଭିଡ୍-୧୯ ଯୋଗୁ ବିଶ୍ୱର ପ୍ରାୟ ୩୫ ନିୟୁତ ଲୋକ ଚଳିତବର୍ଷ ଶେଷ ସୁଦ୍ଧା ଅତି ଦାରିଦ୍ର୍ୟ ସୀମାରେଖା ତଳକୁ ଖସିଯିବେ। ସେମାନଙ୍କ ମଧ୍ୟରୁ ୫୬% କେବଳ ଆଫ୍ରିକାର ବୋଲି ୟୁନାଇଟେଡ୍ ନେସନ୍ସ ୱାର୍ଲ୍ଡ ଇକୋନୋମିକ୍ ସିଚୁଏଶନ ଆଣ୍ଡ ପ୍ରୋସ୍ପେକ୍ଟସ୍‌ର ୨୦୨୦ ମଧ୍ୟଭାଗ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ମହାମାରୀ କରୋନା ଯୋଗୁ ଆଗାମୀ ୨ ବର୍ଷରେ ବିଶ୍ୱ ଅର୍ଥନୀତି ଉତ୍ପାଦନ କ୍ଷେତ୍ରରେ ୮.୫ ଟ୍ରିଲିୟନ୍ ଡଲାର କ୍ଷତି ସହିବ। ନିରନ୍ତର ବିକାଶ ପାଇଁ ଏହା ଏକ ବଡ଼ ଝଟକା ବୋଲି ଜାତିସଂଘ ମୁଖ୍ୟ ଅର୍ଥନୀତିଜ୍ଞ ତଥା ଆର୍ଥିକ ବିକାଶ ପାଇଁ ସହକାରୀ ମହାସଚିବ ଏଲିଓଟ୍ ହାରିସ୍ କହିଛନ୍ତି।

**ଆର୍ଥିକ ସହାୟତା:** ବିଶ୍ୱର ଉତ୍ତର ଭାଗରେ ଥିବା ହାଇତି, ଦକ୍ଷିଣ ସୁଡାନ ଓ ଟୋଙ୍ଗା ଭଳି ଦେଶରେ ଶ୍ରମିକମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ ବାଧାପ୍ରାପ୍ତ ହୋଇପାରେ। ଏହି ସହାୟତାର ପରିମାଣ ମୋଟ ଘରୋଇ ଉତ୍ପାଦ (ଜିଡିପି)ର ଏକ-ତୃତୀୟାଂଶରୁ ଅଧିକ। ଇଣ୍ଟରନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସଷ୍ଟେନେବଲ ଡେଭେଲପ୍‌ମେଣ୍ଟରେ କୃଷି, ବାଣିଜ୍ୟ ଓ ପୁଞ୍ଜିନିବେଶ ବିଭାଗ ମୁଖ୍ୟ ଭାବେ କାର୍ଯ୍ୟରତ ସୋଫିଆ ମୁର୍ଫି କହିଛନ୍ତି, ବହୁ ଲୋକ ଜୀବିକା ହରାଇଥିବାବେଳେ ଅନେକଙ୍କ ଆୟ ହ୍ରାସ ପାଇଛି। ଖାଦ୍ୟ ବ୍ୟବସ୍ଥା ଉପରେ ଏହାର ବହୁଳ ପ୍ରଭାବ ପଡ଼ିବ। ଦୀର୍ଘକାଳୀନ ଖାଦ୍ୟ ସୁରକ୍ଷା ଉପରେ ମଧ୍ୟ ମହାମାରୀ ନକାରାତ୍ମକ ପ୍ରଭାବରୁ ମୁକ୍ତ ହୋଇପାରିବ ନାହିଁ। ନିମ୍ନ ଓ ମଧ୍ୟମ ଆୟକାରୀ ଦେଶଗୁଡ଼ିକର ୧୩୦ ନିୟୁତ ଅଧିକ ଲୋକ ଏହି କ୍ଷେତ୍ରରେ ଅତି ଅସୁରକ୍ଷା ଭିତରକୁ ଠେଲି ହୋଇଯିବେ ବୋଲି ଜାତିସଂଘର ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ ପକ୍ଷରୁ ଆକଳନ କରାଯାଇଛି।

## ଚିନ୍ତା ବଢ଼ାଇଲେ...

ସରକାରଙ୍କ ପକ୍ଷରୁ କୌଣସି ସୂଚନା ଦିଆଯାଇ ନାହିଁ। ଗତ ୧୫ଦିନରେ ରାଜ୍ୟରୁ ଚିହ୍ନଟ ହୋଇଥିବା ଆକ୍ରାନ୍ତଙ୍କ ମଧ୍ୟରେ ୮୭ଜଣ ସ୍ଥାନୀୟ ଆକ୍ରାନ୍ତ ରହିଛନ୍ତି। ଗତ ୨୪ଘଣ୍ଟାରେ ଚିହ୍ନଟ ହୋଇଥିବା ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଗଞ୍ଜାମରେ ସର୍ବାଧିକ ୨୭ଜଣ ଥିବାବେଳେ ଖୋର୍ଦ୍ଧାରେ ୨୬, ନୂଆପଡ଼ା ୧୯, କେନ୍ଦ୍ରାପଡ଼ା ୧୩ ଓ ଯାଜପୁରରୁ ୧୦, ସୁନ୍ଦରଗଡ଼ରୁ ୮, ବଲାଙ୍ଗୀର ୭, କଟକ ୬, ପୁରୀରୁ ୫ଜଣ ଚିହ୍ନଟ ହୋଇଛନ୍ତି। ସେହିପରି ଜଗତସିଂହପୁର, ଗଜପତି ଓ କେନ୍ଦୁଝରରୁ ୪ଜଣ ଲେଖାଏ, ବାଲେଶ୍ୱର ଓ ଢେଙ୍କାନାଳରୁ ୨ଜଣ ଲେଖାଏ ଏବଂ ନୟାଗଡ଼, ମୟୂରଭଞ୍ଜ, ଅନୁଗୋଳ ଓ ସମ୍ବଲପୁରରୁ ଜଣେ ଲେଖାଏ ଚିହ୍ନଟ ହୋଇଛନ୍ତି। ଏହି ଆକ୍ରାନ୍ତଙ୍କ ମଧ୍ୟରୁ ୧୧୦ଜଣ କ୍ୱାରାଣ୍ଟାଇନ ସେଣ୍ଟରରେ ଥିବା ବେଳେ ଅନ୍ୟ ୩୧ ସ୍ଥାନୀୟଙ୍କୁ ନେଇ ଚିନ୍ତା ବଢ଼ିଛି। ଅପରପକ୍ଷରେ ଗତ ୨୪ ଘଣ୍ଟାରେ ରାଜ୍ୟର ୧୪ଜିଲ୍ଲାରୁ ୮୦ଜଣ ଆକ୍ରାନ୍ତ କରୋନାରୁ ସୁସ୍ଥ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ପୁରୀରୁ ୧୭, କେନ୍ଦ୍ରାପଡ଼ାରୁ ୧୬, ମାଲକାନଗିରିରୁ ୧୬, କଟକରୁ ୭, ନୟାଗଡ଼, ସୋନପୁର, ସୁନ୍ଦରଗଡ଼, ଝାରସୁଗୁଡ଼ା ଓ କେନ୍ଦୁଝରରୁ ୩ ଜଣ ଲେଖାଏ ସୁସ୍ଥ ହୋଇଛନ୍ତି। ସେହପରି ଗଞ୍ଜାମ, କନ୍ଧମାଳ ଏବଂ ଖୋର୍ଦ୍ଧା ଜିଲ୍ଲାରୁ ୨ ଜଣ ଲେଖାଏ ସୁସ୍ଥ ହୋଇଥିବା ବେଳେ ବଲାଙ୍ଗୀର, ଜଗତସିଂହପୁର ଏବଂ ନବରଙ୍ଗପୁରରୁ ଜଣେ ଲେଖାଏ କରୋନା ଆକ୍ରାନ୍ତ ସୁସ୍ଥ ହୋଇଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏହି ନୂଆ ୮୦ଜଣ ସୁସ୍ଥଙ୍କୁ ମିଶାଇ ରାଜ୍ୟରେ ଏବେ ସୁସ୍ଥଙ୍କ ସଂଖ୍ୟା ୧୩୨୫କୁ ବୃଦ୍ଧି ପାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**

ବନ୍ଧୁମାନଙ୍କ ନିମନ୍ତ୍ରଣ କ୍ରମେ ସହଯୋଗ, ସୁଖ ସମ୍ମାନ ପାଇ ଖୁସି ହେବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ, କଳା, ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରେ ଲାଭବାନ୍ ହେବେ। ବିବାଦ ପରିପ୍ରେକ୍ଷୀରେ ଆଶଙ୍କା କରୁଥିବା ଘଟଣା ସେମିତି କିଛି ହେବ ନାହିଁ। ନିର୍ମାଣ, ଗଣ ଯୋଗାଯୋଗ ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ।

**ବୃଷ**

ରବିଙ୍କ ପ୍ରଭାବରେ ପ୍ରତ୍ୟେକ ସମସ୍ୟାକୁ ପ୍ରତିହତ କରି କର୍ମକ୍ଷେତ୍ରରେ ହାତକୁ ନେଇଥିବା କାମଗୁଡ଼ିକ ଠିକ୍ ଭାବରେ ସମ୍ପନ୍ନ ହେବ। ବ୍ୟବସାୟ, ପରିବହନ ଓ ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ। କଳା, ସାହିତ୍ୟ, ସଭାସମିତି, ସାମ୍ବାଦିକତା, ଏଜେନ୍ସିପ୍ରରୁ ପ୍ରଶଂସିତ ହେବେ।

**ମିଥୁନ**

ଭାଗ୍ୟ ସ୍ଥାନରେ ମଙ୍ଗଳ ଅବସ୍ଥାନ କରିଥିବାରୁ ବିବଦମାନ ପରିସ୍ଥିତି ସୃଷ୍ଟି ହେବାର ସମ୍ଭାବନା ରହିଛି। ସମସ୍ତ ପ୍ରକାର ପ୍ରତିବନ୍ଧକକୁ ସାମନ କରିବା ଧୈର୍ଯ୍ୟ ରହିବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ମନ ସାମୟିକ ଖୁସି ରହିବ। ଅସଫଳତାର କାରଣ ଖୋଜିବାକୁ ଯାଇ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି।

**କର୍କଟ**

ସପ୍ତମଭାବସ୍ଥ ଗ୍ରହ ପ୍ରଭାବରେ ଆକସ୍ମିକ ସ୍ଥାନ ପରିବର୍ତ୍ତନଜନିତ କେତେକ ସମସ୍ୟା ଆସିପାରେ। ବିଭିନ୍ନ ପ୍ରକାରର ଦୁଶ୍ଚିନ୍ତାରେ ନିଜ ଲୋକମାନଙ୍କୁ ଭୁଲ୍ ବୁଝି ପରକଥାକୁ ବିଶ୍ୱାସ କରି ହଇରାଣରେ ପଡିପାରନ୍ତି। ଆଜି ହଠାତ୍ କୌଣସି ନୂତନ କାର୍ଯ୍ୟରେ ହାତ ଦେଇ କୃତକାର୍ଯ୍ୟ ହେବାକୁ ମନସ୍ଥ କରିପାରନ୍ତି।

**ସିଂହ**

କର୍ମକ୍ଷେତ୍ରରେ ପଦାଧିକାରୀଙ୍କ ଆଦେଶକୁ ଅବଜ୍ଞା ନ କରି ଯାତ୍ରା କରିବାକୁ ବାଧ୍ୟ ହୋଇପାରନ୍ତି। ମନ ବିଚଳିତ ରହିବା କାରଣରୁ କେତେକ କ୍ଷେତ୍ରରେ ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବା ପାଇଁ ଅସମର୍ଥ ହୋଇପାରନ୍ତି। ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହୋଇପାରେ।

**କନ୍ୟା**

ଲାଗି ରହିଥିବା ଘରୋଇ ସମସ୍ୟାର ସମାଧାନ ହେବାର ଆଶା କ୍ଷୀଣ ହୋଇପାରେ। ରାହୁଙ୍କ ଯୋଗୁ କେତେକ କ୍ଷେତ୍ରରେ ସୁଯୋଗ ପାଇଲେ ମଧ୍ୟ ସଦ୍‌ବ୍ୟବହାର କରିବା କାଠିକର ପାଠ ହେବ। ସନ୍ଦେହ କିମ୍ବା ଭୁଲ୍ ବୁଝାମଣା କାରଣରୁ ପରିବାରରେ ସ୍ତ୍ରୀଙ୍କ ସହ ମତ ପାର୍ଥକ୍ୟ ଦେଖାଦେଇପାରେ।

**ତୁଳା**

ରବି ସହ ଶୁକ୍ରଙ୍କ ସାନ୍ନିଧ୍ୟଜନିତ ପ୍ରଚଣ୍ଡ ଖରାରେ ଦୀର୍ଘପଥ ଅତିକ୍ରମ କରିବା କାରଣରୁ ସ୍ୱାସ୍ଥ୍ୟରେ ସମସ୍ୟା ଦେଖାଦେଇପାରେ। ଆଖିରେ ନ ଦେଖି କେବଳ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ହଠାତ୍ ଜଣେ ବନ୍ଧୁଙ୍କ କାମରେ ଯୋଗ ଦେବା ପାଇଁ ମନ ଛଟପଟ ହେବ।

**ବିଛା**

ଅନୁରାଧାର ନିଧନତାର ହେତୁ ଦୂର ସ୍ଥାନକୁ ଯିବା ସମୟରେ ଅସାବଧାନତା କାରଣରୁ ଧନ ହାନି ଘଟିପାରେ। ପ୍ରତ୍ୟେକ ସ୍ତରରେ ସହମତି ଭିତ୍ତିରେ କିମ୍ବା ସ୍ତ୍ରୀଙ୍କ ପ୍ରେରଣା ଲାଭକରି ଉପକୃତ ହେବେ। ସଂଗଠନ, ଆନୁଷ୍ଠାନିକ କାମ, ରାଜନୀତି, ଅଧ୍ୟୟନ ଓ ଅଧ୍ୟାପନା ତଥା ସାମାଜିକ କ୍ଷେତ୍ରରେ ପ୍ରତିଷ୍ଠା ବଢ଼ିବ।

**ଧନୁ**

ଚନ୍ଦ୍ର ଚତୁର୍ଥଭାବକୁ ଅବଲୋକନ କରୁଥିବାରୁ ପାରିବାରିକ ସମସ୍ୟା କମିବା ସହ ମାନସିକ ସ୍ଥିତି ଏକପ୍ରକାର ଭଲ ରହିବ। ମନ ଭଲ ନ ରହିଲେ ସୁଦ୍ଧା ବନ୍ଧୁଙ୍କ ଅନୁରୋଧ ରକ୍ଷା କରି ତାହାଙ୍କ ସାଙ୍ଗରେ ଯିବାକୁ ବାଧ୍ୟ ହେବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ ହେବ।

**ମକର**

ଯେଉଁ କାମଟିକୁ ଆରମ୍ଭ କରିବେ ତାହା ନିଶ୍ଚିତ ସଫଳତାର ଶୀର୍ଷକୁ ଛୁଇଁବ। କାହା ପାଖରେ ବହୁତ ଦିନରୁ ରହିଯାଇଥିବା ବାକି ଟଙ୍କା ଆଜି ଅପରାହ୍ନରେ ପାଇବେ। ଦେହ ଭଲ ରହିଲେ ମଧ୍ୟ ସାମୟିକ ପେଟ ଓ ମୁଣ୍ଡ ରୋଗରେ କଷ୍ଟ ଭୋଗିବାକୁ ପଡ଼ିପାରେ। ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି।

**କୁମ୍ଭ**

ଶନିଦୃଷ୍ଟ ତୃତୀୟ ଭାବରୁ ପଡ଼ୋଶୀମାନେ ସାଧାରଣ କଥାକୁ ଅତିରଞ୍ଜିତ କରି କଳହ କରିପାରନ୍ତି। ସାଧାରଣ ମନେ ନ କରି ପିଲାମାନଙ୍କ ଅଭିଯୋଗକୁ ଗୁରୁତର ସହ ବିଚାର କରିବା ଭଲ ହେବ। ପୁରାତନ ରୋଗର ପ୍ରାଦୁର୍ଭାବ ବୃଦ୍ଧି ପାଇବ, ଯାହା କି ଦୁଶ୍ଚିନ୍ତାର କାରଣ ହୋଇପାରେ। ପରିବହନ ଓ ବ୍ୟବସାୟ ଦିଗଟି ମନ୍ଦ ହେବନି।

**ମୀନ**

ଆଜି ଆନୁଷ୍ଠାନିକ କାମରେ ବନ୍ଧୁ, ବୁଦ୍ଧିଜୀବୀ କିମ୍ବା ଆତ୍ମୀୟମାନଙ୍କ ଦ୍ୱାରା ପ୍ରଶଂସାଭାଜନ ହୋଇପାରନ୍ତି। ଶିଳ୍ପ, ବ୍ୟବସାୟ ଓ ବାଣିଜ୍ୟ କ୍ଷେତ୍ରରେ ଉଚ୍ଚଫଳ ପ୍ରାପ୍ତି ଘଟିବ। ବହୁତ ଦିନରୁ ଭାଙ୍ଗି ପଡିଥିବା ସମ୍ପର୍କ ଏକ ଭିନ୍ନ ପରିବେଶରେ ପୁଣି ଯୋଡି ହୋଇଯିବ। ଜମିଜମା କାରବାର, ତେଜରାତି ଦୋକାନ ପ୍ରଭୃତିରୁ ବିଶେଷ ଲାଭବାନ୍ ହେବେ।

ଆଜି ଜ୍ୟେଷ୍ଠ ଶୁକ୍ଳପକ୍ଷର ଚମ୍ପକଦ୍ୱାଦଶୀ ବୁଧବାର, ଶ୍ରୀମନ୍ଦିରରେ ଚମ୍ପକଦ୍ୱାଦଶୀ ଓ ଗୁଆଲି ନୀତି, ଜୁନ୍ ୩ ତାରିଖ, ରାଶିନକ୍ଷତ୍ର-ସ୍ୱାତୀ/ତୁଳା, କର୍କଟ ରାଶିର ଘାତବାର, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୭.୪୮ମି. ଗତେ ଘ.୧୧.୧୮ମି. ମଧ୍ୟେ, ଘ.୦୧.୫୬ମି. ଗତେ ଘ.୦୫.୨୬ମି. ମଧ୍ୟେ, ସନ୍ଧ୍ୟା ଘ.୦୬.୧୯ମି. ଗତେ ଘ.୦୯.୫୬ମି. ମଧ୍ୟେ, ରାତ୍ର ଘ.୧୨.୦୬ ମି. ଗତେ ଘ.୦୧.୩୩ ମି. ମଧ୍ୟେ ଅମୃତବେଳା। ମାହେନ୍ଦ୍ରବେଳା ନାସ୍ତି। ଦିବା ଘ.୧୧.୪୫ମି. ଗତେ ଘ.୦୧.୨୩ ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302




### BRIDE WANTED

Brahmin boy, 1989 B-Tech MBA Software Engineer Bangalore 25LPA. 9437555525. D-17385

Khandayat boy 1986/ 5'9", Nationalised Bank Manager " VAISNABI", 9337336614, 8917236183. D-69316

ବ୍ରାହ୍ମଣ, କରଣ, ଖଣ୍ଡାୟତ, ତେଲି, ଭଣ୍ଡାରି, ଗୁଡ଼ିଆ ଜାତିର କନ୍ୟାପାତ୍ରୀ ଆବଶ୍ୟକ। 7978736177. D-68240

Son age 29 B.Tech, IIT Madras MBA, ISB working as a MNC Company at Delhi, 8144589551. D-17414

### GROOM WANTED

Brahmin Bride 26years 5'8", Mithuna 6/3 Employed, looking groom from established family preferably from Cuttack or Bhubaneswar, 8249234406. D-17379

ବ୍ରାହ୍ମଣ, କରଣ, ଖଣ୍ଡାୟତ, ତେଲି, ଗୁଡ଼ିଆ, ଭଣ୍ଡାରି ଜାତିର ବରପାତ୍ର ଆବଶ୍ୟକ। 7978736177. D-68241

Girl age 29 hi 5.5" Dhanista Kumbha B.Tech KIIT BBSR, M.Tech, Bit Meshra Ranchi working software engineer at Bangalore, 7008986003, 9437078326. D-17415




### SALE

For sale at Puri G+3 Building 5200sqft built-up on 2400sqft. plot having 5Ac & 6 N-AC full furnished Rooms + Dining, Kitchen, Reception & Parking. Details: Realestateindia.com, Contact -9777386474. D- 17416

ଭୁବନେଶ୍ୱର ଗଙ୍ଗପଡ଼ାଛକରୁ **800mtr** ଦୂରତାରେ **Gitam Collage front** ରେ **sqft. 549/-,** ପ୍ଲଟ୍ ମିଳୁଅଛି। **9938655900.** D-69118

Newly constructed S+3 having 3nos' 2BHK flats with Modular Kitchen & 2nos Bathroom at BRIT, Baragarh, BBSR. 9437012031, 9338105496. D-17399

ଭୁବନେଶ୍ୱର ପିତାପଲ୍ଲି ଛକ ପାଖରେ **NH side** ପ୍ଲଟ୍ ମିଳୁଅଛି। **Owner-9090963952.** D-69112

3BHK Duplex 36,00,000/-, 2BHK SIMPLEX 28,00,000/, finishing Hanspal, 8093465134, 9668194157. D-68687

2400sqft. BDA corner plot (East facing) sale at Sum Hospital, Bhubaneswar, Contact- DEEPAK- 9937329999. D-68081

**Email** ମାଧ୍ୟମରେ କ୍ଲାସିଫାଏଡ୍ ବିଜ୍ଞାପନ ପଠାଇବା ଠିକଣା:- classifieddharitri@gmail.com




**7000sqft., 3000sqft., commercial space Cuttack, Puri mainroad, near Ravitalkies Square, Bhubaneswar, suitable for mall, Corporate Office, Bank, Showroom, 6371001523.** D-69408




Full body massage with Gents and Ladies, Aaiginia Square. 9777167531. D-59950

Ayurvedic full body massage Ladies and Gents. Contact: 9861064981. D-69507

Newly open full body massage SPA in Bhubaneswar. Contact: 7205058838. D-69271

New open herbal full body massage only Gents therapist. 7681088658. D-17370

Newly open SPA centre full body massage smart Ladies: 8260347387. D-59949

Rejuvenate and Ayurvedic full body massage by smart therapist. 9114402304. D-69275

Get refreshment, body massage by expert therapist @ 999 Pokhariput, Bhubaneswar. 9556978408. D-69273

Herbal full body massage by smart / expert therapist. Contact: 8338067247. D-69274

Relaxing body massage by trained Ladies/ Gents therapist, 7008773793. D-60882

Newly open full body massage by Ladies/ Gents therapist. 8018656899. D-60881

### Birthday Wish


Umakanta (Papu)
It was just 22 years ago god sent a little prince on this earth you are a prelious gift who has filled our lives with happiness. Happy Birthday. My Little Son
-:Best Wishes:-
Papa, Maa, Brother, Family & Friends.
D-17413

### Birthday Wish


Sipun
May your life be filled with sweet moments, happy smiles and blissful memories. May this day give you a new beginning in life.
Happy Birthday Sipun.
-:Best Wishes:-
Bapuni
D-17410


### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

> ପ୍ରକୃତ ରୂପାନ୍ତର ହେଲା- ଚେତନାର ରୂପାନ୍ତର। ଚେତନାର ରୂପାନ୍ତର ହେଲା ପରେ ଆଉ ସବୁ କଥା ଛାଏଁ ଛାଏଁ ରୂପାନ୍ତରିତ ହୋଇଯିବ। ଏହା ସତ ଯେ ଆମର ଅଜାଣତରେ ବି, ଆମ ପ୍ରକୃତିର କିଛି ପରିମାଣରେ ରୂପାନ୍ତର ଘଟି ଯାଇପାରେ। -ଶ୍ରୀମା

# ଅଶାନ୍ତ ଆମେରିକା

କରୋନା ଭାଇରସ୍‌ରେ ପେଷି ହୋଇଯାଇଥିବା ଆମେରିକାରେ ଏବେ ବର୍ଣ୍ଣବୈଷମ୍ୟ ଅଗ୍ନି ବ୍ୟାପିବାରେ ଲାଗିଛି। ସବୁଆଡ଼େ 'ଆଇ କ୍ୟାଣ୍ଟ୍ ବ୍ରିଦ୍' ବା ମୁଁ ନିଃଶ୍ୱାସ ନେଇପାରୁ ନାହିଁ ବୋଲି ପ୍ଲାକାର୍ଡ ଦେଖିବାକୁ ମିଳୁଛି। କୃଷ୍ଣକାୟଙ୍କ ଉପରେ ଶ୍ୱେତାଙ୍ଗ ପୋଲିସର ଆକ୍ରମଣକୁ ନିନ୍ଦା କରି ଦେଶସାରା ଏକ ଭୟଙ୍କର ପ୍ରତିବାଦ ଚାଲିଛି। ଘଟଣାକୁ ଦେଖିଲେ, ୨୫ ମେ'ରେ ମିନୋସୋଟା ରାଜ୍ୟର ମିନିଆପଲିସ୍‌ଠାରେ ପୋଲିସ ବିଭାଗର କେତେଜଣ ଅଧିକାରୀ କୃଷ୍ଣକାୟ ଆମେରିକୀୟ ଜର୍ଜ ଫ୍ଲୋୟଡ୍‌ଙ୍କୁ ଗିରଫ କରିଥିଲେ। ଫ୍ଲୋୟଡ୍‌ଙ୍କ ବିରୋଧରେ ୨୦ ଡଲାରର ଏକ ଜାଲ୍ ନୋଟ୍ ବ୍ୟବହାର କରିଥିବା ଅଭିଯୋଗ ଆସିଥିଲା। ଡେରେକ୍ ମାଇକେଲ ଶଉଭିନ୍ ନାମକ ଜଣେ ପୋଲିସ ଅଧିକାରୀ ଫ୍ଲୋୟଡ୍‌ଙ୍କୁ ଶାସ୍ତି ଦେବାକୁ ଯାଇ ଆଣ୍ଠୁରେ ତାଙ୍କ ବେକକୁ ଚାପି ଧରିଥିଲେ। ସେତିକିବେଳେ ଫ୍ଲୋୟଡ୍ ବାରମ୍ବାର କହୁଥିଲେ, ମୁଁ ନିଃଶ୍ୱାସ ପ୍ରଶ୍ୱାସ ନେଇପାରୁ ନାହିଁ, ମୋତେ ହତ୍ୟା କର ନାହିଁ। ଏହା ସତ୍ତ୍ୱେ ୮ ମିନିଟ୍ ୪୬ ସେକେଣ୍ଡ ଯାଏ ଡେରେକ୍ ଚାପି ରଖିବାରୁ ଫ୍ଲୋୟଡ୍‌ଙ୍କ ମୃତ୍ୟୁ ଘଟିଥିଲା। ଦେଖଣାହାରୀ ଏହି ଦୃଶ୍ୟକୁ ମୋବାଇଲ୍ ଫୋନ୍‌ରେ ରେକର୍ଡ କରିଥିଲେ। ଏଭଳି ବର୍ବରତା ବେଳର ଫଟୋ ଭାଇରାଲ ହେବା ପରେ ପୋଲିସ ବିରୋଧୀ ହିଂସା ଉଗ୍ରରୂପ ଧାରଣ କରି ସମଗ୍ର ଆମେରିକାକୁ ଆଚ୍ଛାଦିତ କରିଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଅତୀତରେ ଜର୍ଜ ଫ୍ଲୋୟଡଙ୍କ ପୂର୍ବରୁ ଆମେରିକାର ବିଭିନ୍ନ ସ୍ଥାନରେ ପୋଲିସର ବର୍ବରତା ଯୋଗୁ ଅନେକ କୃଷ୍ଣକାୟଙ୍କୁ ହତ୍ୟା କରାଯାଇଛି। ପୋଲିସର ଏଭଳି ଆଭିମୁଖ୍ୟ ଦେଖି ଅନେକ ଗୋରା ଲୋକ ମଧ୍ୟ କୃଷ୍ଣକାୟଙ୍କ ଉପରେ ଅତ୍ୟାଚାର କରିଛନ୍ତି। ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ଏହାର ଅବିକଳ ପ୍ରତିଛବି ନିକଟ ଅତୀତରେ ଭାରତର ସଂଖ୍ୟାଲଘୁ, ଛାତ୍ର ଓ ପ୍ରତିବାଦକାରୀଙ୍କ ବିରୋଧରେ ପୋଲିସ ଓ ପୋଲିସ ସମର୍ଥିତ ଗୁଣ୍ଡାଙ୍କ ଦ୍ୱାରା ହୋଇଥିବାର ଦେଖାଯାଇଛି।

ବର୍ଣ୍ଣବୈଷମ୍ୟ ବିବାଦ ଆମେରିକାରେ ବହୁବାର ଦେଖାଦେଇଛି। ବାରାକ ଓବାମା ରାଷ୍ଟ୍ରପତି ହେବା ପରେ କଳା ଓ ଗୋରା ଭେଦଭାବଜନିତ ହିଂସା କମ୍ ହୋଇଥିଲା। କିନ୍ତୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଶାସନ ସମୟରେ ଅନେକ କ୍ଷେତ୍ରରେ ନିରପେକ୍ଷତା ଅବଲମ୍ବନ କରାଯାଇ ନ ଥିବା ଦେଖିବାକୁ ମିଳୁଛି। ଫ୍ଲୋୟଡଙ୍କ ହତ୍ୟା ଭିଡିଓ ଭାଇରାଲ ହେବା ପରେ ସୋସିଆଲ ମିଡିଆରେ ଥିବା ସମସ୍ତ ପୋଷ୍ଟିଂକୁ ତନ୍ନତନ୍ନ କରି ଯାଞ୍ଚ କରିବାକୁ ରାଷ୍ଟ୍ରପତି ଟ୍ରମ୍ପ ନିର୍ଦ୍ଦେଶ ଦେଇଛନ୍ତି। ଯେତେ ଯାହା ହେଲେ ବି ଟ୍ରମ୍ପଙ୍କ ଶାସନ ସମୟରେ ଅଣଶ୍ୱେତାଙ୍ଗମାନେ ଡରରେ ରହିଛନ୍ତି। କ୍ଷମତାକୁ ଆସିବା ପରେ ଆଗ ଆମେରିକା ବା ଆମେରିକା ଫାଷ୍ଟ ଚିନ୍ତାଧାରା ବିଶ୍ୱକୁ ଭିନ୍ନ ସନ୍ଦେଶ ଦେଇଥିଲା। ଅନ୍ୟପକ୍ଷରେ ନିର୍ବାଚନ ବର୍ଷ ହୋଇଥିଲେ ମଧ୍ୟ ଟ୍ରମ୍ପ ନିଜର ଦାମ୍ଭିକତା ରଖୁଥିବା ଦେଖିବାକୁ ମିଳୁଛି। ସମ୍ଭବତଃ କଠୋର ଚିନ୍ତାଧାରା ପୋଷଣ ଆମେରିକୀୟମାନଙ୍କୁ ପ୍ରଭାବିତ କରିବ ବୋଲି ଧରି ନେଇଥାଇପାରନ୍ତି। ଚାଇନା ବିରୋଧରେ ବାଣିଜ୍ୟିକ ବିବାଦଠାରୁ ଆରମ୍ଭ କରି ମେକ୍ସିକୋ ପ୍ରାଚୀର ନିର୍ମାଣ ଓ ଆଫଗାନିସ୍ତାନରୁ ସୈନ୍ୟ ଅପସାରଣ ଭଳି ଦୃଢ଼ ନିଷ୍ପତ୍ତି ତାଙ୍କୁ ତାଙ୍କ ଦେଶରେ ଚର୍ଚ୍ଚିତ କରି ରଖିଛି ବୋଲି କୁହାଯାଉଛି। ଟ୍ରମ୍ପ ପୁଣି କ୍ଷମତାକୁ ଆସିଲେ ଆମେରିକାକୁ ସୁହାଇଲା ଭଳି ବହୁ ନିଷ୍ପତ୍ତି ନେଇପାରନ୍ତି ବୋଲି ସମର୍ଥକମାନେ ବିଶ୍ୱାସ ରଖୁଛନ୍ତି । ଏଭଳିସ୍ଥଳେ ଟ୍ରମ୍ପଙ୍କ ଏକଜିଦିଆ ପଦକ୍ଷେପ ଏବେ ଡେମୋକ୍ରାଟିକ୍ ପାର୍ଟିର ସମ୍ଭାବ୍ୟ ରାଷ୍ଟ୍ରପତି ପ୍ରାର୍ଥୀ ଜୋ ବିଡେନ୍‌ଙ୍କୁ ସୁହାଇପାରେ ବୋଲି ଗଣମାଧ୍ୟମରେ ଚର୍ଚ୍ଚା ହେଲାଣି। ଏବେ ଫ୍ଲୋୟଡ୍‌ଙ୍କୁ ହତ୍ୟା କରାଯିବା କୃଷ୍ଣକାୟଙ୍କ ମନରେ ଟ୍ରମ୍ପ ବିରୋଧୀ ମେଳିକୁ ଅଧିକ ଶକ୍ତି ଦେବ ବୋଲି ଚିନ୍ତା କରାଯାଉଛି।

ଆମେରିକା ରାଷ୍ଟ୍ରପତି ଭବନ ହ୍ୱାଇଟ୍‌ହାଉସ୍‌ରେ ଥିବା ବଙ୍କର ବା ଭୂଗର୍ଭରେ ଥିବା ଘରକୁ ସପରିବାରେ ଟ୍ରମ୍ପ ପଳାଇଯାଇଥିବା ଖବର ଗଣମାଧ୍ୟମରେ ପ୍ରକାଶ ପାଇବା ପରେ କୌତୂହଳ ସୃଷ୍ଟି ହୋଇଥିଲା। ଟ୍ରମ୍ପଙ୍କ ଭଳି ପୃଥିବୀରେ ଥିବା ଅନେକ ନେତା କଠୋର ମନୋଭାବ ପ୍ରଦର୍ଶନ କରି ନିଜ ଦେଶର ଦୁର୍ବଳ ନାଗରିକଙ୍କୁ ଆକର୍ଷିତ କରିଆସୁଛନ୍ତି। ଟ୍ରମ୍ପ ଏବେ ଦେଶବ୍ୟାପୀ ପ୍ରତିବାଦକାରୀଙ୍କ ବିରୋଧରେ ସେନା ଲଗାଇବାର ଧମକ ଦେଉଛନ୍ତି। ଏହି ଯୁଗରେ ଟ୍ରମ୍ପଙ୍କ ଭଳି ଅନେକ ନେତା ବିଭିନ୍ନ ଦେଶରେ କ୍ଷମତା ଗାଦିରେ ବସି ନିଜ ନାଗରିକଙ୍କୁ ଅତ୍ୟାଚାର କରିବାକୁ ପସନ୍ଦ କରୁଛନ୍ତି। ସେମାନଙ୍କ ଚିନ୍ତାଧାରା ଅନୁଯାୟୀ ଭୋଟ ପାଇବାକୁ ହେଲେ ଘୃଣା, ଭେଦଭାବ ସୃଷ୍ଟି କରିବା ଆବଶ୍ୟକ। ଏହାଦ୍ୱାରା ଦୁର୍ବଳ ମାନସିକତା ଏବଂ ଅଶିକ୍ଷିତ, କିନ୍ତୁ ଅଧିକ ସଂଖ୍ୟକ ଭୋଟରଙ୍କ ସମର୍ଥନ ହାସଲ କରିବା ସହଜ ହେଉଛି। ଟ୍ରମ୍ପଙ୍କୁ ଉଦାହରଣ ଭାବେ ନେଲେ କରୋନା ଭାଇରସ୍ ନିୟନ୍ତ୍ରଣରେ ଚରମ ବିଫଳତା ଏବଂ ଏବେକାର ପ୍ରତିବାଦକାରୀଙ୍କୁ ଅତ୍ୟଧିକ ଦମନ କରିବାର ଧମକ ତାଙ୍କର ଆସନ୍ତା ନଭେମ୍ବରରେ ହେବାକୁ ଥିବା ନିର୍ବାଚନରେ କେଉଁଭଳି ପ୍ରଭାବ ପକାଇବ ତାକୁ ସମଗ୍ର ପୃଥିବୀ ଅନାଇ ବସିଛି। ଟ୍ରମ୍ପଙ୍କ ସଫଳତା ସେଭଳି ନେତୃତ୍ୱକୁ ଦୀର୍ଘମିଆଦୀ ଜୀବନ ଦେଇପାରେ। ଅନ୍ୟତ୍ର ଏଇବର୍ଷ ଶେଷରେ ହେବାକୁ ଥିବା ନିର୍ବାଚନରେ ଯଦି ଟ୍ରମ୍ପଙ୍କ ପରାଜୟ ଘଟେ, ପୃଥିବୀବ୍ୟାପୀ ସେଭଳି ନେତୃତ୍ୱ ଦୁର୍ବଳ ହୋଇପାରେ।

ଏବେ 'ବ୍ଲାକ୍ ଲାଇଭ୍‌ସ ମେଟର' ଲେଖାଥିବା ପ୍ଲାକାର୍ଡ ଧରି କୃଷ୍ଣକାୟ ଆମେରିକୀୟମାନେ ସେଠାକାର ପ୍ରଶାସନ ଓ ପୋଲିସ ବିରୋଧରେ ବିକ୍ଷୋଭ କରିବା ଅର୍ଥ ସେମାନେ ନ୍ୟାୟ ଚାହୁଁଛନ୍ତି। ବିଶ୍ୱର ସର୍ବପୁରାତନ ଗଣତନ୍ତ୍ର ଆମେରିକାରେ କୌଣସି ବର୍ଣ୍ଣ ବା ସମ୍ପ୍ରଦାୟକୁ ଟାର୍ଗେଟ କରାଯାଇ ବର୍ବରୋଚିତ ଆକ୍ରମଣ କରାଯିବା ଆଦୌ ଗ୍ରହଣୀୟ ନୁହେଁ ବୋଲି ଅନ୍ତର୍ଜାତୀୟ ସ୍ତରରେ ଆଲୋଚନା ହେଉଛି। ଅପରପକ୍ଷେ ପୃଥିବୀର ଅନ୍ୟ ଯେକୌଣସି ଦେଶରେ ଯେତେବେଳେ ମାନବ ଅଧିକାର ଉଲ୍ଲଂଘନ ହେଉଥିବାର ଖବର ଶୁଣିବାକୁ ମିଳେ ସେତେବେଳେ ଆମେରିକାର ବିଭିନ୍ନ ସଂସ୍ଥା ଉପରେ ଚାପ ପ୍ରୟୋଗ କରିଥାଆନ୍ତି। ପୃଥିବୀର ଶିକ୍ଷିତ ସମାଜ ନିଶ୍ଚିତ ଭାବେ ଆମେରିକାରେ ଦେଖାଦେଉଥିବା ଘୃଣାଜନିତ ଅପରାଧ ବା ହେଟ୍‌କ୍ରାଇମ୍, କର୍ମସ୍ଥଳୀରେ ପକ୍ଷପାତିତା ଓ ଏବେ କୃଷ୍ଣକାୟଙ୍କ ପ୍ରତି ଅତ୍ୟାଚାର ବନ୍ଦ ହେବା ସପକ୍ଷରେ ରହିବ।

# ହସ୍ତତନ୍ତ କ୍ଷେତ୍ରରେ ନିଯୁକ୍ତି ସମ୍ଭାବନା



କିଶୋର ମେହେର

କୃଷି ପରେ ବୟନ କ୍ଷେତ୍ର ହିଁ ସବୁଠାରୁ ବେଶି କର୍ମନିଯୁକ୍ତି ସୃଷ୍ଟି କରେ। ଭାରତୀୟ ଅର୍ଥ ବ୍ୟବସ୍ଥାରେ ଏହା ଏକ ବହୁ ପୁରୁଣା ବ୍ୟବସ୍ଥା। ଗାନ୍ଧିଜୀଙ୍କ ଚରଖା ଚାଳନା ଓ ଖଦି ଆନ୍ଦୋଳନ ଏଥିପାଇଁ ପ୍ରାସଙ୍ଗିକ ଥିଲା। ସ୍ୱାବଲମ୍ବୀ ଅର୍ଥ ବ୍ୟବସ୍ଥାର ଏକ ମଜଭୁତ ସ୍ତମ୍ଭ ଭାବରେ ଗାନ୍ଧିଜୀ ହସ୍ତତନ୍ତକୁ ଗ୍ରହଣ କରିଥିଲେ। ଖେତରୁ ଚାଷୀ କପା ଉତ୍ପାଦନ କରିବ, ତାକୁ ଗାଁ ମହିଳାମାନେ କିଣିବେ, ସୂତା କାଟିବେ, ତାକୁ ପୁଣି ବୟନ ଉପଯୋଗୀ କରି ବୁଣାକାରକୁ ଦେବେ, ବୁଣାକାର ଘରର ସବୁ ସଦସ୍ୟ ଲାଗି ଲୁଗା ବୁଣିବେ, ତାକୁ ବେପାରୀକୁ ଦେବେ, ସେ ପୁଣି ବଜାରରେ ବିକିବ- ଏ ପ୍ରକ୍ରିୟାରେ ବହୁ ଲୋକ ନିଯୁକ୍ତ ହେଉ ଥିଲେ। ଅନ୍ତତଃ ସପ୍ତଦଶ ଶତାବ୍ଦୀ ଯାଏ ଭାରତରେ ଏ ବ୍ୟବସ୍ଥା ଠିକ୍‌ରୂପେ ଚାଲିଥିଲା। ଭାରତ ସାରା ଜଗତରେ ସୂତା ବସ୍ତ୍ର ଉତ୍ପାଦନରେ ପ୍ରସିଦ୍ଧି ଲାଭ କରିଥିଲା। ପରେ ଇଂରେଜଙ୍କ ଆଗମନ, ଶୋଷଣ ଓ ଲଙ୍କା ଶାୟର ଲୁଗା ସହ ଅନୈତିକ ଭାବରେ ଲଢ଼ିବା ପାଇଁ ହାତବୁଣାଳିଙ୍କୁ ଛାଡ଼ିଦେବା ଦ୍ୱାରା ଭାରତୀୟ ବସ୍ତ୍ର ଜଗତର ପ୍ରଭୂତ କ୍ଷତି ହେଲା। ବୟନ ଶିଳ୍ପରୁ ହିଁ ଇଂଲଣ୍ଡରେ ଶିଳ୍ପ ବିପ୍ଳବ ଆରମ୍ଭ ହୋଇଥିବା ଆମେ ଜାଣୁ। ବ୍ୟାପକ ମେଶିନ ବ୍ୟବହାର, ଶସ୍ତା ଅଥଚ ନିକୃଷ୍ଟ ଲୁଗା ଉତ୍ପାଦନ ଆମ ଲୁଗା ଉତ୍ପାଦନକୁ ଘୋର କ୍ଷତି ପହଞ୍ଚାଇଲା। ତେବେ ସେ ତ ଥିଲା ଇତିହାସ।

ସ୍ୱାଧୀନ ଭାରତ କିନ୍ତୁ ଏ ମହାର୍ଘ ଉଦ୍ୟୋଗକୁ ବଞ୍ଚାଇବାକୁ ଚେଷ୍ଟା କଲା। ୧୯୫୦ରେ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ବା କାନୁନ୍‌ଗୋ ରିପୋର୍ଟ ଅନୁଯାୟୀ ଉଭୟ ହସ୍ତତନ୍ତ ଲୁଗା ଓ ପାୱାରଲୁମ୍‌ର ବିକାଶ ଲାଗି ଲୋନୋବିସଙ୍କ ଭଳି ପ୍ରଖ୍ୟାତ ବ୍ୟକ୍ତିତ୍ୱଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉଦ୍ୟମ ଆରମ୍ଭ ହେଲା। ତଥାପି ସର୍ବୋଚ୍ଚ ନେତୃବୃନ୍ଦଙ୍କ ଭରସା ଜିଣି ପାରି ନ ଥିଲା ହସ୍ତତନ୍ତ। ସେମାନେ ବୃହତ୍ ଶିଳ୍ପ ପଛରେ ପଡ଼ିଲେ। ହସ୍ତତନ୍ତ ପଛରେ ପଡ଼ି ରହିଲା। ସରକାରୀ ସବ୍‌ସିଡି ସହ ବୁଣାକାରଙ୍କ କର୍ମକୁଶଳତା ଯୋଗୁ ଏ ଯାଏ ହସ୍ତତନ୍ତ ବଞ୍ଚି ରହିଛି। ତାହା ହିଁ ଆଶ୍ୱାସନାର ବିଷୟ।

ଏବେ କିନ୍ତୁ ଦେଶର ସ୍ଥିତିରେ ପରିବର୍ତ୍ତନ ଆସିଛି। ଦେଶରେ ଏକ ବିରାଟ ମଧ୍ୟବର୍ଗ ସୃଷ୍ଟି ହୋଇଛନ୍ତି। ଏମାନେ ଇକୋଫ୍ରେଣ୍ଡଲି ବା ପ୍ରାକୃତିକ ଉତ୍ପାଦର ବଡ଼ ଗ୍ରାହକ। ବେତନ କମିଶନ ସୌଜନ୍ୟରୁ ସରକାରୀ ଚାକିରିଆମାନଙ୍କର ଆୟ ବୃଦ୍ଧି ଘଟିଛି। ପୁଣି ତିଆରି ହୋଇଛନ୍ତି ମଧ୍ୟବର୍ଗୀୟ ବ୍ୟବସାୟୀ ତଥା ପେସାଦାର ଗୋଷ୍ଠୀ। ସୌଖୀନ ସାମଗ୍ରୀ ପାଇଁ ଏମାନେ ଖର୍ଚ୍ଚ କରିବାକୁ କୁଣ୍ଠିତ ନୁହନ୍ତି। ଅର୍ଗାନିକ କପଡ଼ାର ବଡ ଗ୍ରାହକ ଏମାନେ। ଫାବ୍ ଇଣ୍ଡିଆର ଷ୍ଟୋରମାନଙ୍କରେ ଏମାନଙ୍କ ଭିଡ ବେଶି। ଆଲ୍ଲାହାବାଦ ସୂତାଶାଢ଼ି ଓ ପାଟଶାଢ଼ି ପାଇଁ ମଧ୍ୟ ଏମାନେ ବେଶ୍ ଆଗ୍ରହୀ। ଦେଶରେ ହସ୍ତତନ୍ତ ବସ୍ତ୍ରର ବଡ ଗ୍ରାହକ ବୋଲି ଏମାନଙ୍କୁ ଧରାଯାଏ। ଧୀରେ ଧୀରେ ଗାଁରୁ ହସ୍ତତନ୍ତ କପଡା ଅନ୍ତର୍ହିତ ହେବାକୁ ଲାଗିଲାଣି। ଗାଁରେ ହାତବୁଣା ଲୁଗା ତିଆରି ହେଉଛି ସତ, କିନ୍ତୁ ତାହା ସହରକୁ ଆସୁଛି ସହରୀ ଗ୍ରାହକମାନଙ୍କ ପାଇଁ। ହଁ, ଏବେ ବି କିଛି ସଂଖ୍ୟକ ଗାଁ ବାସିନ୍ଦା ହାତବୁଣା ଲୁଗା ପିନ୍ଧି ପାରୁଛନ୍ତି, ଅଥଚ ଅଧିକାଂଶ ମହିଳାଙ୍କ ପାଇଁ ଏହା ଧୀରେ ଧୀରେ ଅପହଞ୍ଚ ହେବାକୁ ବସିଲାଣି। ତା'ର କାରଣ ହେଲା ଅହେତୁକ ଦର। ଅନ୍ତତଃ ୩୦୦୦, ୪୦୦୦ ଟଙ୍କା ନ ଦେଲେ ଭଲ ଶାଢି ଖଣ୍ଡେ ମିଳିବା କଷ୍ଟକର ହେଉଛି।

ତା'ହେଲେ ଏତେ ବଡ ଗ୍ରାମାଞ୍ଚଳ ମାର୍କେଟକୁ ମିଲ୍ ମାଲିକମାନଙ୍କ ହାତରେ ଛାଡ଼ି ଦେଇହେବ? କ'ଣ ସଫଳ ଉଦ୍ୟୋଗୀମାନେ ଏତେ ଶୀଘ୍ର ହାର୍ ମାନିବେ? ମୋ ମତରେ ହାତ ଲୁଗା ପାଇଁ ଏବେ ବି ଗାଁରେ ସ୍ଥାନ ଅଛି। ଗାଁ ଅର୍ଥ ବ୍ୟବସ୍ଥାକୁ ନିଘା କରି ଯଦି ହାତବୁଣା ଲୁଗା ଉତ୍ପାଦନ କରାଯାଏ ଏବଂ ଶସ୍ତା ଓ ମଜଭୁତ ଲୁଗା ସେମାନଙ୍କ ହାତ ପାହାନ୍ତାରେ ଉପଲବ୍ଧ କରାଯାଏ, ତେବେ ସ୍ଥିତିରେ ଯଥେଷ୍ଟ ପରିବର୍ତ୍ତନ ଘଟିବ ବୋଲି ଆଶା। କିନ୍ତୁ ଏଥି ସକାଶେ ସରକାରଙ୍କୁ ବୁଣାକାରମାନଙ୍କ ସହ ଠିଆ ହେବାକୁ ପଡ଼ିବ।

କଞ୍ଚାମାଲର ଉପଲବ୍ଧତା ପାଇଁ ରାଜ୍ୟରେ କପାଚାଷ (ଏବେ ୮୦% କପା ହେଲା ବି.ଟି. କପା ଓ ବାର୍ଷିକ ଉତ୍ପାଦନ ପ୍ରାୟ ୩ ଲକ୍ଷ କୁଇଣ୍ଟାଲ) ବୃଦ୍ଧି କରାଯାଉ। ବୃହତ୍ ସୂତାମିଲ୍ ସବୁ ତ ବନ୍ଦ ହୋଇଯାଇଛି, ତା' ସ୍ଥାନରେ ଗୁଡାଏ କ୍ଷୁଦ୍ର ସୂତା ମିଲ୍ ବସାଯାଉ। କେତେଗୁଡ଼ିଏ ବୟନ ସଂସ୍ଥା ପାଇଁ ଗୋଟିଏ ଲେଖା ସ୍ପିନିଙ୍ଗ ମିଲ୍ ବସାଇ ଦିଆଯାଉ। ବୁଣାକାରମାନଙ୍କୁ ଉପଯୁକ୍ତ ପ୍ରୋତ୍ସାହନ ଦେଲେ ସେମାନେ ଏ କ୍ଷେତ୍ରକୁ ପୁଣି ଫେରିବେ। ବୟନ କ୍ଷେତ୍ରରେ ଅନେକ ଲୋକଙ୍କର ସହଯୋଗ ଦରକାର ପଡେ, ଏଣୁ ତଦ୍ୱାରା ଅନେକ ଲୋକଙ୍କୁ ରୋଜଗାର ମିଳେ।

ଏ ଲେଖକଙ୍କର ଦୃଢ଼ ମତ ଏହା ଯେ, ବୟନ କ୍ଷେତ୍ର ଏପରି ଏକ କ୍ଷେତ୍ର, ଯାହା କି ସର୍ବଦା ନିଯୁକ୍ତି ସୃଷ୍ଟି କରିବାରେ ସକ୍ଷମ। ପୁଣି ଏଥିରେ ପରିବେଶ ପ୍ରଦୂଷଣ, ବିଦ୍ୟୁତ୍ ଅପବ୍ୟୟ ଆଦି ସମସ୍ୟା ନ ଥାଏ। ଏହାବାଦ୍ ଅନ୍ୟାନ୍ୟ ଶିଳ୍ପ ଅପେକ୍ଷା ଏ କ୍ଷେତ୍ରରେ ନିଯୁକ୍ତି ସମ୍ଭାବନା ଢେର ବେଶି। ନିକଟ ଅତୀତରେ ବିଶିଷ୍ଟ ଅର୍ଥନୈତିକ ଅରବିନ୍ଦ ସୁବ୍ରମଣ୍ୟନ୍ ମଧ୍ୟ ଏ କଥାଟି କହିଥିଲେ।

ନିକଟ ଅତୀତରେ ହସ୍ତତନ୍ତ କ୍ଷେତ୍ରର ବିକାଶ ପାଇଁ ଉଦ୍ୟମରତ କେତେଜଣ ଉତ୍ସାହୀ ଯୁବତୀଯୁବକଙ୍କୁ ଭେଟିବାକୁ ସୁଯୋଗ ପାଇଥିଲା ଏ ଲେଖକ। ପ୍ରସିଦ୍ଧ ଚନ୍ଦେରୀ ଶାଢି (ମଧ୍ୟପ୍ରଦେଶ), ପାଟୋଲା ଶାଢି (ଗୁଜରାଟ), ମଲଖା ଶାଢ଼ି (ତେଲଙ୍ଗାନା) ପାଇଁ ସେମାନଙ୍କ ଆଗ୍ରହ ଦେଖି ବିସ୍ମିତ ହୋଇଥିଲି। ଡିଜାଇନ ଉଦ୍ଭାବନ, ଟ୍ରେନିଙ୍ଗ ତଥା ମାର୍କେଟିଙ୍ଗ ପାଇଁ ସେମାନେ ବୁଣାକାରମାନଙ୍କୁ ସାହାଯ୍ୟ କରୁଛନ୍ତି। ତାଙ୍କର ଗୋଟିଏ ୱେବ୍‌ପେଜ ମଧ୍ୟ ଅଛି: Handloom now.

ଖୁସି ଲାଗିଲା ନୂଆପିଢିର ପିଲାଙ୍କ ଆଗ୍ରହ ଦେଖି। କିନ୍ତୁ ସେଭଳି ସୁଯୋଗ ତ ଓଡ଼ିଶାରେ ବେଶି ଉପଲବ୍ଧ। ବରପାଲିନିବାସୀ ମକରଧ୍ୱଜ ମେହେର ଓ ତାଙ୍କ ପତ୍ନୀଙ୍କ ହାତବୁଣା ଲୁଗା ଉଦ୍ୟୋଗ ବେଶ୍ ପ୍ରଶଂସନୀୟ, ସେମାନେ ଆଜି ବେଶ୍ ପ୍ରତିଷ୍ଠିତ ମଧ୍ୟ। ବେଙ୍ଗାଲୁରୁନିବାସୀ ଶ୍ରୀମାନ୍ ସ୍ରବିତ ମେହେର କରି ଚାଲିଛନ୍ତି କେତେ କେତେ ପ୍ରୟୋଗ ହାତବୁଣା ଲୁଗାକୁ ନେଇ। ବାନ୍ଧକଳାକୁ କେନ୍ଦ୍ରକରି ତାଙ୍କ ଜୀବନ। ଏମାନଙ୍କ ଭଳି ଶହଶହ ଉଦ୍ୟୋଗୀ ଅଛନ୍ତି, ଯେଉଁମାନେ କି ସଫଳତା ପାଇ ସାରିଛନ୍ତି।

ପଶ୍ଚିମ ଓଡ଼ିଶାର ବେଶ୍ କେତୋଟି ଜିଲାରେ କପା ଚାଷ ହୁଏ। ଅଥଚ ସେଇ କପା କଞ୍ଚାମାଲ ଭାବରେ ବାହାରକୁ ଚାଲିଯାଏ। ଏକଦା ପଶ୍ଚିମାଞ୍ଚଳରେ ଥିବା ସୂତା ମିଲ୍‌ଗୁଡ଼ିକରେ ସେଇ କପା ବ୍ୟବହୃତ ହୋଇ ସୂତା ତିଆରି ହେଉଥିଲା ଓ ସ୍ଥାନୀୟ ବୁଣାକାରମାନଙ୍କ ଆବଶ୍ୟକତା ପୂରଣ ହେଉଥିଲା। ଫଳରେ ସେ ଅଞ୍ଚଳରେ ନିଯୁକ୍ତି ସୁଯୋଗ ବୃଦ୍ଧି ପାଉଥିଲା। ଏବେ ଆଉ ସେ ସ୍ଥିତି ନାହିଁ। ସୂତା ମିଲ୍‌ଗୁଡ଼ିକ ବନ୍ଦ ହୋଇଯାଇଛି। କିନ୍ତୁ କପା ଉତ୍ପାଦନ ଏବେ ବି ଅବ୍ୟାହତ ରହିଛି। ଯଦି ବୟନଶିଳ୍ପରେ ଆଗ୍ରହୀ ଉଦ୍ୟୋଗୀ ଚାହିଁଲେ କ୍ଷୁଦ୍ର କ୍ଷୁଦ୍ର ସ୍ପିନିଙ୍ଗ ମିଲ୍ ବସାଇ ସୂତା ତିଆରି କରିପାରିବେ। ସ୍ଥାନୀୟ ବୁଣାକାରମାନଙ୍କ ହାତବୁଣା ଲୁଗାର ବେଶ୍ ଆଦୃତି ରହିଛି।

ଗ୍ୱାଲିୟର ପାଖ ଲଳିତପୁର ନିକଟ ଚନ୍ଦେରୀ ଏକଦା ଚନ୍ଦେରୀ ଶାଢ଼ି ପାଇଁ ପ୍ରସିଦ୍ଧ ଥିଲା। ମୋଗଲ ସମୟରେ ତା'ର କାଟ୍‌ତି କାହିଁରେ କେତେ ଥିଲା। କିନ୍ତୁ ପରବର୍ତ୍ତୀ କାଳରେ ଏହା ତା'ର ଗୌରବ ହରାଇ ବସିଲା। ଏବେ କିନ୍ତୁ ସ୍ଥିତିରେ ସୁଧାର ଆସିଲାଣି। ସ୍ଥାନୀୟ ସାଂସଦ ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କ ସୌଜନ୍ୟରୁ ଚନ୍ଦେରୀ ମହଲରେ ଯୁବ ପିଢିର ଯୁବତୀଯୁବକମାନେ ଲାଗି ପଡିଛନ୍ତି ଏହାର ପୁନରୁଦ୍ଧାର ପାଇଁ। ଡିଜାଇନ ତଥା ତା'ର ବିକ୍ରି ବଟା ପାଇଁ ସେମାନେ ଅତ୍ୟାଧୁନିକ ପ୍ରଯୁକ୍ତିକୌଶଳ ପ୍ରୟୋଗ କରୁଛନ୍ତି। ଶୁଣାଯାଏ, ଫାବ୍ ଇଣ୍ଡିଆ କୁଆଡେ ସବୁ ଉତ୍ପାଦର ବିକ୍ରିବଟା କରୁଛି।

ଆମ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ହାତବୁଣା ଲୁଗାର ଜଣେ ବଡ଼ ପ୍ରଶଂସକ। ସିଏ ହିଁ ପ୍ରଥମ ଥର ପାଇଁ ଅଗଷ୍ଟ ୭କୁ ଜାତୀୟ ହସ୍ତତନ୍ତ ଦିବସ ଭାବରେ ପାଳନ କରିବାକୁ ଘୋଷଣା କରିଥିଲେ। ପ୍ରଧାନମନ୍ତ୍ରୀଙ୍କ ମତରେ ଏବେ ବି ଚରଖା ପାଖରେ ଦେଶକୁ ସ୍ୱାବଲମ୍ବୀ କରିବା ପାଇଁ ସାମର୍ଥ୍ୟ ଅଛି। ମହିଳା ସଶକ୍ତୀକରଣ ପାଇଁ ହସ୍ତତନ୍ତର ବିକାଶ ଏକାନ୍ତ ଆବଶ୍ୟକ ବୋଲି ସେ ମନେକରନ୍ତି। ମହିଳା ଉଦ୍ୟୋଗୀଙ୍କ ପାଇଁ ବାନ୍ଧକଳା ଲାଗି ପ୍ରଶସ୍ତ କ୍ଷେତ୍ର ଉପଲବ୍ଧ। ଯେଉଁମାନେ NIFT, NID, NIHT ବା JK Art କଲେଜରେ ଅଧ୍ୟୟନରତ, ସେମାନେ ବାନ୍ଧକଳା କ୍ଷେତ୍ରରେ ଉତ୍କର୍ଷ ହାସଲ କରିପାରିବେ। ସେଇଭଳି ପ୍ରତିଭାବାନ ଯୁବତୀଯୁବକଙ୍କୁ ବୟନ କ୍ଷେତ୍ର ବେଶି ଆବଶ୍ୟକ କରେ।

ମୋ-୯୮୬୧୯୬୪୦୬୨

# ଶିଶୁଙ୍କ ପାଇଁ ସୃଜନାତ୍ମକ ଶିକ୍ଷା



ଲୋକନାଥ ପଣ୍ଡା

କରୋନା ମହାମାରୀକୁ ଆଖିରେ ରଖି ଗତ ଦୁଇ ତିନିମାସ ମଧ୍ୟରେ ଶିଶୁଙ୍କ ନିମନ୍ତେ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ହାତକୁ ନିଆଯାଉଛି। କେହି ଚିତ୍ର ପ୍ରତିଯୋଗିତା କରୁଛନ୍ତି ତ କିଏ ଗଳ୍ପ ପ୍ରତିଯୋଗିତା। ସବୁଗୁଡ଼ିକୁ ହ୍ୱାଟ୍‌ସଆପରେ ବା ଅନ୍‌ଲାଇନରେ ପଠାଇବା ପାଇଁ କୁହାଯାଉଛି। ଅନଲାଇନରେ ଶିକ୍ଷାଦାନ ପାଇଁ ମଧ୍ୟ ପ୍ରୟାସ ଚାଲିଛି। ଏଥିସହିତ ୟୁନିସେଫ ଏବଂ ଓଡ଼ିଶା ସରକାରଙ୍କ ମିଳିତ ଉଦ୍ୟମରେ 'ମୋ ପ୍ରତିଭା' ନାମରେ ଶିଶୁମାନଙ୍କ ଲାଗି ବିଭିନ୍ନ ସୃଜନାତ୍ମକ କାର୍ଯ୍ୟକ୍ରମର ବ୍ୟବସ୍ଥା କରାଯାଇଛି। ପ୍ରାଥମିକ ସ୍ତର ହେଉ କିମ୍ବା ମାଧ୍ୟମିକ, ଅନେକ ବେସରକାରୀ ସ୍କୁଲ୍ ଅନଲାଇନ ଶିକ୍ଷାଦାନ ଜାରି ରଖିଛନ୍ତି। କିନ୍ତୁ ଗ୍ରାମାଞ୍ଚଳର ଅନେକ ଶିଶୁ ଏଥିରୁ ବଞ୍ଚିତ ହେଉଛନ୍ତି।

ଅନଲାଇନ ଶିକ୍ଷାରେ ନିଶ୍ଚୟ ଅନେକ ଶିଶୁ ଉପକୃତ ହେବେ ଏଥିରେ ସନ୍ଦେହ ନାହିଁ। କିନ୍ତୁ ଯେଉଁ ଶିଶୁର ମାତାପିତାଙ୍କର ସ୍ମାର୍ଟ ଫୋନ ନାହିଁ କିମ୍ବା ମାତାପିତା ଇଣ୍ଟରନେଟ ବିଷୟରେ ଜାଣିନାହାନ୍ତି, ସେମାନଙ୍କର ଶିଶୁ କ'ଣ ଏହାଦ୍ୱାରା ଉପକୃତ ହୋଇପାରିବେ? ଭାରତରେ ଗ୍ରାମାଞ୍ଚଳରେ ଅନେକ ଶିଶୁ ରହି ପାଠ ପଢୁଛନ୍ତି। ଅନେକେ ମଧ୍ୟ ଆଶ୍ରମ ବିଦ୍ୟାଳୟରେ ରହି ଶିକ୍ଷାଲାଭ କରୁଛନ୍ତି। ମୁଖ୍ୟତଃ ଆଦିବାସୀ ବହୁଳ ଜିଲାମାନଙ୍କରେ ବହୁ ସଂଖ୍ୟାରେ ଶିଶୁ ଆଶ୍ରମ ସ୍କୁଲରେ ପଢୁଛନ୍ତି। ସେମାନେ କେତେଦୂର ଏହାଦ୍ୱାରା ଉପକୃତ ହୋଇପାରିବେ, ସେ ନେଇ ମୁଁ ସନ୍ଦିହାନ ହୋଇପଡ଼ିଛି। କିଛିଦିନ ତଳେ ଆଦିବାସୀ ଅଞ୍ଚଳର ଜଣେ ପ୍ରଧାନଶିକ୍ଷକଙ୍କ ସହ ଆଲୋଚନା କରୁଥିଲି। ସେ କହିଲେ, ତାଙ୍କ ଛାତ୍ରୀଛାତ୍ରମାନେ ସ୍କୁଲ ଛୁଟି ହେଲେ ଗାଁ ବାହାରକୁ ଯାଆନ୍ତି, ଶ୍ରମ କରି କିଛି ଅର୍ଜନ କରନ୍ତି, ଯାହା କି ସେମାନଙ୍କର ଶିକ୍ଷା ବାବଦରେ ଖର୍ଚ୍ଚ କରନ୍ତି। ସାତ ଆଠ କିଲୋମିଟରରୁ ବଦ୍ୟାଳୟକୁ ଆସନ୍ତି। ସେମାନଙ୍କ ପାଇଁ ଅନଲାଇନ ପାଠପଢ଼ା ଅସମ୍ଭବ। ଯାହା ହେଉ ଇତିମଧ୍ୟରେ ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ବିଭାଗ ତରଫରୁ ସାମାଜିକ ଦୂରତା ରକ୍ଷା କରି ଶିଶୁମାନେ କିପରି ନିଜ ନିଜ ଗ୍ରାମରେ ଶିକ୍ଷାଲାଭ କରିବେ ଏବଂ ଶିକ୍ଷକ କିପରି ଶିକ୍ଷାଦାନ କରିବେ, ସେଥିଲାଗି ଏକ ଯୋଜନାବଦ୍ଧ ପ୍ରୟାସ କରାଯାଇଛି।

୨୦୧୯ ମସିହାରେ କଲ୍ୟାଣ ବିଭାଗ ଓ ୟୁନିସେଫଙ୍କ ମିଳିତ ଉଦ୍ୟମରେ ଆୟୋଜିତ ରାୟଗଡ଼ ଜିଲାର କିଛି ଆଶ୍ରମ ସ୍କୁଲର ବାଳିକାଙ୍କର ଏକ ସାମର୍ଥ୍ୟ ବିକାଶ କର୍ମଶାଳାର ଗୋଟିଏ ଦଳକୁ ସଂଯୋଜନା କରିବାର ସୁଯୋଗ ପାଇଥିଲି। ଗ୍ରାମୀଣ ତଥା ଆଶ୍ରମ ସ୍କୁଲର ଶିଶୁମାନେ କିପରି ଖୁସି ଓ ମଜାରେ ନିଜର ସୃଜନାତ୍ମକ ବିକାଶ କରିପାରିବେ, ସେଥିଲାଗି ଏକ ଦୁଇଦିନିଆ କାର୍ଯ୍ୟଖସଡ଼ା ପ୍ରସ୍ତୁତ ହୋଇଥିଲା। ସେମାନଙ୍କୁ ନିଜ ଗ୍ରାମରେ ବ୍ୟବହାର ହେଉଥିବା ଜ୍ଞାନକୌଶଳ, ଶୁଣିଥିବା ଗଳ୍ପକୁ ନିଜ ଭାଷାରେ ଉପସ୍ଥାପନା, ଚିତ୍ରାଙ୍କନ ଆଦିକୁ ନେଇ ପହଲି ଆଦି ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ କରାଯାଇଥିଲା। ଏହି ପରିପ୍ରେକ୍ଷୀର ଶିଶୁମାନେ ନିଜ ନିଜ ଗ୍ରାମର ସମ୍ବଳ, ଏହାର ବିନିଯୋଗ ସମ୍ପର୍କରେ ସୁନ୍ଦର ଉପସ୍ଥାପନା କରିଥିଲେ। ନିଜ ନିଜ ଗ୍ରାମର ଲୋକମାନେ କେତେ ଆତ୍ମନିର୍ଭରଶୀଳ, କେତେ ଲୋକ ଦାଦନ ଖଟିବାକୁ ଯାଉଛନ୍ତି, ଗ୍ରାମରେ ଥିବା ସମସ୍ୟା ଓ ଏହାର ନିରାକରଣ ଆଦି ସମ୍ପର୍କରେ ମଧ୍ୟ ସେମାନେ ନିଜର ଲେଖା ଓ କଥାରେ ପ୍ରକାଶ କରିଥିଲେ। ଏଥିସହିତ ନିଜ ନିଜର ଭାବନାକୁ ନେଇ ସୁନ୍ଦର ସୁନ୍ଦର ଚିତ୍ର ଉପସ୍ଥାପନା କରିଥିଲେ। ନିଜେ କିଭଳି ସ୍କୁଲଟିଏ ଚାହୁଁଛନ୍ତି, ନିଜେ ଜଣେ ସରପଞ୍ଚ ବା ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ହେଲେ କ'ଣ କରିବେ, ସେ ସମ୍ପର୍କରେ ମଧ୍ୟ ନିଜର ଭାବନା ଓ କଳ୍ପନାର ପ୍ରସାର କରି ଲେଖିଥିଲେ।

ଏଠାରେ ଏହି ଉଦାହରଣ ଦେବାର ଉଦ୍ଦେଶ୍ୟ ହେଉଛି, ବର୍ତ୍ତମାନ ପରିପ୍ରେକ୍ଷୀରେ ଯେଉଁ ଶିଶୁଟି ଯେଉଁଥିପାଇଁ ଆଗ୍ରହୀ ସେଥିରେ ତା'ର ସାମର୍ଥ୍ୟ ବିକାଶ କରିବା ପାଇଁ ସୁଯୋଗ ମିଳୁ। ଆଶ୍ରମ ବିଦ୍ୟାଳୟଗୁଡ଼ିକ ଶିକ୍ଷାଲାଭ ସହିତ ଶିଶୁମାନେ କିପରି ସୃଜନଶୀଳ ସାହିତ୍ୟ, ଖେଳ, କଳା ଆଦିରେ ନିପୁଣ ହେବେ, ସେଥିପ୍ରତି ଦୃଷ୍ଟିଦେବାର ଆବଶ୍ୟକତା ରହିଛି। ସେହି ଗ୍ରାମର ଯୁବସମାଜ, ଆବଶ୍ୟକ ହେଲେ ଶିକ୍ଷକ, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା କିମ୍ବା ସେହି ଗ୍ରାମରେ ଥିବା ଆଗ୍ରହୀ ଓ ଉତ୍ସାହୀ ବ୍ୟକ୍ତିବିଶେଷ ଚାହିଁଲେ ଏହିଭଳି କାର୍ଯ୍ୟକ୍ରମ ଆୟୋଜନ କରିପାରିବେ।

ଏହିଭଳି ଅନେକ ଯୁବକ ଅଛନ୍ତି, ଯେଉଁମାନେ କମ୍ ସଂଖ୍ୟକ ଶିଶୁଙ୍କୁ ନେଇ ମଧ୍ୟ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଆୟୋଜନ କରୁଛନ୍ତି। ବର୍ତ୍ତମାନ ପରିପ୍ରେକ୍ଷୀରେ ସୃଜନାତ୍ମକ କାର୍ଯ୍ୟକ୍ରମ କରିବା ବେଳେ ଗ୍ରାମାଞ୍ଚଳର ଶିଶୁମାନଙ୍କୁ ଦୃଷ୍ଟିରେ ରଖି ତାହା ଆରମ୍ଭ କରିବାକୁ ପଡ଼ିବ। କେବଳ ବହି ମଧ୍ୟରେ ସୀମିତ ନ ରହି ସେମାନେ କିପରି ରିପୋର୍ଟିଂ କରିବେ, ଯେ କୌଣସି ଭାବନାକୁ ଲେଖା ଓ ଚିତ୍ର ମାଧ୍ୟମରେ ପ୍ରକାଶ କରିବେ, ନିଜ ବିଦ୍ୟାଳୟ ପାଇଁ ଖବରକାଗଜ ପ୍ରସ୍ତୁତ କରିବେ, ପତ୍ରିକାଟିଏ ପ୍ରସ୍ତୁତ କରିବେ, ନିଜର ଭାଷା, ସଂସ୍କୃତି, ବିବିଧତାକୁ ଭଲ ପାଇବେ, ପରମୁଖାପେକ୍ଷୀ ହେବେ ନାହିଁ, ନିଜର ଅଞ୍ଚଳର ତଥା ନିଜ ଗ୍ରାମର ଲୋକଙ୍କ କଥାକୁ ନେଇ ରଚନା କରିବେ, ଗଛପତ୍ର ତଥା ପଶୁପକ୍ଷୀଙ୍କୁ ନେଇ ଆତ୍ମକାହାଣୀ ଲେଖିବେ, ନିଜ ଗ୍ରାମର ଇତିହାସ ଲେଖିବେ, ନିଜ ଗ୍ରାମର ଭବିଷ୍ୟତ ଚିନ୍ତା କରିବେ- ଏହି ଭଳି କିଛି କାର୍ଯ୍ୟକ୍ରମ ଆୟୋଜନ କରିବାକୁ ପଡ଼ିବ, ଯାହା କି ଶିଶୁଙ୍କୁ ଏକ ବୃହତ୍ତର ସମ୍ଭାବନାର ଦୃଷ୍ଟିକୋଣ ଆଡ଼କୁ ନେଇଯିବାରେ ଏକ ମାଧ୍ୟମ ହେବ।

ମୋ-୯୪୩୮୦୮୧୪୩୦

## ଏଇ ଭାରତରେ

କମ୍ପ୍ୟୁଟର ଶିକ୍ଷାର ବିକାଶ ଲାଗି ଶୋହିବ ଦାର ଯେଉଁପ୍ରୟାସ ଜାରିରଖିଛନ୍ତି ତାହା ପ୍ରଶଂସନୀୟ। ସେ ତିନୋଟି ରାଜ୍ୟର ୧୫,୦୦୦ରୁ ଊର୍ଦ୍ଧ୍ୱ ଶିଶୁଙ୍କୁ ମାଗଣାରେ କମ୍ପ୍ୟୁଟର ଶିକ୍ଷା ପ୍ରଦାନ କରୁଛନ୍ତି। ୨୦୧୭ରେ ସେ ଆନୁଷ୍ଠାନିକ ଭାବେ 'ପି ଜାମ୍ ଫାଉଣ୍ଡେଶନ' ପ୍ରତିଷ୍ଠା କରି ଶିକ୍ଷାଦାନ ଜାରି ରଖିଛନ୍ତି। ଏହା ମାଧ୍ୟମରେ ସେ ମହାରାଷ୍ଟ୍ର, ତେଲଙ୍ଗାନା ଏବଂ କଶ୍ମୀରର ୫୧ଟି ସ୍କୁଲ୍‌ରେ ୧୫,୫୦୦ ଶିଶୁଙ୍କୁ କମ୍ପ୍ୟୁଟର ଶିକ୍ଷା ଦେଉଛନ୍ତି। ଏଥିପାଇଁ କୌଣସି ଦେୟ ନେଉନାହାନ୍ତି ସେ। ଶୋହିବ ଓ ତାଙ୍କ ଇଞ୍ଜିନିୟର ବନ୍ଧୁମାନେ ଏହି ସବୁ ସ୍କୁଲ୍‌ରେ ୪୦୦ରୁ ଊର୍ଦ୍ଧ୍ୱ କମ୍ପ୍ୟୁଟର ସେମାନଙ୍କ ଉଦ୍ୟମରେ ଲଗାଇ ଶିକ୍ଷାଦାନ ବ୍ୟବସ୍ଥାରେ ନିଜକୁ ବି ସାମିଲ କରିଛନ୍ତି। ଏପରି କି କରୋନା ସମୟରେ ପିଲାମାନଙ୍କୁ ଏହି ଶିକ୍ଷାରୁ ବଞ୍ଚିତ ନ କରିବା ପାଇଁ ସେମାନେ 'ଗେମ୍ ଅଫ୍ କରୋନା'ର ଏକ ସାପ-ଶିଡି ଖେଳ ଆରମ୍ଭ କରି ପିଲାମାନଙ୍କୁ ଉତ୍ସାହିତ କରିଛନ୍ତି। ଶୋହିବ କଶ୍ମୀରର ମୂଳ ବାସିନ୍ଦା ହୋଇଥିଲେ ବି ବେଙ୍ଗାଲୁରୁରେ ଇଞ୍ଜିନିୟରିଂ ଶିକ୍ଷା ଶେଷ କରି ପୁଣେର ଏକ ସରକାରୀ ସ୍କୁଲରେ ଡିଜିଟାଲ ଶିକ୍ଷା ଦେଉଥିବାବେଳେ ପିଲାମାନେ ଏ କ୍ଷେତ୍ରରେ ସମ୍ପୂର୍ଣ୍ଣ ଦୁର୍ବଳ ଥିବା ଲକ୍ଷ୍ୟ କରିଥିଲେ। ପରେ କେବଳ ସେହି ସ୍କୁଲ ନୁହେଁ, ଅନ୍ୟ ସ୍କୁଲରେ ପିଲାମାନଙ୍କୁ ଡିଜିଟାଲ କ୍ଷେତ୍ରରେ ଧୁରନ୍ଧର କରିବା ପାଇଁ ଅଣ୍ଟାଭିଡି ତାଙ୍କ ସାଥୀ ଇଞ୍ଜିନିୟରମାନଙ୍କ ସହ ମିଶି କମ୍ପ୍ୟୁଟର ଯୋଗାଡ଼ କରିବା ପରେ ପିଲାମାନଙ୍କୁ ଶିକ୍ଷା ଦେବା ଆରମ୍ଭ କରିଥିଲେ।

## ୨୫ ବର୍ଷ ତଳର ଧରିତ୍ରୀ

### ୩ ଜୁନ୍ ୧୯୯୫

- ଇଟାଲିଆନ ବକ୍ସର ଗିଆନ ଫ୍ରାଙ୍କୋ ରୋସି ବେଆଇନ ଡ୍ରଗ୍ସ ସେବନ କରିଥିବା ଅଭିଯୋଗରେ ଦୁଇ ବର୍ଷ ପାଇଁ ସସ୍‌ପେଣ୍ଡ।
- ଆଡୋଲଫ ହିଟଲରଙ୍କ ନାଜି ଶାସନ ସମୟରେ ନିର୍ଯାତନାର ଶିକାର ହୋଇଥିବା ୩୦ ହଜାର ବ୍ୟକ୍ତିଙ୍କୁ କ୍ଷତିପୂରଣ ଦେବା ପାଇଁ ଅଷ୍ଟ୍ରେଲିଆ ପାର୍ଲାମେଣ୍ଟରେ ଏକ ଐତିହାସିକ ପ୍ରସ୍ତାବ ଗୃହୀତ।
- ମୁଜାଫରାବାଦଠାରୁ ୭୦ କିଲୋମିଟର ଉତ୍ତର-ପୂର୍ବକୁ ଅବସ୍ଥିତ ନୀଲମ୍ ଉପତ୍ୟକା ମଧ୍ୟକୁ ଏକ ଯାତ୍ରୀବାହୀ ବସ୍ ଖସିପଡ଼ି ୨୪ ଜଣ ଯାତ୍ରୀଙ୍କର ପ୍ରାଣହାନି।

## ଚିରନ୍ତନୀ

ମୁକୁରେ ନିଜ ବଦନ ଶୋଭା ଦେଖଇଁ
ମୁଗ୍‌ଧ ଆଖି ନୟନ ପରେ ରଖଇଁ
କଲୁଷହୀନ ସଜ ଅଧର
ମୁକୁରେ ନେଇ ଚାପଇଁ ମୋର
ଗଣ୍ଡ ମୋର ମୁକୁରେ ନେଇ ଯୋଖଇଁ।
(ପ୍ରସାଧନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| C | | | 7 | | | | | | 9 | | | | | 1 |
| 2 | D | | | 5 | C | 4 | | | | | | 3 | | 7 |
| | 8 | | | B | 6 | C | | | | | 5 | E | A | D |
| 7 | | | | | 9 | | | | E | | 0 | | | 4 |
| | | | | | E | 8 | | | | | 2 | C | | |
| A | | | 8 | 7 | 0 | | | | | | E | | 6 | 2 |
| | 7 | | C | | | 1 | | | | A | | | | |
| 0 | | 8 | | E | 1 | | | | | | 7 | B | | 3 |
| | | | | | | | 5 | | | 3 | | 7 | | A |
| | | D | | | | | 0 | 3 | | 9 | | | E | |
| | | | | | 7 | 6 | D | | | | | 2 | | |
| 9 | | 5 | | | | B | | 1 | | 2 | | 4 | | |
| | | | | | | | | 5 | | | | | B | 6 |
| 1 | | B | | 4 | 2 | | | | D | 5 | A | 8 | | |
| E | | | | | D | | 7 | | 4 | B | | 1 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 1 | 6 | D | 2 | B | A | C | 7 | 9 | E | 3 | 0 | 4 | 5 | 8 |
| 9 | A | 5 | C | 7 | D | B | 8 | 0 | 4 | 6 | 1 | 2 | 3 | E |
| C | E | 7 | 0 | 4 | 3 | 6 | 1 | 5 | 8 | 9 | 2 | D | A | B |
| 0 | B | 2 | 8 | 1 | E | D | 3 | 4 | A | 5 | 7 | 9 | 6 | C |
| 4 | 3 | 8 | 5 | 6 | 9 | A | E | 2 | B | D | C | 0 | 7 | 1 |
| 7 | 9 | A | D | 8 | 6 | 4 | 5 | 1 | C | 2 | B | E | 0 | 3 |
| 3 | 4 | 0 | 7 | E | C | 2 | 6 | 8 | D | 1 | 9 | 5 | B | A |
| 2 | C | E | 9 | 3 | B | 0 | D | A | 5 | 7 | 6 | 1 | 8 | 4 |
| 6 | 5 | 1 | A | 2 | 0 | 9 | B | E | 3 | 8 | 4 | 7 | C | D |
| 8 | D | B | 4 | 5 | 1 | 7 | C | 3 | 0 | E | A | 6 | 9 | 2 |
| A | 7 | 9 | 3 | D | 8 | E | 4 | B | 2 | 0 | 5 | C | 1 | 6 |
| E | 8 | 4 | 1 | 0 | 2 | 5 | 9 | C | 6 | A | 3 | B | D | 7 |
| B | 1 | 6 | E | A | 4 | 8 | 0 | 7 | 9 | C | D | 3 | 2 | 5 |
| 5 | 2 | C | 6 | 9 | 7 | 3 | A | D | 1 | B | E | 8 | 4 | 0 |
| D | 0 | 3 | B | C | 5 | 1 | 2 | 6 | 7 | 4 | 8 | A | E | 9 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଯୋଗାଣ ସଚିବ ଦୃଷ୍ଟି ଦେବେ କି

ମହାଶୟ,

ସମାଜର ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଲୋକମାନଙ୍କୁ ଖାଦ୍ୟ ସୁରକ୍ଷା ଆଇନ ମାଧ୍ୟମରେ ପ୍ରତ୍ୟେକ ମାସରେ ଗହମ, ଚାଉଳ, କିରୋସିନ ଆଦି ଆବଣ୍ଟନ ଡିଲରମାନଙ୍କ ଦ୍ୱାରା ହୋଇଥାଏ। ଡିଲରମାନେ ସେମାନଙ୍କ ଦୋକାନ ଭିତରେ ଥିବା ଫଳକରେ ଦ୍ରବ୍ୟର ମୂଲ୍ୟ ଲେଖିବାର ନିୟମ ଥିଲେ ମଧ୍ୟ ଲେଖୁ ନାହାନ୍ତି। ଅନେକ ସମୟରେ କୋଟା ବାଟମାରଣା ହେଉଥିବା ବେଳେ ଦ୍ରବ୍ୟର ସରକାରୀ ମୂଲ୍ୟଠାରୁ ଅଧିକ ନେଉଥିବାର ଦେଖାଯାଉଛି। ବର୍ତ୍ତମାନ ସମୟରେ ଲୋକମାନଙ୍କ ପାଇଁ ଆସିଥିବା କିରୋସିନର ଲିଟର ପିଛା ସରକାରୀ ଦର ଟ୧୪.୬୭ପ. ଥିବାବେଳେ ଡିଲରମାନେ କାହିଁ କେତେ ଅଧିକ ଦର ଯଥା ୩୦/୪୦ ଟଙ୍କା ଲୋକମାନଙ୍କଠାରୁ ନେଉଛନ୍ତି। ଗରିବ ଅପାଠୁଆ ଲୋକମାନେ ସରକାରଙ୍କ ନିର୍ଦ୍ଧାରିତ ଦର ଜାଣି ନ ଥିବା ବେଳେ ଡିଲରମାନେ ମନଇଚ୍ଛା ପଇସା ନେଉଛନ୍ତି। ଯୋଗାଣ ସଚିବଙ୍କୁ ଅନୁରୋଧ ପ୍ରତ୍ୟେକ ଡିଲର ସେମାନଙ୍କ ଦ୍ରବ୍ୟ ମୂଲ୍ୟର ଫଳକରେ ଠିକ୍ ମୂଲ୍ୟ ଲେଖନ୍ତୁ। ଡିଲର କିମ୍ବା ଜାଣି ନ ଜାଣିଲା ଭଳି ଅଭିନୟ କରୁଥିବା ଯୋଗାଣ ବିଭାଗ ଅଧିକାରୀମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଆଯାଉ।

ଶ୍ରୀନିବାସ ମଙ୍ଗରାଜ, କୁଦିଆରୀ, ଜଟଣୀ, ଖୋର୍ଦ୍ଧା

### ମାଟ୍ରିକ ପରୀକ୍ଷା ଫଳ ଶୀଘ୍ର ପ୍ରକାଶ ପାଉ

ବର୍ତ୍ତମାନ କରୋନାର ଭୟାବହତା ନେଇ ବୋର୍ଡ ଖାତା ଦେଖା ଉପରେ ଯେଉଁ କଟକଣା ଲାଗୁ କରିଛି ତାହା ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ପାଇଁ ଖେଳ ଖେଳିବା ପରି ହେବ। ଜୀବନ ଯାକରେ ଯେତେ ପରୀକ୍ଷା ହୋଇଥାଏ, ସେଥିମଧ୍ୟରୁ ମାଟ୍ରିକ ପରୀକ୍ଷା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଏହା ଉପରେ ପିଲାର ଭବିଷ୍ୟତ ନିର୍ଭର କରେ। ସ୍ୱଚ୍ଛ ବାତାବରଣ ଓ ସ୍ଥିର ମନରେ ଶିକ୍ଷକମାନେ ଖାତା ନ ଦେଖିଲେ ପିଲାମାନଙ୍କ କ୍ୟାରିୟର୍ ଉପରେ ଘୋର ପ୍ରଭାବ ପଡ଼ିବ। ଯଦି ଶିକ୍ଷକମାନେ ଦୂରଦୂରାନ୍ତରୁ ଆସି ଖାତା ମୂଲ୍ୟାୟନ କରିବାରେ ଅସୁବିଧା ଭୋଗୁଥାନ୍ତି ତେବେ ସେମାନଙ୍କୁ ନିଜ ନିଜ ଘରେ ଖାତା ମୂଲ୍ୟାୟନ କରିବାର ସୁଯୋଗ ଦିଆଯାଉ। ଯେକୌଣସି ଉପାୟ ଅବଲମ୍ବନ କରି ସୁରୁଖୁରୁରେ ଖାତା ଦେଖାଯିବା ସହ ଶୀଘ୍ର ଫଳ ପ୍ରକାଶ ପାଉ। ଯଦି ଏଥିରେ ବିଳମ୍ବ କରାଯାଏ, ପିଲାମାନେ ଧୈର୍ଯ୍ୟହରା ହୋଇଯିବେ ଓ ତାଙ୍କ ଭବିଷ୍ୟତ ଦିଶାହୀନ ହୋଇଯିବ।

ସଚ୍ଚିଦାନନ୍ଦ ମିଶ୍ର, ଗଡ଼ହଳଦିଆ, ଖୋର୍ଦ୍ଧା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଷ୍ଟାଟସ ରିପୋର୍ଟ ମାଗିଲେ ହାଇକୋର୍ଟ

**କଟକ ଅଫିସ,୨।୬**

**ରଥଯାତ୍ରା ସମ୍ପର୍କିତ ଜନସ୍ୱାର୍ଥ ମାମଲା**

- ବିନା ଭକ୍ତରେ ଯାତ୍ରା ଆୟୋଜନ ସମ୍ପର୍କିତ ସବିଶେଷ ତଥ୍ୟ ଦେବେ ରାଜ୍ୟ ସରକାର

କରୋନା ପାଇଁ ଚଳିତ ବର୍ଷ ରଥଯାତ୍ରା ବାତିଲ କରିବା ପାଇଁ ହାଇକୋର୍ଟରେ ଯେଉଁ ଜନସ୍ୱାର୍ଥ ମାମଲା ରୁଜୁ ହୋଇଥିଲା, ସେଥିରେ ମଙ୍ଗଳବାର ରାଜ୍ୟ ସରକାର ନିଜ ପକ୍ଷ ରଖିଛନ୍ତି। କେବଳ 'ବିଧି ଓ ବିଧାନ' ପାଇଁ ରଥଯାତ୍ରା ଆୟୋଜିତ ହେବ। ଭକ୍ତଙ୍କୁ ରଥ ଟାଣିବା ପାଇଁ ଅନୁମତି ଦିଆଯିବ ନାହିଁ। କିନ୍ତୁ ସେମାନଙ୍କ ପାଇଁ ଟିଭିରେ ଯାତ୍ରାର ସିଧା ପ୍ରସାରଣ ହେବ। ପୁରୀ ସହରକୁ ସମ୍ପୂର୍ଣ୍ଣ ସିଲ୍ କରାଯିବ। ରଥଯାତ୍ରା ଆୟୋଜନ ବେଳେ କରୋନା କୋଭିଡ୍-୧୯ ପାଇଁ ଥିବା ଗାଇଡଲାଇନ୍‌ର କୌଣସି ପ୍ରକାର ଉଲ୍ଲଂଘନ ହେବନାହିଁ ବୋଲି ସରକାରଙ୍କ ପକ୍ଷରୁ ଆଡଭୋକେଟ୍ ଜେନେରାଲ ଅଶୋକ ପରିଜା ଯୁକ୍ତି ରଖିଥିଲେ। ତେବେ ସରକାର କିଭଳି ବିନା ଭକ୍ତରେ ରଥଯାତ୍ରା ଆୟୋଜନ ପାଇଁ ଯୋଜନା କରିଛନ୍ତି, ସେନେଇ ସବିଶେଷ ତଥ୍ୟ ଦେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ତିନି ରଥ ଟାଣିବା ପାଇଁ ବହୁ ଭକ୍ତଙ୍କ ଆବଶ୍ୟକତା ରହିଛି। ଯଦି ଭକ୍ତ ନ ରହିବେ, କେଉଁମାନେ ରଥ ଟାଣିବେ। କେତେ ସଂଖ୍ୟକ ବ୍ୟକ୍ତିଙ୍କୁ ନିୟୋଜିତ କରାଯିବ ଓ ପୁରୀ ସହରକୁ କିଭଳି ସିଲ୍ କରାଯିବ, ସେନେଇ ତଥ୍ୟ ରଖିବା ପାଇଁ ନିର୍ଦ୍ଦେଶରେ କୁହାଯାଇଛି। ମୁଖ୍ୟ ବିଚାରପତି ମହମ୍ମଦ ରଫିକ ଓ ବିଚାରପତି ବିଶ୍ୱଜିତ ମହାନ୍ତିଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିଛନ୍ତି। ଆସନ୍ତା ୯ରେ ପରବର୍ତ୍ତୀ ଶୁଣାଣି ହେବ। ଉଲ୍ଲେଖଯୋଗ୍ୟ, କରୋନା ସଂକ୍ରମଣ ଆଶଙ୍କା ଥିବାରୁ ଚଳିତ ବର୍ଷ ରଥଯାତ୍ରା ବାତିଲ କରିବା ପାଇଁ ନିବେଦନ କରି ଭାରତୀୟ ବିକାଶ ପରିଷଦ ପକ୍ଷରୁ ସଭାପତି ସୁରେନ୍ଦ୍ର ପାଣିଗ୍ରାହୀ ମାମଲା ରୁଜୁ କରିଥିଲେ। ଏହି ମାମଲାରେ ପକ୍ଷଭୁକ୍ତ ହେବା ପାଇଁ ଆଉ ୪ଟି ହସ୍ତକ୍ଷେପ ଯାଚିକା (ଇଣ୍ଟରଭେନ୍ସନ ପିଟିସନ୍) ଦାଖଲ କରାଯାଇଥିଲା। କୋର୍ଟ ସେହି ୪ଟି ଯାଚିକାକୁ ମଧ୍ୟ ଗ୍ରହଣ କରିଛନ୍ତି। ସେମାନଙ୍କ ପକ୍ଷରୁ ଆଇନଜୀବୀ ବିଜୟ ରଗଡ଼ ଓ ମାନସ ମହାପାତ୍ର ଯୁକ୍ତି ରଖିଥିଲେ।

# କେନ୍ଦ୍ରାପଡ଼ାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୧୫୨

**କେନ୍ଦ୍ରାପଡ଼ା ଅଫିସ/ମାର୍ଶାଘାଇ (ଡି.ଏନ୍.ଏ.),୨।୬**

କେନ୍ଦ୍ରାପଡ଼ା ଜିଲାରେ ୧୩ ଜଣ ନୂତନ କରୋନା ଆକ୍ରାନ୍ତ ମଙ୍ଗଳବାର ଚିହ୍ନଟ ହୋଇଛନ୍ତି। ଫଳରେ ଆକ୍ରାନ୍ତଙ୍କ ସଂଖ୍ୟା ୧୫୨ରେ ପହଞ୍ଚିଛି। ଅପରପକ୍ଷେ ସୋମବାର ସୁଦ୍ଧା ଜିଲାର ୬୯ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଥିବା ବେଳେ ମଙ୍ଗଳବାର ୧୬ ଜଣ ସୁସ୍ଥ ହୋଇଥିବା ଜିଲାପାଳ ସମର୍ଥ ବର୍ମା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସେ କହିଛନ୍ତି, ନୂତନ ଆକ୍ରାନ୍ତଙ୍କ ମଧ୍ୟରୁ ୮ ଜଣ ସୁରଟ, ବମ୍ବେ ଓ ଦିଲ୍ଲୀରୁ ୨ ଜଣ ଲେଖାଏ ଓ ଜଣେ ବାଙ୍ଗାଲୋର ଫେରନ୍ତା। ଏମାନେ ନିକଟରେ ପ୍ରବାସରୁ ଫେରି ସଙ୍ଗରୋଧ କେନ୍ଦ୍ରରେ ଥିଲେ। ସେମାନଙ୍କୁ ଚିକିତ୍ସା ପାଇଁ କୋଭିଡ୍ ହସ୍ପିଟାଲକୁ ପଠାଯାଇଛି। ଏଥିସହିତ ମାର୍ଶାଘାଇ ବ୍ଲକ କୁଆଁପାଳ ଗ୍ରାମର ଜଣେ କରୋନା ଆକ୍ରାନ୍ତ ଚିହ୍ନଟ ବ୍ୟକ୍ତି ଘରେ ସଙ୍ଗରୋଧ ନିୟମରେ ଥିଲେ। ଏଥିପାଇଁ କୁଆଁପାଳ ଗ୍ରାମକୁ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କରାଯାଇଛି। ଏହି ଜୋନରେ ୭୫ ପରିବାରର ୩୦୦ ସଦସ୍ୟ ରହିଛନ୍ତି।

# ବ୍ୟାଙ୍କ ଅଫ୍ ବରୋଦାରୁ ଚୋରି ଉଦ୍ୟମ

**ବଇଣ୍ଡା,୨।୬(ଡି.ଏନ.ଏ.)**



ଠାକୁରଗଡ଼ ପୋଲିସ ପକ୍ଷରୁ ତଦନ୍ତ କରାଯାଉଛି।

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ପାଇକସାହି ଗ୍ରାମରେ ଥିବା ବ୍ୟାଙ୍କ ଅଫ୍ ବରୋଦାରୁ ସୋମବାର ବିଳମ୍ବିତ ରାତିରେ ଚୋରି ଉଦ୍ୟମ ହୋଇଛି। ଦୁର୍ବୃତ୍ତମାନେ ମୁଖ୍ୟ ଫାଟକ ତାଲା କାଟି ଭିତରେ ପଶି ଏଟିଏମ୍ ଭାଙ୍ଗିଦେଇଛନ୍ତି। ତେବେ ଟ୍ରଙ୍କ ଭାଙ୍ଗି ନ ପାରିବାରୁ ଟଙ୍କାଟିଏ ବି ନେଇପାରି ନାହାନ୍ତି। ଗଲାବେଳେ ବ୍ୟାଙ୍କର ଦୁଇଟି କମ୍ପ୍ୟୁଟର ଦୁର୍ବୃତ୍ତମାନେ ନେଇଯାଇଥିବା ଶାଖା ପରିଚାଳକ ଉମାଶଙ୍କର ଜେନାମଣି ଠାକୁରଗଡ଼ ଥାନାରେ ଅଭିଯୋଗ କରିଛନ୍ତି।

ଘଟଣାରୁ ପ୍ରକାଶ ଯେ, ୨ଜଣ ଦୁର୍ବୃତ୍ତ ରାତି ପ୍ରାୟ ୧ଟା ବେଳେ ମୁଖ୍ୟ ଫାଟକ ତାଲା କାଟି ବ୍ୟାଙ୍କ ଭିତରକୁ ପ୍ରବେଶ କରିଥିଲେ। ଭିତରେ ଥିବା ଟ୍ରଙ୍କ ଭାଙ୍ଗିବାକୁ ଉଦ୍ୟମ କରି ବିଫଳ ହେବାରୁ ସେମାନେ ଏଟିଏମ୍ ତାଡ଼ି ଦେଇଥିଲେ। ହେଲେ ଟଙ୍କା ନେଇ ନ ପାରିବାରୁ କାଗଜପତ୍ର ଏଣେତେଣେ ଫିଙ୍ଗି ଦେଇଥିଲେ। ୨ଟି କମ୍ପ୍ୟୁଟର ଚୋରାଇ ନେଇଥିଲେ। ସକାଳେ କର୍ମଚାରୀମାନେ ବ୍ୟାଙ୍କକୁ ଆସିବା ପରେ ଚୋରି ଉଦ୍ୟମ ସମ୍ପର୍କରେ ଜଣାପଡ଼ିଥିଲା। ଅଭିଯୋଗ ପାଇ ଠାକୁରଗଡ଼ ପୋଲିସ ନଂ. ୭୫/୨୦ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଆଠମଲ୍ଲିକ ଏସ୍‌ଡିପିଓ ଭବାନୀଶଙ୍କର ଉଦ୍‌ଗାତା, ଆଇଆଇସି ଗବାକ୍ଷ ନାୟକ, ସେକେଣ୍ଡ ଅଫିସର ସୁରେଶ ଚନ୍ଦ୍ର ବେହେରା, ଏଏସ୍‌ଆଇ କରୁଣାକର ନନ୍ଦ, ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ସହ ପହଞ୍ଚି ତଦନ୍ତ କରିଥିଲେ ହେଁ ଦୁର୍ବୃତ୍ତମାନଙ୍କ ସମ୍ପର୍କରେ କିଛି ଜଣାପଡ଼ି ନାହିଁ। ତେବେ ସିସିଟିଭି ଫୁଟେଜରେ ୨ ଦୁର୍ବୃତ୍ତ ଆସିଥିବା ସ୍ପଷ୍ଟ ହୋଇଛି ବୋଲି ପୋଲିସ କହିଛି। ଅପରପକ୍ଷରେ ଗ୍ରାମବାସୀଙ୍କ ବାରମ୍ବାର ଦାବି ପରେ ବି ଏକ ବିପଦସଙ୍କୁଳ ଘରେ ଚାଲୁଥିବା ବ୍ୟାଙ୍କକୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି।

# କେନ୍ଦ୍ରମନ୍ତ୍ରୀଙ୍କ ନିଖୋଜ ପୋଷ୍ଟର ଲାଗିବା ଘଟଣା: ୨ ଗିରଫ

**ବାଲେଶ୍ୱର ଅଫିସ, ୨।୬**

ବାଲେଶ୍ୱର ସହରର ବିଭିନ୍ନ ସ୍ଥାନରେ ଗତ ରବିବାର କେନ୍ଦ୍ର ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ, ମତ୍ସ୍ୟ, ପ୍ରାଣୀବିକାଶ ଏବଂ ଗୋପାଳନ ରାଷ୍ଟ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ନିଖୋଜ ପୋଷ୍ଟର ଲାଗିଥିଲା। ଏହାକୁ ନେଇ ଜିଲା ଭାଜପା ପକ୍ଷରୁ ସହଦେବଖୁଣ୍ଟା ମଡେଲ ଥାନାରେ ଯୁବମୋର୍ଚ୍ଚା ସଭାପତି ସମର ଶଙ୍କର କାନୁନ୍‌ଗୋ ଲିଖିତ ଅଭିଯୋଗ କରିବା ସହ ଦଳୀୟ କର୍ମକର୍ତ୍ତାମାନେ ଏ ସମ୍ପର୍କରେ ଥାନା ଅଧିକାରୀ କୃଷ୍ଣଚନ୍ଦ୍ର ପଲେଇଙ୍କ ସହ ଆଲୋଚନା କରିଥିଲେ। ଏନେଇ ମାମଲା (ନଂ. ୧୫୮/୨୦) ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିଲା। ଏତଲା ଅନୁଯାୟୀ ୫ଜଣ ଏକ ନିର୍ଦ୍ଦିଷ୍ଟ ଦଳର ଯୁବକ ଏହି ପୋଷ୍ଟରର ଫଟୋ ନିଜ ଫେସବୁକ୍‌ରେ ଅପଲୋଡ୍ କରିଥିବା ମଧ୍ୟ ଅଭିଯୋଗ ହୋଇଥିଲା। ମଙ୍ଗଳବାର ଉକ୍ତ ୫ଜଣଙ୍କ ମଧ୍ୟରୁ ଜ୍ଞାନେନ୍ଦ୍ର ମହାନ୍ତି ଏବଂ ଗୌତମ ସାହୁଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଅନ୍ୟ ୩ଜଣଙ୍କୁ ଧରିବା ପାଇଁ ପୋଲିସ ଉଦ୍ୟମ ଜାରି ରଖିଥିବା ତଦନ୍ତ ଅଧିକାରୀ ବିରଞ୍ଚି ସାହୁ ପ୍ରକାଶ କରିଛନ୍ତି।

## COLLECTORATE: PURI
### DISTRICT CHILD PROTECTION UNIT (SOCIAL WELFARE SECTION)

No. 395 Dt. 02.06.2020

No.g-02:- In pursuance of District Office Advertisement No. 897, dt. 04.10.2019 for temporary engagement of contractual staff for DCPU, CWC & JJB, the applicants eligible or not eligible for written test and rejected list of applicants are available in district website www.puri.nic.in . Any objection in this regard may be filed personally before District Child Protection Officer, Acharya Harihar Square, In front of Sea beach Police Station, Collectorate, Puri within dt. 09.06.2020 of publication of this Notice during office hours after which objections will not be entertained.

**Sd./- Collector, Puri**

OIPR-33018/11/0001/2021

## GOVERNMENT OF ODISHA
### OFFICE OF THE SUPERINTENDING ENGINEER, CENTRAL CIRCLE (R&B), NIRMAN SOUDHA, PHASE-II, 2ND FLOOR, BHUBANESWAR

Mail i. d. seccbbsr@gmail.com

**E-procurement Tender Call Notice No.11 of 2019-20**

**No. 1199 (Estg.) Bhubaneswar the 30th May'2020**

No.B-53:- The Superintending Engineer, Central Circle (R&B), Bhubaneswar on behalf of the Governor of Odisha invites percentage rate bids for one number of Composite Building work and four numbers road works to be received in online bidding, double cover system for construction work as detailed in:https://tendersorissa.gov.in. The details of bid documents will be available in the above website from 5.00 PM of 12.06.2020 to 5:00 PM of 26.06.2020. The bidders must possess compatible Digital Signature Certificate of Class II or III. Bids received online shall be opened at 11:00 AM of 29.06.2020 in the Office of the Superintending Engineer, Central Circle (R&B), Bhubaneswar. Further details can be seen from the e-procurement portal www.tendersorissa.gov.in.

Addendum / Corrigendum, if required, will be available only in the Website.

**Sd./- Superintending Engineer**
**Central Circle (R&B), Bhubaneswar**

OIPR-34005/11/0001/2021

## ZILLA SWASTHYA SAMITI, DHENKANAL
### DISTRICT PROGRAMME MANAGEMENT UNIT
### NATIONAL HEALTH MISSION
### TENDER CALL NOTICE FOR HIRING OF VEHICLE

No. E-30:- Sealed proposals as per the prescribed RFP document are invited from interested eligible bidders (Private Individuals / Tour Operators / Travel Agency) for hiring & empanelment of vehicles for Mobile Health Team (MHT) at Block CHCs level on a monthly basis for implementation of the Rashtriya Bal Swasthya Karyakram (RBSK). The eligibility criteria, terms of reference and the formats for submission of bid are set forth in the RFP document, which can be downloaded from the website **www.dhenkanal.nic.in**. Interested bidders fulfilling the eligibility criteria may submit their proposals with EMD & documents as per RFP for concerned CHC. The details of the Block CHCs are mentioned in the RFP document. The bidders have to submit their proposals with all required documents to the Concerned Block MO I/C, Dhenkanal on or before **Dt.25.06.2020 by 05.30 P.M.** through Speed Post/ Regd. Post/Courier only. The opening date of tenders will be on **26.06.2020 at 11 A.M.** at concerned CHCs. The undersigned reserves the right to reject any or all the proposals without assigning any reason thereof and is not responsible for any postal delay.

**Sd./- CDM&PHO-cum-District Mission Director, Dhenkanal**

OIPR-10059/11/0001/2021

## OFFICE OF THE SUPERINTENDENT PANDIT RAGHUNATH MURMU MEDICAL COLLEGE & HOSPITAL BARIPADA, MAYURBHANJ, 757001

**Request for proposal (RFP) for Supply of Diet (Dry & Cooked) to PRM Medical College and Hospital, Baripada**

Adv. No.1545 Date: 29.05.2020

No.E-28:- Sealed proposals as per the RFP documents are invited from interested eligible bidders having adequate experience in taking up the work of **"Supply of Diet (Dry & Cooked) to PRM Medical College and Hospital, Baripada"**. The eligibility criteria and the details requirement of the said service along with the formats for submission for proposal can be downloaded from the district website i.e. www.mayurbhanj.nic.in. The tender should reach the office of the undersigned within 4 P.M. of **dt.24.06.2020** and tender will be opened on **Dt.25.06.2020 at 11 A.M.** in the Committee Hall of PRM MCH, Baripada, Mayurbhanj. The undersigned will not be held responsible for any postal delay and reserves the right to reject any or all the tenders without assigning reason thereof.

**Sd./- Superintendent**
**PRM MCH, Baripada, Mayurbhanj**

OIPR-10120/11/0002/2021

## ଓଡ଼ିଶା ସରକାର
# ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
## ଅଧିସୂଚନା

**No. RDM-LAA-MBJ-0063/2019/26913 R&DM** **Dated 10 Sep. 2019**

No. XXI-01:- ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ମୟୂରଭଞ୍ଜ ଜିଲ୍ଲାର ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ହରିପୁର ଡିଷ୍ଟ୍ରିବ୍ୟୁଟାରୀ ନିର୍ମାଣ ନିମନ୍ତେ ସରକାର ସରକାରୀ ବ୍ୟୟରେ ମୌଜା- ଇସାଣପୁର, ଥାନା- ବୈଶିଙ୍ଗା ନଂ. ୧୨୫, ତହସିଲ- ବେତନଟୀ, ଜିଲ୍ଲା- ମୟୂରଭଞ୍ଜରେ ନିମ୍ନ ତଫସିଲମତେ ପ୍ରାୟ ଏ.୩.୨୫ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ;

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ୍, ୨୦୧୩ (RFCTLAR&R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ - ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ହରିପୁର ଡିଷ୍ଟ୍ରିବ୍ୟୁଟାରୀ ନିର୍ମାଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ - ନିର୍ବାହୀ ଯନ୍ତ୍ରୀ, ବୈଶିଙ୍ଗା କେନାଲ ଡିଭିଜନ, ଲକ୍ଷ୍ମୀପୋଷି, ମୟୂରଭଞ୍ଜ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ - ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ - ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ - ଉପ-ଜିଲ୍ଲାପାଳ, ବାରିପଦା।
୬. ଜମିର ବିବରଣୀ -

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତର ନାମ |
|---|---|---|---|---|---|---|---|---|
| ମୟୂରଭଞ୍ଜ | ବେତନଟୀ | ଇସାଣପୁର | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ.୧୬.୦୭ | ଏ.୩.୨୫ | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ଲକ୍ଷ୍ମୀପୋଷୀ ବାରିପଦା ସ୍ଥିତ, ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ମୟୂରଭଞ୍ଜ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ସ୍ୱା./- ଅତିରିକ୍ତ ଶାସନ ସଚିବ**

### ଭୂମି ଅନୁସୂଚୀ

ଭୂଅର୍ଜନ ମାମଲା ସଂଖ୍ୟା- ୨୪/୨୦୧୯, ଏ.୩.୨୫ଡି

**ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ହରିପୁର ଡିଷ୍ଟ୍ରିବ୍ୟୁଟାରୀ ନିମନ୍ତେ**
**ମୌଜା- ଇସାଣପୁର, ଥାନା- ବୈଶିଙ୍ଗା, ନଂ.-୧୨୫, ତହସିଲ- ବେତନଟୀ, ଜିଲ୍ଲା- ମୟୂରଭଞ୍ଜ**

| ଖାତା ନଂ. ଓ ସ୍ୱତ୍ୱ | ପ୍ଲଟ ନଂ. | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ୪ | ୨୬ | ୩.୫୧୦ | ୦.୯୬ | ଚକଭୁକ୍ତ ହୋଇଥିବା ପ୍ଲଟ ଚକ ନଂ.-୨୫ | କାହ୍ନୁ ଚରଣ ମହାନ୍ତି, ପି.- ଗୋପୀନାଥ ମହାନ୍ତି, ଜା: କରଣ, ବା: ନିଜଗାଁ |
| | ୨୭ | ୦.୬୭୦ | ୦.୪୬ | ଶାରଦ ଅଣଜଳସେଚିତ ଦୁଇ | |
| | ୨୮ | ୨.୩୨୦ | ୦.୮୬ | ଶାରଦ ଅଣଜଳସେଚିତ ଦୁଇ | |
| ୬ | ୪୨ | ୦.୫୭୦ | ୦.୧୨ | ଶାରଦ ଅଣଜଳସେଚିତ ଦୁଇ | କାହ୍ନୁ ଚରଣ ମହାନ୍ତି, ପି.- ବିଜୟ ରାମ ମହାନ୍ତି, ଜା: କରଣ, ବା: ନିଜଗାଁ |
| ୧୨ | ୫ | ୭.୩୩୦ | ୦.୩୨ | ଚକଭୁକ୍ତ ହୋଇଥିବା ପ୍ଲଟ ଚକ ନଂ.-୫ | ଦୁର୍ଗା ଚରଣ ମହାନ୍ତି, ପି.- ବଳରାମ ମହାନ୍ତି, ଜା: କରଣ, ବା: ନିଜଗାଁ |
| ୨୫ | ୪୪ | ୦.୪୭୦ | ୦.୦୩ | ଚକଭୁକ୍ତ ହୋଇଥିବା ପ୍ଲଟ ଚକ ନଂ.-୨୬ | ସୋମନାଥ ମହାରଣା, ପି.- ରାଧୁ ମହାରଣା, ଜା: ବଢ଼େଇ, ବା: ନିଜଗାଁ |
| ୨୬/୫ | ୩ | ୧.୨୦୦ | ୦.୫୦ | ଘରବାରି | ବାସୁକି ଦୁଲାଲ ଦାସ, ପି.- ନରେଶ ଚନ୍ଦ୍ର ଦାସ, ମଞ୍ଜୁରାଣୀ ଦାସ, ସ୍ୱା.- ବାସୁକି ଦୁଲାଲ ଦାସ, ଜା: କରଣ, ବା: ନୂଆପାଢ଼ୀ, ଥାନା- ରେମୁଣା |
| ମୋଟ | ୭ ପ୍ଲଟକୁ | ଏ.୧୬.୦୭୦ ଡେ.ମି. | ଏ.୩.୨୫ ଡେ.ମି. | | |

OIPR-24001/14/0001/2021

## ଓଡ଼ିଶା ସରକାର
# ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
## ଅଧିସୂଚନା

**No. RDM-LAA-MBJ-0062/2019/26920 R&DM** **Dated 10 Sep. 2019**

No. XXI-02:- ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ମୟୂରଭଞ୍ଜ ଜିଲ୍ଲାର ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ମୁକ୍ତାପୁର ସବ ମାଇନର ନିର୍ମାଣ ନିମନ୍ତେ ସରକାର ସରକାରୀ ବ୍ୟୟରେ ମୌଜା- କରଞ୍ଜକୋଇଲି, ଥାନା- ବେତନଟୀ ନଂ. ୧୦୭, ତହସିଲ- ବେତନଟୀ, ଜିଲ୍ଲା- ମୟୂରଭଞ୍ଜରେ ନିମ୍ନ ତଫସିଲମତେ ପ୍ରାୟ ଏ.୦.୨୯ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ;

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ୍, ୨୦୧୩ (RFCTLAR&R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ - ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ମୁକ୍ତାପୁର ସବ ମାଇନର ନିର୍ମାଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ - ନିର୍ବାହୀ ଯନ୍ତ୍ରୀ, ବୈଶିଙ୍ଗା କେନାଲ ଡିଭିଜନ, ଲକ୍ଷ୍ମୀପୋଷି, ମୟୂରଭଞ୍ଜ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ - ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ - ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ - ଉପ-ଜିଲ୍ଲାପାଳ, ବାରିପଦା।
୬. ଜମିର ବିବରଣୀ -

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତର ନାମ |
|---|---|---|---|---|---|---|---|---|
| ମୟୂରଭଞ୍ଜ | ବେତନଟୀ | କରଞ୍ଜକୋଇଲି | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ.୦.୮୨ | ଏ.୦.୨୯ | ଏଥି ସହିତ ସଂଲଗ୍ନ |

- ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏକର ୦.୨୯ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ।

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ଲକ୍ଷ୍ମୀପୋଷୀ ବାରିପଦା ସ୍ଥିତ, ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ମୟୂରଭଞ୍ଜ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ସ୍ୱା./- ଅତିରିକ୍ତ ଶାସନ ସଚିବ**

### ଭୂମି ଅନୁସୂଚୀ

ଭୂଅର୍ଜନ ମାମଲା ସଂଖ୍ୟା- ୧୨/୨୦୧୯
ଏ.୦.୨୯ଡି

**ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ମୁକ୍ତାପୁର ସବମାଇନର ନିମନ୍ତେ**
**ମୌଜା- କରଞ୍ଜକୋଇଲି, ଥାନା- ବେତନଟୀ, ନଂ.-୧୦୭, ତହସିଲ- ବେତନଟୀ, ଜିଲ୍ଲା- ମୟୂରଭଞ୍ଜ**

| ଖାତା ନଂ. ଓ ସ୍ୱତ୍ୱ | ପ୍ଲଟ ନଂ. | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ସମପରିମାଣର ଗୋଚର ପ୍ରତିବଦଳ ଏ.୦.୨୯ ନିମନ୍ତେ | | | | | |
| ୩୬ | ୯୩ | ୦.୪୬.୫ | ୦.୧୮ | ଶାରଦ ଅଣଜଳସେଚିତ ଦୁଇ | ପ୍ରତାପ ଚନ୍ଦ୍ର ବେହେରା, ପ୍ରସନ୍ନ କୁମାର ବେହେରା, ପି.- ମହେଶ୍ୱର ବେହେରା, ଜା: କୁମ୍ଭାର, ବା: ଛୋଟରାୟପୁର |
| ୫୭ | ୯୪ | ୦.୩୫.୫ | ୦.୧୧ | ଶାରଦ ଅଣଜଳସେଚିତ ଦୁଇ | ମକରା ବେହେରା, ପି.- ସୁପା ବେହେରା, ଜା: କୁମ୍ଭାର, ବା: ଛଚିନାପଦା |
| ମୋଟ | ୨ ପ୍ଲଟକୁ | ଏ.୦.୮୨ ଡେ.ମି. | ଏ.୦.୨୯ ଡେ.ମି. | | |

OIPR-24001/14/0002/2021

## THE ODISHA BACKWARD CLASSES FINANCE & DEVELOPMENT CO-OPERATIVE CORPORATION LIMITED

Qr. No. A/6, Unit-5, Near Rajiv Bhawan, Bhubaneswar - 751001, Phone No. (0674) 2391061
E-mail: obcfdcc@yahoo.com

**No. 169/OBCFDCC** **Dated: 02.06.20**

### QUOTATION CALL NOTICE

No. CAD-106:- Sealed quotation/tenders having valid GST Registration Certificate are invited in the prescribed format (given in Annexure - III) from interested reputed Travel Agencies/Tour Operator or Private individuals for providing 01 (One) number of Swift Dzire/Etios vehicle for the use of the Managing Director, The Odisha Backward Classes Finance & Development Co-operative Corporation Ltd. on monthly rented basis, which must confirm to the terms and conditions (Annexure - II) on monthly rent basis.

1. The Vehicle must be in Road Worthy condition, shall not be more than 3 years old from the date of initial registration and must have valid Registration Certificate, Insurance Certificate, Fitness Certificate, valid Contract Carriage Permit, Proof of Uptodate Tax payment, GEM Registration etc. which are mandatory for plying the vehicle.
2. The driver of the vehicle must have a valid Driving Licence for driving light transport passenger vehicle and should be sufficiently experienced in driving transport passenger vehicle.
3. The driver should be well behaved, gentle and obedient in nature.
4. A sum of Rs.5000/- shall be deposited by the intending bidders in shape of Account Payee Bank Draft drawn in favour of the "Managing Director, The Odisha Backward Classes Finance & Development Co-operative Corporation Ltd." and submitted along with the tender as security deposit. After completion of tender process, the amount will be refunded to unsuccessful bidders.
5. The monthly rate of hire charge be quoted separately in the general bid information (excluding fuel and lubricants).
6. The vehicle must achieve a fuel efficiency of 17 Kms per litre with maximum hiring charges of Rs.26,000/- (Rupees twenty six thousand) only per month.
7. The details of the make and year of manufacture of the vehicle, registration number, mileage (Kms covered per litre) and name of the driver with Driving Licence Number and period of validity should be specificially provided general licence number and period of validity should be specifically provided in the general bid information to be furnished with the qutoation/tender (Annexure - III)
8. The quotation completed in all respect should reach the undersigned on or before 19.06.2020 by 2.00 P.M. and shall be opened on the same day at 4.00 P.M. in presnece of the bidders or their authorized representatives.
9. The application form of quotation/tender containing General Bid Inforamtion & terms and conditions for hiring of vehicle etc. will be available with The Odisha Backward Classes Finance & Development Co-operative Corporation Ltd. on payment of Rs.100/- from 05.06.2020 to 19.06.2020 upto 11.00 A.M.

**Sd./- Asst. General Manager**
**OBCFDCC Ltd.**

OIPR-26008/11/0001/2021

ରେଜିଷ୍ଟ୍ରୀ ସଂ. ଡି.ଏଲ୍.-33004/99 REGD. NO. D.L.-33004/99

सत्यमेव जयते

# भारत का राजपत्र
# The Gazette of India

ଅସାଧାରଣ
EXTRAORDINARY
ଭାଗ II-ଖଣ୍ଡ 3-ଉପ ବିଭାଗ (ii)
PART II-Section 3-Sub-section (ii)
ପ୍ରାଧିକର୍ତାଙ୍କ ଦ୍ୱାରା ପ୍ରକାଶିତ
PUBLISHED BY AUTHORITY

ସଂ. 720] ନୂଆଦିଲ୍ଲୀ, ଗୁରବାର, ଫେବୃୟାରୀ 20, 2020/ ଫାଲ୍‌ଗୁନ 1, 1941
No. 720] NEW DELHI, THURSDAY, FEBRUARY 20, 2020/PHALGUNA 1, 1941

## ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରାଳୟ
## ବିଜ୍ଞପ୍ତି

ନୂଆଦିଲ୍ଲୀ, ତା.୧୯ ଫେବୃୟାରୀ, ୨୦୨୦

**କା.ଆ. ୭୮୯ (ଅ)** – କେନ୍ଦ୍ର ସରକାର ରାଷ୍ଟ୍ରୀୟ ରାଜମାର୍ଗ ଅଧିନିୟମ, ୧୯୫୬(୧୯୫୬ ର ୪୮) (ଯାହାକୁ ଏଥିରେ ଏହାର ପଶ୍ଚାତ୍ ଉକ୍ତ ଅଧିନିୟମ କୁହାଯାଇଛି) ର ଧାରା ୩କ ର ଉପଧାରା (୧) ର ଅଧୀନ ଜାରି କରାଯାଇଥିବା ଭାରତ ସରକାରଙ୍କ ସଡ଼କ ପରିବହନ ଏବଂ ରାଜମାର୍ଗ ମନ୍ତ୍ରଣାଳୟର ଅଧିସୂଚନା ସଂଖ୍ୟା କା.ଆ ୧୦୧୨ (ଅ), ତାରିଖ ୨୨ ଫେବୃୟାରୀ ୨୦୧୯ ଯାହା ଭାରତର ରାଜପତ୍ର, ଅସାଧାରଣ, ଭାଗ ୨, ଖଣ୍ଡ ୩, ଉପଖଣ୍ଡ (୨) ରେ ପ୍ରକାଶିତ କରାଯାଇଥିଲା, ଦ୍ୱାରା ଓଡ଼ିଶା ରାଜ୍ୟର ଯାଜପୁର ଜିଲ୍ଲାରେ କି.ମି. ୬୨.୦୦୦ ଠାରୁ କି.ମି. ୧୩୬.୫୦୦ (ଚଣ୍ଡିଖୋଲ –ଭଦ୍ରକ ସେକ୍‌ସନ) ପର୍ଯ୍ୟନ୍ତ ରାଷ୍ଟ୍ରୀୟ ରାଜମାର୍ଗର ନିର୍ମାଣ (ଓସାର କରିବା, ଛଅଲେନ୍ କରିବା, ଆଦି), ଅନୁରକ୍ଷଣ, ପରିଚାଳନା ଏବଂ ପ୍ରଚଳନ ପାଇଁ ସେହି ଅଧିନିୟମର ମାପଦଣ୍ଡ ଅନୁସୂଚୀରେ ବିନିର୍ଦ୍ଦିଷ୍ଟ ଭୂମିର ଅର୍ଜନ କରିବା ପାଇଁ ନିଜର ଆଗ୍ରହର ଘୋଷଣା କରିଥିଲେ ।

ଏବଂ ଉକ୍ତ ଅଧିସୂଚନାର ସାର ଉକ୍ତ ଅଧିନିୟମର ଧାରା ୩କ ର ଉପଧାରା (୩) ର ଅଧୀନ ତାରିଖ ୧୬.୦୩.୨୦୧୯ ରେ "ପ୍ରମେୟ" ଏବଂ "ଧରିତ୍ରୀ" ୨ ଟି ସମ୍ବାଦ ପତ୍ରରେ ପ୍ରକାଶ କରାଯାଇଥିଲା ;

ଏବଂ ଅଭିଯୋଗ ପ୍ରାପ୍ତ ହୋଇଥିଲା ଓ ସକ୍ଷମ ଅଧିକାରୀ ତାହା ଉପରେ ବିଚାର କରିଛନ୍ତି ଏବଂ ଅଭିଯୋଗର ସମାଧାନ କରିଛନ୍ତି ;

ଏବଂ ସକ୍ଷମ ଅଧିକାରୀ ଉକ୍ତ ଅଧିନିୟମର ଧାରା ୩ଘ ର ଉପଧାରା (୧)ର ଅନୁସରଣରେ କେନ୍ଦ୍ର ସରକାରକୁ ନିଜର ରିପୋର୍ଟ ଦେଇଛନ୍ତି ;

ଏବଂ ଏବେ, କେନ୍ଦ୍ର ସରକାର, ଉକ୍ତ ଅଧିନିୟମର ଧାରା ୩ଘ ର ଅଧିନିୟମ (୨) ର ଅନୁସରଣରେ ଏହା ଘୋଷଣା କରୁଛି ଯେ ଏହି ଅଧିସୂଚନାର ରାଜପତ୍ରରେ ପ୍ରକାଶନରେ, ଉକ୍ତ ଅନୁସୂଚୀରେ ବିନିର୍ଦ୍ଦିଷ୍ଟ ଭୂମି ସମସ୍ତ ଠାରୁ ମୁକ୍ତ ହୋଇ ଅତ୍ୟନ୍ତିକ ଭାବରେ କେନ୍ଦ୍ର ସରକାରରେ ନିହିତ ହୋଇଯିବ ।

### ଅନୁସୂଚୀ

**ଓଡ଼ିଶା ରାଜ୍ୟର ଯାଜପୁର ଜିଲ୍ଲାରେ ଏନ୍‌ଏଚ୍ ୧୬ ର କି.ମି. ୬୨.୦୦୦ ଠାରୁ କି.ମି. ୧୩୬.୫୦୦ ପର୍ଯ୍ୟନ୍ତର ଭୂଖଣ୍ଡ ପାଇଁ ଅର୍ଜନ କରାଯିବାକୁ ଥିବା ସଂରଚନା ସହିତ କିମ୍ବା ସଂରଚନା ବ୍ୟତୀତ ଭୂମିର ସଂକ୍ଷିପ୍ତ ବିବରଣୀ ।**

**ରାଜ୍ୟ : ଓଡ଼ିଶା** **ଜିଲ୍ଲା : ଯାଜପୁର**

| କ୍ର. ନଂ. | ସର୍ଭେ ନଂ. | ଜମିର ପ୍ରକାର | ଜମିର ପ୍ରକୃତି | ଏରିଆ ହେକ୍ଟରରେ | ଜମି ମାଲିକ / ଇଚ୍ଛୁକ ବ୍ୟକ୍ତିଙ୍କ ନାମ ପାର୍ଟ ସର୍ଭେ ନଂ |
|---|---|---|---|---|---|
| ତାଲୁକ : ରସୁଲପୁର | | | | | |
| (୧) ଗ୍ରାମ : ବିଲିପଡ଼ା-୭୪ | | | | | |
| ୧ | ୧୬୫୨ | ଘରୋଇ | ସାରଦ ଅଣଜଳସେଚିତ-୨ | ୦.୦୧୬୨ | ଭିକାରୀ ଚରଣ ମହାନ୍ତି, ପିତା– ଜାନକୀ ବଲ୍ଲଭ ମହାନ୍ତି |
| ୨ | ୧୬୫୪ | ଘରୋଇ | ସାରଦ ଅଣଜଳସେଚିତ-୨ | ୦.୦୦୮୧ | ଶିବ ପ୍ରସାଦ ଆଏଚ, ଆଲୋକ ଆଏଚ, ପିତା– ହରେକୃଷ୍ଣ ଆଏଚ, ଚାରୁ ଆଏଚ, ସ୍ୱା– ହରେକୃଷ୍ଣ ଆଏଚ, ଅର୍ଜୁନ ଆଏଚ, ପିତା– ଭିକାରୀ ଆଏଚ |
| ୩ | ୧୬୫୬ | ଘରୋଇ | ସାରଦ ଅଣଜଳସେଚିତ-୨ | ୦.୦୦୮୧ | କୁଳମଣି ଆଏଚ, ପିତା– ଲକ୍ଷ୍ମୀଧର ଆଏଚ, ସୂର୍ଯ୍ୟମଣି ଆଏଚ, ସୁବାଶ ଆଏଚ, ପିତା– ନୀଳମଣି ଆଏଚ |
| ୪ | ୧୬୫୭ | ଘରୋଇ | ସାରଦ ଅଣଜଳସେଚିତ-୨ | ୦.୦୧୦୧ | ଦାମୋଦର ଆଏଚ, ପିତା– ନାରାୟଣ ଆଏଚ, ବ୍ରଜକିଶୋର ଆଏଚ, ରାଜକିଶୋର ଆଏଚ, ପିତା– ବୈରାଗୀ ଆଏଚ |
| ୫ | ୧୬୮୬ | ଘରୋଇ | ସାରଦ ଅଣଜଳସେଚିତ-୩ | ୦.୦୦୮୧ | ଶୁକଦେବ ଧଳ, ପିତା– ଦୟାନିଧି ଧଳ |
| ୬ | ୧୬୮୬/୧୭୨୩ | ଘରୋଇ | ସାରଦ ଅଣଜଳସେଚିତ-୩ | ୦.୦୧୬୨ | ଶୁକଦେବ ଧଳ, ପିତା– ଦୟାନିଧି ଧଳ |
| ୭ | ୧୬୮୯ | ଘରୋଇ | ସାରଦ ଅଣଜଳସେଚିତ-୩ | ୦.୦୧୦୯ | ପ୍ରମୋଦ କୁମାର ମହାନ୍ତି, ପିତା- ପାଣ୍ଡବ ଚରଣ ମହାନ୍ତି |
| ୮ | ୧୬୯୦ | ଘରୋଇ | ସାରଦ ଅଣଜଳସେଚିତ-୨ | ୦.୦୨୧୯ | ଚୈତନ୍ୟ ଚରଣ ବାରିକ, କାର୍ତ୍ତିକ ଚନ୍ଦ୍ର ବାରିକ, ପିତା – ବାବାଜି ଚରଣ ବାରିକ |
| ୯ | ୧୬୯୨ | ଘରୋଇ | ସାରଦ ଅଣଜଳସେଚିତ-୩ | ୦.୦୦୬୧ | ବୈକୁଣ୍ଠ ନାଥ ମହାନ୍ତି, ବାସୁଦେବ ମହାନ୍ତି, ପିତା- ପୁରୁଷୋତ୍ତମ ମହାନ୍ତି, ସୁଖୀ ମହାନ୍ତି, ସ୍ୱା- ପୁରୁଷୋତ୍ତମ ମହାନ୍ତି |
| ୧୦ | ୧୬୯୬/ ୧୭୨୧ | ଘରୋଇ | ରାସ୍ତା | ୦.୦୦୪୯ | ନରହରି ବାରିକ, ପିତା – ଗଙ୍ଗାଧର ବାରିକ, ଧନେଶ୍ୱର ବାରିକ, ପିତା- ନରହରି ବାରିକ, କିସ୍‌ମତ ପନ୍ଦର ଅଣା ଚାରି ପାହି, ସୁଧର୍ମା ମହାସଂଘ, ବାହାଦଲପୁର, ସାଧାରଣ ସମ୍ପାଦକ ତରଫେ ଚୈତନ୍ୟ ସେନାପତି, ପିତା– କୃଷ୍ଣ ସେନାପତି, କିସ୍‌ମତ ଆଠ ପାହି |
| ୧୧ | ୧୭୦୦ | ଘରୋଇ | ସାରଦ ଅଣଜଳସେଚିତ-୩ | ୦.୦୧୮୨ | ଶଙ୍କର୍ଷଣ ଆଏଚ, ପିତା- ପଂଚାନନ ଆଏଚ |
| ୧୨ | ୧୭୦୧ | ଘରୋଇ | ସାରଦ ଅଣଜଳସେଚିତ-୩ | ୦.୦୦୫୩ | ନରହରି ବାରିକ, ପିତା– ଗଙ୍ଗାଧର ବାରିକ, ଧନେଶ୍ୱର ବାରିକ, ପିତା- ନରହରି ବାରିକ |
| (୨) ଗ୍ରାମ : ଚଣ୍ଡିପୁର-୧୦୪ | | | | | |
| ୧୩ | ୧୨୯୩ | ଘରୋଇ | ସାରଦ ଅଣଜଳସେଚିତ-୧ | ୦.୦୦୬୧ | ଆନନ୍ଦ ଚରଣ ସାହୁ, ନନ୍ଦ କିଶୋର ସାହୁ, ବିନୋଦ ବିହାରୀ ସାହୁ, ପିତା– ବୁଲେଇ ସାହୁ (୨) ବିଜୟ କୁମାର ପଣ୍ଡା, ପିତା- ଚକ୍ରଧର ପଣ୍ଡା |
| ୧୪ | ୧୫୦୦ | ଘରୋଇ | ସାରଦ ଅଣଜଳସେଚିତ-୩ | ୦.୦୧୨୧ | ମଧୁସୂଦନ ସାହୁ, ପିତା- ଦୟାନିଧି ସାହୁ, ପଂଚାନନ ସାହୁ, ପିତା- ମାଧବାନନ୍ଦ ସାହୁ |
| ୧୫ | ୧୫୦୨ | ଘରୋଇ | ସାରଦ ଅଣଜଳସେଚିତ-୩ | ୦.୦୧୨୧ | ସଦାଶିବ ପରିଡ଼ା, ସନ୍ତୋଷ ପରିଡ଼ା, ସୁମନ କୁମାର ପରିଡ଼ା, ପ୍ରମୋଦ କୁମାର ପରିଡ଼ା, ପିତା– କସ୍ତୁରୀ ଚରଣ ପରିଡ଼ା |
| ୧୬ | ୧୫୦୩/୩୧୦୭ | ଘରୋଇ | ସାରଦ ଅଣଜଳସେଚିତ-୩ | ୦.୦୦୮୧ | ବିଜୟ କୁମାର ଦାସ, ପିତା– ବାଇଧର ଦାସ |
| ୧୭ | ୧୫୦୪ | ଘରୋଇ | ସାରଦ ଅଣଜଳସେଚିତ-୩ | ୦.୦୦୪ | ବଟକୃଷ୍ଣ ପଣ୍ଡା, ରବିନ୍ଦ୍ର କୁମାର ପଣ୍ଡା, ସୁରେନ୍ଦ୍ର କୁମାର ପଣ୍ଡା, ପିତା- ମୁରଲୀଧର ପଣ୍ଡା, ମୀନା ପଣ୍ଡା, ସ୍ୱା – ମୁରଲୀଧର ପଣ୍ଡା |
| ୧୮ | ୧୫୦୫ | ଘରୋଇ | ସାରଦ ଅଣଜଳସେଚିତ-୩ | ୦.୦୧୯୪ | ଅଗଣିଚରଣ କର, ପିତା – ବୈଷ୍ଣବ ଚରଣ କର (୨) ଜଗନ୍ନାଥ ପଣ୍ଡା, ଶଙ୍କର ପଣ୍ଡା, ବୀରବର ପଣ୍ଡା, ପିତା– ବୈଷ୍ଣବ ପଣ୍ଡା |
| ୧୯ | ୧୫୦୬ | ଘରୋଇ | ସାରଦ ଅଣଜଳସେଚିତ-୩ | ୦.୦୨୫୫ | ମାୟାଧର ରାଉତ, ଜଳଧର ରାଉତ, ପିତା– ଚୈତନ୍ୟ ରାଉତ, ନରେନ୍ଦ୍ର ରାଉତ, ସୁରେନ୍ଦ୍ର ରାଉତ, ପିତା- ମୂଳି ରାଉତ |
| ୨୦ | ୧୫୦୭ | ଘରୋଇ | ସାରଦ ଅଣଜଳସେଚିତ-୩ | ୦.୦୦୩୬ | ନାରାୟଣ ଦଳେଇ, ପିତା– ବାଇଧର ଦଳେଇ (୨) ରବିନ୍ଦ୍ର ଦଳେଇ, ପିତା – ବାଇଧର ଦଳେଇ |
| ୨୧ | ୧୫୦୯ | ଘରୋଇ | ସାରଦ ଅଣଜଳସେଚିତ-୩ | ୦.୦୩୨୪ | ବିନାୟକ ସାହୁ, ପିତା- ଗୋପାଳ ଚନ୍ଦ୍ର ସାହୁ |
| ୨୨ | ୧୫୩୧ | ଘରୋଇ | ସାରଦ ଅଣଜଳସେଚିତ-୩ | ୦.୦୨୦୨ | ପଦ୍ମଲାଭ ପଣ୍ଡା, ପିତା –ବୈରାଗୀ ପଣ୍ଡା |
| ୨୩ | ୧୫୩୨ | ଘରୋଇ | ସାରଦ ଅଣଜଳସେଚିତ-୩ | ୦.୦୨୬୩ | ଗୋପାଳ ସାହୁ, ଭାସ୍କର ସାହୁ, ପାଗଳ ସାହୁ, ପିତା– ଜଗୁ ସାହୁ, ଜଂଜାଳି ସାହୁ, ସ୍ୱା – ରଘୁନାଥ ସାହୁ, ମିଛୁ ସାହୁ, ପିତା– ଭିକାରୀ ସାହୁ, ନରେନ୍ଦ୍ର ସାହୁ, ସୁରେନ୍ଦ୍ର ସାହୁ, ପିତା– ଗୋପାଳ ସାହୁ |
| ୨୪ | ୧୫୩୩ | ଘରୋଇ | ସାରଦ ଅଣଜଳସେଚିତ-୨ | ୦.୦୦୬୫ | ଈଶ୍ୱର ପଣ୍ଡା, ପିତା –କୃତିବାସ ପଣ୍ଡା |
| ୨୫ | ୧୫୩୭ | ଘରୋଇ | ସାରଦ ଅଣଜଳସେଚିତ-୩ | ୦.୦୩୨୪ | ନଟ ମଲ୍ଲିକ, କଟି ମଲ୍ଲିକ, ପିତା– ଗୁନ ମଲ୍ଲିକ |
| ୨୬ | ୧୫୪୨ | ଘରୋଇ | ସାରଦ ଅଣଜଳସେଚିତ-୩ | ୦.୦୦୪ | ବଟକୃଷ୍ଣ ନାୟକ, ନବଘନ ନାୟକ, ପଦ୍ମନାଭ ନାୟକ, ପିତା- ଅର୍ଜୁନ ନାୟକ |
| ୨୭ | ୧୫୫୫ | ଘରୋଇ | ସାରଦ ଅଣଜଳସେଚିତ-୩ | ୦.୦୦୨ | ଅକ୍ଷୟ କୁମାର ନାୟକ, ପିତା– କେଶବ ନାୟକ |
| (୩) ଗ୍ରାମ : ଦାମୋଦରପୁର-୧୧୮ | | | | | |
| ୨୮ | ୧୯୦୪ | ଘରୋଇ | ସାରଦ ଅଣଜଳସେଚିତ-୧ | ୦.୦୧୭୪ | ଅଲେଖ ବେହେରା, ପିତା– ମାଗୁଣୀ ବେହେରା |
| ୨୯ | ୧୯୦୬ | ଘରୋଇ | ସାରଦ ଅଣଜଳସେଚିତ-୧ | ୦.୦୦୨ | ଦନେଇ ଖିଲାର, ନବୀନ ଖିଲାର, ପିତା- ନାଥ ଖିଲାର |
| ୩୦ | ୧୯୦୭ | ଘରୋଇ | ସାରଦ ଅଣଜଳସେଚିତ-୧ | ୦.୦୨୦୨ | ରବୀନ୍ଦ୍ର କୁମାର ବେହେରା, ପିତା– ହରେକୃଷ୍ଣ ବେହେରା |
| ୩୧ | ୧୯୦୮ | ଘରୋଇ | ସାରଦ ଅଣଜଳସେଚିତ-୧ | ୦.୦୨୪୩ | ଗୟାଧର ସାହୁ, ପିତା– କୁସୁନ ସାହୁ |
| ୩୨ | ୧୯୦୯ | ଘରୋଇ | ସାରଦ ଅଣଜଳସେଚିତ-୧ | ୦.୦୦୨ | ବାବାଜି ଜେନା, ପିତା- କେଲୁ ଜେନା, ଅନନ୍ତ ଜେନା, କେଶବ ଜେନା, ସାଧବ ଜେନା, ପିତା– ଧୋବଣୀ ଜେନା, ରାଧାନାଥ ଜେନା, ସ୍ୱା- ଧରଣୀ ଜେନା, ବିକଳ ଜେନା, ପିତା– କରୁଣୀ ଜେନା, ରସାନନ୍ଦ ଜେନା, ଆଦିକନ୍ଦ ଜେନା, ପିତା- ଆକୁଳି ଜେନା, ଲବଣୀ ଜେନା, ସ୍ୱା- ଆକୁଳି ଜେନା |
| ୩୩ | ୧୯୧୫ | ଘରୋଇ | ସାରଦ ଅଣଜଳସେଚିତ-୧ | ୦.୦୨୨୩ | ସୁରେନ୍ଦ୍ର ଦତ୍ତ, ପିତା– ଜସୁ ଦତ୍ତ (୨) ସତ୍ୟଭାମା ଦାସ, ସ୍ୱା– ଘନଶ୍ୟାମ ଦାସ, ବିଭୁତି ଭୂଷଣ ଦାସ, ପିତା– ଗୟାଧର ଦାସ |
| ୩୪ | ୧୯୧୫/୨୨୮୮ | ଘରୋଇ | ଘରବାରି | ୦.୦୦୮୧ | ଶ୍ରୀଧର ସାହୁ, ପିତା– ବେଣୁ ସାହୁ |
| ୩୫ | ୧୯୧୬ | ଘରୋଇ | ସାରଦ ଅଣଜଳସେଚିତ-୧ | ୦.୦୧୭୮ | ଗଙ୍ଗାଧର ପଲେଇ, ବିଦ୍ୟାଧର ପଲେଇ, ମାୟାଧର ପଲେଇ, ଗୟାଧର ପଲେଇ, ଆନନ୍ଦ ଚନ୍ଦ୍ର ପଲେଇ, ପିତା– ଗୁଣି ପଲେଇ (୨) ଲୋଚନ ଦାସ ସ୍ୱା– ବିଷ୍ଣୁ ଚରଣ ଦାସ, ରମେଶ ଚନ୍ଦ୍ର ଦାସ, ମାନସ ରଞ୍ଜନ ଦାସ, ସନ୍ତୋଷ କୁମାର ଦାସ, ପିତା– ବିଷ୍ଣୁ ଚରଣ ଦାସ |
| ୩୬ | ୧୯୧୭ | ସରକାରୀ | ରାସ୍ତା | ୦.୦୦୮୧ | ସର୍ବସାଧାରଣ |
| ୩୭ | ୧୯୨୪ | ଘରୋଇ | ସାରଦ ଅଣଜଳସେଚିତ-୧ | ୦.୦୦୮୧ | ଜୟରାମ ଦାସ, ପିତା– ଜଗୁ ଦାସ |
| ୩୮ | ୧୯୨୫ | ଘରୋଇ | ସାରଦ ଅଣଜଳସେଚିତ-୧ | ୦.୦୧୦୧ | ରସାନନ୍ଦ ଜେନା, ଆଦିକନ୍ଦ ଜେନା, କୁନା ଜେନା, ପିତା- ଆକୁଳି ଜେନା |
| ୩୯ | ୧୯୨୬ | ସରକାରୀ | ଦେବସ୍ଥଳୀ | ୦.୦୦୮୧ | ଶ୍ରୀ ଶ୍ରୀ କାଳି ଠାକୁରାଣୀଙ୍କ ବିଜେ ସ୍ଥଳୀ |
| ୪୦ | ୧୯୨୭ | ଘରୋଇ | ସାରଦ ଅଣଜଳସେଚିତ-୧ | ୦.୦୧୨୧ | ଚକ୍ରଧର ଦାସ, ଜଳଧର ଦାସ, ବେଣୁଧର ଦାସ, ପିତା– ହରମୋହନ ଦାସ, ସାଉଁଟି ପରିଡ଼ା, ବାଉରୀ ପରିଡ଼ା, ପିତା– ହରି ପରିଡ଼ା, କୁନି ପରିଡ଼ା, ପିତା –ମଧୁ ପରିଡ଼ା |
| ୪୧ | ୧୯୩୪ | ଘରୋଇ | ସାରଦ ଅଣଜଳସେଚିତ-୧ | ୦.୦୩୪୪ | ସନାତନ ଦାସ, କେଶବ ଦାସ, ସୁରେନ୍ଦ୍ର ଦାସ, ପିତା– ମନୋହର ଦାସ |
| ୪୨ | ୧୯୩୫ | ଘରୋଇ | ସାରଦ ଅଣଜଳସେଚିତ-୧ | ୦.୦୨୦୨ | ପ୍ରଭାତ କୁମାର ଦ୍ୱିବେଦୀ, ପ୍ରଶାନ୍ତ କୁମାର ଦ୍ୱିବେଦୀ, ପିତା– ବେଣୁଧର ଦ୍ୱିବେଦୀ |
| ୪୩ | ୧୯୩୭ | ଘରୋଇ | ସାରଦ ଅଣଜଳସେଚିତ-୧ | ୦.୦୦୮୧ | ରବିନ୍ଦ୍ର କୁମାର ବେଉରିଆ, ନରେନ୍ଦ୍ର କୁମାର ବେଉରିଆ, ପିତା– ଜଗନ୍ନାଥ ବେଉରିଆ |
| ୪୪ | ୧୯୩୮ | ଘରୋଇ | ସାରଦ ଅଣଜଳସେଚିତ-୧ | ୦.୦୦୪ | ରବିନ୍ଦ୍ର କୁମାର ବେଉରିଆ, ନରେନ୍ଦ୍ର କୁମାର ବେଉରିଆ, ପିତା– ଜଗନ୍ନାଥ ବେଉରିଆ |
| ୪୫ | ୧୯୩୯ | ଘରୋଇ | ସାରଦ ଅଣଜଳସେଚିତ-୧ | ୦.୦୧୬୨ | ନାରାୟଣ ସାହୁ, ପିତା– ବନମାଳୀ ସାହୁ |
| (୪) ଗ୍ରାମ : ଦୁର୍ଗାପୁର-୧୩୦ | | | | | |
| ୪୬ | ୨୫୩ | ଘରୋଇ | ସାରଦ ଅଣଜଳସେଚିତ-୧ | ୦.୦୦୨ | ଲକ୍ଷ୍ମଣ ଦାସ, ଭରତ ଦାସ, ପିତା– ସହର ଦାସ, ପିତାମ୍ବର ଦାସ, ପିତା– ଜଗବନ୍ଧୁ ଦାସ |
| ୪୭ | ୨୫୪ | ଘରୋଇ | ସାରଦ ଅଣଜଳସେଚିତ-୧ | ୦.୦୧୪୨ | କୁଳମଣି ଭୂତିଆ, ପିତା– କୁଶମଣି ଭୁତିଆ, ଜୁଲୁକି ଭୁତିଆ, ସ୍ୱା– କୁଶମଣି ଭୁତିଆ |
| ୪୮ | ୨୫୭ | ଘରୋଇ | ସାରଦ ଅଣଜଳସେଚିତ-୧ | ୦.୦୦୮୧ | ମୁରଲି ଗାରେଡ଼ିଆ, ପିତା– ସଉରୀ ଗାରେଡ଼ିଆ |
| ୪୯ | ୨୫୮ | ଘରୋଇ | ସାରଦ ଅଣଜଳସେଚିତ-୧ | ୦.୦୦୮୧ | ହୟାତୁନ୍ ବିବି, ସ୍ୱା– ସେଖ୍ ମକବୁଲ୍ |
| ୫୦ | ୨୫୯ | ଘରୋଇ | ସାରଦ ଅଣଜଳସେଚିତ-୧ | ୦.୦୦୬୧ | ନୀଳମଣି ଭୁତିଆ, ପିତା– ଶିବ ଭୁତିଆ, ଦୂର ଭୁତିଆ, ସ୍ୱା– ଶିବ ଭୁତିଆ |
| ୫୧ | ୨୬୦ | ଘରୋଇ | ସାରଦ ଅଣଜଳସେଚିତ-୧ | ୦.୦୦୬୧ | ମୁରଲି ଗାରେଡ଼ିଆ, ପିତା– ସଉରୀ ଗାରେଡ଼ିଆ, ଆନନ୍ଦ ଭୁତିଆ, ପିତା– ଗୋବର୍ଦ୍ଧନ ଭୁତିଆ, ଶ୍ରୀଧର ଦାସ, ପିତା– ଗୋବିନ୍ଦ ଦାସ |
| ୫୨ | ୨୬୧ | ଘରୋଇ | ସାରଦ ଅଣଜଳସେଚିତ-୧ | ୦.୦୦୪୮ | ମୁରଲି ଗାରେଡ଼ିଆ, ପିତା– ସଉରୀ ଗାରେଡ଼ିଆ, ଆନନ୍ଦ ଭୁତିଆ, ପିତା– ଗୋବର୍ଦ୍ଧନ ଭୁତିଆ, ଶ୍ରୀଧର ଦାସ, ପିତା– ଗୋବିନ୍ଦ ଦାସ |
| ୫୩ | ୨୬୨ | ଘରୋଇ | ସାରଦ ଅଣଜଳସେଚିତ-୧ | ୦.୦୧୨୧ | ରାଧାରାଣୀ ପଣ୍ଡା, ସ୍ୱା– ରମେଶ ଚନ୍ଦ୍ର ପଣ୍ଡା |
| ୫୪ | ୨୬୪ | ଘରୋଇ | ସାରଦ ଅଣଜଳସେଚିତ-୧ | ୦.୦୦୮୧ | ଭଗବାନ ଗାରେଡ଼ିଆ, ବିଷ୍ଣୁ ଗାରେଡ଼ିଆ, ପିତା– ବାଞ୍ଛୁ ଗାରେଡ଼ିଆ, ଶଶିକାନ୍ତ ଗାରେଡ଼ିଆ, ନିଶିକାନ୍ତ ଗାରେଡ଼ିଆ, ବାସନ୍ତୀ ଗାରେଡ଼ିଆ, ଶାନ୍ତି ଗାରେଡ଼ିଆ, କୋଇଲି ଗାରେଡ଼ିଆ, ପିତା– କୃଷ୍ଣ ଗାରେଡ଼ିଆ, ଛାୟା- ଗାରେଡ଼ିଆ, ସ୍ୱାମୀ– କୃଷ୍ଣ ଗାରେଡ଼ିଆ, ଦିବାକର ଗାରେଡ଼ିଆ, ଲୋଚନ ଗାରେଡ଼ିଆ, ଛବି ଗାରେଡ଼ିଆ, ପିତା– ବିକଳ ଗାରେଡ଼ିଆ |
| ୫୫ | ୨୬୬ | ଘରୋଇ | ସାରଦ ଅଣଜଳସେଚିତ-୧ | ୦.୦୦୬୧ | ସୁଦର୍ଶନ ପଣ୍ଡା, ଅଧର ଚରଣ ପଣ୍ଡା, ସୁରେନ୍ଦ୍ର କୁମାର ପଣ୍ଡା, ଶରତ କୁମାର ପଣ୍ଡା, ହେମନ୍ତ କୁମାର ପଣ୍ଡା, ବସନ୍ତ କୁମାର ପଣ୍ଡା, ପିତା- ଅଙ୍କୁର ଚରଣ ପଣ୍ଡା |
| ୫୬ | ୨୬୬/୭୭୯ | ଘରୋଇ | ସାରଦ ଅଣଜଳସେଚିତ-୧ | ୦.୦୨୧ | ତପସ୍ୱିନୀ ଦାସ, ସ୍ୱା– ସଞ୍ଜୟ କୁମାର ଦାସ, ଚନ୍ଦ୍ରକଳା ଦାସ, ସ୍ୱା– ରଞ୍ଜନ ବେହେରା |
| ୫୭ | ୨୬୮ | ଘରୋଇ | ସାରଦ ଅଣଜଳସେଚିତ-୧ | ୦.୦୧୦୧ | ସୁଦର୍ଶନ ପଣ୍ଡା, ଅଧର ଚରଣ ପଣ୍ଡା, ସୁରେନ୍ଦ୍ର କୁମାର ପଣ୍ଡା, ଶରତ କୁମାର ପଣ୍ଡା, ହେମନ୍ତ କୁମାର ପଣ୍ଡା, ବସନ୍ତ କୁମାର ପଣ୍ଡା, ପିତା- ଅଙ୍କୁର ଚରଣ ପଣ୍ଡା |
| ୫୮ | ୨୬୯ | ଘରୋଇ | ସାରଦ ଅଣଜଳସେଚିତ-୧ | ୦.୦୧୪୨ | କୁଳମଣି ଭୁତିଆ, ପିତା– କୁଶମଣି ଭୁତିଆ, ଜୁଲୁକି ଭୁତିଆ, ସ୍ୱା– କୁଶମଣି ଭୁତିଆ |
| ୫୯ | ୨୭୦ | ଘରୋଇ | ସାରଦ ଅଣଜଳସେଚିତ-୧ | ୦.୦୨୦୨ | ଲକ୍ଷ୍ମଣ ଦାଶ, ଭରତ ଦାଶ, ପିତା– ସହର ଦାଶ, କିସ୍‌ମତ୍ ୧୪ ଅଣା, ବୃନ୍ଦାବନ ପାଢ଼ୀ, ଅଶୋକ ପାଢ଼ୀ, ନିରଞ୍ଜନ ପାଢ଼ୀ, ପିତା– କାହ୍ନୁ ଚରଣ ପାଢ଼ୀ, କିସ୍‌ମତ ୨ ଅଣା |
| ୬୦ | ୨୭୨ | ଘରୋଇ | ଜଳାଶୟ-୨ | ୦.୦୦୨ | ଲକ୍ଷ୍ମଣ ଦାଶ, ଭରତ ଦାଶ, ପିତା– ସହର ଦାଶ, ଦାମୋଦର ଦାଶ, ପିତା– ଗିରିଧାରୀ ଦାଶ, ରବିନ୍ଦ୍ର କୁମାର ଦାଶ, ଅରୁଣ କୁମାର ଦାଶ, ତରୁଣ କୁମାର ଦାଶ, ସଞ୍ଜୟ କୁମାର ଦାଶ, ପିତା– ରାମଚନ୍ଦ୍ର ଦାଶ, କୃଷ୍ଣ ଦାଶ, ବୃନ୍ଦାବନ ଦାଶ, ପିତା – ହରି ଦାଶ, ବୃନ୍ଦାବନ ପାଢୀ, ନିରଞ୍ଜନ ପାଢ଼ୀ, ଅଶୋକ ପାଢ଼ୀ, ପିତା– କାହ୍ନୁ ପାଢ଼ୀ |
| ୬୧ | ୨୭୩ | ଘରୋଇ | ସାରଦ ଅଣଜଳସେଚିତ-୧ | ୦.୦୧୪୨ | ଲକ୍ଷ୍ମଣ ଦାଶ, ଭରତ ଚନ୍ଦ୍ର ଦାଶ, ପିତା– ସହର ଦାଶ |
| ୬୨ | ୨୭୪ | ଘରୋଇ | ଘରବାରି | ୦.୦୧୪୨ | ଗୋବିନ୍ଦ ଚନ୍ଦ୍ର ପଣ୍ଡା, ପିତା– ମଦନ ପଣ୍ଡା, ମଲ୍ଲି ପଣ୍ଡା, ସ୍ୱା– ଗୋବିନ୍ଦ ପଣ୍ଡା |
| ୬୩ | ୨୭୭ | ଘରୋଇ | ସାରଦ ଅଣଜଳସେଚିତ-୧ | ୦.୦୦୪ | ବାଇଧର ନାଏକ, ପିତା– ସୁକୁଟି ନାଏକ, ମନମୋହନ ନାଏକ, ପିତା– ଗୋପୀ ନାଏକ |
| ୬୪ | ୨୭୮ | ଘରୋଇ | ସାରଦ ଅଣଜଳସେଚିତ-୧ | ୦.୦୧୪୨ | ପୁଷ୍ପଲତା ବେହେରା, ସ୍ୱା– ବାସୁଦେବ ବେହେରା |
| ୬୫ | ୨୭୯ | ଘରୋଇ | ସାରଦ ଅଣଜଳସେଚିତ-୧ | ୦.୦୧୪୨ | କୁଶମଣି ଗାରେଡ଼ିଆ, ବିଶ୍ୱନାଥ ଗାରେଡ଼ିଆ, କେଶବ ଗାରେଡ଼ିଆ, ରୁକ୍ଷିମଣି ଗାରେଡ଼ିଆ, ପିତା– ମୁରଲୀ ଗାରେଡ଼ିଆ |
| ୬୬ | ୨୮୪ | ଘରୋଇ | ଘରବାରି | ୦.୦୨୨୩ | କୁଶମଣି ଗାରେଡ଼ିଆ, ବିଶ୍ୱନାଥ ଗାରେଡ଼ିଆ, କେଶବ ଗାରେଡ଼ିଆ, ରୁକ୍ଷିମଣି ଗାରେଡ଼ିଆ, ପିତା– ମୁରଲୀ ଗାରେଡ଼ିଆ |
| ୬୭ | ୨୮୫ | ଘରୋଇ | ସାରଦ ଅଣଜଳସେଚିତ-୧ | ୦.୦୧୪୨ | କୁଶମଣି ଗାରେଡ଼ିଆ, ବିଶ୍ୱନାଥ ଗାରେଡ଼ିଆ, କେଶବ ଗାରେଡ଼ିଆ, ରୁକ୍ଷିମଣି ଗାରେଡ଼ିଆ, ପିତା– ମୁରଲୀ ଗାରେଡ଼ିଆ |
| ୬୮ | ୨୯୬ | ଘରୋଇ | ସାରଦ ଅଣଜଳସେଚିତ-୧ | ୦.୦୧୦୧ | ଶୁଭାଂଶୁ ଶେଖର ଜେନା, ପିତା– ଭିକାରୀ ଜେନା, (୨), ପ୍ରତିମା ସାମଲ, ସ୍ୱା- ଅଭିରାମ ସାମଲ |
| ୬୯ | ୨୯୭ | ଘରୋଇ | ସାରଦ ଅଣଜଳସେଚିତ-୧ | ୦.୦୦୮୧ | କୁଶମଣି ଗାରେଡ଼ିଆ, ବିଶ୍ୱନାଥ ଗାରେଡ଼ିଆ, କେଶବ ଗାରେଡ଼ିଆ, ରୁକ୍ଷିମଣି ଗାରେଡ଼ିଆ, ପିତା– ମୁରଲୀ ଗାରେଡ଼ିଆ |
| ୭୦ | ୨୯୮ | ଘରୋଇ | ସାରଦ ଅଣଜଳସେଚିତ-୧ | ୦.୦୧୨୧ | ବ୍ରଜକିଶୋର ସାହୁ, ପିତା– ମୁନି ସାହୁ |
| ୭୧ | ୨୯୯ | ଘରୋଇ | ସାରଦ ଅଣଜଳସେଚିତ-୧ | ୦.୦୧୬୨ | ବ୍ରଜକିଶୋର ସାହୁ, ପିତା– ମୁନି ସାହୁ |
| ୭୨ | ୩୦୦ | ଘରୋଇ | ସାରଦ ଅଣଜଳସେଚିତ-୧ | ୦.୦୦୮୧ | ଦୁର୍ଗାପୁର ୟୁ.ପି. ବିଦ୍ୟାଳୟ, ମାର୍ଫତ୍– ଶିକ୍ଷା ବିଭାଗ |
| ୭୩ | ୩୦୧ | ଘରୋଇ | ସାରଦ ଅଣଜଳସେଚିତ-୧ | ୦.୦୦୨ | ସମିତା ଦାଶ, ସ୍ୱା– ବୃନ୍ଦାବନ ଦାଶ |
| ୭୪ | ୩୦୯ | ସରକାରୀ | ରାସ୍ତା | ୦.୦୦୮୧ | ସର୍ବସାଧାରଣ |
| ୭୫ | ୩୧୩ | ଘରୋଇ | ଜଳାଶୟ-୨ | ୦.୦୧୨୧ | ବ୍ରଜକିଶୋର ସାହୁ, ପିତା– ମୁନି ସାହୁ |
| ୭୬ | ୩୧୪/୭୬୭ | ଘରୋଇ | ସାରଦ ଅଣଜଳସେଚିତ-୧ | ୦.୦୧୨୧ | ବୃନ୍ଦାବନ ପାଢ଼ୀ, ନିରଞ୍ଜନ ପାଢ଼ୀ, ଅଶୋକ କୁମାର ପାଢ଼ୀ, ପିତା–କାହ୍ନୁଚରଣ ପାଢ଼ୀ |
| ୭୭ | ୩୧୫ | ଘରୋଇ | ସାରଦ ଅଣଜଳସେଚିତ-୧ | ୦.୦୦୮୧ | ଗୋବର୍ଦ୍ଧନ ଭୁତିଆ, ସୁବାଶ ଚନ୍ଦ୍ର ଭୁତିଆ, ଭାରତୀ ଭୁତିଆ, ପିତା– ବଇ ଭୁତିଆ |
| ୭୮ | ୩୨୬ | ଘରୋଇ | ଘରବାରି | ୦.୦୧୦୧ | ବୃନ୍ଦାବନ ପାଢ଼ୀ, ନିରଞ୍ଜନ ପାଢ଼ୀ, ଅଶୋକ କୁମାର ପାଢ଼ୀ, ପିତା– କାହ୍ନୁଚରଣ ପାଢ଼ୀ |
| ୭୯ | ୩୨୭ | ଘରୋଇ | ଘରବାରି | ୦.୦୧୪୨ | ବାଇଧର ନାୟକ, ପିତା– ଶୁକୁଟି ନାୟକ, ବୈଷ୍ଣବ ଜେନା, ସୁଦାମ ଜେନା, ପାର୍ବତୀ ଜେନା, ପିତା– ବଳରାମ ଜେନା |

(Rest Continued on Next Page)

# ବଡ଼ଦାଣ୍ଡକୁ ବାହାରିବନି ବିମାନ

**ଆଜି ଚମ୍ପକ ଦ୍ୱାଦଶୀ ନୀତି**

- ନୂଆ ଗାଇଡ଼ଲାଇନ ପାଇଁ ପ୍ରଶାସନର ନିଷ୍ପତ୍ତି
- ରଥଯାତ୍ରାକୁ ନେଇ ଅନିଶ୍ଚିତତା ବଢ଼ିଲା

ପୁରୀ ଅଫିସ,୨।୬

ରାଜ୍ୟରେ ଦ୍ରୁତଗତିରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ୍ରୁଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ନୂଆ ଗାଇଡ଼ଲାଇନ ଜାରି କରିଛନ୍ତି। ଜୁନ୍ ୩୦ ପର୍ଯ୍ୟନ୍ତ କୌଣସି ଧାର୍ମିକସ୍ଥଳକୁ ସର୍ବସାଧାରଣ ଯାଇପାରିବେ ନାହିଁ। ସେହିପରି ଧାର୍ମିକ ସମାବେଶ ଉପରେ ବି ପୂର୍ବବତ କଟକଣା ରହିଛି। ଏଥିପାଇଁ ବୁଧବାର ଚମ୍ପକ ଦ୍ୱାଦଶୀରେ ବଡ଼ଦାଣ୍ଡକୁ ଠାକୁରଙ୍କ ବିମାନ ବାହାରିବ ନାହିଁ, ଶ୍ରୀମନ୍ଦିର ଭିତରେ କେବଳ ବିଧି ରକ୍ଷା ହେବ। ଶ୍ରୀମନ୍ଦିର ପ୍ରଶାସନର ଏହି ନିଷ୍ପତ୍ତି ପରେ ଏବେ ରଥଯାତ୍ରା ଆୟୋଜନକୁ ନେଇ ଆଶଙ୍କା ବଢ଼ିଯାଇଛି। ନୂଆ ଗାଇଡ଼ଲାଇନ ଅବଧି ମଧ୍ୟରେ ରଥଯାତ୍ରା ପଡୁଥିବାରୁ ଏଭଳି ଅନିଶ୍ଚିତତା ସୃଷ୍ଟି ହୋଇଛି।

ଆସନ୍ତା ୫ତାରିଖରେ ଦେବସ୍ନାନ ପୂର୍ଣ୍ଣିମା। ସ୍ନାନବେଦିରେ ପ୍ରତ୍ୟକ୍ଷ ସ୍ନାନ କରିବେ ଚତୁର୍ଦ୍ଧାବିଗ୍ରହ। ଏଥର କରୋନା ପାଇଁ ବିନା ଭକ୍ତରେ ହେବ ସ୍ନାନଯାତ୍ରା। କୌଣସି ଶ୍ରଦ୍ଧାଳୁ ସ୍ୱଚକ୍ଷୁରେ ଠାକୁରଙ୍କ ଦିବ୍ୟସ୍ନାନ ଏବଂ ହାତୀବେଶ ଦେଖିପାରିବେ ନାହିଁ। ଘରେ ରହି ଟିଭିରେ ଦେଖିବା ଲାଗି ବ୍ୟବସ୍ଥା କରାଯାଇଛି। ମନ୍ଦିର ପରିସର ସ୍ନାନମଣ୍ଡପରେ ଯେହେତୁ ଏହି ନୀତି ରହିଛି ତେଣୁ ଆୟୋଜନ ପାଇଁ କୌଣସି ଅସୁବିଧା ନାହିଁ। କିନ୍ତୁ ରଥଯାତ୍ରାକୁ ନେଇ ଏବେ ସମସ୍ତଙ୍କ ମନରେ ସନ୍ଦେହ ଉଠିଲାଣି। ଜୁନ୍ ୨୩ରେ ରଥଯାତ୍ରା। ଯଦି ସରକାରଙ୍କ ଗାଇଡ୍‌ଲାଇନ ପାଳନ କରାଯାଏ ତେବେ ବଡଦାଣ୍ଡରେ ଠାକୁରଙ୍କ ରଥ ଗଡ଼ିବା ନେଇ ସନ୍ଦେହ ରହିଛି। ତେବେ ଏ ନେଇ ବର୍ତ୍ତମାନ କେହି ମୁହଁ ଖୋଲୁନାହାନ୍ତି।

ଗତ ୩୦ ତାରିଖରେ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ ବସିଥିଲା। ବିନା ଭକ୍ତରେ ରଥଯାତ୍ରା ଆୟୋଜନ ଲାଗି କମିଟି ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦେଇଥିଲା। ଅପରପକ୍ଷେ ରଥଖଳାରେ ତିନିରଥ ନିର୍ମାଣ କାମ ଆଗେଇ ଚାଲିଥିବାରୁ ରଥଯାତ୍ରାକୁ ନେଇ ପ୍ରାୟ ସମସ୍ତେ ସକାରାତ୍ମକ ଆଭିମୁଖ୍ୟ ରଖିଥିଲେ। ହେଲେ ଏହାକୁ ନୂଆ ଗାଇଡ୍‌ଲାଇନ ପୁଣି ଆଶଙ୍କା ଭିତରକୁ ଠେଲିଦେଇଛି। ଏପରି କି ଏଥିଯୋଗୁ ବୁଧବାର ହେବାକୁ ଥିବା ଚମ୍ପକ ଦ୍ୱାଦଶୀରେ ଠାକୁରଙ୍କ ଗୁଆଲି ଶୋଭାଯାତ୍ରା ବଡଦାଣ୍ଡକୁ ବାହାରିବ ନାହିଁ ବୋଲି ପ୍ରଶାସନ ନିଷ୍ପତ୍ତି ନେଇଛି। ଯେଉଁଠି ଠାକୁରଙ୍କ ବିମାନ ବାହାରକୁ ବାହାରି ପାରୁନାହିଁ ସେଠି ରଥଯାତ୍ରା କେମିତି ହେବ ଏମିତି ଭାବନା ସମସ୍ତଙ୍କ ମନକୁ ଘାରିଛି। ଏ ନେଇ ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲାପାଳ ବଲୱନ୍ତ ସିଂ କହିଛନ୍ତି, ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ରଥ ନିର୍ମାଣ କାର୍ଯ୍ୟ ଚାଲିଛି। ଠିକଣା ସମୟରେ ଉପଯୁକ୍ତ ପ୍ଲାଟଫର୍ମରେ ଠିକ୍ ନିଷ୍ପତ୍ତି ନିଆଯିବ। ହେଲେ ଆଇନକୁ ପାଳନ କରିବାକୁ ପଡ଼ିବ।

## ସଂକ୍ଷେପରେ

### ୨ ଗାଁ ଶଟ୍‌ଡାଉନ କଲେ ସରପଞ୍ଚ

**ଜଟଣୀ,୨।୬(ଡି.ଏନ୍.ଏ.):** ଜଟଣୀ ବ୍ଲକ ଅନ୍ତର୍ଗତ ଗଙ୍ଗପଡା ପଞ୍ଚାୟତର ଜଣେ ଶ୍ରମିକ କରୋନା ପଜିଟିଭ୍ ଚିହ୍ନଟ ହେବା ପରେ ସରପଞ୍ଚ ଗୀତାଞ୍ଜଳି ମହାରଣା ଏହି ପଞ୍ଚାୟତର ଦୁଇଟି ଗାଁକୁ ୪୮ଘଣ୍ଟା ଲାଗି ଶଟ୍‌ଡାଉନ ଘୋଷଣା କରିଛନ୍ତି। ଉକ୍ତ ଅଞ୍ଚଳକୁ ଅଗ୍ନିଶମ ବିଭାଗ ପକ୍ଷରୁ ସାନିଟାଇଜ କରାଯିବା ପରେ ଦୁଇ ଗ୍ରାମ ପ୍ରବେଶ ପଥରେ ବ୍ୟାରିକେଡ ଦିଆଯାଇଛି। ଗ୍ରାମକୁ ପ୍ରବେଶ ଏବଂ ବାହାରକୁ ଯିବା ଉପରେ କଟକଣା ଜାରି କରାଯାଇଛି। ଔଷଧ ଦୋକାନ ବ୍ୟତୀତ ଅନ୍ୟ ସମସ୍ତ ଦୋକାନ ବନ୍ଦ ରହିବ ବୋଲି ସରପଞ୍ଚ ମହାରଣା କହିଛନ୍ତି।

### ୧୪ ପଜିଟିଭ୍ ଚିହ୍ନଟ

ଖୋର୍ଦ୍ଧା ଅଫିସ,୨।୬: ଖୋର୍ଦ୍ଧା ଜିଲାରେ (ଭୁବନେଶ୍ୱରକୁ ବାଦ ଦେଇ) ମଙ୍ଗଳବାର ପୁଣି ୧୪ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଟାଙ୍ଗୀ ବ୍ଲକରୁ ୨, ଚିଲିକା ବ୍ଲକ ବାଲୁଗାଁ ଅଞ୍ଚଳରୁ ୪, ବାଣପୁର ବ୍ଲକରୁ ୩, ଗଙ୍ଗପଡା ମେଣ୍ଢାଶାଳ ଅଞ୍ଚଳରୁ ୧, ସୁନ୍ଦରପଦାରୁ ୪ଜଣ ରହିଛନ୍ତି। ସମସ୍ତ ଚିହ୍ନଟ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରହିଥିଲେ। ସେମାନଙ୍କୁ ଭୁବନେଶ୍ୱର କୋଭିଡ୍ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

### ହାଇୱା ଧକ୍କାରେ ନାବାଳକ ମୃତ

**ଖୋର୍ଦ୍ଧା ଅଫିସ/ଜଟଣୀ,୨।୬(ଡି.ଏନ୍.ଏ.):** ଜଟଣୀ ଥାନା ଅନ୍ତର୍ଗତ ଜଟଣୀ ପୌର କାର୍ଯ୍ୟାଳୟ ଛକ ନିକଟରେ ମଙ୍ଗଳବାର ଏକ ହାଇୱା ଧକ୍କାରେ ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପଦନପୁରର ରାଜୁ ନାୟକ(୧୫)। ସୂଚନା ଅନୁଯାୟୀ, ପଦନପୁରର ଅଶୋକ ଓ ରାଜୁ ବାଇକ୍‌ରେ ଗ୍ୟାସ ସିଲିଣ୍ଡର ନେଇ ଯାଉଥିଲେ। ପୌର କାର୍ଯ୍ୟାଳୟ ଛକରେ ପଛପଟୁ ଆସୁଥିବା ହାଇୱା ସେମାନଙ୍କ ବାଇକ୍‌କୁ ଧକ୍କା ଦେଇଥିଲା। ରାଜୁ ତଳେ ପଡିଯିବାରୁ ହାଇୱା ତାଙ୍କ ଉପରେ ଚଢ଼ିଯାଇଥିଲା। ପୋଲିସ ପହଞ୍ଚି ଉଭୟଙ୍କୁ ଗୁରୁତର ଅବସ୍ଥାରେ ଖୋର୍ଦ୍ଧା ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ରାଜୁଙ୍କୁ ମୃତ ଘୋଷଣା କରିଥିଲେ।

### ପରିବହନ କର୍ମଚାରୀଙ୍କ ବିକ୍ଷୋଭ

**କଟକ ଅଫିସ,୨।୬:** ବୀମା ଓ ଅନ୍ୟ ସହାୟତା ଦାବିରେ ପରିବହନ କର୍ମଚାରୀମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କଟକ ମୋଟର କର୍ମଚାରୀ ୟୁନିୟନ ପକ୍ଷରୁ ବସ୍ ଡ୍ରାଇଭର, କଣ୍ଡକ୍ଟର ଓ ହେଲ୍‌ପର ଏବଂ ଓଡ଼ିଶା ମୋଟର ଚାଳକ ସଂଘ ଏହି ବିକ୍ଷୋଭରେ ସାମିଲ୍ ହୋଇ ଦାବିପତ୍ର ଦେଇଥିଲେ। ବସ୍ ଚାଲିବା ପାଇଁ ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଓ ବସ୍ ମାଲିକଙ୍କୁ ଟିକସ ଛାଡ଼ ପ୍ରୋତ୍ସାହନକୁ ରାଜ୍ୟ ପରିବହନ କର୍ମଚାରୀ ଫେଡେରେଶନ ସ୍ୱାଗତ କରିଛି। ସମସ୍ତ ବସ୍ କର୍ମଚାରୀଙ୍କ ପାଇଁ ୫୦ ଲକ୍ଷ ଟଙ୍କାର ବୀମା, ଲକ୍‌ଡାଉନଜନିତ କ୍ଷତିପୂରଣ, କର୍ମଚାରୀଙ୍କ ପରିବାର ସଦସ୍ୟଙ୍କୁ ମୁଣ୍ଡପିଛା ୧୦ କିଲୋ ଚାଉଳ ୬ ମାସ ପାଇଁ ଦେବା, କଲ୍ୟାଣ ପାଣ୍ଠି ବିଲ୍ ମାଧ୍ୟମରେ ସାମାଜିକ ସୁରକ୍ଷା ଯୋଗାଇଦେବା ପାଇଁ ଦାବି କରାଯାଇଛି। ରାଜ୍ୟ ପରିବହନ କର୍ମଚାରୀ ଫେଡେରେଶନର ରାଜ୍ୟ ସଭାପତି ଜନାର୍ଦ୍ଦନ ପତିଙ୍କ ନେତୃତ୍ୱରେ କଟକ ମୋଟର କର୍ମଚାରୀ ୟୁନିୟନର ସଦସ୍ୟମାନେ ଏଥିରେ ସାମିଲ ହୋଇଥିଲେ। ଆନ୍ଦୋଳନକୁ ସିଆଇଟିୟୁ ସମର୍ଥନ କରିଥିଲା।

### ସଙ୍ଗରୋଧ କେନ୍ଦ୍ର ପାଖରୁ ମୃତଦେହ ଉଦ୍ଧାର ଘଟଣା ପ୍ରବାସୀଙ୍କ ସ୍ୱାବ୍ ନମୁନା ନେଗେଟିଭ

**ବଡ଼ମ୍ବା,୧।୬(ଡି.ଏନ୍.ଏ.):** କଟକ ଜିଲା ବଡ଼ମ୍ବା ଥାନା ଅଧୀନ କୃଷ୍ଣଚନ୍ଦ୍ରପୁର ପଞ୍ଚାୟତସ୍ଥିତ ସଙ୍ଗରୋଧ କେନ୍ଦ୍ର ବାହାର ପାଚେରି ପାର୍ଶ୍ୱରୁ ସୋମବାର ପ୍ରବାସୀ ଓଡିଆ ବ୍ରଜବନ୍ଧୁ ରଣାଙ୍କ ମୃତ୍ୟୁଦେହ ଉଦ୍ଧାର ହୋଇଥିଲା। ଏହାପରେ ମୃତଦେହ ବ୍ୟବଚ୍ଛେଦ ଓ ସ୍ୱାବ ନମୁନା ସଂଗ୍ରହ ପାଇଁ କଟକ ବଡ ଡାକ୍ତରଖାନା ପଠାଯାଇଥିଲା। ତାଙ୍କ ସ୍ୱାବ୍ ନମୁନା ରିପୋର୍ଟ ନେଗେଟିଭ ଆସିଛି ବୋଲି ତହସିଲଦାର ଅନୀଲ କୁମାର ପଟ୍ଟନାୟକ କହିଛନ୍ତି। ଏଥିସହ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଅପରପକ୍ଷେ କୃଷ୍ଣଚନ୍ଦ୍ରପୁର ଗ୍ରାମକୁ ମୃତଦେହ ଅଣା ନଯାଇ କଟକରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି ବୋଲି ପରିବାର ଲୋକେ କହିଛନ୍ତି। ବ୍ରଜବନ୍ଧୁ ମହାରାଷ୍ଟ୍ରରୁ ଫେରି ମେ ୨୬ରୁ ଏହି ସଙ୍ଗରୋଧ କେନ୍ଦ୍ରରେ ଥିଲେ।

# କନ୍‌ଷ୍ଟେବଲ ସମେତ ୩ ଗିରଫ

**ମହିଳାଙ୍କୁ ଅଟୋରେ ଅପହରଣ ପରେ ଅସଦାଚରଣ ଘଟଣା**

- ଟିଆଇ ପରେଡ଼ କରିବ ପୋଲିସ

ଭୁବନେଶ୍ୱର,୨।୬(ବ୍ୟୁରୋ)

ଖାକିରେ ପୁଣି ଲାଗିଲା ଦାଗ। ମହିଳାଙ୍କୁ ଥାନାରେ ଛାଡ଼ି ଦେବାକୁ କହି ଖଣ୍ଡଗିରି ପିସିଆର କନ୍‌ଷ୍ଟେବଲ ଓ ତାଙ୍କର ଦୁଇ ସହଯୋଗୀ ଅଟୋରେ ଅପହରଣ କରିବା ସହ ଅସଦାଚରଣ କରିବା ଘଟଣା ରାଜଧାନୀରେ ଚାଞ୍ଚଲ୍ୟ ଖେଳାଇ ଦେଇଛି। ଏହି ମାମଲାକୁ ପ୍ରାଣପଣେ ପୋଲିସ ଚାପିବାକୁ ଉଦ୍ୟମ କରିଥିଲେ ମଧ୍ୟ ଶେଷରେ ଘଟଣା ପ୍ରଘଟ ହେବା ପରେ ପୋଲିସ ବାଧ୍ୟ ହୋଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ମହିଳାଙ୍କ ଅଭିଯୋଗ ଆଧାରରେ ପୋଲିସ ଆଇପିସି ଦଫା ୩୬୫, ୩୪୨, ୩୫୪, ୩୪ରେ ଏକ ମାମଲା (ନଂ. ୨୩୫/୨୦୨୦) ରୁଜୁ କରି ଓଏସ୍‌ପିଏଫ୍ (ଓଡ଼ିଶା ସ୍ପେଶାଲ ଆର୍ମ ପୋଲିସ ଫୋର୍ସ)ର ଜଣେ କନ୍‌ଷ୍ଟେବଲ ଓ ତାଙ୍କ ଦୁଇ ସହଯୋଗୀଙ୍କୁ ଗିରଫ କରିଛି। ସେମାନେ ହେଲେ ଖଣ୍ଡଗିରି ପିସିଆର କନ୍‌ଷ୍ଟେବଲ ଦଶରଥ ନାୟକ (୩୦), ରଙ୍ଗେଇଲୁଣ୍ଡାର ଶ୍ରୀକାନ୍ତ କୁମାର (୨୮) ଓ ପାତ୍ରପଡ଼ାର କାଲୁ ବାରିକ (୩୨)। ପୋଲିସ ପୀଡ଼ିତା ମହିଳାଙ୍କ ଡାକ୍ତରୀ ମାଇନା କରିବା ସହ ସିଆର୍‌ପିସି ୧୬୧ରେ ବୟାନ ରେକର୍ଡ କରିଛି। ଏହାସହ ଅଭିଯୁକ୍ତଙ୍କ ଡାକ୍ତରୀ ମାଇନା କରି କୋର୍ଟଚାଲାଣ କରିଛି। ବୁଧବାର ଅଭିଯୁକ୍ତଙ୍କ ଟିଆଇ ପରେଡ଼ ହେବ ବୋଲି ଏସିପି ଅନିଲ ମିଶ୍ର କହିଛନ୍ତି। ସେମାନେ ମହିଳାଙ୍କୁ କିଭଳି ଅଟୋରେ ଅପହରଣ କରି ସହରର ବିଭିନ୍ନ ସ୍ଥାନକୁ ନେଇ ଅସଦାଚରଣ କଲେ ତାହାର ଡେମୋ ଦେଖାଇବେ। ଏହାର ଭିଡିଓ କରାଯାଇ କୋର୍ଟରେ ଦାଖଲ କରାଯିବ ବୋଲି ସେ କହିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ପୀଡ଼ିତା ମହିଳା ଜଣଙ୍କ ପରିବାର ଲୋକଙ୍କ ସହ ଶହୀଦନଗର ଥାନା ଅଞ୍ଚଳରେ ରୁହନ୍ତି। ଗତ ରବିବାର ତାଙ୍କ ସ୍ୱାମୀଙ୍କ ସହ କୌଣସି କଥାକୁ ନେଇ ଝଗଡ଼ା ହୋଇଥିଲା। ମହିଳା ଜଣଙ୍କ ରାତି ୧୧ଟା ହେବ ଚାଲିଚାଲି ଥାନାକୁ ଅଭିଯୋଗ କରିବାକୁ ଆସୁଥିଲେ। ହେଲେ ରୁପାଲି ଛକରେ କନଷ୍ଟେବଲ ଦଶରଥ ଏବଂ ତାଙ୍କ ଦୁଇ ସାଙ୍ଗ ଶ୍ରୀକାନ୍ତ ଏବଂ କାଲୁ ମହିଳାଙ୍କୁ ଦେଖି କୁଆଡେ ଯାଉଛ ବୋଲି ପଚାରିଥିଲେ। ମହିଳା ଜଣଙ୍କ ଥାନାକୁ ଯାଉଥିବା କହିବା ପରେ ଆମେ ଥାନାର ଷ୍ଟାଫ୍, ଥାନାକୁ ଯାଉଛୁ ଆସନ୍ତୁ ଛାଡ଼ି ଦେବୁ କହି ଅଟୋରେ ବସାଇଥିଲେ। ଏହାପରେ ଅଟୋ ଭିତରେ ମହିଳାଙ୍କ ପାଟିକୁ ବନ୍ଦ କରି ଅଟୋକୁ ଖଣ୍ଡଗିରି ଅଭିମୁଖେ ନେଇଥିଲେ। ବାଟସାରା ୩ଜଣ ମହିଳାଙ୍କୁ ଅସଦାଚରଣ କରିଥିଲେ। ମହିଳାଙ୍କୁ ଖଣ୍ଡଗିରି ଥାନା ଆଇଗିଣିଆ ଫୁଲେଶ୍ୱରୀ ବସ୍ତି ଭିତରକୁ ନେଇ ଯାଇଥିଲେ। ହେଲେ ମହିଳା ଜଣଙ୍କ କୌଶଳକ୍ରମେ ଅଟୋରୁ ଡେଇଁପଡ଼ି ଚିତ୍କାର କରିଥିଲେ। ମହିଳାଙ୍କ ଚିତ୍କାର ଶୁଣି ସ୍ଥାନୀୟଲୋକେ ଦୌଡି ଆସିବାରୁ ଅଭିଯୁକ୍ତମାନେ ସେଠାରୁ ଖସି ପଳାଇଥିଲେ। ସୋମବାର ଏନେଇ ମହିଳା ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରି ଅଭିଯୁକ୍ତ ୩ଜଣଙ୍କୁ ଗିରଫ କରିଥିଲା।

# ରାଉତପଡ଼ାରୁ ଗଲା ମହାପ୍ରଭୁଙ୍କ ପାଟବସ୍ତ୍ର, ସୂତାଲୁଗା

ଖୋର୍ଦ୍ଧା ଅଫିସ,୨।୬


ପାଟବସ୍ତ୍ର, ସୂତାଲୁଗା ସହ ବୁଣାକାରମାନେ।

ଜୁନ ୨୩ରେ ଘୋଷଯାତ୍ରା। ଏଥିଲାଗି ମହାପ୍ରଭୁଙ୍କ ପାଟବସ୍ତ୍ର ଓ ସୂତାଲୁଗା ମଙ୍ଗଳବାର ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ରାଉତପଡ଼ାରୁ ପଠାଯାଇଛି। ଗତ ଫେବୃୟାରୀ ୨୫ରେ ଶ୍ରୀମନ୍ଦିର କାର୍ଯ୍ୟାଳୟ ପକ୍ଷରୁ ତାଲିକା ପାଇବା ପରେ ମହାପ୍ରଭୁଙ୍କ ପାଟବସ୍ତ୍ର ଓ ସୂତା ଲୁଗା ପ୍ରସ୍ତୁତି ଆରମ୍ଭ ହୋଇଥିଲା। ଲକ୍‌ଡାଉନ ଯୋଗୁ କଞ୍ଚାମାଲ ପାଇବାରେ ବିଳମ୍ବ ହୋଇଥିଲେ ମଧ୍ୟ ମହାପ୍ରଭୁଙ୍କ ଆଶୀର୍ବାଦରୁ ସମସ୍ତ କାମ ଠିକ୍ ସମୟରେ ସରିଛି ବୋଲି ବୁଣାକାର ଗୋପୀନାଥ ଦାସ କହିଛନ୍ତି।

ରଥଯାତ୍ରା ଲାଗି ଚେହେଲି ପାଟ, ବଡସିଂହାର ଲାଗି ଗୀତଗୋବିନ୍ଦ ପାଟ, ସାତବାର ଲାଗି ୭ ପ୍ରକାର ଖଣ୍ଡୁଆ ପାଟ, ସୂତାରେ ପ୍ରସ୍ତୁତ ଦୁଇ ପ୍ରକାର ଘୋଡଣି, ଦେବସ୍ନାନ ପୂର୍ଣ୍ଣିମୀ ୧୦୮ଗରା ଜଳ ପାଇଁ ଗାମୁଛା, ମହାପ୍ରଭୁଙ୍କ ଗୁପ୍ତ ସେବା ଲାଗି ଲାଲ, ସବୁଜ ଓ ହଳଦିଆ ରଙ୍ଗର ଏକ ସେଟ ଲେଖାଏ ଚେହେଲି ପାଟ ପଠାଯାଇଛି। ବଡସିଂହାର ବେଶ ଲାଗି "କଂସାରୀ ରପି ସଂସାର, ବାସନାବଦ୍ଧ ଶୃଙ୍ଖଳା, ରାଧାମାଧାୟ ହୃଦୟେ, ତ୍ୟୋଜ ବ୍ରଜସୁନ୍ଦରୀ" ଲେଖାଥିବା ଶ୍ଳୋକ ଗୀତଗୋବିନ୍ଦ ପାଟ ଠାକୁରଙ୍କ ନିତିଦିନିଆ ରାତି ବଡସିଂହାର ବେଶ ଲାଗି ପଠାଯାଇଛି। ସେହିପରି ଚନ୍ଦନ ଚର୍ଚ୍ଚିତ ନୀଳକଳେବର ପୀତବସନ ବନମାଳୀ କେଳି ଚଳନ୍ମଣି କୁଣ୍ଡଳ ମଣ୍ଡିତ ଗଣ୍ଡଯୁଗ ସ୍ମିତଶାଳୀ ଲେଖାଥିବା ଠାକୁରଙ୍କ ବଡସିଂହାର ବେଶ ଲାଗି ଗୀତଗୋବିନ୍ଦ ପାଟ ପଠାଯାଇଛି। ସପ୍ତବିଗ୍ରହ ଯଥା ମାଧବ, ସୁଦର୍ଶନ, ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା, ଶ୍ରୀଦେବୀ, ଭୂଦେବୀଙ୍କ ଲାଗି ସୂତାର ୨ପ୍ରକାର ଘୋଡଣି ସମେତ ମହାପ୍ରଭୁଙ୍କ ବର୍ଷସାରା ଅନ୍ୟ ସେବା ଲାଗି ୩୦ରୁ ୩୫ପ୍ରକାର ଲୁଗା ଯଥା ନେତଫୁଟା, ବୋଇରାଣୀ, ପତନି, ଟଣାଖୋସା, ମଲମଲ, ଶ୍ରୀମୁଖ ଓଡା, ଗଦିଫୁଟା ବସ୍ତ୍ର ପଠାଯାଇଛି।

ରାଉତପଡ଼ା ଗ୍ରାମର ଅଧିକାଂଶ ପରିବାର ହେଉଛନ୍ତି ବୁଣାକାର। ୧୯୯୩ ମସିହାରୁ ଏହି ଗ୍ରାମର ୨୫ ପରିବାରର ୧୨୦ରୁ ଉର୍ଦ୍ଧ୍ୱ ସଦସ୍ୟ ମହାପ୍ରଭୁଙ୍କ ସେବା ଲାଗି ବର୍ଷସାରା ପାଟ, ସୂତାବସ୍ତ୍ର ଓ ଲୁଗା ଯୋଗାଇ ଆସୁଛନ୍ତି ବୋଲି ବୁଣାକାର ଗୋପୀନାଥ କହିଛନ୍ତି। ମହାପ୍ରଭୁଙ୍କ ଏହି ସେବାରେ ଅପୂର୍ବ ଆନନ୍ଦ ମିଳିଥାଏ ବୋଲି ରାମଚନ୍ଦ୍ର ଦାସ, ଭଗବାନ ଦାସ, ଗୋବିନ୍ଦ ଚନ୍ଦ୍ର ଦାସ, କୈଳାସ ଚନ୍ଦ୍ର ଦାସ, ରବୀନ୍ଦ୍ର କୁମାର ଦାସ, ଅଶୋକ ଦାସ, ନିମାଇ ଚରଣ କୁଣ୍ଡୁ, କାର୍ତ୍ତିକେଶ୍ୱର ପାତ୍ର ପ୍ରମୁଖ କହିଛନ୍ତି।

# ପ୍ରେମ ବ୍ୟାପାରରୁ ମରଣାନ୍ତକ ଆକ୍ରମଣ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୨।୬(ବ୍ୟୁରୋ)

ଖଣ୍ଡଗିରି ଥାନା ଅଞ୍ଚଳରେ ପ୍ରେମ ବ୍ୟାପାରକୁ କେନ୍ଦ୍ରକରି ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ପୋଲିସ ଆକ୍ରମଣକାରୀଙ୍କୁ ଗିରଫ କରି ପଚରାଉଚରା ପରେ କୋର୍ଟ ଚାଲାଣ କରିଛି। ଗିରଫ ଯୁବକ ଜଣଙ୍କ ହେଲେ ଖଣ୍ଡଗିରି ଥାନା ଅନ୍ତର୍ଗତ ଡୁଡୁମା ହାଉସିଂ ବୋର୍ଡ କଲୋନୀ ଅଞ୍ଚଳର ସ୍ୱାଭିମାନ ଦାସ ଓରଫ ଗୁଡୁ। ସୂଚନା ମୁତାବକ, ହାଉସିଂ ବୋର୍ଡ କଲୋନୀରେ ରହୁଥିବା ନାଜିମ ଅଖତର ଓ ଗୁଡୁ ଦୁହେଁ ଗୋଟିଏ ଯୁବତୀଙ୍କୁ ଭଲ ପାଉଥିଲେ। ଏହା ଜଣାପଡ଼ିବା ପରେ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ଆରମ୍ଭ ହୋଇଥିଲା। ରବିବାର ସନ୍ଧ୍ୟାରେ ନାଜିମ ଘରକୁ ଫେରିବା ବେଳେ ଅଭିଯୁକ୍ତ ଗୁଡୁ ସହଯୋଗୀଙ୍କ ସହ ମିଶି ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏଥିରେ ନାଜିମଙ୍କ ମୁଣ୍ଡରେ ଗଭୀର କ୍ଷତ ହୋଇଥିବା ବେଳେ ପିସିଆର ପହଞ୍ଚି ତାଙ୍କୁ ହସ୍ପିଟାଲ ନେଇଥିଲା। ଏ ନେଇ ସେ ଥାନାରେ ଏତଲା ଦେବା ପରେ ପୋଲିସ କେସ୍ ନଂ ୨୨୯/୨୦ରେ ମାମଲା ରୁଜୁକରି ଘଟଣାର ତଦନ୍ତ ପରେ ଅଭିଯୁକ୍ତ ଗୁଡୁଙ୍କୁ ଗିରଫ କରିଥିଲା।

# ଭିଜିଲାନ୍ସ ଏକାଡେମୀ ଲୋଗୋ, ୱେବ୍‌ସାଇଟ୍ ଉନ୍ମୋଚିତ



ଭିଜିଲାନ୍ସ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଲୋଗୋ ଓ ୱେବ୍‌ସାଇଟ୍‌କୁ ଉନ୍ମୋଚନ କରୁଛନ୍ତି।

କଟକ ଅଫିସ,୨।୬

ଭୁବନେଶ୍ୱରସ୍ଥିତ ରାଜ୍ୟ ଭିଜିଲାନ୍ସ ଏକାଡେମୀର ଲୋଗୋ ଓ ୱେବ୍‌ସାଇଟ୍ ମଙ୍ଗଳବାର ଉନ୍ମୋଚିତ ହୋଇଛି। କଟକ ଭିଜିଲାନ୍ସ ନିର୍ଦ୍ଦେଶାଳୟରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଭିଜିଲାନ୍ସ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଏହାକୁ ଉନ୍ମୋଚନ କରିଛନ୍ତି। ଅତିରିକ୍ତ ଡିଜି (ଭିଜିଲାନ୍ସ) ତଥା ଏକାଡେମୀର ନିର୍ଦ୍ଦେଶକ ପି.ଏସ୍. ରଣପିସେ, ଡିଆଇଜି ଭିଜିଲାନ୍ସ ଏସ୍.କେ. କୌଶଲ, ଭୁବନେଶ୍ୱର ଭିଜିଲାନ୍ସ ଡିଭିଜନ୍ ଏସ୍‌ପି ସାର୍ଥକ ଷଡ଼ଙ୍ଗୀ, ଏକାଡେମୀ ଉପନିର୍ଦ୍ଦେଶକ ଦିଲ୍ଲୀପ ଛୋଟରାୟ, ରେଜିଷ୍ଟ୍ରାର୍ ରବିନ୍ଦ୍ର ଦାସ, ତାଲିମଦାତା ଲକ୍ଷ୍ମୀଧର ମହାପାତ୍ର, ଶରତ ମହାପାତ୍ର ଉପସ୍ଥିତ ଥିଲେ।

ଲୋଗୋରେ ୭ଟି ରଙ୍ଗ ରହିଛି ଓ ଏହା ଉପରେ ଅଶୋକ ସ୍ତମ୍ଭ ରଖାଯାଇଛି। ନିମ୍ନ ଭାଗରେ ଏକାଡେମୀର ଲକ୍ଷ୍ୟ 'ସ୍ୱଚ୍ଛତା, ସାଧୁତା, ସଚ୍ଚୋଟତା' ଲେଖାଯାଇଛି। ଏକାଡେମୀର ୱେବ୍‌ସାଇଟ୍‌କୁ ଏନ୍‌ଆଇସି ଦ୍ୱାରା ପ୍ରସ୍ତୁତ କରାଯାଇଛି। କୌଣସି ରାଜ୍ୟରେ ଦୁର୍ନୀତି ନିବାରଣ ତାଲିମ୍ ଦେବା ପାଇଁ ଏକାଡେମୀ ପ୍ରତିଷ୍ଠା କରିବାରେ ଓଡ଼ିଶା ହେଉଛି ପ୍ରଥମ। ୨୦୧୮ ନଭେମ୍ବର ୨୮ରେ ଏକାଡେମୀ ପ୍ରତିଷ୍ଠା ହୋଇଥିଲା। ବର୍ତ୍ତମାନ ସୁଦ୍ଧା ଏଠାରେ ୨୩ଟି ବିଷୟରେ ୫୪୬ ଜଣ ତାଲିମ ନେଇସାରିଲେଣି। ଏକାଡେମୀକୁ ସମ୍ମାନଜକ ଆଇଏସ୍‌ଓ ୯୦୦୧:୨୦୧୫ ସାର୍ଟିଫିକେଟ ମିଳିଛି। ୩ଟି ସର୍ବଭାରତୀୟ ଓ ୯ଟି ରାଜ୍ୟସ୍ତରୀୟ ସେବା କ୍ଷେତ୍ରର ଅଧିକାରୀଙ୍କୁ ଏଠାରେ ତାଲିମ୍ ଦେବା ପାଇଁ ରାଜ୍ୟ ସରକାର ଅନୁମତି ଦେଇଛନ୍ତି।

# ଉଠିଲା ଚାରି ନାହାକା




**ପୁରୀ ଅଫିସ, ୨।୬:** ଏଥର ସ୍ନାନପୂର୍ଣ୍ଣିମାର ୨ଦିନ ପୂର୍ବରୁ ଉଠିଛି ଚାରି ନାହାକା। ମଙ୍ଗଳବାର ତିନିରଥର ମୁଖ୍ୟ ବିଶ୍ୱକର୍ମା ଚାରିନାହାକା ଅନୁକୂଳ କରିଥିଲେ। ଏହାପରେ ଭୋଇ ସେବକମାନେ ଚାରି ନାହାକାକୁ ଗରଗରା ଉପରେ ଟେକି ରଖିଥିଲେ। ମହାରଣା ସେବକଙ୍କ ଉପସ୍ଥିତିରେ ଗରଗରା ବିନ୍ଧରେ ଚାରି ନାହାକାକୁ ସ୍ଥାପନ କରାଯାଇଥିଲା। ଏହି ସମୟରେ ହରିବୋଲ ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ରଥଖଳା। ରଥର ଚାରି ନାହାକା ଉପରେ ସମସ୍ତ ଭାର ରହିଥାଏ। ଚାରି ନାହାକା ଉଠିବା ପରେ ନିରାଡ଼ି ପୋତାଯାଇଥିଲା। ଏଥିସହ ତିନିରଥରେ ଦ୍ୱିତୀୟ ପୋଲ ଗୟଳ ଓ ତୃତୀୟ ଗୟଳ ମୋଡ଼ା ଶେଷ ହୋଇଛି। ରଥଖଳାରେ ଜମକ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି।

# ଅନୁଧ୍ୟାନ କଲେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ସଚିବ

**ସ୍ନାନଯାତ୍ରାର ସିଧା ପ୍ରସାରଣ**

ପୁରୀ ଅଫିସ,୨।୬

ଆସନ୍ତା ୫ତାରିଖରେ ଦେବସ୍ନାନ ପୂର୍ଣ୍ଣିମା। ପ୍ରତିବର୍ଷ ବିଭିନ୍ନ ଚ୍ୟାନେଲ ଚତୁର୍ଦ୍ଧାବିଗ୍ରହଙ୍କ ସ୍ନାନଯାତ୍ରାର ସିଧା ପ୍ରସାରଣ କରିଆସୁଥିଲେ। ହେଲେ ଏଥର କରୋନା ପାଇଁ ଏଥିରେ ବ୍ୟତିକ୍ରମ ଘଟିବ। କୌଣସି ଚ୍ୟାନେଲ ଲାଇଭ ଟେଲିକାଷ୍ଟ କରିପାରିବେ ନାହିଁ। କିନ୍ତୁ ଚଳିତବର୍ଷ କିପରି ଅଧିକରୁ ଅଧିକ ଭକ୍ତ ଟିଭିରେ ଭଲ ଭାବେ ଚତୁର୍ଦ୍ଧାବିଗ୍ରହଙ୍କ ଦିବ୍ୟସ୍ନାନ ଏବଂ ହାତୀବେଶ ଦର୍ଶନ କରିପାରିବେ ତାହା ଉପରେ ପ୍ରଶାସନ ଗୁରୁତ୍ୱ ଦେଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗକୁ ସ୍ନାନଯାତ୍ରାର ସିଧା ପ୍ରସାରଣ ଦାୟିତ୍ୱ ଦିଆଯାଇଛି। ବିଭାଗ ଲାଇଭ ଟେଲିକାଷ୍ଟ ଏବଂ ୱେବକାଷ୍ଟ କରାଇବା ସହ ସମସ୍ତ ଚ୍ୟାନେଲକୁ ଲାଇଭ ଟେଲିକାଷ୍ଟ ଫିଡ୍ ଯୋଗାଇବ ବୋଲି ନିଷ୍ପତ୍ତି ହୋଇଛି। ତେଣୁ ମଙ୍ଗଳବାର ବିଭାଗୀୟ ସଚିବ ସଞ୍ଜୟ ସିଂ ପୁରୀ ଆସି ସ୍ନାନଯାତ୍ରାର ଲାଇଭ୍ କଭରେଜ ନେଇ ସ୍ଥିତି ଅନୁଧ୍ୟାନ କରିଛନ୍ତି। ସ୍ନାନମଣ୍ଡପ ସମ୍ମୁଖ ଲଙ୍ଗୁଳି ମଠ ଏବଂ ଏହାର ଆଖପାଖ ବୁଲି କେଉଁ ଜାଗାରେ ଲାଇଭ୍ କରାଯିବ ତାହା ଦେଖିଛନ୍ତି। ସଚିବଙ୍କ ସହ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. କ୍ରିଷନ କୁମାର, ଜିଲାପାଳ ବଲୱନ୍ତ ସିଂ ସାମିଲ ଥିଲେ।



# ସ୍ନାନଯାତ୍ରା ପାଇଁ ୧୪୪ ଧାରା

ପୁରୀ ଅଫିସ,୨।୬


ବୈଠକରେ ମୁଖ୍ୟ ପ୍ରଶାସକ ଡ. କ୍ରିଷନ କୁମାର, ଜିଲାପାଳ ବଲୱନ୍ତ ସିଂ ଏବଂ ସୋମବାରିଆ କମିଟିର ଅନ୍ୟ ସଦସ୍ୟମାନେ।

- ୪ ତାରିଖ ରାତି ୧୦ଟାରୁ ୬ତାରିଖ ଭୋର ପର୍ଯ୍ୟନ୍ତ ଲାଗୁ
- ଘରେ ରହି ଟିଭିରେ ସ୍ନାନଯାତ୍ରା ଦେଖିବେ ଭକ୍ତ
- ଶ୍ରୀମନ୍ଦିର ଭିତରେ ଚମ୍ପକ ଦ୍ୱାଦଶୀ ନୀତି

ଆସନ୍ତା ୫ତାରିଖରେ ଦେବସ୍ନାନ ପୂର୍ଣ୍ଣିମା। ସ୍ନାନବେଦିରେ ପ୍ରତ୍ୟକ୍ଷ ସ୍ନାନ କରିବେ ମହାପ୍ରଭୁ। ହେଲେ ଏଥର କରୋନା କଟକଣା ପାଇଁ ବିନା ଭକ୍ତରେ ହେବ ସ୍ନାନଯାତ୍ରା। ସ୍ନାନମଣ୍ଡପରେ ମହାପ୍ରଭୁଙ୍କ ଦିବ୍ୟସ୍ନାନ ଦେଖି ପାରିବେ ନାହିଁ ଭକ୍ତ। ଭକ୍ତମାନେ ଘରେ ରହି ଟିଭି ମାଧ୍ୟମରେ ଏହା ଦେଖିବା ଲାଗି ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ସେହିପରି ସ୍ନାନଯାତ୍ରା ପାଇଁ ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ସମେତ ଆଖପାଖ ଅଞ୍ଚଳରେ ୪ତାରିଖ ରାତି ୧୦ଟାରୁ ୬ତାରିଖ ଭୋର ପର୍ଯ୍ୟନ୍ତ ୧୪୪ ଜାରି କରାଯିବ ବୋଲି ବୁଧବାର ଜିଲା ପ୍ରଶାସନ କହିଛି।

ସ୍ନାନଯାତ୍ରାକୁ ଶୃଙ୍ଖଳିତ ଭାବେ ସମ୍ପନ୍ନ କରାଯିବା ପାଇଁ ମଙ୍ଗଳବାର ନୀଳାଦ୍ରି ଭକ୍ତନିବାସରେ ସୋମବାରିଆ କମିଟି (ନୀତିକାନ୍ତିକୁ ଶୃଙ୍ଖଳିତ କରିବା ପାଇଁ ଗଠିତ କମିଟି)ର ବୈଠକ ବସିଥିଲା। ମୁଖ୍ୟ ପ୍ରଶାସକ ଡ. କ୍ରିଷନ କୁମାର ଏଥିରେ ଅଧ୍ୟକ୍ଷତା କରିଥିଲେ। ବୈଠକ ଶେଷରେ ମୁଖ୍ୟ ପ୍ରଶାସକ କହିଥିଲେ, ସ୍ନାନଯାତ୍ରା ପାଇଁ ପରିଚାଳନା କମିଟି ଯେଉଁ ବ୍ୟବସ୍ଥାବଳୀ ପ୍ରସ୍ତୁତ କରିଛି ତାହାକୁ ପାଳନ କରିବା ଲାଗି ସମସ୍ତ ସେବାୟତ ସହମତି ପ୍ରକାଶ କରିଛନ୍ତି। ସ୍ନାନଯାତ୍ରାରେ ସମ୍ପୃକ୍ତ ପ୍ରାୟ ୭୦୦ ସେବାୟତଙ୍କ କୋଭିଡ ଟେଷ୍ଟ କରାଯାଇଛି। ନୂଆ ଗାଇଡ଼ଲାଇନକୁ ଅନୁପାଳନ କରି ଠାକୁରଙ୍କ ନୀତି କରାଯିବ। ସେଥିପାଇଁ ବାହାରେ ଚମ୍ପକ ଦ୍ୱାଦଶୀ ନୀତି କରାଯାଇ ପାରିବ ନାହିଁ। ଶ୍ରୀମନ୍ଦିର ଭିତରେ ଚମ୍ପକ ଦ୍ୱାଦଶୀ ନୀତି କରିବା ଲାଗି ଶଙ୍କରାଚାର୍ଯ୍ୟ ପରାମର୍ଶ ଦେଇଛନ୍ତି। ତେଣୁ ସମ୍ପୃକ୍ତ ସେବକମାନେ ପରିସ୍ଥିତି ବୁଝି ଏଥିରେ ସହମତି ହେବେ ବୋଲି ମୁଖ୍ୟ ପ୍ରଶାସକ କହିଛନ୍ତି। ଜିଲାପାଳ ବଲୱନ୍ତ ସିଂ କହିଛନ୍ତି, ଜିଲାପାଳ ବଲୱନ୍ତ ସିଂ କହିଛନ୍ତି, ଏଥର ସ୍ନାନ ପୂର୍ଣ୍ଣିମା ନୀତି ଅନ୍ୟ ବର୍ଷ ଅପେକ୍ଷା ଅଧିକ ଶୃଙ୍ଖଳିତ ରହିବ। ଭକ୍ତମାନେ ସ୍ନାନ ପୂର୍ଣ୍ଣିମା ଦିନ ଟିଭିରେ ଭଲ ଭାବେ ମହାପ୍ରଭୁଙ୍କୁ ଦର୍ଶନ କରିପାରିବେ। ସ୍ନାନଯାତ୍ରା ଲାଗି ସର୍ବସାଧାରଣ ଦର୍ଶନ ବାରଣ ଥିବାରୁ ପ୍ରଶାସନ ପକ୍ଷରୁ ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ଅଞ୍ଚଳରେ ୧୪୪ ଧାରା ଜାରି କରାଯାଇଛି। କରୋନା ମୁକାବିଲା ପରିସ୍ଥିତିକୁ ଦୃଷ୍ଟିରେ ରଖି ଏଭଳି ନିଷ୍ପତ୍ତି ନିଆଯାଇଛି। ମାର୍କେଟ ଛକଠାରୁ କାକୁଡ଼ିଖାଇ ଛକ, ମରିଚିକୋଟ ଛକଠାରୁ ଲବଣିଖିଆ ଛକ ଭାୟା ମରିଚିକୋଟ ଲେନ୍, ଲବଣିଖିଆ ଛକଠାରୁ ଦୋଳମଣ୍ଡପ ସାହି ରାସ୍ତା ଭାୟା ଜେନାରୀ ଗଛ ଛକ, ଜହ୍ନିମୁଣ୍ଡିଆ ଛକଠାରୁ ବାଲିସାହି ରାସ୍ତା ଭାୟା ଭୋଗ ଜାଗା ଏବଂ ଖୁଣ୍ଟିଆସାହି ଛକ ପର୍ଯ୍ୟନ୍ତ କଟକଣା ରହିବ। ସେହିପରି ଖୁଣ୍ଟିଆସାହି ଛକଠାରୁ ସୁଦର୍ଶନ ଗେଷ୍ଟ ହାଉସ ଛକ ଭାୟା ବାଲିସାହି ରାସ୍ତାର କଦମ୍ବଗଡ଼ ଛକ, ସୁଦର୍ଶନ ଗେଷ୍ଟ ହାଉସ ଛକଠାରୁ ହରଚଣ୍ଡୀ ସାହି ରାସ୍ତାର ମାଛହାଟ ଛକ ଭାୟା ବରାହୀ ଛକ ଏବଂ ପଞ୍ଚୁଆତି ଜାଗା, ମାଛହାଟ ଛକଠାରୁ ଲୋକନାଥ ରୋଡର ବୃଷଭ ଛକ ଭାୟା ଶୀତଳପିଣ୍ଡା ଛକ , ବାରବାଟୀ ଜାଗା ଏବଂ ବୈଠକ ପିଣ୍ଡା, ବୃଷଭ ଛକଠାରୁ ପାଣ୍ଡେ ଜାଗାଭାୟା ଛପନ ଛକ, ମଙ୍ଗଳାହାଟ ମଲ୍ଲିକା ଛକ, ବାଲି ସ୍କୁଲ, ମିଶ୍ରସାହି, ସାତବଖରା ଜାଗା, ପାଣ୍ଡେ ଜାଗାଠାରୁ ମରିଚିକୋଟ ଛକ ଭାୟା ଚୁଡ଼ଙ୍ଗସାହି ୟୁପି ସ୍କୁଲ, ଚୁଡ଼ଙ୍ଗସାହି ଛକ, ବାନାମ୍ବର ଛକ, ଶନିମନ୍ଦିର, ଇଣ୍ଡିଆନ ବ୍ୟାଙ୍କ ଛକ ପର୍ଯ୍ୟନ୍ତ ୧୪୪ ଧାରା ଜାରି ରହିବ। କିନ୍ତୁ ପୁରୀବାସୀ ବହୁତ ଶୃଙ୍ଖଳିତ, ସେମାନେ ପ୍ରମାଣିତ କରି ଦେଖାଇଦେବେ ଏଥିରେ ସନ୍ଦେହ ନାହିଁ ବୋଲି ଜିଲାପାଳ କହିଛନ୍ତି।

## ସଂକ୍ଷେପରେ

### କୋଭିଡ୍ ଆମ୍ବୁଲାନ୍ସ ଚାଳକ ପଜିଟିଭ, ପଞ୍ଚାୟତ ଶଟ୍‌ଡାଉନ୍

**ଧରାକୋଟ,୨।୬(ଡି.ଏନ୍.ଏ.):** ଗଞ୍ଜାମ ଜିଲା ଧରାକୋଟ ବ୍ଲକ ଅଞ୍ଚଳର ଜଣେ ଆମ୍ବୁଲାନ୍ସ ଚାଳକ କରୋନାରେ ଆକ୍ରାନ୍ତ ହୋଇଛନ୍ତି। କୋଭିଡ୍ ଆମ୍ବୁଲାନ୍ସ ଚଲାଉଥିବା ଏହି ବ୍ୟକ୍ତିଙ୍କ ସ୍ୱାବ୍ ପରୀକ୍ଷା ପାଇଁ ଯାଇଥିଲା। ରିପୋର୍ଟ ପଜିଟିଭ୍ ଆସିବାରୁ ତାଙ୍କୁ କୋଭିଡ୍ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଛି। ଆକ୍ରାନ୍ତ ଜଣଙ୍କ ଗାଁରେ ରହିଥିବାରୁ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ଗୋଲାଦାମୋଦରପଲ୍ଲୀ ପଞ୍ଚାୟତକୁ ସରପଞ୍ଚ ଜି.ସୂର୍ଯ୍ୟ କୁମାରୀ ରେଡ୍ଡୀ ୪୮ ଘଣ୍ଟା ପାଇଁ ଶଟ୍‌ଡାଉନ ଘୋଷଣା କରିଛନ୍ତି। ଜିଲାପାଳ, ଧରାକୋଟ ବିଡିଓ, ତହସିଲଦାର ଓ ଥାନାଧିକାରୀଙ୍କୁ ସେ ସୂଚନା ପ୍ରଦାନ କରିଥିବା କହିଛନ୍ତି। ପଞ୍ଚାୟତବାସୀଙ୍କ ସୁରକ୍ଷା ଦୃଷ୍ଟିରୁ କୋଭିଡ-୧୯ ଗାଇଡ୍‌ଲାଇନ ପ୍ରକାରେ ଆର୍.ଦାମୋଦରପଲ୍ଲୀ, ଜି.ଦାମୋଦରପଲ୍ଲୀ, ଘାସିବିଲି, କମାଶାସନ ଗ୍ରାମକୁ ମଙ୍ଗଳବାର ମଧାହ୍ନ ୧୨ଟାରୁ ଗୁରୁବାର ମଧାହ୍ନ ୧୨ଟା ପର୍ଯ୍ୟନ୍ତ ଶଟ୍‌ଡାଉନ୍ ଘୋଷଣା କରାଯାଇଛି। ଏହି ସମୟରେ ସମସ୍ତ ଦୋକାନ ଓ ଗମନାଗମନ ବନ୍ଦ ରହିବ। କେବଳ ଜରୁରୀ ଚିକିତ୍ସା ପାଇଁ ସରପଞ୍ଚଙ୍କଠାରୁ ଅନୁମତି ନେଇ ବାହାରକୁ ଯାଇହେବ ବୋଲି ସୂର୍ଯ୍ୟ କହିଛନ୍ତି।

### ନାବାଳିକାଙ୍କୁ ଅସଦାଚରଣ: ଗୃହରକ୍ଷୀ ଗିରଫ

**ଜଗତ୍‌ସିଂହପୁର ଅଫିସ, ୨।୬:** ନାବାଳିକାଙ୍କୁ ଅସଦାଚରଣ କରିବା ଅଭିଯୋଗରେ ଜଗତ୍‌ସିଂହପୁର ଥାନାର ଗୃହରକ୍ଷୀ (ହୋମଗାର୍ଡ)ସୁଶାନ୍ତ କୁମାର ବାରିକଙ୍କୁ ମଙ୍ଗଳବାର ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଏ ସମ୍ପର୍କରେ ଜଗତ୍‌ସିଂହପୁର ଥାନା ଆଇଆଇସି ରଜନୀକାନ୍ତ ମିଶ୍ର କହିଛନ୍ତି, ସମ୍ପୃକ୍ତ ନାବାଳିକାଙ୍କୁ ମା' ଛାଡ଼ି କୁଆଡେ ଚାଲିଯାଇଥିବାରୁ ଜଗତ୍‌ସିଂହପୁର ସହରରେ ଅସହାୟମାନଙ୍କ ପାଇଁ ଥିବା ଏକ ଆଶ୍ରମରେ ରଖାଯାଇଥିଲା। କୌଣସି କାରଣରୁ ସେ ଏହି ଆଶ୍ରମ ଛାଡି ସହରସ୍ଥିତ ଜଣେ ମହିଳାଙ୍କ ଝୁଞ୍ଚୁଡିରେ ରହୁଥିଲେ। ଗତ ୩୦ ତାରିଖ ରାତିରେ ସେ ଶୋଇଥିବାବେଳେ ସୁଶାନ୍ତ ସେଠାରେ ପହଞ୍ଚି ଅସଦାଚରଣ କରିଥିଲେ। ପୀଡ଼ିତା ଥାନାରେ ଅଭିଯୋଗ କରିବା ପରେ ମାମଲା (ନଂ.୧୫୯/୨୦)ରୁଜୁ କରାଯାଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି।

### ଲୋକଙ୍କ ଲାଗି ଲକ୍‌ଡାଉନ୍ ଅଭାବନୀୟ ମାନବ ଯନ୍ତ୍ରଣା: କଂଗ୍ରେସ

**ଭୁବନେଶ୍ୱର, ୨।୬(ବ୍ୟୁରୋ):** ରାଜ୍ୟ ସରକାରଙ୍କ ଦିଶାହୀନ କରୋନା ମୁକାବିଲା ଯୋଗୁ ରାଜ୍ୟରେ ମହାମାରୀ ଭଳି ସ୍ଥିତି ଉପୁଜିଛି। ସ୍ୱାସ୍ଥ୍ୟସେବା ସମସ୍ୟା ବା ପ୍ରସଙ୍ଗ ନ ହୋଇ ଏହା ଏକ ହ୍ୟୁମାନ ଡିସ୍‌ଟ୍ରେସ୍, ଆଇନ ଶୃଙ୍ଖଳା ଭଳି ଗୁରୁତର ଆର୍ଥିକ ଦୁଃସ୍ଥିତିର ରୂପ ନେଇଛି। ଯାହାର ଜ୍ୱଳନ୍ତ ଉଦାହରଣ 'ଓଡ଼ିଶା ଲକ୍‌ଡାଉନ୍ -୫' ବୋଲି କଂଗ୍ରେସ ନେତା ସତ୍ୟପ୍ରକାଶ ନାୟକ ଅଭିଯୋଗ କରିଛନ୍ତି। ଜୁନ୍ ୧ରୁ ଲକ୍‌ଡାଉନ-୫ ଘୋଷଣା ସରକାରଙ୍କ ବିରୋଧୀ ନୀତିକୁ ସ୍ପଷ୍ଟ କରୁଛି। ଏହାଦ୍ୱାରା ରାଜ୍ୟରେ ଚାଷୀ, ଦିନମଜୁରିଆ, ଛୋଟ ବ୍ୟବସାୟୀ, ନିମ୍ନ ମଧ୍ୟବିତ୍ତ ଓ ମଧ୍ୟବିତ୍ତ ଶ୍ରେଣୀର ଲୋକ ବିଶେଷ ଭାବରେ ପ୍ରଭାବିତ ବୋଲି ପ୍ରଦେଶ କଂଗ୍ରେସ ପକ୍ଷରୁ କୁହାଯାଇଛି। କଂଗ୍ରେସ ରାଜ୍ୟ କାର୍ଯ୍ୟାଳୟରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସତ୍ୟ କହିଛନ୍ତି, କରୋନା ଏକ ସ୍ୱାସ୍ଥ୍ୟ ସମସ୍ୟା ହୋଇଥିବା ବେଳେ ରାଜ୍ୟ ସରକାର ଏଯାଏ ଏହାର ମୁକାବିଲା କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ଭାରତରେ ବହୁ ସ୍ୱାସ୍ଥ୍ୟସେବା ସଂକ୍ରାନ୍ତୀୟ ଗବେଷଣା ପ୍ରତିଷ୍ଠାନ ଆଶଙ୍କା କଲେଣି ଯେ, ଏହା ଏବେ ଗୋଷ୍ଠୀ ସଂକ୍ରମଣ ପର୍ଯ୍ୟାୟରେ ପହଞ୍ଚିଗଲାଣି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଏହାକୁ ମୁକାବିଲା କରିବାରେ ବିଫଳ ହୋଇଛନ୍ତି। କରୋନା ନିୟନ୍ତ୍ରଣ କରିବାର ପ୍ରାଥମିକ କାର୍ଯ୍ୟ ହେଉଛି ପରୀକ୍ଷା କରିବା। ୪ କୋଟି ୨୦ ଲକ୍ଷ ଜନସଂଖ୍ୟାକୁ ଦେଖିଲେ ଏ ପର୍ଯ୍ୟନ୍ତ ରାଜ୍ୟ ସରକାର ମାତ୍ର ୨ ଲକ୍ଷ ଲୋକଙ୍କର ପରୀକ୍ଷା କରିଛନ୍ତି। ରାଜ୍ୟ ସରକାର ଅଧିକ ପରୀକ୍ଷା ନ କରି ଜୋର ଜବରଦସ୍ତି ଲକ୍‌ଡାଉନ୍ ବା ଶଟ୍‌ଡାଉନ୍ ଜରିଆରେ ସମଗ୍ର ରାଜବାସୀଙ୍କୁ ଯନ୍ତ୍ରଣା ଦେବାକୁ ପଛାଉନାହାନ୍ତି।

# ଏମ୍‌ଜିଏନ୍‌ଆର୍‌ଇଜିଏର ସଫଳତା, ବାସ୍ତବ ଚିତ୍ର ଭିନ୍ନ

**ଯାଜପୁର ଅଫିସ୍, ୨।୬**



- ଏମ୍‌ଜିଏନ୍‌ଆର୍‌ଇଜିଏରେ ଯାଜପୁର ଜିଲା ରାଜ୍ୟରେ ୩ୟ ସ୍ଥାନକୁ ଉନ୍ନୀତ
- ଶ୍ରମିକ ବଦଳରେ ମେଶିନ କାମ କରୁଥିବା ଅଭିଯୋଗ
- ତଦନ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି: ପିଡି

କରୋନା ସଂକ୍ରମଣ ଯୋଗୁ ଯାଜପୁର ଜିଲା ତଥା ବାହାର ରାଜ୍ୟରୁ ଫେରିଥିବା ଶ୍ରମିକ ଶ୍ରେଣୀର ଲୋକଙ୍କ ଜୀବିକା ବହୁଳ ଭାବେ ପ୍ରଭାବିତ ହୋଇଛି। ସେମାନଙ୍କୁ କାମଧନ୍ଦା ଯୋଗାଇ ଦେବାକୁ ଜିଲା ପ୍ରଶାସନ ପକ୍ଷରୁ ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏ)କୁ ଅଧିକ ପ୍ରାଧାନ୍ୟ ଦିଆଯାଇଛି। ଏପରିକି ଏହି ଯୋଜନାରେ ଶ୍ରମିକ ଶ୍ରେଣୀର ଲୋକଙ୍କୁ କାମ ଯୋଗାଇ ଦେବାରେ ଯାଜପୁର ଜିଲା ମାସକ ମଧ୍ୟରେ ରାଜ୍ୟରେ ୨୦ ନମ୍ବରରୁ ୩ ନମ୍ବର ସ୍ଥାନକୁ ଉନ୍ନୀତ ହୋଇଛି। ଜିଲାରେ ଏହାର ବାସ୍ତବ ଚିତ୍ର ଭିନ୍ନ ଦେଖାଯାଇଛି। ଶ୍ରମିକମାନେ କାମ ପାଉ ନ ଥିବା ବିଭିନ୍ନ ପଞ୍ଚାୟତରେ ମେଶିନ ଦ୍ୱାରା କାର୍ଯ୍ୟ କରାଯାଉଛି। ଏହାର ଉଦାହରଣ ଯାଜପୁର ବ୍ଲକ ଏରବାଙ୍କ ପଞ୍ଚାୟତର ଇନ୍ଦାରୋଇ ଗ୍ରାମରେ ଜଗନ୍ନାଥ ପୋଖରୀ ଖନନ ବେଳେ ଦେଖିବାକୁ ମିଳିଛି। ଶ୍ରମିକମାନଙ୍କଠାରୁ ଜବ୍‌କାର୍ଡ ସଂଗ୍ରହ କରାଯାଇ ଏରବାଙ୍କ ପଞ୍ଚାୟତ କର୍ତ୍ତୃପକ୍ଷ ମିଥ୍ୟା ମାଷ୍ଟରରୋଲ ପ୍ରସ୍ତୁତ କରିବା ସହ ଲକ୍ଷାଧିକ ଟଙ୍କା ହରିଲୁଟ କରୁଥିବା ଗ୍ରାମବାସୀ କହିଛନ୍ତି। ସେହିପରି କୋରେଇ ବ୍ଲକ ଜହ୍ନା ପଞ୍ଚାୟତ ଜହ୍ନକଣା ଗ୍ରାମରେ ଶ୍ରମିକ ବଦଳରେ ମେଶିନ ଦ୍ୱାରା କାର୍ଯ୍ୟ କରାଯାଉଥିବା ନେଇ ଗ୍ରାମବାସୀ ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଅନ୍ୟପକ୍ଷେ ଏମ୍‌ଜିଏନ୍‌ଆର୍‌ଇଜିଏ ସହ ଚତୁର୍ଦ୍ଦଶ ଅର୍ଥ କମିଶନ ପାଣ୍ଠିରେ ଇନ୍ଦାରୋଇ ପୋଖରୀ ଖନନ କାର୍ଯ୍ୟ ହେଉଥିବାରୁ ଶ୍ରମିକଙ୍କ ସହ ମେଶିନ ଲଗାଇବାକୁ ଅନୁମତି ଦିଆଯାଇଛି। ତେବେ ଶ୍ରମିକଙ୍କୁ ନିୟୋଜିତ କରା ନଯାଇ ସମ୍ପୂର୍ଣ୍ଣ ଭାବେ ଯଦି ମେଶିନରେ କାର୍ଯ୍ୟ ଚାଲିଥାଏ, ଏ ନେଇ ତଦନ୍ତ କରିବାକୁ ବିଡିଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ତଦନ୍ତ ରିପୋର୍ଟ ପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ(ପିଡି) ଇନ୍ଦ୍ରମଣି ନାୟକ ପ୍ରକାଶ କରିଛନ୍ତି।

ଯାଜପୁର ବ୍ଲକ ଏରବାଙ୍କ ପଞ୍ଚାୟତ ଅଧୀନ ଇନ୍ଦାରୋଇ ଜଗନ୍ନାଥ ପୋଖରୀ ଖନନ ଓ ଗାଧୁଆ ତୁଠ ନିର୍ମାଣ ପାଇଁ ଏମ୍‌ଜିଏନ୍‌ଆର୍‌ଇଜିଏ୍ ଯୋଜନାରେ ୫ ଲକ୍ଷ ଓ ଚତୁର୍ଦ୍ଦଶ ଅର୍ଥ କମିଶନ ପାଣ୍ଠିରୁ ୨ ଲକ୍ଷ ମୋଟ ୭ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ଏହି କାର୍ଯ୍ୟ ମେ ୨୯ ତାରିଖରୁ ଆରମ୍ଭ ହୋଇଛି। ଏମ୍‌ଜିଏନ୍‌ଆର୍‌ଇଜିଏ୍‌ରେ ସମ୍ପୂର୍ଣ୍ଣ ଭାବେ ଶ୍ରମିକମାନେ କାମ କରିବେ ବୋଲି ଜିଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଏପରିକି କରୋନା ମୁକାବିଲାରେ ଶ୍ରମିକମାନଙ୍କୁ କାର୍ଯ୍ୟ ଯୋଗାଇଦେବା ପାଇଁ ଜିଲାପାଳ ରଞ୍ଜନ କୁମାର ଦାସ ଏମ୍‌ଜିଏନ୍‌ଆର୍‌ଇଜିଏ୍‌କୁ ବାରମ୍ବାର ଗୁରୁତ୍ୱ ପ୍ରଦାନ କରିଛନ୍ତି। ଏଥିରେ କୌଣସି ପ୍ରକାର ଅନିୟମିତତା ହେଲେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ ତାଗିଦ କରିଛନ୍ତି। କିନ୍ତୁ ଏଠାରେ ଶ୍ରମିକଙ୍କ ଜବକାର୍ଡ ସଂଗ୍ରହ କରାଯାଇ ସେମାନଙ୍କ ନାମରେ କେବଳ କାର୍ଯ୍ୟ ଦିବସ ଦର୍ଶାଯାଉଛି ବୋଲି ଗ୍ରାମବାସୀ କହିଛନ୍ତି। ଚତୁର୍ଦ୍ଦଶ ଅର୍ଥ କମିଶନ ପାଣ୍ଠିରେ କେବଳ ଗାଧୁଆ ତୁଠ ନିର୍ମାଣ କରିବାକୁ ଅଟକଳ କରାଯାଇ ମେଶିନ ଲଗାଯାଇ ପାରିବ ବୋଲି ନିଷ୍ପତ୍ତି ହୋଇଛି। କିନ୍ତୁ ପଙ୍କ କଢ଼ାଯିବା ସହ ମାଟି କାର୍ଯ୍ୟ ମଧ୍ୟ ମେଶିନ ସାହାଯ୍ୟରେ ହେଉଥିବା ଗ୍ରାମବାସୀ ଅଭିଯୋଗ କରୁଥିଲେ ବି ସମ୍ପୃକ୍ତ ପଞ୍ଚାୟତ କର୍ତ୍ତୃପକ୍ଷ କାହାରି କଥା ଶୁଣୁ ନ ଥିବା ଗ୍ରାମବାସୀ କହିଛନ୍ତି। ଏଭଳି ଭାବେ କେତେକ ପଞ୍ଚାୟତରେ ଚଞ୍ଚକତା କରି ଜିଲାରେ କାର୍ଯ୍ୟ ଦିବସ ସୃଷ୍ଟିରେ ରେକର୍ଡ ହେଉଥିବା ଅନୁମାନ କରାଯାଉଛି। ଜିଲା ପ୍ରଶାସନ ପକ୍ଷରୁ ମିଳିଥିବା ରିପୋର୍ଟ ଅନୁସାରେ, ମଙ୍ଗଳବାର ସୁଦ୍ଧା ଏମ୍‌ଜିଏନ୍‌ଆର୍‌ଇଜିଏ ସଫଳତା ହାର ୯୨ ପ୍ରତିଶତ ହୋଇଛି। ଏଯାଏ ୩ଟି ପରିବାର ୧୦୦ ଦିନରେ କାର୍ଯ୍ୟ ସମ୍ପୂର୍ଣ୍ଣ କରିଥିବା ବେଳେ ୨,୭୯,୦୦୬ କାର୍ଯ୍ୟ ଦିବସ ସୃଷ୍ଟି ହୋଇ ପାରିଛି ବୋଲି ରିପୋର୍ଟରେ ଦର୍ଶାଯାଇଛି।

## ଫାଙ୍କା ଗୁଳି ଚାଳନା କରି ଲୁଟ୍ ଉଦ୍ୟମ

**ତିର୍ତ୍ତୋଲ,୨।୬(ଡି.ଏନ୍.ଏ.)**

ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ଥାନା ଅନ୍ତର୍ଗତ କଟକ-ପାରାଦୀପ ରାସ୍ତାର ଦଣ୍ଡାସାହି ନିକଟରେ ସୋମବାର ରାତିରେ ଫାଙ୍କା ଗୁଳି ଚାଳନା କରି ଲୁଟ୍ ଉଦ୍ୟମ ହୋଇଛି। ଏନେଇ ଥାନାରେ ଅଭିଯୋଗ ହେବା ପରେ ମାମଲା (ନଂ.୧୨୮/୨୦)ରୁଜୁ କରାଯାଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଫୁଟନ୍ତା ଗୁଳିର ଖୋକା ସହ ବନ୍ଧୁକ ଉଦ୍ଧାର କରିଛି। ଅଭିଯୋଗ ଅନୁଯାୟୀ, ଶାରଳାରୋଡ଼ ଛକ ନିକଟରେ ବ୍ଲକ ଅନ୍ତର୍ଗତ ରାମଜୀପାଟଣା ଗ୍ରାମର ରମେଶ ସାହୁଙ୍କ ଏକ ତେଜରାତି ଦୋକାନ ରହିଛି। ସେ ସୋମବାର ରାତିରେ ଉକ୍ତ ଦୋକାନ ବନ୍ଦ କରି ପୁଅ ରାଜକିଶୋରଙ୍କ ସହ ବାଇକ୍‌ରେ ଘରକୁ ଫେରୁଥିଲେ। ଦଣ୍ଡାସାହି ନିକଟରେ ୩ ଜଣ ଦୁର୍ବୃତ୍ତ ଏକ ବାଇକ୍‌ରେ ଆସି ଲୁଟ୍ କରିବା ଉଦ୍ଦେଶ୍ୟରେ ତାଙ୍କ ଉପରକୁ ଫାଙ୍କା ଗୁଳିଚାଳନା କରିଥିଲେ। ମାତ୍ର ବନ୍ଧୁକ ପଡ଼ିଯିବାରୁ ଦୁର୍ବୃତ୍ତମାନେ ସେଠାରୁ ଫେରାର ହୋଇଯାଇଥିଲେ। ଏ ସମ୍ପର୍କରେ ରମେଶଙ୍କ ସାନଭାଇ ଦୁଃଖୀଶ୍ୟାମ ସାହୁ ଥାନାରେ ଅଭିଯୋଗ କରିବା ପରେ ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି।

# ଆନ୍ଦୋଳନ ଚେତାବନୀ ଦେଲେ ଘରୋଇ ଶିକ୍ଷକ

**ଭୁବନେଶ୍ୱର, ୨।୬(ବ୍ୟୁରୋ)**

କରୋନା ମହାମାରୀ ଲକ୍‌ଡାଉନ୍ ଯୋଗୁ ୩ମାସ ହେଲା ଟ୍ୟୁଶନ ଓ କୋଚିଂସେଣ୍ଟର ବନ୍ଦ ରହିଛି। ଏହା ଛାତ୍ରୀଛାତ୍ରଙ୍କ ଶିକ୍ଷାର ବିକାଶ ଉପରେ ଘୋର ପ୍ରଭାବ ପକାଇଛି। ସେହିପରି କୋଚିଂ ସେଣ୍ଟର ବନ୍ଦ ଯୋଗୁ ଏହାର ମାଲିକମାନେ ଘର ଭଡ଼ା ଓ କାର୍ଯ୍ୟରତ ଶିକ୍ଷକ, କର୍ମଚାରୀଙ୍କୁ ବେତନ ଦେଇ ହତାଶ ହୋଇଗଲେଣି। ଏହାର ସାମାଧାନ ପାଇଁ ସରକାର ୭ଦିନ ମଧ୍ୟରେ କୋଚିଂ ସେଣ୍ଟରଗୁଡ଼ିକୁ ସର୍ତ୍ତମୂଳକ ଖୋଲିବାକୁ ପ୍ରଦାନ କରନ୍ତୁ ବୋଲି ଓଡ଼ିଶା କୋଚିଂ ଏଣ୍ଡ୍ ଟ୍ରେନିଂ ଏକାଡେମିକ୍ ଆସୋସିଏଶନ୍ ଦାବି କରିଛି। ଯଦି ସରକାର ଏଦିଗରେ ପଦକ୍ଷେପ ନ ନିଅନ୍ତି ତେବେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଘରୋଇ

**କୋଚିଂ ସେଣ୍ଟର ଖୋଲିବାକୁ ସର୍ତ୍ତମୂଳକ ଅନୁମତି ଦାବି**

ଶିକ୍ଷକମାନେ ଚେତାବନୀ ଦେଇଛନ୍ତି। ମଙ୍ଗଳବାର ଆସୋସିଏଶନ ପକ୍ଷରୁ ଖବରଦାତା ସମ୍ମିଳନୀରେ ଏହି ସୂଚନା ପ୍ରଦାନ କରାଯାଇଛି। ଆସୋସିଏଶନ ପକ୍ଷରୁ କୁହାଯାଇଛି ଯେ, ବିଭିନ୍ନ ସ୍କୁଲରେ ଶିକ୍ଷା ଗ୍ରହଣ କଲେ ମଧ୍ୟ ଛାତ୍ରୀଛାତ୍ର ଟ୍ୟୁଶନ୍ ଓ କୋଚିଂ ସେଣ୍ଟର ଉପରେ ନିର୍ଭର କରିଥାନ୍ତି। ଏବେ କୋଚିଂ ସେଣ୍ଟର ବନ୍ଦ ଯୋଗୁ ଘର ଭଡ଼ା ଦେବା ସମସ୍ୟା ହୋଇଛି। ଘର ଭଡ଼ା ବ୍ୟବସ୍ଥା କରିବା ସହ କୋଚିଂ ସେଣ୍ଟରଗୁଡ଼ିକ ଖୋଲିବା ପାଇଁ ଅନୁମତି ପ୍ରଦାନ କରାଯିବାକୁ ନିବେଦନ କରାଯାଇଛି। ସାମଜିକ ଦୂରତା ଅବଲମ୍ବନରେ ଶ୍ରେଣୀ ଗୃହ, ୧୫ଜଣ ଛାତ୍ରରେ ଶିକ୍ଷାଦାନ ଓ ଶତକଡ଼ା ୩୦ ଛାତ୍ରରେ ଛାତ୍ରାବାସ ଖୋଲିବା ପାଇଁ ଅନୁମତି ଦେବାକୁ ଦାବି କରାଯାଇଛି। ଆଗାମୀ ଦିନରେ ଆନ୍ଦୋଳନ ହେଲେ ରାଜ୍ୟ ସରକାର ଦାୟୀ ରହିବେ ବୋଲି ଆସୋସିଏଶନର ସଭାପତି ପ୍ରସନ୍ନ କୁମାର ଚୌଧୁରୀ କହିଛନ୍ତି। ଏହି ସମ୍ମିଳନୀରେ ଆସୋସିଏଶନ ସମ୍ପାଦକ ପ୍ରଭାତ ତ୍ରିପାଠୀ, ଉପଦେଷ୍ଟା ବିଶ୍ୱରଞ୍ଜନ ଦାସ ଉପସ୍ଥିତ ଥିଲେ।



ପୁରୀ: ସ୍ନାନ ପୂର୍ଣ୍ଣିମା ପାଇଁ ମଙ୍ଗଳବାର ମହାପ୍ରଭୁଙ୍କ ହାତୀବେଶ ପ୍ରସ୍ତୁତିରେ ନିମଗ୍ନ କାରିଗର।

## ବୃଦ୍ଧ ଦମ୍ପତିଙ୍କୁ ହତ୍ୟା ଅଭିଯୋଗ

**କାଲିମେଳା,୨।୬(ଡି.ଏନ.ଏ.)**

ମାଲକାନଗିରି ଜିଲା କାଲିମେଳା ବ୍ଲକ ତଥା ମୋଟୁ ଥାନା ପୁଷ୍ପଗୁଡା ପଞ୍ଚାୟତ ମୁକାନପାଲି ଗ୍ରାମର ବୃଦ୍ଧ ଦମ୍ପତ୍ତି ଆଗେଲ ଦେବା ଏବଂ ଆଗେଲ ଦୁଲେଙ୍କୁ କେତେଜଣ ଦୁର୍ବୃତ୍ତ ହତ୍ୟା କରିଛନ୍ତି। ବୃଦ୍ଧ ଆଗେଲଙ୍କ ମୃତଦେହକୁ ଦୁର୍ବୃତ୍ତମାନେ ଗ୍ରାମ

**ଜଣକୁ ପୋଡ଼ିଦେଲେ, ଅନ୍ୟଜଣକୁ ପୋଖରୀରେ ଫିଙ୍ଗିଦେଲେ**

ଶ୍ମଶାନରେ ପୋଡି ଦେଇଥିବାବେଳେ ପୋଖରୀକୁ ଫିଙ୍ଗାଯାଇଥିବା ବୃଦ୍ଧା ଆଗେଲ ଦୁଲେଙ୍କ ମୃତଦେହ ମଙ୍ଗଳବାର ଉଦ୍ଧାର କରାଯାଇଛି। ଗୁଣିଗାରେଡିକୁ କେନ୍ଦ୍ରକରି ଏହି ହତ୍ୟା ଘଟଣା ଗତ ମେ ୨୮ରେ ଘଟିଥିଲା। ତେବେ ମଙ୍ଗଳବାର ଆଗେଲ ଦୁଲେଙ୍କ ମୃତଦେହ ମିଳିବା ପରେ ଏହା ପଦାକୁ ଆସିଛି। ଅନ୍ୟପକ୍ଷରେ ଦମ୍ପତ୍ତିଙ୍କ ନିଖୋଜ ନେଇ ତାଙ୍କ ଝିଅ ମୋନାଲିସା କୋରାମି ଗତ ୩୧ ତାରିଖରେ ମୋଟୁ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୨୯।୨୦ରେ ଏକ ମାମଲା ରୁଜୁ କରି ବୃଦ୍ଧା ଦୁଲେଙ୍କ ମୃତଦେହ ବ୍ୟବଚ୍ଛେଦ କରାଇଛି। ସେହିପରି ବୃଦ୍ଧ ଦେବା ପୋଡାଯାଇଥିବା ସ୍ଥାନରୁ ପୋଲିସ ହାଡ ପାଉଁଶ ସଂଗ୍ରହ କରି ପରୀକ୍ଷା ପାଇଁ ପଠାଇଛି। ଏ ନେଇ ମୋଟୁ ଥାନା ଅଧିକାରୀ ରଘୁନାଥ ମାଝି କହିଛନ୍ତି, କିଏ କାହିଁକି ସେମାନଙ୍କୁ ହତ୍ୟା କଲା ତାହା ସ୍ପଷ୍ଟ ହୋଇନାହିଁ। ବିଭିନ୍ନ ଦିଗକୁ ଲକ୍ଷ୍ୟ କରି ତଦନ୍ତ ଚାଲିଥିବା ଥାନା ଅଧିକାରୀ ପ୍ରକାଶ କରିଛନ୍ତି।

## ପଥରରେ ଛେଚି ହତ୍ୟା, ଅଭିଯୁକ୍ତ ଗିରଫ

**ରାଇରଙ୍ଗପୁର, ୨।୬(ଡି.ଏନ୍.ଏ.)**



ଗିରଫ ଅଭିଯୁକ୍ତଙ୍କ ସମ୍ପର୍କରେ ଥାନା ଅଧିକାରୀ ସୂଚନା ଦେଉଛନ୍ତି।

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଟାଉନଥାନା ଅଧୀନ ବଡ଼ପାଖଣା ଗ୍ରାମର ଜଣେ ବ୍ୟକ୍ତିଙ୍କୁ ଗତ ଶୁକ୍ରବାର ପଥରରେ ଛେଚି ହତ୍ୟା କରାଯାଇଥିଲା। ଘଟଣାରେ ସମ୍ପୃକ୍ତ ଯୁବକଙ୍କୁ ପୋଲିସ ସୋମବାର ଗିରଫ କରିଛି। ଅଭିଯୁକ୍ତ ହେଲେ ବହଳଦା ଥାନା ଗୁହାଳଡ଼ାଙ୍ଗିରି ଗ୍ରାମର ତରଣୀସେନ ଧୀର। ମୃତ ଚନ୍ଦ୍ରମୋହନ ମହାନ୍ତଙ୍କ ପୁଅ ଉମେଶଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ହତ୍ୟା ମାମଲା (ନଂ.୮୬/୨୦୨୦) ରୁଜୁ କରି ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ ଚଳାଇଛି। ମଙ୍ଗଳବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

ପୋଲିସ ସୂଚନା ଅନୁଯାୟୀ, ମୃତ ଚନ୍ଦ୍ରମୋହନଙ୍କ ସ୍ତ୍ରୀଙ୍କ ଉପରେ ତରଣୀସେନଙ୍କ ପୂର୍ବରୁ ଖରାପ ନଜର ରହିଥିଲା। ଚନ୍ଦ୍ରମୋହନ ଏ ସମ୍ପର୍କରେ ଜାଣିବା ପରେ ଶୁକ୍ରବାର ତରଣୀସେନଙ୍କ ଘରକୁ ପଚାରିବା ପାଇଁ ଯାଇଥିଲେ। ସେଠାରୁ ଫେରୁଥିବା ବେଳେ ଅଭିଯୁକ୍ତ ଯୁବକ ତାଙ୍କ ପିଛା କରି ଆସିଥିଲେ। ବଡ଼ପାଖଣା ଗ୍ରାମ ରାସ୍ତାପାର୍ଶ୍ୱ ଏକ ବୁଦା ନିକଟରେ ଏକୁଟିଆ ପାଇ ଚନ୍ଦ୍ରମୋହନଙ୍କ ମୁଣ୍ଡକୁ ଏକ ପଥରରେ ଛେଚି ହତ୍ୟା କରିଥିଲେ। ପରେ ତରଣୀସେନ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ପୋଲିସ ଅଭିଯୁକ୍ତ ତରଣୀସେନଙ୍କୁ ତାଙ୍କ ଘରୁ ଗିରଫ କରିଥିଲା। ପୋଲିସ ନିକଟରେ ଅଭିଯୁକ୍ତ ନିଜ ଦୋଷ ସ୍ୱୀକାର କରିଥିବା ରାଇରଙ୍ଗପୁର ଏସ୍‌ଡିପିଓ ସ୍ନେହାଶିଷ ସାହୁ ଏବଂ ଥାନା ଅଧିକାରିଣୀ ରେଣୁବାଳା ସାହୁ କହିଛନ୍ତି।

## ଲ୍ୟାମ୍ପସ୍ ଡାଟା ଅପରେଟର ବହିଷ୍କୃତ
### ନିଲମ୍ବିତ ପରିଚାଳକଙ୍କ ନାମରେ ଏତଲା

**ମାଲକାନଗିରି,୨।୬ (ଡି.ଏନ୍.ଏ.)**

ମାଲକାନଗିରି ଜିଲା ଶିଖପାଲି ଲ୍ୟାମ୍ପସ୍‌ର ଡାଟା ଏଣ୍ଟ୍ରି ଅପରେଟର ସଂଗ୍ରାମ କିଶୋର ସ୍ୱାଇଁଙ୍କୁ କାର୍ଯ୍ୟରୁ ବହିଷ୍କୃତ କରାଯାଇଛି। ଲ୍ୟାମ୍ପସ୍ କାର୍ଯ୍ୟରେ ବାଧା ସୃଷ୍ଟି କରିବା, ନଥିପତ୍ରରେ ଅନିୟମିତତା, ପରିଚାଳକଙ୍କୁ ବିଭ୍ରାନ୍ତମୂଳକ ତଥ୍ୟ ଦେବା ଯୋଗୁ ଚିଠି ସଂଖ୍ୟା ୩୭, ୧।୬।୨୦ରେ ସ୍ୱାଇଁଙ୍କୁ ବହିଷ୍କୃତ କରାଯାଇଥିବା ଲ୍ୟାମ୍ପସ୍ ପ୍ରଶାସକ ସାମଲ ମାରାଣ୍ଡି କହିଛନ୍ତି। ଏଥିସହ ଦୁଇଦିନ ପୂର୍ବରୁ ନିଲମ୍ବିତ ହୋଇଥିବା ଶିଖପାଲି ଲ୍ୟାମ୍ପସ୍ ପରିଚାଳକ ଧନେଶ୍ୱର ପଟ୍ଟନାୟକଙ୍କ ନାମରେ କାଲିମେଳା ଥାନାରେ ଏତଲା ହୋଇଛି। ଲ୍ୟାମ୍ପସ୍‌ରେ ବସ୍ତାର ପରିମାଣ କମ୍ ଥିବା ଯୋଗୁ ତାଙ୍କ ନାମରେ ଏପରି ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ କେସ୍ ନଂ. ୭୨/୨୦ରେ ମାମଲା ରୁଜୁ କରାଯାଇଛି। ସୂଚନାଯୋଗ୍ୟ ଯେ, ମାର୍କଫେଡ୍ ଲ୍ୟାମ୍ପସ୍‌କୁ ବାଦାମ ଭର୍ତ୍ତି ପାଇଁ ବସ୍ତା ଯୋଗାଇ ଦେଇଥିଲା। ତେବେ ଯେତେ ପରିମାଣର ବସ୍ତା ଆସିଥିଲା ଯାଞ୍ଚ ବେଳେ ସେତିକି ପରିମାଣର ବସ୍ତା ଗଚ୍ଛିତ ନ ଥିବା ଜଣାପଡ଼ିଥିଲା।

# ବାପାଙ୍କ ଶାବଳ ମାଡ଼ରେ ପୁଅ ମୃତ
### ୧୫ ବର୍ଷ ତଳେ ପ୍ରଥମ ସ୍ତ୍ରୀଙ୍କୁ ହତ୍ୟାକରି ଜେଲ ଯାଇଥିଲେ

**ନବରଙ୍ଗପୁର/ରାଇଘର, ୨।୬(ବି.ପ୍ର./ଡି.ଏନ୍.ଏ.)**

ପାରିବାରିକ କଳହକୁ ନେଇ ପୁଅଙ୍କୁ ଶାବଳରେ ପିଟିପିଟି ହତ୍ୟା କରିଛନ୍ତି ବାପା। ଏଭଳି ଏକ ଦୁଃଖଦ ଘଟଣା ନବରଙ୍ଗପୁର ଜିଲା ରାଇଘର ବ୍ଲକ ସରଗୁଲି ଗ୍ରାମରେ ସୋମବାର ରାତିରେ ଘଟିଛି। ଏହି ଘଟଣାରେ ବାପା ଅମଲ ବସୁଙ୍କୁ ରାଇଘର ପୋଲିସ ମଙ୍ଗଳବାର ଗିରଫ କରିଛି।

ସରଗୁଲି ଗ୍ରାମର ଅମଲ ପ୍ରଥମ ସ୍ତ୍ରୀଙ୍କୁ ୧୫ ବର୍ଷ ତଳେ ଟାଙ୍ଗିଆରେ ହାଣି ହତ୍ୟା କରିବା ପରେ ଜେଲ ଯାଇଥିଲେ। ଜେଲରୁ ଫେରିବା ପରେ ଦ୍ୱିତୀୟ ସ୍ତ୍ରୀ ଓ ଛୁଆଙ୍କୁ ଧରି କୁମୁଲି ଗ୍ରାମ ଛକ ନିକଟରେ ଥିବା ନିଜ ଚାଷଜମିରେ ରହି ଆସୁଥିଲେ। ପ୍ରଥମ ସ୍ତ୍ରୀଙ୍କ ୨ ପୁଅ ଅସିତ ଓ ବିଶ୍ୱଜିତ ସରଗୁଲି ଗ୍ରାମରେ ରହୁଥିଲେ। ତେବେ ଜମିଜମାକୁ ନେଇ ଅସିତ ଓ ବିଶ୍ୱଜିତଙ୍କ ସହ ବାପା ଅମଲଙ୍କର ଗଣ୍ଡଗୋଳ ଲାଗି ରହିଥିଲା। ଏପରିକି କିଛିଦିନ ତଳେ ଅସିତ ଓ ଅମଲଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଥାନାରେ ଅମଲଙ୍କ ଅଭିଯୋଗ କ୍ରମେ ଅସିତଙ୍କୁ ପୋଲିସ ଗିରଫ କରିଥିଲା। ଜେଲରେ ୬ ମାସ ରହିବା ପରେ ଅସିତ ଘରକୁ ଫେରିଥିଲେ। ସୋମବାର ବିଳମ୍ବିତ ରାତିରେ ପୁଣି ବାପା, ପୁଅଙ୍କ ମଧ୍ୟରେ ଜମିଜମାକୁ ନେଇ ଝଗଡା ହୋଇଥିଲା। ଏହି ସମୟରେ ଅମଲ ଏକ ଶାବଳରେ ପୁଅ ଅସିତଙ୍କୁ ପିଟି ହତ୍ୟା କରିଥିଲେ। ଖବର ପାଇ ମଙ୍ଗଳବାର ଉମରକୋଟ ଏସ୍‌ଡିପିଓ ହେମନ୍ତ କୁମାର ପାଢ଼ୀ ଏବଂ ରାଇଘର ଥାନା ଅଧିକାରୀ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତକରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ଘଟଣାରେ ବ୍ୟବହୃତ ଶାବଳ, ଟାଙ୍ଗିଆ ଓ କୋଦାଳ ପୋଲିସ ଜବତ କରିଛି। ଅମଲଙ୍କୁ ଗିରଫ କରାଯାଇ ଘଟଣାର ତଦନ୍ତ କରାଯାଉଥିବା ଏସ୍‌ଡିପିଓ କହିଛନ୍ତି। ଥାନାରେ ନଂ. ୭୫/୨୦ରେ ମାମଲା ରୁଜୁ କରାଯାଇଛି।

# ଓଡ଼ିଶା ଫେରିବାକୁ ମଙ୍ଗଳସୂତ୍ର ବିକିଲେ
### ବିକା ଟଙ୍କାରେ ସାଇକେଲ କିଣି ବେଙ୍ଗାଲୁରୁରୁ ଭଦ୍ରକ ଫେରିଲେ ଦମ୍ପତି

**କଟକ ଅଫିସ,୨।୬**

ଜଣେ ସଧବା ନାରୀର ଅସ୍ମିତା ହେଉଛି ତା'ର ମଙ୍ଗଳସୂତ୍ର। କିନ୍ତୁ ଲକ୍‌ଡାଉନ୍ ଜନିତ ବେରୋଜଗାରି ଶ୍ରମିକମାନଙ୍କ ଦାରିଦ୍ର୍ୟ ଓ ଅଭାବକୁ ତେଜି ସେମାନଙ୍କୁ ଏଭଳି ସ୍ଥିତିରେ ଆଣି ଛିଡ଼ା କରେଇଛି ଯେ, ଓଡ଼ିଶା ଫେରିବା ପାଇଁ ଜଣେ ପ୍ରବାସୀ ମହିଳା ନିଜ ମଙ୍ଗଳସୂତ୍ର ବିକିବାକୁ ବାଧ ହୋଇଛନ୍ତି। ସେହି ଟଙ୍କାରେ ସାଇକେଲ କିଣି ସ୍ୱାମୀଙ୍କ ସହ ଓଡ଼ିଶା ଫେରିଛନ୍ତି।

ଘଟଣା ଅନୁଯାୟୀ, ଟାଙ୍ଗୀରେ କେତେକ ସାମାଜିକ କର୍ମୀ ରାସ୍ତା ଉପରେ ଅସହାୟ ବ୍ୟକ୍ତିଙ୍କୁ ଶୁଖିଲା ଖାଦ୍ୟ ବାଣ୍ଟୁଥିଲେ। ଏହି ସମୟରେ ଦୁଇଟି ସାଇକେଲରେ ଆସି ପହଞ୍ଚିଥିଲେ ୩ ଜଣ। ଗୋଟିଏ ସାଇକେଲରେ ଥିଲେ ଚନ୍ଦନ ଜେନା ଓ ତାଙ୍କ ସ୍ତ୍ରୀ। ଅନ୍ୟ ଏକ ସାଇକେଲରେ ଚନ୍ଦନଙ୍କ ବନ୍ଧୁ ତପନ ଜେନା। ଏମାନେ ଭଦ୍ରକ ବାସୁଦେବପୁରର ବାସିନ୍ଦା। ସୁଦୂର ବେଙ୍ଗାଲୁରୁରୁ ଏମାନେ



ଟାଙ୍ଗୀଠାରେ ସାଇକେଲ୍‌ରେ ପହଞ୍ଚିଛନ୍ତି ଚନ୍ଦନ ଜେନା ଓ ତାଙ୍କ ସ୍ତ୍ରୀ

ସାଇକେଲରେ ଓଡ଼ିଶା ଫେରିଥିଲେ। ସାଇକେଲରେ ବନ୍ଧାହୋଇଥିଲା ସେମାନଙ୍କ ପୋଷାକ ଓ କିଛି ଜରୁରୀ ସାମଗ୍ରୀ। ୧୫୦୦ରୁ ଅଧିକ କିଲୋମିଟର ଅତିକ୍ରମ କରିବାକୁ ସେମାନଙ୍କୁ ୫ଦିନ ଲାଗି ସାରିଥିଲା। ଟାଙ୍ଗୀରେ ଅଟକିବା ପରେ ସେମାନେ ଭୋକରେ ଥିବା ଜଳଜଳ ଦେଖାଯାଉଥିଲା ବୋଲି ଜଣେ ସାମାଜିକ କର୍ମୀ କହିଥିଲେ। ଚନ୍ଦନ ବେଙ୍ଗାଲୁରୁରେ ଏକ ଘରୋଇ କମ୍ପାନୀରେ କାମ କରନ୍ତି। ଦରମା ଯେତିକି ମିଳେ, ସେଥିରେ ଦୁଇ ପ୍ରାଣୀ ଘରଭଡ଼ା ନେଇ ରହିବା ସହ ଖାଦ୍ୟପେୟକୁ ନିଅଣ୍ଟ ପଡ଼େ। ଲକ୍‌ଡାଉନ୍ ଘୋଷଣା ପରେ କମ୍ପାନୀ କାମ ବନ୍ଦ କରି ଚୁପ୍ ବସିଯାଇଥିଲା। ମଜୁରି ନ ପାଇ ଦିନ ଗଡ଼ିବା ସହ ସେମାନଙ୍କ ଆର୍ଥିକ ସ୍ଥିତି ଅତି ଖରାପ ହେବାରେ ଲାଗିଥିଲା। ତାଙ୍କ ଘର ପାଖରେ ରୁହନ୍ତି ବନ୍ଧୁ ତପନ। ତାଙ୍କ ଅବସ୍ଥା ମଧ୍ୟ ସମାନ। ଓଡ଼ିଶା ଫେରିବେ ବୋଲି ଚିନ୍ତା କରିବା ବେଳକୁ ବହୁତ ବିଳମ୍ବ ହୋଇ ସାରିଥିଲା। ପାଖରେ ଥିବା ଟଙ୍କା ଶେଷ ହେବା ସହ ଏହି ଓଡ଼ିଆ ଦମ୍ପତିଙ୍କୁ ଅର୍ଥାଭାବ ଗ୍ରାସ କରିସାରିଥିଲା। ଘରକୁ ଫେରିବାର ଅନ୍ୟ କୌଣସି ବାଟ ନ ପାଇ ସେମାନେ ମଙ୍ଗଳସୂତ୍ରକୁ ବିକିଦେଇଥିଲେ। ସେଥିରୁ ୧୫ ହଜାର ଟଙ୍କା ମିଳିବା ପରେ ଦୁଇଟି ସାଇକେଲ କିଣି ସେମାନେ ଓଡ଼ିଶା ଫେରିଥିଲେ। ଟାଙ୍ଗିରେ ପହଞ୍ଚିବା ପରେ ସାମାଜିକ କର୍ମୀମାନେ ସେମାନଙ୍କୁ ଭଦ୍ରକ ପର୍ଯ୍ୟନ୍ତ ଯିବା ପାଇଁ ସବୁ ବ୍ୟବସ୍ଥା କରିଦେଇଥିଲେ। ଚନ୍ଦନଙ୍କ ସ୍ତ୍ରୀ ନିଜ ସ୍ୱାମୀଙ୍କ ଏଭଳି ଆର୍ଥିକ ଦୁଃସ୍ଥିତିରେ ଯେଉଁ ତ୍ୟାଗ ଦେଖାଇଲେ, ସେଥିରେ ସେମାନେ ଏତେବାଟ ସାଇକେଲରେ ଫେରିଆସିବାକୁ ଶକ୍ତି ପାଇଗଲେ ବୋଲି କହିଛନ୍ତି।

## ସଂକ୍ଷେପରେ

### ୮ କମ୍ପାନୀ, ୩ ବ୍ୟାଙ୍କର ରେଟିଂ ଖସାଇଲା ମୁଡିସ୍

ନୂଆଦିଲ୍ଲୀ,୨।୬: ରେଟିଂ ଏଜେନ୍ସି ମୁଡିସ୍ ମଙ୍ଗଳବାର ୮ କମ୍ପାନୀ, ୩ ବ୍ୟାଙ୍କ ଏବଂ ୭ ଭିତ୍ତିଭୂମି କମ୍ପାନୀର ରେଟିଂକୁ ଖସାଇ ଦେଇଛି। ସେହିଭଳି ୭ ଅଣ ବିତ୍ତ କମ୍ପାନୀଗୁଡ଼ିକର ରେଟିଂକୁ ମଧ୍ୟ ଏହି ଏଜେନ୍ସି କମ୍ କରି ଦେଇଛି। ୩ ବ୍ୟାଙ୍କ ମଧ୍ୟରେ ଏସ୍‌ବିଆଇ, ଏଚ୍‌ଡିଏଫ୍‌ସି ଏବଂ ଏକ୍‌ଜିମ ବ୍ୟାଙ୍କ ରହିଛି। ୭ ଭିତ୍ତିଭୂମି ଇସ୍ୟୁୟରଙ୍କର ମଧ୍ୟ ରେଟିଂ ଖସିଥିବା ଜଣାପଡିଛି। ଭାରତର ସୋଭରେନ୍ ରେଟିଂ ଖସିବା ପରେ ଏଭଳି ସ୍ଥିତି ନଜରକୁ ଆସିଛି। ରେଟିଂ ଖସିଥିବା କମ୍ପାନୀଗୁଡିକ ମଧ୍ୟରେ ଇନ୍‌ଫୋସିସ ଟାଟା କନ୍‌ସଲଟାନ୍ସି ସର୍ଭିସ, ଓଏନ୍‌ଜିସି ରହିଛି। ଭିତ୍ତିଭୂମି କମ୍ପାନୀ ମଧ୍ୟରେ ଏନ୍‌ଟିପିସି, ଏନ୍‌ଏଚ୍‌ଏଆଇ, ଗେଲ୍, ଆଦାନୀ ଗ୍ରୀନ ରହିଛି।

### ୟୁନିୟନ୍ ବ୍ୟାଙ୍କ ପକ୍ଷରୁ ୟୁଜିଇସିଏଲ୍ ଯୋଜନା

ଭୁବନେଶ୍ୱର,୨।୬ : ବ୍ୟବସାୟୀଙ୍କ ବର୍ତ୍ତମାନର ନଗଦ ସମସ୍ୟା ଦୂର କରିବା ପାଇଁ କେନ୍ଦ୍ର ସରକାର ଜରୁରିକାଳୀନ ଋଣ ବ୍ୟବସ୍ଥା ଶୁଭାରମ୍ଭ କରିଛନ୍ତି। ଏହି ଋଣ କ୍ଷେତ୍ରରେ ସରକାର ଶତ ପ୍ରତିଶତ ଗ୍ୟାରେଣ୍ଟି ପ୍ରଦାନ କରିବେ। ଉକ୍ତ ସୁବିଧା ନେବା ପାଇଁ କୌଣସି ବନ୍ଧକର ଆବଶ୍ୟକତା ପଡିବ ନାହିଁ। ଯୋଜନା ଅନ୍ତର୍ଗତ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ୟୁନିୟନ୍ ଗ୍ୟାରେଣ୍ଟେଡ୍ ଏମର୍ଜେନ୍ସି କ୍ରେଡିଟ୍ ଲାଇନ(ୟୁଜିଇସିଏଲ୍) ଆରମ୍ଭ ହୋଇଛି। ଏମ୍‌ଏସ୍‌ଏମ୍‌ଇ ଏବଂ ମୁଦ୍ରା ଋଣ ଗ୍ରହୀତା ଉକ୍ତ ସୁବିଧାର ଲାଭ ଉଠାଇପାରିବେ। ପ୍ରଥମ ପର୍ଯ୍ୟାୟରେ ସାରା ଦେଶର ୨୬୫ଟି ସହରରେ ବ୍ୟାଙ୍କ ଏହି ସେବା ଉପଲବ୍ଧ କରାଇବ। ଏହା ମଧ୍ୟରେ ଓଡ଼ିଶାର ୧୨ଟି ସହର ରହିଥିବା ଭୁବନେଶ୍ୱର କ୍ଷେତ୍ରର କ୍ଷେତ୍ରୀୟ ମହାପ୍ରବନ୍ଧକ ରମାକାନ୍ତ ପ୍ରଧାନ ସୂଚନା ଦେଇଛନ୍ତି। ରାଜ୍ୟରେ ପ୍ରଥମ ପର୍ଯ୍ୟାୟରେ ବ୍ୟାଙ୍କ ପ୍ରାୟ ୧୧କୋଟି ଟଙ୍କାର ଋଣ ପ୍ରଦାନ କରିଛି। ଯୋଜନାର ଲାଭ ନେବାକୁ ଚାହୁଁଥିବା ବ୍ୟକ୍ତିବିଶେଷ ନିକଟସ୍ଥ ଶାଖା ପରିଚାଳକଙ୍କ ସହ ଯୋଗାଯୋଗ କରିପାରିବେ ବୋଲି ପ୍ରଧାନ କହିଛନ୍ତି।

# ୩୫% ଏମ୍‌ଏସ୍‌ଏମ୍‌ଇ ବନ୍ଦ ହୋଇଯିବ

ନୂଆଦିଲ୍ଲୀ,୨।୬

ଭାରତୀୟ ଅର୍ଥ ବ୍ୟବସ୍ଥା ବର୍ତ୍ତମାନ ସଙ୍କଟ ସ୍ଥିତି ଦେଇ ଗତି କରୁଛି। ରେଟିଙ୍ଗ ଏଜେନ୍ସି ମୁଡିସ୍ ଭାରତର ରେଟିଂକୁ ସୋମବାର ଖସାଇଦେଇଛି। ବର୍ତ୍ତମାନ ନୀତି ନିର୍ଦ୍ଧାରଣ ଏବଂ ଏହାକୁ ଲାଗୁ କରିବା କଷ୍ଟକର ହୋଇ ପଡିବ ବୋଲି ଏହି ରେଟିଂ ଏଜେନ୍ସି ଏହାର ରିପୋର୍ଟରେ ଉଲ୍ଲେଖ କରିଛି। ସରକାର ସବୁ କିଛି ସମ୍ଭାଳିବା ଲାଗି ପ୍ରୟାସ ଜାରି ରଖିଛନ୍ତି ହେଲେ କରୋନା ଯୋଗୁ ଉପୁଜିଥିବା ସ୍ଥିତି ଗମ୍ଭୀର ରହିଛି। ଆତ୍ମନିର୍ଭର ପ୍ୟାକେଜରେ ସରକାର ଏମ୍‌ଏସ୍‌ଏମ୍‌ଇ ଲାଗି ବ୍ୟବସ୍ଥା କରିଛନ୍ତି। ହେଲେ ନିକଟରେ ଆସିଥିବା ଏକ ରିପୋର୍ଟ ଚିନ୍ତାକୁ ବଢାଇ ଦେଇଛି।

ଅଲ ଇଣ୍ଡିଆ ମାନୁଫାକ୍ଚରର୍ସ ଅର୍ଗାନାଇଜେଶନ ରିପୋର୍ଟ ମୁତାବକ ୩୫% ଏମ୍‌ଏସ୍‌ଏମ୍‌ଇ ଏବଂ ୩୭



ଆତ୍ମନିର୍ଭର ବ୍ୟକ୍ତି ସେମାନଙ୍କ କାରବାର ବନ୍ଦ କରିବା ସ୍ଥିତି ଆସିଛି। ସରକାର ଯେଉଁ ଭଳି ପଦକ୍ଷେପ ଘୋଷଣା କରିଛନ୍ତି ତା'ର ଲାଭ ଲୋକଙ୍କ ନିକଟକୁ ପହଞ୍ଚି ନ ଥିବା ରିପୋର୍ଟରେ କୁହାଯାଇଛି। କ୍ଷୁଦ୍ର ଶିଳ୍ପ ସହିଥିବା କ୍ଷତିକୁ ଭରଣା କରିବା ଲାଗି ପଦକ୍ଷେପ ପର୍ଯ୍ୟାପ୍ତ ନୁହେଁ ବୋଲି ଶିଳ୍ପ ବିଶେଷଜ୍ଞ କହିଛନ୍ତି। କ୍ଷୁଦ୍ର ଶିଳ୍ପ ସହ ଜଡିତ ୪୬ ବ୍ୟକ୍ତିବିଶେଷଙ୍କୁ ନେଇ ହୋଇଥିବା ଅଧ୍ୟୟନ ମୁତାବକ କ୍ଷତି ଯୋଗୁ କମ୍ପାନୀଗୁଡିକର ଅଣ୍ଟା ଭାଙ୍ଗିଯାଇଥିବା କହିଛନ୍ତି। ୩୨% କହିଛନ୍ତି ଯେ, କ୍ଷତିର ଭରଣା କରିବା ଲାଗି ଅନ୍ତତଃ ପକ୍ଷେ ୬ ମାସ ସମୟ ଲାଗିବ। ୧୨% କହିଛନ୍ତି ସବୁ କିଛି ଟ୍ରାକ୍‌କୁ ଆସିବା ଲାଗି ୩ ମାସ ସମୟ ଲାଗିପାରେ।

ଦେଶରେ ୬.୫ କୋଟି ଏମ୍‌ଏସ୍‌ଏମ୍‌ଇ ରହିଛି। ଏହି କମ୍ପାନୀଗୁଡିକରେ ୧୫ କୋଟି ଲୋକ କାମ କରୁଛନ୍ତି। ଦେଶର ଅର୍ଥ ବ୍ୟବସ୍ଥାକୁ ଏହି ଶିଳ୍ପଗୁଡିକ ପ୍ରମୁଖ ଯୋଗଦାନ ରଖୁଥିବା ବେଳେ ଶିଳ୍ପ ବନ୍ଦ ହୋଇଗଲେ ସ୍ଥିତିକୁ ସମ୍ଭାଳିବା କଷ୍ଟକର ବ୍ୟାପାର ହୋଇ ପଡିବ। ଦେଶର ଜିଡିପିରେ ଏମ୍‌ଏସ୍‌ଏମ୍‌ଇଗୁଡିକର ଯୋଗଦାନ ୩୦% ରହିଛି। ଉକ୍ତ କ୍ଷେତ୍ରରେ ଲୋକମାନେ କାମ କରୁଥିବାରୁ ଖର୍ଚ୍ଚ ମଧ୍ୟ କରୁଛନ୍ତି। ଯଦି କାମ ବନ୍ଦ ହୋଇଯାଏ ତେବେ ତା'ର ପ୍ରଭାବ ଖର୍ଚ୍ଚ ଉପରେ ପଡିବ। ବର୍ତ୍ତମାନ ଚାହିଦା ପ୍ରଭାବିତ ଥିବାରୁ ଯଦି ୩୩% କମ୍ପାନୀ ବନ୍ଦ ହୋଇଯାଏ ତେବେ ଏହା ଅର୍ଥ ବ୍ୟବସ୍ଥା ଲାଗି ବହୁ ନକରାତ୍ମକ ପ୍ରଭାବ ପକାଇବ ବୋଲି ରିପୋର୍ଟରେ କୁହାଯାଇଛି।

# ସଂସ୍କାର ଧାରାରୁ ଫାଇଦା ମିଳିବ:ମୋଦି

ନୂଆଦିଲ୍ଲୀ,୨।୬



ଭାରତ ନିଶ୍ଚିତ ପକ୍ଷେ ଏହାର ଅଭିବୃଦ୍ଧି ପଥକୁ ଫେରିବ। ଲକ୍‌ଡାଉନ ସମୟରେ ସରକାର ଯେଉଁ ସଂସ୍କାର ଧାରା ଗ୍ରହଣ କରିଛନ୍ତି ତା'ର ଲାଭ ଅର୍ଥ ବ୍ୟବସ୍ଥାକୁ ମିଳିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ଦେଶକୁ ପୁଣି ଥରେ ଛିଡା କରିବା ଲାଗି ସରକାର ଏବଂ ଶିଳ୍ପ ଜଗତ ମିଳିତ ହୋଇ କାମ କରିବାକୁ ପ୍ରଧାନମନ୍ତ୍ରୀ ଆହ୍ୱାନ ଜଣାଛନ୍ତି। କନ୍‌ଫେଡେରେଶନ ଅଫ୍ ଇଣ୍ଡିଆନ୍ ଇଣ୍ଡଷ୍ଟ୍ରିଜ (ସିଆଇଆଇ)ର ବାର୍ଷିକ ସାଧାରଣ ବୈଠକରେ ଉଦ୍‌ବୋଧନ ଦେଇ ସେ କହିଛନ୍ତି ଯେ, ଅର୍ଥ ବ୍ୟବସ୍ଥା ସାମ୍ନାରେ ଆସୁଥିବା ସବୁ ସମସ୍ୟାକୁ ସାମ୍ନା କରିବାକୁ ପଡିବ। ସଙ୍କଟ ସମୟ ପରିଚାଳନା ଏବଂ ଅସୁବିଧାରୁ ବାହାରକୁ ଆସିବାର କ୍ଷମତା ଭାରତ ନିକଟରେ ରହିଛି। ଭାରତର ଟେକ୍ନୋଲୋଜି ଏବଂ ଦକ୍ଷତାକୁ ନେଇ ଗର୍ବିତ। କୃଷକ, ଏମ୍‌ଏସ୍‌ଏମ୍‌ଇ, ଏଣ୍ଟରପ୍ରିନ୍ୟୋର ଏବଂ ଶିଳ୍ପ ଲିଡରଙ୍କ ଉପରେ ଭରସା ରହିଥିବା ବୋଲି ପ୍ରଧାନମନ୍ତ୍ରୀ ସେ ମତ ରଖିଛନ୍ତି। ମେକ୍ ଇନ୍ ଇଣ୍ଡିଆ ପ୍ରଡକ୍ଟକୁ ବିଶ୍ୱ ସ୍ତରକୁ ନେବା, ନିଯୁକ୍ତି ସୃଷ୍ଟିରେ ଯୋଗଦାନ ଉପରେ କମ୍ପାନୀଗୁଡିକ କାମ କରୁଛନ୍ତି। ଅର୍ଥ ବ୍ୟବସ୍ଥାକୁ ଦୃଢ କରିବା ଲାଗି ସରକାର ଯୋଜନା ହାତକୁ ନେଉଛନ୍ତି। ଆତ୍ମନିର୍ଭର ଭାରତ ଯୋଜନା ଦ୍ୱାରା ଭାରତ ବିଶ୍ୱସ୍ତରରେ ନିଜକୁ ଏକ ପ୍ରମୁଖ ସ୍ଥାନରେ ରଖିପାରିବ ବୋଲି ସେ ସ୍ପଷ୍ଟ କରିଛନ୍ତି।

# ୫୮,୯୦୬ ୟୁନିଟ୍ ଯାନ ବିକିଲା ଟିଭିଏସ୍

ନୂଆଦିଲ୍ଲୀ,୨।୬

ଟିଭିଏସ୍ ମୋଟର କମ୍ପାନୀ ଲିମିଟେଡ୍ ପକ୍ଷରୁ ମେ ମାସରେ ସବୁ ବର୍ଗରେ ପ୍ରାୟ ୫୮,୯୦୬ ୟୁନିଟ ଯାନ ବିକ୍ରି କରିଛି। ୨ ଚକିଆ ଯାନ ବର୍ଗରେ ମୋଟ ବିକ୍ରି ୫୬,୨୧୮ ୟୁନିଟ ଥିବା ବେଳେ ଘରୋଇ ବଜାରରେ ବିକ୍ରି ୪୧,୦୬୭ ୟୁନିଟ ରହିଛି। ସେହିଭଳି ମେ ମାସରେ କମ୍ପାନୀ ୩ ଚକିଆ ଯାନ ବର୍ଗରେ ୨,୬୮୮ ୟୁନିଟ ବିକ୍ରି କରିଛି। ମେ ୬ ତାରିଖଠାରୁ କମ୍ପାନୀ ଏହାର ହୋସୁର, ମହୀସୁର ଏବଂ ନାଲାଗଡ ଫ୍ୟାକ୍ଟ୍ରିରୁ ଉତ୍ପାଦନ ଆରମ୍ଭ କରିଛି। ସରକାରଙ୍କ ନିରାପତ୍ତା ନିୟମକୁ ନେଇ ସବୁ ପ୍ରକାର କାର୍ଯ୍ୟପନ୍ଥା ହାତକୁ ନିଆଯାଉଛି। ଗତ ୨ ସପ୍ତାହ ହେବ ବିଦେଶରେ ଡିଲରଶିପଗୁଡିକ ଧୀରେ ଧୀରେ ଖୋଲୁଥିବା ବେଳେ ଜୁନରେ ଏହି ଧାରା ଆହୁରି ଉନ୍ନତ ହେବ। ଗତ କିଛି ଦିନ ହେବ ରିଟେଲ ସେଲ୍‌ସରେ ପରିବର୍ତ୍ତନ ହୋଇଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି।

# ଡାକ୍ତରଙ୍କ ପାଇଁ ଏୟାର ଏସିଆର ମାଗଣା ସିଟ୍

ନୂଆଦିଲ୍ଲୀ,୨।୬

କୋଭିଡ୍-୧୯ ମହାମାରୀରେ ଯୋଦ୍ଧା ଭାବେ ଲଢୁଥିବା ଦେଶର ଡାକ୍ତରଙ୍କ ଲାଗି ଏୟାର ଏସିଆ ପକ୍ଷରୁ ୫୦ ହଜାର ମାଗଣା ସିଟ୍ ବ୍ୟବସ୍ଥା କରାଯାଇଛି। ଏୟାର ଏସିଆ ରେଡ୍ ପାସ୍ ଯୋଜନା ଦ୍ୱାରା ଏହାକୁ ଶୁଭାରମ୍ଭ କରାଯାଇଛି। ଏୟାର ଏସିଆ ଘରୋଇ ଉଡ଼ାଣ କ୍ଷେତ୍ରରେ ଏହି ସିଟ୍‌ଗୁଡିକୁ ବିନା ମୂଲ୍ୟରେ ଯୋଗାଇ ଦିଆଯିବ। ୧ ଜୁଲାଇଠାରୁ ସେପ୍ଟେମ୍ବର ୩୦ ମଧ୍ୟରେ ଉକ୍ତ ସୁବିଧା ଉପଲବ୍ଧ ହେବ। ସୁବିଧା ନେବାକୁ ହେଲେ ଆବଶ୍ୟକ କାଗଜପତ୍ର ସହ ଜୁନ୍ ୧୨ ସୁଦ୍ଧା କମ୍ପାନୀ ୱେବ୍‌ସାଇଟରେ ଯୋଗାଯୋଗ କରିବାକୁ କୁହାଯାଇଛି। ଗନ୍ତବ୍ୟସ୍ଥଳ ଯାତ୍ରା ପାଇଁ ଅଗ୍ରାଧିକାର ମିଳିବ। ଡାକ୍ତରଙ୍କ କର୍ତ୍ତବ୍ୟନିଷ୍ଠାକୁ ସମ୍ମାନ ଜଣାଇ ଏଭଳି ପଦକ୍ଷେପ ହାତକୁ ନିଆଯାଇଛି ବୋଲି କମ୍ପାନୀର ମୁଖ୍ୟ ବାଣିଜ୍ୟିକ ଅଧିକାରୀ ଅଙ୍କୁର ଗର୍ଗ ସୂଚନା ଦେଇଛନ୍ତି।

## ଦକ୍ଷିଣ ଏସିଆକୁ ଆକାଶର ସମ୍ପ୍ରସାରଣ ଯୋଜନା

ନୂଆଦିଲ୍ଲୀ,୨।୬

ଆକାଶ ଏଜୁକେଶନାଲ ସର୍ଭିସେସ ଲିମିଟେଡ୍ (ଏଇଏସ୍‌ଏଲ୍) ଏହାର ଉପସ୍ଥିତିକୁ ଭାରତ ବାହାରକୁ ନେଇପାରିଛି। ନେପାଳର ବିରାଟ ନଗରରେ ଥିବା ଦିଲ୍ଲୀ ପବ୍ଲିକ ସ୍କୁଲ ସହ ଆକାଶ ସମ୍ପର୍କ ସ୍ଥାପନ କରିଛି। ଡିଷ୍ଟାନ୍ସ ଲର୍ନିଂ ପ୍ରୋଗ୍ରାମ ଦ୍ୱାରା ଏହାର ଛାତ୍ରୀଛାତ୍ରଙ୍କୁ ଶିକ୍ଷା ପ୍ରଦାନ କରିବ। ଡିଜିଟାଲ ଦ୍ୱାରା ଛାତ୍ରୀଛାତ୍ର ଏହି ଶିକ୍ଷା ଗ୍ରହଣ କରିବାକୁ ସକ୍ଷମ ହୋଇପାରିବେ। ଏହାଦ୍ୱାରା ସପ୍ତମରୁ ଦ୍ୱାଦଶ ଶ୍ରେଣୀ ଯାଏ ଛାତ୍ରୀଛାତ୍ର ଶିକ୍ଷା ଗ୍ରହଣ କରିବାର ସୁଯୋଗ ପାଇପାରିବେ। ପରିବର୍ତ୍ତିତ ଶିକ୍ଷା ପରିବେଶକୁ ଗୁରୁତ୍ୱ ପ୍ରଦାନକରି ଏଭଳି ପଦକ୍ଷେପ ହାତକୁ ନିଆଯାଇଥିବା ଆକାଶର ଡିଷ୍ଟାନ୍ସ ଲର୍ନିଂ ପ୍ରୋଗ୍ରାମ ମୁଖ୍ୟ ଚନ୍ଦ୍ରଶେଖର ମିଶ୍ର ସୂଚନା ଦେଇଛନ୍ତି।

# ହୋଣ୍ଡାର ନୂଆ ସିଡି ୧୧୦ ଡ୍ରିମ୍



ନୂଆଦିଲ୍ଲୀ,୨।୬: ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ ଲିମିଟେଡ୍ ପକ୍ଷରୁ ନୂଆ ସିଡି ୧୧୦ ଡ୍ରିମ୍ ବିଏସ୍-୬ ମଡେଲ ବଜାରକୁ ଆସିଛି। କମ୍ପାନୀର ପରବର୍ତ୍ତୀ ପିଢ଼ିର ଏହି ମଡେଲଟିର ବଜାର ଦର ୬୨,୭୨୯ ଟଙ୍କା ରହିଛି। ହୋଣ୍ଡାର ସର୍ବୋତ୍ତମ ଟେକ୍ନୋଲୋଜି, ମାଇଲେଜ ଏବଂ ପରଫରମାନ୍ସ ଗ୍ରାହକ ଲାଭ କରିପାରିବେ ବୋଲି କମ୍ପାନୀର ସେଲ୍‌ସ ଆଣ୍ଡ ମାର୍କେଟିଂ ଡାଇରେକ୍ଟର ଯଦବିନ୍ଦର ସିଂ ଗୁଲେରିଆ ସୂଚନା ଦେଇଛନ୍ତି। ମଡେଲଟିରେ ୬ ବର୍ଷର ୱାରେଣ୍ଟି ପ୍ୟାକେଜ ରହିଛି। ଜୁନ୍ ପ୍ରାରମ୍ଭରେ ଏହି ମଡେଲଟି ବଜାରକୁ ଆସିବ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି।

# ମ୍ୟାଲେରିଆ, ଡେଙ୍ଗୁ ନିୟନ୍ତ୍ରଣରେ ଓଡ଼ିଶାକୁ ସଫଳତା

ଭୁବନେଶ୍ୱର,୨।୬(ବ୍ୟୁରୋ)

- କମୁଛି ଆକ୍ରାନ୍ତ, ମୃତକଙ୍କ ସଂଖ୍ୟା
- ଭେକ୍ଟର, ଜଳବାହିତ ରୋଗ ପ୍ରତିରୋଧରେ ଆଗୁଆ
- ପ୍ରତି ଜିଲା, ଉପଖଣ୍ଡ ଡାକ୍ତରଖାନାରେ ଲାଗିବ ଏଲିସା ମେଶିନ୍
- ୪ ନୂଆ ମେଡିକାଲ କଲେଜରେ ରେଫରାଲ ଲାବରେଟୋରି
- ଲାର୍ଭିଭୋରସ ମାଛଚାଷ ଉପରେ ଗୁରୁତ୍ୱ

ଓଡ଼ିଶା ଗତ କିଛିବର୍ଷ ମଧ୍ୟରେ ମଶା(ଭେକ୍ଟର) ଏବଂ ଜଳବାହିତ ରୋଗର ପ୍ରତିରୋଧ କ୍ଷେତ୍ରରେ ବିଶେଷ ଅଗ୍ରଗତି କରିଛି। ମଙ୍ଗଳବାର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆନ୍ତଃବିଭାଗୀୟ ସମନ୍ୱୟ ବୈଠକରେ ଏନେଇ ସୂଚନା ମିଳିଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସ୍ୱତନ୍ତ୍ର ସଚିବ ଶାଳିନୀ ପଣ୍ଡିତଙ୍କ ସୂଚନା ଅନୁଯାୟୀ, ୨୦୧୭ରେ ଓଡ଼ିଶାରେ ସମୁଦାୟ ୩ଲକ୍ଷ ୪୭ ହଜାର ୮୬୦ ମ୍ୟାଲେରିଆ ଆକ୍ରାନ୍ତ ଥିଲେ। ସେମାନଙ୍କ ମଧ୍ୟରୁ ୨୪ଜଣଙ୍କ ମୃତ୍ୟୁ ଘଟିଥିଲା। ୨୦୧୮ରେ ମ୍ୟାଲେରିଆ ଆକ୍ରାନ୍ତଙ୍କ ସଂଖ୍ୟା ୮୧ପ୍ରତିଶତ କମିଥିଲା ଏବଂ ୨୦୧୯ରେ ଏହା ପୁନଶ୍ଚ ୪୧ ପ୍ରତିଶତ କମିଥିଲା। ୨୦୧୮ରେ ଆକ୍ରାନ୍ତ ଓ ମୃତକଙ୍କ ସଂଖ୍ୟା ଯଥାକ୍ରମେ ୬୬,୩୧୧ ଏବଂ ୩କୁ କମିଥିଲା। ୨୦୧୯ରେ ଆକ୍ରାନ୍ତଙ୍କ ସଂଖ୍ୟା ୩୯,୫୦୦କୁ ଖସିଥିଲା। ୨୦୨୦ ଏପ୍ରିଲ ସୁଦ୍ଧା ଆକ୍ରାନ୍ତଙ୍କ ସଂଖ୍ୟା ୧୧,୩୦୨ ଅଛି ଏବଂ ଜଣଙ୍କ ମୃତ୍ୟୁ ଘଟିଥିବା ସେ କହିଛନ୍ତି। ସେହିଭଳି ରାଜ୍ୟରେ ଡେଙ୍ଗୁ ଜ୍ୱରକୁ ସମ୍ପୂର୍ଣ୍ଣ ନିୟନ୍ତ୍ରଣାଧୀନ କରାଯାଇପାରିଛି। ୨୦୧୬ରେ ରାଜ୍ୟରେ ମୋଟ ୮,୩୮୦ ଜଣ ଡେଙ୍ଗୁ ଆକ୍ରାନ୍ତ ହୋଇଥିଲେ ଏବଂ ୧୧ଜଣଙ୍କର ମୃତ୍ୟୁ ହୋଇଥିଲା। ୨୦୧୯ରେ ଆକ୍ରାନ୍ତଙ୍କ ସଂଖ୍ୟା ୩,୭୫୮ ଓ ମୃତ୍ୟୁସଂଖ୍ୟା ୪ରେ ସୀମିତ ରହିଥିଲା। ଚଳିତବର୍ଷ ମେ' ମାସ ସୁଦ୍ଧା ଡେଙ୍ଗୁ ଜ୍ୱରରେ କାହାର ମୃତ୍ୟୁ ହୋଇ ନଥିବା ଜଣାପଡ଼ିଛି। ବର୍ତ୍ତମାନ ରାଜ୍ୟରେ ୨୩ଟି ଜିଲା ମ୍ୟାଲେରିଆମୁକ୍ତ ହେବାକୁ ଯାଉଛି। ଚଳିତବର୍ଷ ମାଲକାନଗିରି, ରାୟଗଡ଼ା, କୋରାପୁଟ, କନ୍ଧମାଳ, ଗଞ୍ଜାମ ଓ ଗଜପତି ଜିଲାର ୩୨ଟି ବ୍ଲକରେ ଦମନ ଅଭିଯାନକୁ ଅଧିକ ଜୋର୍‌ଦାର କରିବାକୁ ବୈଠକରେ ସ୍ଥିରହୋଇଛି।

ବୈଠକରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ରୋଗ ନିୟନ୍ତ୍ରଣ ସମ୍ପର୍କରେ କହିଥିବାବେଳେ ଶାଳିନୀ ପଣ୍ଡିତ ବିଭାଗୀୟ କାର୍ଯ୍ୟକ୍ରମ ସମ୍ପର୍କରେ ତଥ୍ୟ ଦେଇଥିଲେ। ବର୍ତ୍ତମାନ ସୁଦ୍ଧା ହୋଇଥିବା ଅଗ୍ରଗତିର ସମୀକ୍ଷା କରି ଆଗାମୀଦିନରେ ଭେକ୍ଟର ଓ ଜଳବାହିତ ରୋଗ ସହ କୋଭିଡ୍-୧୯ ସମ୍ପର୍କରେ ଲୋକଙ୍କୁ ଅଧିକ ସଚେତନ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ। ବର୍ଷାଋତୁ ପୂର୍ବରୁ ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଏହି ଅଭିଯାନକୁ ଜୋରଦାର କରିବା ସହ ସଚେତନତା କାର୍ଯ୍ୟକ୍ରମରେ ଗ୍ରାମକଲ୍ୟାଣ ସମିତି, ଗ୍ରାମ ସମୁଦାୟ ଏବଂ ତୃଣମୂଳସ୍ତରୀୟ କର୍ମଚାରୀଙ୍କୁ ସାମିଲ କରିବାକୁ କହିଥିଲେ। ରୋଗର ସଫଳ ପ୍ରତିରୋଧ ନିମନ୍ତେ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ, ମହିଳା, ଶିଶୁକଲ୍ୟାଣ ଓ ମିଶନଶକ୍ତି ବିଭାଗ, ଗୃହ ଓ ନଗର ଉନ୍ନୟନ, ଶ୍ରମ, ଜଙ୍ଗଲ ଓ ପରିବେଶ, ଶିଳ୍ପ, ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି, କୃଷି ଓ କୃଷକ ସଶକ୍ତୀକରଣ, ମତ୍ସ୍ୟ ଓ ପ୍ରାଣୀସମ୍ପଦ, ସୂଚନା ଓ ଲୋକସମ୍ପର୍କ,ଖଣି, ବାଣିଜ୍ୟ ଓ ପରିବହନ ବିଭାଗ ସ୍ୱାସ୍ଥ୍ୟ ବିଭାଗ ସହ ମିଳିତଭାବେ କାର୍ଯ୍ୟ କରିବାକୁ ସେ କହିଥିଲେ। ଅନ୍ୟପକ୍ଷରେ ପ୍ରତି ଜିଲା ମୁଖ୍ୟାଳୟ ଓ ଉପଖଣ୍ଡ ଡାକ୍ତରଖାନାରେ ଏଲିସା ମେଶିନ୍ ଲଗାଇବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଦୁର୍ଗମ ଅଞ୍ଚଳରେ ମ୍ୟାଲେରିଆ ନିରାକରଣ ପାଇଁ କାର୍ଯ୍ୟକାରୀ ହେଉଥିବା 'ଦମନ' କାର୍ଯ୍ୟକ୍ରମ ଅବଧିକୁ ୨୦୩୦-୩୧ ପର୍ଯ୍ୟନ୍ତ ବୃଦ୍ଧି କରାଯିବା ସହ ନୂତନ ସ୍ଥାପିତ ୪ଟି ମେଡିକାଲ କଲେଜରେ ସମସ୍ତ ପାଥୋଲୋଜିକାଲ ପରୀକ୍ଷା ପାଇଁ ରେଫରାଲ ଲାବରେଟୋରି ପ୍ରତିଷ୍ଠା କରିବାକୁ ସ୍ଥିର କରାଯାଇଥିଲା। ମଶା ଏବଂ ଏହାଦ୍ୱାରା ହେଉଥିବା ରୋଗର ମୂଳପୋଛ କରିବାପାଇଁ ଲାର୍ଭିଭୋରସ ମାଛ ଭଳି ଜୈବ ପଦ୍ଧତି ପ୍ରୟୋଗକୁ ଅଧିକ ଗୁରୁତ୍ୱ ଦେବାକୁ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା। କେନ୍ଦ୍ରାପଡ଼ା ଓ ଜଗତସିଂହପୁର ଜିଲାରେ ଗତ ଦୁଇବର୍ଷ ହେବ ଗୋଟିଏ ବି ମ୍ୟାଲେରିଆ ଆକ୍ରାନ୍ତ ବାହାରି ନାହାନ୍ତି। ତେଣୁ ଏହି ଦୁଇ ଜିଲାକୁ ଜାତୀୟସ୍ତରୀୟ ପୁରସ୍କାର ପ୍ରଦାନ ନିମନ୍ତେ ମନୋନୀତ କରାଯାଇଥିବା ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ଅଜିତ ମହାନ୍ତି ସୂଚନା ଦେଇଥିଲେ।




ଭୁବନେଶ୍ୱର ଟ୍ରାନ୍ସ ଜେଣ୍ଡର ସୁରକ୍ଷା ଟ୍ରଷ୍ଟର ସଦସ୍ୟମାନେ ସହାୟତା ଦାବି ନେଇ ସ୍ଥାନୀୟ ସୂଚନା ଭବନ ସମ୍ମୁଖରେ ଧାରଣା ଦେଇଛନ୍ତି।

## ବହିଷ୍କାର ବିଜ୍ଞପ୍ତି ରଦ୍ଦ କଲା ଉଚ୍ଚ ଶିକ୍ଷା ବିଭାଗ

ଭୁବନେଶ୍ୱର,୨।୬(ବ୍ୟୁରୋ)

**୧୨୩ ଆଡ୍‌ହକ ଅଧ୍ୟାପକ ଆଶ୍ୱସ୍ତ**

ରାଜ୍ୟର ସରକାରୀ ଡିଗ୍ରୀ କଲେଜରେ କାର୍ଯ୍ୟରତ ୧୨୩ ଆଡ୍‌ହକ ଅଧ୍ୟାପକମାନଙ୍କର ବହିଷ୍କାର ବିଜ୍ଞପ୍ତିକୁ ମଙ୍ଗଳବାର ଉଚ୍ଚ ଶିକ୍ଷା ବିଭାଗ ପ୍ରତ୍ୟାହାର କରିନେଇଛି। ସେହି ଅଧ୍ୟାପକମାନେ ପୂର୍ବଭଳି କାର୍ଯ୍ୟ କରିବେ। ହାଇକୋର୍ଟଙ୍କ ସ୍ଥଗିତାଦେଶ ପରେ ବିଭାଗ ପକ୍ଷରୁ ବହିଷ୍କାର ନିର୍ଦ୍ଦେଶକୁ ପ୍ରତ୍ୟାହାର କରି ନିଆଯାଇଥିବା କୁହାଯାଇଛି। ୨୦୧୯ ଅକ୍ଟୋବରରୁ ଉଚ୍ଚ ଶିକ୍ଷା ବିଭାଗରେ ଯେଉଁ ଅଧ୍ୟାପକମାନେ ୫ ବର୍ଷ ଆଡ୍‌ହକ ଅଧ୍ୟାପକ ଭାବେ କାର୍ଯ୍ୟ କରିଛନ୍ତି ସେମାନଙ୍କର ଚୁକ୍ତିକୁ ବାତିଲ କରିବାକୁ ନିଷ୍ପତ୍ତି ନେଇଥିଲା। ୨୦୨୦ ମେ ୩୧ ପରେ ସେମାନଙ୍କର ଚାକିରିର ଆଉ ନବୀକରଣ କରାଯିବ ନାହିଁ। ଏ ନେଇ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଥିଲା। ଏହା ପରେ ବିଭାଗ ପକ୍ଷରୁ ୬୦୬ ଅଧ୍ୟାପକ ପଦବୀ ପୂରଣ ପାଇଁ ଓପିଏସ୍‌ସିକୁ ଅନୁରୋଧ କରାଯାଇଥିଲା। ଆଡ୍‌ହକ ପଦବୀରେ ନୂତନ ଅଧ୍ୟାପକମାନଙ୍କୁ ସ୍ଥାୟୀ ଭାବେ ନିଯୁକ୍ତିଦେବାକୁ ବିଭାଗ ଯୋଜନା କରିଥିଲା। ଏହି ବିଜ୍ଞପ୍ତିକୁ ରଦ୍ଦ କରିବା ପାଇଁ ହାଇକୋର୍ଟରେ ଆଡ୍‌ହକ ଅଧ୍ୟାପକମାନଙ୍କ ପକ୍ଷରୁ ମାମଲା ରୁଜୁ କରାଯାଇଥିଲା। ହାଇକୋର୍ଟ ସରକାରୀ ନିର୍ଦ୍ଦେଶନାମାକୁ ରଦ୍ଦ କରିବା ସହ ଆଡ୍‌ହକ ଅଧ୍ୟାପକମାନଙ୍କୁ ପୁଣି କାର୍ଯ୍ୟ କରିବାକୁ ସୁଯୋଗ ଦେବାକୁ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ।

## ଗୋ'ଚାଲାଣରେ ଥାନାଧିକାରୀଙ୍କ ସମ୍ପୃକ୍ତି ଅଭିଯୋଗ

ଖୋର୍ଦ୍ଧା ଅଫିସ,୨।୬

**କାର୍ଯ୍ୟାନୁଷ୍ଠାନ ଦାବିରେ ଏସ୍‌ପିଙ୍କ ଅଫିସ ଆଗରେ ଧାରଣା**

କୋଭିଡ-୧୯ ସମୟରେ ଗୋ'ଚାଲାଣରେ ଖୋର୍ଦ୍ଧା ଜିଲା ବେଗୁନିଆ ଥାନାଧିକାରୀଙ୍କ ସମ୍ପୃକ୍ତି ଥିବା ନେଇ ଅଭିଯୋଗ ଆସିଛି। ଏ ନେଇ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ମଙ୍ଗଳବାର ବେଗୁନିଆ ଜନକଲ୍ୟାଣ ପ୍ରତିଷ୍ଠାନ ସଭାପତି ଅକ୍ଷୟ କୁମାର ରଥ ଓ ସାମାଜିକ କର୍ମୀ ବିଭୁତି ଦାସ ଏସ୍‌ପିଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ। ଏହା ସହ ଏସ୍‌ପି ଅଜୟ ପ୍ରତାପ ସ୍ୱାଇଁଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଉଲ୍ଲେଖ ରହିଛି ଯେ, ବେଗୁନିଆ ଅଞ୍ଚଳରୁ ରାଜ୍ୟ ତଥା ରାଜ୍ୟ ବାହାରୁ ଗୋ'ଚାଲାଣ କରାଯାଉଛି। ଗତ ଏପ୍ରିଲ ୧୪ ରେ ବୋଲଗଡ, ବେଗୁନିଆ ପ୍ରଶାସନ ଓ ପୋଲିସର ମିଳିତ ଚଢ଼ାଉରେ ବେଗୁନିଆରୁ ଚାଲାଣ ହେଉଥିବା ଏକ ଗାଡିରୁ ୫୦ଗୋରୁ ଧରାପଡିଥିଲେ। ସେଥିରୁ ୩ଟି ଗୋରୁ ଗୋଶାଳାକୁ ପଠାଯାଇଥିବା ବେଳେ ୪୭ଟି ଗୋରୁର ସନ୍ଧାନ ମିଳୁନାହିଁ। ଗୋ' ଚାଲାଣକାରୀଙ୍କ ସହ ବେଗୁନିଆ ଥାନା ଅଧିକାରୀଙ୍କ ସମ୍ପୃକ୍ତି ରହିଛି। ଗୋ'ଚାଲାଣକୁ ବିରୋଧ କରୁଥିବା ସୁକାନ୍ତ ପରିଡା ନାମକ ଜଣେ ଯୁବକଙ୍କୁ ମିଥ୍ୟା ମାମଲାରେ ଫସାଇ ତାଙ୍କୁ ଏବଂ ତାଙ୍କ ପରିବାରକୁ ହଇରାଣ କରାଯାଉଛି। ଥାନାଧିକାରୀଙ୍କ ବିରୋଧରେ ପ୍ରମାଣ ଥିବା ସତ୍ତ୍ୱେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଏ ନେଇ ବେଗୁନିଆ ଥାନାଧିକାରୀ ରଶ୍ମିରଞ୍ଜନ ସାହୁଙ୍କ ମୋବାଇଲ ନମ୍ବର ୯୪୩୮୩୭୧୩୫୭କୁ ଯୋଗାଯୋଗ କରାଯାଇଥିବା ବେଳେ ଫୋନ ସୁଇଚଅଫ ଆସିଥିଲା। ଅନ୍ୟପଟେ ଏସ୍‌ପି ସ୍ୱାଇଁ କହିଛନ୍ତି, ଏହି ଘଟଣାର ତଦନ୍ତ ଲାଗି ଜଣେ ଡିଏସ୍‌ପିଙ୍କୁ ତଦନ୍ତ ଦାୟିତ୍ୱ ଦିଆଯାଇଛି। ରିପୋର୍ଟ ଆସିବା ପରେ ପଦକ୍ଷେପ ଗ୍ରହଣ କରାଯିବ।

## ପଶ୍ଚିମବଙ୍ଗରେ ଓଡ଼ିଶା ଅଗ୍ନିଶମ ବାହିନୀ

କଟକ ଅଫିସ,୨।୬

ଓଡ଼ିଶାରେ ବିଶେଷ କ୍ଷତି ହୋଇ ନ ଥିଲେ ମଧ୍ୟ ସାମୁଦ୍ରିକ ବାତ୍ୟା ଅମ୍ଫନ ଯୋଗୁ ଭୀଷଣ କ୍ଷତି ସହିଛି ପଶ୍ଚିମବଙ୍ଗ। ଏଭଳି ସ୍ଥିତିରେ ସେଠାରେ ବାତ୍ୟା ପରବର୍ତ୍ତୀ ଉଦ୍ଧାର କାର୍ଯ୍ୟରେ ଲାଗିଛି ଓଡ଼ିଶା ଅଗ୍ନିଶମ ବିଭାଗ। ମୁଖ୍ୟ ଅଗ୍ନିଶମ ଅଧିକାରୀ ମହେଶ୍ୱର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ୩୭୨ ଜଣ କର୍ମଚାରୀ ମେ' ୨୪ରୁ କଲିକତାରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଚଳାଇଛନ୍ତି। ବାହିନୀର କର୍ମଚାରୀଙ୍କୁ ୩୦ଟି ଦଳରେ ବିଭକ୍ତ କରାଯାଇଛି। ସେମାନେ ଅଗ୍ନିଶମ ଯନ୍ତ୍ରପାତି ସହ କଲିକତା ଓ ହାୱଡ଼ା ମ୍ୟୁନିସିପାଲିଟି ଅଞ୍ଚଳରେ କାର୍ଯ୍ୟ କରୁଛନ୍ତି। କଲିକତା ନଗରର ସମସ୍ତ ମୁଖ୍ୟ ରାସ୍ତାରେ ଉପୁଡ଼ି ପଡ଼ିଥିବା ଗଛ କାଟିବା ସହ ପଡ଼ିଯାଇଥିବା ବିଜୁଳି ଖୁଣ୍ଟ ଓ ଏଣେତେଣେ ପଡ଼ିଥିବା କେବୁଲ ତାରକୁ ଉଠାଇ ଦୁଇ ଦିନ ମଧ୍ୟରେ ରାସ୍ତା ସ୍ୱାଭାବିକ କରିଛନ୍ତି। ଅଗ୍ନିଶମ ବାହିନୀ ଉପୁଡ଼ି ପଡ଼ିଥିବା ୨୧୮୭ଟି ଗଛ କାଟିବା ସହ ୫୭୩ଟି ଅଞ୍ଚଳରୁ ରାସ୍ତା ଅବରୋଧ ହଟାଇପାରିଛି। ଫଳରେ କଲିକତା ସହରରେ ଜୀବନଯାତ୍ରା ସାଧାରଣ ହୋଇପାରିଛି। କରୋନାର ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଓଡ଼ିଶା ଅଗ୍ନିଶମ ସେବା ବାହିନୀ ପଶ୍ଚିମବଙ୍ଗର ବାତ୍ୟା ପ୍ରପୀଡ଼ିତ ଅଞ୍ଚଳରେ ଉଦ୍ଧାର କାର୍ଯ୍ୟ କରି ପ୍ରଶଂସା ପାଇଥିବା ଅଗ୍ନିଶମ ମହାନିର୍ଦ୍ଦେଶକ ସତ୍ୟଜିତ ମହାନ୍ତି କହିଛନ୍ତି।

# ୧୦.୪୯ କୋଟି ଟଙ୍କାର ଡାଲି, ତୈଳବୀଜ ସଂଗ୍ରହ

ଭୁବନେଶ୍ୱର,୨।୬(ବ୍ୟୁରୋ)

- ଗତବର୍ଷ ତୁଳନାରେ ଅଧିକ ଚାଷୀ କଲେ ନାମ ପଞ୍ଜୀକରଣ
- ୧୫,୯୦୦ ଚାଷୀ ପଞ୍ଜୀକୃତ

ବିଭିନ୍ନ ପ୍ୟାକ୍ସ ଜରିଆରେ ୧୦ କୋଟି ୪୯ ଲକ୍ଷ ଟଙ୍କା ମୂଲ୍ୟର ୧,୭୭୧ ମେଟ୍ରିକ୍ ଟନ୍‌ରୁ ଊର୍ଦ୍ଧ୍ୱ ମୁଗ ଏବଂ ଚିନାବାଦାମ ସଂଗ୍ରହ କରାଯାଇଛି। ସେଥି ମଧ୍ୟରୁ ୭୫୫.୫ ମେଟ୍ରିକ୍ ଟନ୍ ମୁଗ ଏବଂ ୧୦୧୬ ମେଟ୍ରିକ୍ ଟନ୍ ଚିନାବାଦାମ ସଂଗ୍ରହ କରାଯାଇଛି। ୨୦୧୯ ଜୁନ୍ ୨ ତାରିଖରେ ୬୬.୫ ମେଟ୍ରିକ୍ ଟନ୍ ଡାଲି ଓ ତୈଳବୀଜ ସଂଗ୍ରହ ହୋଇଥିଲା। ରାଜ୍ୟରେ କୋଭିଡ୍ ସଂକ୍ରମଣ ପରିପ୍ରେକ୍ଷୀରେ ଚଳିତ ରବି ଋତୁରେ ରାଜ୍ୟରେ ସର୍ବନିମ୍ନ ସହାୟକ ମୂଲ୍ୟରେ ଚାଷୀଙ୍କଠାରୁ ଡାଲି ଓ ତୈଳବୀଜ ସଂଗ୍ରହ କାର୍ଯ୍ୟକୁ ଗୁରୁତ୍ୱ ଦିଆଯାଇଛି ବୋଲି ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି। ଅଧିକ ଚାଷୀ ଯେପରି ସେମାନଙ୍କ ଉତ୍ପାଦିତ ଡାଲି ଓ ତୈଳବୀଜ ଶସ୍ୟ ଉଚିତ ମୂଲ୍ୟରେ ବିକ୍ରିକରି ପାରିବେ ସେଥି ନିମନ୍ତେ ପଞ୍ଜୀକରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଫସଲ ସଂଗ୍ରହ ବାବଦକୁ ଅର୍ଥ ଚାଷୀମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସିଧାସଳଖ ହସ୍ତାନ୍ତର କରାଯିବାର ବ୍ୟବସ୍ଥା କରାଯାଇଛି । ରାଜ୍ୟରେ ଧାନ ବଦଳରେ ଅଧିକ ଅର୍ଥକରୀ ଫସଲ ଯଥା ଡାଲି ଓ ତୈଳବୀଜ ଚାଷ ନିମନ୍ତେ ସରକାର ପ୍ରୋତ୍ସାହନ ଯୋଗାଇ ଦେଉଛନ୍ତି। ଚଳିତ ରବିରେ ଅଧିକ ସଂଖ୍ୟକ ଚାଷୀ ଡାଲି ଓ ତୈଳବୀଜ ବିକ୍ରି ନିମନ୍ତେ ବିଭିନ୍ନ ପ୍ୟାକ୍ସ ଜରିଆରେ ସେମାନଙ୍କ ନାମ ପଞ୍ଜୀକରଣ କରିଛନ୍ତି । ଗତବର୍ଷ ଅଗଷ୍ଟ ସୁଦ୍ଧା ୮,୮୫୬ ଜଣ ଚାଷୀ ସେମାନଙ୍କ ନାମ ପଞ୍ଜୀକରଣ କରିଥିବା ବେଳେ ଚଳିତ ରବି ଋତୁରେ ବର୍ତ୍ତମାନ ସୁଦ୍ଧା ୧୫,୯୦୦ରୁ ଊର୍ଦ୍ଧ୍ୱ ଚାଷୀ ସେମାନଙ୍କ ନାମ ପଞ୍ଜୀକରଣ କରିଛନ୍ତି। ଗତବର୍ଷ ତୁଳନାରେ ଏହା ୧୭୮ ପ୍ରତିଶତରୁ ଅଧିକ । ମେ ୭ ତାରିଖରୁ ଚାଷୀ ନାମପଞ୍ଜୀକରଣ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ କୋଭିଡ୍ ସଂକ୍ରମଣକୁ ଦୃଷ୍ଟିରେ ରଖି ଏହା ଜୁଲାଇ ୩୧ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ଗତବର୍ଷ ରାଜ୍ୟରେ ୮ ଜିଲାରେ ୫୫ ପ୍ୟାକ୍ସ ମାଧ୍ୟମରେ ଡାଲି ଓ ତୈଳବୀଜ ସଂଗ୍ରହ କରାଯାଇଥିବା ବେଳେ ଚଳିତ ବର୍ଷ ୧୭ ଜିଲାରେ ୧୭୧ ପ୍ୟାକ୍ସ ମାଧ୍ୟମରେ ଏହା ସଂଗ୍ରହ କରାଯିବାକୁ ସ୍ଥିର କରାଯାଇଛି । ଅଗଷ୍ଟ ୫ ତାରିଖ ପର୍ଯ୍ୟନ୍ତ ଡାଲି ଓ ତୈଳବୀଜ ସଂଗ୍ରହ କରାଯିବ । ରାଜ୍ୟ ସରକାରଙ୍କ ସମବାୟ ବିଭାଗ ଅନ୍ତର୍ଗତ ମାର୍କଫେଡ୍ ସଂସ୍ଥା ତରଫରୁ ୧୭୧ ପ୍ୟାକ୍ସ ଲ୍ୟାମ୍ପସ୍ ଜରିଆରେ ଚଳିତ ରବି ଋତୁରେ ମୁଗ, ବିରି, ଚିନାବାଦାମ ଏବଂ ସୂର୍ଯ୍ୟମୁଖୀ ମଞ୍ଜି ସଂଗ୍ରହ କରାଯାଇଛି।

କବିତା

## ହୃଦୟରେ କ'ଣ ଅଛି

**ଅଖିଳ କୁମାର ମିଶ୍ର**

**ବ**ନ୍ଧୁ ପଚାରେ- କେମିତି ଅଛ ?
ମୁଁ କହେ,
ସେଇ ସମାନ ଇଚ୍ଛା, ଆବେଗ,
ଜୀବନ ଯେମିତି ମତେ ମହଜୁଦ୍ କରେ,
ଚେଷ୍ଟା କରେ ଶବ୍ଦଙ୍କୁ ସଂଖୁଳିବାକୁ।

ମୋ' ଦେହ ଉଡ଼େ ଆକାଶରେ,
ଡୁବିଯାଏ ପାଣିରେ,
ଅହରହ ଚାଲୁଥାଏ ମାଟି ଉପରେ,
ମୁଁ ଚାହେଁ ଧରି ରଖିବାକୁ,
ଝଡ଼ୁଥିବା ପତ୍ରଙ୍କୁ,
ଭିଜୁଥିବା ସମୁଦ୍ରକୁ,
ଶୋଇ ଯାଇଥିବା ବସ୍ତି ବଜାରକୁ
ଓ ଚିତ୍କାର କରୁଥିବା ନୀରବତାକୁ।

ମୁଁ କିଛି ସମ୍ଭାବନା ତୋଳିବାକୁ ଭାବେ-
ଆବେଗସବୁ ଅନୁରକ୍ତିରେ ବଦଳେ,
ପ୍ରତ୍ୟୟମାନ ସନ୍ଦେହରେ ରୂପାନ୍ତର ନିଏ,
ତା' ମଧ୍ୟରେ ମୁଁ ବଞ୍ଚେ,
ଅତି ଯତ୍ନରେ,
ମୋ' ଛାତିର ଗର୍ତ୍ତକୁ
ସଜାଏ ଓ ତାକୁ ଏକ
ଚମତ୍କାର ହୃଦୟ ବନାଏ।

ବନ୍ଧୁ ହସେ- ମୋ' ଛାତି
ହାଲ୍କା ହୋଇଯାଏ।

e-mail: akhilkmishra1@gmgil.com



## ମୋ' ଆତ୍ମଜ

**ଲିପ୍‌ସା ପଟେଲ**

**ସ**ବୁ ମାଗିବ
କିନ୍ତୁ ଏଇ ମୋର
ଦୁଃଖତକରେ
ଭାଗ ମାଗିବନି ତୁମେ
ଅଜାଡ଼ିଦେବି,
ସବୁତକ ସୁଖ ପଛକେ
ଦେଇପାରିବିନି ଦୁଃଖରୁ ସୂତାଖିଏ ;
ଖୁବ୍ ଅଲିଅଳ ଏଇ ମୋର ଦୁଃଖ
ମୋ' ଆତ୍ମଜ,
ମୋ' ପ୍ରିୟ।

ପଚାରନି କାରଣ ଅକାରଣେ
ସମୀକ୍ଷା କରିପାରିବିନି,
କରିପାରିବିନି ତିତିକ୍ଷା
ମୋ' ଆତ୍ମଜକୁ ମୋର ହୋଇ
ରହିବାକୁ ଦିଅ,
ଯଦି ମୋତେ ଜୀବିତ ରହିବା
ଦେଖିବାକୁ ଚାହଁ
ମୋତେ ମୋ' ଦୁଃଖ ସହ
ବଞ୍ଚିବାକୁ ଦିଅ।

*- ଭବାନୀପାଟଣା, କଳାହାଣ୍ଡି*

**ପୁଷ୍ପାଞ୍ଜଳି ଦାସ**

# କଣ୍ଟେଇ କୋଳି



ଗପ

ଅନିମା ସେଦିନ ଅନେକ ବ୍ୟସ୍ତତା ଭିତରେ ମଧ୍ୟ ଫୋନ୍‌ଟିକୁ ହାତଛଡ଼ା କରିପାରୁ ନ ଥିଲା। ମଝିରେ ମଝିରେ ଫୋନ୍‌ଟି ଉପରେ ଆଖି ବୁଲେଇ ଆଣୁଥିଲା। ଝିଅ 'ତନୁ' ବାହାଘର ଆୟୋଜନର ସବୁ ଦାୟିତ୍ୱ ସାନ ଦିଅର ନେଇଥିଲେ ବି ନିଜ ତତ୍ତ୍ୱାବଧାନରେ ଟିକିଏ ଯେମିତି ତ୍ରୁଟି ନ ରହେ, ସେଥିପ୍ରତି ଯତ୍ନବାନ ରହିଥିଲା। ତରୁଣଙ୍କ ବାପା ମା'ଙ୍କ ଆସିବା ଯଦିଓ ଏକ ପ୍ରକାର ନିଶ୍ଚିତ ହୋଇଥିଲା, ହେଲେ ବିଳମ୍ବ ହେବା ଦେଖି କେମିତି କେଜାଣି ଅସହଜ ହୋଇ ଉଠୁଥିଲା।

ତନୁର ସ୍ୱଇଚ୍ଛାରେ ଅନ୍ୟ ଜାତିରେ ବାହାଘର ପାଇଁ, ନିଜର ନୈଷ୍ଠିକ ବ୍ରାହ୍ମଣ ପରିବାରର ଅନେକ ଜଣଙ୍କ ଇଚ୍ଛା ବିରୁଦ୍ଧରେ ତାକୁ ଯିବାକୁ ପଡ଼ିଥିଲା, ଯଦିଓ ଶେଷରେ ସବୁକିଛି ସୁରୁଖୁରୁରେ ଠିକ୍ ହୋଇଯାଇଥିଲା, ଯେତେବେଳେ ତନୁ ଶାଶୁ ଘର ଲୋକଙ୍କ ସାଙ୍ଗରେ ତରୁଣଙ୍କ ପରିବାର ଲୋକ ଦେଖାସାକ୍ଷାତ କରିଥିଲେ, ହେଲେ ରୁଢ଼ିବାଦୀ ଦୃଷ୍ଟି ରଖିଥିବା ତରୁଣଙ୍କ ପିତାମାତାଙ୍କ ଅସନ୍ତୋଷକୁ ସ୍ପଷ୍ଟ ବାରିପାରିଥିଲା ଅନିମା।

ଫୋନ୍‌ଟିକୁ ଦେଖୁଦେଖୁ ହଠାତ୍ ନିଜ ଘର ୱାଚ୍‌ମ୍ୟାନ୍‌ର ନମ୍ବରଟିରୁ କଲ୍ ପାଇ ଆଶ୍ଚର୍ଯ୍ୟ ହୋଇଯାଇଥିଲା। କେବଳ ଏମରଜେନ୍ସି ହେଲେ କଲ୍ କରିପାରିବ କହି ତରୁଣଙ୍କ ଅଜାଣତରେ ସେ ନିଜ ନମ୍ବରଟି ଦେଇଥିଲା। ଏମିତି କ'ଣ ଏମରଜେନ୍ସି ପଡ଼ିଲା, ପୁଣି ବାହାଘର ଦିନ ସକାଳୁ, ଚିନ୍ତା କରିପାରୁ ନ ଥିଲା ଅନିମା। ଅନିଚ୍ଛାସତ୍ତ୍ୱେ କଥା ଦୁଇପଦ ହୋଇ ଜାଣିପାରିଥିଲାଯେ, କେହି ଜଣେ ଭିତରକୁ ଆସି ତନୁକୁ ଦେଖା କରିବାକୁ ଅନୁମତି ମାଗୁଛି। ସମୟ ଅଭାବରୁ ଅଧିକା କିଛି ନ ବୁଝି କେବଳ ତା'ର ସମ୍ମତି ଜଣାଇ ଦେଇଥିଲା।

ନିର୍ଦ୍ଧାରିତ ସମୟରେ ତନୁର ବାହାଘରଟା ସମସ୍ତଙ୍କ ଉପସ୍ଥିତିରେ ସୂଚାରୁରୂପେ ଶେଷ ହୋଇଥିଲା। ବିଦାୟର କିଛି ସମୟ ପୂର୍ବରୁ ତନୁକୁ ନେଇ ଅନିମା ନିଜ ରୁମ୍‌କୁ ଚାଲିଯାଇଥିଲା, ଯୋଉଠି ସେଦିନର ଉପହାର ସବୁ ଗୋଟେ ଛୋଟ ପର୍ବତ ଆକାରରେ ତା' ରୁମ୍‌ଟିକୁ ସଙ୍କୁଚିତ କରିଦେଇଥିଲା। ଅନିମାର ଆଗ୍ରହ ଯୋଗୁଁ ତନୁ ସେସବୁ ଉପହାର ଭିତରୁ କିଛିଟା ଦେଖୁଥିଲା ଓ ତା' ଅନିଚ୍ଛା ସତ୍ତ୍ୱେ ଅନିମା ତା'ର ପସନ୍ଦ ହୋଇଥିବା କିଛି ଉପହାରକୁ ଅଲଗା ରଖିଚାଲିଥିଲା। ହଠାତ୍ ତନୁର ହାତ ଗୋଟିଏ ଛୋଟ ପ୍ୟାକେଟ୍ ଉପରେ ରହିଯାଇଥିଲା, ଯାହା କେବଳ କାଗଜରେ ଗୁଡ଼ା ହୋଇଥିଲା। ଏତେ ବଡ଼ବଡ଼ ଉପହାର ଭିତରେ ସେ ପ୍ୟାକେଟ୍‌ଟି ସମ୍ପୂର୍ଣ୍ଣ ଅଲଗା ଥିଲା, କୌଣସି ଦୃଷ୍ଟିରୁ ଉପହାର ଭଳି ଦେଖା ମଧ୍ୟ ଯାଉ ନ ଥିଲା। କୌତୂହଳ ସହକାରେ ତନୁ ସଙ୍ଗେସଙ୍ଗେ ଖୋଲି ପକାଇଥିଲା, ଆଉ ଯେତେବେଳେ ତା' ଭିତରେ ଥିବା 'କଣ୍ଟେଇ କୋଳି'ର ପୁଡ଼ାଟିଏ ଦେଖିଥିଲା, ଆଶ୍ଚର୍ଯ୍ୟ ହୋଇଯାଇଥିଲା। ହାତ ତା'ର ସାମାନ୍ୟ ଥରି ଉଠିଥିଲା, ଆଉ ପାଟିରୁ ସ୍ୱତଃ ବାହାରି ଆସିଥିଲା- 'ତାରା ମାଉସୀ'!

ଅନିମାର ଆଖି ମଧ୍ୟ ସେଇ 'କଣ୍ଟେଇ କୋଳି' ପୁଡ଼ିଆଟି ଉପରେ ଅଟକି ଯାଇଥିଲା, ମନ ଭିତରେ ତା'ର ଦୀର୍ଘ ଅଠର ବର୍ଷ ତଳର ଘଟଣାଟି ଯେମିତି ଜୀବନ୍ତ ହୋଇ ଉଠିଥିଲା। ପାଞ୍ଚବର୍ଷର ତନୁ ସେଦିନ ସେଇ କୋଳିବାଲି 'ତାରା' ପାଖରୁ 'କଣ୍ଟେଇ କୋଳି'ର ପୁଡ଼ିଆଟିକୁ ଧରି ତାଙ୍କ ଗେଟ୍ ଆଗରେ ଥିବା ରାସ୍ତା ଆରପଟୁ ଗେଟ୍ ଭିତରେ ପଶିବାକୁ ଯାଉଥିବାବେଳେ, ଅନ୍ୟପଟୁ ଗୋଟିଏ ସାଇକେଲରେ ତିନିଜଣ ହୃଷ୍ଟପୁଷ୍ଟ ଯୁବକ ବସି ଯାଉଥିବାବେଳେ ଏତେ ଜୋର୍‌ରେ ଧକ୍କା ମାରିଥିଲେ ଯେ, ସେଇ ରାସ୍ତା ଉପରେ ତନୁର ଛୋଟିଆ କୋମଳ ଦେହଟି ଢଳିପଡ଼ିଥିଲା, ଆଉ ସେଇ କଣ୍ଟେଇ କୋଳି ବିକୁଥିବା ତାରା କୋଉଠି ଥିଲା କେଜାଣି, ନିଜ କୋଳି ଟୋକେଇଟି ଫୋପାଡ଼ି ଦେଇ, ଦଉଡ଼ି ଆସି ତନୁର ରକ୍ତ ଜୁଡୁବୁଡୁ ଦେହଟାକୁ କୋଳେଇ ନେଇ ଜୋର୍‌ରେ ଡାକ ଦେଇଥିଲା, ତା'ରି ଡାକରେ ସେଦିନ ତରୁଣ ଓ ଅନିମା ଦୁହେଁ ଦଉଡ଼ି ବାହାରକୁ ଚାଲି ଆସି ଥିଲେ ଓ ତନୁର ରକ୍ତାକ୍ତ ଶରୀରଟାକୁ ଟେକି ନେଇ ଡାକ୍ତରଖାନା ଯାଇଥିଲେ। ସେଇ ଦିନଠାରୁ ଅନେକ ଦିନ ପର୍ଯ୍ୟନ୍ତ ତନୁ ବିଛଣାରେ ପଡ଼ିରହି ଚିକିତ୍ସିତ ହୋଇଥିଲା। ଘରୁ ବାହାରକୁ ଯିବାର ନା ତା'ର ଶକ୍ତି ଥିଲା, ନା ଡାକ୍ତରଙ୍କ ଅନୁମତି ଥିଲା, ହେଲେ ସେ କୋଳିବାଲି ତନୁର 'ତାରା ମାଉସୀ', ସବୁଦିନ ତା'କୁ ଦେଖିବାକୁ ଯିବାର ଯେମିତି ନିୟମଟିଏ କରିଦେଇଥିଲା। ଆଉ ସାଙ୍ଗରେ ତା'ର ସେଇ 'କଣ୍ଟେଇ କୋଳି'ର ଛୋଟ ପୁଡ଼ିଆଟିଏ ମଧ୍ୟ ସବୁଦିନର ଭେଟି ଥିଲା ତନୁକୁ। ଯେତେ କହିଲେ ମଧ୍ୟ ନା ସେ କୋଳିର ମୂଲ୍ୟ ଗ୍ରହଣ କରୁଥିଲା, ନା ତନୁକୁ ଦେଖିବାକୁ ଯିବା ବନ୍ଦ କରିପାରିଥିଲା।

ସମୟ ସ୍ରୋତରେ ତନୁ ଭଲ ହୋଇ ବଡ଼ ହୋଇ ଯାଇଥିଲା, ହେଲେ ତା' 'ତାରା ମାଉସୀ'ର କଣ୍ଟେଇ କୋଳି ପୁଡ଼ିଆ ପାଇଁ ଯେମିତି ତା' ବୟସ ଅଟକି ଯାଇଥିଲା ସେଇ ପାଞ୍ଚ ବର୍ଷରେ। ଇଞ୍ଜିନିୟରିଂ ପଢ଼ିବା ପାଇଁ ଘର ଛାଡ଼ି ସୁଦୂର ହଷ୍ଟେଲରେ ସେ ରହିଥିଲା ଓ ସେଇ କିଛି ବର୍ଷ ଭିତରେ ଯେମିତି ତା' 'ତାରା ମାଉସୀ' ଓ 'କଣ୍ଟେଇ କୋଳି'କୁ ହଜାଇ ଦେଇଥିଲା, ଯଦିଓ କେତେ ଥର ତାରା ମାଉସୀ ବିଷୟରେ ବୁଝିବାକୁ ଚେଷ୍ଟା କରିଥିଲା, ହେଲେ କୌଣସି ସଠିକ୍ ଖବର ପାଇପାରି ନ ଥିଲା। କେବଳ ଉଡ଼ା ଖବର ଶୁଣିଥିଲାଯେ, ତାରା ମାଉସୀର ଡାହାଣ ହାତ ଭାଙ୍ଗିଯିବାରୁ ସେ ଆଉ କୋଳି ତୋଳି ପାରୁନାହିଁ ଓ ଘରେ ତା'ପୁଅ ବୋହୂ ତାକୁ ବାହାରକୁ ଛାଡୁନାହାନ୍ତି।

ନିଜର ପାଠପଢ଼ା ସରୁସରୁ ଚାକିରି ଜୀବନ ଆରମ୍ଭରେ, ବ୍ୟସ୍ତତା ଭିତରେ ଯେମିତି ସେସବୁ ସ୍ମୃତିଠାରୁ ଅନେକ ଦୂରକୁ ଚାଲିଯାଇଥିଲା ତନୁ। ହେଲେ ସେଇ କଣ୍ଟେଇ କୋଳିର ପୁଡ଼ିଆଟି ସତେ ଯେମିତି ତାକୁ ପୁଣି ଫେରାଇ ନେଇଥିଲା ସେ ସ୍ମୃତିର ପାହାଚକୁ! ତାରା ମାଉସୀର ସେଇ ସ୍ନେହବୋଳା କଥାଗୁଡ଼ିକ ତା' ମନକୁ ବିଚଳିତ କରିଦେଇଥିଲା। କଲେଜ ଜୀବନରେ ମଧ୍ୟ ସେ ତାରା ମାଉସୀକୁ ଯେତେ ଚେଷ୍ଟା କଲେ ବି ସେ କଣ୍ଟେଇ କୋଳିର ମୂଲ୍ୟ ଦେଇପାରି ନ ଥିଲା, ତା'ର ସେଇ ଗୋଟିଏ କଥା ସବୁବେଳେ ଶୁଣୁଥିଲା- ''ନାଇଁଲୋ ତନୁ, ତୁ ବଡ଼ ହୋଇ ଚାକିରି କରେ, ସବୁ ପଇସା ଦେବୁ!'' ହସହସ ମୁହଁରୁ ତା'ର ସବୁବେଳେ ସେଇ ପଦୁଟିଏ ଆଶୀର୍ବାଦ ବହାରିପଡ଼େ- 'ଠାକୁରେ ତତେ ଭଲରେ ରଖନ୍ତୁ!' ନିଜ ଝିଅକୁ ହରାଇଥିବା 'ତାରା ମାଉସୀ' ର ସବୁଯାକ ସ୍ନେହ ଯେମିତି ତନୁ ଉପରେ ହିଁ ଅଜାଡ଼ି ହୋଇ ପଡୁଥିଲା।

ନିଜ ଭାବନା ରାଜ୍ୟରୁ ଓହ୍ଲାଇ ଆସିଥିଲା ତନୁ, ଯେତେବେଳେ ତରୁଣ ଆସି ଶୀଘ୍ର ବାହାରିବା ପାଇଁ ପ୍ରସ୍ତୁତ ହେବାକୁ ଅନିମା ଓ ତନୁକୁ ଜଣାଇଥିଲେ। 'ତାରା ମାଉସୀ' ଯେ ତା' ବାହାଘର କଥା ଶୁଣି ଆସିଥିଲା ଓ ତାକୁ ଦେଖା ନ କରି ଫେରିଯାଇଛି, ଏକଥା ଯେମିତି ତନୁ ସହଜରେ ଗ୍ରହଣ କରିପାରୁ ନ ଥିଲା, ଯଦିଓ ତାର ଆସିବାଟା ନିଶ୍ଚିତ ହୋଇଯାଇଥିଲା। ନିଜ ମନରେ ଉଠୁଥିବା ଅନେକ ପ୍ରଶ୍ନର ଉତ୍ତର ଖୋଜିବାକୁ ଅନିମାକୁ ପ୍ରଶ୍ନ ପରେ ପ୍ରଶ୍ନ ପଚାରି ଚାଲିଥିଲା- କେମିତି କେହି ତାକୁ କହିଲେନି, ଦେଖିପାରିଲେନି। ଏଥର ଅନିମାର ମନେପଡ଼ିଯାଇଥିଲା ଯେ, ସକାଳେ ୱାଚ୍‌ମ୍ୟାନ୍‌ର ଫୋନ୍ କଥା, ଆଉ ନିଶ୍ଚିତ ହୋଇଯାଇଥିଲା ଯେତେବେଳେ ତା'ଠାରୁ ବୁଢ଼ୀଟିଏ ଖୋଜୁଥିଲା, ଯାହାର ନାଁ 'ତାରା' ଥିଲା ବୋଲି ଶୁଣିଥିଲା। ଯିଏ ତନୁକୁ ଦେଖା କରିବାକୁ ଅନୁମତି ମାଗୁଥିଲା ଓ ଅଳ୍ପ ସମୟ ପରେ ନିରାଶ ହୋଇ ଫେରିଯିବାର ମଧ୍ୟ ଜଣାଇଥିଲା। ହୁଏତ କେହି ବ୍ୟସ୍ତତା ଭିତରେ ତନୁ ପାଖରେ ଖବର ପହଞ୍ଚାଇ ପାରି ନ ଥିବାରୁ, କାହା ହାତରେ ସେ କଣ୍ଟେଇ କୋଳିର ପୁଡ଼ିଆଟି ଦେଇ ଫେରିଯାଇଥିଲା।

ଅନିମାଠାରୁ ତାରା ମାଉସୀ କଥା ଶୁଣି ତନୁ ସେଇ କଣ୍ଟେଇ କୋଳି ପ୍ୟାକେଟ୍‌ଟି ଉଠାଇ ନେଇ ନିଜ ପର୍ସ ଭିତରେ ରଖି ଦେଇଥିଲା ଓ ନିଜ ରୁମ୍‌କୁ ଯାଇ ଗୋଟିଏ ଚେକ୍ ଆଣି ତା' ପାପା 'ତରୁଣ'ଙ୍କୁ ଧରାଇ ଦେଇଥିଲା ଓ କହିଥିଲା- ପାପା ପ୍ଲିଜ୍, 'ତାରା ମାଉସୀ'ଙ୍କୁ ଯେମିତି ହେଲେ ଖୋଜି କି ଏଇ ଚେକ୍‌ରେ ଯୋଉ ଟଙ୍କା ମୁଁ ରଖିଛି, ସେଥିରେ ଫୁଲ ଦୋକାନଟିଏ କରାଇ ଦେବ। ତାରା ମାଉସୀକୁ ଫୁଲ ବହୁତ ଭଲ ଲାଗେ, ମୁଁ ଜାଣିଛି। ଏଇଟା ମୋର ପ୍ରଥମ ମାସର ଦରମାରୁ ମୁଁ ତା' ପାଇଁ ରଖିଥିଲି, ହେଲେ ତାକୁ ପାଉ ନ ଥିଲି। ତା' ହାତ ଭାଙ୍ଗିଯାଇଥିବାରୁ ସିଏ କୋଳି ତୋଳି ପାରୁ ନ ଥିଲା ବୋଲି ଶୁଣିଥିଲି। ପ୍ଲିଜ୍ ପାପା, ତମେ ମୋ' କଥା ରଖିବ ତ?

ତରୁଣ ଓ ଅନିମା, ତନୁକୁ କୁଣ୍ଢେଇ ପକାଇ ଏକା ସାଙ୍ଗରେ କହିଉଠିଥିଲେ- ହଁ ରେ, ତୋ'ର କୋଉ କଥା ଆମେ କେବେ ଭାଙ୍ଗିଛୁ? ଆଖିରୁ ସମସ୍ତଙ୍କର ବୋହିଯାଉଥିଲା ଅଶ୍ରୁଧାର, କିଏ କହିବ ସେ ଅଶ୍ରୁ ତନୁ ବିଦାୟର କି ଅନ୍ୟ କିଛିର!

*-ଶଙ୍କରପୁର ଉପରସାହି, କଟକ*



**ପ୍ରକାଶ ଚନ୍ଦ୍ର ମୁନି**

# ବରଯାତ୍ରୀ

ମିନିଗଳ୍ପ



ରାତି ଆଠଟା ସରିକି ବରଯାତ୍ରୀ ପାର୍ଟି ଗାଡ଼ିରୁ ଓହ୍ଲାଇ ଦେଖିଲେ ଥଣ୍ଡା ପାନୀୟ ବ୍ୟବସ୍ଥା ଯାହା ହୋଇଛି ତାହା ସମୁଦ୍ରକୁ ଶଙ୍ଖେ। ତେଣୁ କିଏ କୁଆଡ଼େ ଚାଲିଗଲେ ପାନୀୟର ବନ୍ଦୋବସ୍ତ କରିବାକୁ। ତା'ପରେ ବ୍ୟାଣ୍ଡପାର୍ଟିର ତାଳେତାଳେ ଆରମ୍ଭ ହେଲା ଡ୍ୟାନ୍ସ। ଏମିତି ଡ୍ୟାନ୍ସଯେ, କୌଣସି ଫିଲ୍ମ ଷ୍ଟାର ମଧ୍ୟ ତା' ଫିଲ୍ମରେ ଏମିତି କମାଲ ଦେଖାଇ ନ ଥିବ। ଶଙ୍ଖ ବଜାଉଥିବା ଭଣ୍ଡାରି ଟୋକାଟା ମଧ୍ୟ ବାଦ୍ ପଡ଼ି ନ ଥିଲା। ସେ ନାଶ ଶୁଂଘିଶୁଂଘି ନାଚ ଆରମ୍ଭ କଲା ବରପିତାଙ୍କ ସହିତ। ଡ୍ୟାନ୍ସ ଏତେ ହିଟ୍ ହେଲାଯେ, ବିଧା, ଚାପୁଡ଼ା, ଗୋଇଠା, ଚୁଟି ଧରାଧରି ପର୍ଯ୍ୟନ୍ତ ଗଲା। ବାଟବରଣ ବେଳକୁ ଶ୍ୱଶୁର ଯେମିତି ଜୋଇଁ କପାଳରେ ଚନ୍ଦନଟିପା ଲଗାଇଛନ୍ତି, ଜୋଇଁ ଏମିତି ଭକଭକ ବାନ୍ତି କଲାଯେ ଶ୍ୱଶୁରଙ୍କ ଦେହ ମୁହଁ ଲୁଗାପଟା ସବୁଥିରେ ଚନ୍ଦନ ଲେପି ହୋଇଗଲା। ତା'ପରେ ଶ୍ୱଶୁର ବ୍ୟସ୍ତ ହୋଇ ବାହାଘର କାମଟା ଆଗ ସାରିଦେବା ପାଇଁ ପୁରୋହିତଙ୍କୁ ନିର୍ଦ୍ଦେଶ ଦେଲେ। କହିଲେ- ତୁରନ୍ତ ହସ୍ତଗଣ୍ଠି ପକାଇ ଦିଅ। ହସ୍ତଗଣ୍ଠି ମଧ୍ୟ ପଡ଼ିଲା। ମାତ୍ର ସେତେବେଳକୁ କନ୍ୟା ଗୋଡ଼ତଳକୁ ବିଚରା ବର ହାମୁଡ଼େଇ ପଡ଼ିଥିଲା। ଦେଖଣାହାରିଙ୍କ ମନକୁ ଆସୁଥାଏ 'ଦେହି ପଦପଲ୍ଲବ ମୁଦାରଂ... !'

*- ଲାଲାଶାସନ, ଆସିକା*

## କାଳ କାଳକୁ



''ଯଦି ତମେ ଜଣେ ଲେଖକ, ତେବେ ତମେ ତମ ଭିତରର ଜହ୍ନ ଆଲୁଅକୁ ସଦା ଅନୁସରଣ କର। କେବେ ବି ତମ ପାଗଳାମିକୁ ଲୁଚାଅ ନାହିଁ।''

**- ଆଲେନ୍ ଗିନ୍‌ସ ବର୍ଗ**

**ଆଲୋନ୍ ଗିନ୍‌ସ ବର୍ଗ**ଙ୍କ ଜନ୍ମ ୩ ଜୁନ୍ ୧୯୨୬ରେ, ନିଉଜର୍ସିରେ। ପ୍ରସିଦ୍ଧ କାବ୍ୟଗ୍ରନ୍ଥ 'Howl' ଓ 'The Fall of America'ର ସେ କାଳଜୟୀ ସ୍ରଷ୍ଟା। ଖ୍ୟାତନାମା ଏହି ବିଟ୍ କବି ଥିଲେ ୧୯୬୦ରେ ଗଢ଼ିଉଠିଥିବା 'ପ୍ରତିବାଦୀ-ସଂସ୍କୃତି-ଆନ୍ଦୋଳନ'ର କର୍ଣ୍ଣଧାର। ୧୯୯୭ରେ ତାଙ୍କର ତିରୋଧାନ ଘଟିଥିଲା।

## ପୁସ୍ତକ ପରିଚୟ

### ଲାଲ ଡଂଗା

**କବି:** ଭଗବାନ ଜୟସିଂହ
**ପ୍ରକାଶକ:** ପକ୍ଷୀଘର ପ୍ରକାଶନୀ, ୩୨, ମଧୁସୂଦନ ନଗର, ଭୁବନେଶ୍ୱର-୧
**ପ୍ରଥମ ପ୍ରକାଶ:** ୨୦୧୯, **ମୂଲ୍ୟ:** ଟ.୧୩୦/-



ମୋଟ ୫୭ଟି କବିତାକୁ ନେଇ ପରିକଳ୍ପିତ 'ଲାଲ ଡଂଗା'। ଚାର୍ଲି ଚାପ୍‌ଲିନ୍‌ଙ୍କର ଏକ ସ୍ମରଣୀୟ ଉଦ୍ଧୃତିରୁ ଆରମ୍ଭ ବହିର ପ୍ରଥମ କବିତା 'ଭବନାଥର ସାପଖେଳ'। ଛାତ ଉପରେ ଖେଳୁଖେଳୁ ଭବନାଥକୁ ସର୍ପ ଦଂଶନ କରିଛି। କିନ୍ତୁ ବିଷର ପ୍ରକୋପ ଛାତି ଧରିବା ଆଗରୁ ସେ ବର୍ଷାର ମଜା ଲୁଟିବାକୁ ପାରାପେଟ୍‌ରେ ଛିଡ଼ା ହୋଇଛି। ବର୍ଷାରେ ନାଚୁନାଚୁ ଭୁଲିଯାଇଛିଯେ ତାକୁ ସାପ କାମୁଡ଼ିଛି। ବର୍ଷା ପରେ ଆସିଛି ଖରା ସହରକୁ। ଛାତରୁ ଅନ୍ତର୍ଦ୍ଧାନ ହୋଇଯାଇଛି ସାପ। ପ୍ରଥମରୁ କବିତାର ୫ଟିଯାକ ପରିଚ୍ଛେଦ ଏକ ଆରୋପିତ ମାୟା। କବିତାର ଅସଲ ବକ୍ତବ୍ୟ ଶେଷ ପରିଚ୍ଛେଦରେ- ''ବଂଚିବାକୁ ହେଲେ/ ସାପ ସହ ଖେଳିବାକୁ ହେବ/ ପ୍ରତି ନିୟତ ତା' ବିଷରେ ଜଳିବାକୁ ହେବ/ x x x/ ଲୁହକୁ ଲୁଚେଇବାକୁ ହେବ/ ଘନଘୋର ବର୍ଷାରେ।'' ସାଦା କଥାରେ ଦର୍ଶନ କବିତାଟିର ବୈଶିଷ୍ଟ୍ୟ, ସାପ ଏଠି ନିମିତ୍ତ।

### ଆମ ଲୋକାଚାର

**ସଂକଳକ:** ଦୁର୍ଗା ମାଧବ ନନ୍ଦ
**ପ୍ରକାଶକ:** ଲୋକ ସଂସ୍କୃତି ଗବେଷଣା ପରିଷଦ, ପୁରୀ-୨
**ପ୍ରଥମ ପ୍ରକାଶ:** ୨୦୧୯, **ମୂଲ୍ୟ:** ଟ.୩୫୦/-

ଲୋକାଚାରକୁ ନେଇ ଗ୍ରନ୍ଥର ସବୁଯାକ ପ୍ରବନ୍ଧ ଗତିଶୀଳ। ବେଣୀମାଧବ ପାଢ଼ୀଙ୍କ 'ଦକ୍ଷିଣ ଓଡ଼ିଶାର ଲୋକାଚାର', ବ୍ରଜକିଶୋର ସ୍ୱାଇଁଙ୍କ 'ସାମାଜିକ ଲୋକାଚାରର ଆଇନଗତ ସ୍ୱୀକୃତି', ବିଷ୍ଣୁପ୍ରିୟା ଓତାଙ୍କର 'ମୟୂରଭଞ୍ଜର ଖଡ଼ିଆ ଜନଜାତିର ଲୋକାଚାର', ଦେବାଶିଷ ପାତ୍ରଙ୍କ 'ରେମୋ ଜନଜାତିଙ୍କ ଲୋକାଚାର', ବାୟାମନୁ ଚର୍ଚ୍ଚିଙ୍କ 'ଗଞ୍ଜାମ ଜିଲାର ଲୋକାଚାର', ନିରଞ୍ଜନ ସ୍ୱାଇଁଙ୍କ 'ମାଲକାନଗିରି ଜିଲାର ଡିଡାୟୀ ଜନଗୋଷ୍ଠୀର ଲୋକାଚାର', ଅର୍ଚ୍ଚନା ନାୟକଙ୍କ 'ସୁନ୍ଦରଗଡ଼ ଜିଲାର ଲୋକାଚାର', ମଥୁରେନ୍ଦ୍ର ପୃଷ୍ଟିଙ୍କ 'ଆଚାରେ ଲକ୍ଷ୍ମୀ ବିଚାରେ ପଣ୍ଡିତ' ଓ ସଂକଳକ ନନ୍ଦଙ୍କ 'ଲୋକାଚାରର ଦିଗଦିଗନ୍ତ' ଆଦି



ପ୍ରବନ୍ଧ ବିସ୍ତୃତ ଭାବରେ ଓଡ଼ିଶାର ଲୋକାଚାରକୁ ବିବୃତ କରେ। ଓଡ଼ିଶାର ନାନା ପ୍ରାନ୍ତରେ ପ୍ରଚଳିତ ଲୋକାଚାର ମଧ୍ୟରେ ଜୀବନଯାପନର ଯେଉଁ ବିଭବମାନ ଲୁକ୍କାୟିତ ହୋଇ ରହିଛି, ତାହା ଯେତିକି ବିସ୍ମୟକର, ସେତିକି ସୁଖପାଠ୍ୟ।

# ମୁଁ କ'ଣ, କିପରି ଓ କାହିଁକି ଲେଖେ

ସୃଜନ-ସ୍ମୃତି



ନୀଳାଦ୍ରି ଭୂଷଣ ହରିଚନ୍ଦନ

**ଏଇ ଲେଖକ ଏକାଧାରରେ କବି, ନାଟ୍ୟକାର ଓ ସାହିତ୍ୟ ସମାଲୋଚକ। ଶତାଧିକ ଗ୍ରନ୍ଥର ସ୍ରଷ୍ଟା। ସାରଳା ମହାଭାରତର ହିନ୍ଦୀ ଅନୁବାଦ ତାଙ୍କର ଏକ ଜାତୀୟ କୃତି...**

ପ୍ରଥମତଃ ମୁଁ ଜଣେ କବି, ମୋ' ସୃଜନଶୀଳତାର ଆରମ୍ଭରୁ ହିଁ କବିତା ଲେଖିଛି, ଏ ପର୍ଯ୍ୟନ୍ତ ଲେଖୁଛି। ବହୁତ ପରେ ସମାଲୋଚନା ଓ ନାଟକ ଲେଖିଛି। ଏ ଯାବତ୍ କବିତା ସଂକଳନ ମୋର ମାତ୍ର ଦଶଟି। ନାଟକ ଛୋଟ ବଡ଼ ହୋଇ ପଚାଶରୁ ବେଶି ହେବ। ସମାଲୋଚନା ବହି ସଂଖ୍ୟା ଉଣେଇଶ। ଚାଳିଶ ବର୍ଷର ବୃତ୍ତି-ଜୀବନର ବ୍ୟସ୍ତତା ଭିତରେ ଏକାବେଳକେ ବିଭିନ୍ନ ବିଷୟରେ କିଛି ଲେଖିପାରୁଥିବା ଦେଖି କେତେଜଣ ମୋତେ ପ୍ରଶ୍ନ କରିଛନ୍ତି- କେମିତି ଲେଖନ୍ତି ଏକ ସମୟରେ ଏତେ କଥା? ଏକା ସମୟରେ ମୋ' ମନରେ କବିତା ଓ ନାଟକ ପାଇଁ ଭାବବସ୍ତୁ, ସାହିତ୍ୟ ସମାଲୋଚନା ପାଇଁ ଚିନ୍ତା ଓ ଉପାଦାନର ଉଦୟ ଘଟେ। କିନ୍ତୁ ସେଗୁଡ଼ିକୁ ଆକାର ଦେବାପାଇଁ ପ୍ରତ୍ୟେକକୁ ମୁଁ ଭିନ୍ନଭିନ୍ନ ସମୟ ଦେଇଥାଏ।

ମୁଁ କବିତା ଲେଖେ କି ନାଟକ ଲେଖେ ବା ସମାଲୋଚନା ଲେଖେ, ସବୁବେଳେ ଚାହିଁଛି ନୂଆ କଥା ଲେଖିବାକୁ, ଅନ୍ୟମାନଙ୍କଠୁଁ ଭିନ୍ନ କିଛି ଲେଖିବାକୁ, ଭିନ୍ନ ଏକ ଶୈଳୀରେ। କବିତା ସବୁ ମୋର ଏକା ପ୍ରକାରର ନୁହେଁ। ପାରମ୍ପରିକ ଭାବେ ପ୍ରେମ, ପ୍ରକୃତି ଓ ଈଶ୍ୱରଙ୍କୁ ନେଇ ଅନେକ କବିତା ଲେଖନ୍ତି। ଏଇ ପ୍ରକାରର କବିତା କିନ୍ତୁ ମୁଁ ଅଳ୍ପ ଲେଖିଛି। ମୋର ଅଧିକାଂଶ କବିତାର ସମ୍ବଳ ମଣିଷ ଓ ସମାଜ। ଗ୍ରାମ, ସହର, ରାଜ୍ୟ, ଦେଶ ଓ ବିଶ୍ୱର ସମସ୍ୟା। ଭିନ୍ନଭିନ୍ନ ବକ୍ତବ୍ୟକୁ ଭିନ୍ନଭିନ୍ନ ଶୈଳୀରେ ଉପସ୍ଥାପନ କରେ। ବସ୍ତୁ ଅନୁସାରେ ଶୈଳୀ ସ୍ୱତଃ ଆସିଯାଏ। ସାବଲୀଳ, ସୁଖବୋଧ ଭାଷା ଭିତର ଦେଇ ପାଠକକୁ ଏକ ଗଭୀର ଭାବ ନିକଟରେ ପହଞ୍ଚାଇ ଦେବା ମୋ' କବିତାର ଧର୍ମ। ମୋ' ନାଟକର ମଧ୍ୟ ଏକା ପ୍ରକାରର ବିଷୟବସ୍ତୁ ନ ଥାଏ କି ଏକା ପ୍ରକାରର ଶୈଳୀ ନ ଥାଏ। ବହୁ ଚିନ୍ତା ଓ ସମସ୍ୟା ଏ ସବୁରେ ରୂପାୟିତ। ମଣିଷ ଓ ସମାଜର ସମସ୍ୟାଠାରୁ ଆରମ୍ଭ କରି ଜାତୀୟ, ଅନ୍ତର୍ଜାତୀୟ ଚିନ୍ତା ଓ ସମସ୍ୟା ପର୍ଯ୍ୟନ୍ତ ମୋ' ନାଟକର ଉପଜୀବ୍ୟ। ନାଟକର ସଂଳାପଗୁଡ଼ିକ ବହୁସ୍ଥଳରେ କାବ୍ୟମୟ।

ନାଟକ ଓ କବିତା ପରି ମୋର ସାହିତ୍ୟ ସମାଲୋଚନାର ସ୍ୱାତନ୍ତ୍ର୍ୟ ମଧ୍ୟ ସହଜଲକ୍ଷ୍ୟ। ପାରମ୍ପରିକ ଚିନ୍ତା ଓ ବିଚାରଧାରା ମୋ' ପକ୍ଷରେ ଗ୍ରହଣୀୟ ହୋଇନାହିଁ। ଅଧ୍ୟୟନ, ଅନ୍ତର୍ଦୃଷ୍ଟି ଓ ନିରପେକ୍ଷତା ପରି ଚିନ୍ତାର ଗଭୀରତା, ଦୃଷ୍ଟିର ବ୍ୟାପକତା ଓ କଳ୍ପନା ଶକ୍ତିର ତୀକ୍ଷ୍ଣତା ଭଲ ସମାଲୋଚନା/ ପ୍ରବନ୍ଧ ପାଇଁ ବିଶେଷ ଆବଶ୍ୟକ ବୋଲି ମୋର ବିଚାର। ସମାଲୋଚନାରେ ଯେତିକି କଥା କହିବା ଦରକାର, ସେତିକି କହେ। ଯାହା କହେ ସିଧାସଳଖ କହେ। ତହିଁରେ କୌଣସି ଗୌରଚନ୍ଦ୍ରିକା ନ ଥାଏ। ମୋର ବକ୍ତବ୍ୟ, ବିଶ୍ଳେଷଣ ଓ ସିଦ୍ଧାନ୍ତରେ ମୁଁ ସ୍ପଷ୍ଟ ଓ ଶାଣିତ। ମୋର ଭାଷା ପରିଚ୍ଛନ୍ନ ଓ ଯୁକ୍ତିଧର୍ମୀ। ପ୍ରତ୍ୟେକ ବାକ୍ୟ ଅର୍ଥପୂର୍ଣ୍ଣ। ପଲ୍ଲବନ, ଦ୍ୱିରୁକ୍ତି ଏବଂ ଅନିର୍ଦ୍ଦିଷ୍ଟ, ଅସଂଲଗ୍ନ, ଅର୍ଥହୀନ, ଅନାବଶ୍ୟକ ବାକ୍ୟ ପ୍ରୟୋଗରୁ ନିଜକୁ ଦୂରେଇ ରଖେ।

କବିତାରେ ମୁଁ ପାରମ୍ପରିକ ଆଳଂକାରିକତାକୁ କାବ୍ୟିକତା ରୂପେ ଗ୍ରହଣ କରି ନାହିଁ। କାବ୍ୟରୁ ଯଥାର୍ଥ କାବ୍ୟିକତାର ସନ୍ଧାନ କରିଛି। ଜଣେ ସୃଜନଶୀଳ ଲେଖକ ସାହିତ୍ୟର ବିଭିନ୍ନ ଦିଗରେ ସହଜରେ ଲେଖନୀ ଚାଳନା କରିପାରିବ ବୋଲି ମୋର ବିଶ୍ୱାସ।



ବିଦଗ୍ଧ ପାଠକ

## ସାହିତ୍ୟାୟନରେ 'ଭ୍ରମଣ କାହାଣୀ' ପ୍ରକାଶ ପାଉ !

ମହାଶୟ,
'ଦେଶେ ଦେଶେ' ଶୀର୍ଷକ ସ୍ତମ୍ଭରେ ଅନ୍ୟ ଦେଶର ସାହିତ୍ୟ ସ୍ରଷ୍ଟା ଓ ସୃଷ୍ଟି ସମ୍ପନ୍ଧରେ ଅନେକ କଥା ଜାଣିହୁଏ। ଏହାକୁ ନିୟମିତ ପ୍ରକାଶ କରିବାକୁ ଅନୁରୋଧ। ମଝିରେ ମଝିରେ 'ଭ୍ରମଣ କାହାଣୀ' ପ୍ରକାଶ ପାଇଲେ ତାହା ମଧ୍ୟ ପାଠକଙ୍କ ମନୋରଞ୍ଜନ କରିପାରନ୍ତା। ଏଥିପ୍ରତି ଧ୍ୟାନ ଦେବାକୁ ଅନୁରୋଧ।

**- ଗୟାଧର ଦଣ୍ଡପାଟ,**
**ବାରିପଦା**

ସାହିତ୍ୟାୟନର ମୁଁ ନିୟମିତ ପାଠିକା। ଏଥିରେ ମୁଁ ମୋର ମୌଳିକ ଓ ଅନୁବାଦ ଗଳ୍ପ ପ୍ରକାଶ କରିବାକୁ ଆଗ୍ରହୀ। କେତେ ଶବ୍ଦ ମଧ୍ୟରେ ଲେଖା ପଠାଇଲେ ତାହା ଗ୍ରହଣଯୋଗ୍ୟ ହେବ ଜଣାଇଲେ ସେହି ଅନୁସାରେ ମୁଁ ଲେଖା ପଠାଇ ପାରିବି। କେତେକ ଲେଖା ପଠାଇଛି, ମାତ୍ର ତାହା ଖୁବ୍ ବଡ଼ ହୋଇଥିବାରୁ ବୋଧହୁଏ ପ୍ରକାଶ ପାଇ ପାରୁନାହିଁ। ଲେଖା ମନୋନୀତ ନ ହେଲେ ଫେରସ୍ତ ଦିଆଯାଏ କି?

**- ଶର୍ମିଷ୍ଠା ଦଳବେହେରା,**
**ଖୋର୍ଦ୍ଧା**

**ଉତ୍ତର:** ଗଳ୍ପ ୮୦୦ ଶବ୍ଦ ବିଶିଷ୍ଟ ବା ତା'ଠାରୁ କମ୍ ହେଲେ ଭଲ। ଅମନୋନୀତ ଲେଖା ଫେରସ୍ତ ଦିଆଯାଏ ନାହିଁ।

**- ସାହିତ୍ୟାୟନ**



ଆମେରିକାର ଫ୍ଲୋରିଡାର ଏକ ବିଶେଷ ପ୍ରକାରର ବାଇଗଣୀ ରଙ୍ଗର ଆମ୍ବ ଏବେ ଭାରତରେ ସଫଳତାର ସହ ଚାଷ କରାଯାଇଛି। ଗୁଜରାଟର ଜୁନାଗଡ଼ ଜିଲାରେ ଥିବା ମାଲିୟାହୋତି ଅଞ୍ଚଳରେ ଏହି ପ୍ରକାର ଆମ୍ବ ଚାଷ କରାଯାଇଛି। ଏହା ଦେଖିବାକୁ ବାଇଗଣୀ ରଙ୍ଗର। ଏଥିରେ ଶର୍କରା ପରିମାଣ ବହୁତ କମ୍ ଏବଂ ପ୍ରଚୁର ମାତ୍ରାରେ ଫାଇବର ରହିଛି, ଯାହାକୁ ଡାଇବେଟିସ୍ ରୋଗୀ ବି ନିଃସଙ୍କୋଚରେ ଖାଇପାରିବେ।

# କରୋନା ବଦଳାଉଛି ଫ୍ୟାଶନ ଟ୍ରେଣ୍ଡ୍

ଡବ୍ଲିନ୍

ବିବାହ ଭଳି ମାଙ୍ଗଳିକ କାର୍ଯ୍ୟରେ ଫ୍ୟାଶନବଲ ହେବାକୁ କିଏ ବା ନ ଚାହିଁବ। ହେଲେ କରୋନା ସଂକ୍ରମଣ ଟାଳିବାକୁ ପିନ୍ଧାଯାଉଥିବା ମାସ୍କ ଏହାକୁ ପାଣିଚିଆ କରିଦେବା ସ୍ୱାଭାବିକ। ତେବେ ଏହି ସମସ୍ୟାର ସମାଧାନ ବାହାର କରିବାକୁ ଏବେ ଅଣ୍ଟା ଭିଡ଼ିଛନ୍ତି ଦେଶବିଦେଶର ପ୍ରମୁଖ ଫ୍ୟାଶନ ହାଉସ। ସେମାନଙ୍କ ଉଦ୍ୟମରେ ବ୍ରାଇଡାଲ କଲେକ୍ସନ୍‌ରେ ଏବେ ଯୋଡ଼ିହୋଇଛି ବିଭିନ୍ନ ବ୍ରାଣ୍ଡର ହାତତିଆରି ମାସ୍କ। ଏଭଳି ମାସ୍କ କନ୍ୟାବରଙ୍କୁ ଟ୍ରେଣ୍ଡି ଲୁକ୍ ଦେଉଥିବାବେଳେ ସଂକ୍ରମଣରୁ ସୁରକ୍ଷା ମଧ୍ୟ ଦେଉଛି।





କରୋନାକୁ ନେଇ ଜାରି କରାଯାଇଥିବା କଟକଣାର ପ୍ରଭାବ ଫ୍ୟାଶନ ହାଉସ୍‌ଗୁଡ଼ିକୁ ଦୋହଲାଇ ଦେଇଛି। ବିବାହ ଋତୁରେ କୋଭିଡ୍ ପାହାର ବ୍ୟବସାୟ ଭିତ୍ତିଭୂମିକୁ ନଷ୍ଟ କରିଦେଇଛି। ବିଶ୍ୱର ପ୍ରମୁଖ ଫ୍ୟାଶନ ହାଉସ୍‌ରେ ତାଲା ଝୁଲୁଥିବାବେଳେ ଏବେ ମନ ପସନ୍ଦର ପୋଷାକ କିଣିବା ଲାଗି ଅନ୍‌ଲାଇନ୍ ଏକମାତ୍ର ମାଧ୍ୟମ ହୋଇଛି। ଅନ୍‌ଲାଇନ୍‌ରେ ବ୍ରାଇଡାଲ୍ ଡ୍ରେସ୍ ଅର୍ଡର କରୁଥିବାବେଳେ ଗ୍ରାହକଙ୍କ ପ୍ରମୁଖ ଡିମାଣ୍ଡ ପାଲଟିଛି ମ୍ୟାଚିଂ ମାସ୍କ। ଏହାକୁ ପୂରଣ କରିବାକୁ ଫ୍ୟାଶନ ଷ୍ଟୋରଗୁଡ଼ିକ ଏବେ ଉଦ୍ୟମ ଆରମ୍ଭ କରିଛନ୍ତି। ଆୟର୍ଲାଣ୍ଡର ରାଜଧାନୀ ଡବଲିନ୍‌ସ୍ଥିତ ଜଣାଶୁଣା ଫ୍ୟାଶନ ଷ୍ଟୋରର ମାଲିକାଣୀ ଓଆନା ନିକଟରେ କରୋନାକୁ ନେଇ ସ୍ପେଶାଲ ବ୍ରାଇଡାଲ କଲେକ୍ସନ ଆଣିଛନ୍ତି। ଏଥିରେ ଡ୍ରେସ୍‌କୁ ମ୍ୟାଚ୍ କରିବା ଭଳି ମାସ୍କ ମଧ୍ୟ ରହିଛି। କନ୍ୟା ଏବଂ ଏଭଳି ଉତ୍ସବରେ ସାମିଲ ହେବାକୁ ଇଚ୍ଛୁକ ଯୁବତୀମାନେ ସ୍ୱତନ୍ତ୍ର ଧରଣର ମ୍ୟାଚିଂ ମାସ୍କ ଚାହୁଁଥିବାବେଳେ ଏହା ସେମାନଙ୍କ ଡିମାଣ୍ଡକୁ ପୂରଣ କରିବ ବୋଲି ଓଆନା ଆଶା ବାନ୍ଧିଛନ୍ତି।

ଆୟର୍ଲାଣ୍ଡରେ ମାସ୍କ ପିନ୍ଧିବା ବାଧ୍ୟତାମୂଳକ କରାଯାଇଛି। ତେଣୁ ଦିନକୁ ଦିନ ଡ୍ରେସ୍ ସହ ମ୍ୟାଚ୍ କରିବା ଭଳି ମାସ୍କର ଚାହିଦା ବଢ଼ିବାରେ ଲାଗିଛି। ଏ ନେଇ ଓଆନା କୁହନ୍ତି, କରୋନା ମହାମାରୀ କାରଣରୁ ମାର୍ଚ୍ଚ ମଧ୍ୟଭାଗରେ ବଜାର ବନ୍ଦ କରି ଦିଆଯାଇଥିଲା। ଫିଟିଂ ଏବଂ ଡିଜାଇନ୍ ଆପଏଣ୍ଟମେଣ୍ଟ ଉପରେ ରୋକ୍ ଲାଗିଥିଲା। କାରବାର ସମ୍ପୂର୍ଣ୍ଣ ବନ୍ଦ ହୋଇପଡ଼ିଥିବାବେଳେ ଗ୍ରାହକଙ୍କ ସହ ଯୋଡ଼ିହେବାକୁ ଅନ୍‌ଲାଇନ୍‌ର ସାହାରା ନିଆଯାଇଥିଲା। ଏବେ ଅନ୍‌ଲାଇନ୍‌ରେ ଗ୍ରାହକଙ୍କ ମନ ମୁତାବକ ଡ୍ରେସ୍ ତିଆରି କରାଯାଉଛି। ନୂଆ ଆମଦାନୀ ହୋଇପାରୁ ନ ଥିବାରୁ ଷ୍ଟୋରରେ ଥିବା ପୁରୁଣା ସାମଗ୍ରୀରେ ହିଁ ଏହି କାମ କରାଯାଉଛି। ଯାହା ହେଲେ ବି ଗ୍ରାହକଙ୍କ ରୁଚିକୁ ସମ୍ମାନ ଦେବାକୁ ପଡ଼ିବ। ତେଣୁ ଷ୍ଟୋରର ଡିଜାଇନରଙ୍କ ଦ୍ୱାରା ଭଳିକି ଭଳି ହାତ ତିଆରି ମାସ୍କ ତିଆରି କରାଯାଉଛି। ଏହାର ଡିମାଣ୍ଡ ବଢ଼ିବାରେ ଲାଗିଛି। ଆଗାମୀ ଦିନରେ ଏପରି ମାସ୍କ ଭଲ ବ୍ୟବସାୟ କରିବା ସମ୍ଭାବନା ରହିଛି। ଏଥିରୁ ଆଦାୟ ଅର୍ଥର ସିଂହଭାଗ ଫ୍ରଣ୍ଟଲାଇନ୍ ୱାର୍କରଙ୍କ ମଧ୍ୟରେ ବାଣ୍ଟି ଦିଆଯିବ ବୋଲି ଓଆନା କହିଛନ୍ତି।

# ପଶୁପକ୍ଷୀଙ୍କୁ ସାହାଯ୍ୟ ଲାଗି ସନିଙ୍କ ନିବେଦନ



ସନି ଲିଓନ

ମୁମ୍ବାଇ: ବିଶ୍ୱ ବର୍ତ୍ତମାନ କରୋନା କବଳିତ। ଚାଲିଥିବା ସଙ୍କଟ ଜଳ ଜଳ ଦିଶୁଛି। ଏଭଳି ପରିସ୍ଥିତିରେ ମନୁଷ୍ୟ ସହିତ ପଶୁପକ୍ଷୀ ମଧ୍ୟ ହଇରାଣ ହେଉଛନ୍ତି। ସେମାନେ ମଧ୍ୟ ସହାୟତା ଅପେକ୍ଷାରେ ରହିଛନ୍ତି। ବର୍ତ୍ତମାନ ବଲିଉଡ୍ ଅଭିନେତା ଅଭିନେତ୍ରୀ ଗରିବ ଲୋକଙ୍କୁ ସାହାଯ୍ୟ କରିବାକୁ ଆଗେଇ ଆସିଥିବାବେଳେ ପଶୁପକ୍ଷୀଙ୍କୁ ମଧ୍ୟ ସାହାଯ୍ୟ କରୁଛନ୍ତି। ସେମାନଙ୍କ ମଧ୍ୟରୁ ଅଭିନେତ୍ରୀ ସନି ଲିଓନ ଅନ୍ୟତମ। ବଲିଉଡ୍‌ରେ ହଟ୍ ଅଭିନେତ୍ରୀ କହିଲେ ସନିଙ୍କୁ ଅବା କିଏ ନ ଜାଣେ। ଅଭିନୟରେ ଯେମିତି, ବ୍ୟକ୍ତିଗତ ଜୀବନରେ କିନ୍ତୁ ସମ୍ପୂର୍ଣ୍ଣ ଭିନ୍ନ। ସାହଯ୍ୟ ସହାନୁଭୂତି କରିବାରେ ସନି ଏବଂ ତାଙ୍କ ସ୍ୱାମୀ କେବେ ପଛଘୁଞ୍ଚା ଦିଅନ୍ତି ନାହିଁ। ସନି ଏବେ ନିଜ ପରିବାର ସଦସ୍ୟଙ୍କ ସହିତ କାଲିଫର୍ଣ୍ଣିଆରେ ଅଛନ୍ତି। ସେ କାଲିଫର୍ଣ୍ଣିଆର ଏକ ୱାଇଲ୍ଡ ଲାଇଫ୍ ସେଣ୍ଟର୍‌ର ସହାୟତା କରିବା ଲାଗି ହାତ ବଢ଼ାଇଛନ୍ତି। ସେ ଉକ୍ତ ସେଣ୍ଟରରେ ପହଞ୍ଚି ଏକ ଜିରାଫ୍‌କୁ ଖାଦ୍ୟ ଖୁଆଇଛନ୍ତି। ଏହାର ଏକ ଭିଡିଓ ସେ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଛନ୍ତି। ସେ ଲେଖିଛନ୍ତି ଯେ, ୧୯ଫୁଟ୍‌ର ଏହି ଜିରାଫ୍‌କୁ ଖାଦ୍ୟ ଖୁଆଇବା ପରେ ମୋତେ ବହୁତ ଖୁସି ଲାଗିଲା। ମୁଁ ନିଜକୁ ଲକି ମାନୁଛି ଯେ, ମୋତେ ଏମାନଙ୍କୁ ସାହାଯ୍ୟ କରିବାର ସୁଯୋଗ ମିଳିଛି। ମୋର ଏହି କାମରେ ମୋ ପୁଅ ଏବଂ ମୋ ସ୍ୱାମୀ ସାଥିରେ ଅଛନ୍ତି। ଆମ ଦ୍ୱାରା ଯେତେ ସମ୍ଭବ ଆମେ ଜଙ୍ଗଲରେ ରହୁଥିବା ପଶୁପକ୍ଷୀଙ୍କ ଲାଗି ସାହଯ୍ୟ କରିବୁ। ସେ ଆଉ ମଧ୍ୟ କହିଛନ୍ତି ଯେ, କରୋନା ପାଇଁ କେବଳ ମନୁଷ୍ୟ ସମାଜ ହଇରାଣ ହେଉଛି ତା' ନୁହେଁ। ନିରୀହ ପଶୁପକ୍ଷୀ ମଧ୍ୟ ବହୁତ ହଇରାଣ ହେଉଛନ୍ତି। ମନୁଷ୍ୟଙ୍କୁ ସାହଯ୍ୟ ଦରକାର ହେଲେ ସେମାନେ କହି ପାରୁଛନ୍ତି କିନ୍ତୁ ପଶୁପକ୍ଷୀମାନେ କହିପାରୁନାହାନ୍ତି। ତେବେ ଯଥାସମ୍ଭବ ସମସ୍ତେ ପଶୁପକ୍ଷୀଙ୍କୁ ସାହଯ୍ୟ କରିବାକୁ ସନି ନିବେଦନ କରିଛନ୍ତି। ଏହି ଭିଡିଓଟିକୁ ଫ୍ୟାନ୍‌ମାନେ ବେଶ୍ ଲାଇକ୍ ମଧ୍ୟ କରିଛନ୍ତି।

# ନୀରୋଗ ରହିବା ଲାଗି ସାଇକ୍ଲିଂ

ଜାତିସଂଘ: ପ୍ରତିବର୍ଷ ଜୁନ୍ ୩ ତାରିଖକୁ ବିଶ୍ୱ ବାଇସାଇକେଲ ଦିବସ ଭାବେ ପାଳନ କରାଯାଇ ଆସୁଅଛି। ୨୦୧୮ ଏପ୍ରିଲରେ ଜାତିସଂଘ ନିରାପତ୍ତା ପରିଷଦ ପକ୍ଷରୁ ଏହି ଘୋଷଣା କରାଯାଇଥିଲା। ପ୍ରଥମେ ଏହି ଦିବସର ଗୁରୁତ୍ୱକୁ ଉପଲବ୍ଧି କରି ପ୍ରଫେସର ଲେସ୍‌ଜେକ୍ ଶିବିଲ୍ସ୍କି ଆମେରିକାରେ କ୍ୟାମ୍ପେନ୍ ଆରମ୍ଭ କରିଥିଲେ। ପରେ ଏହାକୁ ବିଭିନ୍ନ ଦେଶର ସମର୍ଥନ ମିଳିଥିଲା। ବାଇସାଇକେଲକୁ ମାନବୀୟ ବିକାଶଧାରା ସହ ଯୋଡ଼ାଯାଇଛି। ବାଇସାଇକେଲକୁ ଆପୋସ ବୁଝାମଣା, ସହନଶୀଳତା, ସମ୍ମାନ ଓ ଶାନ୍ତିର ବାହକ ଭାବେ ଦର୍ଶାଯାଇଛି। ପୁଣି ବାଇସାଇକେଲକୁ ପରିବହନର ମାଧ୍ୟମ ଭାବେ ଦର୍ଶାଯାଇ ଏହା ପରିବେଶ ଉପରେ ଭଲ ପ୍ରଭାବ ପକାଇବ ବୋଲି ଦର୍ଶାଯାଇଛି। ମେଦ ବହୁଳତା, ହୃଦ୍‌ରୋଗ, ଡାଇବେଟିସ୍ ଓ ଅନ୍ୟାନ୍ୟ ରୋଗ ଦୂରକରିବା ଲାଗି ବାଇସାଇକେଲ ଚଲାଇବା ବେଶ୍ ଉପଯୋଗୀ ବୋଲି କୁହାଯାଇଛି। ସାଇକେଲ ଚଳାଇବା ଦ୍ୱାରା ଜଣେ ବ୍ୟକ୍ତି ମାନସିକ, ଶାରୀରିକ ଓ ବୌଦ୍ଧିକ ଭାବେ ସୁସ୍ଥ ରହିଥାଏ। ଶିକ୍ଷା, ସ୍ୱାସ୍ଥ୍ୟ, କ୍ରୀଡ଼ା ଆଦି କ୍ଷେତ୍ରରେ ବାଇସାଇକେଲର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଆସିଛି। ପରିବେଶକୁ ଦୂଷିତ ନ କରି ବିନା ଇନ୍ଧନରେ ଏହାକୁ ଯେକେହି ଚଲାଇପାରିବେ। ଏହି ଦିବସ ପାଳନ କରିବା ଲାଗି ବିଭିନ୍ନ ସ୍ଥାନରେ ବକ୍ତୃତା ପ୍ରତିଯୋଗିତା, ବାଇସାଇକେଲ ରାଲି ଆଦି କରାଯାଇଥାଏ। ବିଶ୍ୱ ଉପରେ ଏହି ଦିବସ ପାଳନର ଭଲ ପ୍ରଭାବ ପଡୁଥିବାରୁ ବିଭିନ୍ନ ଦେଶରେ ଏହାକୁ ପାଳନ କରାଯାଇଆସୁଛି।



ବିଶ୍ୱ ବାଇସାଇକେଲ ଦିବସ

# ଏସିଆର ମହଙ୍ଗା ଛାଡ଼ପତ୍ର

**ରାତାରାତି କୋଟିପତି ବନିଲେ ମହିଳା**

ବେଜିଂ: ଛାଡ଼ପତ୍ର ଯୋଗୁ ଜଣେ ମହିଳା ରାତାରାତି କୋଟିପତି ବନିଯାଇଛନ୍ତି। ଚାଇନା ଶେନ୍‌ଝେନ୍‌ର କାଙ୍ଗ୍‌ଟାଇ ବାୟୋଲୋଜିକାଲ ପ୍ରଡକ୍ଟ କମ୍ପାନୀର ଅଧ୍ୟକ୍ଷ ଡ୍ୟୁ ୱେଇମିନ୍ ତାଙ୍କ ସ୍ତ୍ରୀ ୟୁଆନ୍ ଲିପିଂଙ୍କୁ ଛାଡ଼ପତ୍ର କ୍ଷତିପୂରଣ ବାବଦରେ ଭାକସିନ୍ ମେକରର ୧୬୧.୩ ନିୟୁତ ଶେୟାର ପ୍ରଦାନ କରିଛନ୍ତି। ଏହାଦ୍ୱାରା ଲିପିଂ ରାତାରାତି ପୃଥିବୀର କୋଟିପତି ତାଲିକାରେ ସାମିଲ ହୋଇଯାଇଛନ୍ତି। ସୋମବାର ପର୍ଯ୍ୟନ୍ତ ଏହାର ଷ୍ଟକ୍‌ର ମୂଲ୍ୟ ୩.୨ ଶହ କୋଟି ଡଲାର ଥିଲା। କାଙ୍ଗଟାଇର ଶେୟାର ଗତ ଏକବର୍ଷ ମଧ୍ୟରେ ଦୁଇଗୁଣରୁ ଅଧିକରେ ପହଞ୍ଚିଥିଲା। ଫେବୃୟାରୀ ପରେ ଏହାର ମୂଲ୍ୟରେ ବୃଦ୍ଧି ଘଟି ଚାଲିଥିଲା। ନିକଟରେ କମ୍ପାନୀ କରୋନା ପ୍ରତିଷେଧକ ଟିକା ପ୍ରସ୍ତୁତି ସମ୍ପର୍କରେ ଘୋଷଣା କରିଥିଲା। ତେବେ ମଙ୍ଗଳବାର ଛାଡ଼ପତ୍ର ସର୍ତ୍ତ ଖବର ମିଳିବା ପରେ କମ୍ପାନୀର ଶେୟାର ମୂଲ୍ୟ ହ୍ରାସ ପାଇବାରେ ଲାଗିଛି। ୫୬ ବର୍ଷୀୟ ଡ୍ୟୁଙ୍କ ଜନ୍ମ ଚାଇନାର ଜିୟାଙ୍ଗ୍‌ଶି ପ୍ରଦେଶରେ ଏକ ଚାଷୀ ପରିବାରରେ ହୋଇଥିଲା। ୨୦୦୯ରେ ସେ କଙ୍ଗ୍‌ଟାଇ ଅଧିଗ୍ରହଣ କରିଥିଲେ। ସେହିପରି ଲିପିଂ କାନାଡ଼ାର ବାସିନ୍ଦା। ଏବେ ସେ ଚାଇନାର ଶେନ୍‌ଝେନ୍‌ରେ ବାସ କରୁଛନ୍ତି।



ଶାହରୁଖ୍ ଖାନ୍

**ମୃତ ମା'ଙ୍କ ନିକଟରେ ଖେଳୁଥିବା ଶିଶୁ ପାଇଁ**

# ସହଯୋଗ ହାତ ବଢ଼ାଇଲେ ଶାହରୁଖ୍

ମୁମ୍ବାଇ: କିଛିଦିନ ତଳେ ଶ୍ରମିକ ସ୍ପେଶାଲ ଟ୍ରେନରେ ଯାତ୍ରା କରିଥିବା ଜଣେ ପ୍ରବାସୀ ମହିଳା ଶ୍ରମିକଙ୍କର ବିହାର ମୁଜଫରପୁର ରେଲୱେ ଷ୍ଟେଶନରେ ମୃତ୍ୟୁ ହୋଇଥିଲା। ଆଉ ମୃତଦେହ ନିକଟରେ ତାଙ୍କର ଦେଢ ବର୍ଷର ଶିଶୁ ଯେଭଳି ଭାବେ ମା'କୁ ଉଠାଇବାକୁ ଚେଷ୍ଟା କରୁଥିଲା ତା'ର ଏକ ହୃଦୟ ବିଦାରକ ଭିଡିଓ ସୋସିଆଲ ମିଡିଆରେ ଆସିବା ପରେ ଘଟଣାଟି ଚର୍ଚ୍ଚାକୁ ଆସିଥିଲା। ଏବେ ଏହି ଶିଶୁଟିକୁ ସହଯୋଗର ହାତ ବଢାଇଛନ୍ତି ବଲିଉଡ୍ ନାୟକ ଶାହରୁଖ୍ ଖାଁ। ବଲିଉଡ୍ ବାଦଶାହା ଶାହରୁଖ୍‌ଙ୍କ ମିର୍ ଫାଉଣ୍ଡେଶନ ଶିଶୁଟିର ଠିକଣା ଖୋଜି ବାହାର କରିବା ପରେ ଏବେ ତା'ର ସମସ୍ତ ଖର୍ଚ୍ଚ ସହ ପରିବାରର ଦେଖାରଖା କରିବ ବୋଲି ଜଣାପଡିଛି। ଏହାସହ ଶିଶୁଟିର ପରିବାର ପାଖରେ ପହଞ୍ଚିବାକୁ ଶାହରୁଖ୍‌ଙ୍କୁ ଯେଉଁମାନେ ସାହାଯ୍ୟ କରିଛନ୍ତି, ସମସ୍ତଙ୍କୁ ସେ ଧନ୍ୟବାଦ ଜଣାଇଛନ୍ତି। ଏବେ ଏହି ଶିଶୁ ଓ ତା'ର ବଡ ଭାଇ ଜେଜେ, ଜେଜେମା'ଙ୍କ ପାଖରେ ରହୁଛନ୍ତି। ପିଲାଦିନୁ ପିତାମାତାଙ୍କୁ ହରାଇବା କେତେ କଷ୍ଟ ତାହା ଶାହରୁଖ୍ ଅଙ୍ଗେ ଲିଭାଇଥିବା କଥା ପ୍ରକାଶ କରିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ପିଲାଦିନେ ଶାହରୁଖ୍ ତାଙ୍କ ପିତାଙ୍କୁ ହରାଇଥିବା ବେଳେ ପାଖାପାଖି ୩୦ ବର୍ଷତଳେ ସେ ତାଙ୍କ ମା'ଙ୍କୁ ବି ହରାଇ ବସିଛନ୍ତି।

# କରୋନା ଭ୍ୟାକ୍ସିନ୍‌କୁ ନେଇ ଗୁଡ୍ ନ୍ୟୁଜ୍

ମୁମ୍ବାଇ

ମହାମାରୀ କରୋନା ଯୋଗୁ ନାହିଁ ନ ଥିବା ଅସୁବିଧା ଭୋଗ କରିବାକୁ ପଡୁଛି। ଏଥିରୁ ବର୍ତ୍ତିବା ଲାଗି ସରକାର ନାନା ପ୍ରକାର କଟକଣା ଲଗାଇଛନ୍ତି। ଏବେ ସୁଦ୍ଧା ଅନେକ ରୋଗୀ ସୁସ୍ଥ ହୋଇଥିଲେ ହେଁ କରୋନାର ସଫଳ ଚିକିତ୍ସା ଲାଗି ଏପର୍ଯ୍ୟନ୍ତ ଭ୍ୟାକ୍ସିନ୍ ବିଶ୍ୱରେ ବାହାରି ନାହିଁ। କୌଣସି ଦେଶକୁ ଏପର୍ଯ୍ୟନ୍ତ ସଫଳତା ମିଳିନାହିଁ। ସବୁଠାରୁ ଆଗରେ ଆମେରିକା, ଚାଇନା ଓ ରୁଷିଆ ଅଛନ୍ତି। ସାରା ବିଶ୍ୱରେ ଏବେ ସଂକ୍ରମିତଙ୍କ ସଂଖ୍ୟା ୬୪ ଲକ୍ଷରେ ପହଞ୍ଚି ଥିବାବେଳେ ୩ .୭୭ ଲକ୍ଷରୁ ଅଧିକ ଲୋକଙ୍କ ଜୀବନ ଗଲାଣି। ବିଶ୍ୱସ୍ତରୀୟ ସଙ୍ଗଠନଗୁଡ଼ିକ ଏ କ୍ଷେତ୍ରରେ ସଫଳତା ପାଇବାରେ ଫେଲ୍ ମାରିଛନ୍ତି। ପ୍ରତ୍ୟେକ ଦେଶ ନିଜ ନିଜ ପ୍ରୟାସରେ ଭ୍ୟାକ୍ସିନ୍ ପ୍ରସ୍ତୁତି ଜାରି ରଖିଛନ୍ତି। ଯେତେ ଜଲ୍‌ଦି ଭ୍ୟାକ୍ସିନ୍ ବାହାରିବ, ସେତେ ଭଲ। ଏପର୍ଯ୍ୟନ୍ତ ଚାଇନାର କାନ୍‌ସିନୋ ଆଡେନୋ ଭାଇରସ୍ ଭ୍ୟାକ୍ସିନ୍, ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟର ଆଡେନୋଭାଇରସ୍ ଭ୍ୟାକ୍ସିନ୍, ମୋଡେର୍ନାର ଏମ୍‌ଆର୍‌ନା ଭ୍ୟାକ୍ସିନ୍ ଓ ନୋଭାରକ୍ସ ଭ୍ୟାକ୍ସିନ ଓ ହାଇଡ୍ରୋକ୍ସି କ୍ଲୋରୋକୁଇନ୍ ଭଳି କେତେକ ଔଷଧ ସଫଳତାର ସହ କରୋନା ରୋଗୀଙ୍କ ଆରୋଗ୍ୟ ଲାଗି ଦିଆଯାଉଛି। ପ୍ରାରମ୍ଭରୁ ଏହା ଅଧିକ ପ୍ରଭାବୀ ସାବ୍ୟସ୍ତ ମଧ୍ୟ ହୋଇଛି। ସଫଳ ଭ୍ୟାକ୍ସିନ୍ ଲାଗି ଭାରତର ମଧ୍ୟ ପ୍ରୟାସ ଜାରି ରହିଛି। ହେଲେ ଚାଇନା, ଆମେରିକା ଓ ରୁଷ ଏକ୍ଷେତ୍ରରେ ଶୀଘ୍ର ସଫଳ ହେବା ସମ୍ଭାବନା ରହିଛି।




ବିଭିନ୍ନ ଦେଶ ପକ୍ଷରୁ ଏଥିଲାଗି ପ୍ରୟାସ ଜାରି ରହିଥିବା ବେଳେ ଏନେଇ ଏବେ କେତେକ ଗୁଡ୍ ନ୍ୟୁଜ୍ ସାମ୍ନାକୁ ଆସିଛି। ଆମେରିକୀୟ କମ୍ପାନୀ 'ମୋଡେର୍ନା' ପକ୍ଷରୁ ଏନେଇ ଭ୍ୟାକ୍ସିନ୍ ବାହାର କରାଯାଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟ ପରୀକ୍ଷା ଜାରି ରହିଛି। ଏହାର କ୍ଲିନିକାଲ ଟ୍ରାଏଲ ଆରମ୍ଭ ହୋଇଥିବା ବେଳେ ୬୦୦ ଲୋକଙ୍କ ପାଖରେ ଏହାକୁ ପରୀକ୍ଷା କରାଯିବ ବୋଲି ଜଣାପଡ଼ିଛି। ରୁଷରେ ମଧ୍ୟ କରୋନା ରୋଗୀଙ୍କ ଲାଗି ପ୍ରସ୍ତୁତ ଭ୍ୟାକ୍ସିନ୍ 'ଆଭିଫାଭିର' ଆସନ୍ତା ସପ୍ତାହରୁ ଦିଆଯିବ ବୋଲି ଜଣାପଡ଼ିଛି। ବିଶ୍ୱବ୍ୟାପୀ ୧୨୦ ପ୍ରକାର ଭ୍ୟାକ୍ସିନ୍ ଲାଗି ପ୍ରୟାସ ଜାରି ରହିଥିବା ବେଳେ ପାଖାପାଖି ୧୦ ଜଣ ମଣିଷଙ୍କ ଉପରେ ଟ୍ରାଏଲ କରାଯାଇଛି। ଚାଇନା କମ୍ପାନୀ 'ସିନୋଭାକ୍ ବାୟୋଟେକ୍' ଭ୍ୟାକ୍ସିନ୍ ବାହାର କରାଯାଇଥିବା ବେଳେ ଏହା ୯୯% ସଫଳ ବୋଲି ଦାବି କରାଯାଇଛି। ଆସନ୍ତାବର୍ଷ ବେଳକୁ ଏହି ଭ୍ୟାକ୍ସିନ ବଜାର ପ୍ରବେଶ କରିବ ବୋଲି କୁହାଯାଉଛି। ଚାଇନାରେ ଏପର୍ଯ୍ୟନ୍ତ ୫ ଭ୍ୟାକ୍ସିନ୍ ମଣିଷଙ୍କ ଉପରେ ପରୀକ୍ଷା କରାଯାଇ ସାରିଲାଣି। ବିଶ୍ୱବ୍ୟାପୀ ବିଭିନ୍ନ ଦେଶରେ କରୋନା ଭୂତାଣୁରୁ ମୁକ୍ତି ପାଇବା ଲାଗି ଭ୍ୟାକ୍ସିନ୍ ପ୍ରସ୍ତୁତି ଆରମ୍ଭ ହୋଇସାରିଛି।

# ପଙ୍ଗପାଳ ସମସ୍ୟାର ଆଧୁନିକ ସମାଧାନ





ଲକ୍ଷ୍ନୌ: ଏବେ ପ୍ରାୟ ଅଧିକାଂଶ ରାଜ୍ୟରେ ଆତଙ୍କ ସୃଷ୍ଟି କଲେଣି ପଙ୍ଗପାଳ। ଏମାନଙ୍କୁ ଘଉଡ଼ାଇବା ପାଇଁ ବିଭିନ୍ନ ଅଞ୍ଚଳର ଚାଷୀମାନେ ନୂଆ ନୂଆ କୌଶଳ ଆପଣାଇବାରେ ଲାଗିଛନ୍ତି। କେହି କେହି ଚାଷଜମି ମଝିରେ ଡିଜେ ଲଗାଉଛନ୍ତି ତ କେହି ବାଜା, ମାଇକ୍ ବ୍ୟବସ୍ଥା କରି ଗୀତ ବଜାଉଛନ୍ତି। ପଙ୍ଗପାଳଙ୍କୁ ଘଉଡ଼ାଇବା ପାଇଁ ଏକ ସ୍ୱତନ୍ତ୍ର ଉପାୟ ଆପଣାଇ ଚର୍ଚ୍ଚିତ ହୋଇଛନ୍ତି ଉତ୍ତରପ୍ରଦେଶର ଜଣେ ଚାଷୀ। ପଙ୍ଗପାଳ ଘଉଡ଼ାଇବା ପାଇଁ ଜଣେ ଚାଷୀ ଜମି ମଝିରେ ଏକ ବଡ଼ ଖୁଣ୍ଟ ପୋତି ସେଥିରେ ଏକ ବଡ଼ ବୋତଲ ବାନ୍ଧି ସେଥିରେ ଏକ ଫ୍ୟାନ୍ ସଂଯୁକ୍ତ କରିଛନ୍ତି। ବୋତଲର ଅନ୍ୟ ପଟରେ ଏକ କେଟେଲ ଡ୍ରମ୍‌କୁ ଏଭଳି ଭାବରେ ସଂଯୁକ୍ତ କରିଛନ୍ତି ଯେ ପବନରେ ଫ୍ୟାନ୍ ଘୂରିବା ମାତ୍ରେ ଅନ୍ୟପଟେ ଥିବା କେଟେଲ ଡ୍ରମ୍‌ଟି ଜୋରରେ ବାଜିଥାଏ। ତେଣୁ ଏଥିରୁ ବାହାରୁଥିବା ଶବ୍ଦରେ ଚାଷଜମି ଭିତରକୁ ପଙ୍ଗପାଳ ଆଦୌ ଆସିବେ ନାହିଁ। ଚାଷଜମିରେ ଏଭଳି ବ୍ୟବସ୍ଥା ହୋଇଥିବାର ଏକ ଭିଡିଓକୁ ପ୍ରଥମେ ଉତ୍ତରପ୍ରଦେଶ ପୋଲିସ ଅଫିସର ରାହୁଲ ଶ୍ରୀବାସ୍ତବ ସୋସିଆଲ୍ ମିଡିଆରେ ଶେୟାର କରିଥିଲେ। ଏହାପରେ ଅନ୍ୟଜଣେ ଆଇଏଫ୍‌ଏସ୍ ଅଫିସର ପରଭିନ୍ କଶୱାନ୍ ଏହାକୁ ଶେୟାର କରିଥିଲେ ଓ ଏହାର କ୍ୟାପଶନରେ ଲେଖିଥିଲେ ଆଧୁନିକ ସମସ୍ୟାର ଆଧୁନିକ ସମାଧାନ। ଏହା ପରଠାରୁ ସୋସିଆଲ୍ ମିଡିଆରେ ଭିଡିଓଟିକୁ ଲୋକେ ଖୁବ୍ ପସନ୍ଦ କରିଛନ୍ତି। ଏଭଳି ଏକ ଚିନ୍ତାଧାରା ନିମନ୍ତେ ସମ୍ପୃକ୍ତ ଚାଷୀଙ୍କୁ ଲୋକେ ଖୁବ୍ ପ୍ରଶଂସା କରିଛନ୍ତି।

# କରୋନାମୁକ୍ତ ପରିବା





ପ୍ରଫେସର ସୁବୋଧ କୁମାର ସାହୁ

କରୋନାଜନିତ ଭୂତାଣୁ ରୋଗ ବର୍ତ୍ତମାନ ସମଗ୍ର ବିଶ୍ୱବାସୀଙ୍କୁ ଭୟଭୀତ କରିରଖିଛି । ପୃଥିବୀରେ ପ୍ରତିଦିନ ଲକ୍ଷ ଲକ୍ଷ ଲୋକ ଏହି ଭୂତାଣୁ ଦ୍ୱାରା ଆକ୍ରାନ୍ତ ହେଉଥିବା ବେଳେ ହଜାର ହଜାର ସଂଖ୍ୟାରେ କରୋନା ରୋଗୀ ମରୁଛନ୍ତି।

କରୋନା ଏକ ନିର୍ଜୀବ ପ୍ରୋଟିନ ଶ୍ରେଣୀଭୁକ୍ତ ଭୂତାଣୁ । ଉକ୍ତ ଭୂତାଣୁ ଅତି କ୍ଷୁଦ୍ର ଏବଂ ସୂକ୍ଷ୍ମ । ଏହା ଖାଲି ଆଖିରେ ଦେଖି ହୁଏ ନାହିଁ । କେବଳ ଉଚ୍ଚ କ୍ଷମତାପନ୍ନ ଇଲେକ୍ଟ୍ରୋନିକ ଅଣୁବୀକ୍ଷଣ ଯନ୍ତ୍ର ଦ୍ୱାରା ଦୃଶ୍ୟ ହୁଏ। ଏହାର ଗୋଲେଇ ୧୨୫ ନାନୋମିଟର ଅର୍ଥାତ ୧୨୫ କୋଟି ମିଟରର ଏକ ଭାଗରୁ ଭାଗେ । ତେଣୁ ଉକ୍ତ କଣିକାଗୁଡିକ ଆକ୍ରାନ୍ତ ରୋଗୀର ଲାଳ, ଛେପ, ଖଙ୍କାର ଆଦିରେ ଥାଆନ୍ତି। ରୋଗୀ ଛିଙ୍କିଲେ, କାଶିଲେ ଏବଂ ଛେପ ପକାଇଲେ, ନାକ ଓ ପାଟିରୁ ନିର୍ଗତ ଜଳୀୟ ଅଂଶରେ ହଜାର ହଜାର ସଂଖ୍ୟାରେ ଭାସୁଥାନ୍ତି। ଉକ୍ତ ଜଳୀୟ ଅଂଶ ନିକଟସ୍ଥ ସୁସ୍ଥ ଲୋକର ନାକ, ପାଟି ଓ ସମୟେ ସମୟେ ଆଖି ବାଟରେ ଶରୀର ଭିତରକୁ ପ୍ରବେଶ କରି ଫୁସଫୁସ ମଧ୍ୟରେ ଶହ ଶହ ସଂଖ୍ୟାରେ ବଢନ୍ତି।

କରୋନା ଆକ୍ରାନ୍ତ ରୋଗୀର ଶରୀରରେ ରୋଗର ଲକ୍ଷଣ ୧୪ ଦିନ ପର୍ଯ୍ୟନ୍ତ ହଠାତ୍ ଜଣାପଡେନି । କିନ୍ତୁ ରୋଗୀର ରକ୍ତ ପରୀକ୍ଷାରୁ ଭୂତାଣୁର ଅବସ୍ଥିତ ଜଣାପଡେ । ସମୟ ଆସେ ଫୁସଫୁସରେ ଭୂତାଣୁ ସଂଖ୍ୟା ବଢିଗଲେ କାଶ, ଛିଙ୍କ ଆଖିରୁ ପାଣି ବାହାରିବା ସହ ଦେହ ହାତ ଘୋଳାବିନ୍ଧା ଓ ମୁଣ୍ଡବିନ୍ଧା ହୋଇ ଦେହର ଉତ୍ତାପ ବଢେ। କରୋନା ଭୂତାଣୁ ପାଇଁ ଏପର୍ଯ୍ୟନ୍ତ କୌଣସି ଟିକା (ଭ୍ୟାକ୍ସିନ) ଏବଂ ଔଷଧ ଉଦ୍ଭାବନ ହୋଇପାରିନି । କେବଳ ସଙ୍ଗରୋଧ, ପରିଷ୍କାର ପରିଚ୍ଛନ୍ନତା, ମୁହଁରେ ମାସ୍କ ପିନ୍ଧିବା ଏବଂ ହାତ ଧୋଇବା ଆଦି ପଦ୍ଧତି ଅବଲମ୍ବନ କଲେ କରୋନା ରୋଗଠାରୁ ଦୂରେଇ ରହିପାରିବା।

ଶରୀରରୁ ନିର୍ଗତ କଫ, କାଶ ଓ ଲାଳ ଆଦି ବାହାରି ଯେକୌସି ପଦାର୍ଥ ବା ବସ୍ତୁରେ ପଡ଼ିଲେ କୋରନା ଭୂତାଣୁଗୁଡିକ ସହଜରେ ଲାଖି ରହନ୍ତି । ଅଣୁବୀକ୍ଷଣ ଯନ୍ତ୍ରରେ କରୋନା ଭୂତାଣୁ ଗୋଲାକାର ଦେଖାଯାଏ ଏବଂ ଏଥିରେ ଅନେକ କିଳା ବା ଆଙ୍କୁଶ ପରି କିଛି ଅଂଶ ଥାଏ, ଯାହା କି ଜଳୀୟ କଣା ମଧ୍ୟରେ ଭାସୁଥାନ୍ତି । ଉକ୍ତ ଭୂତାଣୁ ଯେକୌଣସି ପଦାର୍ଥ ଯଥା– କାଠ, ବାଉଁଶ, ଲୁହା, କପଡା, କାଗଜ ଓ ପନିପରିବା ଆଦିରେ ଲାଗି ରହି ୩ ରୁ ୧୬ ଘଣ୍ଟା ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ରହନ୍ତି । ଏହି ସବୁ ପଦାର୍ଥ ସଂସ୍ପର୍ଶରେ ଆମେ ଆସିଲେ ଆମ ଦେହରେ ରୋଗ ସୃଷ୍ଟି ହୁଏ।

ପନିପରିବା ଆମର ଏକ ନିତ୍ୟ ବ୍ୟବହାର୍ଯ୍ୟ ଖାଦ୍ୟ, ଏଣୁ କରୋନା ଭୂତାଣୁ ରୋଗୀର ଜଣା ବା ଅଜାଣତରେ ଯେ କୌଣସି ସମୟ ଓ ଅବସ୍ଥାରେ ଏହା ସଂସ୍ପର୍ଶରେ ଆସି ଆମ ଶରୀରର ପାଟି ଓ ନାକବାଟେ ପ୍ରବେଶ କରିପାରନ୍ତି।

ଖେତ ତଥା ବାଡି ବଗିଚାରୁ ପରିବା ତୋଳାଠାରୁ ଆରମ୍ଭ କରି ବଜାରରେ ବିକ୍ରିବଟା ପର୍ଯ୍ୟନ୍ତ କରୋନା ଭୂତାଣୁ ରୋଗୀ ସଂସ୍ପର୍ଶରେ ଆସିବାର ଆଶଙ୍କା ଅଛି । ତେଣୁ ବିଭିନ୍ନ ସମୟରେ ପରିବା ଚାଷୀ କେତେକ ସତର୍କତା ଅବଲମ୍ବନ କରିବା ଜରୁରୀ।

ପରିବା ତୋଳିବା ସମୟରେ ଘରର ପ୍ରାୟ ସମସ୍ତ ସଦସ୍ୟ ବଗିଚାକୁ ଯାଆନ୍ତି। ପରିବା ତୋଳିବା ସମୟରେ ସବୁ ସଦସ୍ୟ ମୁହଁରେ ମାସ୍କ ବା ରୁମାଲ ବା ଗାମୁଛା ଅଥବା ଶାଢି କାନିକୁ ମୁହଁରେ ବାନ୍ଧି ନିଜ ନିଜ ମଧ୍ୟରେ ଏକ ମିଟର ଦୂରତା ରଖି ପରିବା ତୋଳିବା ଆବଶ୍ୟକ। ପରିବା ତୋଳିବା ସମୟରେ ହାତରେ ଗ୍ଲୋଭ୍ସ ଲଗାଇ ବଗିଚାକୁ ଯାଆନ୍ତୁ । ତୋଳା ପରିବାକୁ ବାଉଁଶ ବା ପ୍ଲାଷ୍ଟିକ ଝୁଡିରେ ରଖନ୍ତୁ। ଘରକୁ ପରିବା ଝୁଡି ଆଣି ବିଶୁଦ୍ଧ ପାଣିରେ କିଛି ସମୟ ଧୋଇ ଘର ବାରଣ୍ଡାରେ ଅବା ବାଡି ପଛ ପଟେ ଏକ ଘଣ୍ଟା ପର୍ଯ୍ୟନ୍ତ ରଖନ୍ତୁ। ସାବୁନ ପାଣିରେ ହାତ ଓ ଗ୍ଲୋଭ୍ସକୁ ଧୋଇ ଖରାରେ ଶୁଖାନ୍ତୁ । ପରିବାକୁ ଶୁଖିଲା ଝୋଟ ବ୍ୟାଗରେ ଥୋଇ ମୁହଁରେ ମାସ୍କ ପିନ୍ଧି ବଜାରକୁ ବିକ୍ରି ପାଇଁ ନିଅନ୍ତୁ।

ନିୟନ୍ତ୍ରିତ ବଜାରରେ ଗ୍ରାହକ ପରିବା କ୍ରୟ ପାଇଁ ଆସି ନିଜ ନିଜ ମଧ୍ୟରେ ସାମାଜିକ ଦୂରତା ରଖି ମୁହଁରେ ମାସ୍କ ଲଗାଇ ପରିବା କିଣନ୍ତୁ। ଚାଷୀ ପରିବା ବିକ୍ରି ପରେ ନିଜର ତରାଜୁ, ବଟକରା ପରିବା ବସ୍ତା ତଥା ମାସ୍କକୁ ସାବୁନରେ ଧୋଇ ଖରାରେ ଶୁଖାଇ ରଖିବା ଆବଶ୍ୟକ।

ପରିବାକୁ ରୋଷେଇ କରିବା ପୂର୍ବରୁ ଏହାକୁ ବିଭିନ୍ନ ଉପଚାରକରି ରୋଷେଇକଲେ ବିଶେଷ ଉପକାର ପାଇବେ । ପ୍ରଥମେ ପରିବାକୁ ବିଶୁଦ୍ଧ ପାଣିରେ ଧୋଇ ନିମ୍ନ ଲିଖିତ ଯେକୌଣସି ଗୋଟିଏ ଉପଚାର କଲେ ଆମେ ରୋଗଠାରୁ ଦୂରେଇ ରହିବା।

— ପାଣିରେ ଧୁଆ ପରିବାକୁ ଶତକଡା ୧୦ଭାଗ ଲୁଣ ପାଣି ଅର୍ଥାତ ଏକ ଲିଟର ପାଣିରେ ୧୦୦ ଗ୍ରାମ ଖାଇବା ଲୁଣ ଦ୍ରବଣରେ ଧୁଅନ୍ତୁ।

— ଏକ ଲିଟର ପାଣିରେ ୫ ଗ୍ରାମ ସୋଡିୟମ ବାଇକାର୍ବୋନେଟ (ଖାଇବା ସୋଡା)ରେ ଦ୍ରବଣରେ ଧୁଅନ୍ତୁ।

— ଘରେ ଭିନେଗାର ଥିଲେ ଏକ ଲିଟର ପାଣିରେ ୧୦୦ ମିଲି ଭିନେଗାର ଦ୍ରବଣରେ ଧୋଇ ପରିବା ରୋଷେଇ କରନ୍ତୁ।

ସର୍ବୋପରି ପରିବା ତୋଳାଠାରୁ, ବିକ୍ରିବଟା ଏବଂ ରୋଷେଇ ପର୍ଯ୍ୟନ୍ତ ଉପରୋକ୍ତ ବିଭିନ୍ନ ସତର୍କତା ଅବଲମ୍ବନ କଲେ ଆମେ ସୁସ୍ଥ ରହିବା ଏବଂ କରୋନା ଯୁଦ୍ଧରେ ଜିତିବା।

*–ଶୈଳଶ୍ରୀବିହାର, ଭୁବନେଶ୍ୱର,*
*ମୋ:୯୫୫୬୨୬୬୦୮୫*

# କିପରି କରିବେ ଫଳ ବଗିଚା କାମ

ଆମ୍ବ, ଲେମ୍ବୁ, କମଳା, ପିଜୁଳି, ସପେଟା, କଦଳୀ, ନଡ଼ିଆ, ଲିଚୁ ଆଦି ଫଳଗଛ ଲଗାଇବା ପାଇଁ ଏବେଠାରୁ ଜମି ପ୍ରସ୍ତୁତ କରନ୍ତୁ। ଏଥିପାଇଁ ନିମ୍ନ ପରିମାପର ଗାତ ଖୋଳି କିଛି ଦିନ ପାଇଁ ଛାଡ଼ି ଦିଅନ୍ତୁ । ବିଭିନ୍ନ ଫଳଗଛ ଲାଗି ଗାତର ଆକାର ହେଲା:–

**ଆମ୍ବ ଓ ସପେଟା :** ୧ ମି. x ୧ ମି. x ୧ ମି.
**ନଡ଼ିଆ :** ୧ ମି. x ୧ ମି. x ୧ ମି.
**କଦଳୀ :** ୦.୫ ମି. x ୦.୫ ମି. x ୦.୫ ମି.
**କମଳା/ଲେମ୍ବୁ :** ୦.୬ ମି. x ୦.୬ ମି.x ୦.୬ ମି.

ଗାତ ଖୋଳି ଉପର ୬ ଇଞ୍ଚ ମାଟିକୁ ଏକ ପଟେ ଓ ତଳମାଟିକୁ ବିପରୀତ ଦିଗରେ ରଖନ୍ତୁ । ଅନାବନା କାଠିକୁଟା ଓ ପତ୍ର ପକାଇ ଗାତ ଭିତରେ ନିଆଁ ଲଗାଇ ଦିଅନ୍ତୁ। ଗାତ ପ୍ରତି ୨ ଝୁଡ଼ି ଗୋବର ଖତ, ୧୦୦ ଗ୍ରାମ୍ ଫସ୍‌ଫରସ୍ ଓ ୬୦ ଗ୍ରାମ୍ ପଟାସ୍ ସାର ଦିଅନ୍ତୁ । ଏସବୁକୁ ଉପର ମାଟିରେ ଫେଣ୍ଟି ଉପର ମାଟି ତଳେ ଓ ତଳମାଟି ଉପରେ ରଖି ପ୍ରାକୃତିକ ଉପାୟରେ ବିଘଟିତ ହେବା ପାଇଁ ଛାଡ଼ି ଦିଅନ୍ତୁ।



### ନର୍ସରି କାର୍ଯ୍ୟକ୍ରମ

– ଆମ୍ବ ଟାକୁଆ ସଂଗ୍ରହ କରି ଚାରା ପକାନ୍ତୁ ।
– ଆମ୍ବ ଚାରାକୁ ପଲିଥିନ୍‌ରେ ଭରନ୍ତୁ ।
– ଅମୃତଭଣ୍ଡା ଚାରାକୁ ପଲିଥିନ୍‌ରେ ଭରି ଛାଇରେ ରଖନ୍ତୁ ।
–ମାଆ ଗଛଗୁଡ଼ିକରେ ପ୍ରଥମ ଦଫା ସାର, ଶଢ଼ା ଗୋବର ଖତ ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ ।
– ନୂତନ ଗଛଗୁଡ଼ିକରେ ଛାଇ ପ୍ରଦାନ ସହିତ ଜଳସେଚନ କରନ୍ତୁ ।
– ମଞ୍ଜି ନଡ଼ିଆକୁ ନର୍ସରିରେ ପୋତନ୍ତୁ ।
– ସପେଟା କଲମୀ କରନ୍ତୁ ।
– ବାତ୍ୟାରେ ଭାଙ୍ଗି ପଡ଼ିଥିବା ଡାଳପତ୍ର ସବୁକୁ ବଗିଚାରୁ ସଫା କରି କମ୍ପୋଷ୍ଟ ଖାତରେ ଭରି ଦିଅନ୍ତୁ।

**ନଳିତା**

– ନଳିତା ଫସଲର ଘାସବଛା କାର୍ଯ୍ୟ ଶୀଘ୍ର ଶେଷ କରନ୍ତୁ ।
– ଫସଲ ଗଜା ହେବାର ୨୧ ଦିନ ମଧ୍ୟରେ ପ୍ରଥମ ଥର ଓ ଏହାର ଠିକ୍ ୭ ଦିନ ପରେ ଆଉଥରେ କୋଡ଼ାଖୁସା ଓ ଘାସ ବଛା କରି ଗଛ ପତଳା କରି ଦିଅନ୍ତୁ, ଯେପରି ଗଛକୁ ଗଛ ୫ ରୁ ୭ ସେ.ମି. ମଧ୍ୟରେ ବ୍ୟବଧାନ ରହିବ ।
– ଏହି ସମୟରେ ହେକ୍ଟର ପ୍ରତି ୨୦–୩୦ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗ କରନ୍ତୁ ।
– ଜମିରେ ଜଳ ନିଷ୍କାସନର ବ୍ୟବସ୍ଥା କରନ୍ତୁ ।
– ଏ ମାସରେ ଘୋଡ଼ାପୋକ ଓ ପତ୍ରକଟା ପୋକ ଦ୍ୱାରା ଫସଲ ଆକ୍ରାନ୍ତ ହୋଇଥାଏ । ଏହାକୁ ନିୟନ୍ତ୍ରଣ କରିବାକୁ ହେଲେ ହେକ୍ଟର ପ୍ରତି ୧ଲିଟର ପ୍ରୋଫେନୋଫସ୍ ବା ୧ ଲିଟର ଟ୍ରାଇଆଜୋଫସ୍ ୫୦୦ ଲିଟର ପାଣିରେ ମିଶାଇ ପତ୍ର ସିଞ୍ଚନ କରନ୍ତୁ ।

# ମକାର ଉନ୍ନତ କିସମ

ଏବେ ମକା ଚାଷର ଉପଯୁକ୍ତ ସମୟ। ତେଣୁ ମକା ବୁଣିବା କାର୍ଯ୍ୟ ଶୀଘ୍ର ଶେଷ କରନ୍ତୁ। ମକାର ଉନ୍ନତ କିସମ ମଧ୍ୟରେ ରହିଛି–ନଭଜୋତ୍, ବିଜୟା, ଶକ୍ତି, ଡେକାନ୍–୧୦୬ ଓ ଡେକାନ୍–୧୦୯। ଏକର ପିଛା ଛଅ କିଗ୍ରା ବିହନ ବ୍ୟବହାର କରନ୍ତୁ। ପ୍ରତି କିଗ୍ରା ବିହନରେ ୩ ଗ୍ରାମ କ୍ୟାପଟାନ୍ କିମ୍ବା ଥିରାମ ବିହନ ବିଶୋଧନ କରନ୍ତୁ। ବିହନକୁ ୫ସେମି ଗଭୀରତାରେ ୫୦–୩୦ସେମି ବ୍ୟବଧାନରେ ବୁଣନ୍ତୁ। ଏକର ପ୍ରତି ମୂଳସାର ହିସାବରେ ୮:୧୬:୧୬ କିଗ୍ରା ଯବକ୍ଷାରଜାନ, ଫସଫରସ ଓ ପଟାସ୍ ଖାଦ୍ୟସାରକୁ ସିଆରରେ ପ୍ରୟୋଗ କରନ୍ତୁ। ବିହନକୁ ବୁଣିବା ପୂର୍ବରୁ ଜୀବାଣୁ ସାର, ଯଥା– ଆଜୋଟୋବ୍ୟାକ୍ଟର, ଆଜୋସ୍ପିରିଲମ୍ (କିଗ୍ରା ପ୍ରତି ୫୦ ଗ୍ରାମ ହିସାବରେ) ଗୋଳାଇ ବୁଣନ୍ତୁ। ମକା ଚାଷରେ ଘାସ ଦମନ ପାଇଁ ଜମିରେ ବତର ଥିବା ଅବସ୍ଥାରେ ଏକର ପ୍ରତି ୬ କିଗ୍ରା ଆଟ୍ରାଟାଫ ବୁଣିବାର ଦୁଇ ଦିନ ମଧ୍ୟରେ ପ୍ରୟୋଗ କରନ୍ତୁ।



# ଧାନ ତଳିଘରା ପ୍ରସ୍ତୁତି

ଆଉ କେଇଟା ଦିନ ପରେ ବର୍ଷା ଆସିଯିବ। ତେଣୁ ବର୍ଷାଦିନିଆ ଧାନ ଚାଷ ପାଇଁ ଶୁଖିଲା ତଳିଘରା ପ୍ରସ୍ତୁତ କରିବା ପୂର୍ବରୁ ତଳି କିଆରିକୁ ଭଲ ଭାବରେ ଚାଷ କରିଦିଅନ୍ତୁ। ଏପରି ଚାଷ କରନ୍ତୁ ଯେପରି ମାଟି ଭଲ ଭାବରେ ଗୁଣ୍ଡ ହୋଇଯିବ। ତିନି ଫୁଟ ଚଉଡା, ଛଅ ଇଞ୍ଚ ଉଚ୍ଚା ଓ ସୁବିଧା ଅନୁସାରେ ଲମ୍ବାକରି ପଟି ତିଆରି କରନ୍ତୁ। ଦୁଇ ପଟି ମଝିରେ ଏକ ଫୁଟ ଓସାରର ପାଣି ନାଳ ରଖନ୍ତୁ। ୧୦ ଡେସିମିଲି ତଳିପଟିରେ ୪୦ ଝୁଡି ଶଢ଼ା ଗୋବର ଖତ, ୧୨ କିଗ୍ରା ସୁପର ଫସଫେଟ୍ ଓ ଦୁଇ କିଗ୍ରା ମ୍ୟୁରେଟ୍ ଅଫ ପଟାସ ସାର ମାଟିରେ ମିଶାଇ ଦିଅନ୍ତୁ। ୧୦ ଡେସିମିଲି ତଳିଘରାରେ ୨୫ କିଗ୍ରା ବିହନ ବୁଣି ମାଟି ଘୋଡାଇ ଦିଅନ୍ତୁ। ଅନ୍ୟପକ୍ଷରେ କାଦୁଆ ତଳିଘରା ପ୍ରସ୍ତୁତ କରୁଥିଲେ ତଳି କିଆରିକୁ ଭଲ ଭାବରେ ମଇ ଦେଇ ସମତୁଲ କରିଦିଅନ୍ତୁ। ଶେଷ ଓଡ଼ ଚାଷ ସମୟରେ ଶୁଖିଲା ତଳିଘରା ଭଳି ସାର ଦେଇ ମାଟି ମିଶାନ୍ତୁ। ଗାଲି ଗଜା ଫିଟିଥିବା ଧାନ ବିହନକୁ ତଳିପଟିରେ ବୁଣନ୍ତୁ। ବିହନରୁ କଣ୍ଡା ଅଗାଡି ଆଦି ବାହାର କରିବା ପାଇଁ ପ୍ରତି ଲିଟର ପାଣିରେ ୧୬୫ ଗ୍ରାମ ଲୁଣ ମିଶାଇ ଦ୍ରବଣ ପ୍ରସ୍ତୁତ କରନ୍ତୁ। ଧାନ ବିହନକୁ ଲୁଣ ପାଣିରେ ପକାନ୍ତୁ। ପାଣି ଉପରେ ଭାସୁଥିବା ଧାନକୁ ଛାଣି ବାହାର କରିବା ପରେ ବୁଡି ରହିଥିବା ଧାନକୁ ପରିଷ୍କାର ପାଣିରେ ଧୁଅନ୍ତୁ। ଏହାପରେ ବିହନକୁ ୨୪ ଘଣ୍ଟା ପାଣିରେ ଭିଜାଇ ତାକୁ ଛାଣି ପାଣି ନିଗିଡି ଗଲା ପରେ ଚଟାଣରେ ପଲିଥିନ୍ ଉପରେ ପକାନ୍ତୁ। ତା'ପରେ ତାହାକୁ ଓଦା ଅଖାରେ ଢାଙ୍କି ଦିଅନ୍ତୁ। ଗାଲି ଗଜା ଫିଟିବା ପରେ ବିହନକୁ କାଦୁଅ ତଳି ପଟିରେ ବୁଣନ୍ତୁ।

# ପଙ୍ଗପାଳ



ପଙ୍ଗପାଳର ଆତଙ୍କ ଏବେ ଭାରତବର୍ଷରେ ଦେଖାଦେଇଛି। ତେବେ ପଙ୍ଗପାଳ କହିଲେ ଆମେ କ'ଣ ବୁଝୁ ? ପଙ୍ଗପାଳ ଏକ ବଡ ଝିଣ୍ଟିକାଜାତୀୟ କୀଟ। ଏହା ସାଧାରଣତଃ ଉଷ୍ମ ଆର୍ଦ୍ର ଜଳବାୟୁରେ ଦେଖାଯାଏ। ଏମାନଙ୍କର ଦଶ ହଜାରରୁ ଅଧିକ ପ୍ରଜାତି ଅଛନ୍ତି। କିନ୍ତୁ ଏବେ ଭାରତରେ ଦେଖାଯାଉଥିବା ପଙ୍ଗପାଳକୁ ମରୁଭୂମି ପଙ୍ଗପାଳ ବା ଡେଜର୍ଟଲୋକଷ୍ଟ କୁହାଯାଏ। ଏମାନଙ୍କର ଉଡିବା କ୍ଷମତା ସାଧାରଣ ଝିଣ୍ଟିକାଠାରୁ ବହୁତ ଅଧିକ। ଗୋଟିଏ ପଙ୍ଗପାଳ ଦିନକୁ ୧୫୦ କିମି ଉଡିପାରେ। ତେଣୁ ଏମାନେ ଅନ୍ତର୍ଜାତୀୟ ସୀମାକୁ ଡେଇଁ ଗୋଟିଏ ପରେ ଗୋଟିଏ ଦେଶକୁ ଆକ୍ରମଣ କରୁଛନ୍ତି।

ତେବେ ମନରେ ପ୍ରଶ୍ନ ଉଠେ–ଏହି ପଙ୍ଗପାଳଙ୍କର ଉତ୍ପତ୍ତି କେଉଁଠାରେ ? ଏମାନେ କାହିଁକି ଭାରତକୁ ଆକ୍ରମଣ କରୁଛନ୍ତି ? ଏମାନଙ୍କର ଜୀବନଚକ୍ର କିପରି ? ଏସବୁ ପ୍ରଶ୍ନ ମନରେ ଉଠିବା ସ୍ୱାଭାବିକ କାରଣ ପଙ୍ଗପାଳ ଏକ ବହୁଭକ୍ଷୀ କୀଟ। ଏହା ତା'ର ରାସ୍ତାରେ ଆସୁଥିବା ଗଛ, ପତ୍ର ଏବଂ ତୃଣଲତାଙ୍କୁ ଖାଇଯାଆନ୍ତି। ତେବେ ଏମାନଙ୍କର ଉତ୍ପତ୍ତି ସାଧାରଣତଃ ଆଫ୍ରିକୀୟ ମହାଦେଶର କିଛି ରାଷ୍ଟ୍ର–ଇଥିଓପିଆ, କେନିଆ, ସୋମାଲିଆରେ ହୋଇଥିବାର ଜଣାଯାଏ। ଉଷ୍ମ ଜଳବାୟୁରେ ଏମାନେ ପ୍ରଜନନ କରି ସେମାନଙ୍କର ଅଣ୍ଡାକୁ ୫–୧୦ସେମି ମାଟି ତଳେ ଦେଇଦିଅନ୍ତି। ବର୍ଷା ହେବା କ୍ଷଣି ଏହି ଅଣ୍ଡାରୁ ଅର୍ଭକ ଫୁଟି ବାହାରକୁ ଆସନ୍ତି। ଏହି କୀଟ ସାଧାରଣତଃ ଦୁଇ ପ୍ରକାରର ବ୍ୟବହାର ଦେଖାନ୍ତି। ଗୋଟିଏ ଏକୁଟିଆ ଫେଜ୍, ଯେଉଁଥିରେ ଏହି କୀଟକୁ ଅଧିକ ଖାଦ୍ୟ ମିଳେ, ତେଣୁ ସେମାନେ ଏହି ବ୍ୟବହାର ଦେଖାଇଥାଆନ୍ତି। ଦ୍ୱିତୀୟଟି ଦଳଦଳ ହୋଇ ରହୁଥିବା ଗ୍ରିଗାରିୟସ ଫେଜ୍, ଯେଉଁଥିରେ ଖାଦ୍ୟ ଅଭାବରେ ସେମାନେ ଦଳଦଳ ହୋଇ ଗଛକୁ ଖାଇଯାଆନ୍ତି। ଗୋଟିଏ ମାଈ ପଙ୍ଗପାଳ ଏକାଥରେ ୮୦–୯୦ଟି ଅଣ୍ଡା ଦେଇଥାଏ। ଏହି ଅଣ୍ଡାଗୁଡିକ ୧୦–୧୫ଦିନ ଅର୍ଭକରେ ପରିଣତ ହୋଇ ୩୬ଦିନ ପରେ ପୂର୍ଣ୍ଣାଙ୍ଗ କୀଟରେ ପରିଣତ ହୁଏ। ଏହି କୀଟ ୩–୫ ମାସରେ ତାହାର ଜୀବନକାଳ ପୂର୍ଣ୍ଣ କରେ। ତେବେ ପଙ୍ଗପାଳ ଭାରତକୁ ଆକ୍ରମଣ କରିବା କିଛି ନୂଆକଥା ନୁହେଁ। ଏହାପୂର୍ବରୁ ଭାରତରେ ଏକାଧିକବାର ଆକ୍ରମଣ କରିଥିବାର ସୂଚନା ଅଛି। ତେବେ ଏହାର ଶେଷ ଆକ୍ରମଣ ୨୦୧୦ରେ ଦେଖାଯାଇଥିଲା ଏବଂ ଏବେ ଅର୍ଥାତ୍, ୨୦୨୦ରେ ଏହାର ଆକ୍ରମଣ ପୁନର୍ବାର ଦେଖାଦେଇଛି। ଆମ ଓଡ଼ିଶା କଥାକୁ ବିଚାରକୁ ନେଲେ ଏହାର ଆକ୍ରମଣର ଠିକ୍ ତଥ୍ୟ ନାହିଁ। ତଥାପି ବୟସ୍କମାନଙ୍କ ଅନୁଭୂତିରୁ ୧୯୬୮–୧୯୭୦ ମଧ୍ୟରେ ଏହାର ଆକ୍ରମଣର ସୂଚନା ମିଳେ। ତେବେ ବର୍ତ୍ତମାନ ପରିସ୍ଥିତିରେ ଏତେ ସଂଖ୍ୟକ ପଙ୍ଗପାଳ ଆକ୍ରମଣ କରିବାର କାରଣ କ'ଣ ? ଏହାର କାରଣ ହେଲା ଚଳିତବର୍ଷ ଜଳବାୟୁଜନିତ ପଶ୍ଚିମ ବିଶୃଙ୍ଖଳା କାରଣରୁ ଆଫ୍ରିକା ମହାଦେଶରେ ଅଧିକ ଉଷ୍ମ ପ୍ରବାହ ହୋଇ ଏମାନଙ୍କର ଜନ୍ମ ଅତ୍ୟଧିକ ହୋଇଛି। ଏମାନେ ବାୟୁ ପ୍ରବାହରେ ଆଫ୍ରିକା ମହାଦେଶରୁ ଆକ୍ରମଣ ଆରମ୍ଭ କରି ଓମାନ୍, ଇରାନ୍, ପାକିସ୍ତାନ ଓ ତା'ପରେ ଭାରତକୁ ଆକ୍ରମଣ କରୁଛନ୍ତି। ଖାଦ୍ୟ ଅଭାବରୁ ଏମାନେ ଦଳଗତ ଆକ୍ରମଣ ଆରମ୍ଭ କରିଦେଇଛନ୍ତି। ଏକ କିଲୋମିଟର ବ୍ୟାପ୍ତ ପଙ୍ଗପାଳ ଦଳର ଓଜନ ସାଧାରଣତଃ ୩୦୦ ଟନ୍‌ରୁ ଅଧିକ ହୋଇଥାଏ। ଏହି ପଙ୍ଗପାଳ ତା' ଶରୀର ଓଜନର ଖାଦ୍ୟ ଖାଇଯାଏ। ତେଣୁ ଅନୁମାନ କରାଯାଏ ଯେ ଏହି ପଙ୍ଗପାଳ ଦଳ ଗୋଟିଏ ଦିନରେ ପ୍ରାୟ ୩୫,୦୦୦ ଲୋକଙ୍କର ଖାଦ୍ୟ ଖାଇଯାଆନ୍ତି।



ପ୍ରତ୍ୟୁଷ ପଣ୍ଡା



ଏହି ଅବସ୍ଥାରେ ଭାରତ ସରକାର ସମସ୍ତ ରାଜ୍ୟକୁ ଜରୁରୀ ସୂଚନା ଦେଇଛନ୍ତି। ଏବେ ଏହା ରାଜସ୍ଥାନ, ପଞ୍ଜାବ, ଗୁଜରାଟ, ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ ଏବଂ ଛତିଶଗଡରେ ଆକ୍ରମଣ କରିବାର ସୂଚନା ମିଳୁଛି। ଏ ସମ୍ପର୍କରେ ଆଗୁଆ ସୂଚନା ପ୍ରଦାନ କରିବା ପାଇଁ ରାଜସ୍ଥାନରେ Locust Warning Organisation ସ୍ଥାପନ କରାଯାଇଛି। ଏହି ଆକ୍ରମଣକୁ ପ୍ରତିହତ କରିବା ଲାଗି ଭାରତ ସରକାର ଆକାଶ ମାର୍ଗରୁ କୀଟନାଶକ ପ୍ରୟୋଗ ପାଇଁ ଅନୁମତି ଦେଇଛନ୍ତି। ଏହାସହ ସମସ୍ତ ରାଜ୍ୟ ସରକାର ଜରୁରୀ ପଦକ୍ଷେପ ସ୍ୱରୂପ ସର୍ବେକ୍ଷଣ ଜାରି ରଖିବା ପାଇଁ ପରାମର୍ଶ ଦେଇଛନ୍ତି। ଓଡିଶା ସରକାର ଏହାର ମୁକାବିଲା ପାଇଁ ଆଗୁଆ ପଦକ୍ଷେପ ସ୍ୱରୂପ ପ୍ରତ୍ୟେକ ଜିଲାପାଳଙ୍କୁ ସଜାଗ ରହିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ତେଣୁ ପଙ୍ଗପାଳ ଆକ୍ରମଣରେ ଆତଙ୍କିତ ନ ହୋଇ ଚାଷୀ ଭାଇମାନେ ସରକାରଙ୍କ ପଦକ୍ଷେପକୁ ସହଯୋଗ କଲେ ଏହାର ମୁକାବିଲା କରାଯାଇପାରିବ।

*–୩ୟ ବର୍ଷ, କୃଷି ଛାତ୍ର, ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ, ବିଦ୍ୟାଧରପୁର, କଟକ,*
*ମୋ : ୭୮୭୩୮୨୭୮୩୦*

## ପଙ୍ଗପାଳ ଆକ୍ରମଣରୁ ରକ୍ଷା ପାଇଁ...

ବର୍ତ୍ତମାନ ଆମ ଦେଶର ବିଭିନ୍ନ ରାଜ୍ୟରେ ପଙ୍ଗପାଳଙ୍କ ଆକ୍ରମଣ ଦେଖିବାକୁ ମିଳିଛି। ତେଣୁ ଏହି ଦଳ ଓଡିଶା ଆସିବାର ଆଶଙ୍କା ରହିଛି। ଏମାନଙ୍କ ଆକ୍ରମଣରୁ ଫସଲକୁ ସୁରକ୍ଷା ଦେବା ପାଇଁ ରାଜ୍ୟ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟ ଏବଂ ଓୟୁଏଟି ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟଙ୍କ ପକ୍ଷରୁ ପରାମର୍ଶ ଦିଆଯାଇଛି। ନିମ୍ନରେ ତାହା ଉଲ୍ଲେଖ କରାଯାଉଛି...

–ନିୟମିତ ଭାବରେ କୃଷି ପରାମର୍ଶଗୁଡିକୁ ଜାଣି ସେହି ଅନୁସାରେ କାର୍ଯ୍ୟ କରନ୍ତୁ।

–ଆମର ସୀମାବର୍ତ୍ତୀ ରାଜ୍ୟରେ ପଙ୍ଗପାଳ ଦଳ ପହଞ୍ଚିଲେ ଆମ କ୍ଷେତରେ ଥିବା ଫସଲ ଉପରେ ପ୍ରତିଷେଧକ ବ୍ୟବସ୍ଥା ହିସାବରେ ୫ ପ୍ରତିଶତ ନିମ୍ବମଞ୍ଜି ଉଦ୍ଧୃତାଂଶ (NSKE) ର ଦ୍ରବଣକୁ ଏକର ପ୍ରତି ୨୦୦ ଲିଟର ହିସାବରେ ସିଞ୍ଚନ କରନ୍ତୁ।

–ଏହା ବଦଳରେ ବଜାରରେ ମିଳୁଥିବା ୩୦୦ ପିପିଏମ୍‌ର ନିମ୍ବ ଆଧାରିତ କୀଟବିଷକୁ ଏକର ପ୍ରତି ଏକ ଲିଟର ହିସାବରେ ୨୦୦ ଲିଟର ପାଣିରେ ମିଶାଇ ଉପରବେଳା ସିଞ୍ଚନ କରାଯାଇପାରେ।

–ପଙ୍ଗପାଳ ଦଳ ଫସଲ କିଆରୀରେ ପହଞ୍ଚି ଯାଇଥିଲେ ସେଗୁଡିକୁ ବିଭିନ୍ନ ଉପାୟ–ଯଥା ଟିଣ ବାଡେଇ, କଣ୍ଟାଯୁକ୍ତ ଡାଳରେ ପିଟି ଘଉଡାଇବାର ବ୍ୟବସ୍ଥା କରନ୍ତୁ।

–ସନ୍ଧ୍ୟା ସମୟରେ ପଙ୍ଗପାଳ ବସିଥିବା ବଡ ବଡ ଗଛ ତଳେ ପଲିଥିନ ଜରି ବିଛାଇ ଡାଳଗୁଡିକୁ ହଲାଇ ଦେଲେ ସେମାନେ ଜରି ଉପରେ ଟଳି ପଡିବେ। ସେଗୁଡିକୁ ସଂଗ୍ରହ କରି କିରୋସିନ୍ ମିଶ୍ରିତ ପାଣିରେ ବୁଡାଇ ମାରି ଦିଅନ୍ତୁ।

–ଏତଦ୍ ବ୍ୟତୀତ କୀଟଙ୍କ ଦ୍ୱାରା ଆକ୍ରାନ୍ତ ଫସଲ ଉପରେ ଉପରୋକ୍ତ ନିମ୍ବ ଆଧାରିତ କୀଟନାଶକ ସିଞ୍ଚନ କରନ୍ତୁ କିମ୍ବା ଏକର ପ୍ରତି ୪୦୦ ମିଲି ପ୍ରୋଫେନୋଫସ ୫୦ ଇସିକୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

## ପୁରୀ: ୧୭ କରୋନା ଆକ୍ରାନ୍ତ ସୁସ୍ଥ

ପୁରୀ ଅଫିସ: ପୁରୀ ଜିଲାରୁ ମଙ୍ଗଳବାର ୫ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ୧୭ଜଣ ସୁସ୍ଥ ହୋଇଛନ୍ତି। ନୂଆ ଆକ୍ରାନ୍ତଙ୍କୁ ମିଶାଇ ଜିଲାରେ ସଂକ୍ରମିତଙ୍କ ସଂଖ୍ୟା ୯୬ରେ ପହଞ୍ଚିଛି। ଏମାନଙ୍କ ମଧ୍ୟରୁ ୬୫ଜଣ ସୁସ୍ଥ ହୋଇଥିବାବେଳେ ଏବେ ୩୧ଜଣ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି କିଛିଦିନ ପୂର୍ବରୁ ଜିଲାରୁ ଅଧିକ ସଂଖ୍ୟକ ଆକ୍ରାନ୍ତ ଚିହ୍ନଟ ହେଉଥିଲେ। ମାତ୍ର ଗତ ୭ ଦିନରେ ଆକ୍ରାନ୍ତଙ୍କ ସଂଖ୍ୟା ତୁଳନାରେ ସୁସ୍ଥ ହାର ଅଧିକ ରହିଛି। ୭ ଦିନରେ ୧୦ଜଣ ଆକ୍ରାନ୍ତ ହୋଇଥିବାବେଳେ ସୁସ୍ଥ ହୋଇଛନ୍ତି ୪୬ଜଣ, ଯାହାକି ଜିଲା ପାଇଁ ଏକ ଆଶ୍ୱସ୍ତିକର ଖବର।

# ସଂକ୍ଷେପରେ

## ପାଚିକାଙ୍କୁ ସୁରକ୍ଷା, ପାଉଣା ଦାବି

କଟକ ଅଫିସ,୨।୬- ଏଆଇୟୁଟିୟୁସି ସହବନ୍ଧିତ ଓଡ଼ିଶା ମିଳିତ ବିଦ୍ୟାଳୟ ପାଚିକା ସହାୟିକା ସଂଘ ମଙ୍ଗଳବାର ପାଚିକାଙ୍କ ସୁରକ୍ଷା ପାଇଁ ଦାବି କରିଛି। ପାଚିକାଙ୍କୁ ୨୮ ମାସର ବର୍ଦ୍ଧିତ ବକେୟା ପାରିଶ୍ରମିକ, କରୋନା ପାଇଁ ୫ ହଜାର ଟଙ୍କା ସହାୟତା, ୨୦୧୮ ଏପ୍ରିଲରୁ ମାସିକ ୨ହଜାର ଟଙ୍କା ପ୍ରଦାନ, ଦୈନିକ କାର୍ଯ୍ୟ ସମୟ ବୃଦ୍ଧି ଓ ଶ୍ରମ ଆଇନ ସଂଶୋଧନ ବାତିଲ କରିବା, ପ୍ରବାସୀ ଶ୍ରମିକଙ୍କୁ ଖାଦ୍ୟ, ଚିକିତ୍ସା, ଥଇଥାନ, ସୁରକ୍ଷା ଓ କାମକୁ ସୁନିଶ୍ଚିତ କରିବା ଭଳି ଦାବି କରାଯାଇଛି। ଏହି ୬ ଦଫା ଦାବି ସମ୍ବଳିତ ସ୍ମାରକପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କଟକ ଜିଲା ଶିକ୍ଷା ଅଧିକାରୀଙ୍କୁ ଦିଆଯାଇଥିଲା। ପ୍ରତିନିଧି ଦଳରେ ସଙ୍ଗଠନ ସଭାପତି ରାଜକିଶୋର ମଲ୍ଲିକ, ସସ୍ମିତା ମହାନ୍ତି, ସ୍ୱାଧୀନ ବେହେରା ଉପସ୍ଥିତ ଥିଲେ।

## ମାସ୍କ ନ ପିନ୍ଧି ଦଣ୍ଡ ଗଣିଲେ ଅମାନିଆ

ଚୌଦ୍ୱାର,୨।୬(ଡି.ଏନ୍.ଏ): ରାଜ୍ୟ ସରକାର ସୋମବାର କରୋନାରୁ ବର୍ତ୍ତିବା ପାଇଁ କଟକଣାକୁ ଆହୁରି କଡ଼ା କରିଦେଇଛନ୍ତି। ଲୋକଙ୍କୁ ମାସ୍କ ପିନ୍ଧି ପଦାକୁ ବାହାରିବା ଉପରେ ଗୁରୁତ୍ୱ ଦିଆଯାଇଛି। ଏହି ସମୟରେ ଏହାର ବ୍ୟବହାର ଜରୁରି ଥିବାବେଳେ ଏବେ ବି କିଛି ଲୋକ ନିୟମ ମାନୁନାହାନ୍ତି। ଫଳରେ ଗତ ସୋମବାରଠାରୁ ଚୌଦ୍ୱାର ପୋଲିସ ବିଭିନ୍ନ ସ୍ଥାନରେ ପାଟ୍ରୋଲିଂ କରି ମୁହଁରେ ମାସ୍କ ବାନ୍ଧି ନ ଥିବା ଅମାନିଆଙ୍କ ଠାରୁ ଜରିମାନା ଆଦାୟ କରିବା ସହିତ ମାସ୍କ ପିନ୍ଧିବା ପାଇଁ ସଚେତନ କରିଛି। ସୋମବାର ପୋଲିସ ୯୧ଜଣଙ୍କ ଠାରୁ ମାସ୍କ ପିନ୍ଧି ନ ଥିବା ବାବଦରେ ୨୯ହଜାର ଟଙ୍କା ଜରିମାନା ଅଦାୟ କରିଥିବାବେଳେ ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ୬୦ଜଣଙ୍କଠାରୁ ୧୨ହଜାର ଟଙ୍କା ଆଦାୟ କରିଥିବା ଆଇଆଇସି ପଦ୍ମନାଭ ପ୍ରଧାନ କହିଛନ୍ତି।

## ଟ୍ରାନ୍ସଫର୍ମର ଜଳିଗଲା

ସାଲେପୁର, ୨।୬(ଡି.ଏନ୍.ଏ.) - ସାଲେପୁର ବ୍ଲକର ପୁରଣ ଗ୍ରାମରେ ମଙ୍ଗଳବାର ସନ୍ଧ୍ୟାରେ ପ୍ରବଳ ବର୍ଷା ସହ ବଜ୍ରପାତ ହୋଇଥିଲା। ଏହି ସମୟରେ ଏକ ବିଦ୍ୟୁତ୍ ଟ୍ରାନ୍ସଫର୍ମର ଉପରେ ବଜ୍ରପାତ ହେବାରୁ ଏହା ଜଳିଯାଇଛି। ଜଳିବା ବେଳେ ଏହାର ଶବ୍ଦରେ ସ୍ଥାନୀୟ ଲୋକମାନେ ଭୟଭୀତ ହୋଇଯାଇଥିଲେ।

## ହର୍ନ ମାରିବାକୁ କେନ୍ଦ୍ରକରି ଆକ୍ରମଣ

ଭୁବନେଶ୍ୱର, ୨।୬ (ବ୍ୟୁରୋ)-ନୟାପଲ୍ଲୀ ଥାନା ଅଞ୍ଚଳରେ ହର୍ନ ମାରିବାକୁ କେନ୍ଦ୍ର କରି ମରଣାନ୍ତକ ଆକ୍ରମଣ ଘଟଣାରେ ପୋଲିସ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ କଟକ ଜିଲା ବାଙ୍କୀ ଥାନା ଅନ୍ତର୍ଗତ ତୁଳସୀପୁର ଅଞ୍ଚଳର ବିନୋଦ କୁମାର ବେହେରା। ସୂଚନା ମୁତାବକ, ନୟାପଲ୍ଲୀ ଆଇଆର୍‌ସି ଭିଲେଜ ଏନ୍ ୧ରେ ରୁଦ୍ରେନ୍ଦ୍ର ନାରାୟଣ କୁମ୍ଭାର ରୁହନ୍ତି। ରବିବାର ରାତିରେ ସେ ପାଣି ଆଣିବାକୁ ସାଙ୍ଗମାନଙ୍କ ସହ ଯାଉଥିଲେ। ଏହି ସମୟରେ ବିନୋଦ ପଛ ପଟୁ ହର୍ନ ମାରି ଯିବାରୁ ରୁଦ୍ରେନ୍ଦ୍ର ଓ ତାଙ୍କ ସାଙ୍ଗ ବିରୋଧ କରିଥିଲେ। ଫଳରେ ସେମାନଙ୍କ ମଧ୍ୟରେ ବଚସା ହୋଇଥିଲା। ବିନୋଦ ନିଜ ସହଯୋଗୀମାନଙ୍କୁ ଡାକି ରୁଦ୍ରେନ୍ଦ୍ର ଓ ତାଙ୍କ ସହଯୋଗୀମାନଙ୍କୁ ଆକ୍ରମଣ କରି ଫେରାର ହୋଇଥିଲେ। ଏ ନେଇ ରୁଦ୍ରେନ୍ଦ୍ର ଥାନାରେ ଅଭିଯୋଗ କରିବା ପରେ ପୋଲିସ କେସ୍ ନଂ. ୨୦୭/୨୦ରେ ରୁଜୁ କରି ଅଭିଯୁକ୍ତ ବିନୋଦଙ୍କୁ ଗିରଫ କରିବା ସହ ପଚରାଉଚରା ପରେ କୋର୍ଟ ଚାଲାଣ କରିଛି।

## ନୂଆଗାଁ ମୁଖ୍ୟ ରାସ୍ତାର ହେବ ପୁନରୁଦ୍ଧାର

ପୁରୁଣା ଭୁବନେଶ୍ୱର,୨।୬(ଡି.ଏନ୍.ଏ.): ଏକାମ୍ର ନିର୍ବାଚନମଣ୍ଡଳୀ ୫୯ନଂ. ୱାର୍ଡ ଅନ୍ତର୍ଗତ ନୂଆଗାଁ ମୁଖ୍ୟ ରାସ୍ତାର ପୁନରୁଦ୍ଧାର କରାଯିବ। ଏ ନେଇ ରବିବାର ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ମନ୍ତ୍ରୀଙ୍କ ଏଭଳି କାର୍ଯ୍ୟକୁ ବିଭିନ୍ନ ମହଲରୁ ସ୍ୱାଗତ କରାଯିବା ସହ ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ସୂଚନାଥାଉ କି, ଅସରାଏ ବର୍ଷାରେ ଏହି ମୁଖ୍ୟ ରାସ୍ତାରେ ପାଣି ଜମି ରହିବା ଯୋଗୁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏହା ସହ ରାସ୍ତା ପାର୍ଶ୍ୱରେ କେତେଜଣ ପ୍ରଭାବଶାଳୀ ବ୍ୟକ୍ତି ଜବରଦଖଲ କରି ବେଆଇନଭାବେ ଘର ନିର୍ମାଣ କରିଛନ୍ତି। ଏହି ଜବରଦଖଲ ହଟାଯାଇ ରାସ୍ତାର ପ୍ରଶସ୍ତୀକରଣ ଓ ଡ୍ରେନ ନିର୍ମାଣ କରାଯିବାକୁ ବିଭିନ୍ନ ମହଲରୁ ଦାବି ହୋଇଛି। ଏହି ରାସ୍ତା ମରାମତି ହେଲେ ବିଜୟ ବିହାର, ଦିବ୍ୟ ବିହାର, ଇନ୍ଦିରା କଲୋନୀ ଓ ନୂଆଗାଁ ସମେତ କଲ୍ୟାଣ ପୁର, ଇଟିପୁର ଅଞ୍ଚଳର ଲୋକେ ଉପକୃତ ହେବେ ବୋଲି ଜଣାପଡିଛି।

# ୫ ଜିଲାରେ ଉଜାଡ଼ିବ ଜଙ୍ଗଲ, ଚାଷ

କଟକ ଅଫିସ,୨।୬

- ଓଡ଼ିଶାକୁ ଘେନେଇଲା ପଙ୍ଗପାଳ ଭୟ
- ପଶ୍ଚିମ ଓଡ଼ିଶାରେ ସର୍ବାଧିକ କ୍ଷତି ଆଶଙ୍କା




ପାକିସ୍ତାନୀ ପଙ୍ଗପାଳ ଏବେ ଛତିଶଗଡ଼ରେ ଉପଦ୍ରବ ଚଳାଇଛି। କିନ୍ତୁ ଓଡ଼ିଶାରେ ସେମାନଙ୍କ ଆଗମନ ସୂଚନା ପାଇବା ପରେ ଫସଲ ବଞ୍ଚାଇବା ଚିନ୍ତାରେ ଚାଷୀଙ୍କ ଭିତରେ ଭାଳେଣି ପଡ଼ିଲାଣି। କିଛି ଦିନ ଭିତରେ ପଙ୍ଗପାଳ ଦଳ ଛତିଶଗଡ଼ ସୀମାବର୍ତ୍ତୀ ଜିଲାଗୁଡ଼ିକରେ ପ୍ରବେଶ କରିବେ ବୋଲି ପୂର୍ବାନୁମାନ କରିଛି ଜାତୀୟ ଧାନ ଗବେଷଣା କେନ୍ଦ୍ର (ଏନ୍‌ଆର୍‌ଆର୍‌ଆଇ)। ଫଳସ୍ୱରୂପ ନବରଙ୍ଗପୁର, ନୂଆପଡ଼ା, ବଲାଙ୍ଗୀର, ବରଗଡ଼, କଳାହାଣ୍ଡି ଭଳି ଜିଲାର ଜଙ୍ଗଲ ଓ ପରିବା ଚାଷ ଉଜୁଡ଼ିବା ଆଶଙ୍କା ରହିଛି। ଏବେ ପ୍ରାୟ ଜମିରେ ଧାନ ଚାଷ ନ ଥିବା ଯୋଗୁ ପନିପରିବା ଚାଷ ହିଁ ଅଧିକ ମାତ୍ରାରେ କ୍ଷତିଗ୍ରସ୍ତ ହେବ ବୋଲି କେନ୍ଦ୍ରର କୀଟ ବିଜ୍ଞାନ ବିଭାଗ ପ୍ରଧାନ ବୈଜ୍ଞାନିକ ଡା. ଶ୍ୟାମାରଞ୍ଜନ ଦାସ ମହାପାତ୍ର କହିଛନ୍ତି। ପ୍ରତ୍ୟେକ ଜିଲାରେ କଣ୍ଟ୍ରୋଲ ରୁମ୍ ଖୋଲାଯିବା ସହ ପ୍ରତିକାର ପାଇଁ ସଜାଗ ରହିବାକୁ ରାଜ୍ୟ ସରକାର ଉଦ୍ୟମ କରୁଥିବା କେନ୍ଦ୍ର କହିଛି। ପ୍ରତିକାର ସଠିକ୍ ଭାବେ ନ ହେଲେ ଏହା ଓଡ଼ିଶା ପାଇଁ ବିପର୍ଯ୍ୟୟକୁ ଡାକିଆଣିବ ବୋଲି ମଧ୍ୟ କେନ୍ଦ୍ର ଚେତାଇଦେଇଛି।

### ଗୋଟିଏ ଦିନରେ ୩୫ ହଜାର ଲୋକଙ୍କ ଖାଦ୍ୟ ନଷ୍ଟ କରିପାରନ୍ତି

ଖାଦ୍ୟ ଏବଂ କୃଷି ସଙ୍ଗଠନ (ଏଫ୍‌ଏଓ)ର ସୂଚନା ଅନୁଯାୟୀ, ପଙ୍ଗପାଳ ଦଳ ଛତିଶଗଡ଼ରେ ପହଞ୍ଚି ସାରିଛନ୍ତି। ଏମାନେ ହେଲେ ମରୁଭୂମି ପଙ୍ଗପାଳ ପ୍ରଜାତି। ପ୍ରାୟ ୨୩ଟି ପଙ୍ଗପାଳ ଦଳ ପଶ୍ଚିମ ଆଫ୍ରିକାରୁ ଆସିଛି। ପୂର୍ବ ଆଫ୍ରିକା ଅତିକ୍ରମ କରି ସେମାନେ ବେଲୁଚିସ୍ତାନ ପରେ ପାକିସ୍ତାନ ଦେଇ ରାଜସ୍ଥାନରେ ପ୍ରବେଶ କରିଥିଲେ। ପରେ ମହାରାଷ୍ଟ୍ର, ହରିୟାଣା, ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ଛତିଶଗଡ଼କୁ ପହଞ୍ଚି ସାରିଲେଣି। ଘଣ୍ଟାକୁ ୧୬ରୁ ୧୯ କି.ମି. ବେଗରେ ଗତି କରୁଥିବା ଏହି ପଙ୍ଗପାଳ ଦଳ ଗୋଟିଏ ଦିନରେ ଅତିକମ୍‌ରେ ୧୩୦ କି.ମି. ଅତିକ୍ରମ କରୁଛନ୍ତି। ଦିନ ସମୟରେ ଉଡ଼ିବା ସହ ରାତିରେ ଏମାନେ ବିଶ୍ରାମ ନିଅନ୍ତି। ଜଳର ଆସ୍ତରଣ ଥିଲେ ବିଶ୍ରାମ ବଦଳରେ ରାତିରେ ମଧ୍ୟ ଉଡ଼ିଥାନ୍ତି ବୋଲି କେନ୍ଦ୍ର ସୂଚନା ଦେଇଛି। ଗୋଟିଏ ବର୍ଗକିଲୋମିଟର ଆଚ୍ଛାଦିତ କ୍ଷେତ୍ରଫଳରେ ପ୍ରାୟ ୪୦ରୁ ୮୦ ଲକ୍ଷ ସଂଖ୍ୟକ ପଙ୍ଗପାଳ ରହିଥାନ୍ତି। ଗୋଟିଏ ଦିନରେ ୩୫ ହଜାର ଲୋକଙ୍କ ଖାଦ୍ୟକୁ ଏମାନେ ନଷ୍ଟ କରିପାରନ୍ତି। ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ସାମୁଦ୍ରିକ ଝଡ଼ ଅମ୍ପନ ଯୋଗୁ ପଙ୍ଗପାଳ ଦଳର ଗତି ପ୍ରଭାବିତ ହୋଇଥିଲା। ଜୁଲାଇ ପର୍ଯ୍ୟନ୍ତ ପଙ୍ଗପାଳ ଦଳର ଉପଦ୍ରବ ରହିବ। ମୌସୁମୀ ବାୟୁର ପ୍ରଭାବରେ ପଙ୍ଗପାଳ ପଶ୍ଚିମାଭିମୁଖୀ ହେବେ ଓ ପ୍ରଜନନ ଆରମ୍ଭ କରିବେ। ଏମାନଙ୍କ ପ୍ରଜନନ ସମୟ ହେଉଛି ଜୁଲାଇରୁ ଅକ୍ଟୋବର ମାସ। ଗୋଟିଏ ମାଈ ମରୁଭୂମି ପଙ୍ଗପାଳ ଥରକରେ ୬୦ରୁ ୮୦ଟି ଅଣ୍ଡା ଦେଇଥାଏ। ବାଲି-କାଦୁଅ ମିଶା ଆର୍ଦ୍ର ମାଟିରେ ହିଁ ଏମାନେ ଅଣ୍ଡା ଦିଅନ୍ତି।

୨୦୧୦ ପରଠାରୁ ଭାରତରେ ଏତେ ସଂଖ୍ୟାରେ ପଙ୍ଗପାଳ ପ୍ରଜନନ ଓ ଘୁରି ବୁଲିବା ଦେଖାଯାଇ ନ ଥିଲା। ଭାରତରେ ପଙ୍ଗପାଳଜନିତ ମହାମାରୀ ୧୨ଥର ଘଟିଛି। ୧୯୬୨ ପୂର୍ବରୁ ଭାରତରେ ମରୁଭୂମି ପଙ୍ଗପାଳଙ୍କ ପ୍ରାଦୁର୍ଭାବ ମାତ୍ରାଧିକ ରହିଥିଲା। ୧୯୬୪ରୁ ୧୯୯୭ ପର୍ଯ୍ୟନ୍ତ ୧୩ ଥର ପଙ୍ଗପାଳଜନିତ ସମସ୍ୟା ଦେଖାଦେଇଛି। ୧୯୯୮ରୁ ୨୦୧୦ ପର୍ଯ୍ୟନ୍ତ ୪ଥର ପଙ୍ଗପାଳ ପ୍ରଜନନ ଓ ଘୁରିବୁଲିବା ଘଟଣା ଭାରତର ସୀମିତ ଅଞ୍ଚଳରେ ଦେଖିବାକୁ ମିଳିଛି।

## ଚାଷୀଙ୍କ ପାଇଁ ପ୍ରତିକାର ପରାମର୍ଶ



- ଏବେଠାରୁ ଫସଲରେ ୩ ମିଲିଲିଟର ୦.୧୫% ନିମ୍ବ ଆଧାରିତ କୀଟନାଶକ ୧ ଲିଟର ପାଣିରେ ମିଶାଇ ସିଞ୍ଚନ କରାଯିବା ଉଚିତ୍।
- ଜମିରେ ୨ଫୁଟ ଓସାର ଓ ଗଭୀରର ଗାତ ଖୋଳି ଏଥିରେ ମାଲାଥିଅନ ଓ କୁଇନାଲଫସ୍ କୀଟନାଶକ ପ୍ରୟୋଗ କଲେ ଏଥିରେ ପଙ୍ଗପାଳ ପଡ଼ି ଆପେଆପେ ମରିଯିବେ।
- ଖାଲି ଟିଣ ସାହାଯ୍ୟରେ ୧୦୦ରୁ ୧୨୫ ଡେସିବଲ ପର୍ଯ୍ୟନ୍ତ ଶବ୍ଦ କଲେ ପଙ୍ଗପାଳ ଚାଲିଯାଆନ୍ତି।
- ଅଲଟ୍ରା ଲୋ ଭଲ୍ୟୁମ (ୟୁଏଲ୍‌ଭି) ଫର୍ମୁଲେସନର କୀଟନାଶକ ମାଲାଥିଅନ (୯୬%) କିମ୍ବା ଡେଲ୍ଟାମେଥ୍ରିନ (୧.୨୫%) ଏକ ଲିଟର ପାଣିରେ ମିଶାଇ ଆକାଶମାର୍ଗରୁ ସିଞ୍ଚନ କରାଗଲେ ଫଳପ୍ରଦ ହେବ।
- ବେଣ୍ଡିଓକାର୍ବ, କ୍ଲୋରୋପାଇରିଫସ୍, ଡେଲ୍ଟାମେଥ୍ରିନ, ଡାୟିଫ୍ଲୁବେଞ୍ଜୁରନ, ଫିପ୍ରୋନିଲ, ଲାମ୍ବଡ଼ା ସାଇହାଲୋଥ୍ରୀନ, ମାଲାଥିଅନ କୀଟନାଶକ ବ୍ୟବହାର କରାଯାଇପାରିବ।

### କୁପ୍ରଭାବ ପ୍ରତି ସତର୍କତା ବି ଜରୁରୀ

ବ୍ୟବହାର ହେଉଥିବା କୀଟନାଶକ କିଛି ମାତ୍ରାରେ ଖରାପ ପ୍ରଭାବ ମଧ୍ୟ ପକାଇପାରେ। ଏହାଠାରୁ ଗାଈଗୋରୁ ଦୂରେଇ ରହିବା ଉଚିତ। କୌଣସି ପଶୁ ଏହାକୁ ଖାଇଲେ ମୃତ୍ୟୁମୁଖରେ ପଡ଼ିପାରେ। ଚାଷୀମାନେ ଏ ଦିଗରେ ବିଶେଷ ଧ୍ୟାନ ଦେବା ଉଚିତ ବୋଲି ଏନ୍‌ଆର୍‌ଆର୍‌ଆଇ ପକ୍ଷରୁ କୁହାଯାଇଛି।

### ଗାଁସାଥୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ



ଓଡ଼ିଶା ପ୍ରତି ପଙ୍ଗପାଳ ଭୟ ଥିବାରୁ ପ୍ରାକ୍ ସଚେତନତା ଅବଲମ୍ବନ କରାଯାଉଛି। ରାଜ୍ୟ ସରକାର ମଧ୍ୟ ଏ ଦିଗରେ ସ୍ୱତନ୍ତ୍ର ପଦକ୍ଷେପ ନେଇଛନ୍ତି। କୀଟନାଶକ ପ୍ରୟୋଗ କରାଯିବା ସମ୍ପର୍କିତ ଜ୍ଞାନକୌଶଳ ଗ୍ରାମାଞ୍ଚଳରେ ଥିବା ଗାଁସାଥୀମାନଙ୍କୁ ଅବଗତ କରାଯିବା ଦରକାର। ସେମାନଙ୍କ ସହଯୋଗ ଅଧିକ ଦରକାର ପଡ଼ିବ।

**– ଡା. ଶ୍ୟାମାରଞ୍ଜନ ଦାସ ମହାପାତ୍ର, ପ୍ରଧାନ ବୈଜ୍ଞାନିକ, କୀଟ ବିଜ୍ଞାନ ବିଭାଗ**

# ୧୦୦୮ ଗରା ଜଳରେ ସ୍ନାନ କଲେ ଶ୍ରୀଲୋକନାଥ

ପୁରୀ ଅଫିସ,୨।୬:

ଶ୍ରୀଲୋକନାଥ ମନ୍ଦିରରେ ମଙ୍ଗଳବାର ପ୍ରଭୁ ଶ୍ରୀଲୋକନାଥଙ୍କ ଜଳାଶାୟୀ ନୀତି ସମ୍ପନ୍ନ ହୋଇଛି। ଦ୍ୱିପ୍ରହର ଧୂପ ସରିବା ପରେ ଶ୍ରୀଲୋକନାଥ ୧୦୦୮ ଗରା ସୁବାସିତ ଜଳରେ ସ୍ନାନ କରିଥିଲେ। ପରେ ଠାକୁରଙ୍କ ସପ୍ତ ମଙ୍ଗଳା ନୀତି ସମ୍ପନ୍ନ ହୋଇଥିଲା। ମନ୍ଦିରର ପୂଜକ ସନ୍ତୋଷ କୁମାର ପଣ୍ଡା କହିଛନ୍ତି, ପ୍ରାତଃରୁ ଦ୍ୱାରଫିଟା ଯାଇ ଠାକୁରଙ୍କ ମଙ୍ଗଳ ଆଳତି ଏବଂ ଅନ୍ୟାନ୍ୟ ନୀତି ବଢିଥିଲା। ଦ୍ୱିପହର ଧୂପ ବଢିବା ପରେ ଜଳାଶାୟୀ ନୀତି ଆରମ୍ଭ ହୋଇଥିଲା। ବ୍ରାହ୍ମଣ ସେବାୟତମାନେ ଲୋକନାଥ ମନ୍ଦିର ପରିସରସ୍ଥ ଯମୁନା କୁଅରୁ ୧୦୦୮ ଗରା ଜଳ ଆଣିଥିଲେ। ଏହି ଜଳକୁ ସଂସ୍କାର କରାଯାଇ ଏଥିରେ ଅଗୁର, ଚନ୍ଦନ ଆଦି ପକାଯାଇଥିଲା। ଏହି ସୁବାସିତ ଜଳରେ ଶ୍ରୀଲୋକନାଥ ଏବଂ ପାର୍ଶ୍ୱ ଦେବଦେବୀ ସ୍ନାନ କରିଥିଲେ। ଏହାପରେ ଅନ୍ୟାନ୍ୟ ନୀତି କରାଯାଇଥିଲା। ସନ୍ଧ୍ୟା ଧୂପ ନୀତି ପରେ ସପ୍ତମଙ୍ଗଳା ନୀତି ସମ୍ପନ୍ନ ହୋଇଥିଲା। ପରେ ଶ୍ରୀଲୋକନାଥ ଶ୍ରୀମନ୍ଦିର ଭଣ୍ଡାର ଘରକୁ ବିଜେ କରିଥିଲେ।




ଭୁବନେଶ୍ୱର ଲୁଇସ୍ ରୋଡ ପେସ୍ ଏକାଡେମୀଠାରେ ଓଡିଶା କୋଚିଂ ଆଣ୍ଡ ଟ୍ରେନିଂ ଏକାଡେମୀ ଆସୋସିଏଶନ ପକ୍ଷରୁ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀ। ଏଥିରେ କର୍ମକର୍ତ୍ତାମାନେ କୋଚିଂ ଏବଂ ପ୍ରଶିକ୍ଷଣ ସଂସ୍ଥା ଖୋଲିବା ପାଇଁ ସରକାର ଅନୁମତି ଦେବାକୁ ଦାବି ରଖୁଛନ୍ତି।

# ପୁରୀରେ ପହଞ୍ଚିଲା ବଉଳକାଠ

ପୁରୀ ଅଫିସ/ସାକ୍ଷୀଗୋପାଳ, ୨।୬(ଡି.ଏନ୍.ଏ):



ସୁସଜ୍ଜିତ ଶଗଡରେ ବଉଳକାଠ ଅଣାଯାଉଛି।

ଚଳିତବର୍ଷ ସ୍ନାନ ଓ ରଥଯାତ୍ରାରେ ଶ୍ରୀଜଗନ୍ନାଥ ଓ ବଡଠାକୁରଙ୍କ ପହଣ୍ଡି ବିଜେ ନିମନ୍ତେ ବାହୁଟ ସେବାଲାଗି ଆବଶ୍ୟକ ବଉଳ କାଠ ଶଗଡ଼ି ମଙ୍ଗଳବାର ଏକାଦଶୀ ତିଥିରେ ସାକ୍ଷୀଗୋପାଳରୁ ବାହାରି ଶ୍ରୀକ୍ଷେତ୍ରରେ ପହଞ୍ଚିଛି। ଶ୍ରୀମନ୍ଦିର ଭୋଇ ସେବକ ଶ୍ରୀରାମଚନ୍ଦ୍ରପୁର ପଞ୍ଚାୟତର ହାଟସାହି ନିବାସୀ ହୃଷୀକେଶ ମହାନ୍ତି ଓ ତାଙ୍କ ଭାଇ କାଳୀପ୍ରସନ୍ନ ମହାନ୍ତିଙ୍କ ବଗିଚାରେ ଚିହ୍ନଟ କରାଯାଇଥିବା ବଉଳକାଠ ପୂଜାର୍ଚ୍ଚନା ପରେ ବୃକ୍ଷ ଛେଦନ କରିଥିଲେ। ତିନିଖଣ୍ଡ କାଠ ଶ୍ରୀକ୍ଷେତ୍ରରୁ ଆସିଥିବା ବଳଦ ଶଗଡ଼ରେ ବକୁଳବନ ସିଦ୍ଧବକୁଳ ମନ୍ଦିରକୁ ଅଣାଯାଇଥିଲା। ଅପରାହ୍ନରେ ସତ୍ୟବାଦୀ ତହସିଲଦାର କସ୍ତୁରୀ ପ୍ରଧାନ ମୁଖ୍ୟଅତିଥି ଭାବେ ସବୁଜ ପତାକା ଦେଖାଇ ବଉଳକାଠ ଶଗଡିକୁ ଶ୍ରୀକ୍ଷେତ୍ର ଅଭିମୁଖେ ମେଲାଣି ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ସତ୍ୟବାଦୀ ଏବିଡିଓ ସାରଦା ପ୍ରସନ୍ନ ମହାନ୍ତି, ଥାନା ଆଇଆଇସି ଦେବୀ ପ୍ରସାଦ ପାତ୍ର, ଜିଲା ପରିଷଦ ସଭ୍ୟ ପ୍ରହ୍ଲାଦ ଘଡୁଆରୀ, ମନ୍ଦିର ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାସ ଚନ୍ଦ୍ର ମିଶ୍ର, ଶ୍ରୀମନ୍ଦିର ମୁଖ୍ୟ ତତ୍ତ୍ୱାବଧାରକ ସୁଦର୍ଶନ ମେକାପ, ପ୍ରଶାନ୍ତ ବିଶ୍ୱାଳ, ସତ୍ୟବାଦୀ ଦାଶ ଯୋଗ ଦେଇଥିଲେ।

**ଶ୍ରୀଜଗନ୍ନାଥଙ୍କ ବାହୁଟ ସେବାଲାଗି**

## ଆଜି ଦଇତା ପ୍ରବେଶ

ପୁରୀ ଅଫିସ,୨।୬:

ଆସନ୍ତା ୫ ତାରିଖରେ ଦେବସ୍ନାନ ପୂର୍ଣ୍ଣିମା। ୧୦୮ ଗରା ଜଳରେ ସ୍ନାନ କରିବା ପରେ ମହାପ୍ରଭୁଙ୍କ ଅଣସର ନୀତି ଆରମ୍ଭ ହେବ। ଏହି ଅଣସର ଗୁପ୍ତ ନୀତିକୁ ସମ୍ପାଦନ କରିବେ ଶ୍ରୀଅଙ୍ଗ ଲାଗି ସେବକ ଦଇତାପତି। ବୁଧବାର ଜ୍ୟେଷ୍ଠ ଶୁକ୍ଳ ତ୍ରୟୋଦଶୀ। ଏହି ପବିତ୍ର ତିଥିରେ ଦଇତାପତିମାନେ ଶ୍ରୀମନ୍ଦିରକୁ ପ୍ରବେଶ କରିବେ। ରାତ୍ର ବଡସିଂହାର ସରି ଶ୍ରୀମୁଖ ଖଣ୍ଟୁଆ ପଡ଼ିବା ପରେ ଦଇତାପତିମାନେ ଶ୍ରୀଅଙ୍ଗ ସୁରକ୍ଷା ଲାଗି ବାହୁଟ କଷ୍ଟ କରିବେ। ସୁଦର୍ଶନଙ୍କୁ ବଡବାଡ଼ କୋଣ ଖଟୁଲି ଉପରେ ବିଜେ କରାଇବେ। ଏହାପରେ କୋଠ ସୁଆସିଆଁମାନେ ରତ୍ନସିଂହାସନ ନିକଟକୁ ଯାଇ ମହାପ୍ରଭୁଙ୍କ ପହଣ୍ଡି ପାଇଁ ଚାରବାଡ଼ ବାନ୍ଧିବେ। ଚତୁର୍ଦ୍ଦଶୀ ଅର୍ଥାତ୍ ୪ ତାରିଖରେ ମହାପ୍ରଭୁଙ୍କ ଶ୍ରୀଅଙ୍ଗ ସୁରକ୍ଷା ଲାଗି ଦଇତାପତିମାନେ ସେନାପଟା ଲାଗି କରିବେ।

# ସାମାଜିକ ସୁରକ୍ଷା ଦାବିକଲେ ଶିକ୍ଷୟିତ୍ରୀ ଶିକ୍ଷକ

ପୁରୀ ଅଫିସ,୨।୬:

ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କ ସାମାଜିକ ସୁରକ୍ଷା ଦାବି ନେଇ ଓଡ଼ିଶା ପ୍ରାଥମିକ ଶିକ୍ଷକ ସଂଘ (ନୂତନ ପେନ୍‌ସନଭୁକ୍ତ) ପୁରୀ ସଦର ବ୍ଲକ ପକ୍ଷରୁ ବିଇଓଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଦିଆଯାଇଛି। ଗଞ୍ଜାମ ଓ ବାଲେଶ୍ୱରରେ ଶିକ୍ଷକମାନଙ୍କ ଉପରେ ହୋଇଥିବା ଆକ୍ରମଣକୁ ନିନ୍ଦା କରାଯିବା ସହ ଦୋଷୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ସଂଘ ଦାବି କରିଛି। ପୁରୀ ସଦର ବ୍ଲକର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ କରୋନା ମୁକାବିଲା ପାଇଁ ବିଭିନ୍ନ ସରକାରୀ ଦାୟିତ୍ୱ ସୂଚାରୁ ରୂପେ ସମ୍ପାଦନ କରୁଛନ୍ତି। କିନ୍ତୁ ସେମାନଙ୍କୁ କୋଭିଡ୍ ଯୋଦ୍ଧାର ମାନ୍ୟତା ଦିଆ ନ ଯିବା ଏବଂ ସେମାନଙ୍କ ସାମାଜିକ ସୁରକ୍ଷା ପ୍ରତି ଧ୍ୟାନ ନ ଦିଆଯିବା ଶିକ୍ଷୟିତ୍ରୀ ଶିକ୍ଷକଙ୍କ ମନରେ ଅସନ୍ତୋଷ ସୃଷ୍ଟି କରିଛି। ଏଥିସହ ସେମାନଙ୍କୁ ବୀମାଭୁକ୍ତ କରିବା ଲାଗି ଦାବି ରଖାଯାଇଛି। ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଶୈକ୍ଷିକ କାର୍ଯ୍ୟ ବ୍ୟତୀତ କୌଣସି ଅଣଶୈକ୍ଷିକ କାର୍ଯ୍ୟରେ ନିୟୋଜିତ ନ କରିବା ଲାଗି ସଂଘ ଅନୁରୋଧ କରିଛି। ତୁରନ୍ତ ପଦକ୍ଷେପ ନଆ ନ ଗଲେ ରାଜ୍ୟ ସଂଘ ଆହ୍ୱାନ କ୍ରମେ ଆନ୍ଦୋଳନ ତୀବ୍ରତର କରାଯିବ ଏବଂ ଏଥିପାଇଁ ସରକାର ଦାୟୀ ରହିବେ ବୋଲି ଦାବିପତ୍ରରେ ଦର୍ଶାଯାଇଛି। ସଂଘ ସଭାପତି ପ୍ରଭାତ ରଞ୍ଜନ ପୃଷ୍ଟି, ସମ୍ପାଦକ ଉମାକାନ୍ତ ମହାପାତ୍ର, ପ୍ରସନ୍ନ ମହାପାତ୍ର, ପ୍ରଦୀପ ସାହୁ, ରାଧାଶ୍ୟାମ ପଟ୍ଟନାୟକ, ମିହିର ମିଶ୍ର, ସୁନୀଲ ନାୟକ, ମହେଶ୍ୱର ବେହେରା, ପୁଷ୍ପାରାଣୀ ପଣ୍ଡା, ମନସ୍ୱିନୀ ମିଶ୍ର ପ୍ରମୁଖ ଏହି ଦାବିପତ୍ର ପ୍ରଦାନ କରିଥିଲେ।

# ମହାପ୍ରଭୁଙ୍କ ସେବାରେ ଦିବ୍ୟାଙ୍ଗ କାର୍ତ୍ତିକେଶ୍ୱର

ଖୋର୍ଦ୍ଧା ଅଫିସ,୨।୬:



ମହାପ୍ରଭୁଙ୍କ ସେବା ଲାଗି ଭକ୍ତଙ୍କ ମନ ସର୍ବଦା ବ୍ୟାକୁଳ ରହିଥାଏ। କିଏ ତୁଳସୀ ପଠାଏ ତ ଆଉ କିଏ ମହାପ୍ରଭୁଙ୍କ ବିଭିନ୍ନ ସେବାରେ ନିୟୋଜିତ ହୋଇଥାନ୍ତି। ମହାପ୍ରଭୁଙ୍କ ଏପରି ଜଣେ ଅନନ୍ୟ ସେବକ ହେଉଛନ୍ତି ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ରାଉତପଡାର ବୁଣାକାର ଦିବ୍ୟାଙ୍ଗ କାର୍ତ୍ତିକେଶ୍ୱର ପାତ୍ର। ମହାପ୍ରଭୁଙ୍କ ବଡସିଂହାର ବେଶ ଲାଗି ଗୀତଗୋବିନ୍ଦ ଲେଖାଥିବା ପାଟବସ୍ତ୍ର ବୁଣିଛନ୍ତି।

କାର୍ତ୍ତିକେଶ୍ୱର ଜନ୍ମରୁ ପୋଲିଓରେ ଆକ୍ରାନ୍ତ। ମାଟ୍ରିକ ପାସ୍ କରିବା ପରେ ପରିବାର ସମସ୍ୟା କାରଣରୁ ତାଙ୍କ ପାଠପଢାରେ ଡୋରି ବାନ୍ଧି ହୋଇଯାଇଥିଲା। ଛୋଟ ବୟସରେ ବାପାଙ୍କ ଦେହାନ୍ତ ପରେ ମାମୁ ବୁଣାକାର ଗୋପୀନାଥ ଦାସଙ୍କ ସଂସ୍ପର୍ଶରେ ଆସି ହସ୍ତ ତନ୍ତ ଲୁଗା ବୁଣିବା ଆରମ୍ଭ କରିଥିଲେ। ଧୀରେ ଧୀରେ ଏଥିରେ ତାଙ୍କ ଅଭିଜ୍ଞତା ବଢ଼ିଥିଲା। ୧୫ ବର୍ଷ ବୟସରେ ସେ ମହାପ୍ରଭୁଙ୍କ ଲାଗି ପାଟବସ୍ତ୍ର ବୁଣିବା ଆରମ୍ଭ କରିଥିଲେ। ବର୍ତ୍ତମାନ ସେ ମହାପ୍ରଭୁଙ୍କ ବଡସିଂହାର ବେଶ ଲାଗି ଗୀତଗୋବିନ୍ଦ ଲେଖାଥିବା ପାଟବସ୍ତ୍ର ବୁଣିଛନ୍ତି। ଏ ନେଇ କାର୍ତ୍ତିକେଶ୍ୱର କୁହନ୍ତି, ଦିବ୍ୟାଙ୍ଗ ହୋଇଥିଲେ ମଧ୍ୟ ମୁଁ ଦୁଃଖ ଅନୁଭବ କରେ ନାହିଁ। ଦୀର୍ଘ ୨୦ବର୍ଷ ଧରି ମହାପ୍ରଭୁଙ୍କ ସେବାରେ ଲାଗିଛି। ତେଣୁ ନିଜକୁ ଧନ୍ୟ ମନେକରୁଛି। ବଡସିଂହାର ବେଶ ଲାଗି ଗୀତଗୋବିନ୍ଦ ପାଟ ବସ୍ତ୍ର ବୁଣିବା ବେଳେ ମହାପ୍ରଭୁଙ୍କୁ ଅନୁଭବ କରିବା ମାତ୍ରକେ ମନରେ ଶାନ୍ତି ଏବଂ ଆନନ୍ଦ ମିଳିଥାଏ। ସେ ଦୟା ଓ କରୁଣାର ସାଗର। ଜୀବନ ଶେଷ ପର୍ଯ୍ୟନ୍ତ ତାଙ୍କ ସେବା କରୁଥିବି। ଦିବ୍ୟାଙ୍ଗ ହୋଇଥିବାରୁ ମୁଁ ଚାଲିବାକୁ ଅକ୍ଷମ। ଜୀବନରେ ଥରେ ମହାପ୍ରଭୁଙ୍କୁ ମନ ଭରି ଦେଖିବାକୁ ଭାରି ଇଚ୍ଛା ରହିଛି। ମୋ ହାତ ବୁଣା ଲୁଗା ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଲାଗିଥାଏ। ଏହା ଶୁଣିବା ବେଳେ ମୋ ମନରେ ଶିହରଣ ଖେଳିଯାଇଥାଏ। ଏହି ସେବା ଭାଗ୍ୟରେ ଥିଲେ ମିଳେ ବୋଲି ସେ କହିଛନ୍ତି।

# ରୁକ୍ମିଣୀଙ୍କୁ ବିବାହ କଲେ ମହାପ୍ରଭୁ

ପୁରୀ ଅଫିସ,୨।୬:

### ଯୁଦ୍ଧରେ ହାରିଲେ ଶିଶୁପାଳ




୩୯୩୯)ରୁ ୧୦

ବିଦର୍ଭ ରାଜା ଭୀଷ୍ମକଙ୍କ କନ୍ୟା ରୁକ୍ମିଣୀ ମା' ବିମଳାଙ୍କ ଦର୍ଶନ ସାରି ଫେରୁଥିବା ବେଳେ ମହାପ୍ରଭୁ ତାଙ୍କୁ ହରଣ କରି ନେଉଥିଲେ। ଏହି ସମୟରେ ବାଟ ଓଗାଳିଥିଲେ ଶିଶୁପାଳ। ଦୁହିଁଙ୍କ ମଧ୍ୟରେ ଯୁଦ୍ଧ ହେଲା। ଶେଷରେ ଶିଶୁପାଳଙ୍କୁ ପରାସ୍ତ କରି ରଥରେ ବାନ୍ଧି ରୁକ୍ମିଣୀଙ୍କୁ ବିବାହ କଲେ ମହାପ୍ରଭୁ। ମଙ୍ଗଳବାର ପବିତ୍ର ଜ୍ୟେଷ୍ଠ ଶୁକ୍ଳ ଏକାଦଶୀରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ରୁକ୍ମିଣୀ ହରଣ ଓ ବିବାହ ନୀତି ସମ୍ପନ୍ନ ହୋଇଛି। ଏହି ଦିବସକୁ ରୁକ୍ମିଣୀ ହରଣ ଏକାଦଶୀ ମଧ୍ୟ କୁହାଯାଏ।

ସକାଳ ଧୂପ ପୂଜା ବେଳେ ଦକ୍ଷିଣୀ ଘରେ ମଦନମୋହନ (ଶ୍ରୀକୃଷ୍ଣ)ଙ୍କ ବେଶ ହୋଇଥିଲା। ପରେ ମଦନମୋହନ ରତ୍ନସିଂହାସନକୁ ବିଜେ ହୋଇଥିଲେ। ଭୋଗ ମଣ୍ଡପ ପରେ ମହାପ୍ରଭୁଙ୍କଠାରୁ ମଦନମୋହନ ଆଜ୍ଞାମାଳ ପାଇ ଜୟ ବିଜୟ ଦ୍ୱାରକୁ ବିଜେ କରିଥିଲେ। ସକାଳ ଧୂପ ପୂଜା ବଢିବା ପରେ ପୂଜାପଣ୍ଡା ସାମନ୍ତ ଶ୍ରୀଜଗନ୍ନାଥଙ୍କ ଶ୍ରୀଅଙ୍ଗରୁ ଆଜ୍ଞାମାଳ ନେଇ ଶ୍ରୀଦେବୀ (ରୁକ୍ମିଣୀ)ଙ୍କୁ ଦେଇଥିଲେ। ମହାଜନ ସେବକ ରୁକ୍ମିଣୀଙ୍କୁ ସାତପାହାଚସ୍ଥିତ ପାଲିଙ୍କିରେ ବିଜେ କରାଇଥିଲେ। ବିମାନବଡୁମାନେ ପାଲିଙ୍କିକୁ ମହାଲକ୍ଷ୍ମୀ ମନ୍ଦିରକୁ ନେଇଥିଲେ। ସେଠାକାର ଜଗମୋହନରେ ଥିବା ଖଟରେ ରୁକ୍ମିଣୀ ବିଜେ ହୋଇଥିଲେ। ରୁକ୍ମିଣୀଙ୍କ ପଞ୍ଚାମୃତ ମହାସ୍ନାନ, ମାଜଣା, ବନକ ଲାଗି ଏବଂ ଅଳଙ୍କାର ଲାଗିହୋଇ ବେଶ ହୋଇଥିଲା। ଏହି ସମୟରେ ତଢାଉକରଣ ରୁକ୍ମିଣୀଙ୍କ ବିଶ୍ୱସ୍ତ ରୂପେ ତାଳପତ୍ର ଓ ଲେଖନୀ ନେଇ ଉପସ୍ଥିତ ଥିଲେ। ଭିତରଚ୍ଛ ମହାପାତ୍ର ଉକ୍ତ ତାଳପତ୍ର ଓ ଲେଖନୀ ନେଇ ରୁକ୍ମିଣୀଙ୍କ ଶ୍ରୀହସ୍ତ ଛୁଆଁ କରି ତଢାଉକରଣଙ୍କୁ ଦେଇଥିଲେ। ତଢାଉକରଣ ରୁକ୍ମିଣୀଙ୍କ ମନୋଭାବ ସମ୍ପର୍କରେ ମହାପ୍ରଭୁଙ୍କୁ ଚିଟାଉ ଲେଖିଥିଲେ। ଭିତରଚ୍ଛ ମହାପାତ୍ର ଚିଟାଉ ନେଇ ରୁକ୍ମିଣୀଙ୍କ ଶ୍ରୀହସ୍ତ ମୁଦ କରାଇଥିଲେ। ଏହାପରେ ବିପ୍ର ବ୍ରାହ୍ମଣ ରୂପରେ ଜଣେ ସେବକ ଚିଟାଉ ନେଇ ଜୟ ବିଜୟ ଦ୍ୱାରଠାରେ ଥିବା ମହାପ୍ରଭୁଙ୍କ ନିକଟକୁ ଯାଇଥିଲେ। ସେଠାରେ ପୁରାଣ ପଣ୍ଡା, ପୂଜାପଣ୍ଡା ଓ ପାଳିଆ ଖୁଣ୍ଟିଆ ଥାଇ ବଚନିକା ହୋଇଥିଲା। ମଦନମୋହନ ରଥରେ ବିଜେ ହୋଇ ବିମଳା ମନ୍ଦିର ନିକଟକୁ ଯାଇ ରୁକ୍ମିଣୀଙ୍କୁ ଅପେକ୍ଷା କରିଥିଲେ। ମହାଲକ୍ଷ୍ମୀ ମନ୍ଦିରରୁ ରୁକ୍ମିଣୀ ପାଲିଙ୍କିରେ ବିଜେ ହୋଇ ବିମଳାଙ୍କ ମନ୍ଦିରକୁ ଆସିଥିଲେ। ଦର୍ଶନ ସାରି ବାହାରିବା ବେଳେ ରୁକ୍ମିଣୀଙ୍କୁ ମହାପ୍ରଭୁ ବିମଳା ମନ୍ଦିର ଦ୍ୱାର ନିକଟରୁ ହରଣ କରି ରଥରେ ବସାଇ ନେଇଥିଲେ। ସରସ୍ୱତୀ ଦେଉଳ ସମ୍ମୁଖରେ ଶିଶୁପାଳ ପ୍ରତିରୋଧ କରିଥିଲେ। ଉଭୟଙ୍କ ମଧ୍ୟରେ ଯୁଦ୍ଧ ହୋଇଥିଲା। ମହାପ୍ରଭୁ ଶିଶୁପାଳଙ୍କୁ ପରାସ୍ତ କରି ରଥରେ ବାନ୍ଧି ଦେଇଥିଲେ। ଦକ୍ଷିଣୀ ଘରୁ ବଳଦେବ ବିମାନରେ ଆସି ଶିଶୁପାଳଙ୍କୁ ବନ୍ଧନ ମୁକ୍ତ କରିଥିଲେ। ପରେ ବଳଦେବ ଦକ୍ଷିଣୀ ଘରକୁ ଏବଂ ମଦନମୋହନ ଓ ରୁକ୍ମିଣୀ ବିବାହ ମଣ୍ଡପକୁ ବିଜେ କରିଥିଲେ। ସନ୍ଧ୍ୟାଧୂପ ପୂଜା ବସିବା ସମୟରେ ବିବାହ ନୀତି ସମ୍ପନ୍ନ ହୋଇଥିଲା। ଏହାପରେ ଶ୍ରୀମନ୍ଦିରରେ ଶ୍ରୀବିଗ୍ରହଙ୍କ ଚନ୍ଦନ ଲାଗି ହୋଇଥିଲା।

## ସମର୍ଥକଙ୍କ ସହ ଧାରଣା ଦେଲେ ବ୍ଲକ ଅଧ୍ୟକ୍ଷ

**ଖଣ୍ଡପଡ଼ା,୨।୬(ସ୍ୱ.ପ୍ର.):** ଖଣ୍ଡପଡ଼ା ବ୍ଲକର ସହକାରୀ ଯନ୍ତ୍ରୀ ବୃନ୍ଦାବନ ବରିହାଙ୍କ ବଦଳି ଆଦେଶ ବାତିଲ ଦାବିରେ ସୋମବାରଠାରୁ ଆନ୍ଦୋଳନ ଆରମ୍ଭ ହୋଇଛି। ମଙ୍ଗଳବାର ବ୍ଲକ ଅଧ୍ୟକ୍ଷ ମନୋଜ କୁମାର ପ୍ରଧାନଙ୍କ ନେତୃତ୍ୱରେ ବିଭିନ୍ନ ପଞ୍ଚାୟତର ଲୋକପ୍ରତିନିଧି ବ୍ଲକ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ। ଏହି ମର୍ମରେ ସେମାନେ ଜିଲାପାଳ, ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଆଉ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଅନ୍ଦୋଳନ ଚାଲୁ ରହିବ ବୋଲି ବ୍ଲକ ଅଧ୍ୟକ୍ଷ ପ୍ରଧାନ ସୂଚନା ଦେଇଛନ୍ତି। ଆନ୍ଦୋଳନ ଯୋଗୁ ବ୍ଲକ କାର୍ଯ୍ୟାଳୟରେ ଅଚଳାବସ୍ଥା ଦେଖାଦେଇଛି।

### ସଂକ୍ଷେପରେ

## ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଫେରିଲେ ୨୯ ପ୍ରବାସୀ

**ଖଣ୍ଡପଡା,୨।୬(ସ୍ୱ.ପ୍ର.):** ରାଜ୍ୟ ବାହାରୁ ଫେରି ଖଣ୍ଡପଡା ଶିଖରପୁର ଉଚ୍ଚ ବିଦ୍ୟାଳୟ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରହୁଥିବା ୨୯ ଜଣ ପ୍ରବାସୀ ଘରକୁ ଫେରିଛନ୍ତି। ସୁରଟ, ତାମିଲନାଡୁ, କର୍ନାଟକ, କେରଳରୁ ଆସିଥିବା ପ୍ରବାସୀମାନେ ୧୪ଦିନ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରହିବା ପରେ ଘରକୁ ଫେରି ୭ଦିନ ପର୍ଯ୍ୟନ୍ତ ସଙ୍ଗରୋଧ ନିୟମରେ ରହିବେ। ଘରକୁ ଫେରିଥିବା ସମସ୍ତ ପ୍ରବାସୀଙ୍କୁ ସ୍ଥାନୀୟ ସରପଞ୍ଚ ନବକିଶୋର ସାହୁ ୨ହଜାର ଟଙ୍କା ଲେଖାଏ ପ୍ରଦାନ କରିଥିଲେ। ମଙ୍ଗଳବାର ସୁଦ୍ଧା ବିଭିନ୍ନ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ୨୨୯ଜଣ ପ୍ରବାସୀ ଗୃହକୁ ଫେରିଛନ୍ତି।

## ଯୌତୁକ ଦାବିରେ ମହିଳାଙ୍କୁ ହତ୍ୟା

**ବିରିଡ଼ି,୨।୬(ଡି.ଏନ୍.ଏ.):** ବିରିଡ଼ି ଥାନା ଅନ୍ତର୍ଗତ ଦଣ୍ଡିଲୋ ଗ୍ରାମର ଧରିତ୍ରୀ ସ୍ୱାଇଁଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ଶାଶୁଘର ଲୋକେ ଭଉଣୀଙ୍କୁ ହତ୍ୟା କରିଛନ୍ତି ବୋଲି ହଳଦିଆପଡା ଗ୍ରାମର ରାମଚନ୍ଦ୍ର ରାଉତ ମଙ୍ଗଳବାର ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ, ଦଣ୍ଡିଲୋ ଗ୍ରାମର ନାରାୟଣ ସ୍ୱାଇଁଙ୍କ ପୁତ୍ର ଦିଲୀପଙ୍କ ସହ ଜୁନ୍ ୨୦୧୯ରେ ଧରିତ୍ରୀଙ୍କ ବିବାହ ହୋଇଥିଲା। ବିବାହ ପରେ ଅଧିକ ଏକ ଲକ୍ଷ ଟଙ୍କା ଓ ମୋଟରସାଇକେଲ ଦାବି କରି ଶାଶୁଘର ପକ୍ଷରୁ ତାଙ୍କୁ ନିର୍ଯାତନା ଦିଆଯାଉଥିଲା। ଏହି ଯୌତୁକ ଦାବିରେ ତାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ପତ୍ରରେ ଦର୍ଶାଯାଇଛି। ଏନେଇ ଥାନାରେ ମାମଲା (ନଂ. ୬୫/୨୦) ରୁଜୁ ହୋଇଛି।

## ଅଙ୍ଗନୱାଡି ଗୃହ ମରାମତି ଦାବି



**କାଳିଆପାଣି, ୨।୬ (ଡି.ଏନ୍.ଏ):** ସୁକିନ୍ଦା ବ୍ଲକ ଅଧୀନ ନଗଡ଼ା ଅଞ୍ଚଳର ଗୁହିଆଶାଳ ଗ୍ରାମ ଅଙ୍ଗନୱାଡ଼ି କେନ୍ଦ୍ର ସାମୁଦ୍ରିକ ଝଡ଼ ଅମ୍ଫନ ପ୍ରଭାବରେ ଭାଙ୍ଗିଯାଇଛି। ଉକ୍ତ ଗୃହରେ ଲାଗିଥିବା କାଠ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିବା ବେଳେ ଟିଣ ଉଡ଼ି ଯାଇଛି। ଏଥିଯୋଗୁ ଆଗାମୀ ଦିନରେ ସେହିଘରେ ପିଲାମାନେ ବସି ପାଠ ପଢ଼ିବା ସମ୍ଭବ ହେବନାହିଁ। ଫଳରେ ସେହି ଘର ମରାମତି ପାଇଁ ସ୍ଥାନୀୟ ଗ୍ରାମବାସୀ ଦାବି କରିଛନ୍ତି। ଏ ନେଇ ସୁକିନ୍ଦା ବିଡିଓଙ୍କୁ ଯୋଗାଯୋଗ କରିବାରେ ତୁରନ୍ତ ଏହାର ମରାମତି କରାଯିବ ବୋଲି କହିଛନ୍ତି।

## ପ୍ରାପ୍ୟ ଅନୁସାରେ ହିତାଧିକାରୀ ରାଶନ ସାମଗ୍ରୀ ପାଉ ନ ଥିବା ଅଭିଯୋଗ

**ଧର୍ମଶାଳା, ୨।୬ (ଡି.ଏନ୍.ଏ.):** କରୋନା ପାଇଁ ରାଶନ କାର୍ଡ ହିତାଧିକାରୀଙ୍କୁ ୩ ମାସର ରାଶନ ସାମଗ୍ରୀ ଯୋଗାଇ ଦେବାକୁ ସରକାର ନିର୍ଦ୍ଦେଶ ଦେଇଥିଲେ। ଏହି କ୍ରମରେ ଧର୍ମଶାଳା ବ୍ଲକରେ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ୪୫,୦୨୭ ପରିବାରର ୧,୭୩,୪୬୭ ହିତାଧିକାରୀଙ୍କୁ ୨୬୦୨୦.୫ କୁଇଣ୍ଟାଲ ଚାଉଳ ଓ ୧୩୫୦.୮୧ କୁଇଣ୍ଟାଲ ଡାଲି ବଣ୍ଟନ କରିବା ପାଇଁ ରିଟେଲରମାନଙ୍କୁ ଯୋଗାଇ ଦିଆଯାଇଛି। ହେଲେ ହିତାଧିକାରୀଙ୍କୁ ପ୍ରାପ୍ୟ ଅନୁସାରେ ରାଶନ ସାମଗ୍ରୀ ବଣ୍ଟନ କରାଯାଇ ନ ଥିବା ଧର୍ମଶାଳା ନର୍ବାଚନ ମଣ୍ଡଳୀ ଭାଜପା ପକ୍ଷରୁ ଅଭିଯୋଗ ହୋଇଛି। ବିଶେଷ କରି ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ଆସିଥିବା ଡାଲି ବହୁ ହିତାଧିକାରୀଙ୍କୁ ବଣ୍ଟନ କରାଯାଇନାହିଁ। ଅନ୍ୟପଟେ ବହୁ ଯୋଗ୍ୟ ହିତାଧିକାରୀ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ହୋଇପାରିନାହାନ୍ତି ବୋଲି ଭାଜପା ଅଭିଯୋଗ କରିଛି। ଏହାର ବିଧିବଦ୍ଧ ତଦନ୍ତ କରିବାକୁ ଭାଜପା ନେତା ନିରଞ୍ଜନ ବେହେରା, ବିଜୟ କୁମାର ନାୟକ ଧର୍ମଶାଳା ବିଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

# ଅନିର୍ଦ୍ଦିଷ୍ଟ କାଳ ପାଇଁ ଶଟ୍‌ଡାଉନ

**ନୟାଗଡ଼ ଅଫିସ,୨।୬**

### ୨ ଗାଁ କଣ୍ଟେନ୍‌ମେଣ୍ଟ, ୨ ଗାଁ ବଫର ଜୋନ୍



କଣ୍ଟେନମେଣ୍ଟ ଜୋନ୍‌ରେ ପୋଲିସର ପହରା।

ନୟାଗଡ଼ ସଦର ବ୍ଲକ ବାଲୁଗାଁ ଖେଡପଡା ଅଞ୍ଚଳର ଜଣେ ବ୍ୟକ୍ତି କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ଖେଡପଡା ଓ ଜୟମଙ୍ଗଳପ୍ରସାଦ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା ହୋଇଛି। ସେହିଭଳି କାଦୁଆ ଓ ଖଡଗପ୍ରସାଦ ବଫର ଜୋନ ଭାବେ ନୟାଗଡ଼ ଜିଲାପାଳ ପୋମା ଟୁଡୁ ଘୋଷଣା କରିଛନ୍ତି। ଉକ୍ତ ଜୋନକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଶଟ୍‌ଡାଉନ ଘୋଷଣା କରାଯାଇଛି। ଶଟ୍‌ଡାଉନ ୨ ତାରିଖ ସକାଳ ୭ଟାରୁ ଲାଗୁ ହୋଇଥିବାବେଳେ ପ୍ରଶାସନ ପକ୍ଷରୁ ତ୍ରୁଟିପୂର୍ଣ୍ଣ ଭାବେ ବିଜ୍ଞପ୍ତିରେ ତାରିଖ ପ୍ରକାଶିତ ହୋଇଥିବା ଜଣାପଡୁଛି। ତେବେ ଶଟ୍‌ଡାଉନ ହୋଇଥିବା ଅଞ୍ଚଳର ଲୋକମାନେ ବାହାରକୁ ଯାଇପାରିବେ ନାହିଁ କି ବାହାର ଲୋକ ଉକ୍ତ ଅଞ୍ଚଳକୁ ଆସିପାରିବେ ନାହିଁ ବୋଲି କୁହାଯାଇଛି। ଅନ୍ୟପକ୍ଷେ ଜିଲାର ବିଭିନ୍ନ ବ୍ଲକ ଓ ସହରରେ ସକାଳ ୬ରୁ ସନ୍ଧ୍ୟା ୬ ପର୍ଯ୍ୟନ୍ତ ବ୍ୟବସାୟ ପ୍ରତିଷ୍ଠାନ ଖୋଲା ରହିବ। ପୂର୍ବରୁ ଏହି ସମୟ ସକାଳ ୭ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ରହିଥିଲା। ବ୍ୟବସାୟୀମାନେ ଗ୍ରାହକଙ୍କୁ ସମାଜିକ ଦୂରତ୍ୱ ଉପରେ ସଚେତନ କରାଇ ବ୍ୟବସାୟ କରିବେ। ନିଜେ ମାସ୍କ ପିନ୍ଧିବା ସହ ଗ୍ରାହକମାନେ ପିନ୍ଧିବାକୁ କହିବେ। ଔଷଧ ଦୋକାନ ୨୪ ଘଣ୍ଟା ଖୋଲା ରହିବ। ତେବେ ଶପିଂ ମଲ୍, ସିନେମା ହଲ, ବଡ ବଡ ମାର୍କେଟ କମ୍ପ୍ଲେକ୍ସ, ଜିମ୍, ସ୍ପୋର୍ଟ୍ସ କମ୍ପ୍ଲେକ୍ସ, ସୁଇମିଂ ପୁଲ୍, ପାର୍କ, ବାର୍ ଖୋଲିବନି। ସାଂସ୍କୃତିକ ଅନୁଷ୍ଠାନ, ରାଜନୈତିକ ଦଳ, ବିବାହ, ବ୍ରତ, ଖେଳକୁଦ, ମନୋରଞ୍ଜନ ଆଦି ଅନୁମତି ନେଇ କରାଯାଇ ପାରିବ। ସନ୍ଧ୍ୟା ୭ଟାରୁ ସକାଳ ୫ଟା ପର୍ଯ୍ୟନ୍ତ କର୍ଫ୍ୟୁ ଯୋଗୁ ବୁଲାବୁଲି କରିବାକୁ ବାରଣ କରାଯାଇଛି। ଶନିବାର ଓ ରବିବାର ଶଟ୍‌ଡାଉନ ସମୟରେ ପେଟ୍ରୋଲ ପମ୍ପ, ପୋଲିସ, ଅଗ୍ନିଶମ ବିଭାଗ, ଟେଲିସେବା, ବିଦ୍ୟୁତ୍, ଗଣମାଧ୍ୟମ କାର୍ଯ୍ୟ କରିପାରିବେ। ଜିଲାକୁ ଫେରୁଥିବା ପ୍ରବାସୀମାନେ ୧୪ ଦିନିଆ ସଙ୍ଗରୋଧରେ ରହିବେ। ପୁଣି ୭ଦିନିଆ ହୋମ୍ କ୍ୱାରାଣ୍ଟାଇନ୍‌ରେ ରହିବେ ବୋଲି ଜିଲାପାଳଙ୍କ ପକ୍ଷରୁ ଏକ ସ୍ୱତନ୍ତ୍ର ବିଜ୍ଞପ୍ତି ପ୍ରକାଶ ପାଇଛି। ଅପରପକ୍ଷେ ଜିଲାରେ ମଙ୍ଗଳବାର ସୁଦ୍ଧା ୬୯ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏଥିରୁ ୩ ଜଣ ସୁସ୍ଥ ହେବା ପରେ ମୋଟ ସୁସ୍ଥଙ୍କ ସଂଖ୍ୟା ୩୦ରେ ପହଞ୍ଚିଛି। ୩୯ଜଣ ଭୁବନେଶ୍ୱରରେ ଚିକିତ୍ସିତ ହେଉଛନ୍ତି।

## ଯାଜପୁରରେ ୧୦ ନୂଆ କରୋନା ସଂକ୍ରମିତ

**ଯାଜପୁର ଅଫିସ୍/ରତ୍ନଗିରି, ୨।୬(ଡି.ଏନ୍.ଏ.):**

### ବରୀରୁ ୬, ଦଶରଥପୁର ୩, ଯାଜପୁରରୁ ଜଣେ ଆକ୍ରାନ୍ତ

ଯାଜପୁର ଜିଲାରେ ମଙ୍ଗଳବାର ୧୦ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ସଂକ୍ରମିତଙ୍କ ସଂଖ୍ୟା ୨୯୦ରେ ପହଞ୍ଚିଛି। ନୂତନ ସଂକ୍ରମିତଙ୍କ ମଧ୍ୟରେ ବରୀ ବ୍ଲକର ୬ଜଣ, ଦଶରଥପୁର ବ୍ଲକର ୩ ଜଣ ଓ ଯାଜପୁର ବ୍ଲକର ଜଣେ ଅଛନ୍ତି ବୋଲି ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ମିଳିଛି। ସେମାନଙ୍କ ମଧ୍ୟରେ ୪ ଜଣ ସୁରଟ ଫେରନ୍ତା, ୨ ଜଣ ମହାରାଷ୍ଟ୍ରରୁ ଫେରିଥିବା ବେଳେ କୋଲକୋତାରୁ ୨ଜଣ, ଦିଲ୍ଲୀ ଓ କର୍ଣ୍ଣାଟକରୁ ଜଣେ ଲେଖାଏ ଫେରିଥିବା ଜଣପଡ଼ିଛି।

## ନିଶ୍ଚିନ୍ତ କର୍ମନିଯୁକ୍ତି ଯୋଗାଇବାରେ ବିଫଳ

**କେନ୍ଦ୍ରାପଡ଼ା ଅଫିସ, ୨।୬:** ଅର୍ଥନୈତିକ ବିକାଶ କ୍ଷେତ୍ରରେ ବହୁ ପଛୁଆ କେନ୍ଦ୍ରାପଡ଼ା ଏମ୍‌ଜିଏନ୍‌ଆରଇଜିଏସ୍ କ୍ଷେତ୍ରରେ ମଧ୍ୟ ବିଫଳ ହୋଇଛି। ପୋର୍ଟାଲର ତଥ୍ୟ ଅନୁଯାୟୀ, ଜିଲା ଏବେ ଶେଷ ୫ ଜିଲା ମଧ୍ୟରେ ରହି ରେଡ୍ ଜୋନ୍‌ରେ ଅଛି। ରାଜ୍ୟର ଢେଙ୍କାନାଳ, ପୁରୀ, ଯାଜପୁର, କଟକ ଓ ଝାରସୁଗୁଡା ଜିଲା ଗ୍ରୀନ୍ ଜୋନ୍‌ରେ ଅଛନ୍ତି। ସେହିପରି ବରଗଡ, କୋରାପୁଟ, କେନ୍ଦ୍ରାପଡ଼ା, ବାଲେଶ୍ୱର ଓ ବୌଦ୍ଧ ଶେଷ ୫ଟି ସ୍ଥାନରେ ଅଛନ୍ତି। କେନ୍ଦ୍ରାପଡାର ୨୪୯ ପଞ୍ଚାୟତରେ ମୋଟ ୧୭୩୦୩୭ କାର୍ଯ୍ୟରତ ଶ୍ରମିକ ଅଛନ୍ତି। ଏମାନଙ୍କ ପାଇଁ ୪୦୦୦୮ଟି କାର୍ଯ୍ୟଦିବସ ଧାର୍ଯ୍ୟ ହୋଇଥିବା ବେଳେ ୩୮୨୨୧୩ କାର୍ଯ୍ୟଦିବସ ସୃଷ୍ଟି ହୋଇଛି। ଜିଲାର ମାତ୍ର ୫ଟି ଜବ୍‌କାର୍ଡଧାରୀ ପରିବାର ୧୦୦ ଦିନର କାର୍ଯ୍ୟ ସମାପ୍ତ କରିଥିବା ସୂଚନା ମିଳିଛି। ଏ ସମ୍ପର୍କରେ ଡିଆର୍‌ଡିଏ ପିଡି ଦିଲୀପ ପରିଡା କୁହନ୍ତି, ଦେଶରେ ତାଲାବନ୍ଦ ଯୋଗୁ ନିଶ୍ଚିନ୍ତ କର୍ମନିଯୁକ୍ତି କ୍ଷେତ୍ରରେ ବିଳମ୍ବ ହୋଇଛି। ତେବେ ଏହାକୁ ତ୍ୱରାନ୍ୱିତ କରିବାକୁ ସମସ୍ତ ବିଡିଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

# ତାଲିକାରେ ଅଟକିଛି ଜୀବିକା ବିକାଶ

**ସୁକିନ୍ଦା, ୨।୬ (ଡି.ଏନ୍.ଏ.)**

### ଯୋଜନା କରି ଭୁଲିଗଲା ଓଏମ୍‌ବିଏଡିସି

> ୨ ବର୍ଷ ତଳୁ ତାଲିକା ପ୍ରସ୍ତୁତ କରାଯାଇ ଓଏମବିଏଡିସିଁକୁ ପ୍ରଦାନ କରାଯାଇଛି। ଅନୁଦାନ ଆସିଲେ ଲୋକଙ୍କୁ ଯୋଗାଇ ଦିଆଯିବ।
>
> -ସୁକିନ୍ଦା ବ୍ଲକ ଭିଇଏସ ଶୁଖେନ୍ଦୁ ରାୟ

ସୁକିନ୍ଦା ଖଣି ପ୍ରଭାବିତ ଅଞ୍ଚଳବାସୀଙ୍କ ଜୀବିକା ବିକାଶ ପାଇଁ ୨ବର୍ଷ ତଳୁ ରାଜ୍ୟ ସରକାର ଓଡ଼ିଶା ମାଇନିଂ ବିଅରିଂ ଏରିଆ ଡେଭଲପମେଣ୍ଟ କର୍ପୋରେଶନ (ଓଏମ୍‌ବିଏଡିସି) ପକ୍ଷରୁ ପ୍ରସ୍ତୁତ କରାଯାଇଥିବା ଯୋଜନା ଏ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସୁକିନ୍ଦା ଖଣି ଅଞ୍ଚଳ ଅଧୀନରେ କୁହିକା, କାଙ୍କଡ଼ପାଳ, ଦୁଧୁଯୋରି, ରାସୋଁଳ, ଚିଙ୍ଗୁଡିପାଳ, କାଳିଆପାଣି, କଂସ ଆଦି ୮ଟି ପଞ୍ଚାୟତ ରହିଛି। ଓଏମ୍‌ବିଏଡିସି ଯୋଜନା ଆଧାରରେ ଗୋପାଳନ, ଛେଳି ପାଳନ, କୁକୁଡ଼ା ଫାର୍ମ ଆଦି ମାଧ୍ୟମରେ ଏଠାକାର ଲୋକଙ୍କ ଜୀବିକା ବିକାଶ ପାଇଁ ୨ବର୍ଷ ତଳେ ସୁକିନ୍ଦା ପ୍ରାଣୀଧନ କେନ୍ଦ୍ର ତରଫରୁ ୨ ହଜାର ଲୋକଙ୍କୁ ଚିହ୍ନଟ କରାଯାଇଥିଲା। ସେମାନଙ୍କ ନାମ ତାଲିକା ସଂଗ୍ରହ କରାଯାଇ ଓଏମ୍‌ଏଡିସିକୁ ପଠାଯାଇଥିଲା। ହେଲେ ଇତିମଧ୍ୟରେ ୨ ବର୍ଷ ପୂରିଥିଲେ ବି ଏ ଦିଗରେ କୌଣସି ପଦକ୍ଷେପ ନିଆଯାଇନାହିଁ। ଏହା କାର୍ଯ୍ୟକାରୀ କରାଗଲେ ସ୍ଥାନୀୟ ଅଞ୍ଚଳର ୨ ହଜାର ପରିବାର ଆତ୍ମନିର୍ଭରଶୀଳ ହୋଇପାରିବେ ବୋଲି ଅଞ୍ଚଳବାସୀ କହିଛନ୍ତି। ଏ ସମ୍ପର୍କରେ ସୁକିନ୍ଦା ବ୍ଲକ ଭିଇଏସ ଶୁଖେନ୍ଦୁ ରାୟ କହିଛନ୍ତି, ସରକାରଙ୍କ ନିର୍ଦ୍ଦେଶକ୍ରମେ ୮ଟି ପଞ୍ଚାୟତରୁ ୨ ହଜାର ଲୋକଙ୍କ ତାଲିକା ପ୍ରସ୍ତୁତ କରାଯାଇ ଓଏମବିଏଡିସିକୁ ପ୍ରଦାନ କରାଯାଇଛି। ମାତ୍ର ଏ ନେଇ ଅନୁଦାନ ମଞ୍ଜୁର ହୋଇନାହିଁ। ଅନୁଦାନ ମଞ୍ଜୁର ହେଲେ ଲୋକଙ୍କୁ ପ୍ରଦାନ କରାଯିବ ବୋଲି କହିଛନ୍ତି। ଏ ଦିଗରେ ଜିଲା ଓ ବ୍ଲକ ପ୍ରଶାସନ ସମେତ ସ୍ଥାନୀୟ ଲୋକ ପ୍ରତିନିଧି ହସ୍ତକ୍ଷେପ କରିବାକୁ ଅଞ୍ଚଳାବସୀ ନିବେଦନ କରିଛନ୍ତି।

## ୫ ୱାର୍ଡ ପୁଣି ୨୪ ଘଣ୍ଟା ଶଟ୍‌ଡାଉନ

**ମାର୍ଶାଘାଇ,୨।୬ (ଡି.ଏନ.ଏ.):** ମାର୍ଶାଘାଇ ବ୍ଲକର ବଜାର ସଂଲଗ୍ନ ଏକ ଟିଏମ୍‌ସିରେ କର୍ଯ୍ୟରତ କର୍ମଚାରୀଙ୍କ କରୋନା ପଜିଟିଭ୍ ବାହାରିବା ପରେ ପ୍ରଶାସନ ତରଫରୁ ମାର୍ଶାଘାଇ ବଜାର ସମେତ ମାର୍ଶାଘାଇ ପଞ୍ଚାୟତର ୧୦, ୧୧, ୧୨, ୧୩, ୧୪ନଂ. ୱାର୍ଡକୁ ୩୦ତାରିଖରୁ ୪୮ଘଣ୍ଟା ପାଇଁ ଶଟ୍‌ଡାଉନ ଘୋଷଣା କରାଯାଇଥିଲା। ଆକ୍ରାନ୍ତଙ୍କ ସମ୍ପର୍କିୟଙ୍କଠାରୁ ସ୍ୱାବ୍ ଟେଷ୍ଟ ପାଇଁ ନମୁନା ସଂଗ୍ରହ ଚାଲୁଥିବା ବେଳେ ଏହି ଶଟ୍‌ଡାଉନକୁ ୨୪ଘଣ୍ଟା ବଢାଇ ବୁଧବାର ଗୋଟାଏ ପର୍ଯ୍ୟନ୍ତ ବଳବତ୍ତର ରଖାଯାଇଛି।

## ପଥପ୍ରାନ୍ତ ନାଟକରେ କରୋନା କାହାଣୀ

**କେନ୍ଦ୍ରାପଡ଼ା ଅଫିସ, ୨।୬**

ପଥପ୍ରାନ୍ତ ନାଟକ ମାଧ୍ୟମରେ କରୋନା ସମ୍ପର୍କରେ ମଙ୍ଗଳବାର ସଚେତନତା ସୃଷ୍ଟି କରାଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ନାଟ୍ୟକାର ମାତୃଦତ୍ତ ମହାନ୍ତିଙ୍କ ରଚିତ ନାଟକ କରୋନା କାହାଣୀ ଦିଏ ବଖାଣିକୁ ସ୍ଥାନୀୟ ଜମରାସ୍ଥିତ ଗୋବରୀ ନାଟ୍ୟ ପରିଷଦ ପକ୍ଷରୁ ପରିବେଷଣ କରାଯାଇଛି। ବିଶ୍ୱ ବ୍ୟାପୀ କରୋନାର ସ୍ଥିତି ଓ ଏହାର ପ୍ରତିକାର ସମ୍ପର୍କରେ ଏଥିରେ ବର୍ଣ୍ଣନା କରାଯାଇଛି। ଏହାକୁ ଜିଲାପାଳ ସମର୍ଥ ବର୍ମା ମୁଖ୍ୟ ଅତିଥି ଭାବେ ଉଦ୍‌ଘାଟନ କରିଥିଲେ। ଏଥିରେ ଏଡିଏମ୍ ବସନ୍ତ କୁମାର ରାଉତ, ଏଡିଏମ୍‌ଓ ନରହରି ସେଠୀ, କେନ୍ଦ୍ରାପଡ଼ା ଏସ୍‌ଡିପିଓ ରାଜୀବଲୋଚନ ପଣ୍ଡା, ଜିଲା ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ଚନ୍ଦ୍ରକାନ୍ତ ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମନୋଜ କୁମାର ସାହୁଙ୍କ ପ୍ରଯୋଜିତ ନାଟକର ନିର୍ଦ୍ଦେଶନା ଦେଇଥିଲେ ଶାନ୍ତନୁ ଓଝା।

## ରୁକ୍ମିଣୀଙ୍କୁ ହରଣ କରି ବାହାହେଲେ ଶ୍ରୀକୃଷ୍ଣ
### ଅପମାନିତ ହୋଇ ଫେରିଲେ ଶିଶୁପାଳ

**ଖଣ୍ଡପଡ଼ା,୨।୬(ସ୍ୱ.ପ୍ର.):** ଶ୍ରୀକୃଷ୍ଣ ରୁକ୍ମିଣୀକୁ ହରଣ କରି ବିବାହ କରିବା ପରମ୍ପରା ମଙ୍ଗଳବାର କଣ୍ଟିଲୋ ନୀଳମାଧବ ମନ୍ଦିରରେ ନିରାଡମ୍ବର ଭାବେ ପାଳିତ ହୋଇଛି। ପୁରାଣ କଥାବସ୍ତୁକୁ ଆଧାର କରି ବିଦର୍ଭ ରାଜା ଭୀଷ୍ମକ କନ୍ୟା ରୁକ୍ମିଣୀଙ୍କ ଅନିଚ୍ଛା ସତ୍ତ୍ୱେ ଶିଶୁପାଳଙ୍କ ସହ ବିବାହ ସ୍ଥିର କରିଥିଲେ। ହେଲେ ରୁକ୍ମିଣୀ ଦ୍ୱାରିକାଧିପତି ଶ୍ରୀକୃଷ୍ଣଙ୍କୁ ନିଜର ପତି ଭାବରେ ବାଛି ନେଇଥିଲେ। ବିବାହ ପ୍ରସ୍ତୁତି ଚାଲିଥିବା ବେଳେ ରୁକ୍ମିଣୀ ତାଙ୍କର ଜଣେ ବୃଦ୍ଧ କୁଳ ପୁରୋହିତ ବେଶରେ ଥିବା ପୂଜକ ସଞ୍ଜୀବ କୁମାର ମିଶ୍ରଙ୍କ ହାତରେ ଏକ ପତ୍ର ଶ୍ରୀକୃଷ୍ଣଙ୍କ ପାଖକୁ ପଠାଇଥିଲେ। ପୁରୋହିତ ମିଶ୍ର ଏହି ପତ୍ର ଶ୍ରୀ ଜୀଉଙ୍କୁ ପ୍ରଦାନ କରିବା ପରେ ଶ୍ରୀ ଜୀଉଙ୍କ ବେଦ ବ୍ରାହ୍ମଣ ରାମଚନ୍ଦ୍ର ମିଶ୍ର ଏହାକୁ ପାଠ କରିଥିଲେ। ପତ୍ର ଅନୁଯାୟୀ ନୀଳମାଧବ ଜୀଉଙ୍କ ଚଳନ୍ତି ପ୍ରତିମା ମଦନମୋହନ (ଶ୍ରୀକୃଷ୍ଣ)ଙ୍କୁ ସ୍ଥାନୀୟ ବିମଳା(ପାର୍ବତୀ)ଙ୍କ ମନ୍ଦିରକୁ ବିମାନରେ ବିଜେ କରାଯାଇଥିଲା। ପୂର୍ବ ଯୋଜନା କ୍ରମେ ଶ୍ରୀକୃଷ୍ଣ (ମଦନମୋହନ)ଅପେକ୍ଷା କରିଥିବା ରୁକ୍ମିଣୀ(ଲକ୍ଷ୍ମୀ)ଙ୍କୁ ହରଣ କରିନେଇଥିଲେ। ଶିଶୁପାଳ ଏହାକୁ ଅପମାନ ଭାବି ଶ୍ରୀକୃଷ୍ଣଙ୍କୁ ଦଣ୍ଡ ଦେବାକୁ ବାହାରିଥିଲେ। ନୀଳମାଧବ ଜୀଉଙ୍କ ବେଢା ପରିସରରେ ଶ୍ରୀକୃଷ୍ଣଙ୍କ ସହ ତାଙ୍କର ଭେଟ ହୋଇଥିଲା। ଶିଶୁପାଳ ଭାବେ ଦାଶରଥି କର ଖଣ୍ଡାଧରି ଶ୍ରୀକୃଷ୍ଣଙ୍କୁ ବାଧା ଦେବାରୁ ବରପକ୍ଷ ଶିଶୁପାଳଙ୍କୁ ବାନ୍ଧି ଦେଇଥିଲେ। ତାଙ୍କ ସମ୍ମୁଖରେ ରୁକ୍ମିଣୀଙ୍କୁ ଧରି ଶ୍ରୀକୃଷ୍ଣ ଫେରିଥିଲେ। ଶିଶୁପାଳ ନିରାଶ ହୋଇ ସ୍ୱ ଗୃହକୁ ଫେରିଥିଲେ।



ରୁକ୍ମିଣୀ ବିବାହକୁ ଅଟକାଉଛନ୍ତି ଶିଶୁପାଳ।

# ବେଆଇନ ଭାବେ ଖର୍ଚ୍ଚ ହେଉଛି ସରକାରୀ ଅନୁଦାନ

**ରତ୍ନଗିରି, ୨।୬ (ଡି.ଏନ୍.ଏ.)**

### ଜିଲାପାଳ, ବିଡିଓ, ତହସିଲଦାରଙ୍କୁ ଲିଖିତ ଅଭିଯୋଗ

ଗ୍ରାମାଞ୍ଚଳରେ ବିଭିନ୍ନ ଉନ୍ନତୀକରଣ କାର୍ଯ୍ୟ କରିବା ସକାଶେ ରାଜ୍ୟ ସରକାର ଆମ ଗାଁ ଆମ ବିକାଶ ଯୋଜନା ଆରମ୍ଭ କରିଛନ୍ତି। ଏହି ଯୋଜନାରେ ଅନେକ ଗ୍ରାମରେ ଉନ୍ନତୀକରଣ କାର୍ଯ୍ୟ କରାଯାଉଥିବା ବେଳେ କେତେକ ସ୍ଥାନରେ ସରକାରୀ ଅର୍ଥ ଦୁରୁପଯୋଗ କରାଯାଉଥିବା ଦେଖାଯାଉଛି। ବରୀ ବ୍ଲକ ମହାକାଳପଡ଼ା ପଞ୍ଚାୟତରେ ଏହି ଯୋଜନାରେ ବେଆଇନ ଭାବେ ସରକାରୀ ଅର୍ଥ ବିନିଯୋଗ କରାଯାଉଥିବା ଅଭିଯୋଗ ହୋଇଛି। ପଞ୍ଚାୟତସ୍ଥିତ ମହାକାଳୀଙ୍କ ପୀଠରେ ବେଆଇନ ଭାବେ ଆମ ଗାଁ ଆମ ବିକାଶ ଯୋଜନାରେ ଏକ ଗୃହ ନିର୍ମାଣ ହେଉଛି। ହେଲେ ଏ ନେଇ ଉକ୍ତ ମନ୍ଦିରର ମାରଫତଦାର (ଦାୟିତ୍ୱରେ ଥିବା) ଧନେଶ୍ୱର ପଣ୍ଡାଙ୍କୁ ସୂଚନା ଦିଆ ନ ଯାଇ ତରବରିଆ ଭାବେ ଗୃହ ନିର୍ମାଣ କରାଯାଉଛି ବୋଲି ସେ ମଙ୍ଗଳବାର ଜିଲାପାଳ, ବିଡିଓ ଓ ବରୀ ତହସିଲଦାରଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ନିଳାପଦା ଖତିଆନା ନଂ.-୧୬୩ ଓ ପ୍ଲଟ୍ ନଂ.-୧୭୨୫ ରେ ବେଆଇନ ଭାବେ ଗୃହ ନିର୍ମାଣ କରାଯାଉଛି। ତାଙ୍କ ଅଗୋଚରରେ ମନ୍ଦିର ପରିସରରେ ସରକାରୀ ଅର୍ଥ ବିନିଯୋଗ କରାଯିବା ଘଟଣାକୁ ସେ ବିରୋଧ କରିଛନ୍ତି। ଏ ବିଷୟରେ ବରୀ ତହସିଲଦାର ସରୋଜକାନ୍ତ ନାୟକଙ୍କୁ ପଚାରିବାରେ, ଅଭିଯୋଗ କ୍ରମେ ଦାୟିତ୍ୱରେ ଥିବା ରାଜସ୍ୱ ନିରୀକ୍ଷକଙ୍କୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଛି ବୋଲି କହିଛନ୍ତି। ବିଡିଓ ଶାଶ୍ୱତ ଜେନାଙ୍କୁ ପଚାରିବାରେ, ତଦନ୍ତ ପାଇଁ ତହସିଲଦାରଙ୍କୁ ଦାୟିତ୍ୱ ଦିଆଯାଇଛି। ଯଦି ଘଟଣାରେ ସତ୍ୟତା ଥାଏ, ତେବେ ନିର୍ମାଣ କାର୍ଯ୍ୟ ବନ୍ଦ କରାଯିବ ବୋଲି କହିଛନ୍ତି।

# ମୁଗଚାଷୀଙ୍କ କୃଷି କାର୍ଯ୍ୟାଳୟ ଘେରାଉ

**ନାଉଗାଁ,୨।୬(ସ୍ୱ.ପ୍ର.)**



ସହ କୃଷି ଅଧିକାରୀଙ୍କୁ ଚାଷୀମାନେ ଦାବିପତ୍ର ପ୍ରଦାନ କରୁଛନ୍ତି।

ଗତ ଫନୀ ବାତ୍ୟାରେ ଜଗତ୍‌ସିଂହପୁର ଜିଲା ନାଉଗାଁ ବ୍ଲକ ଅନ୍ତର୍ଗତ ଗଜରାଜପୁର ପଞ୍ଚାୟତର ବହୁ ମୁଗଚାଷୀ କ୍ଷତିଗ୍ରସ୍ତ ହୋଇଥିଲେ। ମାତ୍ର ଏପର୍ଯ୍ୟନ୍ତ ସେମାନଙ୍କୁ ସହାୟତା ମିଳି ନ ଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହାର ପ୍ରତିବାଦରେ ସୋମବାର ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଟାୟାର ଜାଳି ପ୍ରତିବାଦ କରିଥିବା ବେଳେ ମଙ୍ଗଳବାର ବ୍ଲକ କୃଷି କାର୍ଯ୍ୟାଳୟ ଘେରାଉ କରିଥିଲେ। ଏହି ଅବସରରେ ବ୍ଲକ ସହ କୃଷି ଅଧିକାରୀ ନିର୍ମାଲ୍ୟ ନାୟକଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଦାବିପତ୍ରର ଗୋଟିଏ ଲେଖାଏ ନକଲ ଉପକୃଷି ନିର୍ଦ୍ଦେଶକ, ଜିଲା ଯୋଜନା ବୋର୍ଡର ଅଧ୍ୟକ୍ଷ, ଜିଲା ସଚିବ, କୃଷି ଓ କୃଷକ ସଶକ୍ତୀକରଣ,କୃଷକ ଭବନ ଓଡିଶା ଓ କୃଷି ମନ୍ତ୍ରୀ ଓଡିଶାଙ୍କୁ ପ୍ରଦାନ କରାଯାଇଛି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ଫନୀ ବାତ୍ୟାରେ କୃଷି ବିଭାଗ ତରଫରୁ ଉକ୍ତ ପଞ୍ଚାୟତରେ ମୁଗ ଫସଲ ହୋଇଥିବା କ୍ଷୟକ୍ଷତିର ତାଲିକା ପ୍ରସ୍ତୁତ ହୋଇଥିଲା। ମାତ୍ର ପରବର୍ତ୍ତୀ ସମୟରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ଏହି ସହାୟତା ପ୍ରଦାନ କରାଯାଇ ନାହିଁ। ଏହି ଘଟଣାର ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଚାଷୀ ଦାବି କରିଛନ୍ତି। ଏହି ଦାବିପତ୍ର ପ୍ରଦାନ ସମୟରେ ଅଶୋକ କୁମାର ବାହାଲିଆ, ମନୋଜ କୁମାର ଦାସ,ମମତା ଦାସ ଓ ବାବାଜୀ ପଲେଇ ପ୍ରମୁଖ ଉପସ୍ଥିତ ଥିଲେ। ସେମାନଙ୍କ ଦାବିକୁ ସମର୍ଥନ ଜଣାଇ ପୂର୍ବତନ ସରପଞ୍ଚ ଆର୍ତ୍ତତ୍ରାଣ ଦାସ ଓ ନବ ନିର୍ମାଣ କୃଷକ ସଙ୍ଗଠନର ଜିଲା ସଂଯୋଜକ ଅଶୋକ ସ୍ୱାଇଁ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।

## ଜିଲା ଓକିଲ ସଂଘର ମଧ୍ୟବର୍ତ୍ତିକାଳୀନ କମିଟି ଗଠନ

**କେନ୍ଦ୍ରାପଡ଼ା ଅଫିସ, ୨।୬**

ଓଡ଼ିଶା ରାଜ୍ୟ ଓକିଲ ସଂଘ ନିର୍ଦ୍ଦେଶରେ କେନ୍ଦ୍ରାପଡ଼ା ଜିଲା ଓକିଲ ସଂଘର ମଧ୍ୟବର୍ତ୍ତିକାଳୀନ କମିଟି ଗଠନ ହୋଇଛି। ଏଥିରେ ବରିଷ୍ଠ ଆଇନଜୀବୀ ସରୋଜରାଜ ସିଂ ଅଧ୍ୟକ୍ଷ ଅଛନ୍ତି। ସେହିପରି ସଭ୍ୟ ଭାବେ ରାମଚନ୍ଦ୍ର ଦାସ, ବୈଦ୍ୟନାଥ ଚଟୋପାଧ୍ୟାୟ, ବିଷ୍ଣୁ ପ୍ରସାଦ ସିଂହ, ଧୀରେନ କୁମାର ସାହୁ, ବିବେକାନନ୍ଦ ଦାସ ଓ ଦୁର୍ଯ୍ୟୋଧନ ସାହୁଙ୍କୁ ନିଆଯାଇଛି। କମିଟି ଅଧ୍ୟକ୍ଷ କହିଛନ୍ତି, କରୋନା ଭୂତାଣୁ ସଂକ୍ରମଣ ପାଇଁ ଦେଶରେ ତାଲାବନ୍ଦ ଘୋଷଣା ହୋଇଥିବାରୁ ଓକିଲ ସଂଘର ନିର୍ବାଚନ ହୋଇପାରି ନାହିଁ। ତେବେ ଏକ ମଧ୍ୟବର୍ତ୍ତିକାଳୀନକମିଟିଗଠନହୋଇଛି। କମିଟି ସଭ୍ୟଙ୍କ ମଧ୍ୟରୁ ସମ୍ପାଦକ ଭାବେ ଜଣଙ୍କୁ ଦାୟିତ୍ୱ ଦିଆଯିବ।

## କଟକଣା ମାନୁନାହାନ୍ତି ପରିବା ବ୍ୟବସାୟୀ, ଗ୍ରାହକ

**ରସୁଲପୁର, ୨।୬ (ଡି.ଏନ୍.ଏ.)**

ରସୁଲପୁର ବ୍ଲକ ଅଧୀନ ମୁଖ୍ୟ ବ୍ୟବସାୟିକ ପେଣ୍ଠସ୍ଥଳି କୁଆଖିଆ, ହରିପୁର, ବାରବାଟୀ ବଜାରରେ ପରିବା ହାଟ ବସୁଛି। ବାରବାଟୀ ଓ କୁଆଖିଆ ବଜାରରେ ଦୈନିକ ପରିବାହାଟ ଚାଲୁଛି। ଏହାଛଡ଼ା ନରସିଂହପୁର ପଞ୍ଚାୟତର ସାପ୍ତାହିକ ହାଟ ହରିପୁର ସମେତ, ବଡକଇଁଚି ପଞ୍ଚାୟତର ମଧୁବନ, ନଠୁଆବର ପଞ୍ଚାୟତର ନଠୁଆବର, କଳଣ ପଞ୍ଚାୟତର କଳଣ, ଲକ୍ଷ୍ମୀନଗର ପଞ୍ଚାୟତର ତରାପୁର, ଅତଳାପୁର ଓ ସାମସନ୍ତରାପୁର ପଞ୍ଚାୟତର ସୀମାବର୍ତ୍ତୀ ଅଞ୍ଚଳରେ ଥିବା ବାଲିପାଟଣା ସାପ୍ତାହିକ ହାଟ ନିୟମିତ ଭାବେ ବସୁଛି। କିନ୍ତୁ ହାଟସ୍ଥଳରେ ସାମାଜିକ ଦୂରତ୍ୱକୁ ଗୁରୁତ୍ୱ ଦିଆଯାଉ ନ ଥିବା ବେଳେ ଗୁଟ୍‌ଖ ଛେପ ଏଣେତେଣେ ପଡିବା ଓ ଅନେକେ ମାସ୍କ ପିନ୍ଧୁ ନ ଥିବା ଦେଖାଯାଉଛି। ହାଟ ସରିବା ପରେ ସେହି ସ୍ଥାନକୁ ସାନିଟାଇଜ୍ କରିବାକୁ ପ୍ରଶାସନ ପକ୍ଷରୁ ନିୟମ କରାଯାଇଥିଲେ ବି ତାହା ପାଳନ ହେଉନି। ଅନ୍ୟପଟେ ବାରବାଟୀସ୍ଥିତ ଓଡ଼ଙ୍ଗ ପରିବା ହାଟରୁ ପ୍ରତ୍ୟହ ବାହାରୁ ଥିବା ଆବର୍ଜନା ଏଣେତେଣେ ପଡ଼ିରହୁଛି। ହାଟସ୍ଥଳ ସଫା କରାଯାଉ ନ ଥିବା ବେଳେ ଆଦୌ ବିଶୋଧନ କରାଯାଉନି। ବ୍ୟବସାୟୀ ଓ ଗ୍ରାହକମାନେ ଗୁଟ୍‌ଖା ଛେପ ବିଭିନ୍ନ ସ୍ଥାନରେ ପକାଉଥିବା ବେଳେ ଅଧିକାଂଶ ମାସ୍କ ପିନ୍ଧୁ ନ ଥିବା ବିଭିନ୍ନ ମହଲରୁ ଅଭିଯୋଗ ହେଉଛି। ଏ ଦିଗରେ ପ୍ରଶାସନ ପକ୍ଷରୁ ଦୃଷ୍ଟି ଦେବାକୁ ଦାବି ହୋଇଛି।

## ତହସିଲ ପକ୍ଷରୁ ଚଢ଼ାଉ: ୧୫ ଗାଡ଼ି ଜବତ

**ରସୁଲପୁର, ୨।୬ (ଡି.ଏନ୍.ଏ.)**

ରସୁଲପୁର ତହସିଲଦାର ଜ୍ୟୋତିକାନ୍ତ ଭୁଜବଳଙ୍କ ପକ୍ଷରୁ ରାତି ଅଧିଆ ୫ଟି ସ୍ଥାନରେ ଚଢ଼ାଉ କରାଯାଇ ୧୫ଟି ଗାଡି ଜବତ କରାଯାଇଛି। ସେଥିମଧ୍ୟରେ ୫ଟି ବାଲି ବୋଝେଇ ଟ୍ରାକ୍ଟର ରହିଥିବା ବେଳେ ଗୋଟିଏ ମାଟି ବୋଝେଇ ଟ୍ରାକ୍ଟର ଓ ୯ଟି ପଥର ବୋଝେଇ ଟିପ୍ପର ରହିଛି। ବାଲି ବୋଝେଇ ଟ୍ରାକ୍ଟର ଗୁଡିକ ନୂଆହାଟ ଓ ଜାବରା ବେଆଇନ ବାଲି ଘାଟରୁ ଜବତ କରାଯାଇଥିବା ସୂଚନା ମିଳିଛି। ମାଟି ବୋଝେଇ ଟ୍ରାକଟର କୁଆଖିଆ ବାଜରର ସାରଙ୍ଗପୁର ନିକଟ ଜବତ ହୋଇଥିବା ବେଳେ ପଥର ବୋଝେଇ ଟିପ୍ପରଗୁଡିକ ୧୬ ନଂ.ଜାତୀୟ ରାଜପଥ ଉପରୁ ଜବତ କରଯାଇଛି। ସନ୍ଧ୍ୟା ସୁଦ୍ଧା ଜବତ ଗାଡିର ମାଲିକମାନେ ପହଞ୍ଚି ନ ଥିବାରୁ ଜରିମାନା ଆଧାୟ କରାଯାଇପାରିନାହିଁ ବୋଲି ତହସିଲଦାର କହିଛନ୍ତି।

# ଡେଡ୍‌ବଡି ରେଜିଷ୍ଟରରେ ଚଞ୍ଚକତା

**ନୟାଗଡ଼ ଅଫିସ, ୨।୬**

### ପଞ୍ଜୀକୃତ ହେଉଛି ଗୋଟିଏ, ଯାଉଛି ଭିନ୍ନ ଗାଡ଼ି

ନୟାଗଡ ଜିଲା ମୁଖ୍ୟ ଚିକିତ୍ସାଳୟର ଡେଡ୍‌ବଡି ରେଜିଷ୍ଟରରେ ଚଞ୍ଚକତା କରାଯାଉଥିବା ଅଭିଯୋଗ ଉଠିଛି। ମୃତଦେହ ବୋହିବା ପାଇଁ ଗୋଟିଏ ଆମ୍ବୁଲାନ୍ସ ନମ୍ବର ପଞ୍ଜୀକୃତ ହେଉଥିବାବେଳେ ଅନ୍ୟ ଏକ ଆମ୍ବୁଲାନ୍ସ ଏହାକୁ ନେଇ ଯାଉଛି। ଏଭଳି ଘଟଣା କିଛିଦିନ ହେଲା ଚାଲିଆସୁଥିବାବେଳେ ରବିବାର ରାତିରେ କୋଭିଡ୍ ୧୯ ପାଇଁ ନିୟୋଜିତ ଏକ ଘରୋଇ ଆମ୍ବୁଲାନ୍ସର ଚଞ୍ଚକତା ଧରାପଡିଯାଇଛି। ଉକ୍ତ ଆମ୍ବୁଲାନ୍ସ ନୟାଗଡରୁ ଗଣିଆ ଡଙ୍କାରସାହିକୁ ଯିବାକୁ ମୃତକଙ୍କ ପରିବାରଠାରୁ ୩୫୦୦ ଟଙ୍କା ଭଡା ନେଇଥିବା ଅଭିଯୋଗ ରହିଛି।

ପ୍ରାପ୍ତ ସୂଚନା ଅନୁସାରେ ରବିବାର ରାତିରେ ଗଣିଆ ଡଙ୍କାରସାହିର ରମେଶ ଜାନି(୪୫) ଜିଲା ମୁଖ୍ୟ ଚିକିତ୍ସାଳୟରେ ପ୍ରାଣ ହରାଇଥିଲେ। ମୃତଦେହ ନେବା ପାଇଁ ମହାପ୍ରୟାଣ ଗାଡ଼ି ସହ ଯୋଗାଯୋଗ କରାଯାଇଥିଲା। ହେଲେ ଡ୍ରାଇଭର ଗାଡି ଖରାପ ଥିବା ଦର୍ଶାଇବାରୁ ବେସରକାରୀ ଆମ୍ବୁଲାନ୍ସ ଖୋଜାଯାଇଥିଲା। ଏପରି ସମୟରେ କୋଭିଡ୍ ୧୯ କାର୍ଯ୍ୟରେ ନିୟୋଜିତ ଓଡି୨୫ଏଚ-୧୦୦୭ନଂ. ବିଶିଷ୍ଟ ଘରୋଇ ଆମ୍ବୁଲାନ୍ସ ଚାଳକ ପହଞ୍ଚି ସ୍ୱଳ୍ପ ପଇସାରେ ମୃତଦେହ ନେବାକୁ କହିଥିଲେ। ଗାଡ଼ି ଛାଡିବା ପୂର୍ବରୁ ସମ୍ପୃକ୍ତ ଚାଳକ ଡେଡ୍‌ବଡି ରେଜିଷ୍ଟରରେ ଓଡି୨୫ଜି-୮୮୬୬ ନଂ. ଗାଡି ମୃତଦେହ ନେଉଛି ବୋଲି ଲେଖିଥିଲେ। ବେସରକାରୀ ଭାବେ ଯାଞ୍ଚ ପରେ ଜଣାପଡିଥିଲା ଓଡି୨୫ଜି-୮୮୬୬ନଂ. ଆମ୍ବୁଲାନ୍ସ ଦଶପଲ୍ଲାରେ ଡ୍ୟୁଟି କରୁଛି। ଦଶପଲ୍ଲାରେ ଡ୍ୟୁଟିରେ ଥିବା ଘରୋଇ ଆମ୍ବୁଲାନ୍ସ ନାଁରେ କାହିଁକି ପଞ୍ଜୀକୃତ କରାଗଲା ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପୁଣି ସ୍ୱଳ୍ପ ପଇସାରେ ସେବା ଦେବାକୁ କହି ସମ୍ପୃକ୍ତ ଚାଳକ ୩୫୦୦ ଟଙ୍କା ନେବା କେଉଁ ପ୍ରକାର ମାନବିକତା। ଏ ନେଇ ମୃତକ ପରିବାରର ଜଣେ ସଦସ୍ୟ କୁହନ୍ତି, ସରକାରଙ୍କ ଦ୍ୱାରା ନିୟୋଜିତ ଆମ୍ବୁଲାନ୍ସ ଆମ ପରି ଗରିବ ଲୋକଠାରୁ ସ୍ୱଳ୍ପ ଭଡା ନେବା କଥା। ହେଲେ ଅଧିକ ଟଙ୍କା ଦେବାକୁ ବାଧ୍ୟ ହେଲୁ। ଏ ସମ୍ପର୍କରେ ସିଡିଏମ୍‌ଓ ସୁଧାଂଶୁ ଶେଖର ଷଡଙ୍ଗୀଙ୍କୁ ପଚାରିବାରୁ ସେ କହିଥିଲେ, ତ୍ରୁଟିପୂର୍ଣ୍ଣ ପଞ୍ଜୀକରଣର ତଦନ୍ତ କରାଯାଇ ପାରିବ। ତେବେ କୋଭିଡ୍ ୧୯ କାର୍ଯ୍ୟରେ ନିୟୋଜିତ ଆମ୍ବୁଲାନ୍ସରେ ମୃତଦେହ ବୋହିଲେ ଅସୁବିଧା ନାହିଁ। କୋଭିଡ୍ ୧୯ କଣ୍ଟ୍ରୋଲ ରୁମ୍‌ର ନୋଡାଲ ଅଫିସର ଧନ୍‌ରାଜ ଏଚ୍‌ଡି କୁହନ୍ତି, କୋଭିଡ୍ ୧୯ କାର୍ଯ୍ୟରେ ନିୟୋଜିତ ଆମ୍ବୁଲାନ୍ସରେ ମୃତଦେହ ବୋହିଲେ କିଛି ଅସୁବିଧା ନାହିଁ। ତେବେ ସାନିଟାଇଜ୍ କରିବାକୁ ପଡିବ।

## ସଂକ୍ଷେପରେ

### ବଜ୍ରପାତ ନେଲା ୨ ଜୀବନ

ରାଇରଙ୍ଗପୁର/ପାଟଣା, ୨।୬ (ଡି.ଏନ୍.ଏ./ସ୍ୱ.ପ୍ର.)-ମୟୂରଭଞ୍ଜ ଓ କେନ୍ଦୁଝର ଜିଲାରେ ମଙ୍ଗଳବାର ବଜ୍ରପାତ ଘଟି ୨ ଜଣଙ୍କ ପ୍ରାଣହାନୀ ଘଟିଛି। ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅଧୀନ ମୁଣ୍ଡାକାଟି ଗ୍ରାମର ଅଟୋଚାଳକ ମେଘରାୟ୍ ମୁର୍ମୁ ଅପରାହ୍ନରେ ବିଜାତଳା ନିକଟସ୍ଥ ରାସ୍ତାରେ ଅଟୋ ଧରି ଯାତ୍ରୀଙ୍କୁ ଅପେକ୍ଷା କରିଥିବା ବେଳେ ବଜ୍ରପାତର ଶିକାର ହୋଇଥିଲେ। ଗୁରୁତର ଅବସ୍ଥାରେ ଚିକିତ୍ସା ପାଇଁ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୪/୨୦୨୦) ରୁଜୁ ହୋଇଛି। ସେହିପରି କେନ୍ଦୁଝର ଜିଲା ପାଟଣା ଥାନା କପୁଣ୍ଡି ପଞ୍ଚାୟତ ଅନ୍ତର୍ଗତ ଚୁଟିଆପଶି ଗ୍ରାମରେ ବଜ୍ରପାତ ଘଟି ପ୍ରଶାନ୍ତ କୁଶୁମାଳିଆଙ୍କ ମୃତ୍ୟୁ ଘଟିଛି। ଅପରାହ୍ନରେ ସେ ୪ ବର୍ଷର ପୁଅ ଓ ସ୍ତ୍ରୀ ଯୋଶଦାଙ୍କ ସହ ଘର ଭିତରେ ବସିଥିବା ବେଳେ ବଜ୍ରପାତ ଘଟିଥିଲା। ଫଳରେ ପ୍ରଶାନ୍ତଙ୍କ ମୃତ୍ୟୁ ଘଟିଥିବା ବେଳେ ତାଙ୍କ ସ୍ତ୍ରୀ ଓ ପୁଅ ବର୍ତ୍ତି ଯାଇଛନ୍ତି। ବଜ୍ରପାତ ଯୋଗୁ ତାଙ୍କ ଘରେ ଲାଗିଥିବା ଇଲେକ୍ଟ୍ରିକ ସରଞ୍ଜାମ ସହ ଗୋଟିଏ ମୋବାଇଲ ଫୋନ ମଧ ପୋଡ଼ି ଯାଇଛି। ଏନେଇ ପାଟଣା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଥାନାଧିକାରୀ ସୋମନାଥ ଜେନା ସୂଚନା ଦେଇଛନ୍ତି।

### ଚୋରା ମଦ ବେପାରୀ ଗିରଫ

ବାସୁଦେବପୁର, ୨।୬(ଡି.ଏନ୍.ଏ.)-ବାସୁଦେବପୁର ବ୍ଲକ ଇରମ ପଞ୍ଚାୟତର ରଥପଦା ଗ୍ରାମର ସୂର୍ଯ୍ୟନାରାୟଣ ଦାସଙ୍କ ବାଡ଼ିପୋଖରୀ ନିକଟରୁ ପୋଲିସ ମଙ୍ଗଳବାର ବେଆଇନ ଭାବେ ମହଜୁଦ ଥିବା ୧୫୦ ଲିଟର ଚୋରା ମହୁଲି ମଦ ଜବତ କରିଛି। ଏହି ଘଟଣାରେ ବାସୁଦେବପୁର ପୋଲିସ ସୂର୍ଯ୍ୟନାରାୟଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏନେଇ ପୋଲିସ ଏକ ମାମଲା(ନଂ ୧୨୭/୨୦) ରୁଜୁ କରିଛି।

### କୃଷକ ବଜାରରୁ ବାଇକ୍ ଚୋରି

ଉଦଳା,୨।୬(ଡି.ଏନ୍.ଏ.)- ମୟୂରଭଞ୍ଜ ଜିଲା ଉଦଳାସ୍ଥିତ କୃଷକ ବଜାରରୁ ମଙ୍ଗଳବାର ଏକ ବାଇକ୍ ଚୋରି ହୋଇଛି। ପୋଲିସ୍ ତଦନ୍ତ ଆରମ୍ଭ କରିଥିଲେ ମଧ ଲୁଟେରାଙ୍କ ଟେର୍ ପାଇପାରି ନାହିଁ। ସକାଳେ ଉଦଳା ଏନଏସି ଅଧୀନ ୧୦ନଂ. ୱାର୍ଡ ବାସିନ୍ଦା ରାଜକିଶୋର ବିନ୍ଧାଣୀ ନିଜ ସୁପର ସ୍ପ୍ଲେଣ୍ଡର ବାଇକ୍ (ଓ.ଡି. ୧୧ ଡି ୦୨୬୪ )କୁ କୃଷକ ବଜାର ପରିସରରେ ରଖି ପରିବା କିଣୁଥିବା ବେଳେ କେହି ଦୁର୍ବୃତ୍ତ ବାଇକ୍‌ଟିକୁ ଚୋରାଇ ନେଇଥିଲେ। ବହୁ ଖୋଜାଖୋଜି ପରେ ବାଇକ୍ ନ ମିଳିବାରୁ ରାଜକିଶୋର ଉଦଳା ଥାନାରେ ଅଭିଯୋଗ କରିଛନ୍ତି।

### ଚିତ୍ର ମାଧମରେ କରୋନା ସଚେତନତା

ବସ୍ତା, ୨।୬(ଡି.ଏନ.ଏ.)-ସମଗ୍ର ବିଶ୍ୱ ଏବେ କରୋନା କବଳିତ ହୋଇଥିବା ବେଳେ ସଚେତନତା ପାଇଁ ବିଭିନ୍ନ ସ୍ତରରେ ପ୍ରଚେଷ୍ଟା ଜାରି ରହିଥିବା ଦେଖିବାକୁ ମିଳିଛି। ଏହିଭଳି ଏକ ଭିନ୍ନ ଢଙ୍ଗରେ ସଚେତନତାର ବାର୍ତ୍ତା ଦେଇଛନ୍ତି ବସ୍ତା ବ୍ଲକର ଏକ ଜାଗୃତି ଯୁବ ସଙ୍ଗଠନ। ବ୍ଲକର ବିଭିନ୍ନ ରାସ୍ତାରେ ଚିତ୍ର ମାଧମରେ ସମାଜକୁ ସଚେତନତାର ବାର୍ତ୍ତା ଦେଉଥିବା ଜଣାଯାଇଛି। ସଙ୍ଗଠନର ସଭାପତି ଦେବେନ୍ଦ୍ର ଘୋଷଙ୍କ ନେତୃତ୍ୱରେ ବସ୍ତା ବ୍ଲକର ବିଭିନ୍ନ ଅଞ୍ଚଳର ରାସ୍ତା ତଥା ବିଭିନ୍ନ ହାଟ ବଜାରେର କରୋନାର ଭୟାବହତାକୁ ଆଖି ଆଗରେ ରଖି ସଚେତନତାର ବାର୍ତ୍ତା ବାଣ୍ଟିଛନ୍ତି। ମାସ୍କ ପିନ୍ଧିବା, ସାମାଜିକ ଦୂରତ୍ୱ ବଜାୟି ରଖିବା ତଥା ସର୍ବୋପରି ଘରେ ରହିବାକୁ ଚିତ୍ର ମାଧମରେ ଜଣାଇଛନ୍ତି।ଏଥିରେ ତାଙ୍କୁ ସଙ୍ଗଠନର ଅଗ୍ରଣୀ ସଦସ୍ୟ ସୁନୀଲ ଜେନା, ପ୍ରଦୀପ ଗିରି, ଜିତେନ୍ଦ୍ର ବିଶ୍ୱାଳ, ରାଧାରମଣ ନାୟକ, ବଳରାମ ସାମନ୍ତ, ଅଚ୍ୟୁତ ଜେନା ଏବଂ ଅନ୍ୟମାନେ ସକ୍ରିୟ ସାହାଯ୍ୟ କରିଥିବା ଜଣାଯାଇଛି।

### ବିଦ୍ୟୁତ୍ ଆଘାତରେ ଯୁବକ ମୃତ

ବାସୁଦେବପୁର, ୨।୬(ଡି.ଏନ.ଏ.)-ବାସୁଦେବପୁର ବ୍ଲକର ଚୂଡ଼ାମଣି ଗ୍ରାମରେ ସୋମବାର ବିଦ୍ୟୁତ୍ ଆଘାତରେ କରୁଣାକର ବାରିକ(୪୫)ନାମକ ଯୁବକଙ୍କର ମୃତ୍ୟୁ ହୋଇଛି। ବିଦ୍ୟୁତ୍ ତାର ସଜାଡୁଥିବା ବେଳେ ଅସାବଧାନବଶତଃ କରୁଣାକରଙ୍କ ଦେହରେ ବିଦ୍ୟୁତ ତାର ଲାଗିଯିବା ଫଳରେ ସେ ଗୁରୁତର ହୋଇପଡ଼ିଥିଲେ। ତାଙ୍କୁ ଚିକିତ୍ସା ପାଇଁ ବାସୁଦେବପୁର ଡାକ୍ତରଖାନା ଅଣାଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଚୂଡ଼ାମଣି ସାମୁଦ୍ରିକ ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ. ୬/୨୦) ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଇଛି।

# ବେଉସା ବଞ୍ଚାଇବା ଚିନ୍ତାରେ ଟସର କାରିଗର

ନରେଶ ଚନ୍ଦ୍ର ପଟ୍ଟନାୟକ
କେନ୍ଦୁଝର, ୨।୬


ଜଣେ ବୁଣାକାର ଅରଟରେ ସୂତା କାଟୁଛନ୍ତି ।

- ବିକ୍ରି ହୋଇ ନ ପାରି ଘରେ ପଡିରହିଛି ସାମଗ୍ରୀ
- ଦୁର୍ଦ୍ଦିନରେ ୩ ଶହ ବୁଣାକାର ପରିବାର

କରୋନା ମହାମାରୀ ଯୋଗୁ ବୁଣାକାର ପରିବାର ବିଶେଷ ଭାବେ ପ୍ରଭାବିତ ହୋଇଛନ୍ତି। ସେମାନଙ୍କ ଜୀବନଜୀବିକାରେ ଯେପରି ବ୍ରେକ ଲାଗିଯାଇଛି। ବୁଡ଼ିବାକୁ ବସିଲାଣି ସେମାନଙ୍କ କୁଳବେଉସା। ବଞ୍ଚାଇବୁ ଚେଷ୍ଟା କଲେ ମଧ ବିକ୍ରିବଟା ନ ଥିବାରୁ କାରିଗରମାନେ ଚିନ୍ତାରେ ରହିଛନ୍ତି। ଆବଶ୍ୟକ କଞ୍ଚା ମାଲ ମିଳୁ ନାହିଁ। ପୁଣି ପୂର୍ବରୁ ଉତ୍ପାଦିତ ସାମଗ୍ରୀଗୁଡ଼ିକ ବଜାର ସୁବିଧା ନ ଥିବାରୁ ବିକ୍ରି ହୋଇପାରୁନାହିଁ। ଏଭଳି ସମସ୍ୟାରେ ଘାଣ୍ଟି ହେଉଛନ୍ତି କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ ଫକୀରପୁର ବଙ୍ଗାଳିସାହିର ୩୦୦ ବୁଣାକାର ପରିବାର। ଘରେ ପଡି ରହିଛି ବୁଣାଯାଇଥିବା ଶହ ଶହ ଚାଦର, ଧୋତି, ଶାଢୀ ଆଦି ସାମଗ୍ରୀ। ଏବେ ଅନେକ ଟସର କୋସା ମିଳୁ ନ ଥିବାରୁ ଆଉ ସୂତା କାଟି ଲୁଗା ବୁଣିବା ସମ୍ଭବ ହୋଇପାରୁନାହାନ୍ତି। ଫଳରେ ସେମାନେ ଅର୍ଥାଭାବରେ ରହିଥିବା କହିଛନ୍ତି।

କରୋନା କଟକଣା ଯୋଗୁ ପ୍ରାୟ ୨ ମାସ ହେଲା ବଜାର ବନ୍ଦ ରହିଛି। ଟସରରୁ ବିଭିନ୍ନ ପ୍ରକାରର ଦାମୀ ଓ ଆକର୍ଷଣୀୟ ବସ୍ତ୍ର ବୁଣାଯାଇଥାଏ। ଫକୀରପୁର ଟସର ସାମଗ୍ରୀର ଚାହିଦା ରାଜ୍ୟ ତଥା ଦେଶ ବିଦେଶରେ ରହିଛି । କାରିଗରମାନେ ଅରଟରେ ସୂତାକାଟି ହସ୍ତତନ୍ତରେ ବିଭିନ୍ନ ପ୍ରକାରର ଧୋତି, ଚାଦର, ଶାଢୀ ଆଦି ବୁଣିଥାନ୍ତି। ୧୯୯୯ ମହାବାତ୍ୟା ସମୟରେ ମଧ ସେମାନଙ୍କ ଅବସ୍ଥା ଗୁରୁତର ହୋଇପଡିଥିଲା । ସେ ସମୟରେ ହୋଇଥିବା କ୍ଷୟକ୍ଷତିର ଭରଣା ହୋଇପାରି ନ ଥିବା ବେଳେ ଏବେ ଲକଡାଉନ ୧୦୦ବର୍ଷର ଜୀବିକା ଉପରେ ବୋଝ ଉପରେ ନଳିତାମାଡ ସଦୃଶ ହୋଇଛି । ନିଜର କୌଳିକ ବୃତ୍ତିକୁ ଛାଡି ପାରୁ ନ ଥିବା ଏହି କାରିଗରମାନେ ଆର୍ଥିକ ସହାୟତା ଲାଗି ଅପେକ୍ଷା କରି ରହିଛନ୍ତି। ବୟୋଜ୍ୟେଷ୍ଠ ବୁଣାକାର ତଥା ପ୍ରଶିକ୍ଷକ ଆକୁଳି ସୁର କୁହନ୍ତି, ତନ୍ତ ବୁଣି ବ୍ୟବସାୟ କରିଆସୁଛୁ। ମଠା, ପାଟ, ସୂତା ଆଦି ଶାଢୀ ପ୍ରସ୍ତୁତ କରି ବାହାରକୁ ରପ୍ତାନୀ କରିଥାଉ। ବିଭିନ୍ନ କାରଣରୁ ଏହାର ଚାହିଦା କମୁଛି । ପ୍ରୋତ୍ସାହନ ଅଭାବରୁ ଅନେକ ବୁଣାକାର ଏହି କାମ ଛାଡିଦେଲେଣି। ସେହିପରି ବୁଣାକାର ଭରତ ସୁର କୁହନ୍ତି ଯେ, ଦୀର୍ଘ ୧୭ବର୍ଷ ହେଲା ଏହି କୌଳିକ ବୃତ୍ତି କରି ଆସୁଛନ୍ତି। ଏବେ ଘରେ ଲୁଗା ଗଚ୍ଛିତ ହୋଇରହିଛି । କଟକଣା ପାଇଁ ବିକ୍ରି କରି ପାରୁନାହୁଁ। ସୂତା ମିଳୁ ନ ଥିବାରୁ ଆଉ ବୁଣିପାରୁନାହୁ।

ମହିଳା ବୁଣାକାର ସାବିତ୍ରୀ ସୁର କୁହନ୍ତି, ଟସର ସୋସାଇଟିରୁ ଟସର ଆଣି ସେଥିରୁ ସୂତାକାଟି ତନ୍ତରେ ଲୁଗା ବୁଣି ଚଳୁ। ଏବେ ବିକ୍ରିବଟା ବନ୍ଦ ହୋଇଯାଇଥିବାରୁ ବହୁ କଷ୍ଟରେ ଚଳୁଛୁ । ଏଣୁ ବିକ୍ରିବଟା ପାଇଁ ବ୍ୟବସ୍ଥା କରିବା ସହ ଆର୍ଥିକ ସହାୟତା ଦେଲେ ଚଳିପାରନ୍ତୁ। ଯେଉଁ କାମ କରୁଛୁ ସେସବୁ ବିକ୍ରି ହୋଇ ନ ପାରି ଗଦା ହୋଇ ରହୁଛି । ଏ ସମ୍ପର୍କରେ ଆନନ୍ଦପୁର ଉପଜିଲାପାଳ ରବୀନ୍ଦ୍ର ସାହୁଙ୍କ ଦୃଷ୍ଟି ଆକର୍ଷଣ କରାଯିବାରୁ କରୋନା ପାଇଁ କୌଣସି ଆର୍ଥିକ ସହାୟତା ବ୍ୟବସ୍ଥା ନାହିଁ। ସହାୟତା ଆସିଲେ ପ୍ରଦାନ କରାଯିବ ବୋଲି ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

# କଣ୍ଟେନମେଣ୍ଟ ଉଠାଇବା ଦାବିରେ ଏନ୍‌ଏଚ୍ ଅବରୋଧ


ରାଜପଥ ଉପରେ ଅବରରୋଧକାରୀଙ୍କୁ ପୋଲିସ ବୁଝାଶୁଝା କରୁଛି ।

କେନ୍ଦୁଝର, ୨।୬( ସ୍ୱ.ପ୍ର.)

କେନ୍ଦୁଝର ସହର ନିହାଲସିଂ ଛକ ନିକଟରେ କିମିରିଡୋଲି ସାହିରେ ଜଣେ କରୋନା ପଜିଟିଭ ଚିହ୍ନଟ ହେବା ପରେ ଉକ୍ତ ସାହିକୁ କଣ୍ଟେନମେଣ୍ଟ ରଖାଯାଇଛି। ପୋଲିସ ମୁତୟନ କରି ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ତେବେ ସ୍ଥାନୀୟ ଅଧିକାଂଶ ଲୋକ ମୂଳ ମଜୁରିଆ ହୋଇଥିବାରୁ ଦୀର୍ଘ ଦିନ ହେଲା କାମକୁ ଯାଇ ନ ପାରି ଭୋକ ଉପାସରେ ରହୁଥିବା ଅଭିଯୋଗ କରିଛନ୍ତି। ଏନେଇ ପ୍ରଶାସନ ପକ୍ଷରୁ କୌଣସି ସହାୟତା ମିଳୁ ନ ଥିବାରୁ ଲୋକ ମାନେ ମଙ୍ଗଳବାର ସକାଳେ ଘରୁ ବାହାରି କଣ୍ଟେନମେଣ୍ଟ ଅଞ୍ଚଳ ବାହାରକୁ ଆସି ଏନ୍‌ଏଚ୍ ୪୯କୁ ଅବରୋଧ କରିଥିଲେ। ପରେ ଟାଉନ ଥାନା ପୋଲିସ ପହଞ୍ଚି ସେମାନଙ୍କ ସମସ୍ୟା ଆଲୋଚନା ପରେ ସମାଧାନ କରିବା ନେଇ ପଦକ୍ଷେପ ନେବେ ବୋଲ ପ୍ରତିଶ୍ରୁତି ଦେବା ପରେ ଅବରୋଧ ହଟାଇଥିଲେ। ସେମାନେ ସମସ୍ତେ ଦିନ ମଜୁରିଆ ଓ ମଜୁରୀ କଲେ ଘର ଚଳେ। ଏଣୁ କଣ୍ଟେନମେଣ୍ଟ ଉଠାଇବାକୁ ଦାବି କରିଥିଲେ। ନଚେତ ସେମାନଙ୍କୁ ସହାୟତା ଦିଆଯାଉ ବୋଲି ଦାବି କରିଥିଲେ। ଏହାକୁ ନେଇ ପୋଲିସ ଉପସ୍ଥିତିରେ ଏକ ବୈଠକ ବସି, ଆସନ୍ତା ୫ ତାରିଖ ପର୍ଯ୍ୟନ୍ତ କଣ୍ଟେନମେଣ୍ଟ ବଳବତ୍ତର ରହିବ ଏବଂ ସବୁଦିନ ଲୋକଙ୍କ ସମସ୍ୟା ବୁଝି ସହାୟତା ଦିଆଯିବ ବୋଲି ନିଷ୍ପତ୍ତି ହୋଇଛି। ଉପଜିଲାପାଳ ରାମଚନ୍ଦ୍ର କିସ୍କୁଙ୍କ ଉପସ୍ଥିତିରେ ଅନୁଷ୍ଠିତ ବୈଠକରେ ସ୍ଥାନୀୟ ତହସିଲଦାର ଓ ପୌର ପାଳିକା ନିର୍ବାହୀ ଅଧିକାରୀ ଉପସ୍ଥିତ ଥିଲେ।

# ନିଜ ଜନ୍ମମାଟିରେ ଅବହେଳା

ଭଦ୍ରକ ଅଫିସ, ୨।୬


ପ୍ରତିମୂର୍ତ୍ତି ସ୍ଥଳରେ ଧାରଣା।

**କାନ୍ତକବିଙ୍କ ପ୍ରତିମୂର୍ତ୍ତି ପୁନଃ ସ୍ଥାପନ ଦାବିରେ ଧାରଣା**

ନିଜ ଜନ୍ମମାଟି ଭଦ୍ରକରେ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କୁ ଜିଲା ପ୍ରଶାସନ ଉଚିତ ସମ୍ମାନ ପ୍ରଦର୍ଶନ କରୁନାହିଁ। ବାଇପାସ୍ ଛକଠାରେ ଦୀର୍ଘବର୍ଷ ଧରି ସ୍ଥାପିତ ହୋଇଥିବା ତାଙ୍କ ପ୍ରତିମୂର୍ତ୍ତିକୁ କେହି ଦୁର୍ବୃତ୍ତ ୨ବର୍ଷ ହେଲା ଖୋଲି ନେଇଯାଇଛି। ଉକ୍ତ ପ୍ରତିମୂର୍ତ୍ତି ପୁନଃ ସ୍ଥାପନ ପାଇଁ ସହରର ବହୁ ବୁଦ୍ଧିଜୀବୀ ଦୁଇବର୍ଷ ଧରି ଦାବି କରିଆସୁଛନ୍ତି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେଉନାହିଁ। ମଙ୍ଗଳବାର ସକାଳୁ ଲକ୍ଷ୍ମୀଧର ବିଶ୍ୱାଳ ନାମକ ସାମାଜିକ କର୍ମୀ ବାଇପାସ୍ ଛକସ୍ଥିତ ଉକ୍ତ ପ୍ରତିମୂର୍ତ୍ତି ବିହୀନ ପିଣ୍ଡି ନିକଟରେ ଧାରଣାରେ ବସିଛନ୍ତି। ପ୍ରତିମୂର୍ତ୍ତି ସ୍ଥାପନ ନ ହେବା ପର୍ଯ୍ୟନ୍ତ ସେ ଧାରଣା ଦେବେ ବୋଲି କହିଛନ୍ତି। ଏହି ଦାବିକୁ ସହରବାସୀ ସମର୍ଥନ କରିଥିବା ସେ କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଅନୁରୋଧକ୍ରମେ ଗତ ମେ' ୩୧ ତାରିଖରେ କାନ୍ତକବିଙ୍କ ରଚିତ ବନ୍ଦେ ଉତ୍କଳ ଜନନୀ ସାରାରାଜ୍ୟ ଗାଇ କରୋନା ଯୋଦ୍ଧାଙ୍କୁ ଉତ୍ସାହିତ କରିଥିବା ବେଳେ ନିଜ ଜନ୍ମ ମାଟିରେ ପୂଜ୍ୟପୂଜାଙ୍କୁ ଏହିଭଳି ଅସମ୍ମାନ ଗ୍ରହଣଯୋଗ୍ୟ ନୁହେଁ ବୋଲି ସେ ପ୍ରତିକ୍ରିୟା ରଖିଛନ୍ତି।

# କରୋନା ଯୋଦ୍ଧାଙ୍କୁ ସମ୍ବର୍ଦ୍ଧନା


ବିଡିଓ ଦେବେନ୍ଦ୍ର ପ୍ରସାଦ ବଳଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

ଖଇରା, ୨।୬(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକରେ କରୋନା ମୁକାବିଲାରେ ନିଜକୁ ସମର୍ପିତ କରିଥିବା ଅଧିକାରୀମାନଙ୍କୁ ମଙ୍ଗଳବାର ଆୟୁଷ୍ମାନ ଏବଂ ସୁନ୍ଦର ଓଡିଶାର ମିଳିତ ଆନୁକୂଲ୍ୟରେ ସମ୍ବର୍ଦ୍ଧିତ କରାଯାଇଛି। ସଙ୍ଗଠନର ସଦସ୍ୟମାନେ ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ, ଖଇରା ଥାନା ଆଇଆଇସି ସୁବ୍ରତ କୁମାର ବେହେରା, ତହସିଲଦାର ପ୍ରଦୀପ କୁମାର ସାହୁଙ୍କୁ ସେମାନଙ୍କ କାର୍ଯ୍ୟାଳୟରେ ଭେଟି ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ କରିବା ସହିତ କରୋନା ଯୋଦ୍ଧା ସମ୍ମାନରେ ସମ୍ମାନିତ କରିଥିଲେ। ଫାଉଣ୍ଡେଶନର ସଦସ୍ୟ ପ୍ରଦୀପ ଦାସ, ଆଲୋକ ପଣ୍ଡା, ଗୀତିରଞ୍ଜନ ବେହେରା, ମୁକ୍ତି ବାରିକ, ଆରାଧନା ଶଂଖୁଆ, ସୋନୁ ଦାସ, ଉତ୍ତମ ଦାସ, ଜ୍ୟୋତିରଞ୍ଜନ ପାଢୀ, ଅକ୍ଷୟ ଜେନା, କମଳାକାନ୍ତ ଦାସ, ହେମନ୍ତ ଦାସ, ଦୀପକ ଦାସ, ସୁବାସ ବାରିକ, ଲକ୍ଷ୍ମୀଧର ବାରକ, ମହେନ୍ଦ୍ର ବେଜ, ସଞ୍ଜୟ ନାୟକ, ଶଶୀକାନ୍ତ ନାୟକ, ତପନ ଦାସ, ଧର୍ମେନ୍ଦ୍ର ନାୟକ, ସରୋଜ ପାତ୍ର, ବିରଞ୍ଚି ନାରାୟଣ ନାୟକ, ଅକ୍ଷୟ ବିଶ୍ୱାଳ ପ୍ରମୁଖ ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

# ଆଉ ୭ ଆକ୍ରାନ୍ତ ଚିହ୍ନଟ

ବାରିପଦା ଅଫିସ/କେନ୍ଦୁଝର/ପାଟଣା/ବଡ଼ବିଲ/ଚମ୍ପୁଆ, ୨।୬ (ସ୍ୱ.ପ୍ର./ଡି. ଏନ.ଏ.)

ଉତ୍ତର ଓଡ଼ିଶାରେ ମଙ୍ଗଳବାର ଆଉ ୭ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସଂକ୍ରମିତଙ୍କ ମଧ୍ୟରେ ମୟୂରଭଞ୍ଜ ଜିଲାର ଜଣେ, ବାଲେଶ୍ୱରର ୨ ଓ କେନ୍ଦୁଝର ଜିଲାର ୪ ଜଣ ରହିଥିବା ସ୍ୱାସ୍ଥ୍ୟ ବିଭାଗ ସୂଚନା ଦେଇଛି।

ମୟୂରଭଞ୍ଜ ଜିଲାର ଆକ୍ରାନ୍ତ ଜଣକ ଶୁଳିଆପଦା ବ୍ଲକ ଅଞ୍ଚଳର। ୪୪ ବର୍ଷୀୟ ଏହି ବ୍ୟକ୍ତି ଜଣଙ୍କ ଦିଲ୍ଲୀରୁ ଫେରି ସଙ୍ଗରୋଧ ଗୃହରେ ରହି ଆସୁଥିଲେ। ପଜିଟିଭ୍ ଚିହ୍ନଟ ପରେ ଚିକିତ୍ସା ପାଇଁ ତାଙ୍କୁ ବାଙ୍କିଶୋଳସ୍ଥିତ କୋଭିଡ୍ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଛି। ଏହାକୁ ମିଶାଇ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୨୭ ଛୁଇଁଛି। ଆକ୍ରାନ୍ତଙ୍କ ମଧ୍ୟରୁ ୧୪ ଜଣ ସୁସ୍ଥ ହୋଇ ଘରକୁ ଫେରିଥିବା ବେଳେ ୧୩ ଜଣ ବର୍ତ୍ତମାନ ଚିକିତ୍ସାଧୀନ ରହିଛନ୍ତି।

ସେହିପରି କେନ୍ଦୁଝର ଜିଲାର ୪ ନୂଆ ଆକ୍ରାନ୍ତଙ୍କୁ ମିଶାଇ ଜିଲାରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୩୦ରେ ପହଞ୍ଚିଛି। ତନ୍ମଧ୍ୟରୁ ପଟଣା ବ୍ଲକରେ ୨ଜଣ ଚିହ୍ନଟ ହୋଇଛନ୍ତି। ଉଭୟ ଗୁଜରାଟରୁ ଫେରି କ୍ୱାରାଣ୍ଟାଇନ୍‌ରେ ଥିଲେ। ଚମ୍ପୁଆ ବ୍ଲକରେ ଜଣେ ଓ ବଡ଼ବିଲରେ ଅନ୍ୟ ଜଣେ ଚିହ୍ନଟ ହୋଇଛନ୍ତି। ସମସ୍ତେ କ୍ୱାରାଣ୍ଟାଇନ୍‌ରେ ଥିବା ପ୍ରଶାସନ ସୂଚନା ଦେଇଛି। ନୂଆ ଆକ୍ରାନ୍ତ ଚିହ୍ନଟ ପରେ ପ୍ରଶାସନ ପକ୍ଷରୁ ସେମାନେ ରହୁଥିବା କ୍ୱାରାଣ୍ଟାଇନ୍ କେନ୍ଦ୍ରଗୁଡ଼ିକର କଣ୍ଟେନମେଣ୍ଟ ଅବଧି ବୃଦ୍ଧି ସହ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଚିହ୍ନଟମାନଙ୍କୁ କୋଭିଡ୍ ହସ୍ପିଟାଲକୁ ଚିକିତ୍ସା ପାଇଁ ପଠାଯାଇଛି। ତେବେ ଜିଲାରେ ଆଉ ୩ ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଏପର୍ଯ୍ୟନ୍ତ ୧୧ଜଣ ସୁସ୍ଥ ହୋଇଥିବା ବେଳେ ଅନ୍ୟମାନେ ବିଭିନ୍ନ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି।

# ପ୍ରତି ୱାର୍ଡ ସାନିଟାଇଜ୍ ଲାଗି ପ୍ରୟାସ

ସଜନାଗଡ଼, ୨।୬(ଡି.ଏନ.ଏ.)

କରୋନା ମୁକାବିଲା ଲାଗି ଦେଶବାସୀ ଏକାଠି ହୋଇ ଲଢ଼େଇ ଜାରି ରଖିଛନ୍ତି। ଏବେ ଲକ୍‌ଡାଉନ୍ ୫.୦ ଚାଲିଥିବା ବେଳେ ସାଧାରଣ ଜୀବନଯାତ୍ରା ଧୀରେ ଧୀରେ ସ୍ୱାଭାବିକ ହେବାରେ ଲାଗିଛି। ବାହାର ରାଜ୍ୟର କେତେକ ସ୍ଥାନରେ ଫସି ରହିଥିବା ଶ୍ରମିକଙ୍କୁ ସାହାଯ୍ୟର ହାତ ବଢାଇ ନିଜ ରାଜ୍ୟକୁ ଫେରାଇ ଆଣିବାରେ କଂଗ୍ରେସ ଦଳ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା। ଏବେ ନୀଳଗିରି ଅଞ୍ଚଳର କେତେକ ୱାର୍ଡକୁ ସାନିଟାଇଜ୍ କରିବା ପାଇଁ ପ୍ରୟାସ ଆରମ୍ଭ କରିଛି ବୋଲି ମଙ୍ଗଳବାର ନୀଳଗିରି କଂଗ୍ରେସ ପକ୍ଷରୁ କେସି ହାଇସ୍କୁଲ ସାମ୍ନା କଂଗ୍ରେସ ଭବନ ପରିସରରେ ଏକ ଖବରଦାତା ସମ୍ମିଳନୀ ଆୟୋଜନ କରାଯାଇ ସୂଚନା ଦିଆଯାଇଛି। ଏଥିପାଇଁ ୫ଟି ସ୍ପ୍ରେ ମେଶିନ ଦିଆଯାଇଥିବା କୁହାଯାଇଛି। ଏହି ସମ୍ମିଳନୀରେ ରାଜ୍ୟ ମହିଳା କଂଗ୍ରେସର ଉପସଭାପତି ତଥା ନୀଳଗିର କଂଗ୍ରେସର ବିଧାୟକ ପ୍ରାର୍ଥିନୀ ରାଣୀ ମନୋଜାମଞ୍ଜରୀ ଦେବୀ ଏବଂ ନୀଳଗିରିର ପୂର୍ବତନ ବିଧାୟକ ଅକ୍ଷୟ କୁମାର ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ନୀଳଗିରି କଂଗ୍ରେସ କୃଷକ ସେଲର ସଭାପତି ଯଶୋଦାନନ୍ଦନ ସିଂହ, ଯୁବ ସଭାପତି ନିଗମ ମହାପାତ୍ର, ଛାତ୍ର ସଭାପତି ଜୟଦେବ ବେହେରା, ପ୍ରଫୁଲ୍ଲ ବେହେରା, ଉପେନ୍ଦ୍ର ବେହେରା, ପ୍ରଫୁଲ୍ଲ ମହାନ୍ତି ପ୍ରମୁଖ କର୍ମୀ ଉପସ୍ଥିତ ଥିଲେ।

# ସଙ୍ଗରୋଧ କେନ୍ଦ୍ରରୁ ଫେରାର ପ୍ରବାସୀଙ୍କୁ ଉଦ୍ଧାର କଲେ ଗ୍ରାମବାସୀ

ବେତନଟୀ,୨।୬(ଡି.ଏନ୍.ଏ.)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ଯୁଗଳ ପଞ୍ଚାୟତ ସଙ୍ଗରୋଧ କେନ୍ଦ୍ରରୁ ଜଣେ ପ୍ରବାସୀ ମଙ୍ଗଳବାର ଅପରାହ୍ନ ୨ଟା ବେଳେ ଫେରାର ହୋଇଯାଇଥିଲେ। ସଙ୍ଗରୋଧ କେନ୍ଦ୍ର ଦାୟିତ୍ୱରେ ଥିବା ଅଧିକାରୀ ଓ ସ୍ଥାନୀୟ ଗ୍ରାମବାସୀ ସନ୍ଧ୍ୟାରେ ଯୁଗଳ ହାଟରୁ ତାଙ୍କୁ ଉଦ୍ଧାର କରି ପୁନର୍ବାର ସଙ୍ଗରୋଧ କେନ୍ଦ୍ରରେ ଛାଡ଼ିଛନ୍ତି। ସୂଚନା ଅନୁଯାୟୀ, ଗତ ସୋମବାର ଗୁଜରାଟରୁ ଫେରିଥିବା ୨ ପ୍ରବାସୀଙ୍କୁ ଯୁଗଳ ପଞ୍ଚାୟତର ଥିବା ସଙ୍ଗରୋଧ କେନ୍ଦ୍ରରେ ରଖା ଯାଇଥିଲା। ଏହି ୨ଯୁବକ ବିଭିନ୍ନ ବାହାନା କରି ସଙ୍ଗରୋଧ କେନ୍ଦ୍ରରେ ପାଟିତୁଣ୍ଡ କରୁଥିଲେ । ସେମାନଙ୍କ ମଧ୍ୟରୁ ଜଣେ ଯୁବକ ସଙ୍ଗରୋଧ କେନ୍ଦ୍ରରୁ ଫେରାର ହୋଇଯାଇଥିବା ନେଇ ସଙ୍ଗରୋଧ କେନ୍ଦ୍ର ଦାୟିତ୍ୱରେ ଥିବା ଜଣେ ଶିକ୍ଷକ ବୈଶିଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ସଙ୍ଗରୋଧ କେନ୍ଦ୍ରକୁ ଆସି ତଦନ୍ତ କରି ଫେରିଛି। ଏହି ଘଟଣାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା।

# ପ୍ରବାସୀ ଓଡ଼ିଆଙ୍କୁ ଦିଆଗଲା ଖାଦ୍ୟପୁଡ଼ିଆ


ଜାତୀୟ ରାଜପଥରେ ପ୍ରବାସୀମାନଙ୍କୁ ଖାଦ୍ୟ ବଣ୍ଟନ କରାଯାଉଛି।

ଭଦ୍ରକ ଅଫିସ,୨।୬

ରାଜ୍ୟ ସରକାରଙ୍କ 'ମୋ ପରିବାର' ପକ୍ଷରୁ ପ୍ରବାସୀମାନଙ୍କୁ ମଙ୍ଗଳବାର ଖାଦ୍ୟ ଦିଆଯାଇଛି। ଭଦ୍ରକ ନୂଆ ବସ୍‌ଷ୍ଟାଣ୍ଡ ନିକଟରେ ମୋ ପରିବାରର ସଦସ୍ୟ ଭଦ୍ରକ ବିଧାୟକ ସଞ୍ଜୀବ ମଲ୍ଲିକଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ରାଜ୍ୟକୁ ଯାଉଥିବା ପ୍ରବାସୀମାନଙ୍କୁ ଖାଦ୍ୟ ପୁଡ଼ିଆ ବଣ୍ଟନ କରାଯାଇଛି। ଏହି ଅବସରରେ ରାଜ୍ୟ ମୋ ପରିବାରର ଆବାହକ ଅରୂପ ପଟ୍ଟନାୟକ ଉପସ୍ଥିତ ରହି ପ୍ରବାସୀଙ୍କ ଗାଡ଼ିକୁ ଅଟକାଇ ଖାଦ୍ୟ ପୁଡ଼ିଆ ବଣ୍ଟନ କରିଥିଲେ। ପୂର୍ବରୁ ଲକ୍ ଡାଉନ ଯୋଗୁ ବିଭିନ୍ନ ରାଜ୍ୟରେ ଫଶି ରହିଥିବା ବହୁ ପ୍ରବାସୀ ଓଡ଼ିଆଙ୍କୁ 'ମୋ ପରିବାର' ପକ୍ଷରୁ ଉଦ୍ଧାର କରାଯାଇଥିଲା ଓ ବିଭିନ୍ନ ସହାୟତା ଯୋଗାଇ ଦିଆଯାଇଥିଲା ବୋଲି 'ମୋ ପରିବାର'ର ଆବାହକ ପଟ୍ଟନାୟକ କହିଥିଲେ। ଭଦ୍ରକ ବିଧାୟକ ମଲ୍ଲିକ, ଏମ୍‌ପି ମଞ୍ଜୁଲତା ମଣ୍ଡଳ, ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ, ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ, ଛାତ୍ର ବିଜେଡି ପକ୍ଷରୁ ତଥାଗତ ସାମଲ ଓ ବହୁ ନେତୃବୃନ୍ଦ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ଅଗ୍ନିଶମ କର୍ମଚାରୀଙ୍କୁ ଡକାଇ ରାସ୍ତା ସଫା କଲେ ବିଧାୟକ

ପାଟଣା, ୨।୬(ସ୍ୱ.ପ୍ର.)

**କାଳବୈଶାଖୀ ପ୍ରଭାବରେ ଗଛ ଭାଙ୍ଗିଲା, ରାସ୍ତା ଅବରୋଧ**

କାଳବୈଶାଖୀ ପ୍ରଭାବରେ ସୋମବାର ଅପରାହ୍ନରେ କେନ୍ଦୁଝର ଜିଲା ପାଟଣା ଅଞ୍ଚଳରେ ପ୍ରବଳ ଘଡଘଡି ସହ କୁଆପଥର ବର୍ଷା ଓ ପବନ ହେବାରୁ ବିଦ୍ୟୁତ୍ ସରବରାହ ବ୍ୟାହତ ହେବା ସହ ବଡ ବଡ ଗଛ ଉପୁଡି ରାସ୍ତା ଅବରୋଧ ହୋଇଥିଲା। ପାଟଣା ବିଧାୟକ ଜଗନ୍ନାଥ ନାଏକ ପହଞ୍ଚି ଅଗ୍ନିଶମ କର୍ମଚାରୀଙ୍କୁ ଡକାଇ ଗଛ କାଟିବା ସହ ରାସ୍ତା ସଫା କରାଇଥିଲେ। ପାଟଣା ମୁଖ୍ୟାଳୟ ଥାନା ନିକଟ ଓ ପାଟଣା କେନ୍ଦେଇ ପଶି ଆରଡ଼ି ରାସ୍ତାର ଟାଙ୍ଗରପଡା ଅବକାରୀ ଥାନା ନିକଟରେ ଏକ ଗଛ ଭାଙ୍ଗି ରାସ୍ତା ଉପରେ ପଡିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ବିଧାୟକ ଜଗନ୍ନାଥଙ୍କ ଉପସ୍ଥିତିରେ ଅଗ୍ନିଶମ କର୍ମଚାରୀ ପ୍ରଶାନ୍ତ ନାଏକ, ଚନ୍ଦ୍ରାଇ ସୋରେନ, ମଳୟ ମଲ୍ଲିକ, ଦେବେନ୍ଦ୍ର ମହାନ୍ତ ଓ ଅକ୍ଷୟ ରାଜ ପ୍ରମୁଖ କଟର ସାହାଯ୍ୟରେ ଗଛ କାଟି ରାସ୍ତା ସଫା କରିଥିଲେ। ବିଧାୟକଙ୍କ ଏଭଳି କାର୍ଯ୍ୟକୁ ବୁଦ୍ଧିଜୀବୀ ମହଲରେ ପ୍ରଶଂସା କରାଯାଇଛି।


ବିଧାୟକଙ୍କ ଉପସ୍ଥିତିରେ ରାସ୍ତା ସଫା କରାଯାଉଛି ।

# ବାଲେଶ୍ୱରରେ ସୁଧୁରୁନି ବିଦ୍ୟୁତ୍ ସମସ୍ୟା

ବାଲେଶ୍ୱର ଅଫିସ, ୨।୬


ସିଭିଲ୍ ସୋସାଇଟି ଓ ନେସ୍କୋ କର୍ତ୍ତୃପକ୍ଷଙ୍କ ମଧ୍ୟରେ ଆଲୋଚନା ଚାଲିଛି।

**ସିଭିଲ୍ ସୋସାଇଟି ସହ ଆଲୋଚନା କଲେ ନେସ୍କୋ କର୍ତ୍ତୃପକ୍ଷ**

ବାଲେଶ୍ୱର ଜିଲାରେ ବିଦ୍ୟୁତ୍ ସମସ୍ୟା ଲାଗିରହିଥିବାରୁ ଏହାର ପ୍ରତିକାର ଲାଗି ବାଲେଶ୍ୱର ସିଭିଲ ସୋସାଇଟି ପକ୍ଷରୁ ଗତ ମେ' ୨୭ରେ ୬ଦଫା ସମ୍ବଳିତ ଦାବିପତ୍ର ଦିଆଯାଇଥିଲା। ସମସ୍ୟା ସମାଧାନ ଦିଗରେ ଗୁରୁତ୍ୱ ଦିଆ ନ ଗଲେ ଆନ୍ଦୋଳନ ଲାଗି ଚେତାବନୀ ଦିଆଯାଇଥିଲା। ନେସ୍କୋ କର୍ତ୍ତୃପକ୍ଷ ଏହାକୁ ଗୁରୁତ୍ୱ ଦେଇ ସୋମବାର ସିଭିଲ୍ ସୋସାଇଟି କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଛନ୍ତି।

ନେସ୍କୋ କର୍ତ୍ତୃପକ୍ଷଙ୍କ କ୍ଷମତାଧୀନ ଦାବିଗୁଡ଼ିକ ଯଥାଶୀଘ୍ର ପୂରଣ କରିବା ସହ ଅନ୍ୟ ଦାବିଗୁଡ଼ିକ ଓଇଆର୍‌ସିଙ୍କୁ ଅବଗତ କରାଇବାକୁ କର୍ତ୍ତୃପକ୍ଷ ଦାୟିତ୍ୱ ନେଇଥିଲେ। ଜିଲାରେ ବିଦ୍ୟୁତ୍ ସରବରାହରେ ବାଧା ସୃଷ୍ଟି କରୁଥିବା ସମସ୍ତ ବିଦ୍ୟୁତ୍ ଖୁଣ୍ଟ, ତାର ଓ ଅନ୍ୟାନ୍ୟ ସରଞ୍ଜାମକୁ ଚଳିତମାସ ମଧ୍ୟରେ ପରିବର୍ତ୍ତନ କରିବା, ମିଟର ରେଣ୍ଟ ବାବଦରେ ଆଦାୟ କରାଯାଇଥିବା ଅଧିକ ଅର୍ଥକୁ ବିଦ୍ୟୁତ୍ ବିଲ୍‌ରେ ବ୍ୟବସ୍ଥିତ କରିବା, ଓଡ଼ିଆ ଭାଷାରେ ବିଦ୍ୟୁତ୍ ବିଲ୍ ପ୍ରଦାନ, ତ୍ରୁଟିପୂର୍ଣ୍ଣ ବିଲ୍‌ର ଅଭିଯୋଗକ୍ରମେ ସଂଶୋଧନ ଆଦି ଦାବି ପୂରଣ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନେସ୍କୋ କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇଛନ୍ତି। ଆଲୋଚନାରେ ନେସ୍କୋର ନିର୍ବାହୀଯନ୍ତ୍ରୀ ଇଂ. ବିମାନ ଜେନା, ଏସ୍‌ଡିଓ ଇଂ. ସୌମ୍ୟରଞ୍ଜନ ବେହେରା, ଆକାଉଣ୍ଟ୍ସ ଅଧିକାରୀ କୃତ୍ତିବାସ ପଣ୍ଡା ଓ ହେରେମ୍ବ ନାରାୟଣ ପଣ୍ଡାଙ୍କ ସମେତ ସିଭିଲ୍ ସୋସାଇଟି ସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନ, ସମ୍ପାଦକ ମନୋଜ ନାୟକ, ଉପଦେଷ୍ଟା ଗୌରାଙ୍ଗ ପାଣିଗ୍ରାହୀ, ସଦସ୍ୟ ଜୟନ୍ତ ଦାସ, ଆଶୁତୋଷ ପରିଡ଼ା, ଦେବାଶିଷ ସିଂହ, ଅରୁଣ ଜେନା ଓ ବେଣୁଧର ବାରିକ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ପ୍ରତିଶ୍ରୁତିଗୁଡ଼ିକ କାର୍ଯ୍ୟକାରୀ ନହେଲେ ବିଦ୍ୟୁତ୍ ଗ୍ରାହକମାନଙ୍କୁ ସଂଗଠିତ କରି ସିଭିଲ୍ ସୋସାଇଟି ଆନ୍ଦୋଳନକୁ ଓହ୍ଲାଇବ ବୋଲି ସୋସାଇଟି ତରଫରୁ କୁହାଯାଇଛି।

## ସଂକ୍ଷେପରେ

### ଚିକିଟି ଫାଣ୍ଡି ଇଲାକାରେ ସିରିଜ୍ ଚୋରି

ଚିକିଟି,୨।୬(ଡି.ଏନ୍.ଏ.): ବ୍ରହ୍ମପୁର ପୋଲିସ୍ ଜିଲା କେ.ନୂଆଗାଁ ଥାନା ଚିକିଟି ଫାଣ୍ଡି ଅନ୍ତର୍ଗତ କଳବାଡ ପଞ୍ଚାୟତ ପାଣ୍ଡିରି ଗ୍ରାମରେ ସୋମବାର ରାତିରେ ଘଟିଛି ସିରିଜ୍ ଚୋରି। ଗ୍ରାମର ସୁବାସ ସାହୁଙ୍କ ବାଡିପଟ କବାଟ ଭାଙ୍ଗି ସୁନା, ରୁପା ଅଳଙ୍କାର ଓ ୬୦ ହଜାର ଟଙ୍କା ଚୋରି କରିଛନ୍ତି ଦୁର୍ବୃତ୍ତ। ଏଥିସହ ହରି ସାହୁଙ୍କ ଘରୁ ୬ ହଜାର ଟଙ୍କା, ବାଞ୍ଛା ସାହୁଙ୍କ ଘରୁ ୫ ତୋଳା ସୁନା ଓ ୧୨ ରୁପା ଅଳଙ୍କାର ଓ ନଗଦ ୬୦ ହଜାର ଟଙ୍କା ଚୋରି ହୋଇଥିବାବେଳେ ପ୍ରଦୀପ ସାହୁଙ୍କ ଘରୁ ନଗଦ ୨୦ହଜାର ଟଙ୍କା ଓ ଅଳଙ୍କାର ଚୋରି ହୋଇଛି।

### ଚୋରି ଅଭିଯୁକ୍ତଙ୍କୁ ପୋଲିସ ଜିମା

ଚିକିଟି,୨।୬(ଡି.ଏନ୍.ଏ.)- କେ.ନୂଆଗାଁ ଥାନା ଚିକିଟି ଫାଣ୍ଡି ମାଧବନ୍ଧ ଗ୍ରାମ ନିକଟରେ ଥିବା ଘରୋଇ କମ୍ପାନୀର ଏକ ମୋବାଇଲ ଟାୱାର ନିକଟରେ ମଙ୍ଗଳବାର ୫ ଅଜଣା ଯୁବକ ଯନ୍ତ୍ରାଂଶଗୁଡିକ ଖୋଲୁଥିଲେ। ସୁରକ୍ଷା ଦାୟିତ୍ୱରେ ଥିବା କର୍ମଚାରୀ ପଚାରିବାରୁ ସେମାନେ ଚମ୍ପଟ ମାରିବାକୁ ଉଦ୍ୟମ କରିଥିଲେ। ୩ ଜଣ ଫେରାର ହୋଇଯାଇଥିବାବେଳେ ୨ଜଣଙ୍କୁ ଗ୍ରାମବାସୀ କାବୁକରି ନିସ୍ତୁକ ମାଡ ମାରି ଚିକିଟି ଫାଣ୍ଡି ପୋଲିସ ଜିମା ଦେଇଥିଲେ।

### ଏନ୍ଏସି ନିର୍ବାହୀ ଅଧିକାରୀଙ୍କ ଦାୟିତ୍ୱ ଗ୍ରହଣ

ଭଞ୍ଜନଗର,୨।୬(ଡି.ଏନ୍.ଏ)- ଭଞ୍ଜନଗର ଏନ୍ଏସିରେ ମଙ୍ଗଳବାର ନୂତନ ନିର୍ବାହୀ ଅଧିକାରୀ ଭାବେ ଚିନ୍ମୟ ଆଚାର୍ଯ୍ୟ ଯୋଗ ଦେଇଛନ୍ତି। ସେ ରାଉରକେଲାରୁ ଏଠାକୁ ବଦଳି ହୋଇ ଆସିଛନ୍ତି। ନୂତନ ନିର୍ବାହୀ ଅଧିକାରୀଙ୍କୁ ଯନ୍ତ୍ରୀ ସୁଶାନ୍ତ କୁମାର ସାହୁଙ୍କ ସମେତ ଏନ୍ଏସିର ସମସ୍ତ କର୍ମଚାରୀ ସ୍ୱାଗତ କରିଥିଲେ।

### ନାବାଳିକାଙ୍କୁ ଅସଦାଚରଣ, ଅଭିଯୁକ୍ତ ଗିରଫ

ଆସିକା,୨।୬(ଡି.ଏନ୍.ଏ.)- ଆସିକା ଥାନା ଅଞ୍ଚଳରେଜଣେ ଅନୁସୂଚିତ ବର୍ଗର ନାବାଳିକାଙ୍କୁ ଅସଦାଚରଣ କରିଥିବା ଅଭିଯୋଗରେ ଅଭିଯୁକ୍ତଙ୍କୁ ପୋଲିସ ମଙ୍ଗଳବାର ଗିରଫ କରିଛି। ସେ ହେଲେ ପି. ବିନୋଦ ପାତ୍ର ଓରଫ ବେଣିଆ। ତାଙ୍କୁ ବ୍ରହ୍ମପୁରସ୍ଥିତ ସ୍ୱତନ୍ତ୍ର ପୋକ୍ସୋ କୋର୍ଟକୁ ଚାଲାଣ କରାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ କହିଛନ୍ତି। ଗତ ଗୁରୁବାର ନାବାଳିକା(୧୧) ଜଣକ ପୋଖରୀରେ ଗାଧୋଇ ସାଇକେଲରେ ଘରକୁ ଆସୁଥିବା ବେଳେ ଅଭିଯୁକ୍ତ ବାଇକରେ ପିଛା କରିଥିଲେ । ନାବାଳିକାଙ୍କୁ ସେ ରାସ୍ତାରେ ଅଟକାଇ ଅସଦାଚରଣ କରିଥିଲେ । ନାବାଳିକାଙ୍କ ବାପା ଅଭିଯୁକ୍ତଙ୍କ ଘରକୁ ଯାଇ ଏ ସମ୍ପର୍କରେ ପଚାରିବାରୁ ସେ ଧମକ ଦେଇଥିଲେ। ଥାନାରେ ଜଣାଇଲେ ହତ୍ୟା କରିବାକୁ ଧମକ ହୋଇଥିଲେ। ଘଟଣାର ୩ଦିନ ପରେ ସୋମବାର ନାବାଳିକାଙ୍କ ବାପାଙ୍କ ଅଭିଯୋଗ ପ୍ରକାରେ ପୋଲିସ ନଂ.୨୯୯/୨୦ରେ ଏକ ମାମଲା ରୁଜୁ କରିଥିଲା।

# ହୋମ୍ କ୍ୱାରାଣ୍ଟାଇନ୍‌ରେ ୭୦ ହଜାର

**ଗଞ୍ଜାମ ଜିଲା**

- ଜିଲାରେ ହୋଇନି ଗୋଷ୍ଠୀ ସଂକ୍ରମଣ: ଜିଲାପାଳ
- ୪୦ ହଜାର ଲୋକଙ୍କୁ ଆମ ସ୍ୱାସ୍ଥ୍ୟ ଆମ ଦାୟିତ୍ୱ ସଚେତନତା

ଛତ୍ରପୁର,୨।୬(ଡି.ଏନ୍.ଏ)

ଗଞ୍ଜାମ ଜିଲାକୁ ବହୁସଂଖ୍ୟକ ପ୍ରବାସୀ ଫେରିଥିବାରୁ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇଛି। କ୍ୱାରାଣ୍ଟାଇନ୍ ସେଣ୍ଟରରୁ ଏସବୁ ପଜିଟିଭ ଚିହ୍ନଟ ହୋଇଛନ୍ତି। ସେହିପରି ଜିଲାରେ ସୁସ୍ଥଙ୍କ ସଂଖ୍ୟା ବଢୁଛି। ଏବେ ୧୦୦ ତଳେ ପଜିଟିଭ୍ ସକ୍ରିୟ ଅଛନ୍ତି। ବ୍ରହ୍ମପୁର ଆମ୍ବ ମାର୍କେଟ ଓ ଚିକିଟି ବ୍ଲକର ଜଣଙ୍କଠାରେ ପଜିଟିଭ୍ ମିଳିଥିଲା। ଏମାନଙ୍କ ସଂସ୍ପର୍ଶରେ ଆସିଥିବା ସମସ୍ତଙ୍କୁ ଚିହ୍ନଟ କରି କରୋନା ପରୀକ୍ଷା କରାଯାଇଥିଲା। ସମସ୍ତଙ୍କ ରିପୋର୍ଟ ନେଗେଟିଭ୍ ଆସିଥିଲା। ଗଞ୍ଜାମରେ ଗୋଷ୍ଠୀ ସଂକ୍ରମଣ ହୋଇନି ବୋଲି ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ମଙ୍ଗଳବାର ଖବରଦାତା ସମ୍ମିଳନୀରେ ସ୍ପଷ୍ଟ କରିଛନ୍ତି। ଅନ୍ୟପକ୍ଷରେ ଜିଲାରେ ବର୍ତ୍ତମାନ ୭୦ହଜାର ଲୋକ ହୋମ୍ କ୍ୱାରାଣ୍ଟାଇନ୍‌ରେ ଅଛନ୍ତି। ହୋମ କ୍ୱାରାଣ୍ଟାଇନ୍ ନିକଟକୁ କେହି ଯାଆନ୍ତୁନି। ହୋମ୍ କ୍ୱାରାଣ୍ଟାଇନ୍‌ରେ ଥାଇ କେହି ବ୍ୟକ୍ତି ବାହାରେ ବୁଲୁଥିବା ଦେଖିଲେ ବିଡିଓ, ସରପଞ୍ଚଙ୍କୁ ଜଣାଇବାକୁ ଜିଲାପାଳ ଅନୁରୋଧ କରିଛନ୍ତି। ନିୟମ ଉଲ୍ଲଂଘନକାରୀଙ୍କୁ ଘରୁ କ୍ୱାରାଣ୍ଟାଇନ୍ ସେଣ୍ଟରକୁ ସ୍ଥାନାନ୍ତର କରାଯିବ ବୋଲି ସେ ସତର୍କ କରାଇ ଦେଇଛନ୍ତି।

କରୋନା ଡ୍ୟୁଟିରେ ଥିବା କର୍ମଚାରୀ ଓ ଅଧିକାରୀ ସଂକ୍ରମିତ ହେଲେ ସେମାନଙ୍କ ଚିକିତ୍ସା କରାଯିବା ସହ ପରିବାରର ଧ୍ୟାନ ରଖାଯାଉଛି। କରୋନା ଲକ୍ଷଣ ନେଇ ବ୍ୟାପକ ଭାବେ ଯାଞ୍ଚ ଚାଲିଛି। ଜୁନ୍ ୩୦ ପର୍ଯ୍ୟନ୍ତ ଲକ୍‌ଡାଉନ୍ ବଳବତ୍ତର ରହିଛି। ଏହି ମାସରେ ପ୍ରତି ଶନିବାର ଓ ରବିବାର ଜିଲାସାରା ଶଟ୍‌ଡାଉନ୍ ରହିବ। କେହି ଘରୁ ବାହାରି ପାରିବେନି। ଶଟ୍‌ଡାଉନ୍ ସମୟରେ ଗଣମାଧ୍ୟମ ପ୍ରତିନିଧି କୋଭିଡ୍ ଗାଇଡଲାଇନ୍‌କୁ ପାଳନ ସହ ସାମାଜିକ ଦୂରତା ଓ ମାସ୍କ ପିନ୍ଧି କାର୍ଯ୍ୟ କରିପାରିବେ। ଗଣମାଧ୍ୟମ ପ୍ରତିନିଧି ସବୁବେଳେ ପ୍ରଶାସନକୁ ସହଯୋଗ କରି ଆସିଛନ୍ତି। ଜିଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଦିଆଯାଉଥିବା ତଥ୍ୟ ବ୍ୟତୀତ ଅନ୍ୟ କଥାରେ କୌଣସି ଖବର ପରିବେଷଣ ନ କରିବାକୁ ଜିଲାପାଳ କହିଛନ୍ତି। ଏଣିକି ସାମାଜିକ ଦୂରତ୍ୱ ରକ୍ଷା, ମାସ୍କ ପିନ୍ଧିବା ଓ ଅନ୍ୟାନ୍ୟ ଗାଇଡଲାଇନ୍ ପାଳନ ହେଉଛି କି ନାହିଁ ସେ ସମ୍ପର୍କରେ ଏନଫୋର୍ସମେଣ୍ଟକୁ ଆହୁରି ବୃଦ୍ଧି ସହ କଡାକଡି କରାଯିବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି। ଜିଲାରେ ୩ ହଜାର କ୍ୱାରାଣ୍ଟାଇନ୍ ସେଣ୍ଟର ରହିଛି। ଏଥିରେ ୩୦ ହଜାର ଲୋକ ରହିବା କ୍ଷମତା ରହିଛି। ସରପଞ୍ଚ, ବିଡିଓ ଏବଂ ତାଙ୍କ ଷ୍ଟାଫ୍ ଭଲ କାମ କରୁଥିବାରୁ ଜିଲାପାଳ ପ୍ରଶଂସା କରିବା ସହ ଧନ୍ୟବାଦ ଜଣାଇଛନ୍ତି। ପ୍ରତିଦିନ ସନ୍ଧ୍ୟା ୭ଟା ରୁ ସକାଳ ୭ଟା ପର୍ଯ୍ୟନ୍ତ ରାତ୍ରି କର୍ଫ୍ୟୁ ରହିବ ଏବଂ ସମସ୍ତେ ଘରେ ରହିବେ। ୬୦ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ଓ ୧୦ ପର୍ଯ୍ୟନ୍ତ ପିଲା ଘରେ ରହିବା ବାଧ୍ୟତାମୂଳକ। ଆମ ସ୍ୱାସ୍ଥ୍ୟଆମ ଦାୟିତ୍ୱ ତାଲିମ ଜିଲା ଓ ବ୍ଲକସ୍ତରରେ ସରିଛି। ପ୍ରଥମ ପର୍ଯ୍ୟାୟରେ ମାଷ୍ଟରଟ୍ରେନର୍‌ମାନେ ପଞ୍ଚାୟତସ୍ତରରେ ୪୦ ହଜାର ଲୋକଙ୍କୁ କରେନା ନେଇ ସଚେତନ ତାଲିମ ଦେବେ ଏବଂ ଏହାପରେ ଏମାନେ ଜନସାଧାରଣଙ୍କୁ ସଚେତନ କରିବେ ବୋଲି ଜିଲାପାଳ ସୂଚନା ଦେଇଛନ୍ତି।



ଖବରଦାତା ସମ୍ମିଳନିରେ ଜିଲାପାଳ ସୂଚନା ଦେଉଛନ୍ତି।



ରାତ୍ରିକାଳୀନ କର୍ଫ୍ୟୁ ଜାରି ହୋଇଥିବାରୁ ସନ୍ଧ୍ୟା ୭ଟା ପରେ କମାପଲ୍ଲୀରେ ଯାତାୟାତ କରୁଥିବା ଲୋକଙ୍କୁ ବ୍ରହ୍ମପୁର ଉପଜିଲାପାଳ ସିନ୍ଧେ ଦତ୍ତାତ୍ରେୟ ଭାଉସାହେବ ଅଟକାଇ ତାଗିଦ୍ କରୁଛନ୍ତି।

## ବ୍ରହ୍ମପୁର ରେଳଷ୍ଟେଶନରେ ଓହ୍ଲାଇଲେ ୩୬ ଯାତ୍ରୀ

ବ୍ରହ୍ମପୁର ଅଫିସ,୨।୬

ପ୍ରଥମକରି ଯାତ୍ରୀଙ୍କୁ ନେଇ ସିକନ୍ଦରାବାଦରୁ ହାଓଡ଼ା ଅଭିମୁଖେ ବାହାରିଥିବା ଫଲକନାମା ଏକ୍ସପ୍ରେସ୍ ମଙ୍ଗଳବାର ବ୍ରହ୍ମପୁର ଷ୍ଟେଶନରେ ପହଞ୍ଚିଥିଲା। ସେଥିରୁ ୩୬ ଜଣ ଯାତ୍ରୀ ବ୍ରହ୍ମପୁର ରେଳଷ୍ଟେଶନରେ ଓହ୍ଲାଇଥିଲେ। ସେହିପରି ହାଓଡା ଅଭିମୁଖେ ୭ ଯାତ୍ରୀ ଉକ୍ତ ଟ୍ରେନରେ ଚଢିଥିଲେ ବୋଲି ଷ୍ଟେଶନ ମାଷ୍ଟର ଦୁର୍ଗା ପ୍ରସାଦ ବ୍ରହ୍ମା ସୂଚନା ଦେଇଛନ୍ତି। ସେହିପରି ମଙ୍ଗଳବାର ବିଳମ୍ବିତ ରାତିରେ ମୁମ୍ବାଇ-ଭୁବନେଶ୍ୱର କୋଣାର୍କ ଏକ୍ସପ୍ରେସ ବ୍ରହ୍ମପୁର ଦେଇ ଭୁବନେଶ୍ୱର ଅଭିମୁଖେ ଯିବ ବୋଲି ଜଣାପଡିଛି। ଏଥିରେ ଥିବା କେତେଜଣ ଯାତ୍ରୀ ବ୍ରହ୍ମପୁର ଷ୍ଟେଶନରେ ଓହ୍ଲାଇବେ ବୋଲି ବ୍ରହ୍ମା କହିଛନ୍ତି। ଫଲକନାମା ଟ୍ରେନରେ ଆସି ବ୍ରହ୍ମପୁରରେ ଓହ୍ଲାଇଥିବା ଯାତ୍ରୀମାନଙ୍କୁ ସ୍କ୍ରିନିଂ କରାଯାଇ ବାହାରକୁ ଛଡାଯାଇଥିଲା। ସେହିପରି ଉକ୍ତ ଟ୍ରେନରେ ବ୍ରହ୍ମପୁରରୁ ଯାତ୍ରା କରିବା ପାଇଁ ଅପେକ୍ଷା କରିଥିବା ଯାତ୍ରୀଙ୍କ ମଧ୍ୟ ସ୍କ୍ରିନିଂ କରାଯାଇଥିଲା। ସାମାଜିକ ଦୂରତ୍ୱ ପାଳନ ଦୃଷ୍ଟିରୁ ଟ୍ରେନରେ ଶତକଡା ୫୦ ଯାତ୍ରୀ ସଂରକ୍ଷିତ ବଗିରେ ଯାତ୍ରା କରିଥିଲେ ବୋଲି ସେ କହିଛନ୍ତି। ସେହିପରି ବୁଧବାର ଉଭୟ ଟ୍ରେନ ବ୍ରହ୍ମପୁର ଦେଇ ମଧ୍ୟ ଯାତ୍ରା କରିବ ବୋଲି ସେ କହିଛନ୍ତି। ଟ୍ରେନ ଚଳାଚଳ ସାମାନ୍ୟ ସ୍ୱାଭାବିକ ହୋଇଥିବାରୁ ଦୀର୍ଘଦିନ ଧରି ଲକ୍‌ଡାଉନ୍ ଯୋଗୁ ବିଭିନ୍ନ ସ୍ଥାନରେ ଅଟକି ରହିଥିବା ଲୋକମାନେ ନିଜ ଘରକୁ ଫେରିଛନ୍ତି।

# ବ୍ୟବସାୟୀଙ୍କୁ ଲୁଟ୍ ଘଟଣାର ପର୍ଦ୍ଦାଫାଶ, ୧୧ ଗିରଫ

**୧୨.୫୯ଲକ୍ଷ ଟଙ୍କା ସହ ୯ ବାଇକ, ଖଣ୍ଡା ଓ ବନ୍ଧୁକ ଜବତ**

ଶେରଗଡ଼/ସୋରଡା/ଧରାକୋଟ, ୨।୬(ଡି.ଏନ୍.ଏ.)

ଧରାକୋଟ ଥାନା ବାଦଗଡ଼ ଗ୍ରାମ ଛକ ନିକଟରୁ ବୁଧବାର ବିଳମ୍ବିତ ରାତିରେ ୩ ବ୍ୟବସାୟୀଙ୍କ ଠାରୁ ୧୬ ଲକ୍ଷ ୮୦ ହଜାର ଟଙ୍କା ଲୁଟ୍ ଘଟଣାର ପର୍ଦ୍ଦାଫାଶ କରିଛି ପୋଲିସ। ବଡ଼ଗଡ଼ ଥାନାରେ ମଙ୍ଗଳବାର ଅପରାହ୍ନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏନେଇ ସୂଚନା ଦେଇଛନ୍ତି ଗଞ୍ଜାମ ଏସ୍‌ପି ବ୍ରିଜେଶ କୁମାର ରାଏ। ଘଟଣାରେ ସମ୍ପୃକ୍ତ ୧୧ ଜଣଙ୍କୁ ଗିରଫ କରିବା ସହ ସେମାନଙ୍କ ଠାରୁ ୧୨ଲକ୍ଷ ୫୯ହଜାର ୫ଶହ ଟଙ୍କା ଜବତ ହୋଇଛି। ଗିରଫମାନେ ହେଲେ ଖଣ୍ଡବନ୍ଧ ଗ୍ରାମର ଅନିଲ ଡାକୁଆ, ଜାହାଡ଼ାର କୃଷ୍ଣଚନ୍ଦ୍ର ଜେନା, ବଳରାମପୁରର ମିଲିକେଶନ ବେହେରା, ବାଟଶାସନର ଲକ୍ଷ୍ମୀନାରାୟଣ ବେହେରା, ଜଗନ୍ନାଥପୁରର ସୁଜିତ ବିଷୋୟୀ, ଡଉଗାଁର ରାଜେଶ୍ୱର ନାୟକ, ମଙ୍ଗଳପୁରର ଶ୍ରୀକାନ୍ତ ଗୌଡ, ଡାକିବଜାର କବି ଗୌଡ, ଭାଲିଆଗୋଛା ଗ୍ରାମର ବସନ୍ତ କୁମାର ବିଷୋୟୀ, ପଲ୍ଲିଗୁମୁଳାର ଅମର ନାଥ ମୁନି, ମେଣ୍ଟିବାଉଁଶର ଅରୁଣ ନାୟକ। ସମସ୍ତ ଅଭିଯୁକ୍ତଙ୍କୁ ଆସିକା କୋର୍ଟକୁ ଚାଲାଣ କରାଯାଇଛି।

କେନ୍ଦୁପଲ୍ଲୀର ବ୍ୟବସାୟୀ ବି.ବାୟା ପାତ୍ର, ସୋରଡାର ଏ.ଗଣେଷ ପାତ୍ର ଓ ଏସ୍. ତ୍ରିପତି ପାତ୍ର ଆନ୍ଧ୍ରପ୍ରଦେଶରେ ଛେଳିବିକି ୧୬ ଲକ୍ଷ ୮୦ ହଜାର ଟଙ୍କା ଧରି ଗତ ୨୭ତାରିଖ ସନ୍ଧ୍ୟାରେ ଆନ୍ଧ୍ର-ଓଡ଼ିଶା ସୀମାନ୍ତ ଗିରିସୋଲାରେ ପହଞ୍ଚିଥିଲେ। ପୂର୍ବରୁ ପରିଚିତ ଡ଼ାକିବଦା ଗ୍ରାମର ଅଟୋ ଚାଳକ କବି ଗୌଡ଼ଙ୍କୁ ଘରେ ନେଇ ଛାଡିବାକୁ ଡାକିଥିଲେ। ପୂର୍ବରୁ ଥରେ ଛେଳିବିକି ଲକ୍ଷାଧିକ ଟଙ୍କା ଧରି କବିଙ୍କ ଅଟୋରେ ଏମାନେ ଯାଇଥିବାରୁ ତାଙ୍କର ଲୋଭ ହୋଇଥିଲା। ସେ ଭାଲିଆଗୋଛା ଗ୍ରାମର ବସନ୍ତ ବିଷୋୟୀଙ୍କୁ ଡାକି ଲୁଟ୍ ଯୋଜନା କରିଥିଲେ। ବସନ୍ତ ତାଙ୍କ ପରିଚିତ ଜାହାଡାର କୃଷ୍ଣଚନ୍ଦ୍ରଙ୍କୁ ବାଦଗଡ ଛକରେ ଲୁଟ୍ ପାଇଁ ଯୋଜନା କରିବାକୁ କହିଥିଲେ। କବି ଓ ବସନ୍ତ ଚାଳକ କ୍ୟାବିନ୍‌ରେ ବସିଥିବାବେଳେ ବାୟା, ଗଣେଶ ଓ ତ୍ରିପତି ଅଟୋ ଡ଼ାଲାରେ ବସିଥିଲେ। ବାଦଗଡ ଛକରେ ସେମାନଙ୍କଠାରୁ ଲୁଟ୍ ହୋଇଥିଲା। ଧରାକୋଟ ଥାନାରେ ବାୟା ଏତଲା ଦେବାପରେ ପୋଲିସ ନଂ.୮୩/୨୦ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଆସିକା ଏସ୍‌ଡିପିଓ ସୂର୍ଯ୍ୟମଣି ପ୍ରଧାନ ଧରାକୋଟ, ଆସିକା, ବଡଗଡ ଓ ସୋରଡା ଥାନା ଅଧିକାରୀଙ୍କୁ ନେଇ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରିଥିଲେ। ଅଟୋ ଚାଳକ କବି ଓ ବସନ୍ତଙ୍କୁ ଡାକି ଜେରାପରେ ସେମାନେ ସତ ମାନି ଯାଇଥିଲେ। ପରେ ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇଥିଲା।



ଏସ୍‌ପି ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି।

## ବଦଳିଲେ ୪ ଥାନାଧିକାରୀ

ଫୁଲବାଣୀ ଅଫିସ, ୨।୬

କନ୍ଧମାଳ ଏସ୍‌ପି ପ୍ରତୀକ ଗୀତା ସିଂ ଜିଲାର ଜିଲାର ଥାନାଧିକାରୀଙ୍କୁ ଅଦଳବଦଳ କରିଛନ୍ତି। ଟାଉନ୍ ଥାନାଧିକାରୀ ନରେଶ କୁମାର ସାହୁଙ୍କୁ ଫୁଲବାଣୀ ସଦର ଥାନାକୁ ବଦଳି କରାଯାଇଥିବା ବେଳେ ହେଡ଼କ୍ୱାଟରରେ ଥିବା ଇନ୍ସପେକ୍ଟର ସୁଶାନ୍ତ କୁମାର ସେଠୀଙ୍କୁ ଟାଉନ ଥାନାକୁ ବଦଳି କରାଯାଇଛି। ସେହପରି ଫୁଲବାଣୀ ସଦର ଥାନା ଅଧିକାରୀ ଆଦିତ୍ୟ କୁମାର ସେଠୀଙ୍କୁ ଜି.ଉଦୟଗିରି ଥାନା ଅଧିକାରୀ ଭାବେ ଏବଂ ଜି.ଉଦୟଗିରି ଥାନାଧିକାରୀ ଧୀରାଜ କୁମାର ଲେଙ୍କାଙ୍କୁ ଚକାପାଦ ଥାନା, ଚକାପାଦ ଥାନା ଦାୟିତ୍ୱରେ ଥିବା ଏସ୍‌ଆଇ ତରୁଣ ତପନ ବେହେରାଙ୍କୁ ସଦର କୋର୍ଟ ସିଏସଆଇ ଭାବେ ବଦଳି କରାଯାଇଛି। ସେହିଭଳି କିଛି ଏସଆଇମାନଙ୍କୁ ମଧ୍ୟ ବିଭିନ୍ନ ଥାନାକୁ ବଦଳି କରାଯାଇଛି। ଖୁବଶୀଘ୍ର ଏହି ଅଧିକାରୀମାନେ ନୂତନ ସ୍ଥାନରେ ଯୋଗଦେବେ।

## ନିର୍ମାଣ କଲେ ବିଶ୍ୱର କ୍ଷୁଦ୍ରତମ ରଥ

**ପୁଣି ରେକର୍ଡ ଭାଙ୍ଗିଲେ ସତ୍ୟ**

ବ୍ରହ୍ମପୁର ଅଫିସ,୨।୬

ପୂର୍ବ ରେକର୍ଡକୁ ଭାଙ୍ଗିଛନ୍ତି ଶିଳ୍ପୀ ସତ୍ୟ ମହାରଣା। ଦୁଇଦିନ ପୂର୍ବେ ସେ ୧.୩ ସିଏମ୍ ଉଚ୍ଚତାର ରଥ ନିର୍ମାଣ କରି ଚର୍ଚ୍ଚାକୁ ଆସିଥିବା ବେଳେ ମଙ୍ଗଳବାର ପୁଣି ରେକର୍ଡ ଭାଙ୍ଗିଛନ୍ତି। ମାତ୍ର ୩୦ ମିନିଟ୍‌ରେ ୧ ଏମ୍‌ଏମ୍ ଉଚ୍ଚତାର ବିଶ୍ୱର ସର୍ବ କ୍ଷୁଦ୍ରତମ ନନ୍ଦିଘୋଷ ଢାଞ୍ଚାରେ ରଥ ନିର୍ମାଣ କରି ବିସ୍ମୟ ସୃଷ୍ଟି କରିଛନ୍ତି। ଏହି ରଥ ଇଣ୍ଡିଆ ବୁକ ଅଫ୍ ରେକର୍ଡ ସହ ବିଶ୍ୱର ବିଭିନ୍ନ ସେକ୍ଟରରେ ସ୍ଥାନିତ ହେବା ନେଇ ସେ ଆଶା ରଖିଛନ୍ତି।



ସତ୍ୟଙ୍କ ଦ୍ୱାରା ନିର୍ମିତ କ୍ଷୁଦ୍ର ରଥ।

## ୨ ପଜିଟିଭ ଚିହ୍ନଟ ପରେ କେନ୍ଦୁବାଡି ଶଟ୍‌ଡାଉନ୍

ପୋଲସରା,୨।୬(ଡି.ଏନ୍.ଏ.)

ଗୋଷ୍ଠୀ ସଂକ୍ରମଣ ଆଶଙ୍କାରେ ପୋଲସରା ବ୍ଲକ କେନ୍ଦୁବାଡି ଗ୍ରାମକୁ ମଙ୍ଗଳବାର ଶଟ୍‌ଡାଉନ୍ ଘୋଷଣା କରାଯାଇଛି। ୨ ପଜିଟିଭ ଚିହ୍ନଟ ପରେ ଏପରି ପଦକ୍ଷେପ ନିଆଯାଇଛି। ପୋଲସରା ବିଡ଼ିଓ ଶମ୍ଭୁନାଥ ନନ୍ଦୀ ଓ ତହସିଲଦାର ସୁକାନ୍ତ ଚନ୍ଦ୍ର ମିଶ୍ର କେନ୍ଦୁବାଡିରେ ପହଞ୍ଚି ସରପଞ୍ଚ ବିଜୟ କୁମାର ସ୍ୱାଇଁଙ୍କ ସହିତ ଆଲୋଚନା କରିଥିଲେ। ପରେ ଗୋଷ୍ଠୀ ସଂକ୍ରମଣରୁ ରକ୍ଷା ପାଇଁ ସରପଞ୍ଚ ଜିଲାପାଳ କ୍ଷମତା ପ୍ରୟୋଗ କରି ୮ଦିନ ପାଇଁ ଶଟ୍‌ଡାଉନ ଘୋଷଣା କରିଛନ୍ତି। ପୂର୍ବରୁ ଏହି ପଞ୍ଚାୟତର ଜଣେ ଗର୍ଭବତୀ କରୋନା ପଜିଟିଭ ଚିହ୍ନଟ ହୋଇଥିବାବେଳେ ଏବେ ପୁଣି ୨ ପଜିଟିଭ ଚିହ୍ନଟ ଚିନ୍ତା ବଢାଇଛି। ଅଞ୍ଚଳ ବିଶୋଧନ ପାଇଁ ଦାବି ହେଉଛି।

## ବୁଗୁଡ଼ାରେ ପୁଣି ୨ କରୋନା ପଜିଟିଭ

ବୁଗୁଡ଼ା,୨।୬(ଡି.ଏନ.ଏ.)

ବୁଗୁଡ଼ା ବ୍ଲକରେ ପୁଣି ୨ କରୋନା ପଜିଟିଭ ଚିହ୍ନଟ ପରେ ସେମାନଙ୍କୁ ମଙ୍ଗଳବାର ଶୀତଳାପଲ୍ଲୀସ୍ଥିତ କୋଭିଡ୍ ହସ୍ପିଟାଲକୁ ପଠାଯାଇଥିବା ବିଡିଓ ତନ୍ମୟ ପାତ୍ର କହିଛନ୍ତି। ବିଷ୍ଣୁଚକ୍ର ପ୍ରାଥମିକ ବିଦ୍ୟାଳୟ ସଙ୍ଗରୋଧ କେନ୍ଦ୍ରରୁ ଜଣେ ଗର୍ଭବତୀଙ୍କ ସ୍ୱାବ୍ ପରୀକ୍ଷା ରିପୋର୍ଟ ପଜିଟିଭ ଆସିଥିଲା। ସେହିପରି ଅନ୍ୟଜଣେ ଗର୍ଭବତୀ ଅବଧି ସରିବା ପରେ ବି.କରଡ଼ାବାଡ଼ି ଉଚ୍ଚ ବିଦ୍ୟାଳୟ ସଙ୍ଗରୋଧ କେନ୍ଦ୍ରରୁ ଘରକୁ ଯାଇଥିଲେ। ଘରେ ହୋମ୍ କ୍ୱାରାଣ୍ଟାଇନ୍‌ରେ ଥିଲେ। ତାଙ୍କର ମଧ୍ୟ କରୋନା ରିପୋର୍ଟ ପଜିଟିଭ ଆସିଥିଲା। ତେଣୁ ଉଭୟ ମହିଳାଙ୍କୁ ମଙ୍ଗଳବାର କୋଭିଡ୍ ହସ୍‌ପିଟାଲକୁ ପଠାଯାଇଛି। ବୁଗୁଡ଼ା ବ୍ଲକରେ ପୂର୍ବରୁ ୧୫ ଜଣ ପଜିଟିଭଙ୍କ ମଧ୍ୟରୁ ୧୩ ସୁସ୍ଥ ହୋଇ ଫେରିଥିବା ବେଳେ ୨ ଜଣ ଚିକିତ୍ସାଧୀନ ଥିଲେ।

## କଡ଼ାକଡ଼ି ହେଲା ରାତ୍ରିକାଳୀନ କର୍ଫ୍ୟୁ

ଦାରିଙ୍ଗବାଡ଼ି,୨।୬(ଡି.ଏନ୍.ଏ.)

ଲକ୍‌ଡାଉନର ପଞ୍ଚମ ପର୍ଯ୍ୟାୟରେ ଦାରିଙ୍ଗବାଡ଼ି ବ୍ଲକ ଅଞ୍ଚଳରେ ରାତ୍ରିକାଳୀନ କର୍ଫ୍ୟୁ ଓ ମାସ୍କ ଯାଞ୍ଚ କଡାକଡି କରାଯାଇଛି। ସକାଳ ୭ରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ସମସ୍ତ ଦୋକାନ ବଜାର ଖୋଲା ରହୁଛି। ଅପରାହ୍ନ ପରେ ରାସ୍ତାଘାଟ ପ୍ରାୟ ଶୁନଶାନ ହୋଇପଡୁଛି। ଦାରିଙ୍ଗବାଡ଼ି ଏବଂ ବ୍ରାହ୍ମଣୀଗାଁ ଥାନା ପକ୍ଷରୁ ରାତ୍ରିକାଳୀନ ପାଟ୍ରୋଲିଂ ସହ ଗାଡ଼ିମୋଟର ଯାଞ୍ଚ କରାଯାଉଛି। ମାସ୍କ ବ୍ୟବହାର କରୁ ନ ଥିବା ଲୋକଙ୍କଠାରୁ ଜରିମାନା ଆଦାୟ ସହ ରାତିରେ ଜରୁରି ନ ଥାଇ ଯାତାୟାତ କରୁଥିବା ଗାଡିକୁ ଅଟକ ରଖାଯାଉଛି। ଅମାନିଆ ବାଇକ ଚାଳକଙ୍କ ବାଇକ୍‌କୁ ଥାନାରେ ଅଟକ ରଖାଯାଉଥିବା ଦାରିଙ୍ଗବାଡ଼ି ଆଇଆଇସି କୌଶିକ୍ ମାଝୀ କହିଛନ୍ତି। ସେହିପରି ବ୍ରାହ୍ମଣୀ ଗାଁ ଥାନା ଅଞ୍ଚଳରେ ମଧ୍ୟ ଜୋରଦାର୍ ଚେକିଂ ଚାଲିଥିବା ଥାନା ଅଧିକାରୀ ରଞ୍ଜିତ୍ କୁମାର ମୁନୀ ସୂଚନା ଦେଇଛନ୍ତି। ଜିଲାରେ କରୋନା ପଜିଟିଭ ସଂଖ୍ୟା ବଢୁଥିବାବେଳେ ଜିଲା ପ୍ରଶାସନର ନିର୍ଦ୍ଦେଶକ୍ରମେ ସୀମା ସିଲ୍ ସହ ଯାଞ୍ଚ କଡାକଡି କରାଯାଉଥିବା ଜଣାପଡିଛି।

## ବଳାତ୍କାର ଅଭିଯୋଗ, ଯୁବକ ଗିରଫ

ଫିରିଙ୍ଗିଆ,୨।୬

କନ୍ଧମାଳ ଜିଲା ଗୋଛାପଡା ଥାନା ଅଞ୍ଚଳର ଜଣେ ୧୮ ବର୍ଷିଆ ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ବଳାତ୍କାର ଅଭିଯୋଗରେ ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଫିରିଙ୍ଗିଆ ବ୍ଲକ କାଶୀନିପଦର ପଞ୍ଚାୟତ କୁଟୁଣିପଦରର ରଞ୍ଜନ ଅମାତ(୨୦)। ରଞ୍ଜନ ଗୋଛାପଡା ଥାନା ଅଞ୍ଚଳର ସମ୍ପୃକ୍ତ ଯୁବତୀଙ୍କୁ ଭଲ ପାଉଥିଲେ। ବିବାହ ପ୍ରତିଶ୍ରୁତି ଦେଇ ଗତ ୩୧ ତାରିଖ ବିଳମ୍ବିତ ରାତିରେ ଘରୁ ଡାକିନେଇ ବଳାତ୍କାର କରିଥିଲେ। ଯୁବତୀ ଜଣକ ଘଟଣା ସମ୍ପର୍କରେ ଘରେ କହିବାରୁ ପରିବାର ଲୋକେ ଥାନାରେ ଏତଲା ଦେଇଥିଲେ। ନଂ.୩୦/୨୦ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ତୃପ୍ତିରଞ୍ଜନ ନାୟକ ସୂଚନା ଦେଇଛନ୍ତି।

# ପ୍ରବାସୀଙ୍କୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ମିଳିବ କାମ




ବୈଠକରେ ଉପସ୍ଥିତ ଅଧିକାରୀ।

**ଜିଲାସ୍ତରୀୟ ସମନ୍ୱୟ ବୈଠକ**

ଫୁଲବାଣୀ ଅଫିସ, ୨।୬

କନ୍ଧମାଳ ଜିଲାସ୍ତରୀୟ ସମନ୍ୱୟ ବୈଠକ ସୋମବାର ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ବିଶ୍ୱନାଥ ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ଜିଲାକୁ ଫେରିଥିବା ଶହସ୍ରାଧିକ ପ୍ରବାସୀ ଶ୍ରମିକଙ୍କୁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ୍)ରେ କାମ ଯୋଗାଇ ଦେବା ନିମନ୍ତେ ଆଲୋଚନା ହୋଇଥିଲା। ଏହାକୁ ତ୍ୱରାନ୍ୱିତ କରିବା ପାଇଁ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସହଯୋଗ ନିହାତି ଆବଶ୍ୟକ ବୋଲି ପ୍ରକଳ୍ପ ନିର୍ଦ୍ଦେଶକ ବାରିକ କହିଥିଲେ। ସେମାନେ ପ୍ରତି ରାଜସ୍ୱ ଗ୍ରାମକୁ ଯାଇ ଜବ୍‌କାର୍ଡ ଓ କାମ ଯୋଗାଇ ଦେବାରେ ବିଭାଗୀୟ ସରକାରୀ ପଦାଧିକାରୀମାନଙ୍କୁ ସହଯୋଗ କରିବେ। ଏଥିସହ ଶ୍ରମିକମାନେ କାମ ପାଇ ପାରୁଛନ୍ତି କି ନାହିଁ, ଦିନକୁ ୨୦୭ ଟଙ୍କା ହିସାବରେ ମଜୁରୀ ପାଉଛନ୍ତି କି ନାହିଁ ତାହାର ତଦାରଖ କରିବେ। ଯେଉଁ ରାଜସ୍ୱ ଗ୍ରାମରେ ଏହାକୁ କାର୍ଯ୍ୟକାରୀ କରାଯାଇ ନାହିଁ ସେହି ଗ୍ରାମରେ ଫେରିଥିବା ଶ୍ରମିକ ଏବଂ କାମ କରିବାକୁ ଇଚ୍ଛା କରୁଥିବା ଶ୍ରମିକଙ୍କ ନୂଆ ବ୍ୟାଙ୍କଖାତା ଖୋଲିବା, ଜବ୍‌କାର୍ଡ଼ ଓ କାମ ଯୋଗାଇ ଦେବା ପାଇଁ ସି-୧ ଓ ସି-୨ ଫର୍ମ ସଂଗ୍ରହ କରିବା, ଯଥା ସମୟରେ ମଜୁରି ପ୍ରଦାନ ଆଦି କାର୍ଯ୍ୟରେ ସହଯୋଗ କରିବେ।

ପ୍ରତି ପଞ୍ଚାୟତ ପିଛା ଅତି କମ୍‌ରେ ୭ଶହ ଶ୍ରମିକଙ୍କୁ କାମ ଯୋଗାଇ ଦିଆଯିବ। ଋତୁ ଅନୁସାରେ ପ୍ରକଳ୍ପକୁ ପରିବର୍ତ୍ତନ କରି ଶତ ପ୍ରତିଶତ କାମ ଯୋଗାଇ ଦିଆଯିବ ବୋଲି ସ୍ଥିର କରାଯାଇଛି। ଚାଲୁ ରହିଥିବା ପ୍ରକଳ୍ପ ସମ୍ପର୍କରେ ଲୋକଙ୍କୁ ସଚେତନ କରାଇବାକୁ ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡ଼ିକୁ ମଧ୍ୟ ପରାମର୍ଶ ଦିଆଯାଇଛି।

ଏମ୍‌ଜିଏନ୍‌ଆରଇଜିଏସ୍‌ର ଜିଲା ସଂଯୋଜକ ସନ୍ତୋଷ କୁମାର ସାହୁ ପାୱାର ପଏଣ୍ଟ ମାଧ୍ୟମରେ ଜିଲାରେ ଟାର୍ଗେଟ୍ ଦିଆଯାଇଥିବା ଦୈନିକ ଶ୍ରମିକ ନିଯୁକ୍ତି ଏବଂ ଲକ୍ଷ୍ୟ ସାଧନ, କାର୍ଯ୍ୟକାରୀ କରୁଥିବା ସଂସ୍ଥା ଏବଂ ବ୍ଲକଗୁଡ଼ିକର ଲକ୍ଷ୍ୟ ଧାର୍ଯ୍ୟ ସମ୍ପର୍କରେ ସସୂଚନା ଦେଇଥିଲେ। ବୈଠକରେ ଫୁଲବାଣୀ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ବୀରେନ୍ଦ୍ର କୁମାର ଦାସ, ଜଳଛାୟା ପ୍ରକଳ୍ପ ନିର୍ଦ୍ଦେଶକ ଶୈଳେନ୍ଦ୍ର ନାରାୟଣ ନାୟକ, ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ମନୋଜ କୁମାର ଦାସ, ପ୍ରତି ବ୍ଲକର ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ ଏବଂ ଓଡ଼ିଶା ଜୀବିକା ମିଶନର ବ୍ଲକ କାର୍ଯ୍ୟକ୍ରମ ଅଧିକାରୀମାନେ ଯୋଗ ଦେଇଥିଲେ।

## ମଜୁରି ପ୍ରଦାନରେ ଅନିୟମିତତା ଅଭିଯୋଗ

ବାଲିଗୁଡା,୨।୬(ଡି.ଏନ୍.ଏ.): ବାଲିଗୁଡ଼ା ବ୍ଲକ ସୁଡ୍ରା ପଞ୍ଚାୟତ ଜାର୍ଗୀ ଗ୍ରାମରେ ଏମଜିଏନ୍‌ଆର୍‌ଇଜିଏସ୍‌ରେ କାର୍ଯ୍ୟ କରିଥିବା ଶ୍ରମିକମାନେ ଠିକ୍ ମଜୁରି ପାଇ ନ ଥିବା ଅଭିଯୋଗ କରିଛନ୍ତି। ଗ୍ରାମ ରୋଜଗାର ସେବକ ସରକାରଙ୍କ ନିର୍ଦ୍ଧାରିତ ମଜୁରି ନ ଦେଇ ୧୦୦ଟଙ୍କା ଲେଖାଏ ପାରିଶ୍ରମିକ ଦେଇଛନ୍ତି। ଏପରିକି ଏମଜିଏନଆର୍‌ଇଜିଏସରେ କାମରେ ଶ୍ରମିକଙ୍କୁ ଅନ୍‌ଲାଇନରେ ଟଙ୍କା ଦେବା ନିୟମ ରହିଥିବା ବେଳେ ସେପରି ନ କରି ହାତରେ ଟଙ୍କା ଦିଆଯାଇଥିବା ଅଭିଯୋଗ କରିଛନ୍ତି ଶ୍ରମିକମାନେ। ଅନ୍ୟପକ୍ଷରେ ଉକ୍ତ ଉନ୍ନୟନ କାର୍ଯ୍ୟରେ ମଧ୍ୟ ଅନିୟମିତତା ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସୁଡ୍ରା ପଞ୍ଚାୟତରେ ଜଳ ସଂରକ୍ଷଣ ପାଇଁ ଗାତ ଖନନ ପାଇଁ ୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ କାର୍ଯ୍ୟାଦେଶ ହୋଇଥିଲା। ହେଲେ ଗ୍ରାମ ରୋଜଗାର ସେବକ ଗାଁସାଥୀଙ୍କୁ ନ ଜଣାଇ ଅନ୍ୟ କତେଜଣଙ୍କ ସହ ମିଶି କାମ କରାଇଥିଲେ। ଶ୍ରମିକଙ୍କୁ ନିର୍ଦ୍ଧାରିତ ମଜୁରି ନ ଦେଇ ୧୦୦ଟଙ୍କା ଲେଖାଏ ହାତରେ ଧରାଇ ଦେଇଥିଲେ। ଏହି ଦୁର୍ନୀତିର ତଦନ୍ତ ସହ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଓ ଶ୍ରମିକଙ୍କୁ ନ୍ୟାୟ ପ୍ରଦାନ ଦାବିନେଇ ଗ୍ରାମବାସୀ ବାଲିଗୁଡ଼ା ଉପଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏହାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉପଜିଲାପାଳ ଦେବେନ୍ଦ୍ର କୁମାର ନନ୍ଦ କହିଛନ୍ତି।

## ଓକିଲ ସଂଘ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ

ଅନୁଗୋଳ ଅଫିସ୍, ୨।୬- ଅନୁଗୋଳ ଓକିଲ ସଂଘ ଅନ୍ତରୀଣ କମିଟି କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସରକାରୀ ଓକିଲ ପରମାନନ୍ଦ ମିଶ୍ର ସଂଘ ଅଧକ୍ଷ ବିଧୁଭୂଷଣ ପଟ୍ଟନାୟକ, ସାଧାରଣ ସମ୍ପାଦକ ଦିଲୀପ କୁମାର ମହାନ୍ତି ଓ କୋଷାଧକ୍ଷ ବିଭୂତି ଭୂଷଣ ଦାସଙ୍କୁ ଶପଥ ପାଠ କରାଇଥିଲେ। ସଦସ୍ୟ ମହେନ୍ଦ୍ର କୁମାର ବଡ଼ିଆ ଓ ସୁବାସ ଚନ୍ଦ୍ର ମିଶ୍ର ମଧ ଶପଥ ନେଇଥିଲେ। ପୂର୍ବତନ ସାଧାରଣ ସମ୍ପାଦକ ହିମାଂଶୁ ଭୂଷଣ ସାମଲ, ପୂର୍ବତନ ସଭାପତି ଭୂପେଶ ଚନ୍ଦ୍ର ପ୍ରଧାନ, ରବୀନ୍ଦ୍ର ପ୍ରସାଦ ପଟ୍ଟନାୟକ, ପ୍ରମୋଦ ପ୍ରଧାନ, ଧ୍ରୁବଚରଣ ସାହୁ, ସରୋଜ ପଟ୍ଟନାୟକ, ହେମନ୍ତ ସାହୁ, ପ୍ରଦୀପ ଦେବତା ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଜମି ଜବରଦଖଲ ଅଭିଯୋଗ

**ଆଠମଲ୍ଲିକ,୨।୬(ଡି.ଏନ.ଏ.):** ଆଠମଲ୍ଲିକ ବ୍ଲକ ପତାକା ଗ୍ରାମବାସୀ ଗାଁ ଗୋଚର ଜମି ଜବରଦଖଲ ନେଇ ମଙ୍ଗଳବାର ଜିଲାପାଳଙ୍କୁ ଅଭିଯୋଗ କରିଛନ୍ତି। ଅଭିଯୋଗରେ ଗ୍ରାମବାସୀ ଦର୍ଶାଇଛନ୍ତି ଯେ, ପାଣ୍ଡୁରିଖୋଲ ଗ୍ରାମର ଜଣେ ବ୍ୟକ୍ତି ପତାକା ଗ୍ରାମର ଗୋଚର ଜମି ଜବରଦଖଲ କରି ଇନ୍ଦିରାଆବାସ ନିର୍ମାଣ କରିଛନ୍ତି। ଏହାଛଡା ଗ୍ରାମର ଖେଳ ପଡିଆକୁ ମଧ ଅକ୍ତିଆର କରିଛନ୍ତି। ସମ୍ପୃକ୍ତ ବ୍ୟକ୍ତି ଜଣକ ଚୋରା ମଦ କାରବାରରେ ସମ୍ପୃକ୍ତ ରହିଛନ୍ତି। ଏ ନେଇ ଗ୍ରାମରେ ସଭା ହୋଇଥିଲା। ଜବରଦଖଲ ସ୍ଥାନ ଛାଡି ଦେବାକୁ ବ୍ୟକ୍ତି ଜଣକ ଗ୍ରାମବାସୀଙ୍କୁ ଲିଖିତ ଆକାରରେ ପ୍ରତିଶ୍ରୁତି ଦେଇଥିଲେ। ପଡିଆରେ ରହିଥିବା ପାଳ ଭାଡ଼ି, ବଗିଚା, କ୍ୟାବିନ ଉଠାଇ ନେବାକୁ ଗତ ୨୭ ତାରିଖରେ ଆଠମଲ୍ଲିକ ଥାନାରେ ଚୁକ୍ତି କରିଥିଲେ। ମାତ୍ର ଏଯାଏ ସେ ଜବରଦଖଲ ଛାଡି ନାହାନ୍ତି ବୋଲି ଗ୍ରାମବାସୀ ଜିଲାପାଳଙ୍କୁ ଅଭିଯୋଗ କରିଛନ୍ତି।

### ସାପ କାମୁଡ଼ାରେ ମହିଳା ମୃତ

**ବଇଣ୍ଡା,୨।୬(ଡି.ଏନ.ଏ.):** ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା କନ୍ତପଡ଼ା ପଞ୍ଚାୟତ ମୁରାରୀପୁର ଗ୍ରାମର କନକ ନାୟକଙ୍କ ମଙ୍ଗଳବାର ସାପ କାମୁଡ଼ାରେ ମୃତ୍ୟୁ ହୋଇଛି। କନକ ସୋମବାର ରାତିରେ ଶୋଇଥିବା ବେଳେ ଏକ ସାପ କାମୁଡ଼ି ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଆଠମଲ୍ଲିକ ଉପଖଣ୍ଡ ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ପୋଲିସ ନଂ. ୧୧/୨୦ରେ ଏକ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇଛି।

### ଗଛରୁ ପଡ଼ି ଯୁବକଙ୍କ ମୃତ୍ୟୁ

**ବଇଣ୍ଡା,୨।୬(ଡି.ଏନ.ଏ.):** ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ସ୍ୱାସ୍ଥ୍ୟକେନ୍ଦ୍ର ନିକଟସ୍ଥ ଆମ୍ବ ଗଛରୁ ପଡ଼ି ମଙ୍ଗଳବାର ସେହି ଅଞ୍ଚଳର ଦୁଃଶାସନ ଭୋଇଙ୍କ ମୃତ୍ୟୁ ଘଟିଛି। ପୋଲିସ କହିଛି, ଦୁଃଶାସନ ଅପରାହ୍ନ ୪ଟାରେ ଗଛରୁ ଆମ୍ବ ତୋଳୁଥିବା ବେଳେ ଖସି ପଡ଼ିଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ମୃତଦେହ ଜବତ କରାଯାଇ ନଂ. ୧୨/୨୦ରେ ଏକ ମାମଲା ରୁଜୁ କରାଯାଇଛି।

### ରାଶନ ହଡ଼ପ ଅଭିଯୋଗ



**କଣିହାଁ,୨।୬(ଡି.ଏନ.ଏ.):** କଣିହାଁ ବ୍ଲକ ଗଣ୍ଡମାଳା ପଞ୍ଚାୟତ ସୁଲେଇପାଳ ଗ୍ରାମରେ ମୃତବ୍ୟକ୍ତିଙ୍କ ନାମରେ ରାଶନ ହଡ଼ପ ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହାର ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ଦାବିରେ ବିଡିଓ ରମେଶ କୁମାର ଜେନାଙ୍କୁ ମଙ୍ଗଳବାର ଦାବିପତ୍ର ପ୍ରଦାନ କରାଯାଇଛି। ସୌଭାଗ୍ୟ ରାଉତ ଅଭିଯୋଗ କରିଛନ୍ତି, ୨୦୧୯ରେ ଗାଁର ୪ଜଣଙ୍କ ମୃତ୍ୟୁ ହୋଇଯାଇଥିଲେ ହେଁ ସେମାନଙ୍କ ନାମରେ ରାଶନ ସାମଗ୍ରୀ ଉଠାଯାଇ ହଡ଼ପ୍ କରାଯାଉଛି। ଏ ଦିଗରେ ପଦକ୍ଷେପ ନ ନେଇ ପ୍ରଶାସନ ଘଟଣାକୁ ଚାପି ଦେଉଥିବାରୁ ଭିଜିଲାନ୍ସ ତଦନ୍ତ ପାଇଁ ସୌଭାଗ୍ୟଙ୍କ ସହ ଅନ୍ୟମାନେ ଦାବି କରିଛନ୍ତି।

### ଅବକାରୀ ଚଢ଼ାଉ, ୫ ଗିରଫ



**ବଇଣ୍ଡା,୨।୬(ଡି.ଏନ.ଏ.):** ବଇଣ୍ଡା ଓ ଆଠମଲ୍ଲିକ ଅବକାରୀ ବିଭାଗ ପକ୍ଷରୁ ମଙ୍ଗଳବାର ବିଭିନ୍ନ ଗ୍ରାମରେ ଚଢ଼ାଉ କରାଯାଇ ୪୪ ଲିଟର ଦେଶୀ ମଦ ଜବତ ସହ ୫ଜଣଙ୍କୁ ଗିରଫ କରାଯାଇଛି। ଗିରଫ ବ୍ୟକ୍ତିମାନେ ହେଲେ ହଣ୍ଡପା ଥାନା ପାପସରାର ମିନି ସାହୁ, ବଡ଼ହୁଲାର ଦୀପକ ବେହେରା, ଆଠମଲ୍ଲିକ ଥାନା ଅନନ୍ତପାଲିର ତ୍ରିଲୋଚନ ବାରିକ, ମୋହନ ବେହେରା ଓ ପଦ୍ମପୋଖରୀର ପ୍ରକାଶ ମୁଣ୍ଡା। ଏମାନେ ବେଆଇନ ଭାବେ ଘରେ ମଦ ବିକ୍ରି କରୁଥିବା ଖବରପାଇ ଆଠମଲ୍ଲିକ ଅବକାରୀ ନିରୀକ୍ଷକ ସୁମତି ତ୍ରିପାଠୀ, କରୁଣାଶଙ୍କର ତିୱାରୀ, ଉପନିରୀକ୍ଷକ ପ୍ରଫୁଲ୍ଲ କୁମାର ପତି, ରମାକାନ୍ତ ଚାନ୍ଦ, ଅରୁଣ ଚାଉଳିଆ, ହରିହର ପରିଡ଼ା, ମନୋଜ ବେହେରା, ସୌମ୍ୟା ସେଠୀ ପ୍ରମୁଖ ଚଢ଼ାଉ କରିଥିଲେ।

# ପୂଜାଥାଳି ଖୋଜୁଛନ୍ତି ପୂଜାରୀ

**(ଉପେନ୍ଦ୍ର ରାଉତ)**
**ବଅଁରପାଳ,୨।୬**

- ଧର୍ମ ଦ୍ୱାରରୁ ଫିଟୁନି କଟକଣା ତାଲା
- ଖାଲିପଡ଼ିଛି ଦାନପାତ୍ର, ମିଳୁନି ଦକ୍ଷିଣା
- ଦିନେ ଜଳିଲେ ଆର ଦିନ ଘରେ ଜଳୁନି ଚୁଲି



ନାଲ୍କୋ ଜଗନ୍ନାଥ ମନ୍ଦିରରେ ତାଲା ଝୁଲୁଛି।



ଅନିରୁଦ୍ଧ କର



ଇନ୍ଦ୍ରମଣି ମହାପାତ୍ର

ପୂର୍ଣ୍ଣମୀ ହେଉ କି ଅମାବାସ୍ୟା, ସଂକ୍ରାନ୍ତି ହେଉ ଅବା ସୋମବାର, ସକାଳୁ ଗହଳିଚହଳିରେ ପୂରି ଉଠୁଥିଲା ମନ୍ଦିର ପରିବେଶ। ପୂଜା ପାଇଁ ଥାଳି ଧରି ଶ୍ରଦ୍ଧାଳୁମାନେ ଘଣ୍ଟା ଘଣ୍ଟା ଧାଡ଼ିରେ ଅପେକ୍ଷା କରୁଥିଲେ ପୂଜାରୀଙ୍କୁ। ହେଲେ କରୋନା କଟକଣା କରିଦେଇଛି ପଟ ପରିବର୍ତ୍ତନ। ଭକ୍ତଙ୍କ ପାଇଁ ସର୍ବଦା ଖୋଲା ରହୁଥିବା ଭଗବାନଙ୍କ ଦ୍ୱାରରେ ପକାଇଦେଇଛି ତାଲା। ଧାର୍ମିକ କାର୍ଯ୍ୟରେ ଲଗାଇଦେଇଛି ବ୍ରେକ୍। ଫଳରେ ଦୀର୍ଘ ୨ ମାସରୁ ଅଧିକ ହେଲା ଶ୍ରଦ୍ଧାଳୁଙ୍କ ପାଦ ପଡ଼ିନି ମନ୍ଦିରରେ। ପୂର୍ବ ଭଳି ଦାନ କି ଦକ୍ଷିଣାରେ ଆଉ ଉଛୁଳି ଉଠୁନି ପୂଜାରୀଙ୍କ ଅଣ୍ଟି। ପରିବାର ପ୍ରତିପୋଷଣ ପାଇଁ ସଂଘର୍ଷ କରୁଥିବା ପୂଜାରୀମାନେ ଏବେ ଖୋଜୁଛନ୍ତି ଶ୍ରଦ୍ଧାଳୁଙ୍କ ପୂଜାଥାଳିକୁ।

ଅନୁଗୋଳ ଜିଲା ବଅଁରପାଳ ବ୍ଲକର ବିଭିନ୍ନ ଦେବଦେବୀ ପୀଠରେ ଥିବା ପୂଜାରୀମାନେ ଦୀର୍ଘମାସ ହେଲା ବଡ଼ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। କରୋନା ପାଇଁ ଲକ୍‌ଡାଉନ୍ ପରଠାରୁ ବ୍ଲକ ଅଞ୍ଚଳର ପ୍ରାୟ ୧ ହଜାର ମନ୍ଦିରରେ ଭକ୍ତଙ୍କ ପାଇଁ ତାଲା ପକାଇ ଦିଆଯାଇଛି। ଯଦିଓ ନୀତିକାନ୍ତି ଜାରି ରହିଛି ତଥାପି ଶ୍ରଦ୍ଧାଳୁ ଆସୁ ନ ଥିବାରୁ ଦାନ, ଦକ୍ଷିଣା ଉପରେ ନିର୍ଭର କରି ଚଳୁଥିବା ପୂଜାରୀମାନଙ୍କ ରୋଜଗାର ଠପ୍ ହୋଇଯାଇଛି। ବିଶେଷକରି ବଅଁରପାଳର ପଞ୍ଚଶ୍ରୀକ୍ଷେତ୍ର, ତଳମୂଳ ଜଗନ୍ନାଥ ମନ୍ଦିର, ଦୁର୍ଗାମାଧବ ମନ୍ଦିର, ଅଷ୍ଟଶମ୍ଭୁ ମନ୍ଦିର, ନାଲ୍କୋ ଜଗନ୍ନାଥ ମନ୍ଦିର, କାଳୀ, ଶନିଶ୍ଚର, ହନୁମାନ, ସନ୍ତୋଷୀ ମା', ସାଇବାବା, ବଳରାମପ୍ରସାଦସ୍ଥିତ ଶିବେଶ୍ୱର ଓ ଐଶ୍ୱାନେଶ୍ୱର ଏବଂ ମା' ତାରିଣୀଙ୍କ ମନ୍ଦିର ଆଦି ଭକ୍ତ ଶୂନ୍ୟ ହୋଇପଡ଼ିଛି। ଏସବୁ ଧାର୍ମିକ ସ୍ଥଳରେ ବ୍ରାହ୍ମଣ, ମହାପାତ୍ର ଓ ଦେହୁରୀ ପରିବାର ପୂଜା କରିଥାନ୍ତି। କିନ୍ତୁ ମାସ ମାସ ହେଲା ଶ୍ରଦ୍ଧାଳୁମାନେ ଆସୁ ନ ଥିବାରୁ ଏହି ପୂଜାରୀମାନେ ବହୁ ଦୁଃଖ କଷ୍ଟରେ ଦିନ କାଟୁଛନ୍ତି। ଏପରି କି ଘରେ ଦିନେ ଚୁଲି ଜଳିଲେ ଆରଦିନ ଜଳୁ ନ ଥିବା କେତେଜଣ ପୂଜାରୀ ପ୍ରକାଶ କରିଛନ୍ତି। ନାଲ୍କୋ କାଳୀ ମନ୍ଦିର ପୂଜକ ଅନିରୁଦ୍ଧ କର କହିଛନ୍ତି, ଦୀର୍ଘଦିନ ହେଲା ମନ୍ଦିରରୁ ତାଲା ଖୋଲୁ ନ ଥିବାରୁ ପୂଜା ପାଇଁ ଭକ୍ତମାନେ ଆସୁନାହାନ୍ତି। ଫଳରେ ଆମକୁ ଦାନ ଦକ୍ଷିଣା ମିଳୁନି। ଏହି ଅର୍ଥ ଉପରେ ଆମ ପରିବାର ନିର୍ଭର କରୁଛି। ଏବେ ବହୁ ଅସୁବିଧାରେ ଦିନ କାଟିବାକୁ ପଡୁଛି। କୁଲାଡ଼ ଶିବ ମନ୍ଦିର ପୂଜକ ଇନ୍ଦ୍ରମଣି ମହାପାତ୍ର କହିଛନ୍ତି, କରୋନା କଟକଣା ହଜାର ହଜାର ପୂଜାରୀଙ୍କ ଜୀବିକା ଛଡ଼ାଇ ନେଇଛି। କେବେ ଏ ତାଲା ଖୋଲିବ ଓ ପୂଜା ଥାଳି ଧରି ଶ୍ରଦ୍ଧାଳୁ ମନ୍ଦିର ଆସିବେ ତାହାକୁ ଆମେ ଚାହିଁ ବସିଛୁ।

## ଫଟୋରେ ଖବର..



ପ୍ରବଳ ଖରା ସତ୍ତ୍ୱେ ଅନୁଗୋଳ ସହର ଦେଇ ଯାଉଥିବା ଏକ ଟ୍ରଲ୍‌ର ଉପରେ ବିପଦସଙ୍କୁଳ ଅବସ୍ଥାରେ ଶ୍ରମିକମାନେ ଘରବାହୁଡ଼ା ହେଉଛନ୍ତି।

## କାଳବୈଶାଖୀରେ କ୍ଷୟକ୍ଷତି

**ଛେଣ୍ଡିପଦା,୨।୬(ସ୍ୱ.ପ୍ର.)/ମାଧପୁର**

ଛେଣ୍ଡିପଦା ବ୍ଲକ ଅଞ୍ଚଳରେ ମଙ୍ଗଳବାର କାଳବୈଶାଖୀ ଯୋଗୁ କୋଶଳା ଗ୍ରାମର ପ୍ରଭାସ ସାହୁଙ୍କ ଘର ଆଜବେଷ୍ଟସ୍ ଉଡିଯାଇ ପଡୋଶୀ ଲିସିନା ସାହୁଙ୍କ ଘରେ ପଡିବାରୁ ତାଙ୍କ ଟାଇଲ ଭାଙ୍ଗିବା ସହ ଆଜବେଷ୍ଟସ ମଧ ନଷ୍ଟ ହୋଇଯାଇଛି। ଉଭୟଙ୍କ ଘର ମଧରେ ବର୍ଷା ପାଣି ପଶି ଧାନ, ଚାଉଳ ସହ ବହୁ ଆସବାବପତ୍ର ନଷ୍ଟ ହୋଇଛି। ସେହିପରି ଆଠମଲ୍ଲିକ ବ୍ଲକ କିଆକଟା ପଞ୍ଚାୟତର ଶଙ୍ଖାମାଳ, ବାଙ୍କପାଳ, ନୂଆପଡା, ନାୟକପଡା ମଧ କାଳବୈଶାଖୀରେ ପ୍ରଭାବିତ ହେଇଛି। ବହୁ ଚାଳ ଛପର ଉଡିଯିବା ସହ ବିଦ୍ୟୁତ୍ ତାର ଛିଣ୍ଡି ଯାଇଥିବା ସୂଚନା ମିଳିଛି।

# ସଙ୍ଗରୋଧ ଫେରନ୍ତା ପଜିଟିଭ୍

**ଢେଙ୍କାନାଳ ଅଫିସ, ୨।୬**

- ସ୍ୱାବ୍ ରିପୋର୍ଟ ନ ଆସୁଣୁ ଘରକୁ ପଳାଇଥିଲେ
- ଗଁଦିଆ, ପୋରୁହଖୋଜ ପଞ୍ଚାୟତ ଶଟଡାଉନ୍

ସ୍ୱାବ୍ ରିପୋର୍ଟ ଆସିବା ପୂର୍ବରୁ ସଙ୍ଗରୋଧରେ ଥିବା ଜଣେ ପ୍ରବାସୀ ଘରକୁ ପଳାଇଯିବା ଏବଂ ପରବର୍ତ୍ତୀ ସମୟରେ ତାଙ୍କର ରିପୋର୍ଟ ପଜିଟିଭ୍ ଆସିବାକୁ ନେଇ ଢେଙ୍କାନାଳ ଜିଲା ଗଁଦିଆ ବ୍ଲକରେ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହୋଇଛି। ଆକ୍ରାନ୍ତ ଯୁବକ ଜଣକ ବିଭିନ୍ନ ସ୍ଥାନରେ ବୁଲାବୁଲି କରିଥିବାବେଳେ ସଂକ୍ରମଣ ବଢ଼ିବା ଆଶଙ୍କା ସୃଷ୍ଟି ହୋଇଛି। ଏହା ଜଣାପଡ଼ିବା ପରେ ଗଁଦିଆ ଏବଂ ପୋରୁହଖୋଜ ପଞ୍ଚାୟତକୁ ୪୮ ଘଣ୍ଟା ପାଇଁ ଶଟ୍‌ଡାଉନ୍ ଘୋଷଣା କରାଯାଇଛି।

ସମ୍ପୃକ୍ତ ପ୍ରବାସୀ ମେ ୨୦ରେ ବସ୍ ଯୋଗେ ହାଇଦ୍ରାବାଦରୁ ଆସିଥିଲେ। ୨୩ ତାରିଖରେ ସେ ଗଁଦିଆସ୍ଥିତ ସଙ୍ଗରୋଧ କେନ୍ଦ୍ରକୁ ଯାଇଥିଲେ। ୨୯ ତାରିଖରେ ତାଙ୍କର ସ୍ୱାବ୍ ସଂଗ୍ରହ କରାଯାଇ ପରୀକ୍ଷା ଲାଗି ପଠାଯାଇଥିଲା। ସୋମବାର ସନ୍ଧ୍ୟାରେ ତାଙ୍କ ରିପୋର୍ଟ ପଜିଟିଭ୍ ଆସିଛି। ତେବେ ରିପୋର୍ଟ ମିଳିବା ପୂର୍ବରୁ ସେ ସଙ୍ଗରୋଧ କେନ୍ଦ୍ର ବାହାରକୁ ଆସି ପରିବାର ଲୋକଙ୍କ ସହ ମିଳାମିଶା କରିବା ସହ ବୁଲାବୁଲି କରିଥିଲେ। ରିପୋର୍ଟ ଆସିବା ପରେ ତାଙ୍କୁ ତାଳଚେରସ୍ଥିତ କୋଭିଡ୍ ହସ୍ପିଟାଲକୁ ପଠାଇ ଦିଆଯାଇଛି। ଆକ୍ରାନ୍ତଙ୍କ ସ୍ତ୍ରୀ ଏବଂ ଅନ୍ୟ ସଦସ୍ୟଙ୍କୁ ସଙ୍ଗରୋଧ କେନ୍ଦ୍ରରେ ରଖାଯାଇଛି। ଉକ୍ତ କେନ୍ଦ୍ରକୁ ପ୍ରଶାସନ ପକ୍ଷରୁ କଣ୍ଟେନମେଣ୍ଟ ଏବଂ ବଫର୍ସ ଜୋନ୍ ଭାବେ ଘୋଷଣା କରାଯାଇଛି। ଘଟଣା ସମ୍ପର୍କରେ ସରପଞ୍ଚ ବିଡିଓଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଅନ୍ୟପଟେ ସଂକ୍ରମଣ ଏଡ଼ାଇବାକୁ ଗଁଦିଆ ସରପଞ୍ଚ ପ୍ରଭାକର ବେହେରା ଏବଂ ପୋରୁହଖୋଜ ସରପଞ୍ଚ ଶୁଭଦର୍ଶିନୀ ପରିଡ଼ା ୪୮ ଘଣ୍ଟା ପାଇଁ ଅଞ୍ଚଳକୁ ଶଟ୍‌ଡାଉନ ଘୋଷଣା କରିଛନ୍ତି। ଫଳରେ ଗଁଦିଆ ବ୍ଲକର ବ୍ୟବସାୟିକ ପ୍ରତିଷ୍ଠାନ ବନ୍ଦ ରହିବା ସହ ଯାତାୟାତ ପ୍ରଭାବିତ ହୋଇଛି।

ସେହିପରି କାମାକ୍ଷାନଗର ବ୍ଲକ ବାରୁଆଁ ସଙ୍ଗରୋଧ କେନ୍ଦ୍ରରେ ଥିବା ଜଣେ ସୁରଟ୍ ଫେରନ୍ତାଙ୍କଠାରେ କରୋନା ଭୂତାଣୁ ଠାବ କରାଯାଇଛି। ସେ ୧୯ ତାରିଖରେ ବସ୍‌ରେ ଆସି ୨୨ ତାରିଖରୁ ସଙ୍ଗରୋଧ କେନ୍ଦ୍ରରେ ଥିଲେ। ୩୦ ତାରିଖରେ ତାଙ୍କ ସ୍ୱାବ୍ ପରୀକ୍ଷା ଲାଗି ପଠାଯାଇଥିଲା। ଏହି ଦୁଇଜଣ ସଂକ୍ରମିତ ହେବା ପରେ ଜିଲାରେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୨୧ରେ ପହଞ୍ଚିଛି। ସରକାରୀ ଗାଇଡ୍‌ଲାଇନ୍ ଅନୁଯାୟୀ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ଜିଲାରେ ରାତି ୭ଟାରୁ ସକାଳ ୫ଟା ଯାଏ ୧୪୪ ଧାରା ଜାରି କରିଛନ୍ତି। ଏହା ଜୁନ ୩୦ ଯାଏ ବଳବତ୍ତର ରହିବ।

## ୬ ବର୍ଷର ଶିଶୁ କରୋନା ଆକ୍ରାନ୍ତ

**ଅନୁଗୋଳ ଅଫିସ୍, ୨।୬**

ଅନୁଗୋଳ ଜିଲାରେ ମଙ୍ଗଳବାର ଆଉ ଜଣେ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସଂକ୍ରମିତ ଜଣକ ୬ ବର୍ଷ ଶିଶୁ ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ତାଙ୍କ ମା' ଓ ବାପାଙ୍କ ରିପୋର୍ଟ ଆସି ନ ଥିବା ଜିଲାପାଳ ମନୋଜ କୁମାର ମହାନ୍ତି ସୂଚନା ଦେଇଛନ୍ତି। ସମ୍ପୃକ୍ତ ପରିବାର ଗତ ୨୯ ତାରିଖରେ ମହାରାଷ୍ଟ୍ରରୁ ଫେରିଥିଲେ। ସେମାନଙ୍କୁ ଅସ୍ଥାୟୀ ମେଡିକାଲ କ୍ୟାମ୍ପରେ କ୍ୱାରାଣ୍ଟାଇନ୍‌ରେ ରଖାଯାଇଥିଲା। ବୁଧବାର ସଂକ୍ରମିତ ଶିଶୁଙ୍କୁ ତାଳଚେର କୋଭିଡ ହସ୍ପିଟାଲ ସ୍ଥାନାନ୍ତର କରାଯିବ ବୋଲି ଜିଲାପାଳ ମହାନ୍ତି ସୂଚନା ଦେଇଛନ୍ତି।

## ସେଲ୍‌ଟର ହୋମ୍ ଯୌନଶୋଷଣ ମାମଲା
# ଫୟାଜ, ସୀମାଞ୍ଚଳଙ୍କୁ ଜାମିନ

**ଢେଙ୍କାନାଳ ଅଫିସ, ୨।୬**



ଫୟାଜ ରେହମନ ଜେଲ ହାଜତରୁ ବାହାରୁଛନ୍ତି।

ଢେଙ୍କାନାଳ ଜିଲା ବେଲଟିକିରିସ୍ଥିତ ସେଲଟର ହୋମ୍ ଯୌନଶୋଷଣ ମାମଲାର ମୁଖ୍ୟ ଅଭିଯୁକ୍ତ ତଥା ଅନୁଷ୍ଠାନର ଚେୟାରମ୍ୟାନ ଫୟାଜ୍ ରେହମନ୍ (୬୩) ଏବଂ ପ୍ରକଳ୍ପ ନିର୍ଦ୍ଦେଶକ ସୀମାଞ୍ଚଳ ନାୟକ (୩୯) ମଙ୍ଗଳବାର ସନ୍ଧ୍ୟାରେ ଜାମିନରେ ମୁକୁଳିଛନ୍ତି। ଉଭୟଙ୍କୁ ସର୍ତ୍ତମୂଳକ ଜାମିନ ମିଳିଛି। ମାମଲା ପରିଚାଳନା ସମୟରେ କେହି ଦେଶ ବାହାରକୁ ଯାଇପାରିବେ ନାହିଁ। ସାକ୍ଷୀଙ୍କ ଉପରେ ଚାପ ପ୍ରୟୋଗ କରିପାରିବେ ନାହିଁ ବୋଲି ଜାମିନରେ ସର୍ତ୍ତ ରହିଛି। ଜଣଙ୍କୁ ୨୦ହଜାର ଟଙ୍କା ଲେଖାଏ ସିଓରିଟି ଓ ଦୁଇଜଣ ଲେଖାଏ ଜାମିନଦାର ଜରିଆରେ ଜାମିନ ମିଳିଥିବା ଅଭିଯୁକ୍ତଙ୍କ ମାମଲା ପରିଚାଳନା କରୁଥିବା ଓକିଲ ଅମ୍ରିତ କୁମାର ଦାସ ସୂଚନା ଦେଇଛନ୍ତି। ୨୦୧୮ ନଭେମ୍ବର ୨୭ରେ ଅନ୍ତେବାସୀଙ୍କୁ ଯୌନ ନିର୍ଯାତନା ଦେବା ଅଭିଯୋଗ ଆସିବା ପରେ ଫୟାଜ, ସୀମାଞ୍ଚଳ ଏବଂ ସହଯୋଗୀ ଅଧିକାରୀ ଉଦିତ କୁମାର ଲିମା ଗିରଫ ହୋଇଥିଲେ। ସେମାନଙ୍କ ନାମରେ ବିଭିନ୍ନ ଦଫାରେ ସଙ୍ଗୀନ ଅଭିଯୋଗ ରହିଥିବାବେଳେ ସମସ୍ତେ ଢେଙ୍କାନାଳ ଜିଲା କାରାଗାରରେ ଥିଲେ।

## ଅପରାହ୍ନ ୫ଟା ଯାଏ ଖୋଲିବ ଦୋକାନ

**ଅନୁଗୋଳ ଅଫିସ୍, ୨।୬**

ଲକ୍‌ଡାଉନ୍ ପରେ ଆରମ୍ଭ ହୋଇଛି ଅନଲକ୍-୧। ଏହି ଗାଇଡ୍‌ଲାଇନ ଅନୁସାରେ ଏଣିକି ଅନୁଗୋଳ ଜିଲାର ସମସ୍ତ ବ୍ୟବସାୟିକ ଅନୁଷ୍ଠାନ ସକାଳ ୭ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଖୋଲାରହିପାରିବ ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ସମସ୍ତ ହୋଟେଲ ୩୦ ପ୍ରତିଶତ କ୍ଷମତାରେ ପରିଚାଳିତ ହେବ। ହୋଟେଲ୍ ଓ ରେଷ୍ଟୁରାଣ୍ଟ ଗୁଡ଼ିକ ପୂର୍ବଭଳି ପାର୍ସଲ ଖାଦ୍ୟକୁ ହୋମ୍ ଡେଲିଭରୀ ମାଧ୍ୟମରେ ଦେଇପାରିବେ। ରାସ୍ତା ପାର୍ଶ୍ୱରେ ବିକ୍ରୟ କରୁଥିବା ସମସ୍ତ ଖାଦ୍ୟ ସାମଗ୍ରୀ ଦୋକାନ ପୂର୍ବଭଳି ବନ୍ଦ ରହିବ। ବ୍ୟବସାୟିକ ପ୍ରତିଷ୍ଠାନରେ ସାମାଜିକ ଦୂରତ୍ୱ ଉଲ୍ଲଂଘନ ହେଲେ ମାଲିକ ଦାୟୀ ରହିବେ। ସେଲୁନ, ସ୍ପା, ବିୟୁଟିପାର୍ଲର ସମସ୍ତ ପ୍ରକାର ସୁରକ୍ଷା ଓ ସତର୍କତା ଅବଲମ୍ବନ କରି ଚଳାଇ ପାରିବେ। ୭ ଜଣରୁ ଅଧିକ ଲୋକ ଏକତ୍ରିତ ହେବା ଉପରେ କଟକଣା ଲାଗିଛି। ଜିଲାର ସମସ୍ତ ପୌରାଞ୍ଚଳ ଓ ଗ୍ରାମାଞ୍ଚଳରେ ସନ୍ଧ୍ୟା ୭ଟାରୁ ସକାଳ ୫ଟା ପର୍ଯ୍ୟନ୍ତ କର୍ଫ୍ୟୁ ବଳବତ୍ତର ରହିବ। ବାହାରକୁ ବାହାରିବା ମାତ୍ରେ ମାସ୍କ ପିନ୍ଧିବା ଜରୁରୀ। ନିୟମର ଉଲ୍ଲଂଘନ ହେଲେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଜିଲାପାଳ ମନୋଜ କୁମାର ମହାନ୍ତି ସୋମବାର ରାତିରେ ପ୍ରେସ୍ ଇସ୍ତାହାରରେ ଜଣାଇଛନ୍ତି।

# ଡିଆଇପିଆର୍‌ଓଙ୍କୁ ସ୍ପଷ୍ଟୀକରଣ ମାଗିଲେ ଜିଲାପାଳ

**ଅନୁଗୋଳ ଅଫିସ, ୨।୬**

### ବନ୍ଦେ ଉତ୍କଳ ଜନନୀ ଗାନ ବେଳେ ବିଭ୍ରାଟ ଘଟଣା



କରୋନା ଯୋଦ୍ଧାଙ୍କୁ ଉତ୍ସାହିତ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମେ ୩୦ ଅପରାହ୍ନ ୫ଟା ୩୦ରେ ବନ୍ଦେ ଉତ୍କଳ ଜନନୀ ଗାନ କରିବାକୁ ଆହ୍ୱାନ ଦେଇଥିଲେ। ହେଲେ ଅନୁଗୋଳ ଜିଲା ପ୍ରଶାସନ ପକ୍ଷରୁ ଏହି ସଙ୍ଗୀତ ଗାନ ବେଳେ ବିଭ୍ରାଟ ଦେଖାଦେବା ଚର୍ଚ୍ଚାର ବିଷୟ ହୋଇଥିଲା। ସରକାରଙ୍କ ପକ୍ଷରୁ ଦିଆଯାଇଥିବା ଅଡିଓ ବଦଳରେ ଅନ୍ୟ କଳାକାରଙ୍କ ଦ୍ୱାରା କଣ୍ଠଦାନ ଥିବା ସଙ୍ଗୀତ ବାଜିବାରୁ ଏହାକୁ ଅଧାରୁ ବନ୍ଦ କରିଦିଆଯାଇଥିଲା। ଏଥିପାଇଁ ପ୍ରଶାସନକୁ ଅପଦସ୍ତ ହେବାକୁ ପଡ଼ିଥିଲା। ଏ ସମ୍ପର୍କରେ ଜିଲାବାସୀ ମୁଖ୍ୟମନ୍ତ୍ରୀଙ୍କୁ ଟୁଇଟ୍ କରି ଅବଗତ କରିବା ପରେ ଅନୁଗୋଳ ଜିଲାପାଳ ମନୋଜ କୁମାର ମହାନ୍ତି ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ (ଡିଆଇପିଆର୍‌ଓ) ଶରତ ଚନ୍ଦ୍ର ସେଠୀଙ୍କୁ ରିପୋର୍ଟ ତଲବ କରିଛନ୍ତି। ଏ ନେଇ ଯଥା ସମ୍ଭବ ଉତ୍ତର ରଖିବା ପାଇଁ ଜିଲାପାଳ ମହାନ୍ତି ନିର୍ଦ୍ଦେଶ ଦେଇଛନ୍ତି।

# ବୋଲେରୋରୁ ମୃତଦେହ ଉଦ୍ଧାର

**ଓଡ଼ାପଡ଼ା, ୨।୬(ଡି.ଏନ.ଏ.)**

- ମୃତକ ଠିକାସଂସ୍ଥାରେ ଡ୍ରାଇଭର ଥିଲେ
- କାମ କରୁଥିବାବେଳେ ଟ୍ରକ୍ ଚଢ଼ିଯାଇଥିଲା
- ଘଟଣାକୁ ଭିନ୍ନ ରୂପ ଦେବାକୁ ଉଦ୍ୟମ ଚର୍ଚ୍ଚା
- ସ୍ଥାନୀୟ ଲୋକଙ୍କ ପ୍ରତିବାଦ, ଉତ୍ତେଜନା

ଢେଙ୍କାନାଳ ଜିଲା ୫୫ନଂ. ଜାତୀୟ ରାଜପଥର ଗଉଡ଼କାଟେଣି ଛକ ନିକଟରେ ମଙ୍ଗଳବାର ବୋଲେରୋ ମଧ୍ୟରୁ ଉପରବାଘଲୁଣ୍ଡା ଗ୍ରାମର ଆଦିକନ୍ଦ ବେହେରା (୩୮)ଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ତ୍ୟକ୍ତ ଲୋକେ କିଛି ସମୟ ଲାଗି ଜାତୀୟ ରାଜପଥ ଅବରୋଧ କରିଥିଲେ। କଣ୍ଟାବଣିଆ, ମୋଟଙ୍ଗା ପୋଲିସ ପହଞ୍ଚି ବୁଝାଶୁଝା କରିବା ସହ ଘଟଣାର ଛାନ୍‌ଭିନ୍ କରିଥିଲା।

ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ, ଆଦିକନ୍ଦ 'ସାମଲ ବିଲଡର୍ସ' ଠିକାସଂସ୍ଥାରେ ଡ୍ରାଇଭର ଭାବେ କାର୍ଯ୍ୟ କରୁଥିଲେ। ସୋମବାର ରାତିରେ ସେ ଟ୍ରକ୍ ନେଇ ଜିଏମ୍‌ଆର୍ କମ୍ପାନୀର ଆଖପଖ ଅଞ୍ଚଳକୁ ପାଉଁଶ ପରିବହନ ପାଇଁ ଯାଇଥିଲେ। ସେଠାରେ ତାଙ୍କ ଉପରେ ସାମଲ ବିଲଡର୍ସର ଏକ ଟ୍ରକ୍ (ନଂ. ଓଡ଼ି ୩୫ ଡି ୮୮୬୭) ଚଢ଼ିଯାଇଥିଲା। ପରେ ଠିକାସଂସ୍ଥା ପକ୍ଷରୁ ବୋଲେରୋ (ନଂ. ଓଡି ୩୫ ସି ୯୩୭୭)ରେ ମୃତଦେହ ନିଆଯାଉଥିବାବେଳେ ଡ୍ରାଇଭର ଏବଂ ତାଙ୍କ ସାଥୀରେ ଥିବା ଅନ୍ୟମାନେ ଗଉଡକାଟେଣି ନିକଟରେ ବୋଲେରୋ ଭିତରେ ମୃତଦେହ ଛାଡ଼ିଦେଇ ଫେରାର ହୋଇଯାଇଥିଲେ। ସକାଳେ ଏହି ଘଟଣା ଜଣାପଡ଼ିବା ପରେ ଅଞ୍ଚଳବାସୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏ ନେଇ କଣ୍ଟାବଣିଆ ଥାନାରେ ନଂ. ୫୨/୨୦ରେ ଏକ ମାମଲା ରୁଜୁ ହୋଇଛି। ମୃତଦେହ ଥିବା ଗାଡ଼ିକୁ ପୋଲିସ ଜବତ କରିଛି। ସାମଲ ବିଲଡର୍ସ ପକ୍ଷରୁ ମୃତକଙ୍କ ପରିବାରକୁ ୧ଲକ୍ଷ ଟଙ୍କା ଏବଂ ରେଡ୍‌କ୍ରସ୍ ପାଣ୍ଠିରୁ ୧୦ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଛି। ଅନ୍ୟପଟେ ମୃତଦେହକୁ ବୋଲେରୋରେ ସ୍ଥାନାନ୍ତର କରାଯିବା ଘଟଣାକୁ ରହସ୍ୟମୟ କରିଛି। ଦୁର୍ଘଟଣା ପରେ ଘଟଣାକୁ ଭିନ୍ନ ରୂପ ଦେବାକୁ ଉଦ୍ୟମ କରାଯାଉଥିବା ଚର୍ଚ୍ଚା ହେଉଛି।

# 'ଆମ୍ବ ପସରା'ରେ ଆମ୍ବ ସମ୍ଭାର

**ଢେଙ୍କାନାଳ ଅଫିସ, ୨।୬**



ଜିଲାପାଳ ପ୍ରଦର୍ଶନୀ ବୁଲି ଦେଖୁଛନ୍ତି।

- ଗ୍ରାମୀଣ ଉତ୍ପାଦକଙ୍କୁ ପ୍ରୋତ୍ସାହିତ କରିବାକୁ ଉଦ୍ୟମ
- ଶସ୍ତାରେ ମିଳୁଛି ୧୨ରୁ ଊର୍ଦ୍ଧ୍ୱ ପ୍ରକାରର ସ୍ୱାଦିଷ୍ଟ ଆମ୍ବ

ଆମ୍ରପଲ୍ଲୀଠୁ ଆଖୁରସ, ମହାରାଜା ପସନ୍ଦଠୁ ମିଠାପଲ୍ଲୀ। ଆହୁରି ଏମିତି ଅନେକ। ଦେଖିଲେ ଆଖି ଲାଖିଯିବ। ଲକ୍‌ଡାଉନ୍ ସମୟରେ ଗ୍ରାମୀଣ ଉତ୍ପାଦକଙ୍କୁ ପ୍ରୋତ୍ସାହିତ କରିବାକୁ ଓରମାସ୍ ପକ୍ଷରୁ ଢେଙ୍କାନାଳ ମିନି ଷ୍ଟାଡିୟମରେ ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବା 'ଆମ୍ବ ପସରା'ରେ ଦେଖିବାକୁ ମିଳିଛି ଏପରି ଆମ୍ବର ସମ୍ଭାର। ଏଭଳି ଏକ ପ୍ରଦର୍ଶନୀ ଆମ୍ବପ୍ରେମୀଙ୍କ ଲାଗି ସୁଯୋଗ ସୃଷ୍ଟି କରିଥିବାବେଳେ ଆମ୍ବ ମହକରେ ମହକୁଛି ପରିବେଶ।

ଗତବର୍ଷ ଜିଲାରେ ୪୩,୨୦୦ ମେଟ୍ରିକ୍ ଟନ୍ ଆମ୍ବ ଉତ୍ପାଦିତ ହୋଇଥିଲା। ଚଳିତ ବର୍ଷ ଏହା ୧୫,୨୪୦ ମେଟ୍ରିକ ଟନ୍‌କୁ ଖସିଆସିଛି। ଗତବର୍ଷର 'ଫନୀ' ବାତ୍ୟା ଆମ୍ବଗଛକୁ କ୍ଷତି ପହଞ୍ଚାଇଥିଲା। ଏଥିରେ ବହୁ ଗଛ ନଷ୍ଟ ହୋଇଯାଇଥିଲା। ଚଳିତ ବର୍ଷ ଆମ୍ବ ଉତ୍ପାଦନ ସମୟରେ କରୋନା କଟକଣା ଚାଷୀଙ୍କୁ ଦାଉ ସାଧିଥିଲା। ବଡ଼ ବ୍ୟବସାୟୀମାନେ ନିଲାମ ପାଇଁ ଆସି ନ ଥିଲେ। ଚାଷୀମାନେ ମଧ ବାହାରକୁ ଆମ୍ବ ରପ୍ତାନି କରିବାର ସୁଯୋଗ ପାଇ ନ ଥିଲେ। ତେଣୁ ଗ୍ରାହକ ଏବଂ ଚାଷୀଙ୍କୁ ସୁହାଇବା ଭଳି ଦରରେ ଆମ୍ବ ବିକ୍ରି କରିବାକୁ ଏହି ପ୍ରଦର୍ଶନୀ ଖୋଲାଯାଇଛି। କଙ୍କଡ଼ାହାଡ଼ ବ୍ଲକ ମକୁଆକାଟେଣୀ ପଞ୍ଚାୟତର ସୁଭଦ୍ରା ଏସ୍‌ଏଚ୍‌ଜି, ସଦର ବ୍ଲକ ଗୋବିନ୍ଦପୁରର ଶକ୍ତି ଓମ୍ ସାଇ ଏସ୍‌ଏଚ୍‌ଜି, ଓଡ଼ାପଡ଼ାର ଅଗ୍ରୋ ପ୍ରଡ୍ୟୁସର କମ୍ପାନୀ, ଢେଙ୍କାନାଳର ସିଲା ନର୍ସରି, ସଦର ବ୍ଲକ ସପ୍ତଶଯ୍ୟା ଅଞ୍ଚଳର ଫାର୍ମରୁ ଆମ୍ବ ଆସିଛି। ବାଇଗଣ ପଲେଇ, ଆମ୍ରପଲ୍ଲୀ, ମହାରାଜା ପସନ୍ଦ, କ୍ଷୀରସାଗର, କଞ୍ଚାଖାଇ, ଆଲଫାନ୍‌ସୋ, ଲେଙ୍ଗେଡା, ମିଠାପଲ୍ଲୀ, ମିଠାଦେଶି, ମିଠାକଲମୀ, ଗଭାସୁନ୍ଦରୀ, ଆଖୁରସ ଭଳି ପ୍ରଜାତିର ଆମ୍ବର ଖାସ୍ ଚାହିଦା ରହିଛି। କେଜି ପିଛା ଦର ରହିଛି ୬୦ରୁ ୭୦ଟଙ୍କା। ଏହି ପ୍ରଦର୍ଶନୀ ଜୁନ୍ ୧୭ ଯାଏ ଚାଲିବ।

ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ପୂର୍ବାହ୍ନରେ ଏହାକୁ ଶୁଭାରମ୍ଭ କରିଥିଲେ। ପିଡି ଡିଆରଡିଏ ନରୋତ୍ତମ ବେହେରା, ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ଭଗବାନ ଦାସ, ଓରମାସ ଉପମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ନିରୋଦ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଏ ସଂକ୍ରାନ୍ତରେ ଜିଲାପାଳ କୁହନ୍ତି, ପୂର୍ବରୁ ଢେଙ୍କାନାଳ ଆମ୍ବ ମୁମ୍ବାଇ, ଦିଲ୍ଲୀ, କୋଲକାତାକୁ ପଠାଯାଉଥିଲା। ଚଳିତ ଥର କମ୍ ଉତ୍ପାଦନ ଏବଂ କରୋନା କଟକଣା ଯୋଗୁ ଭଲ ବ୍ୟବସାୟ ହୋଇପାରିନାହିଁ। ଗ୍ରାମାଞ୍ଚଳରେ ଆମ୍ବ ଚାଷୀଙ୍କ ବ୍ୟବସାୟିକ ଅଭିବୃଦ୍ଧି ଲାଗି ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ଆମ୍ବ ସଂଗ୍ରହ କରାଯାଇ ବିକ୍ରି ବ୍ୟବସ୍ଥା ହୋଇଛି। କରୋନା ଲାଗି ସାମାଜିକ ଦୂରତ୍ୱ ଅବଲମ୍ବନ କରାଯାଇଛି। ଢେଙ୍କାନାଳବାସୀ ବଜାର ଦରଠାରୁ ଶସ୍ତାରେ ଏବଂ ଗୁଣବତ୍ତାସମ୍ପନ୍ନ ଆମ୍ବ ପାଇପାରିବେ।

# ଧାନ କିଣିଲେ, ଟଙ୍କା ଦେଉନାହାନ୍ତି

**ବଲାଙ୍ଗୀର ଅଫିସ, ୨।୬**



ଧଣ୍ଡାମାଲ ମଣ୍ଡି ବାହାରେ ପଡିରହିଥିବା ଚାଷୀଙ୍କ ଧାନ ।

- ଲକ୍‌ଡାଉନ୍ ସମୟରେ ବି ଚାଷୀଙ୍କୁ ହତାଦର
- ମଣ୍ଡିରେ ନଷ୍ଟ ହେବାକୁ ବସିଛି ୧୩୫ ବସ୍ତା ଧାନ
- ଧାନ କିଣିଲେ ୫ ହଜାର ଟଙ୍କା ଦାନ କରିବେ କହିଲେ ଚାଷୀ

ବଲାଙ୍ଗୀର ଜିଲା ଦେଓଗାଁ ସମବାୟ ବ୍ୟାଙ୍କ ଅନ୍ତର୍ଗତ ଧଣ୍ଡାମାଲ ପ୍ରାଥମିକ କୃଷି ସମବାୟ ସମିତି (ପ୍ୟାକ୍ସ)ରେ ଧଣ୍ଡାମାଲ ଗ୍ରାମର ଚାଷୀ ପୁରୁଷୋତ୍ତମ ଭୋଇ ଜଣେ ପଞ୍ଜୀକୃତ ଚାଷୀ । ସେ ୧୩୫ ବସ୍ତା ଖରିଫ ଧାନ ବିକ୍ରି ଉଦ୍ଦେଶ୍ୟରେ ରଖିଥିଲେ । ଠିକ୍ ସମୟରେ ଟୋକନ ନ ଆସିବାରୁ ଧାନ ମଣ୍ଡିରେ ବିକ୍ରି କରିପାରି ନ ଥିଲେ। ଗତ ଫେବୃୟାରୀ ୧୩ ତାରିଖରେ ଧଣ୍ଡାମାଲ ପ୍ୟାକ୍ସ ସମ୍ପାଦକ ବିନା ଟୋକନ୍‌ରେ ମଧ ଚାଷୀମାନେ ଧାନ ବିକ୍ରି କରିପାରିବେ ବୋଲି କହିବାରୁ ଫେବୃୟାରୀ ୧୪ ତାରିଖରେ ପୁରୁଷୋତ୍ତମ ୧୩୫ ବସ୍ତା ଧାନକୁ ମଣ୍ଡିକୁ ବିକ୍ରି ଉଦ୍ଦେଶ୍ୟରେ ଆଣିଥିଲେ । ଚାଷୀଙ୍କ ସୂଚନା ମୁତାବକ ମଣ୍ଡିକୁ ଅଣାଯାଇଥିବା ଧାନକୁ ଫେବୃୟାରୀ ୧୫ତାରିଖରେ ବଲାଙ୍ଗୀର ଏଆରସିଏସ୍ ଏବଂ ଦେଓଗାଁ ତହସିଲଦାର ମଧ ତଦାରଖ କରିଥିଲେ । ଏହାସତ୍ତ୍ୱେ ସେଠାକୁ ଆଣିଥିବା ଧାନ ବିକ୍ରି ହୋଇପାରି ନ ଥିଲା । ସେହି ଦିନରୁ ମଣ୍ଡିରେ ଉକ୍ତ ଧାନ ପଡିରହିଛି । ଏହି ଚାଷୀଙ୍କ ସହ ଅନ୍ୟ ୧୫ ଜଣ ଚାଷୀଙ୍କ ଧାନ ମଧ ବିକ୍ରୟ ପାଇଁ ପଡି ରହିଥିବା ସୂଚନା ଦେଇଛନ୍ତି । ଇତିମଧ୍ୟରେ ମଣ୍ଡିରେ ଥିବା ଧାନ ଅଦିନିଆ ବର୍ଷା ଯୋଗୁଁ ନଷ୍ଟ ହେବାକୁ ବସିଲାଣି ।

ସେହି ଗାଁର ଅନ୍ୟ ଜଣେ ଚାଷୀ କବିରାଜ ଭୁଏ । ତାଙ୍କର ୫୨ କୁଇଣ୍ଟାଲ ଧାନ ଏହି ମଣ୍ଡିରେ ବିକ୍ରି କରିଥିଲେ । ତାଙ୍କ ଧାନକୁ ମିଲର୍ସ ଉଠାଇଥିଲେ । ମାତ୍ର କବିରାଜ ଏପର୍ଯ୍ୟନ୍ତ ତାଙ୍କ ଧାନ ବିକ୍ରୟ ଟଙ୍କା ପାଇ ନ ଥିବା ଅଭିଯୋଗ କରିଛନ୍ତି। ଏହି ଦୁଇ ଚାଷୀ ଏନେଇ ଜିଲାପାଳ, ଜିଲା ଯୋଗାଣ ଅଧିକାରୀ, ଏଆରସିଏସ୍‌ଙ୍କୁ ଲିଖିତ ଜଣାଇଥିଲେ। ପ୍ୟାକ୍ସ ସମ୍ପାଦକଙ୍କ ଚଞ୍ଚକତା କରିଥିବା ସେ ଅଭିଯୋଗ କରିଛନ୍ତି । ଏନେଇ ପ୍ୟାକ୍ସ ସମ୍ପାଦକ ଭଗବାନ ଗଡତ୍ୟାଙ୍କୁ ମୋବାଇଲ ଫୋନ୍ ନମ୍ବର (୮୩୨୮୯୨୧୨୪୩)ରେ ଯୋଗାଯୋଗ କରାଯାଇଥିଲା। ରିଙ୍ଗ୍ ହେବା ସତ୍ତ୍ୱେ ସେ ଫୋନ ଉଠାଇ ନ ଥିଲେ। ଚାଷୀ ପୁରୁଷୋତ୍ତମ ଜଣାଇଛନ୍ତି ଯେ, ଧାନ ବିକ୍ରୟ ହୋଇ ନ ଥିବାରୁ ସେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଟ୍ରାକ୍ଟର ଋଣ ଓ ପ୍ୟାକ୍ସରୁ ନେଇଥିବା ୧ ଲକ୍ଷ ଟଙ୍କାର ଋଣ ଟଙ୍କା କିପରି ପରିଶୋଧ କରିବେ ବୋଲି ପ୍ରଶ୍ନ କରିଛନ୍ତି । କରୋନା ଲକ୍‌ଡାଉନ୍‌ରେ ତାଙ୍କର ଆର୍ଥିକ ଅବସ୍ଥା ସାଂଘାତିକ ହୋଇପଡିଥିବାବେଳେ ମଣ୍ଡିରେ ପଡିରହିଥିବା ଧାନକୁ ଶୀଘ୍ର ବିକ୍ରୟ ବ୍ୟବସ୍ଥା କରିବାକୁ ଜିଲାପାଳ, ଡିଆରସିଏସ୍, ଏଆରସିଏସ୍ ଓ ଜିଲା ଯୋଗାଣ ଅଧିକାରୀଙ୍କୁ ଲିଖିତ ନିବେଦନ କରିଛନ୍ତି । ଧାନ ବିକ୍ରୟ ହେଲା ପରେ ଟଙ୍କା ପାଇଲେ ସେଥିରୁ ପ୍ରଧାନମନ୍ତ୍ରୀ କେୟାର ପାଣ୍ଠିଓ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିକୁ ୫ ହଜାର ଟଙ୍କା ପ୍ରଦାନ କରିବେ ବୋଲି ଉଲ୍ଲେଖ କରିଛନ୍ତି । ଚାଷୀଙ୍କ ଏଭଳି ଅନୁରୋଧ ତାଙ୍କ ଆର୍ଥିକ ଦୁଃସ୍ଥିତିକୁ ବୟାନ କରୁଛି ।

# କାଳବୈଶାଖୀରେ ଉପୁଡିଲା ଗଛ

**ବୌଦ୍ଧ, ୨।୬(ସ୍ୱ.ପ୍ର.)**

ବୌଦ୍ଧ ଅଞ୍ଚଳରେ ମଙ୍ଗଳବାର ଅପରାହ୍ନରେ ଝଡତୋଫାନ ହୋଇ ବ୍ୟାପକ କ୍ଷୟକ୍ଷତି ଘଟିଛି । ପବନରେ ଗାଁରେ ଥିବା ବହୁ ଚାଳଘରର ଛପର ଉଡି ଯାଇଥିବା ବେଳେ ବିଭିନ୍ନ ସ୍ଥାନରେ ବଡ ବଡ ଗଛ ଉପୁଡି ପଡିଛି । କେତେକ ସ୍ଥାନରେ ଗଛ ପଡି ତାର ଛିଣ୍ଡିବା ଯୋଗୁ ବିଦ୍ୟୁତ୍ ଯୋଗାଣ ବ୍ୟାହତ ହୋଇଛି। ପ୍ରବଳ ବର୍ଷା ହେବାରୁ ଡ୍ରେନ ପାଣି ନିଷ୍କାସନ ହୋଇ ନ ପାରି ବାଧା ଉପୁଜି ଥିଲା । ଏଥିଯୋଗୁ ସହରର ଅନେକ ରାସ୍ତାରେ ବହୁ ସମୟ ଧରି ପାଣିର ସୁଅ ଚାଲିଥିଲା । ଗତ କିଛି ଦିନ ହେବ ପ୍ରବଳ ଗରମ ଯୋଗୁ ଲୋକମାନେ ଆଉଟୁ ପାଉଟୁ ହେଉଥିବା ବେଳେ ବର୍ଷା ଆଶ୍ୱସ୍ତି ଆଣିଛି । ତେବେ ଅପରାହ୍ନ ୨ଟାରୁ ୩ଟା ପ୍ରାୟ ଏକଘଣ୍ଟା ଧରି ବର୍ଷା ପବନ ହେବା ଫଳରେ ସହରର ଶିଳ୍ପ ତାଲିମ କେନ୍ଦ୍ର ସମ୍ମୁଖରେ ଥିବା ଏକ ବିରାଟ ଗଛ ଭାଙ୍ଗି ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥ ଉପରେ ପଡିଥିଲା । ଫଳରେ ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ଦୀର୍ଘ ସମୟ ଧରି ବହୁ ସଂଖ୍ୟକ ଯାନବାହାନ ଅଟକି ରହିଥିଲା । ବୌଦ୍ଧ ଅଗ୍ନିଶମ ସେବା କେନ୍ଦ୍ରର କର୍ମଚାରୀମାନେ ଗଛ କାଟି ସଫା କରିବା ପରେ ଯାନବାହାନ ଚଳାଚଳ ସ୍ୱାଭାବିକ ହୋଇଥିଲା । ଏହାଛଡା ଲୋକଙ୍କ ବାଡିରେ ଥିବା ବହୁ ଛୋଟ ବଡ ଗଛ ଭାଙ୍ଗି ପଡିଛି। ଖରାଦିନିଆ ଫସଲ ମଧ କ୍ଷତିଗ୍ରସ୍ତ ହୋଇଛି। ବିଦ୍ୟୁତ ତାର ଛିଣ୍ଡିବା ଯୋଗୁ ସହରରେ ସନ୍ଧ୍ୟାରେ ବିଦ୍ୟୁତ ଯୋଗାଣ ସ୍ୱାଭାବିକ ହୋଇଥିବା ବେଳେ କେତେକ ଅଞ୍ଚଳ ଅନ୍ଧକାରଛନ୍ନ ହୋଇପଡିଛି ।



ରାସ୍ତାରେ ପଡିଥିବା ଗଛ ଓ ଖୁଣ୍ଟକୁ ଲୋକେ ଉଠାଉଛନ୍ତି ।

## ସଂକ୍ଷେପରେ

### ଟ୍ରାକ୍ଟର ସହ ବିପୁଳ ପରିମାଣର କାଠ ଜବତ

**ଲୋଇସିଂହା, ୨।୬(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ବନ ରେଞ୍ଜ ଅନ୍ତର୍ଗତ ଆଗଲପୁର ବ୍ଲକ ରେଙ୍ଗାଲି ଗ୍ରାମରେ ବନ ବିଭାଗ ଚଢାଉ କରି ବିପୁଳ ପରିମାଣର କାଠ, ସାଇଜ ପଟା, ଟ୍ରାକ୍ଟର ଇଞ୍ଜିନ ସହ କରତ କଳ ଜବତ କରିଛି । ଜବତ କାଠର ଆନୁମାନିକ ମୂଲ୍ୟ ୨ଲକ୍ଷ ଟଙ୍କା ହେବ ବୋଲି ବନ ବିଭାଗ କହିଛି। ସୂଚନାମତେ, ଆଗଲପୁର ବ୍ଲକ ରେଙ୍ଗାଲି ଗ୍ରାମର ପୋଖରୀ ନିକଟରେ ଦୀର୍ଘଦିନ ହେଲା ବେଆଇନ କରତ କଳ ଚାଲିଆସୁଥିବା ବନ ବିଭଗକୁ ସୂଚନା ମିଳିଥିଲା। ବରଗଡ ଜିଲା ସୁଜିଆମୁଣ୍ଡା ଅଞ୍ଚଳର ଜଣେ ବ୍ୟକ୍ତି ଟ୍ରାକ୍ଟର ଇଞ୍ଜିନରେ କରତ କଳ ଲଗାଇ ବେଆଇନ କାରବାର ଚଳାଇଥିଲେ। ମଙ୍ଗଳବାର ଯୋଜନା ମୁତାବକ ଏସିଏଫ ବାବଜୀ ଚରଣ ରାଉଳ, ମୋଇବାଲ ସ୍କ୍ୱାଡ ଫରେଷ୍ଟର ସୁନୀଲ ମିଶ୍ର ଓ ବଲାଙ୍ଗୀର ରେଞ୍ଜ ଷ୍ଟାପ ରେଙ୍ଗାଲିରେ ଚଢାଉ କରିଥିଲେ। ବନ ବିଭାଗ କର୍ମଚାରୀଙ୍କୁ ଦେଖି କରତ କଳରେ ନିୟୋଜିତ କର୍ମଚାରୀ ଓ ଡ୍ରାଇଭର ଟ୍ରାକ୍ଟର ଇଞ୍ଜିନ ଓ ଏଥିରେ ଲଗା ଯାଇଥିବା କଟର ମେଶିନକୁ ନେଇ ପଳାଇ ଯାଇଥିଲେ। ବନ କର୍ମଚାରୀ ସେମାନଙ୍କୁ ପିଛା କରିବାରେ ଡ୍ରାଇଭର ଟ୍ରାକ୍ଟର ଇଞ୍ଜିନକୁ ଅଧାବାଟରେ ଛାଡି ଫେରାର ହୋଇ ଯାଇଥିଲେ । ବନ କର୍ମଚାରୀ ଟ୍ରାକ୍ଟର ଇଞ୍ଜିନ ଓ କଟର ମେଶିନକୁ ଜବତ କରିଥିଲେ। ଏଥି ସହିତ ଚାଲାଣ ଉଦ୍ଦେଶ୍ୟରେ ରଖାଯାଇଥିବା ଶାଗୁଆନ, ଗମ୍ଭାରୀ, ଲିମ୍ବା ଓ ଶିଶୁ କାଠ ଜବତ କରାଯାଇଥିବା ମୋଇବାଲ ସ୍କ୍ୱାଡ ଫରେଷ୍ଟର ମିଶ୍ର ସୂଚନା ଦେଇଛନ୍ତି।

### କୋଚିଂ ସେଣ୍ଟର ସିଲ୍ କଲା ପ୍ରଶାସନ

**ଝାରସୁଗୁଡା ଅଫିସ, ୨।୬:** ଅନ୍‌ଲକ୍-୧ରେ ରାଜ୍ୟର ସମସ୍ତ ସ୍କୁଲ, କଲେଜ ସମେତ କୋଚିଂ ସେଣ୍ଟର ସବୁ ବନ୍ଦ ରଖିବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ହେଲେ ଝାରସୁଗୁଡା ସହର ସରବାହାଲ ଅଞ୍ଚଳରେ ଏକ କୋଚିଂ ସେଣ୍ଟର ଖୋଲା ଯାଇ ଏଠାରେ ଛାତ୍ରୀଛାତ୍ରଙ୍କୁ କୋଚିଂ ପ୍ରଦାନ କରାଯାଉଥିଲା। ଏ ନେଇ ଜିଲା ପ୍ରଶାସନ ନିକଟରେ ଅଭିଯୋଗ ହେବା ପରେ ମଙ୍ଗଳବାର ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ତାହାକୁ ସିଲ୍ କରାଯାଇଛି।

### ନୂଆପଡ଼ା: ୨୨ନୂଆ କରୋନା ଆକ୍ରାନ୍ତ ଚିହ୍ନଟ

**ନୂଆପଡ଼ା ଅଫିସ, ୨।୬:** ନୂଆପଡା ଜିଲାରେ ୨୨ନୂଆ କରୋନା ରୋଗୀ ଚିହ୍ନଟ ହୋଇଛନ୍ତି। ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀରେ ଜିଲାପାଳ ମଧୁସ୍ମିତା ସାହୁ ଏହି ସୂଚନା ଦେଇଛନ୍ତି। ଏମାନଙ୍କ ମଧ୍ୟରେ ଖଡିଆଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଞ୍ଚଳରେ ୧୭, ବୋଡେନରେ ଜଣେ, କୋମନା ଏବଂ ଖରିଆରରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଞ୍ଚଳରେ ୨ଜଣ ଲେଖାଏ ରହିଛନ୍ତି। ଏମାନଙ୍କୁ ରାଉରକେଲା କୋଭିଡ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି । ସଙ୍ଗରୋଧ କେନ୍ଦ୍ରରେ ରହିବା ଅବଧି ଶେଷ ହେବାରୁ ଏମାନେ ହୋମ କ୍ୱାରାଣ୍ଟାଇନରେ ରହିଥିଲେ। ଏବେ ସେମାନଙ୍କ ସ୍ୱାବ୍ ରିପୋର୍ଟ ପଜିଟିଭ୍ ଆସିଛି। ଏହାକୁ ମିଶାଇ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୫୫ରେ ପହଞ୍ଚିଛି।

# ହୀତ୍ରିକାଙ୍କୁ ମିଳିଲା ଭିନ୍ନକ୍ଷମ ଭତ୍ତା

**କୋକସରା, ୨।୬(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ସାନପୋଡାଗୁଡା ଗ୍ରାମର ମୋହନ ମେହେର ୬ ମାସ ତଳେ ଦାଦନ ଖଟିବାକୁ ବାଙ୍ଗାଲୁରୁ ଯାଇଥିଲେ । ହେଲେ ଲକ୍‌ଡାଉନ ଯୋଗୁ ସେଠାରେ ଫସି ରହିଛନ୍ତି । ଏଣେ ଘରେ ସ୍ତ୍ରୀ କସ୍ତୁରୀ ନିଜର ୨ ପୁଅ ବିବେକ (୧୦), ଚନ୍ଦନ (୪), ୨ ଝିଅ ଲକ୍ଷ୍ମୀ (୮) ଓ ଦିବ୍ୟାଙ୍ଗ ଝିଅ ହୀତ୍ରିକା (୪)ଙ୍କୁ ନେଇ ବଡ଼ ଦୁଃଖରେ ଚଳୁଛନ୍ତି । ଏ ସଂକ୍ରାନ୍ତରେ ଧରିତ୍ରୀରେ ଏକ ରିପୋର୍ଟ ପ୍ରକାଶ ପାଇବା ପରେ ବ୍ଲକ ପ୍ରଶାସନ ତତ୍ପରତା ପ୍ରକାଶ କରିଛି। କୋକସରା ବିଡିଓ ମନୀଷା ଦାସଙ୍କ ନିର୍ଦ୍ଦେଶକ୍ରମେ ଝିଅ ହୀତ୍ରିକାଙ୍କ ନାମରେ ଏକ ଭିନ୍ନକ୍ଷମ ଭତ୍ତା କାର୍ଡ ପ୍ରଦାନ ସହ ୩ ମାସର ଭତ୍ତା ବାବଦରେ ୧୫ ଶହ ଟଙ୍କା ସାନପୋଡାଗୁଡା ପିଇଓଙ୍କ ଜରିଆରେ ଗୁରୁବାର ପ୍ରଦାନ କରାଯାଇଛି। ସେହିପରି ହୀତ୍ରିକାଙ୍କ ଚିକିତ୍ସା ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ଫଣ୍ଡରୁ ସହାୟତା ମିଳିବା ସକାଶେ ଆବେଦନ ଫର୍ମ ପଠାଯାଇଥିବା ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦୀପକ ବେହେରା କହିଛନ୍ତି ।



ଭିନ୍ନକ୍ଷମ ହିତ୍ରୀକାଙ୍କୁ ଭିନ୍ନକ୍ଷମ ଭତ୍ତା ଦିଆଯାଉଛି ।

# ବିଦ୍ୟୁତ ଆଘାତରେ ଯୁବକ ଗୁରୁତର

**ବୌଦ୍ଧ, ୨।୬(ସ୍ୱ.ପ୍ର.)**

ମଙ୍ଗଳବାର ପୂର୍ବାହ୍ନରେ ବୌଦ୍ଧ ସହରରେ ବିଦ୍ୟୁତ୍ ଆଘାତରେ ପୂର୍ଣ୍ଣଚନ୍ଦ୍ର ନାୟକ (୨୭)ନାମକ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି । ତାଙ୍କୁ ଚିକିତ୍ସା ନିମନ୍ତେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ତାଙ୍କ ଘର ସୁନ୍ଦରଗଡ ଜିଲାର ବଡକେରା ଗ୍ରାମରେ । ପ୍ରକାଶ ଯେ, ବୌଦ୍ଧ ମହାନଦୀ ବ୍ରିଜ ଛକଠାରୁ ହାତୀଶାଳ ଛକ ପର୍ଯ୍ୟନ୍ତ ପୂର୍ତ୍ତ ବିଭାଗ ପକ୍ଷରୁ ରାସ୍ତା ସଂପ୍ରସାରଣ କାର୍ଯ୍ୟ ଜାରି ରହିଥିବା ବେଳେ ବିଦ୍ୟୁତ ଖୁଣ୍ଟଗୁଡିକ ସ୍ଥାନାନ୍ତର କରାଯାଉଛି। ଏହି କାର୍ଯ୍ୟ ଚାଲିଥିବା ସମୟରେ ବିଦ୍ୟୁତ ବିଭାଗ ପକ୍ଷରୁ ମୁଖ୍ୟ ବିଦ୍ୟୁତ ଲାଇନ୍‌ର ସଂଯୋଗ ବିଚ୍ଛିନ୍ନ କରାଯାଇଥିଲା । ତେବେ ସହରରେ ଥିବା କେତେକ ବ୍ୟାଙ୍କ ଓ ହୋଟେଲରେ ଚାଲିଥିବା ଉଚ୍ଚକ୍ଷମତା ସମ୍ପନ୍ନ ଜେନେରେଟର ଯୋଗୁ ମୁଖ୍ୟ ବିଦ୍ୟୁତ୍ ଲାଇନରେ ରିଟର୍ଣ୍ଣ କରେଣ୍ଟ୍ ଆସି ଯିବାରୁ ଖୁଣ୍ଟରେ ଚଢି କାମ କରୁଥିବା ବିଦ୍ୟୁତ୍ କର୍ମଚାରୀ ପୂର୍ଣ୍ଣଚନ୍ଦ୍ର ଲଟକି ରହିଥିଲେ। ଜେନେରେଟର ବନ୍ଦ କରାଯାଇ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇଥିଲା ।

# ଗୋବିନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ଶୂନ୍ୟ

## ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ

**ବାମରା, ୨।୬(ଡି.ଏନ.ଏ.)**

ସମ୍ବଲପୁର ଜିଲା ବାମରା ବ୍ଲକ ସଦର ମହକୁମାସ୍ଥିତ ଗୋବିନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର । ଏହି ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ଏବେ ଜଣେ ବି ଡାକ୍ତର ନାହାନ୍ତି । ଏଥିଯୋଗୁ ରୋଗୀ ସେବା ଏକ ପ୍ରକାର ବନ୍ଦ ହୋଇଯାଇଛି । ରୋଗୀମାନେ ଡାକ୍ତରଖାନା ଆସି ଫେରିବାକୁ ବାଧ୍ୟ ହେଉଛନ୍ତି । ଏଠାରେ ଅବସ୍ଥାପିତ ୫ଜଣ ଡାକ୍ତରଙ୍କ ମଧ୍ୟରୁ ୨ଜଣ ରୋଗୀସେବା କରୁଥିଲେ । ସେମାନଙ୍କୁ ମଧ ଡେପୁଟେସନରେ ଅନ୍ୟତ୍ର ପଠାଇ ଦିଆଯାଉଛି । ରବିବାର ଏନେଇ ଏକ ଦାବିପତ୍ର ସମ୍ବଲପୁର ଜିଲାପାଳଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ତହସିଲଦାରଙ୍କୁ ପ୍ରଦାନ କରାଯାଇଛି ।

ସୂଚନା ଅନୁଯାୟୀ, ଗତ ୫ବର୍ଷ ହେବ ଗୋବିନ୍ଦପୁର ଡାକ୍ତରଖାନା ସମ୍ପୂର୍ଣ୍ଣ ଡାକ୍ତର ଶୂନ୍ୟ ଥିଲା । ବହୁ ଦାବି ପରେ ୫ଜଣ ଡାକ୍ତରଙ୍କୁ ଏଠାରେ ଅବସ୍ଥାପିତ କରାଯାଇଥିଲା । ଏଥିଯୋଗୁ ସ୍ଥାନୀୟ ଲୋକେ ଆଶ୍ୱସ୍ତି ପ୍ରକାଶ କରିଥିଲେ । ମାତ୍ର ମାସେ ପୂର୍ବରୁ ସ୍ତ୍ରୀ ରୋଗ ବିଶେଷଜ୍ଞ ଡା. କେ.ପି.ଡୁଙ୍ଗଡୁଙ୍ଗଙ୍କ ଅନ୍ୟତ୍ର ବଦଳି ହୋଇଥିଲା । ଆଉ ୨ ଜଣ ଡାକ୍ତର ଉଚ୍ଚ ଶିକ୍ଷା ପାଇଁ ଛୁଟିରେ ଅଛନ୍ତି । ବାକି ୨ ଡାକ୍ତର ପୁନିତ କୁମାର ମହାନ୍ତି ଓ ସମ୍ପିତ କୁମାର ପ୍ରଧାନ ରୋଗୀ ସେବା ଜାରି ରଖିଥିଲେ । ହେଲେ ସେମାନଙ୍କୁ ପ୍ରତି ସପ୍ତାହରେ ୩ଦିନ ପାଇଁ ଡେପୁଟେଶନରେ ଗଡପୋଷ ଡାକ୍ତରଖାନାକୁ ପଠାଇ ଦିଆଯାଉଛି । ବାମରା ଅଞ୍ଚଳବାସୀ ଏହି ସମସ୍ୟା ଦୂର କରିବାକୁ ଦାବି କରିଛନ୍ତି । ଏପରି କି ଉକ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୭ଜଣ ଡାକ୍ତରଙ୍କୁ ନିଯୁକ୍ତି ଦେବାକୁ ସେମାନେ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି । ପୂର୍ବତନ ବିଧାୟକ ରାଜେନ୍ଦ୍ର ଛତ୍ରିଆ, ପ୍ରଶାନ୍ତ ଶତପଥୀ, ମହାବୀର ଖଣ୍ଡେଲୱାଲ, କ୍ଷୀରୋଦ ସା, ପ୍ରଦୀପ ମିଶ୍ର, ସୁନୀଲ ଲାଠ, ବରସାତ ପ୍ରଧାନ, ଅନୀଲ ପାଣ୍ଡେ, ସଚ୍ଚିଦା ସାହୁ, କଲୁ ଶୁକ୍ଳା, ସଞ୍ଜୀବ ପାଲ, ଦିଲୀପ ଛତ୍ରିଆ ପ୍ରମୁଖ ବାମରା ତହସିଲଦାର ଅନୀଲ କୁଲୁଙ୍କୁ ଏହି ଦାବିପତ୍ର ପ୍ରଦାନ କରିଛନ୍ତି।

ଉଲ୍ଲେଖଯୋଗ୍ୟ, ଉକ୍ତ ଡାକ୍ତରଖାନା ଉପରେ ପ୍ରତିଦିନ ୩ରୁ ୪ ହଜାର ରୋଗୀ ନିର୍ଭର କରିଥାନ୍ତି । ପ୍ରସୂତୀ ପାଇଁ ଦୈନିକ ବହୁ ମହିଳା ଆସିଥାନ୍ତି। ଏହାସହ ଏଠାରେ ପ୍ରତି ମାସରେ ୫ରୁ ଉର୍ଦ୍ଧ୍ୱ ମୃତଦେହ ବ୍ୟବଚ୍ଛେଦ କରାଯାଇଥାଏ । ହେଲେ ଆବଶ୍ୟକ ଅନୁଯାୟୀ ଡାକ୍ତର ନ ଥିବାରୁ ରୋଗୀସେବାରେ ବ୍ୟତିକ୍ରମ ଘଟିଛି ।



ବାମରା ତହସିଲଦାରଙ୍କୁ ଦାବିପତ୍ର ଦିଆଯାଉଛି ।

# ଆନ୍ଧ୍ର ଫେରନ୍ତା କପା ଚାଷୀ ଖୋଲା ବୁଲୁଛନ୍ତି

**ମନମୁଣ୍ଡା, ୨।୬ (ଡି.ଏନ.ଏ.)**

ନିକଟରେ କନ୍ଧମାଳ ବ୍ଲକର ଯୋଗୀନ୍ଦ୍ରପୁର ପଞ୍ଚାୟତକୁ ଆନ୍ଧ୍ରପ୍ରଦେଶରୁ ଫେରିଥିବା କେତେଜଣ କପା ଚାଷୀ ସଙ୍ଗରୋଧରେ ନ ରହି ଖୋଲା ବୁଲୁଥିବା ଅଭିଯୋଗ ହୋଇଛି। ଫଳରେ ସ୍ଥାନୀୟ ବାସିନ୍ଦା ଆତଙ୍କିତ ଅବସ୍ଥାରେ ଦିନ କାଟୁଛନ୍ତି। ପ୍ରକାଶ ଯେ, ଯୋଗୀନ୍ଦ୍ରପୁର ପଞ୍ଚାୟତ ମାଖିପଡା ଅଞ୍ଚଳରେ କେତେଜଣ ଆନ୍ଧ୍ରପ୍ରଦେଶର ଲୋକ ରହି ଦୀର୍ଘ ବର୍ଷ ହେବ କପା ଚାଷ କରି ଆସୁଛନ୍ତି । ଦୁଇ ଦିନ ତଳେ ସେମାନଙ୍କ ମଧ୍ୟରୁ ୪ଜଣ ଆନ୍ଧ୍ରପ୍ରଦେଶରୁ ଏଠାକୁ ଆସିଛନ୍ତି। ସେମାନେ ପ୍ରଥମେ ମନମୁଣ୍ଡା ଚେକ୍‌ପୋଷ୍ଟକୁ ଯାଇ ନାମ ପଞ୍ଜୀକରଣ କରିବା କଥା । କିନ୍ତୁ ସେମାନେ ତାହା ନ କରି ସେମାନଙ୍କ ଭଡା ଘରେ ରହୁଛନ୍ତି। ପ୍ରବାସୀ ଓଡିଆଙ୍କୁ ପ୍ରଶାସନ ତୁରନ୍ତ ସଙ୍ଗରୋଧ କେନ୍ଦ୍ରକୁ ପଠାଇ ଦେଉଥିବା ବେଳେ ସେମାନଙ୍କୁ ଆନ୍ଧ୍ର ଫେରନ୍ତା ହୋଇ ମଧ କେମିତି ସଙ୍ଗରୋଧ କେନ୍ଦ୍ରକୁ କିପରି ପଠାଯାଇ ନାହିଁ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏ ସମ୍ପର୍କରେ ସରପଞ୍ଚ ଓ ମନମୁଣ୍ଡା ଚେକ୍ ପୋଷ୍ଟ ଇନଚାର୍ଜ ଅତିରିକ୍ତ ତହସିଲଦାର ସୁଶିଲ କୁମାର କୁଅଁରଙ୍କୁ ପଚାରିବାରେ ଏ ନେଇ ଜାଣି ନ ଥିବା କହିଥିଲେ । ତେବେ ଏ ସମ୍ପର୍କରେ ବିଡିଓଙ୍କୁ ଜଣାଇବେ ବୋଲି କୁଅଁର କହିଥିଲେ ।

# ଛତିଶଗଡ଼ ସୀମାନ୍ତରେ ଚାଷୀଙ୍କୁ ପଙ୍ଗପାଳ ଭୟ

**ନୂଆପଡ଼ା ଅଫିସ, ୨।୬**

ନୂଆପଡ଼ା ଜିଲାବାସୀ ଛତିଶଗଡ ପଟୁ ପଙ୍ଗପାଳ ମାଡିଆସୁଥିବା ନେଇ ଚାଷୀ ଚିନ୍ତିତ ହୋଇପଡିଛନ୍ତି। ଚାଷୀଙ୍କ ସହ କୃଷି ବିଭାଗ ସୀମାନ୍ତରେ ଦୃଷ୍ଟି ରଖିଛି। ଇତିମଧ୍ୟରେ ଜିଲା କୃଷି ବିଭାଗ ତୁହାକୁ ତୁହା ବୈଠକ କରି ପଙ୍ଗପାଳ ଅଟକାଇବା ନେଇ ପ୍ରସ୍ତୁତି କରୁଛି । ପଙ୍ଗପାଳ ଯଦି ଓଡ଼ିଶା ମୁହାଁ ହୁଅନ୍ତି ତେବେ ପରିସ୍ଥିତି ସାଂଘାତିକ ହେବ ବୋଲି ଆଶଙ୍କା ପ୍ରକାଶ ପାଇଛି। ସମ୍ପ୍ରତି ଜିଲାର ସୀମାନ୍ତ ଅଞ୍ଚଳ ନୂଆପଡା, ଖଲନା, ସାରାବଙ୍ଗ, କେନ୍ଦୁବାହାରା, ପରକୋଡ, ବେଲଟୁକୁରୀ ଆଦି ଗାଁରେ ରବିଧାନ ଅମଳ ସରି ନ ଥିବାରୁ ଚାଷୀମାନେ ଚିନ୍ତାରେ ଅଛନ୍ତି। ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲା କୃଷି ଉପନିର୍ଦ୍ଦେଶକଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଏକ ଜରୁରିକାଳୀନ ବୈଠକ ବସିଥିଲା। ଏଥିରେ ପଙ୍ଗପାଳ ସମ୍ଭାବ୍ୟ ଆଗମନକୁ ନେଇ ସମ୍ପୃକ୍ତ ଅଞ୍ଚଳର ଚାଷୀମାନଙ୍କୁ ସତର୍କ କରିଦିଆଯାଇଛି । ବୈଠକରେ ସମସ୍ତ କୃଷି କର୍ମଚାରୀ,ଔଷଧ ଡିଲରମାନଙ୍କୁ ଆବଶ୍ୟକ ପରିମାଣର ଔଷଧ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି କୀଟମାନେ ପାଗ କୋହଲା ହେଲେ ଆଗକୁ ଆଗକୁ ଯାଇ ପାରି ନ ଥାନ୍ତି। ବର୍ତ୍ତମାନ ଓଡ଼ିଶାରେ ମଝିରେ ମଝିରେ ବର୍ଷା ହେଉଥିବାରୁ ଚାଷୀଙ୍କୁ ବେଶି ଭୟଭୀତ ହେବାର ନାହିଁ। ଏମାନଙ୍କୁ ମୁକାବିଲା କରିବାକୁ ଆମ ନିକଟରେ ଯଥେଷ୍ଟ ଦକ୍ଷତା ରହିଛି ବୋଲି ସହକାରୀ କୃଷି ଅଧିକାରୀ ହିମାଂଶୁ କୁମାର ମହାପାତ୍ର କହିଛନ୍ତି। ଏମାନଙ୍କ ଆଗମନ ଉପରେ ଟିକିଏ ସୁରାକ ପାଇଲେ ତତ୍‌କ୍ଷଣାତ କୃଷି କର୍ମଚାରୀମାନଙ୍କୁ ସୂଚନା ଦେବାକୁ କୁହାଯାଇଛି। ଏହାକୁ ନେଇ ଏକ କଣ୍ଟ୍ରୋଲ ରୁମ୍ କରାଯାଇଛି । ଚାଷୀମାନେ ୨୪ଘଣ୍ଟା ମୋବାଇଲ ନମ୍ବର୯୪୩୯୨୬୪୬୯୫ରେ ଯୋଗାଯୋଗ କରିବାକୁ ଜିଲା କୃଷି ଉପନିର୍ଦ୍ଦେଶକ ଜାହିଦ ମହମ୍ମଦ କହିଛନ୍ତି।

# ପଙ୍ଗପାଳଙ୍କୁ ନେଇ ଆଗୁଆ ସତର୍କ କଲା କୃଷି ବିଭାଗ

**କୋକସରା, ୨।୬ (ଡି.ଏନ.ଏ)**

କଳାହାଣ୍ଡି ଜିଲାରେ ପଙ୍ଗପାଳ ମୁକାବିଲା ପାଇଁ ଜିଲା କୃଷି ବିଭାଗ ପ୍ରତି ବ୍ଲକରେ ଡାକବାଜି ଯନ୍ତ୍ରରେ ଚାଷୀଙ୍କୁ ଆଗୁଆ ସୂଚନା ପ୍ରଦାନ କରିଛି କେମିତି ପଙ୍ଗପାଳ ଦାଉରୁ ନିଜ ଫସଲକୁ ରକ୍ଷା କରି ହେବ ସେ ସଂକ୍ରାନ୍ତରେ ସଚେତନ କରାଯାଇଛି। କୋକସରା ବ୍ଲକ ୨୨୯୦ ହେକ୍ଟର ଜମିରେ ଚଳିତ ବର୍ଷ ରବି ଋତୁରେ ଧାନ ଚାଷ ହୋଇଛି । ଏହା ବ୍ୟତୀତ ବିଭିନ୍ନ ପଞ୍ଚାୟତରେ ୨୫ ହେକ୍ଟର ପନିପରିବା ଚାଷ ହୋଇଛି । କୋକସରା ବ୍ଲକ କୃଷି ଅଧିକାରୀ ଘନଶ୍ୟାମ ଦେହୁରୀଙ୍କୁ ଏନେଇ ପଚାରିବାରୁ ବ୍ଲକରେ ରବି ଋତୁରେ ୨୨୯୦ ହେକ୍ଟର ଧାନଚାଷ ହୋଇଛି । ବର୍ତ୍ତମାନ ସୁଦ୍ଧା ୧୨୮୦ ହେକ୍ଟର ଅମଳ ହୋଇ ସାରିଥିବା ବେଳେ ୧୦୧୦ ହେକ୍ଟର ଅମଳ ହୋଇନାହିଁ। ୨୫ ହେକ୍ଟର ପନିପରିବା ଓ ୨.୫ ହେକ୍ଟର ଜମିରେ ମକା ଚାଷ ହୋଇଥିବା ସେ କହିଛନ୍ତି । ପଙ୍ଗପାଳକୁ ନେଇ ଚାଷୀମାନେ ପ୍ରସ୍ତୁତ ରହିବାକୁ ସୂଚନା ଦିଆଯାଇଛି।



ଡାକବାଜି ଯନ୍ତ୍ର ସାହାଯ୍ୟରେ ଚାଷୀମାନଙ୍କୁ ସଚେତନ କରାଯାଉଛି ।

# ପୋଖରୀ ହୁଡ଼ାରେ ରହିଲେ ପ୍ରବାସୀ

- ଅବଧି ଶେଷ ପରେ ସଂକ୍ରମଣ ଭୟରେ ଘରକୁ ଗଲେନି
- କ୍ୱାରାଣ୍ଟାଇନ୍‌ରେ ସ୍ୱାବ୍ ଟେଷ୍ଟ ନ ହେବାର ପ୍ରତିବାଦ
- ସମ୍ପୃକ୍ତ ପ୍ରବାସୀଙ୍କ ସ୍ୱାବ୍ ପରୀକ୍ଷଣ ଲାଗି ପଦକ୍ଷେପ ନିଆଯିବ : ସରପଞ୍ଚ

**ନୂଆପଡ଼ା ଅଫିସ, ୨।୬**

ସରକାରୀ କ୍ୱାରାଣ୍ଟାଇନ୍‌ର ୭ଦିନ ଅବଧି ପୂର୍ଣ୍ଣ ପରେ ପ୍ରବାସୀ ଘରକୁ ଯାଇ ହୋମ କ୍ୱାରାଣ୍ଟାଇନରେ ରହିବାକୁ ସରକାରୀ ନିର୍ଦ୍ଦେଶ ରହିଛି । ହେଲେ ଶ୍ରମିକମାନଙ୍କୁ ବିନା ସ୍ୱାବ୍ ପରୀକ୍ଷଣରେ ଘରକୁ ଛାଡି ଦିଆଯାଉଥିବାରୁ ପରବର୍ତ୍ତୀ ସମୟରେ ସେମାନେ କରୋନା ସଂକ୍ରମିତ ବୋଲି ଜଣାପଡୁଛନ୍ତି। ଏଥି ଯୋଗୁ ପରିବାର ଲୋକଙ୍କ ସହ ଗ୍ରାମବାସୀ ଭୟ ଓ ଆଶଙ୍କାରେ ଦିନ କାଟୁଛନ୍ତି। ଏପଟେ ଦୋଛକିରେ ପ୍ରବାସୀ ଶ୍ରମିକ ଗାଁ ବାହାରେ କୁଡିଆ କରି ଦିନ କାଟୁଛନ୍ତି। ଏଭଳି ଏକ ଉଦାହରଣ ଦେଖିବାକୁ ମିଳିଛି ନୂଆପଡ଼ା ଜିଲା କୋମନା ବ୍ଲକ ଅନ୍ତର୍ଗତ ଭେଲା ପଞ୍ଚାୟତ ଖରିକାରପଡ଼ାରେ। ପ୍ରମିଳା ଓ ଚୂଡାମଣି ସଗରିଆଙ୍କ ପୁଅ ରାଧାକାନ୍ତ (୧୯)ଗତମାସ ୨୫ତାରିଖରେ ମୁମ୍ବାଇରୁ ଫେରିଥିଲେ। ତାଙ୍କୁ ପ୍ରଶାସନ ଜଟଗଡ଼ ପଞ୍ଚାୟତ ସାହାଜଟ କ୍ୱାରାଣ୍ଟାଇନ୍ ସେଣ୍ଟରରେ ରଖିଥିଲା । ୭ଦିନର ଅବଧି ସମାପ୍ତ ପରେ ରବିବାର ସନ୍ଧ୍ୟାରେ ତାଙ୍କୁ ଛାଡି ଦିଆଗଲା । ହେଲେ ସ୍ୱାବ୍ ପରୀକ୍ଷଣ ନ ହେବା ଯାଏ ଘରକୁ ଯିବେ ନାହିଁ ବୋଲି ସେ ଅଡିବସିଲେ । ହେଲେ ସରକାରୀ ନିୟମ ଅନୁସାରେ ତାଙ୍କୁ କ୍ୱାରାଣ୍ଟାଇନ୍ ସେଣ୍ଟରରେ ରଖିବା ସମ୍ଭବ ନୁହେଁ ବୋଲି କୁହାଯାଇଥିଲା। ବାଧ ହୋଇ ସେଠାରୁ ସେ ଆସି କିଷ୍ଟା ଛକ ନିକଟରେ ଥିବା ଏକ ପୋଖରୀ ହୁଡାରେ କୁଡିଆ କରି ରହୁଛନ୍ତି। ମୁମ୍ବାଇରୁ ଆସୁଥିବା ଅଧିକାଂଶ ଶ୍ରମିକ କରୋନା ସଂକ୍ରମିତ ହେଉଥିବାରୁ ସେ ଘରକୁ ଯାଇ ପରିବାରର ଅନ୍ୟ ସଦସ୍ୟଙ୍କୁ ବିପଦରେ ପକାଇବାକୁ ଚାହୁଁ ନାହାନ୍ତି। ଅପରପକ୍ଷରେ ଗୋଟିଏ କୁଡିଆରେ ୮/୧୦ପରିବାର ରହୁଥିବାରୁ ସଂକ୍ରମଣ ଭୟ ରହିଛି । ତେଣୁ ପରିବାର ଏବଂ ଗାଁକୁ ସଂକ୍ରମଣ ହେବାକୁ ଦେବିନାହିଁ ବୋଲି ସ୍ପଷ୍ଟ କରିଛନ୍ତି ରାଧାକାନ୍ତ। ତାଙ୍କ ପାଇଁ ବୃଦ୍ଧ ମା'ବାପା ଗାଧୋଇବା, ପିଇବାକୁ ପାଣି ଏବଂ ଖାଦ୍ୟ ଆଣି ଦେଉଛନ୍ତି। ଏ ସମ୍ପର୍କରେ ଭେଲା ପଞ୍ଚାୟତ ସରପଞ୍ଚ ରିଖିରାମ ଦଣ୍ଡସେନାଙ୍କୁ ପଚାରିବାରେ ସମ୍ପୃକ୍ତ ପ୍ରବାସୀ ଶ୍ରମିକଙ୍କ ସ୍ୱାବ୍ ନମୁନା କିପରି ଶୀଘ୍ର ସଂଗ୍ରହ କରାଯାଇ ପରୀକ୍ଷା ଲାଗି ପଠାଯିବ ତାହର ବ୍ୟବସ୍ଥା କରିବି ବୋଲି କହିଛନ୍ତି।



ପ୍ରବାସୀ ଶ୍ରମିକଙ୍କୁ ତାଙ୍କ ବାପା ଘର ଖାଦ୍ୟ ଦେଉଛନ୍ତି ।

## ସଂକ୍ଷେପରେ

### ବଲାଙ୍ଗୀର: ସଂକ୍ରମିତ ସଂଖ୍ୟା ୮୯ ଛୁଇଁଲା

**ବଲାଙ୍ଗୀର ଅଫିସ, ୨।୬:** ବଲାଙ୍ଗୀର ଜିଲାରେ ଆଉ ୭ ନୂଆ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଫଳରେ ଜିଲାର ସଂକ୍ରମିତଙ୍କ ସଂଖ୍ୟା ୮୯କୁ ବୃଦ୍ଧି ପାଇଛି। ଏମାନଙ୍କ ମଧ୍ୟରୁ ୮ ସଂକ୍ରମିତ ସୁସ୍ଥ ହୋଇଥିବା ବେଳେ ଅନ୍ୟ ୮୧ ଜଣ ସକ୍ରିୟ ରହିଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ସୋମବାର ଚିହ୍ନଟ ହୋଇଥିବା ୭ଜଣ ଯାକ ସଂକ୍ରମିତ ଟିଟିଲାଗଡ ବ୍ଲକର ୪ଟି ପଞ୍ଚାୟତରୁ ଚିହ୍ନଟ ହୋଇଛନ୍ତି। କେବଳ ସିଲଣ୍ଡା ପଞ୍ଚାୟତର ୪ ଜଣ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨ଜଣ ଚେନ୍ନାଇରୁ ଫେରିଥିବାବେଳେ ଜଣେ ରାୟପୁର ଏବଂ ଅନ୍ୟଜଣେ ମହାରାଷ୍ଟ୍ରରୁ ଫେରିଛନ୍ତି। ଏହି ୪ ଜଣ ଯାକ ସରକାରୀ କ୍ୱାରାଣ୍ଟାଇନ୍‌ରେ ରହିଲା ପରେ ହୋମ୍ କ୍ୱାରାଣ୍ଟାଇନ୍‌ରେ ଥିଲେ। ଘଣ୍ଟସଢ଼ାର ଜଣେ ସଂକ୍ରମିତ ରାୟପୁରରୁ, ଅଇଁଲାଭଟାର ଜଣେ ଛତିଶଗଡରୁ ଏବଂ ସୁର୍ଡାର ଜଣେ ସଂକ୍ରମିତ ମହାରାଷ୍ଟ୍ରରୁ ଫେରିଥିଲେ। ଏହି ୩ଜଣ ସଂକ୍ରମିତ ମଧ୍ୟ କ୍ୱାରାଣ୍ଟାଇନ୍ ଅବଧି ସରିବା ପରେ ହୋମ୍ କ୍ୱାରାଣ୍ଟାଇନ୍‌ରେ ଥିଲେ। ସମସ୍ତ ୭ ସଂକ୍ରମିତଙ୍କୁ ଜିଲା କୋଭିଡ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ସରକାରୀ ଅବଧି ସରିବା ପରେ ଏହି ପ୍ରବାସୀମାନେ ହୋମ୍ କ୍ୱାରାଣ୍ଟାଇନ୍‌କୁ ଫେରିଥିଲେ। ହେଲେ ଘରକୁ ଫେରିବା ପରେ ଏମାନେ ସଂକ୍ରମିତ ବୋଲି ଚିହ୍ନଟ ହୋଇଥିବାରୁ ସାଧାରଣରେ ସଂକ୍ରମଣ ଭୟ ଚର୍ଚ୍ଚାର ବିଷୟ ହୋଇଛି।

### ସୁନ୍ଦରଗଡରେ ପୁଣି ୮ କରୋନା ଆକ୍ରାନ୍ତ ଚିହ୍ନଟ

**ସୁନ୍ଦରଗଡ, ୨।୬ (ଡି.ଏନ୍.ଏ):** ସୁନ୍ଦରଗଡ ଜିଲାରେ ଆଉ ୮ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ୭ଜଣ ପୁରୁଷ ଓ ଜଣେ ମହିଳା ଅଛନ୍ତି। ଏଥିରୁ ୨ଜଣ ଲେଖାଏଁ ସୁନ୍ଦରଗଡ ସଦର ବ୍ଲକ ଓ ବଡଗାଁ ବ୍ଲକର ହୋଇଥିବା ବେଳେ ଅନ୍ୟ ୪ଜଣ ରାଉରକେଲାର। ଏମାନେ ସମସ୍ତେ ମହାରାଷ୍ଟ୍ର ଫେରନ୍ତା ବୋଲି ଜଣା ପଡ଼ିଛି। ଏମାନେ ସମସ୍ତେ ଅସ୍ଥାୟୀ ଚିକିତ୍ସା କେନ୍ଦ୍ରରେ ଥିଲେ। ସମସ୍ତଙ୍କୁ ରାଉରକେଲା କୋଭିଡ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ସେମାନଙ୍କ ସଂପୂର୍ଣ୍ଣ ଗସ୍ତ ବିବରଣୀ ଓ କଣ୍ଟାକ୍ଟ ଟ୍ରେସିଂ ଜାଣିବା ଲାଗି ଉଦ୍ୟମ ଜାରି ରହିଛି ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଏହାକୁ ମିଶାଇ ବର୍ତ୍ତମାନ ଜିଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୬୫ରେ ପହଞ୍ଚିଛି । ଏମାନଙ୍କ ମଧ୍ୟରୁ ବର୍ତ୍ତମାନ ୩୧ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇ ଘରକୁ ଫେରିଥିବା ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାଃ ସରୋଜ କୁମାର ମିଶ୍ର ପ୍ରକାଶ କରଛନ୍ତି।

### ଝାରସୁଗୁଡାରେ ୩ କରେନା ଆକ୍ରାନ୍ତ ସୁସ୍ଥ

**ଝାରସୁଗୁଡା ଅଫିସ,୨।୬:** ଝାରସୁଗୁଡା ଜିଲାର କରୋନା ଆକ୍ରାନ୍ତଙ୍କ ମଧ୍ୟରୁ ମଙ୍ଗଳବାର ୩ ଜଣ ସୁସ୍ଥ ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ସୂଚନା ଦେଇଛି। ଏହା ପୂର୍ବରୁ ୨ ଜଣ ଆକ୍ରାନ୍ତ ସୁସ୍ଥ ହୋଇଥିଲେ। ଜିଲାରେ ଚିହ୍ନଟ ହୋଇଥିବା ୭ ଜଣ କରୋନା ପଜିଟିଭରୁ ୫ ଜଣ ସୁସ୍ଥ ହୋଇସାରିଥିବା ବେଳେ ୨ ଜଣ ଚିକିତ୍ସିତ ହେଉଛନ୍ତି। ମଙ୍ଗଳବାର ସୁସ୍ଥ ହୋଇଥିବା କରୋନା ଆକ୍ରାନ୍ତଙ୍କ ମଧ୍ୟରେ ଝାରସୁଗୁଡା ସହର ମଙ୍ଗଳବଜାର ଅଞ୍ଚଳର ୫ ବର୍ଷର ଶିଶୁ ଓ ତାଙ୍କ ବର୍ଷକର ଭଉଣୀ ରହିଛନ୍ତି। ସେହିପରି ଅନ୍ୟଜଣେ ହେଲେ ବ୍ରଜରାଜନଗର ଟିଏମ୍‌ସିରେ ରହୁଥିବା ମହାରାଷ୍ଟ୍ର ଫେରନ୍ତା ୪୦ ବର୍ଷ ବୟସର ବ୍ୟକ୍ତି।

### ଟ୍ରକ ଡ୍ରାଇଭରଙ୍କୁ ଆକ୍ରମଣ କରି ଲୁଟିଲେ

**ସରଣ୍ଡା,୨।୬(ଡି.ଏନ.ଏ):** ବରଗଡ଼ ଜିଲାରେ ରାଜପଥ ଲୁଟେରାମାନେ ପୁଣି ସକ୍ରିୟ ହୋଇ ପଡ଼ିଛନ୍ତି। ମଙ୍ଗଳବାର ଦିନଦ୍ୱିପ୍ରହରରେ ଅତାବିରା ଥାନା ସରଣ୍ଡା ନିକଟରେ ଉତ୍ତରପ୍ରଦେଶ ରାଜ୍ୟ ମଥୁରା ଅଞ୍ଚଳର ଜଣେ ଟ୍ରକ ଡ୍ରାଇଭର ସାବିର୍ ଖାଁ ଲୁଟ୍‌ପାଟ୍‌ର ସମ୍ମୁଖୀନ ହୋଇଛନ୍ତି। ସାବିର୍ ସରଣ୍ଡା ଛକ ନିକଟରେ ଏକ ଟ୍ରକ(ନଂ–ଆରଜେ୧୪ଜିକେ ୭୬୮୭)କୁ ଅଟକାଇ ଅପରାହ୍ନ ପ୍ରାୟ ସାଢ଼େ ୩ଟାରେ ୨ଜଣ ଲୁଟେରା ଏକ ବାଇକ୍(ନଂ–ଓଡି୧୭ଏଲ ୪୧୫୩) ଯୋଗେ ସେଠାରେ ପହଞ୍ଚିଥିଲେ । ସାବିର୍‌ଙ୍କୁ ଏକ ଛୁରୀରେ ଆକ୍ରମଣ କରିବା ସହିତ ତାଙ୍କଠାରୁ ମନିପର୍ସ, ମୋବାଇଲ ଲୁଟି ନେଇଥିଲେ । ତେବେ ସ୍ଥାନୀୟ ଲୋକେ ଘଟଣାସ୍ଥଳକୁ ଦୌଡ଼ି ଆସିବାରୁ ଲୁଟେରାମାନେ ବାଇକ୍ ଛାଡ଼ି ସେଠାରୁ ଖସି ଯାଇଥିଲେ। ଅତାବିରା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଛାନ୍‌ଭିନ୍ ଚଳାଇଛି ।

# ଟାର୍ଗେଟ୍ ହ୍ରାସ ନେଇ ତାତିଲେ ଚାଷୀ

**ବଲାଙ୍ଗୀର ଅଫିସ, ୨।୬**


ସିଏସ୍‌ଓଙ୍କ କାର୍ଯ୍ୟାଳୟକୁ ଆସିଥିବା ଲୁହୁରାମୁଣ୍ଡା ଓ ସାନଫାସଡର ଚାଷୀମାନେ ।

- ଜିଲା ଯୋଗାଣ ଅଧିକାରୀଙ୍କୁ ଫେରାଦ ହେଲେ
- ରବିଧାନ ଅମଳ କରି ବିକ୍ରି ଚିନ୍ତାରେ ଚାଷୀ
- ପ୍ରଥମ ପର୍ଯ୍ୟାୟ ଟାର୍ଗେଟ୍ ସରିଲେ ନୂଆ ଟାର୍ଗେଟ୍ ଦିଆଯିବ : ଯୋଗାଣ ବିଭାଗ

ବଲାଙ୍ଗୀର ଜିଲା ଆଗଲପୁରବ୍ଲକ ଲୁହୁରାମୁଣ୍ଡା ପଞ୍ଚାୟତର ଲୁହୁରାମୁଣ୍ଡା ଓ ସାନଫାସଡର ଚାଷୀମାନେ ରବିଧାନର ଟାର୍ଗେଟ ଅବ୍ୟବସ୍ଥାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ମଙ୍ଗଳବାର ସେମାନେ ଜିଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଆସି ଫେରାଦ ହୋଇଛନ୍ତି। ଏହି ଚାଷୀମାନଙ୍କ ଧାନ କିଣିବା ପାଇଁ ମାଁ ଗୌରୀ ସ୍ୱୟଂ ସହାୟକ ଦଳକୁ ଦାୟିତ୍ୱ ଦିଆଯାଇଛି। ହେଲେ ଏହି ଏସ୍‌ଏଚ୍‌ଜିଠାରୁ ଚାଷୀମାନେ ଜାଣିବାକୁ ପାଇଥିଲେ ଯେ, ଦ୍ୱିତୀୟ ପାଳିର ଧାନ କିଣିବା ପାଇଁ ୧୮୦୦କୁଇଣ୍ଟାଲ ଟାର୍ଗେଟ୍ ଆସିଥିଲା। ଟିଟିଲାଗଡର ଦୁଇଟି ମିଲ୍‌କୁ ୫ଶହ ଲେଖାଏ ଏଭଳି ୧୦୦୦ କୁଇଣ୍ଟାଲ ଓ ଅନ୍ୟ ଏକ ମିଲ୍‌କୁ ୮ ଶହ କୁଇଣ୍ଟାଲ ଧାନ କିଣିବା ପାଇଁ ଅନୁମତି ମିଳିଥିଲା। ପରବର୍ତ୍ତୀ ସମୟରେ ଦିଆଯାଇଥିବା ୧୮ଶହ କୁଇଣ୍ଟାଲ ଟାର୍ଗେଟ୍‌ରୁ ୧ହଜାର କୁଇଣ୍ଟାଲ କାଟି ଦିଆଯାଇଥିଲା । ଗ୍ରାମପଞ୍ଚାୟତର ଚାଷୀଙ୍କ କେବଳ ଧାନ କିଣିବା ପାଇଁ ୫ ହଜାର କୁଇଣ୍ଟାଲର ଟାର୍ଗେଟ ଆବଶ୍ୟକତା ଥିବାବେଳେ ୧୮ଶହ କୁଇଣ୍ଟାଲ ଟାର୍ଗେଟ୍ ଦେଇ ସେଥିରୁ ପୁଣି ୧ ହଜାର କୁଇଣ୍ଟାଲ କାଟି ଦେବାକୁ ନେଇ ଚାଷୀମାନେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ । ଉଭୟ ଗାଁର ଚାଷୀମାନେ ବିଭାଗର ଏଭଳି ନିଷ୍ପତ୍ତି ପ୍ରତିବାଦରେ ଜିଲା ଯୋଗାଣ ଅଧିକାରୀଙ୍କୁ ଦାବିପତ୍ର ଦେଇଥିଲେ। ଟାର୍ଗେଟ୍ କାଟି ଦିଆଯାଇଥିବାରୁ ଚାଷୀମାନେ ଅସୁବିଧାର ସମ୍ମୁଖୀନ ହେବେ ବୋଲି ଜଣାଇଥିଲେ । ତୁରନ୍ତ ଚାଷୀଙ୍କ ସମସ୍ତ ଉତ୍ପାଦିତ ରବିଧାନ କିଣିବାକୁ ଏସ୍‌ଏଚ୍‌ଜିଙ୍କୁ ଟାର୍ଗେଟ୍ ଦେବା ସହ ଆନୁଷଙ୍ଗିକ ବ୍ୟବସ୍ଥା କରିବାକୁ ଦାବି କରିଥିଲେ । ଏହି ପଞ୍ଚାୟତର ଚାଷୀଙ୍କ କେବଳ ରବି ଧାନକ୍ରୟ ପାଇଁ ୫ ହଜାର କୁଇଣ୍ଟାଲର ଟାର୍ଗେଟ୍ ପ୍ରଦାନ କରିବାକୁ ଦାବି କରିଥିଲେ। ଦାୟିତ୍ୱରେ ଥିବା ଅଧିକାରୀ ସେମାନଙ୍କ ଦାବିପତ୍ର ଗ୍ରହଣ କରିବା ସହ ପ୍ରଥମେ ୮ଶହ କୁଇଣ୍ଟାଲର ଟାର୍ଗେଟ୍ ସରିଲା ପରେ ଆଉ ଟାର୍ଗେଟ ଦିଆଯାଇ ଧାନ କିଣାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଚାଷୀମାନେ ଫେରିଥିବା ଜଣାଇଛନ୍ତି ।

# ପଙ୍ଗପାଳ ଦମନ ପାଇଁ ଖୋଲିଲା କଣ୍ଟ୍ରୋଲ ରୁମ୍

**ସମ୍ବଲପୁର, ୨।୬ (ବ୍ୟୁରୋ)**


ମଙ୍ଗଳବାର ସମ୍ବଲପୁର ଜିଲା ମୁଖ୍ୟ କୃଷି ଅଧିକାରୀ ଅଫିସ ପରିସରରେ ପଙ୍ଗପାଳ କଣ୍ଟ୍ରୋଲ ରୁମ୍ ଆରମ୍ଭ ହୋଇଛି ।

ମହାମାରୀ କରୋନା ସହ ସାରା ବିଶ୍ୱ ସହ ଭାରତ ଓ ଓଡ଼ିଶା ଜୁଝୁଥିବାବେଳେ ଏବେ ପଙ୍ଗପାଳ ଭୟ ଦେଖା ଦେଇଛି। ପାକିସ୍ତାନ ପଟୁ ମାଡ଼ି ଆସିଥିବା ଦଳ ଦଳ ପଙ୍ଗପାଳକୁ ନେଇ ସାରା ଭାରତର କୃଷକ ଏବେ ଚିନ୍ତାରେ ପଡ଼ିଛନ୍ତି। ତେବେ ଛତିଶଗଡରେ ପହଞ୍ଚିଥିବା ପଙ୍ଗପାଳ ଦଳ ପାଇଁ ଏବେ ପଶ୍ଚିମ ଓଡ଼ିଶାର ଚାଷୀ ଛାନିଆ ହୋଇ ପଡ଼ିଛନ୍ତି। ଅବଶ୍ୟ ଏହି ପଙ୍ଗପାଳ ଦଳ ଛତିଶଗଡ଼ରୁ ମଧ୍ୟପ୍ରଦେଶ ମୁହାଁ ହୋଇଥିବା ନେଇ କୃଷି ବିଭାଗ ସୂଚନା ଦେଇଛି। ତଥାପି ଚାଷୀଙ୍କ ଡର ରହୁଛି କାଳେ କେତେବେଳେ ମାଡ଼ି ଆସିବେ। ଏହିକ୍ରମରେ ସମ୍ବଲପୁର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଜିଲାପାଳ ଶୁଭମ ସକସେନାଙ୍କ ଅଧ୍ୟକ୍ଷତାରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ପଙ୍ଗପାଳ ପଲଙ୍କ କବଳରୁ କିଭଳି ଫସଲକୁ ସୁରକ୍ଷା ଦେଇହେବ ଓ ଏଥିପାଇଁ କେଉଁଭଳି ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରାଯାଇପାରିବ ତାହା ଉପରେ ଉପରେ ଏହି ବୈଠକରେ ବିଚାର ବିମର୍ଷ ଏବଂ ଆଲୋଚନା କରାଯାଇଛି। ଏଥିରେ ଜିଲା ମୁଖ୍ୟ କୃଷି ଅଧିକାରୀ ସନ୍ତୋଷ ରାୟ, ଡିଏଫଓ ଡ. ସଞ୍ଜିତ କୁମାର, ପିଡି ଡିଆରଡିଏ ସୁକାନ୍ତ ତ୍ରିପାଠୀ, ଅଗ୍ନିଶମ ବିଭାଗ ସହ ଅନ୍ୟ ବିଭାଗର ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

ସେହିପରି ଜିଲା ମୁଖ୍ୟ କୃଷି ବିଭାଗ ପକ୍ଷରୁ ଡିଲରମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ଜିଲାର ୨୭ ଜଣ ପେଷ୍ଟିସାଇଡ୍ ଓ ସାର ଡିଲର୍ ଉପସ୍ଥିତ ଥିଲେ । ସମସ୍ତ ଡିଲରଙ୍କ ଔଷଧ ଷ୍ଟକ୍ ମଗା ଯାଇଥିଲା । ଜିଲାରେ ପ୍ରାୟ ୧୫ଶହ ଲିଟର କ୍ଲୋରଫେରିଫସ୍, ମାଲାଥିୟନ୍ ୨୦୦ ଲିଟର ଥିବା ସୂଚନା ମିଳିଛି। ଡିଲର୍‌ମାନଙ୍କୁ ଆହୁରି ଔଷଧ ଗଚ୍ଛିତ ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଡିଲରଙ୍କ ସହ ସ୍ଥାନୀୟ ଚାଷୀଙ୍କ ଭଲ ସମ୍ପର୍କ ରହିଥାଏ । ସେମାନଙ୍କଠାରୁ ପରାମର୍ଶ ନେଇ ମଧ୍ୟ ଚାଷୀମାନେ ଔଷଧ କିଣିଥାନ୍ତି । ତେଣୁ ଡିଲରମାନଙ୍କୁ ମଧ୍ୟ ପଙ୍ଗପାଳ ଦମନ ପାଇଁ ତାଲିମ ପ୍ରଦାନ କରାଯାଇଥିଲା। ସେହିପରି କୃଷି କାର୍ଯ୍ୟାଳୟରେ ଏକ କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି । କୃଷି ବିଭାଗର ଜଣେ ଅଧିକାରୀ ସୂଚନା ଓ ପରାମର୍ଶ ଦେବାପାଇଁ ଏଥିରେ କାର୍ଯ୍ୟରତ ରହିଛନ୍ତି । ରାଜ୍ୟସ୍ତରରେ ୦୬୭୪୨–୩୯୪୯୦୭ ଓ ସମ୍ବଲପୁର ଜିଲାର ୦୬୬୩୨– ୪୦୨୯୪୪ ନମ୍ବର ଜାରି କରାଯାଇଛି। ଏହାସହ ବ୍ଲକ ଓ ପଞ୍ଚାୟତ ସ୍ତରର ଅଧିକାରୀମାନଙ୍କୁ ଚାଷୀମାନଙ୍କ ସହ ନିୟମିତ ଯୋଗାଯୋଗ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । କୌଣସି ସ୍ଥାନରେ ଏଭଳି କୀଟ ଦେଖାଗଲେ ସଙ୍ଗେ ସଙ୍ଗେ ସୂଚନା ଦେବା ପାଇଁ କୁହାଯାଇଛି।

# ସୁବର୍ଣ୍ଣପୁରରେ ପୁଣି ୮ କରୋନା ପଜିଟିଭ୍ ଚିହ୍ନଟ

**ସୋନପୁର,୨।୬(ନି.ପ୍ର.)**

**ଆକ୍ରାନ୍ତଙ୍କ ମଧ୍ୟରେ ଅଙ୍ଗନଓ୍ୱାଡି କର୍ମୀ**

ସୁବର୍ଣ୍ଣପୁର ଜିଲାରେ ମଙ୍ଗଳବାର ୮ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେଥିମଧ୍ୟରୁ ବିନିକା ବ୍ଲକରେ ୫, ଉଲୁଣ୍ଡା ବ୍ଲକରେ ୨ ଓ ସୋନପୁର ବ୍ଲକରେ ଜଣେ ଆକ୍ରାନ୍ତ ଅଛନ୍ତି। ଆକ୍ରାନ୍ତଙ୍କ ମଧ୍ୟରୁ ୭ ଜଣ ପ୍ରବାସୀ ଶ୍ରମିକ ଓ ଜଣେ ଅଙ୍ଗନଓ୍ୱାଡି କର୍ମୀ। ପ୍ରବାସୀ ଶ୍ରମିକମାନେ ୭ଦିନିଆ କ୍ୱାରାଣ୍ଟାଇନ୍‌ରେ ରହିବା ପରେ ନିଜ ଘରକୁ ଫେରିଥିଲେ। ବିନିକା ବ୍ଲକର ୫ଜଣଙ୍କ ଘର ସିଆଳି ଗ୍ରାମରେ। ଏହି ଗ୍ରାମର ତାମିଲନାଡୁ ଫେରନ୍ତା ୨୧ ବର୍ଷ ଓ ୧୯ ବର୍ଷର ଯୁବକ ସିଂଘିଯୁବା ଟିଏମ୍‌ସିରେ ରହୁଥିଲେ। ସେହିପରି ଗୁଜୁରାଟ ଫେରନ୍ତା ୩ଜଣ ୨୦ ବର୍ଷର ଯୁବକ ସେଲେଡି ଟିଏମ୍‌ସିରେ ଥିଲେ। ଉଲୁଣ୍ଡା ବ୍ଲକ କୋଟସମଲାଇ ଗ୍ରାମର ତାମିଲନାଡୁ ଫେରନ୍ତା ୧୯ ବର୍ଷର ଯୁବକଙ୍କ ସ୍ୱାବ୍ ରିପୋର୍ଟ ପଜିଟିଭ୍ ଆସିଛି। ସେ ଗତ ୧୯ ତାରିଖରୁ ୭ ଦିନ ଧରି ପାତାଳି ଗେଷ୍ଟ ହାଉସ ଟିଏମ୍‌ସିରେ ଥିଲେ । ଅବଧି ସରିବା ପରେ ସେ ଏବେ ନିଜ ଘରେ ରହୁଛନ୍ତି । ଏହି ଗ୍ରାମର ଜଣେ ଅଙ୍ଗନଓ୍ୱାଡି କର୍ମୀ କରୋନା ଆକ୍ରାନ୍ତ ହେବା ଜିଲା ପ୍ରଶାସନକୁ ଚିନ୍ତାରେ ପକାଇଛି । କର୍ମୀ ଜଣକ ଟିଏମ୍‌ସିକୁ ଯିବା ଆସିବା କରିବା ସମୟରେ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଥିବା ଜଣାପଡିଛି । ସୋନପୁର ବ୍ଲକ ଛକୋରମାଲ ପଞ୍ଚାୟତ ବାଲପୁର ଗ୍ରାମର ତେଲେଙ୍ଗାନା ଫେରନ୍ତା ୨୭ ବର୍ଷର ଯୁବକଙ୍କ ସ୍ୱାବ୍ ରିପୋର୍ଟ ପଜିଟିଭ୍ ଆସିଛି। ସେ ଗତ ୧୬ରୁ ୨୮ ତାରିଖ ପର୍ଯ୍ୟନ୍ତ ମାଟିଆପାଲି ହାଇସ୍କୁଲ ଟିଏମ୍‌ସିରେ ଥିଲେ। ୨୧ ତାରିଖରେ ତାଙ୍କ ସ୍ୱାବ୍ ନମୁନା ସଂଗ୍ରହ ହୋଇ ପରୀକ୍ଷା ପାଇଁ ପଠାଯାଇଥିଲା। ସମସ୍ତ ଆକ୍ରାନ୍ତ ଏବେ ଘରେ ପୃଥକବାସରେ ରହୁଛନ୍ତି। ରିପୋର୍ଟ ପଜିଟିଭ୍ ଆସିବା ପରେ ଆକ୍ରାନ୍ତଙ୍କ ଘରକୁ ସିଲ୍ କରାଯିବା ସହ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ନଜର ରଖାଯାଇଛି। ଏ ସମ୍ପର୍କରେ ଜିଲାପାଳ ମୋନିଷା ବାନାର୍ଜୀ କୁହନ୍ତି ରିପୋର୍ଟ ଆସିଥିବା ୬ ଆକ୍ରାନ୍ତଙ୍କ ସ୍ୱାବ୍ ୧୦ ଦିନ ପୂର୍ବରୁ ନିଆଯାଇଥିଲା। କୌଣସି ଲକ୍ଷଣ ସେମାନଙ୍କ ନିକଟରେ ନାହିଁ। ସମ୍ପୃକ୍ତ ୬ଜଣ ଘରେ ପୃଥକବାସରେ ରହିବେ। ଅନ୍ୟ ୨ଜଣଙ୍କୁ କୋଭିଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯିବ। ସେହିପରି ସୋନପୁର କୋଭିଡ ସ୍ୱାସ୍ଥ୍ୟକେନ୍ଦ୍ରରେ ପୂର୍ବରୁ ୮ଜଣ ଚିକିତ୍ସିତ ହେଉଥିବା ବେଳେ ୩ ଜଣ ସୁସ୍ଥ ହୋଇଥିବା ଜିଲାପାଳ ବାନାର୍ଜୀ ସୂଚନା ଦେଇଛନ୍ତି ।

## ପଙ୍ଗପାଳ ଭୟ: ଚାଷୀଙ୍କୁ ସଚେତନ କଲା କୃଷିବିଭାଗ

**ବରଗଡ଼ ଅଫିସ,୨।୬**

ଚାଷୀଙ୍କ ମଧ୍ୟରେ ଏବେ ବିଧ୍ୱଂସକ ବିଦେଶାଗତ କୀଟ ପଙ୍ଗପାଳକୁ ନେଇ ଭୟ ସୃଷ୍ଟି ହୋଇଛି । ଦଳବଦ୍ଧଭାବେ ଆସୁଥିବା ଏହି କୀଟ ଦ୍ୱାରା ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଏ । ତେବେ ବରଗଡ଼ ଜିଲାକୁ ପଙ୍ଗପାଳ କୀଟ ପ୍ରବେଶ କଲେ ଚାଷୀମାନେ କିଭଳି ପନ୍ଥାକୁ ଆପଣେଇବେ ତାକୁ ନେଇ ଜିଲା କୃଷିବିଭାଗ ପକ୍ଷରୁ ସଚେନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଜିଲା ମୁଖ୍ୟ କୃଷି ଅଧିକାରୀ ଦୀନବନ୍ଧୁ ଗାନ୍ଧୀଙ୍କ ନିର୍ଦ୍ଦେଶକ୍ରମେ ସହକାରୀ କୃଷି ଅଧିକାରୀ ତଥା ଅନ୍ୟ କୃଷି ବିଭାଗୀୟ କର୍ମଚାରୀମାନେ ପ୍ରତି ଗ୍ରାମକୁ ପହଞ୍ଚି ନିମ୍ବତେଲ ସିଞ୍ଚନ, ଘଣ୍ଟ ପିଟିବା ଆଦିର ଡେମୋ ଦେଖାଇଥିଲେ। ବରଗଡ଼ ବ୍ଲକ ଗୁଡ଼େଶିରା ପଞ୍ଚାୟତ ଅଞ୍ଚଳରେ ସହକାରୀ କୃଷି ଅଧିକାରୀ ରବିନ୍ଦ୍ର ସାହୁ ଏଭଳି ସଚେତନତା କାର୍ଯ୍ୟକ୍ରମ କରିଥିଲେ।

# ପଙ୍ଗପାଳ ରୋକିବା ପାଇଁ ଜିଲା ପ୍ରଶାସନର ପ୍ରସ୍ତୁତି

**ଝାରସୁଗୁଡ଼ା ଅଫିସ,୨।୬**


ବୈଠକରେ ଉପସ୍ଥିତ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ ।

**ଆଜି ସୀମାନ୍ତବର୍ତ୍ତୀ ଅଞ୍ଚଳ ପରିଦର୍ଶନ କରିବ ସର୍ଭଲାନ୍ସ ଟିମ୍**

ଛତିଶଗଡ଼ ରାଜ୍ୟ କୋରିଆ ଅଞ୍ଚଳରେ ପଙ୍ଗପାଳ ପହଞ୍ଚିଥିବା ଜଣାପଡିବା ପରେ ଝାରସୁଗୁଡ଼ା ଜିଲା ପ୍ରଶାସନ ଅଧିକ ତତ୍ପର ହୋଇଛି। ପଙ୍ଗପାଳ ରୋକିବା ପାଇଁ ମଙ୍ଗଳବାର ଜିଲା ପ୍ରଶାସନ ପକ୍ଷରୁ ଜିଲା ଡିଏମ୍‌ଏଫ୍ ସମ୍ମିଳନୀ କକ୍ଷରେ ଜିଲାପାଳ ସରୋଜ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଉକ୍ତ ବୈଠକରେ ଜିଲାପାଳ ସାମଲ କହିଛନ୍ତି, ପଙ୍ଗପାଳକୁ ରୋକିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ପ୍ରାକ୍ ପ୍ରସ୍ତୁତି ହୋଇଛି । ମଙ୍ଗଳବାର ଜିଲା କୃଷି ବିଭାଗର ଏକ ଟିମ୍ ସୀମାନ୍ତବର୍ତ୍ତୀ ଅଞ୍ଚଳକୁ ଯାଇ ଚାଷୀମାନଙ୍କୁ ସଚେତନ କରିଛନ୍ତି । ବୁଧବାର ଏକ ସର୍ଭଲାନ୍ସ ଟିମ୍ ସୀମାନ୍ତବର୍ତ୍ତୀ ଅଞ୍ଚଳକୁ ଯିବ। ଏହି ଟିମ୍‌ରେ କୃଷି ବିଭାଗ, ଉଦ୍ୟାନ କୃଷି ବିଭାଗ ଓ ପ୍ରଶାସନିକ ଅଧିକାରୀମାନେ ଅଛନ୍ତି। ଚାଷୀମାନଙ୍କୁ ଏହି ଟିମ୍ ବୈଷୟିକ ଜ୍ଞାନ ପ୍ରଦାନ କରିବେ। ସେହିପରି ଫାୟାର ବ୍ରିଗେଡ ଗାଡି ଓ କର୍ମଚାରୀଙ୍କୁ ଔଷଧ ସିଞ୍ଚନ କାର୍ଯ୍ୟରେ ନିୟୋଜିତ କରାଯିବାକୁ ବିଭାଗୀୟ ଡିଜିଙ୍କୁ ଜିଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି।

## ମାସ୍କ ନ ପିନ୍ଧିବା ମହଙ୍ଗା ପଡ଼ିଲା

**ବରଗଡ଼ ଅଫିସ,୨।୬**

କରୋନା ସଂକ୍ରମଣକୁ ପ୍ରତିହତ କରିବା ପାଇଁ ମାସ୍କ ପରିଧାନକୁ ବାଧ୍ୟତାମୂଳକ କରାଯାଇଛି। ଏଥିରେ ଉଲ୍ଲଂଘନ କଲେ ପୋଲିସ ପକ୍ଷରୁ ଜରିମାନା ଅସୁଲି କରାଯାଉଛି । ବରଗଡ଼ ଜିଲା ପୋଲିସ ପକ୍ଷରୁ ଦିନକରେ ୩୦୦ଜଣଙ୍କଠାରୁ ୬୮ହଜାର ୭୦୦ ଟଙ୍କା ଜରିମାନା ଅସୁଲି କରାଯାଇଛି।ତେବେ ଆଗକୁ ମଧ୍ୟ ଏଭଳି ଧରପଗଡ଼ ଜାରି ରହିବ ଏବଂ କରୋନା ପ୍ରତିହତ ପାଇଁ ମାସ୍କ ବ୍ୟବହାର ସହିତ ସାମାଜିକ ଦୂରତ୍ୱ ଅବଲମ୍ବନ କରିବାକୁ ପୋଲିସ ପକ୍ଷରୁ ପରାମର୍ଶ ଦିଆଯାଇଛି ।

# ବସ୍ କର୍ମଚାରୀଙ୍କୁ ୩ ମାସର ଦରମା ମିଳୁ


ଦାବିପତ୍ର ଦେବାକୁ ଆସିଥିବା ବସ୍ କର୍ମଚାରୀମାନେ ।

**ଝାରସୁଗୁଡ଼ା ଅଫିସ,୨।୬**

**୫୦ଲକ୍ଷ ଟଙ୍କାର ବୀମା ସୁବିଧା ପ୍ରଦାନ କରାଯାଉ**

ବସ୍ କର୍ମଚାରୀଙ୍କୁ ବୀମା ଭୁକ୍ତ କରିବା ଓ ୩ ମାସର ଦରମା ପ୍ରଦାନ କରିବାକୁ ଦାବି କରିଛି ଝାରସୁଗୁଡ଼ା ଜିଲା ପ୍ରାଇଭେଟ ଟ୍ରାନ୍ସପୋର୍ଟ ୱାର୍କର୍ସ ୟୁନିୟନ। ଏହି ଦାବି ନେଇ ୟୁନିୟନର ଏକ ପ୍ରତିନିଧି ଦଳ ମଙ୍ଗଳବାର ଜିଲା ପ୍ରଶାସନ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛି। ରାଜ୍ୟ ସରକାର ଜନସାଧାରଣଙ୍କ ବୃହତ୍ ସ୍ୱାର୍ଥ ଦୃଷ୍ଟିରୁ ବସ୍ ଚାଲୁ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ହେଲେ ବସ୍‌ରେ କାମ କରୁଥିବା ବିଭିନ୍ନ ବର୍ଗର କର୍ମଚାରୀଙ୍କ ଜୀବନର ସୁରକ୍ଷା ପ୍ରତି ଦୃଷ୍ଟି ଦେଇନାହାନ୍ତି । ବସ୍ କର୍ମଚାରୀମାନଙ୍କୁ କରୋନା ଯୋଦ୍ଧା ଭାବେ ବିଚାର କରି ୫୦ ଲକ୍ଷ ଟଙ୍କାର ଜୀବନ ବୀମା ସୁବିଧା ପ୍ରଦାନ କରାଯାଉ । ସେହିପରି ଲକ୍‌ଡାଉନ୍ ଯୋଗୁ ଘରେ ବସି ରହିଥିବା ବସ୍ କର୍ମଚାରୀଙ୍କୁ ୩ ମାସର ଦରମା ପ୍ରଦାନ କରିବା ପାଇଁ ୱାର୍କର୍ସ ୟୁନିୟନ ପକ୍ଷରୁ ସାଧାରଣ ସମ୍ପାଦକ ସାରଙ୍ଗ ଧର ମିଶ୍ର, ଦିଲୀପ ନାୟକ, ହିରଣ୍ୟ କୁମାର ମହାରଣା, ପ୍ରଦୀପ କୁମାର ମେହେର, ତାପସ ରଞ୍ଜନ ନାଗ, ଶେଖ୍ ଅବଦୁଲ ଜାବେଦ ପ୍ରମୁଖ ଦାବି କରିଛନ୍ତି ।

# କ୍ୱାରାଣ୍ଟାଇନ ନିୟମ ପାଳିବେ ଭିସୁଟ୍ ଛାତ୍ରୀଛାତ୍ର

**ସମ୍ବଲପୁର,୨।୬(ବ୍ୟୁରୋ)**

ସମ୍ବଲପୁର ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ) କର୍ତ୍ତପକ୍ଷ କରୋନା କଟକଣା ନିୟମ ପାଳନକୁ ଗୁରୁତ୍ୱ ଦେଇଛନ୍ତି। ସଙ୍ଗରୋଧ ବା କ୍ୱାରାଣ୍ଟାଇନ ନିୟମ ପାଳନ କରିବାକୁ ଛାତ୍ରୀଛାତ୍ରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଜୁନ ୧୮ ତାରିଖରେ କ୍ୟାମ୍ପସରେ ପହଞ୍ଚିବାକୁ ୪ଟି ସେମିଷ୍ଟାରର ଛାତ୍ରୀଛାତ୍ରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ୟୁଜି ଓ ପିଜି ଶେଷବର୍ଷ ଛାତ୍ରୀଛାତ୍ର ନିର୍ଦ୍ଧାରିତ ତାରିଖରେ ନ ପହଞ୍ଚିଲେ ସେମାନେ ପରବର୍ତ୍ତୀ ସମୟରେ ପ୍ରବେଶ କରିପାରିବେ ନାହିଁ ବୋଲି ନିର୍ଦ୍ଦେଶାବଳୀରେ ଉଲ୍ଲେଖ ରହିଛି । ଯେଉଁ ଡେ ସ୍କଲାର ଓ ଅଷ୍ଟମ ସେମିଷ୍ଟାରରେ ଫେଲ ହୋଇଥିବା ଛାତ୍ରୀଛାତ୍ର ୨୦ ତାରିଖ ସୁଦ୍ଧା କ୍ୟାମ୍ପରେ ପହଞ୍ଚି ନ ପାରିବେ ଓ ଶେଷବର୍ଷ ପରୀକ୍ଷା ଦେବାକୁ ଇଚ୍ଛୁକ ଥିବେ ସେମାନେ ୧୪ ଦିନ ସଙ୍ଗରୋଧରେ ରହିଥିବା ପ୍ରମାଣପତ୍ର ଦେଖାଇବାକୁ ବାଧ୍ୟତାମୂଳକ ବୋଲି ନିର୍ଦ୍ଦେଶାବଳୀରେ ଉଲ୍ଲେଖ ରହିଛି। ଏହା ସହିତ ଉକ୍ତ ଛାତ୍ରୀଛାତ୍ର ପରୀକ୍ଷା ସମୟରେ ନିଜ ବ୍ୟବସ୍ଥାରେ ରହିବେ ବୋଲି କୁହାଯାଇଛି। ତେବେ ଜୁଲାଇରେ ହେବାକୁ ଥିବା ପରୀକ୍ଷା ପୂର୍ବରୁ ସମସ୍ତ ଛାତ୍ରୀଛାତ୍ରଙ୍କୁ ୧୪ ଦିନର ସଙ୍ଗରୋଧରେ ରଖିବା ପାଇଁ ବିଶ୍ୱବିଦ୍ୟାଳୟ ପକ୍ଷରୁ ଏଭଳି ନିଷ୍ପତ୍ତି ନିଆଯାଇଛି। ସମସ୍ତ ଛାତ୍ରୀଛାତ୍ର ସେମାନଙ୍କ ମୋବାଇଲରେ ଆରୋଗ୍ୟ ସେତୁ ଆପ୍ ଡାଇନ୍‌ଲୋଡ କରି ନିଜେ କରୋନା ସଂକ୍ରମଣ ନ ଥିବା ନେଇ ପ୍ରମାଣ ଦେଖାଇବେ । ସେମାନଙ୍କୁ ମାସ୍କ, ହ୍ୟାଣ୍ଡ ଗ୍ଲୋଭସ୍ ଓ ହ୍ୟାଣ୍ଡ ସାନିଟାଇଜର ମଧ୍ୟ ସାଙ୍ଗରେ ନେଇ ଆସିବାକୁ ନିର୍ଦ୍ଦେଶ ଦିଆଯାଇଛି। ବିଶ୍ୱବିଦ୍ୟାଳୟରୁ ଘରକୁ ଫେରିଥିବା ଛାତ୍ରୀଛାତ୍ରମାନେ ଆସିବାବେଳେ ସେମାନଙ୍କ ଅଭିଭାବକଙ୍କଠାରୁ ଏକ ଘୋଷଣାନାମା ମଧ୍ୟ ଲେଖାଇ ଆଣିବେ ବୋଲି କୁହାଯାଇଛି। ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଏଭଳି ନିଷ୍ପତ୍ତି ଉପରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏ ସମ୍ପର୍କରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଅଟଳ ଚୌଧୁରୀଙ୍କୁ ଯୋଗାଯୋଗ କରିବାରୁ ପାଠପଢା ସିନା ହୋଇପାରିବ ନାହିଁ କିନ୍ତୁ ପରୀକ୍ଷା ହୋଇପାରିବ ବୋଲି କହିଥିଲେ। ଏହାବାଦ୍ ଭିସୁଟ ଏକ ସ୍ୱୟଂଶାସିତ ଅନୁଷ୍ଠାନ ହୋଇଥିବାରୁ କର୍ତ୍ତୃପକ୍ଷ ଏ ସମ୍ପର୍କରେ ନିଷ୍ପତ୍ତି ନେଇପାରିବେ। ଅନେକ ଛାତ୍ରୀଛାତ୍ର ବାହାର ରାଜ୍ୟର ହୋଇଥିବାରୁ କୋଭିଡ ଗାଇଡ୍‌ଲାଇନ୍ ଅନୁସାରେ ସେମାନଙ୍କୁ ସଙ୍ଗରୋଧରେ ରହିବା ପାଇଁ ବ୍ୟବସ୍ଥା କରାଯାଇଥିବା ପ୍ରଫେସର ଚୌଧୁରୀ କହିଛନ୍ତି।

# ସଜାଗ, ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ

**ଦେବଗଡ,୨।୬(ଡି.ଏନ.ଏ)**


ପ୍ରାକୃତିକ ବିପର୍ଯ୍ୟ କମିଟିର ବୈଠକରେ ଉପସ୍ଥିତ ଅଧିକାରୀମାନେ ।

**ଦେବଗଡ଼ ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ**

ଦେବଗଡ଼ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟିର ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଗାମୀ ବର୍ଷାଋତୁରେ ସମ୍ଭାବ୍ୟ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ନିମନ୍ତେ ଏହି ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ ବସିଥିଲା। ଏଥିରେ ଜିଲାପାଳ ସୁଧାଂଶୁ ମୋହନ ସାମଲ ଅଧ୍ୟକ୍ଷତା କରିଥିଲେ। ସବୁ ଜିଲାସ୍ତରୀୟ ଅଧିକାରୀ ସଜାଗ ଓ ପ୍ରସ୍ତୁତ ହୋଇ ରହିବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି। ସେହିଭଳି ଜିଲାରେ ସମ୍ଭାବ୍ୟ ପଙ୍ଗପାଳ ଆକ୍ରମଣରୁ ଫସଲକୁ ରକ୍ଷା କରିବା ପାଇଁ କୃଷି ଓ ଉଦ୍ୟାନ ବିଭାଗ ସରକାରଙ୍କ ମାର୍ଗଦର୍ଶିକା ଅନୁଯାୟୀ ସେମାନଙ୍କ ବିଭାଗୀୟ ପ୍ରସ୍ତୁତି ଉପରେ ତୁରନ୍ତ ଅବଗତ କରିବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି। କରୋନା ମହାମାରୀର ସଂକ୍ରମଣକୁ ପ୍ରତିହତ କରିବା ପାଇଁ ଅଧିକାରୀ ତଥା କର୍ମଚାରୀମାନେ ମାସ୍କ ବ୍ୟବହାର କରିବା ସହ ସାମାଜିକ ଦୂରତା ରକ୍ଷା କରିବା, ବାରମ୍ବାର ହାତକୁ ସାବୁନରେ ଧୋଇବା, ସର୍ବସାଧାରଣ ସ୍ଥାନରେ ଛେପ ନ ପକାଇବା ଏବଂ ସଙ୍ଗରୋଧ ନିୟମକୁ ସମସ୍ତେ କଡାକଡି ଭାବେ ପାଳନ କରିବା ଉପରେ ଜିଲାପାଳ ଗୁରୁତ୍ୱାରୋପ କରିଛନ୍ତି। ବୈଠକରେ ଉପସ୍ଥିତ କୃଷି, ଶକ୍ତି, ପଶୁ ସମ୍ପଦ, ମତ୍ସ୍ୟ, ବେସାମରିକ ଯୋଗାଣ, ସ୍ୱାସ୍ଥ୍ୟ, ନଗର ଉନ୍ନୟନ, ଗ୍ରାମ୍ୟ ଜଳ ଯୋଗାଣ ବିଭାଗ, ଜନସ୍ୱାସ୍ଥ୍ୟ ବିଭାଗ ଜଙ୍ଗଲ ଓ ପରିବେଶ, ଜାତୀୟ ରାଜପଥ ବିଭାଗ ଅଧିକାରୀମାନେ ନିଜର ପ୍ରସ୍ତୁତି ଉପରେ ସୂଚନା ପ୍ରଦାନ କରିଥିଲେ। କୃଷି ବିଭାଗ ପକ୍ଷରୁ ବିହନ, ସାର, କୀଟ ନାଶକ ଔଷଧ ଯଥେଷ୍ଟ ପରିମାଣରେ ଗଚ୍ଛିତ କରି ରଖିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

ଶକ୍ତି ବିଭାଗ ଆବଶ୍ୟକ ସରଞ୍ଜାମ ଗଚ୍ଛିତ କରି ରଖିବାକୁ ଜିଲାପାଳ କହିଥିଲେ। ସ୍ୱାସ୍ଥ୍ୟ ବିଭାଗକୁ ସମସ୍ତ ପ୍ରକାର ଆବଶ୍ୟକ ଔଷଧ ଗଚ୍ଛିତ କରି ରଖିବା ପାଇଁ ପରାମର୍ଶ ଦେଇଛନ୍ତି। ସାପକାମୁଡା ଉପରେ ଲୋକଙ୍କୁ ସଚେତନ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ବର୍ଷା ପୂର୍ବରୁ ନାଳନର୍ଦ୍ଦମାଗୁଡିକର ସଫା, ବିଦ୍ୟାଳୟ ଗୃହ, ଅଙ୍ଗନବାଡି କେନ୍ଦ୍ର, କଚାରାସ୍ତା, କଲଭର୍ଟଗୁଡିକର ମରାମତି ଓ ରକ୍ଷଣା ବେକ୍ଷଣ କରିବାକୁ ସେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଦୁର୍ଗମ ଅଞ୍ଚଳରେ ଯଥେଷ୍ଟ ପରିମାଣର ଶୁଖିଲା ଖାଦ୍ୟ ଓ କିରୋସିନି ଗଚ୍ଛିତ କରି ରଖିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଜିଲା, ବ୍ଲକ ଓ ତହସିଲ କାର୍ଯ୍ୟାଳୟରେ ନିୟନ୍ତ୍ରଣ କକ୍ଷ କାର୍ଯ୍ୟ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ବୈଠକରେ ଅତିରିକ୍ତ ଜିଲାପାଳ ଧରମ ହାଁସଦା, ଉପ–ଜିଲାପାଳ ବ୍ରଜବନ୍ଧୁ ଭୋଇ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ରବିନାରାୟଣ ସି, ଡିଆରଡିଏ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ସୁଶାନ୍ତ ଦେବକୀ ପଟେଲଓ ଜିଲା ଆପାତକାଳୀନ ଅଧିକାରୀ ସୁଶାନ୍ତ ନାୟକ ଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ତହସିଲଦାରମାନେ ଯୋଗ ଦେଇଥିଲେ।

## ଓଲଟିଲା ପଣସ ବୋଝେଇ ଟ୍ରକ୍

ନନ୍ଦପୁର,୨।୬(ଡି.ଏନ.ଏ.)-କୋରାପୁଟ ଜିଲା ନନ୍ଦପୁର ଥାନା ଥିବା ପଞ୍ଚାୟତ ଅନ୍ତର୍ଗତ କମାରଗୁଡା ଗ୍ରାମ ନିକଟ ବୁଲାଣିଠାରେ ମଙ୍ଗଳବାର ଏକ ପଣସ ବୋଝେଇ ଟ୍ରକ୍ ଓଲଟିପଡିଛି। ଡ୍ରାଇଭର ଏବଂ ହେଲ୍ପର ଆହତ ହୋଇଛନ୍ତି। ଉକ୍ତ ଟ୍ରକ୍ (ଏମ୍‌ପି୦୭ଜିଏ-୬୮୦୩) ଥିବା ଗ୍ରାମରୁ ପଣସ ନେଇ ଗ୍ୱାଲିୟର ଯାଉଥିବା ବେଳେ ଭାରସାମ୍ୟ ହରାଇ ଉପରୋକ୍ତ ସ୍ଥାନରେ ଓଲଟି ପଡିଥିଲା। ନନ୍ଦପୁର ଏଏସ୍‌ଆଇ ଦୀପକ ନାୟକ ପହଞ୍ଚି ଟ୍ରକ୍ ଜବତକରି ଥାନାକୁ ଆଣିଛନ୍ତି।

**ସଂକ୍ଷେପରେ**

## ଗଜପତିରେ ପୁଣି ୪ କରୋନା ପଜିଟିଭ

ପାରଳାଖେମୁଣ୍ଡି, ୨।୬(ସ୍ୱ.ପ୍ର.)-ଗଜପତି ଜିଲାରେ ପୁଣି ମଙ୍ଗଳବାର ୪ କରୋନା ରୋଗୀ ଚିହ୍ନଟ ହୋଇଛନ୍ତି। ଏହି ସଂଖ୍ୟା ୪୦ରେ ପହଞ୍ଚିଛି। ଏହି ୪ ଜଣଙ୍କୁ ଆର.ସୀତାପୁରଠାରେ ଥିବା କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଗଜପତି ଜିଲାପାଳ ଅନୁପମ ଶାହା ଏ ନେଇ ଏକ ପ୍ରେସ୍ ଇସ୍ତାହାର ମାଧମରେ ଜଣାଇଛନ୍ତି ଯେ ଆର୍.ସୀତାପୁରଠାରେ ଥିବା କୋଭିଡ୍ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ୪୦ କରୋନା ପଜିଟିଭଙ୍କ ମଧ୍ୟରୁ ହୃଦ୍‌ରୋଗରେ ଥିବା ଜଣେ କରୋନା ପଜିଟିଭ୍‌ଙ୍କୁ ଭୁବନେଶ୍ୱର କିମ୍ସ କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ୯ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ବର୍ତ୍ତମାନ ଏଠାରେ ୩୦ଜଣ ରହିଛନ୍ତି। ସୋମବାର ଯେଉଁ ୪ଜଣ ଚିହ୍ନଟ ହୋଇଛନ୍ତି ସେମାନଙ୍କ ମଧ୍ୟରୁ ଆନ୍ଧ୍ରପ୍ରଦେଶରୁ ୩ଜଣ ଏବଂ ଜଣେ ତେଲଙ୍ଗାନା ଫେରନ୍ତା ଗଜପତି ଜିଲାର ପ୍ରବାସୀ ଅଟନ୍ତି। ସେମାନେ ଗତ ୧୬ତାରିଖରେ ଗଜପତି ଫେରିଥିଲେ। ସେମାନଙ୍କୁ ଏକ ଅସ୍ଥାୟୀ ସଙ୍ଗରୋଧ କେନ୍ଦ୍ରରେ ରଖାଯାଇଥିଲା। ସେମାନଙ୍କଠାରୁ ୨୯ତାରିଖରେ ସ୍ୱାବ୍ ସଂଗ୍ରହ କରାଯାଇଥିଲା। ୪ ପଜିଟିଭଙ୍କ ମଧ୍ୟରେ ଜଣେ ମହିଳା ଓ ୩ଜଣ ପୁରୁଷ ଅଛନ୍ତି। ମହିଳାଙ୍କ ବୟସ ୨୧ ବର୍ଷ ହୋଇଥିବା ବେଳେ ପୁରୁଷଙ୍କ ବୟସ ୧୮ରୁ ୩୨ ବର୍ଷ ମଧ୍ୟରେ ରହିଛି।

## କୁହୁଡ଼ି ସଙ୍ଗରୋଧ କେନ୍ଦ୍ରରୁ ୪୯ ପ୍ରବାସୀ ଘରକୁ ଫେରିଲେ

ଚନ୍ଦାହାଣ୍ଡି,୨।୬(ଡି.ଏନ.ଏ.)-ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକର କୁହୁଡ଼ି ସଙ୍ଗରୋଧ କେନ୍ଦ୍ରରୁ ସୋମବାର ୪୯ ପ୍ରବାସୀ ଘରକୁ ଫେରିଛନ୍ତି। ସେମାନେ ତେଲଙ୍ଗାନା ରାଜ୍ୟରୁ ଗତ ୨୫ ତାରିଖରେ ଆସିଥିଲେ। ଆୟୁଷ ଡାକ୍ତର ବସନ୍ତ କୁମାର ଷଡ଼ଙ୍ଗୀ ସଙ୍ଗରୋଧ କେନ୍ଦ୍ରକୁ ଯାଇ ସମସ୍ତ ପ୍ରବାସୀଙ୍କ ତାପମାତ୍ରା ଯାଞ୍ଚକରି ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ବିଡିଓ ଧର୍ମରାଜ ମାଝି, ଡାକ୍ତର ବସନ୍ତ କୁମାର ଷଡ଼ଙ୍ଗୀ ପ୍ରବାସୀମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରିବା ସହ ପ୍ରାଣାୟମ, ଯୋଗାସନ କରାଇଥିଲେ। ବ୍ଲକର ବିଭିନ୍ନ ସଙ୍ଗରୋଧ କେନ୍ଦ୍ରକୁ ୮୩୦ ପ୍ରବାସୀ ଆସିଥିବା ବେଳେ ୫୬୦ ପ୍ରବାସୀ ବିଭିନ୍ନ ସଙ୍ଗରୋଧ କେନ୍ଦ୍ରରେ ରହି ନିଜ ଗୃହକୁ ପ୍ରତ୍ୟାବର୍ତ୍ତନ କରିଥିବା ବିଡିଓ କହିଛନ୍ତି। ବନ୍ଧକୋନା ସଙ୍ଗରୋଧ କେନ୍ଦ୍ରରେ ୨ଜଣ କରୋନା ପଜିଟିଭ ଚିହ୍ନଟ ପରେ ୬୩ ଶ୍ରମିକଙ୍କୁ କେନ୍ଦ୍ରରେ ସରକାର ନିୟମ ଅନୁସାରେ ରଖାଯାଇଥିବା କହିଛନ୍ତି।

## ନବରଙ୍ଗପୁରର ପ୍ରଥମ କରୋନା ଆକ୍ରାନ୍ତ ସୁସ୍ଥ

ନବରଙ୍ଗପୁର,୨।୬(ବି.ପ୍ର)- ନବରଙ୍ଗପୁର ଜିଲାରେ ଚିହ୍ନଟ ହୋଇଥିବା ପ୍ରଥମ କରୋନା ଆକ୍ରାନ୍ତ ମଙ୍ଗଳବାର ସୁସ୍ଥ ହୋଇଛନ୍ତି। ସେ ଭୁବନେଶ୍ୱରସ୍ଥିତ ସମ କୋଭିଡ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ତାଙ୍କୁ ଭୁବନେଶ୍ୱରରୁ ଅଣାଯିବା ପାଇଁ ଏକ ଆମ୍ବୁଲାନ୍ସ ପ୍ରଶାସନ ପକ୍ଷରୁ ପଠାଯାଇଛି। ସେ ନବରଙ୍ଗପୁରରେ ପହଞ୍ଚିବା ପରେ ତାଙ୍କୁ ଘରେ ରଖାଯିବ ବୋଲି ଜିଲାପାଳ ଅଜିତ କୁମାର ମିଶ୍ର ସୂଚନା ଦେଇଛନ୍ତି।

## ଧାନମଣ୍ଡି ପରିଦର୍ଶନ କଲେ ଖାଉଟି କଲ୍ୟାଣ ବିଭାଗ ସଚିବ

ନବରଙ୍ଗପୁର,୨।୬(ବି.ପ୍ର.)- ଖାଉଟି କଲ୍ୟାଣ ବିଭାଗ ସଚିବ ବୀର ବିକ୍ରମ ଯାଦବ ନବରଙ୍ଗପୁର ଜିଲା ଗସ୍ତରେ ଆସି ନବରଙ୍ଗପୁର ପ୍ରବେଶ ପଥ ଚେକ୍ ପୋଷ୍ଟ ନିକଟରେ ପ୍ରବାସୀଙ୍କ ପାଇଁ କିଭଳି ବ୍ୟବସ୍ଥା ଗ୍ରହଣ କରାଯାଉଛି ତାହା ପରଖିଥିଲେ। ପ୍ରବାସୀ ଆସିଲେ କ'ଣ ସବୁ ସୁବିଧା କରାଯାଉଛି ଦେଖିଥିଲେ। ପରେ ସେ ନିୟନ୍ତ୍ରିତ ବଜାର କମିଟି ପରିସର ଧାନମଣ୍ଡିରେ ଚାଷୀଙ୍କୁ ଭେଟିଥିଲେ। ଏହାପରେ ଜିଲା ଯୋଗାଣ କାର୍ଯ୍ୟାଳୟ ପରିଦର୍ଶନ କରିଥିଲେ। ଜିଲାପାଳ ଅଜିତ କୁମାର ମିଶ୍ର, ଅତିରିକ୍ତ ଜିଲା ଯୋଗାଣ ଅଧିକାରୀ ମନୋଜ ଦାଶ, ଏ.ଲକ୍ଷ୍ମଣ ରାଓ, ଯୋଗାଣ ନିରୀକ୍ଷକ ରାଜେଶ ଶବର ଓ ନିୟନ୍ତ୍ରିତ ବଜାର କମିଟିର କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ୨୧ରୁ ୧୯ ସୁସ୍ଥ ହେଲେ

ମାଲକାନଗିରି,୨।୬(ଡି.ଏନ୍.ଏ.)- ମାଲକାନଗିରି ଜିଲାରେ ୨୧ଜଣ କରୋନା ପଜିଟିଭ ଚିହ୍ନଟ ହୋଇ ଚିକିତ୍ସାଧୀନ ଥିଲେ। ସେମାନଙ୍କ ମଧ୍ୟରୁ ୧୯ ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଏମାନଙ୍କ ମଧ୍ୟରୁ ୩ ଜଣଙ୍କୁ ଭୁବନେଶ୍ୱର ପଠାଯାଇଥିବା ବେଳେ ୧୮ ଜଣ ମାଲକାନଗିରିସ୍ଥିତ କୋଭିଡ୍-୧୯ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିଲେ। ମାଲକାନଗିରିରେ ଚିକିତ୍ସାଧୀନଙ୍କ ମଧ୍ୟରୁ ୧୬ ଜଣ ସୁସ୍ଥ ହୋଇଥିବା ବେଳେ ୨ଜଣ ଚିକିତ୍ସାଧୀନ ଥିବା ଜିଲାପାଳ ମନୀଷ ଅଗ୍ରୱାଲ କହିଛନ୍ତି।

# ଚୁକ୍ତି ଖିଲାପ କରୁଛନ୍ତି ମିଲର

ଜୟପୁର,୨।୬ (ଡି.ଏନ.ଏ.)

- ବାହାର ଜିଲାର ଟ୍ରକ୍‌ରେ ଧାନ ନେଉଛନ୍ତି
- ଆନ୍ଦୋଳନ ଚେତାବନୀ ଦେଲା ଟ୍ରକ୍ ମାଲିକ ସଂଘ
- ନିର୍ଦ୍ଦେଶ ଅବମାନନା କଲେ କାର୍ଯ୍ୟାନୁଷ୍ଠାନ: ଉପଜିଲାପାଳ

କୋରାପୁଟ ଜିଲାରେ ଚାଷୀଙ୍କ ଧାନ ସରକାରଙ୍କ ପକ୍ଷରୁ ମଣ୍ଡିରେ କ୍ରୟ କରାଯାଉଛି। ଏହି ଧାନଗୁଡିକ କଷ୍ଟମ ମିଲିଂ ପାଇଁ ବଲାଙ୍ଗୀର ଜିଲାର ୨୨ଟି ଏବଂ କୋରାପୁଟ ଜିଲାର ଗୋଟିଏ ମିଲ୍ ମାଲିକଙ୍କୁ ପ୍ରଦାନ କରାଯାଇଛି। ଜୟପୁର ଟ୍ରକ୍ ମାଲିକ ସଂଘର ଟ୍ରକ୍ ଯୋଗେ କ୍ରୟ ଧାନର ୭୦ ପ୍ରତିଶତ ଏବଂ ସେମାନଙ୍କ ନିଜସ୍ୱ ଟ୍ରକ୍ ମାଧ୍ୟମରେ ୩୦ ପ୍ରତିଶତ ଧାନ ମିଲ୍ ମାଲିକମାନେ ବଲାଙ୍ଗୀର ଜିଲାକୁ ପରିବହନ ଲାଗି ପ୍ରଶାସନର ଉପସ୍ଥିତିରେ ଚୁକ୍ତିନାମା ହୋଇଥିଲା। ମାତ୍ର ଏହି ଚୁକ୍ତିନାମାର ଖିଲାପ କରାଯାଇ ମିଲ୍ ମାଲିକମାନେ ବାହାର ରାଜ୍ୟ ଓ ନିଜ ଜିଲାର ଟ୍ରକ୍‌କୁ ନିୟୋଜିତ କରି ଧାନ ପରିବହନ କରାଯାଉଛି। ଫଳରେ ସ୍ଥାନୀୟ ଟ୍ରକ୍ ମାଲିକ କ୍ଷତିଗ୍ରସ୍ତ ହେଉଥିବା ସଂଘ ଅଭିଯୋଗ କରିଛି। ଏନେଇ ଜିଲାପାଳ, ପରିବହନ ଅଧିକାରୀ, ଏଡିଏମ୍, ଜିଲା ଯୋଗାଣ ଅଧିକାରୀ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସଂଘ ପକ୍ଷରୁ ଦାବି କରାଯାଇଛି। ନଚେତ୍ ଟ୍ରକ୍ ମାଲିକ ଏବଂ କର୍ମଚାରୀ ସଂଘ ପକ୍ଷରୁ ରାସ୍ତା ଅବରୋଧ କରି କୌଣସି ଧାନ ବୋଝେଇ ଟ୍ରକ୍‌କୁ ବଲାଙ୍ଗୀର ଜିଲାକୁ ଛଡାଯିବ ନାହିଁ ବୋଲି ମାଲିକ ସଂଘର ସଭାପତି ବାବୁଲା ନାୟକ କହିଛନ୍ତି। ସୋମବାର ରାତିରେ ବଲାଙ୍ଗୀର ଜିଲାର ୨ଟି ଟ୍ରକ୍ ଯୋଗେ ୨୪ ଟନ୍‌ରୁ ଊର୍ଦ୍ଧ୍ୱ ଧାନ କୁନ୍ଦୁରା ଟ୍ରକ୍ ମାଲିକ ସଂଘ ଅଜାଣତରେ ମଣ୍ଡିରୁ ପରିବହନ ବେଳେ ଜୟପୁର ଟ୍ରକ୍ ମାଲିକ ଏବଂ କର୍ମଚାରୀ ସଂଘ ପକ୍ଷରୁ ବାହାର ଜିଲାର ଏହି ୨ଟି ଟ୍ରକ୍‌କୁ ଅଟକ ରଖାଯାଇଛି। ସେହିପରି କୋଟପାଡ ଅଞ୍ଚଳର କେତେଜଣ ଯୁବକ ଏହି ମିଲ୍ ମାଲିକମାନଙ୍କୁ ସହଯୋଗ କରି ସଂଘର ଟୋକନ ବଦଳରେ ଜାଲ୍ ଟୋକନ ଦେଉଛନ୍ତି। ଏନେଇ କୋଟାପାଡ ଥାନାରେ ଅଭିଯୋଗ କରାଯାଇଛି ବୋଲି ସଭାପତି ନାୟକ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଜୟପୁର ଉପଜିଲାପାଳ ଲୋକନାଥ ଦଳବେହେରାଙ୍କୁ ପଚାରିବାରୁ ସେ କହିଛନ୍ତି ଯେ,ଜିଲା ପ୍ରଶାସନ ନିର୍ଦ୍ଦେଶକୁ ଅବମାନନା କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପ୍ରଶାସନ ନିକଟରେ ଲିଖିତ ଅଭିଯୋଗ ହେଲେ ଏହାର ସମାଧାନ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି।

## ପଙ୍ଗପାଳ: ଅବିଭକ୍ତ କୋରାପୁଟକୁ ଆଲର୍ଟ

ଜୟପୁର,୨।୬ (ନି.ପ୍ର.)

ଅବିଭକ୍ତ କୋରାପୁଟ ଜିଲା ପ୍ରତି ବଢ଼ିଛି ପଙ୍ଗପାଳ ଭୟ। ପଡ଼ୋଶୀ ଛତିଶଗଡ଼ ଜଙ୍ଗଲରେ ପଙ୍ଗପାଳ ଦଳ ପହଞ୍ଚିଛନ୍ତି। ଫଳରେ ଦକ୍ଷିଣ ଓଡ଼ିଶାର ସୀମାନ୍ତ ଅଞ୍ଚଳ କୋରାପୁଟ, ନବରଙ୍ଗପୁର, ମାଲକାନଗିରି, ରାୟଗଡ଼ା ଜିଲାର ଚାଷୀ ଭୟଭୀତ ହୋଇପଡିଛନ୍ତି। ସେମାନେ ଧାନ, ପନିପରିବା, ଗଛର ପତ୍ର ଖାଇ ନଷ୍ଟ କରିଦେବେ ବୋଲି ଚାଷୀ ଆଶଙ୍କା ପ୍ରକାଶ କରିଛି। ଏବେ ଛତିଶଗଡ଼ର କୋରିଆ ଓ ଭରତପୁର ଜଙ୍ଗଲରେ ଏମାନଙ୍କ ପ୍ରଭାବ ଦେଖିବାକୁ ମିଳିଛି। ଏନେଇ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ଭୁବନେଶ୍ୱରରେ ସମୀକ୍ଷା କରିଛନ୍ତି। ଆନ୍ଧ୍ର- ଓଡ଼ିଶା ସୀମାନ୍ତ ଜିଲାକୁ ଆଲର୍ଟ ଘୋଷଣା କରାଯାଇଛି। ତେବେ ପଙ୍ଗପାଳ ଏବେ ଛତିଶଗଡ଼ର କୋରିଆ ଜିଲାରୁ ମଧ୍ୟ ପ୍ରଦେଶ ଚାଲିଯାଇଛନ୍ତି। ତେବେ ଓଡ଼ିଶାର ସୀମାନ୍ତ ଜିଲାଗୁଡିକ ପ୍ରତି ବିପଦ ଥିବା କୃଷି ନିର୍ଦ୍ଦେଶକ ସୂଚନା ଦେଇଛନ୍ତି। ପବନର ବେଗ ଯେଉଁ ଦିଗକୁ ବହୁଛି ସେହି ଦିଗକୁ ପଙ୍ଗପାଳ ଦଳ ଯାଉଥିବା ଜଣାଯାଇଛି। ଯଦି ପବନର ବେଗ ଓଡ଼ିଶା ପ୍ରତି ରହେ ତେବେ ନବରଙ୍ଗପୁର, ମାଲକାନଗିରି, କୋରାପୁଟ, କଳାହାଣ୍ଡି ଜିଲାକୁ ଆସିପାରନ୍ତି। ପବନର ବେଗ ଉପରେ ପଙ୍ଗପାଳ ଆସିବା ନ ଆସିବା ନିର୍ଭର କରୁଛି। ତୃଣମୂଳ ସ୍ତରରେ ପଙ୍ଗପାଳଙ୍କ ଉପରେ ନଜର ରଖିବା ଲାଗି ସର୍ଭେଲାନ୍ସ ଟିମ୍ ଗଠନ କରାଯାଇଛି। ଏହି ଟିମ୍ ସୀମାନ୍ତ ଅଞ୍ଚଳର ସ୍ଥିତି ସମ୍ପର୍କରେ ଅନୁଧ୍ୟାନ କରି ଜିଲାସ୍ତରୀୟ କଣ୍ଟ୍ରୋଲ ରୁମ୍‌କୁ ଜଣେଇବେ। ଜିଲାପାଳମାନଙ୍କୁ ଏ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ କୁହାଯାଇଛି। ପଙ୍ଗପାଳ ମୁକାବିଲା ପାଇଁ ସତର୍କତାମୂଳକ ପଦକ୍ଷେପ ନିଆଯାଇଥିବା ଜୟପୁର କୃଷି ଉପ ନିର୍ଦ୍ଦେଶକ ପ୍ରଦୀପ କୁମାର ମହାନ୍ତି କହିଛନ୍ତି।

## ମାଲକାନଗିରିରେ ସମୀକ୍ଷା କଲେ ଅତିରିକ୍ତ ଶାସନ ସଚିବ

ମାଲକାନଗିରି,୨।୬ (ଡି.ଏନ୍.ଏ.)



ସମୀକ୍ଷା ବୈଠକରେ ଉପସ୍ଥିତି ଜିଲାସ୍ତରୀୟ ଅଧିକାରୀମାନେ।

ଓଡ଼ିଶା ସରକାରଙ୍କ ବିଜ୍ଞାନ ଓ କାରିଗରି ବିଭାଗର ଅତିରିକ୍ତ ଶାସନ ସଚିବ ତଥା ମାଲକାନଗିରି ଜିଲା କୋଭିଡ୍-୧୯ ଦାୟିତ୍ୱରେ ଥିବା ନୋଡାଲ ଅଧିକାରୀ ମହମ୍ମଦ ରସିଦ୍ ଖାନ୍ ଦୁଇଦିନିଆ ମାଲକାନଗିରି ଜିଲା ଗସ୍ତରେ ଆସି ବିଭିନ୍ନ ଅଞ୍ଚଳ ଗସ୍ତ କରିଥିଲେ। ମଙ୍ଗଳବାର ସେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଏକ ସମୀକ୍ଷା ବୈଠକରେ ଯୋଗଦେଇଥିଲେ। ଲକ୍‌ଡାଉନ ଯୋଗୁ ପ୍ରବାସୀ ଏବଂ ସ୍ଥାନୀୟ ଶ୍ରମିକମାନେ କର୍ମସଂସ୍ଥାନ ହରାଇଥିବାରୁ ସେମାନଙ୍କୁ ତୁରନ୍ତ ବିଭିନ୍ନ ବିଭାଗରେ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପରେ କର୍ମସଂସ୍ଥାନ ଯୋଗାଇଦେବାକୁ ଖାନ୍ ପରାମର୍ଶ ଦେଇଥିଲେ। କୋଭିଡ୍-୧୯ ପରିଚାଳନାରେ ଜିଲା ପ୍ରଶାସନର ଦକ୍ଷତାକୁ ସେ ପ୍ରଶଂସା କରିଥିଲେ। ଜିଲାରେ ୨୧୮୭ଟି ସ୍ୱୟଂ ସହାୟକ ଗୋଷ୍ଠୀ କାର୍ଯ୍ୟ କରୁଥିବା, ଗ୍ରାମ୍ୟ ଆବାସ ଯୋଜନାରେ ୨୩୨୯୪ଟି ଗୃହ ନିର୍ମାଣ ନେଇ ଲକ୍ଷ୍ୟ ଧାର୍ଯ୍ୟ କରାଯାଇ ଏଥିରୁ ୧୯୩୨୮ ଗୃହ ସମ୍ପୂର୍ଣ୍ଣ ହୋଇଥିବା ସମୀକ୍ଷାରୁ ଜଣାପଡ଼ିଥିଲା। ଜିଲାପାଳ ମନୀଷ ଅଗ୍ରୱାଲ, ଅତିରିକ୍ତ ଜିଲାପାଳ ବୀରସେନ ପ୍ରଧାନ, ପ୍ରକଳ୍ପ ନିର୍ଦ୍ଦେଶକ ବାଳମୁକୁନ୍ଦ ଭୂୟାଁ, ଉପଜିଲାପାଳ ରାମେଶ୍ୱର ପ୍ରଧାନ, ଆଇଟିଡିଏ ପ୍ରକଳ୍ପ ପ୍ରଶାସକ କ୍ଷୀରାବ୍ଧି ବେହେରାଙ୍କ ସହ ସମସ୍ତ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

## ଜବ୍ କାର୍ଡଧାରୀ ପାଉଛନ୍ତି କାମ

ଚିତ୍ରକୋଣ୍ଡା,୨।୬(ଡି.ଏନ୍.ଏ.)

କରୋନା ଲକ୍‌ଡାଉନ ଯୋଗୁ ସବୁ କାର୍ଯ୍ୟ ଠପ୍ ହୋଇଯାଇଥିଲା। ମାତ୍ର କେନ୍ଦ୍ର ସରକାର ଏମ୍‌ଜିଏନ୍‌ଆରଇଜିଏସ୍ କାର୍ଯ୍ୟକୁ ଅନୁମତି ଦେବା ପରେ ଉକ୍ତ ଯୋଜନାରେ କାର୍ଯ୍ୟ ଆରମ୍ଭ ହୋଇଛି। ମାଲକାନଗିରି ଜିଲାପାଳ ମନୀଷ ଅଗ୍ରୱାଲ, ପିଡି ବାଳମୁକୁନ୍ଦ ଭୂୟାଁଙ୍କ ନିର୍ଦ୍ଦେଶରେ ଚିତ୍ରକୋଣ୍ଡା ବ୍ଲକରେ ବିଡିଓ ଲରିମନ ଖରସେଲଙ୍କ ତତ୍ତ୍ୱାବଧାନରେ ଏମ୍‌ଜିଏନ୍‌ଆରଇଜିଏସ୍ କାର୍ଯ୍ୟ ଆରମ୍ଭ ହୋଇଛି। ସ୍ୱାଭିମାନ ଅଞ୍ଚଳର ବିଭିନ୍ନ ପଞ୍ଚାୟତରେ ୨୫୦୦ରୁ ଊର୍ଦ୍ଧ୍ୱ ଜବ୍‌କାର୍ଡଧାରୀଙ୍କୁ ପ୍ରଶାସନ କାମ ଯୋଗାଇ ଦେଇଛି। ଦୁଇମାସ ମଧ୍ୟରେ ୫୩ ହଜାରରୁ ଅଧିକ କାର୍ଯ୍ୟଦିବସ ସୃଷ୍ଟି ହୋଇଛି। ଅନ୍ୟ ସମୟରେ ଏହା ବର୍ଷକ ମଧ୍ୟରେ ହୋଇଥାଏ। ଚିତ୍ରକୋଣ୍ଡା ଅଞ୍ଚଳର କାମକୁ ବିଭିନ୍ନ ସ୍ଥାନରେ ପହଞ୍ଚି ପିଡି ଭୂୟାଁ ତଦାରଖ କରିଛନ୍ତି।

## ୪୫୦ ରାସ୍ତା ଉନ୍ନତୀକରଣ ପାଇଁ ଅନୁମୋଦନ

ରାୟଗଡ଼ା ଅଫିସ,୨।୬:

**ସ୍ୱତନ୍ତ୍ର ଜିଲା ପରିଷଦ ବୈଠକ**

ରାୟଗଡ଼ା ଜିଲା ପରିଷଦର ୭୨ତମ ସତନ୍ତ୍ର ବୈଠକ ମଙ୍ଗଳବାର ସ୍ଥାନୀୟ ଡିଆର୍‌ଡିଏ ସଦ୍‌ଭାବନା ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଯାଇଛି। ନୂତନ ଜିଲା ପରିଷଦ ଅଧ୍ୟକ୍ଷ ଗଙ୍ଗାଧର ପୁଆଲାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ରାଜ୍ୟ ଉପଦେଷ୍ଟା ସୁଧୀର କୁମାର ଦାଶ, ଜିଲାପାଳ ପ୍ରମୋଦ କୁମାର ବେହେରା, ପିଡି ଡିଆର୍‌ଡିଏ ଅମ୍ରିତ୍ ଋତୁରାଜ, ଗୁଣପୁର ଉପଜିଲାପାଳ ବି. ଏସ୍. ବଳିରାମ, ଏମ୍‌ପି ପ୍ରତିନିଧି ଦୁର୍ଗାପ୍ରସାଦ ପଣ୍ଡା, ରାୟଗଡ଼ା ନିର୍ବାହୀ ଯନ୍ତ୍ରୀ ପ୍ରଦୀପ କୁମାର ମଣ୍ଡଳ, ଗୁଣପୁର ନିର୍ବାହୀ ଯନ୍ତ୍ରୀ ସରୋଜ କୁମାର ପାଢୀ, ଜିଲା ପରିଷଦ ଉପାଧ୍ୟକ୍ଷା ବୀଣାପାଣି ସାହୁକାରଙ୍କ ସମେତ ସମସ୍ତ ଜିଲା ପରିଷଦ ସଭ୍ୟା ସଭ୍ୟ ଏବଂ ବିଭଗୀୟ ଯନ୍ତ୍ରୀମାନେ ଯୋଗ ଦେଇଥିଲେ। ଏଥିରେ ମୁଖ୍ୟତଃ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା(ପିଏମ୍‌ଜିଏସ୍‌ୱାଇ)-୩ର ଅନୁମୋଦନ କରି ଗ୍ରାମାଞ୍ଚଳରେ ଗମନାଗମନର ବିକାଶ ଉପରେ ଆଲୋଚନା କରାଯାଇଥିଲା। ଗମନାଗମନର ବିକାଶ ଦ୍ୱାରା ସାସ୍ଥ୍ୟ, ଶିକ୍ଷା ସହ ଅନ୍ୟ ସରକାରୀ ସୁବିଧା ଲୋକଙ୍କ ନିକଟରେ ପହଞ୍ଚିପାରିବ। ତେଣୁ ରାସ୍ତାଘାଟ ଉନ୍ନତୀକରଣ ପାଇଁ ୫ବର୍ଷିଆ ଯୋଜନାରେ ପ୍ରତ୍ୟେକ ବ୍ଲକ୍‌ରେ ବର୍ଷକୁ ହାରାହାରି ୩୦କିଲୋମିଟର ରାସ୍ତା ଉନ୍ନତୀକରଣ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଜିଲାରେ ୪୫୦ଟି ରାସ୍ତାର ଉନ୍ନତୀକରଣ ନେଇ ବୈଠକରେ ଅନୁମୋଦନ ହୋଇଛି। ଜିଲାର ୧୧ବ୍ଲକ୍ ଯଥା ବିଷମକଟକର ୫୪ଟି, ମୁନିଗୁଡାର ୩୩, ରାୟଗଡ଼ାର ୩୪, କୋଲନରାର ୩୩, କାଶୀପୁରର୪୧, କଲ୍ୟାଣସିଂପୁରର୪୫, ଗୁଣପୁରର ୩୦, ପଦ୍ମପୁରର ୪୦, ରାମନାଗୁଡ଼ାର ୩୨, ଗୁଡାରିର ୫୭, ଏବଂ ଚନ୍ଦ୍ରପୁରର ୫୨ଟି ରାସ୍ତା ପର୍ଯ୍ୟାୟକ୍ରମେ ଉନ୍ନତୀକରଣ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିବା ସୂଚନା ମିଳିଛି।

## ୧୮୩ଚାଷୀଙ୍କୁ ମିଳିନି ଖରିଫଧାନ ଟଙ୍କା

କୋରୁକୋଣ୍ଡା,୨।୬(ଡି.ଏନ.ଏ.)

ଖରିଫ ଋତୁରେ ଅମଳ କରି ଚାଷୀ ମଣ୍ଡିରେ ବିକ୍ରି କରିଥିବା ଧାନର ପ୍ରାପ୍ୟ ଚାଷୀ ଏଯାଏ ପାଇନାହାନ୍ତି। କୁଇଣ୍ଟାଲ ପ୍ରତି ୧୮୧୫ ଟଙ୍କାରେ ସେମାନେ ମାଲକାନଗିରି ଜିଲା କୋରୁକୋଣ୍ଡା ଲ୍ୟାମ୍ପର ୧୦ଟି ମଣ୍ଡିରେ ୧୮୩ ଚାଷୀ ଧାନ ବିକ୍ରି କରିଥିଲେ ମଧ୍ୟ ଏଯାଏ ଟଙ୍କା ପାଇନାହାନ୍ତି। ପିତାକଟା ମଣ୍ଡିରେ ୩ ଜଣ, ଡୁଡମେଟାରେ ୬, ପୁରୁଣା ଚିମଟାପଲିରେ ୪୧, ପୋଟ୍ରେଲରେ ୩୮,କମଡାରେ ୧୬, କୋରୁକୋଣ୍ଡାରେ ୧୪, ଚିତାପରିରେ ୩,ମାରିୱାଡା ମଣ୍ଡିରେ ଜଣେ ଏପରି ମୋଟ ୧୮୩ ଜଣ ଚାଷୀ ପ୍ରାୟ ୫୨୧୨.୨୭ କୁଇଣ୍ଟାଲ ଧାନ ମଣ୍ଡି ମାଧ୍ୟମରେ ବିକ୍ରି କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ ଟଙ୍କା ପାଇ ନ ଥିବା ଅଭିଯୋଗ କରିଛନ୍ତି। ଏନେଇ ଚାଷୀମାନେ ଲ୍ୟାମ୍ପ କର୍ତ୍ତୃପକ୍ଷଙ୍କୁ ଭେଟିବାକୁ ଟୋକାନ କଟିଯାଇଥିବାରୁ ଏପରି ହୋଇଥିବା କହିଛନ୍ତି। ଏନେଇ ଦୋରଗୁଡାର ସମସ୍ତ ଚାଷୀ ଦୀର୍ଘ ୬ମାସ ଧରି ବାରମ୍ବାର ଲ୍ୟାମ୍ପ କର୍ତ୍ତୃପକ୍ଷ ଏବଂ ଜିଲାର ବିଭିନ୍ନ ଅଧିକାରୀଙ୍କୁ ଭେଟି ଅଭିଯୋଗ କରିଆସୁଥିଲେ ମଧ୍ୟ କିଛି ସୁଫଳ ମିଳୁନାହିଁ। ଏନେଇ ଲ୍ୟାମ୍ପ ଏମଡି ଲକ୍ଷ୍ମୀ ନାରାୟଣ ନାୟକଙ୍କୁ ପଚାରିବାରୁ ସେ କହିଲେ ଯେ, ଟୋକନ କଟିଯାଇଥିବାରୁ ଏପରି ସମସ୍ୟା ଉପୁଜିଛି। ଏ ସମ୍ପର୍କରେ ଜିଲା ପ୍ରଶାସନକୁ ଅବଗତ କରାଯାଇଛି। ମିଲରମାନେ ନେଇଥିବା ଧାନର ଟଙ୍କା ଚାଷୀଙ୍କୁ ଦେବେ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ ଯେ, ମିଲର ସରକାରଙ୍କ ଧାର୍ଯ୍ୟ ଦରରେ ଚାଷୀଙ୍କଠାରୁ ଧାନ କ୍ରୟ କରି ନ ଥିବା ସେତେବେଳେ ଚାଷୀ ଅଭିଯୋଗ କରିଥିଲେ। ମାଲକାନଗିରି ଓ ଚିତ୍ରକୋଣ୍ଡା ତହସିଲଦାର ଗତ ୯।୨।୨୦ରେ ଏହାର ତଦନ୍ତ କରି ଉପଜିଲାପାଳଙ୍କୁ ରିପୋର୍ଟ ଦେଇଥିଲେ। ଜିଲା ପ୍ରଶାସନ ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ନେଇନାହିଁ।

## କ୍ଷୁଦ୍ର ବ୍ୟବସାୟୀ ଉପଜିଲାପାଳଙ୍କୁ ଦେଲେ ଦାବିପତ୍ର

ଜୟପୁର,୨।୬(ନି.ପ୍ର.)

ଉଠାଦୋକାନୀ, କ୍ଷୁଦ୍ର ବ୍ୟବସାୟୀଙ୍କ ମିଳିତ ସଂଘ ପକ୍ଷରୁ ସୋମବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଉଠା ଦୋକାନୀ, ବୁଲାବିକାଳି, କ୍ଷୁଦ୍ର ବ୍ୟବସାୟୀଙ୍କୁ ସହାୟତା ପ୍ରଦାନ ଲାଗି ଏଥିରେ ଦାବି କରାଯାଇଛି। ଜୟପୁର ସହରରେ ଉଠା ଦୋକାନୀ, ଚା' ଦୋକାନୀ, ରାସ୍ତାକଡରେ ଥିବା ଛୋଟ ହୋଟେଲ, ଫୁଲବିକାଳି, ଫଳଦୋକାନୀ, ବିଭିନ୍ନ ପସରା ଧରି ବିକ୍ରି କରୁଥିବା ଟିଫିନ ଓ ଫାଷ୍ଟ ଫୁଡ୍ ଦୋକାନୀ ବ୍ୟବସାୟକରି ପରିବାର ଚଳାଉଥିଲେ। ଲକ୍‌ଡାଉନ ଯୋଗୁ ସେମାନେ ବହୁ ଭାବରେ କ୍ଷତିଗ୍ରସ୍ତ ହୋଇଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାର ଏପରି କ୍ଷୁଦ୍ର ଓ ନାମମାତ୍ର ବ୍ୟବସାୟୀଙ୍କୁ ୩ ହଜାର ଲେଖାଏ ଟଙ୍କା ସହାୟତା ଦେବାକୁ ଘୋଷଣା କରିଥିଲେ। ମାତ୍ର ସେମାନଙ୍କ ଆଧାର କାର୍ଡ ଓ ପରିଚୟ ପତ୍ର ନକଲ ନେଇ ମଧ୍ୟ ଏଯାଏ ପୌର ପରିଷଦ ବ୍ୟବସାୟୀଙ୍କ କୌଣସି ତାଲିକା ପ୍ରସ୍ତୁତ କରିନାହିଁ। ତୁରନ୍ତ ସର୍ଭେ କରି ପ୍ରତ୍ୟେକ ଦୋକାନୀଙ୍କୁ ୬ ହଜାର ଲେଖାଏ ଟଙ୍କା ପ୍ରଦାନ କରିବା, ବ୍ୟବସାୟୀଙ୍କ ତାଲିକା କରି ସେମାନଙ୍କୁ ପଞ୍ଜୀକୃତ କରିବା, ଭଡ଼ା ଆଦାୟ ବନ୍ଦ କରିବା, ସମସ୍ତ ଗରିବ ପରିବାରକୁ ରାଶନ ସାମଗ୍ରୀ ଯୋଗାଇଦେବା ଦାବି ରହିଛି। ଆବାହକ ରାମକୃଷ୍ଣ ଦାସଙ୍କ ସହ ସମସ୍ତ କ୍ଷୁଦ୍ର ବ୍ୟବସାୟୀ ଉପସ୍ଥିତ ଥିଲେ।

## ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଉପରେ ଗୁରୁତ୍ୱ

କାଶୀନଗର, ୨।୬(ଡି.ଏନ୍.ଏ.)

**ସହରାଞ୍ଚଳ ପ୍ରବାସୀ କର୍ମନିଯୁକ୍ତି ଯୋଜନା**



ଗଜପତି ଜିଲା କାଶୀନଗର ଏନ୍‌ଏସିକୁ ଫେରିଥିବା ପ୍ରବାସୀଙ୍କୁ କାମ ଯୋଗାଇଦେବା ଲାଗି ସହରାଞ୍ଚଳ ପ୍ରବାସୀ କର୍ମନିଯୁକ୍ତି ଯୋଜନା (ୟୁଡବ୍ଲୁଇଆଇ) ଆରମ୍ଭ ହୋଇଛି। ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ହେବାକୁ ଥିବା ଏହି କାର୍ଯ୍ୟ ଏନ୍‌ଏସିର ପ୍ରତ୍ୟେକ ୱାର୍ଡରେ କରାଯିବାକୁ ସ୍ଥିର ହୋଇଛି। ଏଥିପାଇଁ ୨ ଲକ୍ଷ ୮୦ ହଜାର ଟଙ୍କା ୱାର୍ଡରେ ଖର୍ଚ୍ଚ ହେବ। ଏଥିରେ ଆର୍ଥିକ ଦୁର୍ବଳ ବର୍ଗର ଯେଉଁ ପ୍ରବାସୀ ଶ୍ରମିକମାନେ କାର୍ଯ୍ୟ କରିବେ ସେମାନଙ୍କୁ ୨୯୮ ଟଙ୍କା ମଜୁରି ପ୍ରଦାନ କରାଯିବ। ସହରର ସୌନ୍ଦର୍ଯ୍ୟକରଣ, ୱାଲ୍ ପେଣ୍ଟିଂ ଓ ପରିମଳ ବ୍ୟବସ୍ଥାରେ ଉନ୍ନତି ଲାଗି ଏହି ଅର୍ଥ ଖର୍ଚ୍ଚ ହେବ। ପ୍ରଥମ ପର୍ଯ୍ୟାୟ କାର୍ଯ୍ୟ ୧୩ ନମ୍ବର ୱାର୍ଡରେ ଥିବା ପୋଖରୀର ପୁନରୁଦ୍ଧାର କାର୍ଯ୍ୟରୁ ଆରମ୍ଭ ହୋଇଛି। ୪ଟି ସ୍ୱୟଂ ସହାୟକ ଗୋଷ୍ଠୀ ପ୍ରବାସୀ ଶ୍ରମିକଙ୍କୁ ଉକ୍ତ କାର୍ଯ୍ୟରେ ନିୟୋଜିତ କରି କାର୍ଯ୍ୟ କରୁଛନ୍ତି। ପୋଖରୀ ପୁନରୁଦ୍ଧାର କାର୍ଯ୍ୟ ପରେ ସୌନ୍ଦର୍ଯ୍ୟକରଣ ଲାଗି ଏହା ଚାରିପଟେ ଗଛ ଲଗାଯିବା ସହ ବସିବା ପାଇଁ ସିମେଣ୍ଟ ବେଞ୍ଚ ତିଆରି ହେବ। ଏହା ପରେ ୧୧ ନମ୍ବର ୱାର୍ଡରେ ଥିବା ବ୍ଲକ,ଡାକ୍ତରଖାନା ଛକ ଏବଂ ଟ୍ରାଫିକ୍ ପୋଷ୍ଟଠାରେ ସୌନ୍ଦର୍ଯ୍ୟକରଣ ହେବ ବୋଲି ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ କହିଛନ୍ତି।

## ବିଜୟ ଜିଲା ଆଇନଜୀବୀ ସଂଘ କମିଟି ଅଧ୍ୟକ୍ଷ

ଜୟପୁର,୨।୬ (ଡି.ଏନ୍.ଏ.)

ଜୟପୁରସ୍ଥିତ ଜିଲା ଆଇନଜୀବୀ ସଂଘର ମଧ୍ୟବର୍ତ୍ତିକାଳୀନ କମିଟି ଅଧ୍ୟକ୍ଷ ରୂପେ ସଂଘର ପୂର୍ବତନ ସଭାପତି ବିଜୟ ରାୟ ଜେନାଦେଓଙ୍କୁ ମନୋନୀତ କରାଯାଇଛି। ଏଥିସହ ୫ଜଣିଆ କାର୍ଯ୍ୟକାରୀ କମିଟିକୁ ବରିଷ୍ଠ ଆଇନଜୀବୀ ରାଜେନ୍ଦ୍ର ସାନ୍ରା ମନୋନୀତ ହୋଇଛନ୍ତି। ଶନିବାର ଅଧ୍ୟକ୍ଷ ପଦରୁ ସରୋଜ ଦାଶ ଇସ୍ତଫା ଦେଇଥିଲେ। ମଙ୍ଗଳବାର ମଧ୍ୟବର୍ତ୍ତିକାଳୀନ କମିଟିରେ ସମ୍ପାଦକ ସଚ୍ଚିଦାନନ୍ଦ ମିଶ୍ରଙ୍କ ତତ୍ତ୍ୱାବଧାନରେ ଏକ ବୈଠକ ବସିଥିଲା। ଏଥିରେ ଉପରୋକ୍ତ ୨ ଜଣଙ୍କୁ ମନୋନୀତ କରାଯାଇ ଏ ସମ୍ପର୍କରେ ରାଜ୍ୟ ଆଇନଜୀବୀ ସଂଘକୁ ଅବଗତ କରାଯାଇଛି। ବୈଠକରେ କୋଷାଧ୍ୟକ୍ଷ ରବୀନ୍ଦ୍ର ପଣ୍ଡା, ଦୀନବନ୍ଧୁ ଅଗ୍ରୱାଲଙ୍କ ସମେତ ୫ଜଣ ସଦସ୍ୟ ଉପସ୍ଥିତ ଥିଲେ। ରାଜ୍ୟ ଆଇନଜୀବୀ ସଂଘର ନିର୍ଦ୍ଦେଶରେ ମେ ୧୧ରେ ନିର୍ବାଚନ ବଦଳରେ କାର୍ଯ୍ୟକାରିଣୀ ସଦସ୍ୟଙ୍କ ପକ୍ଷରୁ ୫ଜଣିଆ କମିଟି ଗଠନ କରାଯାଇଥିଲା। ଏଥିରେ ମନୋନୀତ ୨ଜଣ ଇସ୍ତଫା ଦେଇଥିଲେ।

## ପଙ୍ଗପାଳ ମୁକାବିଲା ପାଇଁ ଆଗୁଆ ପ୍ରସ୍ତୁତି

ରାୟଗଡ଼ା ଅଫିସ,୨।୬:

ଦେଶର ବିଭିନ୍ନ ରାଜ୍ୟରେ ପଙ୍ଗପାଳ ଚିନ୍ତା ବଢ଼ାଇଛନ୍ତି। ବିଭିନ୍ନ ସ୍ଥାନରେ ଏମାନେ ଫସଲ ନଷ୍ଟ କରୁଛନ୍ତି। ତେବେ ଏମାନେ ଓଡ଼ିଶାରେ ପ୍ରବେଶ କରିବା ସମ୍ଭାବନା ଥିବାରୁ ସରକାର ଏହାର ମୁକାବିଲା ପାଇଁ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ସେହିପରି ରାୟଗଡ଼ା ଜିଲାରେ କିପରି ଫସଲ ସୁରକ୍ଷା କରାଯାଇପାରିବ, ସେ ନେଇ ଜିଲାପାଳ ପ୍ରମୋଦ ବେହେରାଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଆଗୁଆ ପ୍ରସ୍ତୁତି ବୈଠକ ହୋଇଛି। ଜିଲା କୃଷି ଅଧିକାରୀ ନନ୍ଦକିଶୋର ସିଂହ, ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ଜଗନ୍ନାଥ ବିଦ୍ଧାଣି, ଆତ୍ମା ଉପନିର୍ଦ୍ଦେଶକ ସୁମନ ସିଂହ ପଟ୍ଟନାୟକ, ଗୁଣପୁର କୃଷି ବିଜ୍ଞାନ କେନ୍ଦ୍ରର ଶ୍ରୀରାମ ଗୁଡୁ ପ୍ରମୁଖ ଯୋଗଦେଇ କୀଟନାଶକ ଔଷଧ ଦ୍ୱାରା ପଙ୍ଗପାଳ ଦଳକୁ କିପରି ଦମନ ହେବ ସେ ନେଇ ଆଲୋଚନା କରାଯାଇଥିଲା।

## ଚିକୁନଗୁନିଆରେ ୨ଆକ୍ରାନ୍ତ

ରାୟଗଡ଼ା ଅଫିସ,୨।୬:

**ଅଜଣା ଜ୍ୱର ରିପୋର୍ଟ ଆସିଲା**

ରାୟଗଡ଼ା ଜିଲା ସଦର ବ୍ଲକ୍ ଅଧୀନ ବାରିଖୋଲା ଗାଁରେ ଅଜଣା ଜ୍ୱରକୁ ନେଇ ଭୟ ସୃଷ୍ଟି ହୋଇଛି। ଗାଁର ପ୍ରାୟ ୮୦ ଜଣ ଲୋକ ଏହି ଜ୍ୱରରେ ପୀଡ଼ିତ ହୋଇଥିବା ବେଳେ ଚିକୁନଗୁନିଆ ସନ୍ଦେହରେ ୧୫ ରୋଗୀଙ୍କ ରକ୍ତ ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ କଟକ ପଠାଯାଇଥିଲା। ଏଥିରୁ ୨ ଜଣ ଚିକୁନଗୁନିଆରେ ଆକ୍ରାନ୍ତ ହୋଇଥିବା ରିପୋର୍ଟରୁ ସ୍ପଷ୍ଟ ହୋଇଛି। ଏହାକୁ ନେଇ ମଙ୍ଗଳବାର ମନ୍ତ୍ରୀ ଜଗନ୍ନାଥ ସାରକା ଓ ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି ବାରିଖୋଲା ଗସ୍ତକରି ଗାଁର ପରିମଳ ବ୍ୟବସ୍ଥାର ତଦାରଖ କରିଛନ୍ତି। ଏଥିସହ ଗ୍ରାମରେ ସଫାସୁତରା କାର୍ଯ୍ୟ କରିବା ସହ ଲୋକଙ୍କୁ ଏ ନେଇ ସଚେତନ କରିବା ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏ ନେଇ ସେ ସିଡିଏମ୍‌ଓ ଡା. ଆର୍ତ୍ତବନ୍ଧୁ ନାୟକଙ୍କ ସହ ଆଲୋଚନା କରିଥିଲେ। ଉଲ୍ଲେଖଯୋଗ୍ୟ ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ରୋଗୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ପରେ ଚିକୁନଗୁନିଆ ସନ୍ଦେହ କରିଥିଲା। ଏଥିପାଇଁ ଗାଁର ପରିମଳ ବ୍ୟବସ୍ଥା ହିଁ ଦାୟୀ ବୋଲି ସିଡିଏମ୍‌ଓ ଏବଂ ସ୍ୱାସ୍ଥ୍ୟ ଅଧିକାରୀ ପ୍ରକାଶ କରିଥିଲେ।



ମନ୍ତ୍ରୀ ଓ ବିଧାୟକ ବାରିଖୋଲା ଗ୍ରାମରେ ପରିମଳ ବ୍ୟବସ୍ଥା ତଦାରଖ କରୁଛନ୍ତି।

## ପିଲାଙ୍କ ପାଖକୁ ଆସି ଶିକ୍ଷକ ପଢ଼ାଉଛନ୍ତି ପାଠ

ଖଇରପୁଟ,୨।୬(ଡି.ଏନ୍.ଏ.)



ଗଛ ମୂଳେ ପିଲାଙ୍କୁ ପାଠପଢାଉଛନ୍ତି ଶିକ୍ଷକ।

- ଏପରି ପ୍ରସ୍ତାବକୁ ଅଭିଭାବକ କରିଥିଲେ ପସନ୍ଦ
- ଗଛ ଛାଇ ତଳେ ପଢ଼ା ହେଉଛି
- ସାମାଜିକ ଦୂରତାକୁ ଦେଉଛନ୍ତି ଗୁରୁତ୍ୱ

ମାଲକାନଗିରି ଜିଲା ଖଇରପୁଟ ବ୍ଲକରେ ଲକ୍‌ଡାଉନ ସମୟରେ କେତେଜଣ ଶିକ୍ଷକ ପିଲାଙ୍କୁ ଶିକ୍ଷାଦାନ ପାଇଁ ସେମାନଙ୍କ ନିକଟରେ ପହଞ୍ଚିଛନ୍ତି। କୌଣସି ବିଭାଗୀୟ ଚିଠି କି ନିର୍ଦ୍ଦେଶ ନ ଥାଇ ମଧ୍ୟ ବିଭିନ୍ନ ଗ୍ରାମକୁ ଯାଇ ପିଲାଙ୍କୁ ପାଠ ପଢ଼ାଉଛନ୍ତି। ଖଇରପୁଟ ପଞ୍ଚାୟତ ଅନ୍ତର୍ଗତ କେନ୍ଦୁଗୁଡ଼ା ଗ୍ରାମରେ ଶିକ୍ଷକ ରଘୁନାଥ ମୁଦୁଲି ପିଲାମାନଙ୍କୁ ପାଠ ପଢ଼ାଉଛନ୍ତି। ଏହା ପୂର୍ବରୁ ସେ ଅଭିଭାବକମାନଙ୍କ ସହ ଆଲୋଚନା କରିଥିଲେ। ମୁଦୁଲିଙ୍କ ଏପରି ପ୍ରସ୍ତାବରେ ଅଭିଭାବକମାନେ ମଧ୍ୟ ସେମାନଙ୍କ ପିଲାଙ୍କୁ ପଢ଼ାଇବାକୁ ଆଗ୍ରହ ପ୍ରକାଶ କରିଥିଲେ। ଏବେ ଶିକ୍ଷକ ମୁଦୁଲି ଗ୍ରାମର ଏକ ଗଛ ଛାଇରେ ପ୍ରତ୍ୟହ ୩/୪ ଘଣ୍ଟା ପଢ଼ାଉଛନ୍ତି। ଏହି ସମୟରେ ସେ ପିଲାଙ୍କୁ ସାମାଜିକ ଦୂରତା ରଖି ବସାଉଛନ୍ତି। ପିଲାଏ ମଧ୍ୟ ମାସ୍କ ପିନ୍ଧିଥିବା ଦେଖିବାକୁ ମିଳୁଛି। ଏପରି ପାଠପଢ଼ା ଦ୍ୱାରା ଅଭିଭାବକମାନେ ଖୁସି ପ୍ରକାଶ କରିଛନ୍ତି। ବିଦ୍ୟାଳୟ ଏତେଦିନ ଛୁଟି ହେବାରୁ ପିଲାମାନେ ପାଠ ଭୁଲିଯାଉଛନ୍ତି। ସାର୍ ପଢ଼ାଇବାକୁ ଆସି ଆମର ସେ ସମସ୍ୟା ଦୂର କରିଛନ୍ତି ବୋଲି ସେମାନେ କହିଛନ୍ତି। ଆମକୁ ପାଠ୍ୟପୁସ୍ତକ ସରକାରଙ୍କ ପକ୍ଷରୁ ମିଳିଛି। ଆମ ସାର୍ ଆସି ଆମକୁ ସ୍ନେହ ଶ୍ରଦ୍ଧାର ସହ ପଢ଼ାଉଛନ୍ତି। ପଢ଼ିବାକୁ ଭଲ ଲାଗୁଛି ବୋଲି ଛାତ୍ରୀଛାତ୍ରମାନେ ପ୍ରକାଶ କରିଛନ୍ତି।

## ନଦୀରେ ବୁଡ଼ି ନାବାଳିକା ମୃତ

ନନ୍ଦପୁର,୨।୬(ଡି.ଏନ୍.ଏ.)

କୋରାପୁଟ ଜିଲା ପାଡୁଆ ଥାନା ଅଧୀନ କୁଲାରସିଂ ପଞ୍ଚାୟତ ଅନ୍ତର୍ଗତ ପଡ଼େଇ ଗ୍ରାମର ଜଣେ ନାବାଳିକା ନଦୀରେ ବୁଡିଯିବାରୁ ତାଙ୍କର ମୃତ୍ୟୁ ହୋଇଛି। ସେ ସୁବାସ କିର୍ସାନିଙ୍କ ଝିଅ ମୋନାଲିସା(୧୦)। ସୋମବାର ଅପରାହ୍ନରେ ଶୌଚ ପାଇଁ ମୋନାଲିସା ନିକଟସ୍ଥ ନାଳକୁ ଯାଇଥିଲେ। ଗୋଡ଼ ଖସି ଯିବାରୁ ସେ ପାଣିରେ ବୁଡିଯାଇଥିଲେ। ପରିବାର ଲୋକେ ନନ୍ଦପୁର ଅଗ୍ନିଶମ ବିଭାଗକୁ ଖବରଦେବା ପରେ ସେମାନେ ପହଞ୍ଚି ଖୋଜାଖୋଜି କରିଥିଲେ। ସନ୍ଧ୍ୟା ହୋଇଯିବାରୁ ମୃତଦେହ ମିଳି ନ ଥିଲା। ମଙ୍ଗଳବାର ସକାଳେ ଅଗ୍ନିଶମ କର୍ମଚାରୀ ଏବଂ ଗ୍ରାମବାସୀ ଦେଶୀ ଡଙ୍ଗାରେ ଖୋଜାଖୋଜି କରି ମୃତଦେହ ଉଦ୍ଧାର କରିଥିଲେ। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ପାଡୁଆ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଚଳାଇଛି।

# ସୁପାରିସ ତାଲିକାରେ ରାଣୀ, ମନିକା

ନୂଆଦିଲ୍ଲୀ,୨।୬(ପି.ଟି.)

ଦେଶର ସର୍ବୋଚ୍ଚ କ୍ରୀଡ଼ା ପୁରସ୍କାର ରାଜୀବ ଗାନ୍ଧୀ ଖେଳରତ୍ନ ପୁରସ୍କାର ପାଇଁ ଚଳିତ ବର୍ଷ ଖେଳାଳିଙ୍କ ନାମ ସୁପାରିସ ତାଲିକା ବଢ଼ିବାରେ ଲାଗିଛି। ମଙ୍ଗଳବାର ଭାରତୀୟ ହକି ଅଧିନାୟିକା ରାଣୀ ରାମପଲ ଏବଂ ମହିଳା ଟେବୁଲ ଟେନିସ ତାରକା ମନିକା ବାତ୍ରାଙ୍କ ନାମ ସୁପାରିସ୍ କରାଯାଇଛି। ଅର୍ଜୁନ ପୁରସ୍କାର ପାଇଁ ମହିଳା ହକି ଖେଳାଳି ବନ୍ଦନା କାଟାରିୟା, ମୋନିକା ଓ ପୁରୁଷ ଡ୍ରାଗ୍‌ଫ୍ଲିକର ହରମନପ୍ରୀତ ସିଂଙ୍କ ନାମ

## ଖେଳରତ୍ନ ପୁରସ୍କାର

ହକି ଇଣ୍ଡିଆ ସୁପାରିସ କରିଛି। ଟେବୁଲ ଟେନିସ ଫେଡେରେଶନ ଅଫ ଇଣ୍ଡିଆ (ଟିଟିଏଫଆଇ) ପକ୍ଷରୁ ମଧୁରିକା ପଟକାର, ମାନବ ଠାକ୍କର ଏବଂ ସୁତୀର୍ଥ ମୁର୍ଖାଜୀ ଏବଂ ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ଅଫ୍ ଇଣ୍ଡିଆ ବିଏଆଇ) ପକ୍ଷରୁ ସ୍ୱସ୍ତିକ ସାଇରାଜ ରାଙ୍କିରେଡ୍ଡୀ, ଚିରାଗ ସେଟ୍ଟୀ ଓ ସମୀର ବର୍ମାଙ୍କ ନାମ ଏହି ପୁରସ୍କାର ପାଇଁ ସୁପାରିସ ହୋଇଛି। ମେଜର ଧ୍ୟାନଚାନ୍ଦ ଆୱାର୍ଡ ଫର ଲାଇଫ୍ ଟାଇମ ଆଚିଭମେଣ୍ଟ ପାଇଁ ପୂର୍ବତନ ଖେଳାଳି ଆର.ପି. ସିଂ ଓ ତୁଷାର ଖାଣ୍ଡ୍‌କରଙ୍କ ନାମ ସୁପାରିସ କରିଛି ହକି ଇଣ୍ଡିଆ। ହକି କୋଚ୍ ବି.ଜେ. କାରିଆପ୍ପା, ରମେଶ ପଠାଣିଆ ଏବଂ ଟିଟି କୋଚ୍ ଜୟନ୍ତ ପୁଶିଲାଲ ଓ ଏସ. ରମଣଙ୍କ ନାମ ଦ୍ରୋଣାଚାର୍ଯ୍ୟ ପୁରସ୍କାର ପାଇଁ ସୁପାରିସ ହୋଇଛି।

୨୦୧୬ ଜାନୁୟାରୀ ୧ରୁ ୨୦୧୯ ଡିସେମ୍ବର ୩୧ ତାରିଖ ମଧ୍ୟରେ ଖେଳାଳିମାନଙ୍କ ପ୍ରଦର୍ଶନକୁ ବିଚାରକୁ ନିଆଯାଇ ଖେଳରତ୍ନ ପୁରସ୍କାର ପ୍ରଦାନ କରାଯିବ। ଏହି ସମୟ ଅବଧିରେ ରାଣୀ ଭାରତୀୟ ଦଳର ନେତୃତ୍ୱ ନେଇ ଅନେକ ସଫଳତା ଅର୍ଜନ କରିଛନ୍ତି। ତାଙ୍କ ନେତୃତ୍ୱରେ ଭାରତ ୨୦୧୭ ମହିଳା ଏସିଆ କପ୍‌ରେ ଚାମ୍ପିୟନ ହୋଇଥିଲା। ସେହିପରି ୨୦୧୮ ଏସିଆନ ଗେମ୍ସରେ ରୌପ୍ୟ ପଦକ ହାସଲ କରିଥିଲା। ୨୦୧୯ ଏଫ୍‌ଆଇଏଚ୍ ଅଲିମ୍ପିକ କ୍ୱାଲିଫାୟର୍ସରେ ସେ ପ୍ରଭାବୀ ପ୍ରଦର୍ଶନ କରିଥିଲେ। ତାଙ୍କ ନିର୍ଣ୍ଣାୟକ ଗୋଲ ବଳରେ ଭାରତ ଟୋକିଓ ଅଲିମ୍ପିକ୍ସ ଯୋଗ୍ୟତା ହାସଲ କରିଥିଲା। ଭାରତ ମଧ୍ୟ ଏଫ୍‌ଆଇଏଚ୍ ବିଶ୍ୱ ର୍‍ୟାଙ୍କିଂରେ କ୍ୟାରିୟର ଶ୍ରେଷ୍ଠ ନବମ ସ୍ଥାନ ଅଧିକାର କରିଥିଲା। ରାଣୀ ପ୍ରଥମ ଭାରତୀୟ ଭାବେ ୱାର୍ଲ୍ଡ ଗେମ୍ସ ଆଥଲେଟ ଅଫ୍ ଦି ଇୟର ବିବେଚିତ ହୋଇଥିଲେ। ସେ ମଧ୍ୟ ୨୦୧୬ରେ ଅର୍ଜୁନ ଓ ୨୦୨୦ରେ ପଦ୍ମଶ୍ରୀ ସମ୍ମାନ ହାସଲ କରିଥିଲେ।



ରାଣୀ ରାମପାଲ



ମନିକା ବାତ୍ରା

ଗତବର୍ଷ ଏହି ସର୍ବୋଚ୍ଚ କ୍ରୀଡ଼ା ପୁରସ୍କାର ପାଇବାରୁ ବଞ୍ଚିତ ହୋଇଥିବା ମନିକା ଦେଶର ପ୍ରଥମ ମହିଳା ଟେବୁଲ ଟେନିସ ଖେଳାଳିଭାବେ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ସିଙ୍ଗଲ୍ସ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ୨୦୧୮ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସେ ୨ ସ୍ୱର୍ଣ୍ଣ ସହ ମୋଟ ୪ଟି ପଦକ ହାସଲ କରିଥିଲେ। ଗୋଲ୍ଡକୋଷ୍ଟର ଏହି ସଂସ୍କରଣରେ ତାଙ୍କ ନେତୃତ୍ୱରେ ଭାରତ ପ୍ରଥମଥରପାଇଁ ମହିଳା ଟିମ୍ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ପାଇଥିଲା। ୫ ମାସପରେ ଜାକର୍ତ୍ତା ଏସିଆନ ଗେମ୍ସରେ ଶରଥ କମଲଙ୍କୁ ସାଥିକରି ସେ ମିକ୍ସଡ ଡବଲ୍ସରେ ବ୍ରୋଞ୍ଜ ପଦକ ପାଇ ଇତିହାସ ରଚିଥିଲେ। ମନିକା ଏହି ସମ୍ମାନ ପାଇଁ ହକ୍‌ଦାର। ସେଥିପାଇଁ ଆମେ ତାଙ୍କ ନାମ ଦ୍ୱିତୀୟଥରପାଇଁ ସୁପାରିସ କରିଛୁ ବୋଲି (ଟିଟିଏଫଆଇ) ମହାସଚିବ ଏମ.ପି. ସିଂ ପ୍ରକାଶ କରିଛନ୍ତି। ପ୍ରକାଶ ଯୋଗ୍ୟ ଯେ, ରେସଲର ବଜରଙ୍ଗ ପୁନିଆ ଓ ପାରା ଆଥଲେଟ୍ ଦୀପା ମଲିକ ୨୦୧୯ରେ ଖେଳରତ୍ନ ପୁରସ୍କାର ପାଇଥିଲେ।

## ପୋଲିସ ହେପାଜତରେ ରହିବେ ମଦୁଶାନକା

**କଲମ୍ବୋ, ୨।୬ (ପି.ଟି.):** ଶ୍ରୀଲଙ୍କା କ୍ରିକେଟର ଶେଶାନ ମଦୁଶାନକା ପୁଣି ପୋଲିସ ହେପାଜତରେ ରହିବେ। ପାଖରେ ହେରୋଇନ୍ ରଖିଥିବା ଅଭିଯୋଗରେ ଏହି ୨୫ବର୍ଷୀୟ ବୋଲର ଏବଂ ତାଙ୍କର ଜଣେ ସାଙ୍ଗ ଦେଶର ଉତ୍ତର-ପୂର୍ବାଞ୍ଚଳ ପ୍ରଦେଶ ପାନାଲାଠାରେ ଗତ ମେ ୨୩ରେ ଗିରଫ ହୋଇଥିଲେ। ପୋଲିସ ତାଙ୍କଠାରୁ ୨.୭ଗ୍ରାମ୍ ଏବଂ ତାଙ୍କ ସାଙ୍ଗଙ୍କ ନିକଟରୁ ୨.୮ ଗ୍ରାମ୍ ହେରୋଇନ୍ ଜବତ କରିଥିଲା। କୁଲିୟାପିଟିୟା ମାଜିଷ୍ଟ୍ରେଟ୍ ଉଭୟଙ୍କୁ ଜୁନ୍ ୨ ପର୍ଯ୍ୟନ୍ତ ପୋଲିସ ହେପାଜତରେ ରହିବା ଲାଗି ନିର୍ଦ୍ଦେଶ ଦେଇଥିଲେ। ଆହୁରି ତଦନ୍ତର ଆବଶ୍ୟକତା ପଡ଼ିବାରୁ ମଙ୍ଗଳବାର ସେମାନଙ୍କୁ ୯ତାରିଖ ପର୍ଯ୍ୟନ୍ତ ପୋଲିସ ହେପାଜତରେ ରହିବାକୁ ନିର୍ଦ୍ଦେଶ ହୋଇଛି। ନିଶାଦ୍ରବ୍ୟ କାରବାରରେ ଗିରଫ ହେବାରେ ମଦୁଶାନକା ଶ୍ରୀଲଙ୍କା କ୍ରିକେଟ ଇତିହାସରେ ପ୍ରଥମ ଖେଳାଳି। ଶ୍ରୀଲଙ୍କାର ଏହି ଡାହାଣହାତୀ ମିଡିୟମ ପେସ୍ ବୋଲର ୨୦୧୮ ପ୍ରଥମଭାଗରେ ବାଂଲାଦେଶ ବିପକ୍ଷରେ ତାଙ୍କ ଅନ୍ତର୍ଜାତୀୟ ପଦାର୍ପଣ ମ୍ୟାଚ ଖେଳିଥିଲେ। ଏହି ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚରେ ସେ ହ୍ୟାଟ୍ରିକ୍ ଅର୍ଜନ କରିଥିଲେ। ଅନ୍ତର୍ଜାତୀୟ ଦିନିକିଆ ଇତିହାସରେ ପଦାର୍ପଣ ମ୍ୟାଚରେ ହ୍ୟାଟ୍ରିକ ଅର୍ଜନ କରିବାରେ ମଦୁଶାନକା ହେଉଛନ୍ତି ଚତୁର୍ଥ ଖେଳାଳି।

## ପ୍ରବାସୀ ଶ୍ରମିକଙ୍କୁ ଖାଦ୍ୟ, ପାଣି ବାଣ୍ଟିଲେ ସାମି

**ନୂଆଦିଲ୍ଲୀ,୨।୬(ପି.ଟି.):** କୋଭିଡ-୧୯ ମହାମାରୀ ଲଢେଇରେ ସାମିଲ ହୋଇଛନ୍ତି ଭାରତୀୟ ଦ୍ରୁତ ବୋଲର ମହମ୍ମଦ ସାମି। ପ୍ରବାସୀ ଶ୍ରମିକଙ୍କ ଦୁର୍ଦ୍ଦଶାରେ ପ୍ରଭାବିତ ହୋଇ ସେ ସମାଜମଙ୍ଗଳ କାର୍ଯ୍ୟପାଇଁ ଆଗେଇ ଆସିଛନ୍ତି। ଘରକୁ ଫେରୁଥିବା ଶ୍ରମିକଙ୍କୁ ସେ ଖାଦ୍ୟ ପୁଡିଆ, ମାସ୍କ ଓ ପାଣି ବାଣ୍ଟିଛନ୍ତି। ଉତ୍ତରପ୍ରଦେଶର ସାହସପୁରରେ ଥିବା ନିଜ ଘର ନିକଟରେ ସେ ଶ୍ରମିକମାନଙ୍କ ପାଇଁ ଖାଦ୍ୟ ବିତରଣ କେନ୍ଦ୍ର ସ୍ଥାପନ କରିଛନ୍ତି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଏ ନେଇ ସାମିଙ୍କର ଭିଡିଓ ଅପ୍‌ଲୋଡ କରିଛି। ଉତ୍ତର ପ୍ରଦେଶର ୨୪ ନମ୍ବର ଜାତୀୟ ରାଜପଥରେ ମାସ୍କ, ଗ୍ଲୋଭ୍ସ ପିନ୍ଧି ବସ୍‌ରେ ଘରକୁ ଫେରୁଥିବା ଶ୍ରମିକଙ୍କୁ ଖାଦ୍ୟ ପୁଡିଆ ପ୍ରଦାନ କରୁଥିବା ଏହି ଭିଡିଓରେ ଦେଖା ଯାଇଛି। ସାମିଙ୍କର ଏହି କାର୍ଯ୍ୟକୁ ବିସିସିଆଇ ତରଫରୁ ପ୍ରଶଂସା କରାଯାଇଛି। କରୋନା ଭାଇରସ ସଂକ୍ରମଣ କାରଣରୁ ସାରା ଦେଶରେ ଜାରି ରହିଥିବା ଲକ୍‌ଡାଉନ୍ କାରଣରୁ ଲକ୍ଷଲକ୍ଷ ସଂଖ୍ୟାରେ ଶ୍ରମିକମାନେ କର୍ମସ୍ଥଳୀ ଛାଡି ଘରକୁ ଫେରୁଛନ୍ତି। କୋଭିଡ-୧୯ ସଂକ୍ରମଣ କାରଣରୁ ଦେଶରେ ଏପର୍ଯ୍ୟନ୍ତ ୫,୦୦୦ ଲୋକ ପ୍ରାଣ ହରାଇଥିବା ବେଳେ ୨ ଲକ୍ଷ ସଂକ୍ରମଣର ଶିକାର ହୋଇଛନ୍ତି।

## କ୍ରୀଡ଼ା କାର୍ଯ୍ୟକଳାପ ଆରମ୍ଭ ପାଇଁ ଏସ୍‌ଓପି

**ଭୁବନେଶ୍ୱର, ୨।୬ (କ୍ରୀଡ଼ା ପ୍ରତିନିଧି):** କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶାବଳୀ ଅନୁସାରେ ସ୍ଥାନୀୟ ପଡ଼ିଆଗୁଡ଼ିକର ବାସ୍ତବିକତାକୁ ଦୃଷ୍ଟିରେ ରଖି କ୍ରୀଡ଼ା ଛାତ୍ରାବାସ ଏବଂ କ୍ରୀଡ଼ା ଭିତ୍ତିଭୂମିଗୁଡ଼ିକୁ ପ୍ରସ୍ତୁତ କରିବା ପାଇଁ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର (ଏସ୍‌ଓପି) ଜାରି କରାଯାଇଛି। ସଂକ୍ରମଣମୁକ୍ତ ଟ୍ରେନିଂ ବାତାବରଣ ସୃଷ୍ଟି କ୍ରୀଡ଼ା ବିଭାଗର ଲକ୍ଷ୍ୟ। ଏସଓପିରେ ଥିବା ସତର୍କତାମୂଳକ ଉପାୟ ଏବଂ ପ୍ରୋଟୋକଲ ବିଭିନ୍ନ ସ୍ଥାନରେ କାର୍ଯ୍ୟକାରୀ କରାଯିବ।

ଆଥଲେଟ୍‌ମାନେଟ୍ରେନିଂକରୁଥିବାରାଜ୍ୟରସମସ୍ତଟ୍ରେନିଂ ସେଣ୍ଟର, ସ୍ପୋର୍ଟ୍ସ ହଷ୍ଟେଲଗୁଡ଼ିକରେ ଏସ୍‌ଓପି କାର୍ଯ୍ୟକାରୀ କରାଯିବ। ସରକାରଙ୍କ ଗାଇଡଲାଇନ୍ ଅନୁସାରେ ପର୍ଯ୍ୟାୟକ୍ରମେ ଆଥଲେଟ୍‌ଙ୍କୁ ଟ୍ରେନିଂ ପାଇଁ ଅନୁମତି ମିଳିବ। ‘‘କ୍ରୀଡ଼ାବିତ୍‌ଙ୍କ ସ୍ୱାସ୍ଥ୍ୟ ପ୍ରାଥମିକତା ହୋଇଥିବାରୁ ଆମେ କେନ୍ଦ୍ର ସରକାରଙ୍କ ଗାଇଡଲାଇନ୍ ଅନୁସାରେ ଯୋଜନା ମୁତାବକ ପର୍ଯ୍ୟାୟକ୍ରମେ ସ୍ପୋର୍ଟ୍ସ ସେକ୍ଟରଗୁଡ଼ିକୁ ଖୋଲିବାକୁ ଅନୁମତି ଦେବୁ। କାହାର ଯେପରି ସ୍ୱାସ୍ଥ୍ୟ ସମସ୍ୟା ନ ଉପୁଜେ ଆମେ ସେଥିପ୍ରତି ଯତ୍ନବାନ ହୋଇ ବିଭିନ୍ନ କ୍ରୀଡ଼ା କାର୍ଯ୍ୟକଳାପ ଆରମ୍ଭ କରିବୁ’’ ବୋଲି କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ପ୍ରକାଶ କରିଛନ୍ତି।

## ଇସିବି ପକ୍ଷରୁ କାର୍ଯ୍ୟସୂଚୀ ଘୋଷିତ

**ଲଣ୍ଡନ, ୨।୬ (ପି.ଟି.):** ଜୁଲାଇରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ଖେଳାଯିବାକୁଥିବା ୩ ମ୍ୟାଚବିଶିଷ୍ଟ ଘରୋଇ ଟେଷ୍ଟ ସିରିଜ ପାଇଁ ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି) ପକ୍ଷରୁ କାର୍ଯ୍ୟସୂଚୀ ଘୋଷଣା କରାଯାଇଛି। ତେବେ ସରକାରଙ୍କ ସବୁଜ ସଙ୍କେତକୁ ଅପେକ୍ଷା କରାଯାଇଛି। କୋଭିଡ୍-୧୯ ମହାମାରୀ ଯୋଗୁ ସିରିଜ ଜୁଲାଇ ୮ରୁ ରୁଦ୍ଧଦ୍ୱାରରେ ଜୈବ-ସୁରକ୍ଷିତ ପରିବେଶରେ ଖେଳାଯିବ। ହାମ୍ପଶାୟାରର ଏଜାସ୍ ବାଓଲ ଏବଂ ଲାଙ୍କାଶାୟାରର ଓଲ୍ଡଟ୍ରାଫୋର୍ଡଠାରେ ମ୍ୟାଚ୍ ଖେଳାଯିବ। ଉଭୟ ଭେନ୍ୟୁ ହୋଟେଲ ନିକଟରେ ଅବସ୍ଥିତ। ପ୍ରଥମ ଟେଷ୍ଟ ଜୁଲାଇ ୮ରୁ ୧୨ ପର୍ଯ୍ୟନ୍ତ ଖେଳାଯିବ। ଅବଶିଷ୍ଟ ଦୁଇଟି ଓଲ୍ଡ ଟ୍ରାଫୋର୍ଡ (ଜୁଲାଇ ୧୬ରୁ ୨୦ ଏବଂ ଜୁଲାଇ ୨୪ରୁ ୨୮)ଠାରେ ଖେଳାଯିବ। ୱେଷ୍ଟଇଣ୍ଡିଜ ଦଳ ଜୁନ୍ ୯ରେ ୟୁନାଇଟେଡ୍ କିଙ୍ଗଡମ୍ (ୟୁକେ)ରେ ପହଞ୍ଚିବ।

## ଅନ୍‌ଲାଇନ୍ ଚେସ୍: ଶୁଭମ୍‌ଜ୍ୟୋତି ଚାମ୍ପିୟନ

ଭୁବନେଶ୍ୱର, ୨।୬(କ୍ରୀଡ଼ା ପ୍ରତିନିଧି)



ଏସ୍‌ଆର୍ ଚେସ୍ ସେଣ୍ଟର ଆନୁକୂଲ୍ୟରେ ଆୟୋଜିତ ୫ମ ଅନ୍‌ଲାଇନ୍ ଚେସ୍ ଟୁର୍ନାମେଣ୍ଟରେ ଶୁଭମ୍‌ଜ୍ୟୋତି ସାହୁ ଚାମ୍ପିୟନ ହୋଇଛନ୍ତି। ୬ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ଶୁଭମ୍ ୫ ପଏଣ୍ଟ ପାଇଥିଲେ। ଶିବାଂଶ ମିଶ୍ର, ପ୍ରତୀକ ଚୌରାସିଆ ଓ ତନ୍ମୟ ତ୍ରିପାଠୀ ମଧ୍ୟ ୫ ପଏଣ୍ଟ ଲେଖାଏ ପାଇଥିଲେ ହେଁ ଯଥାକ୍ରମେ ଦ୍ୱିତୀୟ, ତୃତୀୟ ଓ ୪ର୍ଥ ସ୍ଥାନ ଅଧିକାର କରିଛନ୍ତି। ୪ ପଏଣ୍ଟ ସହ ଜୀବନ ଜ୍ୟୋତି ୫ମ ସ୍ଥାନରେ ରହିଛନ୍ତି। ପ୍ରତିଯୋଗିତାରେ ଓଡ଼ିଶା ଏବଂ ବାହାର ରାଜ୍ୟର ମୋଟ ୪୭ ପ୍ରତିଯୋଗୀ ଭାଗ ନେଇଥିଲେ। ୯ ବର୍ଷରୁ କମ୍ ବିଭାଗରେ ପ୍ରତ୍ୟାଶା ଜେନା, ଶ୍ରେୟାଂସୀ ନାୟକ, ଶୁଭମ୍ ପ୍ରତୀକ ମିଶ୍ର ଏବଂ ୧୧ ବର୍ଷରୁ କମ୍ ବିଭାଗରେ ସାଇ ଅମ୍ୟତ ପରିଜା, ଆଦିତ୍ୟ ନାରାୟଣ ମହାନ୍ତି ଓ ଶ୍ରୀନିବାସ ରଥ ପ୍ରଭାବୀ ପ୍ରଦର୍ଶନ ପାଇଁ ପୁରସ୍କୃତ ହୋଇଥିଲେ। ବାଳିକା କାଟେଗୋରିରେ ଅନନ୍ତୋୟା ଚାଟାର୍ଜୀ ଏବଂ ସାଇ ସମ୍ପଦା ମହାନ୍ତିଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଅନ୍ତର୍ଜାତୀୟ ଫିଡେ ଇନ୍‌ଷ୍ଟ୍ରକ୍ଟର ତଥା ଏସ୍‌ଆର୍ ଚେସ୍ ସେଣ୍ଟରର ନିର୍ଦ୍ଦେଶକ ସତ୍ୟରଞ୍ଜନ ପଟ୍ଟନାୟକ, ଡାକ୍ତର ମାନସ ରଞ୍ଜନ ମିଶ୍ର ଓ ସତ୍ୟଜିତ ପଟ୍ଟନାୟକ ଟୁର୍ନାମେଣ୍ଟ ପରିଚାଳନା କରିଥିଲେ। କରୋନା ଭାଇରସ ସଂକ୍ରମଣ ଜନିତ ଲକ୍‌ଡାଉନ୍ ସ୍ଥିତିରେ ଏହା ପୂର୍ବରୁ ସେଣ୍ଟର ପକ୍ଷରୁ ୪ଟି ଅନ୍‌ଲାଇନ୍ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇ ଯାଇଛି।


# ମନେ ପଡ଼ନ୍ତି

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ବନମାଳୀ ସାହୁ
ଗଦାଶିଳା, ଚାଇଁପୁର, ଢେଙ୍କାନାଳ
ତିରୋଧାନ: ୦୩।୦୬।୨୦୧୪
ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା।
-:ଶ୍ରଦ୍ଧାଞ୍ଜଳି ସହ:-
ସ୍ତ୍ରୀ: କମଳିନୀ ସାହୁ, ପୁତ୍ର: ଶୁଭ ରଞ୍ଜନ, ପୁତ୍ରବଧୂ: ମାମା, କନ୍ୟା: ଇତିଶ୍ରୀ, ଜାମାତା: ଧରଣୀ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୧୭୪୧୨

**ଚତୁର୍ଦ୍ଦଶ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତ ବିଦ୍ୟାଧର ବାରିକ
ପୂର୍ବତନ ଡେପୁଟି ସେକ୍ରେଟାରି (O.S.S)
ଆଜିର ଏହି ମହାପ୍ରୟାଣ ଦିବସରେ ଅଶ୍ରୁପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି। ନାତି ନାତୁଣୀମାନେ ତୁମକୁ ବହୁତ ଖୋଜନ୍ତି, ସ୍ୱର୍ଗରେ ଥାଇ ସେମାନଙ୍କୁ ଆଶୀର୍ବାଦ ଦେଉଥାଅ।
-:ଶୋକସନ୍ତପ୍ତ:-
ପତ୍ନୀ, ପୁତ୍ର ଓ ପୁତ୍ରବଧୂ, ଆତ୍ମୀୟସ୍ୱଜନ।
ଧ-୬୯୫୧୦

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**
ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



ସ୍ୱର୍ଗତା ସାରଦା ସାହୁ
ସ୍ୱାମୀ:ସ୍ୱର୍ଗତ ବାଇଧର ସାହୁ
ହାତିଆଣ୍ଟୁନୀ ଲେନ୍, ଭୁବନେଶ୍ୱର
ଆବିର୍ଭାବ: ୨୩।୦୭।୧୯୪୪
ତିରୋଧାନ: ୦୩।୦୬।୨୦୧୮
ଆପଣଙ୍କର ଅମର ଆତ୍ମାର ସଦ୍‌ଗତି କାମନା ପୂର୍ବକ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି ନାତୁଣୀ, ପରିବାରବର୍ଗ, ଆତ୍ମୀୟସ୍ୱଜନ ଓ ବନ୍ଧୁବର୍ଗ।
ଧ-୬୯୪୦୯

**ତୃତୀୟ ବାର୍ଷିକ ଶ୍ରାଦ୍ଧଦିବସ**



ସ୍ୱର୍ଗତ ଅଶୋକ ସିଂ
୨୨୮/ଏ, ସହୀଦ ନଗର
ଆବିର୍ଭାବ: ତା. ୧୧।୦୫।୧୯୫୫
ତିରୋଧାନ: ତା. ୦୩।୦୬।୨୦୧୭
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ନିବେଦନ ଜଣାଉଛୁ, ଆମମାନଙ୍କ ପ୍ରତି ଆପଣଙ୍କର ଶୁଭଦୃଷ୍ଟି ସର୍ବଦା ରହିଥାଉ।
-:ଇତି:-
ଅନୁରୂପା, ଅମ୍ରିତା, ଅମର୍ତ୍ତ୍ୟ ଓ ବନ୍ଧୁ ପରିଜନ।
ଧ-୧୭୪୦୫

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତା ଦୀପ୍ତିମୟୀ ପ୍ରିୟଦର୍ଶିନୀ
ଅମଲାପଡ଼ା, ଢେଙ୍କାନାଳ
ଆବିର୍ଭାବ: ୧୪।୦୯।୧୯୯୮
ତିରୋଧାନ: ୦୩।୦୬।୨୦୧୦
୧୦ବର୍ଷ ବିତିଗଲା, ତୋର ଅନାବିଳ ସ୍ନେହ ଓ ପ୍ରତିଟି ମୁହୂର୍ତ୍ତକୁ ପାଥେୟ କରି ଜୀବନ ବିତାଉଛୁ, ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରୁଛି କି ତୋତେ ଯେଉଁଠାରେ ରଖିଛନ୍ତି ଶାନ୍ତିରେ ରଖିଥାନ୍ତୁ।
-:ତୋର ହତଭାଗା:-
ବାବା ଓ ମା
ଧ-୬୬୮୬୩

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in


## ଟ୍ରାକ୍‌କୁ ଫେରିବ ଫର୍ମୁଲା ୱାନ୍ ରେସ୍

ପ୍ୟାରିସ, ୨।୬ (ଏପି)



କରୋନା ଭାଇରସ୍ ଯୋଗୁ ସ୍ଥଗିତ ରହିଥିବା ଫର୍ମୁଲା ୱାନ୍ ରେସ୍ ପୁଣି ଆରମ୍ଭ ହେବାକୁ ଯାଉଛି। ଜୁଲାଇ ମାସରେ ପଛକୁ ପଛ ୮ଟି ରେସ୍ ଅନୁଷ୍ଠିତ ହେବ। ଜୁଲାଇ ୫ରେ ରେଡ୍‌ବୁଲ୍ ରିଙ୍ଗ୍‌ରେ ଅଷ୍ଟ୍ରିଆ ଗ୍ରାଁ ପ୍ରି ସହ ୨୦୨୦ ପାଇଁ ନୂତନ ଭାବେ ପ୍ରସ୍ତୁତ କରାଯାଇଥିବା କ୍ୟାଲେଣ୍ଡର ଆରମ୍ଭ ହେବ। ଠିକ୍ ସପ୍ତାହକ ପରେ ଅର୍ଥାତ ଜୁଲାଇ ୧୨ରେ ଦ୍ୱିତୀୟ ରେସ୍ ସମାନ ଟ୍ରାକ୍‌ରେ ହେବ। ଫେଡେରେଶନ ଅଫ୍ ଇଣ୍ଟରନ୍ୟାଶନାଲ ଅଟୋମୋବାଇଲ୍ (ଏଫ୍‌ଆଇଏ) ପକ୍ଷରୁ ମଙ୍ଗଳବାର ଏକ ବିବୃତିରେ ଏହି ସୂଚନା ଦିଆଯାଇଛି। ପରବର୍ତ୍ତୀ ରେସ୍ ବ୍ରିଟିଶ ଗ୍ରାଁପ୍ରି ସିଲଭରଷ୍ଟୋନ୍‌ଠାରେ କ୍ରମାଗତ ଅଗଷ୍ଟ ୨ ଓ ୯ରେ ହେବ। ବ୍ରିଟିଶ ସରକାର ଏଲିଟ୍ ସ୍ପୋର୍ଟ୍ସ ପାଇଁ ବିଦେଶାଗତଙ୍କ ଲାଗି କ୍ୱାରାଣ୍ଟାଇନ୍‌ରୁ ମୁକ୍ତ ରଖାଯାଇଛି। ନୂଆ କ୍ୟାଲେଣ୍ଡର ଅନୁସାରେ ୟୁରୋପ ପର୍ଯ୍ୟାୟରେ ପରବର୍ତ୍ତୀ ରେସ୍‌ଗୁଡ଼ିକ ଯଥାକ୍ରମେ ସ୍ପେନ (ଅଗଷ୍ଟ ୧୬), ବେଲଜିୟମ (ଅଗଷ୍ଟ ୩୦) ଏବଂ ଇଟାଲୀ (ସେପ୍ଟେମ୍ବର ୯)ରେ ଅନୁଷ୍ଠିତ ହେବ। ଫର୍ମୁଲା ୱାନ ରେସ୍‌ର ପୁନଃ ଆୟୋଜନ ପାଇଁ ଗତ ଦୁଇମାସ ହେବ ଏଫ୍‌ଆଇଏ, ସମସ୍ତ ପାର୍ଟନର, କର୍ତ୍ତୃପକ୍ଷ ଏବଂ ୧୦ଟି ଟିମ୍ ମଧ୍ୟରେ ଏକ ସଂଶୋଧିତ କ୍ୟାଲେଣ୍ଡର ପ୍ରସ୍ତୁତି ନେଇ ଆଲୋଚନା ଜାରି ରହିଥିଲା। କୋଭିଡ୍-୧୯କୁ ନେଇ ବର୍ତ୍ତମାନ ସମଗ୍ର ବିଶ୍ୱରେ ଯେଉଁ ପରିସ୍ଥିତି ସୃଷ୍ଟି ହୋଇଛି ସିଜନର ପରବର୍ତ୍ତୀ ରେସ୍‌ଗୁଡ଼ିକ ସମ୍ପର୍କରେ କୌଣସି ନିଷ୍ପତ୍ତି ନିଆଯାଇ ପାରି ନାହିଁ। ବର୍ତ୍ତମାନ ହେବାକୁ ଥିବା ରେସ୍‌ଗୁଡ଼ିକରେ ଦର୍ଶକ ଉପସ୍ଥିତ ରହିବେ ନାହିଁ। ବର୍ଷର ଶେଷ ପର୍ଯ୍ୟାୟରେ କରୋନା ପରିସ୍ଥିତିରେ ଯଦି ଉନ୍ନତି ପରିଲକ୍ଷିତ ହୁଏ ତେବେ ଦର୍ଶକଙ୍କ କଥା ବିଚାର କରାଯାଇ ପାରେ। ମହାମାରୀ ଯୋଗୁ ଏହି ସିଜନରେ ୪ଟି ରେସ୍ ବାତିଲ ହୋଇସାରିଛି। ସେଗୁଡ଼ିକ ହେଲା ସିଜନ ଆରମ୍ଭ ଅଷ୍ଟ୍ରେଲିଆନ୍ ଗ୍ରାଁ ପ୍ରି, ମୋନାକୋ ଗ୍ରାଁ ପ୍ରି, ଫ୍ରେଞ୍ଚ୍ ଗ୍ରାଁ ପ୍ରି ଏବଂ ନେଦରଲାଣ୍ଡ୍ସ ଗ୍ରାଁ ପ୍ରି।

## ବର୍ଣ୍ଣବୈଷମ୍ୟ ଆକ୍ଷେପର ଶିକାର ହୋଇଛି: ଗେଲ୍

**ନୂଆଦିଲ୍ଲୀ,୨।୬(ପି.ଟି.):** ବର୍ଣ୍ଣବୈଷମ୍ୟ ନେଇ ୱେଷ୍ଟଇଣ୍ଡିଜ୍ ତାରକା ବ୍ୟାଟ୍ସମ୍ୟାନ କ୍ରିସ୍ ଗେଲ ମୁହଁ ଖୋଲିଛନ୍ତି। କେବଳ ଫୁଟବଲରେ ବର୍ଣ୍ଣବୈଷମ୍ୟ ଭଳି କଳଙ୍କ ରହିଛି ତାହା ନୁହେଁ, କ୍ରିକେଟ ମଧ୍ୟ ଏଥିରୁ ବାଦ୍ ପଡିନାହିଁ। କ୍ୟାରିୟରରେ ମୁଁ ମଧ୍ୟ ବର୍ଣ୍ଣବୈଷମ୍ୟ ଆକ୍ଷେପର ଶିକାର ହୋଇଛି ବୋଲି ସେ କହିଛନ୍ତି। ସେ ଏ ସଂକ୍ରାନ୍ତରେ ବିସ୍ତୃତ ଭାବେ କିଛି କହିନାହାନ୍ତି। ବିଶ୍ୱସ୍ତରୀୟ ଟି୨୦ ଲିଗ୍ ଖେଳିବା ଅବସରରେ ସେ ଏଭଳି ଆକ୍ଷେପର ଶିକାର ହୋଇଥାଇପାରନ୍ତି ବୋଲି ସୂଚନା ଦେଇଛନ୍ତି। ସାରା ବିଶ୍ୱ ଭ୍ରମଣ କରି ବିଭିନ୍ନ ସ୍ଥାନରେ କ୍ରିକେଟ ଖେଳିଛି। ରଙ୍ଗ କଳା ହୋଇଥିବା କାରଣରୁ ବର୍ଣ୍ଣବୈଷମ୍ୟର ଶିକାର ହୋଇଛି। ଇନ୍‌ଷ୍ଟାଗ୍ରାମରେ ସେ ଏ ସମ୍ପର୍କରେ ଉଲ୍ଲେଖ କରିଛନ୍ତି। ଫୁଟବଲ ଭଳି କ୍ରିକେଟରେ ମଧ୍ୟ ବର୍ଣ୍ଣବୈଷମ୍ୟବାଦ ରହିଛି।

## ପିଏସ୍‌ଜି ସହ ଚୁକ୍ତି କଲେ ଇକାର୍ଡି

**ମିଲାନ,୨।୬(ପି.ଟି.):** ଆର୍ଜେଣ୍ଟିନ ଫୁଟବଲର ତଥା ଇଣ୍ଟର ମିଲାନ ଷ୍ଟ୍ରାଇକର ମାଉରୋ ଇକାର୍ଡି ଜଣାଶୁଣା କ୍ଲବ ପ୍ୟାରିସ ସେଣ୍ଟ ଜର୍ମାନ (ପିଏସ୍‌ଜି) ସହ ଏକ ୪ ବର୍ଷିଆ ଚୁକ୍ତି କରିଛନ୍ତି। ଫଳରେ ସେ ପିଏସ୍‌ଜି ପାଇଁ ୨୦୨୪ ପର୍ଯ୍ୟନ୍ତ ଖେଳିବା ସ୍ପଷ୍ଟ ହୋଇଛି। ୨୭ ବର୍ଷୀୟ ଇକାର୍ଡି ଏହାପୂର୍ବରୁ ଇଣ୍ଟର ମିଲାନ ପାଇଁ ଖେଳୁଥିଲେ। ଇଣ୍ଟର ମିଲାନ ତରଫରୁ ଇକାର୍ଡିଙ୍କୁ ଧନ୍ୟବାଦ ଦିଆଯାଇଛି। କ୍ଲବ ପାଇଁ ୬ଟି ସେସନ ଖେଳିଥିବାରୁ ତାଙ୍କୁ କୃତଜ୍ଞତା ଜଣାଉଛୁ ବୋଲି ମିଲାନ ତରଫରୁ କୁହାଯାଇଛି। ଏଥି ସହିତ ତାଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ମଧ୍ୟ କାମନା କରାଯାଇଛି।








3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ